

'ପଦ୍ମାବତୀ' ଭୂମିକାରେ
ପିଙ୍କି
▶ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-351 ♦BHUBANESWAR ♦THURSDAY ♦19 JUNE 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୨ ♦ସଂଖ୍ୟା-୩୫୧ ♦ଭୁବନେଶ୍ୱର ♦ଗୁରୁବାର ♦୧୯ ଜୁନ୍ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦

**WE TEACH OUR PROBLEM SOLVERS HOW TO ADAPT TO NEW SITUATIONS.**

**That's why we have so many rankers this year too.**

NEET 2025 format was not just different, it was tough too. But be it new formats or new challenges, Aakashians have proven yet again, that when you learn the skill of problem solving you can ace any test.

Aakash
Medical | IIT-JEE | Foundations




**OUR STAR PERFORMERS FROM ODISHA CLASSROOM PROGRAM**

Result Summary ODISHA: 4 in Top 500 AIR | 9 in Top 1000 AIR | 39 in Top 5000 AIR | 78 in Top 10000 AIR




TO EVERY **Aakash** TEACHER — THANK YOU FOR BEING OUR STUDENTS' PROBLEM-SOLVERS, MENTORS, AND UNWAVERING SUPPORT.

## ADMISSIONS OPEN

**REPEATER / DROPPER BATCHES for NEET (UG) 2026**
(XII Passed Batches)
Batches Starting From: 20th & 27th June, 2025

**Dropper Batches for JEE** (XII Passed Batches)

**CLASS 11th** Studying Students — 2 Year Integrated courses for NEET / JEE

**CLASS 8th-10th** Studying Students — Integrated courses for School Boards / Olympiads

Batches Starting From: 20th & 27th June, 2025

Get Up to **90% Scholarship**** Appear for instant Admission cum Scholarship Test (iACST). Register for FREE. Visit: iacst.aakash.ac.in Hurry! Batches Filling Fast — SCAN TO APPLY

## COURSE FEE based on NEET-2025 Score

| NEET Score | Fees |
|---|---|
| Students Scoring 480 above | ₹ 20,000/- |
| Students Scoring 450-479 | ₹ 49,320/- |
| Students Scoring 425-449 | ₹ 66,000/- |
| Students Scoring 350-424 | ₹ 75,000/- |

**COURSE OFFERING INCLUDES**
- All India Aakash Test Series (AIATS)
- Final Test Series for NEET
- NCERT Maps for NEET
- AI Powered Doubt Resolution
- Phygital Study Materials
- Question Bank
- NEET Challenger on My Aakash App
- Experimental Learning

**Call Your Nearest Branches :** **Bhubaneswar- Bhoumanagar :** 8800852494, 9337870700 **Chandrasekharpur :** 8800874104, 9311734469 **Khandagiri :** 9938896677 **Lewis Road:** 8093083567 **Cuttack :** 8800849243, 9337355230 **Shelter Chowk :** 8093083568 **Baleswar :** 8800538720, 7008000100 **Berhampur :** 8800502470, 9078884998 **Sambalpur :** 8448693770, 9338170700 **Rourkela :** 8093083553 **Angul :** 8093083557 **Balangir :** 7008112665, 8093083552 **Jajpur Road :** 9078677290 **Jeypore :** 8093083564, 9778980373

SCAN FOR NEAREST BRANCH

CALL (TOLL-FREE): 1800-102-2727 | VISIT: aakash.ac.in | Scan to Download Aakash App | Aakash Medical | IIT-JEE | Foundations

# ଜାତୀୟ ରାଜପଥରେ ଗଦା ହୋଇଛି ନିର୍ମାଣ ସାମଗ୍ରୀ



**କୋକସରା, ୧୮ ।୬(ସମିସ):** କୋକସରା ବ୍ଲକ ଆମପାଣି ବ୍ୟାଙ୍କ ନିକଟସ୍ଥ ୨୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଜଣେ ବ୍ୟକ୍ତି କୋଠା ନିର୍ମାଣ ପାଇଁ ଅନେକ ଦିନ ହେଲା ବାଲି, ଗେଟି ଓ ଇଟା ଆଦି ସାମଗ୍ରୀ ରଖିଛନ୍ତି; ଯାହାକି ପ୍ରତି ମୁହୂର୍ତ୍ତରେ ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛି । ଜାତୀୟ ରାଜପଥ ହେତୁ ଦୈନନ୍ଦିନ ଶହ ଶହ ଗାଡ଼ି ଏହି ରାସ୍ତାଦେଇ ଚଳାଚଳ କରୁଛି । ପୁଣି ଏଠାରେ ଅନେକ ଦୋକାନ ସହ ଷ୍ଟେଟ ବ୍ୟାଙ୍କ ରହିଛି । ତେଣୁ ସର୍ବଦା ଲୋକଙ୍କ ଗହଳି ଲାଗିରହିଥାଏ । ସେହିଭଳି ରାସ୍ତା ଉପରେ ଥିବା ପୋଲ ମଧ୍ୟ ସଂକୀର୍ଣ୍ଣ । ଏଣୁ ଲୋକଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ତେବେ ଏହି ନିର୍ମାଣ ସାମଗ୍ରୀ ଉଠାଇବାକୁ ସମ୍ପୃକ୍ତ ବ୍ୟକ୍ତିଙ୍କୁ ସ୍ଥାନୀୟ ଲୋକେ ବାରମ୍ବାର ତାଗିଦ୍ କରୁଛନ୍ତି । ସେ କିନ୍ତୁ ଶୁଣୁ ନାହାନ୍ତି ।

# ଅଳ୍ପ ଦିନରେ ପିଚୁ ଉଠିଗଲାଣି



**ଜୟପାଟଣା, ୧୮ ।୬ (ସମିସ):** ମୁଖୀଗୁଡା ଇନ୍ଦ୍ରାବତୀ ଡାହାଣ ମୁଖ୍ୟ କେନାଲ ମୁଖୀଗୁଡାଠାରୁ କଳମପୁର ପର୍ଯ୍ୟନ୍ତ କେନାଲ ରାସ୍ତା ପୁଣି ଶୋଚନୀୟ ହୋଇପଡ଼ିଛି । ଦୀର୍ଘ ବର୍ଷ ଧରି ଏହି ରାସ୍ତା ମରାମତି ହୋଇ ନ ଥିଲା । ସ୍ଥାନୀୟ ଜନସାଧାରଣଙ୍କ ଦାବି ଫଳରେ ଅପେକ୍ଷାର ଅନ୍ତ ଘଟିଥିଲା । କେନାଲ ରାସ୍ତା କାମ ହୋଇଥିଲା; ହେଲେ ଅଳ୍ପ କେଇ ଦିନ ଭିତରେ ପିଚୁ ଉଠି ଗଲାଣି । ଏଣୁ ରାସ୍ତାର ସ୍ଥାୟିତ୍ୱ ଉପରେ ପ୍ରଶ୍ନ ସୃଷ୍ଟି ହୋଇଛି । ନିମ୍ନମାନର କାମ ଯୋଗୁଁ ପିଚୁ ଉଠି ଯାଉଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି ।

# ଜୟପାଟଣା ଅଞ୍ଚଳରେ ବେଲଗାମ ପଥର ମାଫିଆ

**ଜୟପାଟଣା, ୧୮ ।୬(ସମିସ)**

ଜୟପାଟଣା ଅଞ୍ଚଳରେ ପଥର ମାଫିଆଙ୍କ ଉପରେ ପ୍ରଶାସନର କୌଣସି ଲଗାମ ନାହିଁ । ପଥରଖଣି ଗୁଡ଼ିକରୁ ଅନୁମତିଠାରୁ ଅଧିକ ଖନନ ହେଉଛି । ମନଇଚ୍ଛା କ୍ରସର ୟୁନିଟ୍ ସ୍ଥାପନ ହେଉଛି । ଏହାଫଳରେ ଅନେକ ଡଙ୍ଗର ପଦା ହୋଇଗଲାଣି । ଏଥିଯୋଗୁଁ ଭୂମି, ଜଳ, ବାୟୁ ପ୍ରଦୂଷିତ ହେଉଛି । ଧୂଳି ଉଡି ଅଞ୍ଚଳରେ ଅଣନିଃଶ୍ୱାସୀ କରୁଛି । ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କାର୍ଯ୍ୟାଳୟ କିନ୍ତୁ କୋମାରେ ଅଛି ।

**ପଦା ହେଲାଣି ଡଙ୍ଗର: ପ୍ରଦୂଷିତ ହେଉଛି ଭୂମି, ଜଳ**

**କୋମାରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କାର୍ଯ୍ୟାଳୟ**

**ମନଇଚ୍ଛା ସ୍ଥାପନ ହେଉଛି କ୍ରସର ୟୁନିଟ୍**

**ଅନୁମତିଠାରୁ ଅଧିକ ଖନନ ହେଉଛି**

**ଧୂଳି ଉଡି ଅଞ୍ଚଳରେ ଅଣନିଃଶ୍ୱାସୀ କରୁଛି**

କଳାହାଣ୍ଡି ଜିଲ୍ଲା ଜୟପାଟଣା ଥାନାରେ ୬ଟନ୍ ବିସ୍ଫୋରକ ଜବତ ଘଟଣାରେ ଅଦ୍ୟାବଧି ୫ଜଣ ଗିରଫ ହେଲାଣି; କିନ୍ତୁ ବିସ୍ଫୋରକ ସାମଗ୍ରୀ ଯୋଗାଇଥିବା କଳିଙ୍ଗ ଆଣ୍ଡ କୋର ମାଲିକାନା ଥିବା ଅନୁପ ଅଗ୍ରୱାଲ ଓ ଦୀପକ ଜୈନଙ୍କୁ ଏଯାଏଁ ପୁଲିସ ଗିରଫ କରିନାହିଁ କିମ୍ବା ତାଙ୍କ ଷ୍ଟକ ଯାଞ୍ଚ କରାଯାଇ ନାହିଁ । କେଉଁଠାରୁ, କିଭଳି ଏବଂ କେଉଁ କାରଣରୁ ଏତେ ପରିମାଣର ପୁଣି ଅନୁମତିଠାରୁ ଅଧିକ କ୍ଷମତା ବିଶିଷ୍ଟ ବିସ୍ଫୋରକ ଖୋଲାଖୋଲି ଚାଲାଣ ହେଉଥିଲା ତାହା ଲୋକଲୋଚନକୁ ଆସିପାରି ନାହିଁ । ଓଡ଼ିଶା ବିସ୍ଫୋରକ ନିୟମ-୨୦୦୮ ଅନୁଯାୟୀ ବିସ୍ଫୋରକ ସାମଗ୍ରୀ ଉତ୍ପାଦନ, ସଂରକ୍ଷଣ, ପରିବହନ ଓ ବ୍ୟବହାରକୁ ନିୟନ୍ତ୍ରଣ କରେ । ଏହାକୁ ପେଟ୍ରୋଲିୟମ ଓ ବିସ୍ଫୋରକ ସୁରକ୍ଷା ସଂଘଟନ (ପେସୋ) ଦ୍ୱାରା ପରିଚାଳିତ କରାଯାଏ; କିନ୍ତୁ ଏଠାରେ ସମ୍ପୂର୍ଣ୍ଣ ଭାବେ ବ୍ୟତିକ୍ରମ ଦେଖିବାକୁ ମିଳିଛି । ତେବେ ଏହା ନୂଆ କଥା ନୁହେଁ । ପୂର୍ବରୁ ମଧ୍ୟ ଏଭଳି ବିସ୍ଫୋରକ ଆଣି କ୍ରସର ମାଲିକମାନେ ରାତାରାତି ବଡ଼ ବଡ଼ ପାହାଡ଼କୁ ଉଡାଇଛନ୍ତି । କେବଳ ଅଧିକ ପଥର ଖନନ ତଥା ଅଧିକ ପ୍ରୋସେସିଂର କାରଣ ଦର୍ଶାଇ ତହସିଲ ଓ ଖଣି ବିଭାଗ ପକ୍ଷରୁ ଜରିମାନା ହୋଇଛି । ତହସିଲ ଓ ଖଣି ବିଭାଗ ଜରିମାନା କାଟି ନିଜର ସବୁ ଦୋଷ ଦୁର୍ବଳତାକୁ ଘୋଡାଇ ଦେଉଛି । ପଥର ଖନନ ତୁଳନାରେ କ୍ରସର ମାଲିକ ଓ ଖଣି ମାଲିକଙ୍କୁ ଜରିମାନା କୌଣସି ଫରକ ପଡୁନାହିଁ । ଅନେକ କ୍ରସର ଅଛି ଯାହାର ଆବଶ୍ୟକ କାଗଜପତ୍ର ମଧ୍ୟ ନାହିଁ । ତେବେ ପଥର ଖଣିରୁ କେତେ କ୍ୟୁବିକ



ମିଟର ପଥର ଉଠାଣ କରାଯାଇଛି ଏବଂ କେତେ ରାଜସ୍ୱ ପୈଠ ହୋଇଛି ତାହାର ତଦନ୍ତ ହେଲେ ସମସ୍ତେ ଜଳକା ହୋଇଯିବେ । ଅନ୍ୟପକ୍ଷରେ ଗୋଟିଏ ସ୍ଥାନରୁ ଲିଜ୍ ନେଇ ଅନ୍ୟ ସ୍ଥାନରେ ପଥର ଖନନ ମଧ୍ୟ କରାଯାଉଛି । ପଥର ଖଣି ଲିଜ୍‌ଧାରୀ କେଉଁ କ୍ଷମତାସମ୍ପନ୍ନ ବିସ୍ଫୋରକ ବ୍ୟବହାର କରିବେ, କେତେ ମିଟର ଡ୍ରିଲ୍ କରାଯିବ, କେତେ ମେସିନ ବ୍ୟବହାର ହେବ, କେତେ ଶ୍ରମିକ ବ୍ୟବହାର ହେବ ସେ ସବୁର ନିୟମ ରହିଛି; କିନ୍ତୁ ଜୟପାଟଣା ଅଞ୍ଚଳରେ ଏହାର ଅନିୟମିତତା ଦେଖା ଦେଇଛି । ବେଆଇନ ଭାବେ ବିସ୍ଫୋରଣରେ ବଡ଼ ବଡ଼ ପାହାଡ଼ ବର୍ତ୍ତମାନ ପଦା ହୋଇଗଲାଣି । ଏହାଫଳରେ ସେଠାରେ ଥିବା ଗଛ ନଷ୍ଟ ହେବା ସହ ପଶୁପକ୍ଷୀ, ସରୀସୃପଙ୍କ ବଂଶ ଲୋପ ପାଇବାକୁ ବସିଲାଣି । ଅଞ୍ଚଳର ଭୂମି, ଜଳ ଓ ବାୟୁ ପ୍ରଦୂଷିତ ହେବାରେ ଲାଗିଛି । ଧୂଳି ଉଡି ଲୋକଙ୍କ ମଧ୍ୟରେ ଅନେକ ଶ୍ୱାସ ଜନିତ ରୋଗ ମଧ୍ୟ ହେଉଛି । ଜମିର ଉର୍ବରତା ନଷ୍ଟ ହେଉଛି । ପ୍ରାୟ କ୍ରସର ଓ ପଥର ଖଣିରେ ଯାହା ନିୟମ ପାଳନ ତଥା ପ୍ରଦୂଷଣ ନିୟନ୍ତ୍ରଣ ବ୍ୟବସ୍ଥା ରହିବା କଥା ରହୁନାହିଁ । ଧୂଳି ଗୁଣ୍ଡ ଉଡି ଅଞ୍ଚଳର ଗଛପତ୍ର ନଷ୍ଟ ହେବାରେ ଲାଗିଛି । ସେହିଭଳି ପଥର ଖନନ ପରେ ଚାରା ରୋପଣ ନିୟମ ଥିଲେ ମଧ୍ୟ ତାହା କରାଯାଉ ନାହିଁ । ଦିନ ରାତି ଧରି ପଥର ଚାଲାଣ ହେଉଛି । ରାଜସ୍ୱ ଫାଙ୍କିବାକୁ ସବୁ ପ୍ରକାର ଉଦ୍ୟମ ହେଉଛି ।

# ବିଶିଷ୍ଟ ବ୍ୟବସାୟୀ ନିରଞ୍ଜନ ଲାଲ ଅଗ୍ରୱାଲଙ୍କ ପରଲୋକ

**ଧର୍ମଗଡ଼, ୧୮ ।୬(ସମିସ):** ଧର୍ମଗଡ଼ ସହରର ବିଶିଷ୍ଟ ବ୍ୟବସାୟୀ ନିରଞ୍ଜନ ଲାଲ ଅଗ୍ରୱାଲ (୮୩)ଙ୍କ ବୁଧବାର ପରଲୋକ ହୋଇଯାଇଛି । ଶ୍ରୀ ଅଗ୍ରୱାଲ ସୋମବାର ଅସୁସ୍ଥ ହୋଇ ପଡ଼ିଥିଲେ । ନିଃଶ୍ୱାସ ପ୍ରଶ୍ୱାସ ନେବାରେ ଅସୁବିଧା ହେବା ସହ ଅକ୍ସିଜେନ ଲେବଲ କମି ଯାଇଥିଲା । ଏଣୁ ପରିବାର ଲୋକେ ତାଙ୍କୁ ରାତିରେ ଧର୍ମଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ବୁଦବାର ଭବାନୀପାଟଣାସ୍ଥିତ ଏକ ଘରୋଇ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଛି ।



# ବିକାଶ ବାହନ ରଥକୁ ସ୍ୱାଗତ





**ବୌଦ୍ଧ, ୧୮ ।୬(ସମିସ):** ବୌଦ୍ଧ ବ୍ଲକ ଆମ୍ବଝରୀ ପଞ୍ଚାୟତ କାର୍ଯ୍ୟାଳୟରେ ବିକାଶ ବାହନ ରଥକୁ ସ୍ୱାଗତ କରାଯାଇଛି । ବୌଦ୍ଧ ବିଡ଼ିଓ ଯୁଧିଷ୍ଠିର ମେହେର କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ଲୋକଙ୍କୁ ସଚେତନ କରାଇବା ସହ ବିଭିନ୍ନ ଯୋଜନାର ହିତାଧିକାରୀମାନଙ୍କୁ ସହାୟତା ପ୍ରଦାନ କରିଥିଲେ । ସେହିପରି ଚାଷୀଙ୍କୁ କିଶାନ କ୍ରେଡିଟ କାର୍ଡ ବଣ୍ଟନ କରାଯାଇଥିଲା । ସରପଞ୍ଚ ପ୍ରେମାନନ୍ଦ ବାଘଙ୍କ ସହ ସମସ୍ତ ୱାର୍ଡସଭ୍ୟ, ଅଙ୍ଗନବାଡି କର୍ମୀ, ଆଶା କର୍ମୀ ଉପସ୍ଥିତ ଥିଲେ ।

**ଶଗଡ଼ା:** କଣ୍ଢାମାଳ ବ୍ଲକ ଖଳିଆପାଲି ପଞ୍ଚାୟତରେ ମଧ୍ୟ ବିକାଶ ବାହାନକୁ ଭବ୍ୟ ସ୍ୱାଗତ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ପ୍ରବୀଣ ବାଣୁଆ, କଣ୍ଟାମାଳ ଭାରପ୍ରାପ୍ତ ବିଡ଼ିଓ ଧନଞ୍ଜୟ ସାହୁ, ପଞ୍ଚାୟତ ନିର୍ବାହୀ ଅଧିକାରୀ ରିଲିପ ନାଏକ, ପ୍ୟାକ୍ସ କର୍ମଚାରୀ, ବନ ବିଭାଗ କର୍ମଚାରୀ, ବ୍ଲକ କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ହିତାଧିକାରୀଙ୍କୁ ପଟ୍ଟା, ଗୃହ ନିର୍ମାଣ ଲାଗି କାର୍ଯ୍ୟାଦେଶ, ଭତ୍ତା, ମନରେଗା ଜବ୍‌କାର୍ଡ, ରାସନ କାର୍ଡ, ସ୍ୱାସ୍ଥ୍ୟବୀମା କାର୍ଡ ପ୍ରଦାନ କରାଯାଇଥିଲା । ଏହି ଅବସରରେ ପଞ୍ଚାୟତ ପରିସରରେ ଚାରା ରୋପଣ କରାଯାଇଥିଲା ।

## କଳାହାଣ୍ଡି ଜିଲ୍ଲାସ୍ତରୀୟ ସଡକ ସୁରକ୍ଷା କମିଟି ବୈଠକ

# ଆସିଲେନି ଅନେକ ଅଧିକାରୀ, ରାଗିଗଲେ ଏଡିଏମ୍

**ଭବାନୀପାଟଣା, ୧୮ ।୬(ସମିସ):** କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ସଭାଗୃହରେ ଜିଲ୍ଲାସ୍ତରୀୟ ସଡକ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ତେବେ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବୈଠକକୁ କେତେକ ଅଧିକାରୀ ହେୟଜ୍ଞାନ କରି ଆସି ନ ଥିଲେ । ଏହାକୁ ନେଇ ବୈଠକରେ ଅଧ୍ୟକ୍ଷତା କରୁଥିବା ଅତିରିକ୍ତ ଜିଲ୍ଲାପାଳ ତଥା ଏଡିଏମ୍ ତନ୍ମୟ ଦରୱାନ ବିରକ୍ତି ପ୍ରକାଶ କରିଥିଲେ । ଯେଉଁ ଅଧିକାରୀମାନେ ଉପସ୍ଥିତ ନ ଥିଲେ ସେମାନଙ୍କ ଉଦ୍ଦେଶ୍ୟରେ ସେ ତାଗିଦ କରିଛନ୍ତି । ଅଧିକାରୀମାନେ ନିଜ ନିଜର ଦାୟିତ୍ୱ ସୂଚାରୁ ରୂପେ ଅଧିକ ଯତ୍ନବାନ୍ ହୋଇ ତୁଲାଇବା ପାଇଁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ।

ରାଜସ୍ୱ ଆଦାୟରେ ୨ ମାସ ପାଇଁ ୯.୦୫ କୋଟି ଧାର୍ଯ୍ୟ ଥିବାବେଳେ ୮.୪୦ କୋଟି ସଂଗ୍ରହ କରି କଳାହାଣ୍ଡି ଜିଲ୍ଲା ରାଜ୍ୟରେ ପ୍ରଥମ ସ୍ଥାନରେ ରହିଥିବା ଆଞ୍ଚଳିକ ପରିବହନ ଅଧିକାରୀ ଗତିକୃଷ୍ଣ ସାମନ୍ତରାୟ ସୂଚନା ଦେଇଥିଲେ । ହାତୀବ୍ରିଜରୁ ସଂଯୋଗ କରୁଥିବା ବାସୁଗୁଡ଼ା ରାସ୍ତାର ଗାଡୱାଲ୍ ନ ଥିବାରୁ ବହୁ ସମୟରେ ଦୁର୍ଘଟଣା ଘଟୁଛି । ସେହିପରି ଜୟପାଟଣାରୁ ସସତୁଗୁଡା ନବରଙ୍ଗପୁରକୁ ସଂଯୋଗ କରୁଥିବା ରାସ୍ତା ଟୁଲୁଘାଟି ରାସ୍ତାର ଗାଡ଼ୱାଲ ନ ଥିବାରୁ ବହୁ ସମୟରେ ଦୁର୍ଘଟଣାର ଶିକାର ହୋଇ ଲୋକ ମୃତ୍ୟୁ ମୁଖରେ ପଡୁଛନ୍ତି । ଜୟପାଟଣାଠାରୁ ପରୁଆଗୁଡ଼ା ରାସ୍ତା,

**କେତେକ ଅଧିକାରୀଙ୍କ ଅନୁପସ୍ଥିତି ଯୋଗୁଁ ଏଡିଏମ୍‌ଙ୍କ ବିରକ୍ତି ପ୍ରକାଶ**

**ରାଜସ୍ୱ ଆଦାୟରେ ରାଜ୍ୟରେ ପ୍ରଥମ**

**୨ ମାସରେ ୮ କୋଟି ୪୮ ଲକ୍ଷ ରାଜସ୍ୱ ଆଦାୟ**

**ଏପ୍ରିଲ ଓ ମେ'ରେ ୭୮ ଦୁର୍ଘଟଣା; ୩୫ ମୃତ**

ତେମରାଠାରୁ ବଡ଼ ଚେରେଗାଁ, ବଡକୁଟୁରୁଠାରୁ ପାତ୍ରବସା ରାସ୍ତା, ଫୁର୍ଲିଝରଣ ଠାରୁ ଜାକମ୍, ଗଡ଼ିସାଲଠାରୁ ଲାଞ୍ଜିଗଡ଼, ମୂଷାପାଲିଠାରୁ ଚାରବାହାଲ, ଜୁନାଗଡ଼ଠାରୁ ରାସ୍ତା, କଦଳୀଘାଟି ଲାଞ୍ଜିଗଡ଼ ରାସ୍ତାର ଅବସ୍ଥା ବହୁତ୍ ଖରାପ ଥିବାରୁ ବିଭିନ୍ନ ସମୟରେ ଯାତ୍ରୀ ମୃତ୍ୟୁ ମୁଖରେ ପଡୁଛନ୍ତି । ଏହି ସବୁ ରାସ୍ତାର ଆବଶ୍ୟକ ମରାମତି, ଗାଡ଼ୱାଲର ନିର୍ମାଣ ବ୍ୟବସ୍ଥା ତୁରନ୍ତ କରିବା ପାଇଁ ସମ୍ପୃକ୍ତ ଅଧିକାରୀଙ୍କୁ ବୈଠକରେ ନିର୍ଦ୍ଦେଶ ଦିଆଯାଇଛି । ଏପ୍ରିଲ ଓ ମେ' ମାସରେ ୭୮ଟି ସଡକ ଦୁର୍ଘଟଣାରେ ୩୫ଜଣଙ୍କ ମୃତ୍ୟୁ ଘଟିଛି । ଜୁନ ମାସରେ ମଧ୍ୟ ମୃତ୍ୟୁ ସଂଖ୍ୟା କିଛି କମ୍ ନାହିଁ ବୋଲି ବୈଠକରେ ଆଲୋଚନା ହୋଇଥିଲା । ଜାତୀୟ ରାଜପଥ ବିଭାଗ ଅଧିକାରୀ ବଳଦିଆମାଳଛକଠାରୁ କେସିଙ୍ଗା ପଯ୍ୟନ୍ତ ସୌରଶକ୍ତି ଚାଳିତ ଆଲୋକୀକରଣ ନିମନ୍ତେ ଜିଲ୍ଲା ଆଞ୍ଚଳିକ ପରିବହନ ବିଭାଗ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ଦେଇଥିବା ପ୍ରସ୍ତାବର ଅଗ୍ରଗତି ସମ୍ପର୍କରେ ଆଲୋଚନା କରାଯାଇଥିଲା । ବଳଦିଆମାଳ ଛକଠାରୁ କେସିଙ୍ଗା ମଧ୍ୟରେ ୮୦% ସଡ଼କ ଦୁର୍ଘଟଣା ଘଟୁଥିବା ଆଞ୍ଚଳିକ ପରିବହନ ଅଧିକାରୀ ସୂଚନା ଦେଇଥିଲେ । ତେଣୁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏହାକୁ ଗୁରୁତର ସହ ନେଇ ଆବଶ୍ୟକ ସୌର ଶକ୍ତିଚାଳିତ ଆଲୋକ ଲଗାଇବା ପାଇଁ ପରାମର୍ଶ ଦିଆଯାଇଛି । କଳମପୁରରୁ ଥୁଆମୂଳ ରାମପୁର, ଜୟପାଟଣାରୁ ମହୁଲପାଟଣା ରାସ୍ତାର ଆବଶ୍ୟକ ମରାମତି ତୁରନ୍ତ କରିବା ପାଇଁ ଅତିରିକ୍ତ ଜିଲାପାଳ ଶ୍ରୀ ଦରୱାନ ପରାମର୍ଶ ଦେଇଥିଲେ । ଏହି ବୈଠକରେ ଜିଲ୍ଲା ଆଞ୍ଚଳିକ ପରିବହ ବିଭାଗୀୟ କାର୍ଯ୍ୟର ଅଗ୍ରଗତି, ସଡ଼କ ସୁରକ୍ଷା, ଦୁର୍ଘଟଣା ଜନିତ ମୃତ୍ୟୁ, ଟ୍ରାଫିକ ସମସ୍ୟା, ବେପରୁଆ ଗାଡି ଚାଳକଙ୍କ ପାଇଁ ଦଣ୍ଡ ବିଧାନ, ସଡ଼କ ସୁରକ୍ଷା ନିୟମକୁ କଡାକଡି ପାଳନ ଦିଗରେ ସଚେତନତା କାର୍ଯ୍ୟକ୍ରମ ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏଥିରେ କମିଟିର ସଦସ୍ୟ, ବରିଷ୍ଠ ସାମ୍ବାଦିକ ଉମାଶଙ୍କର କର, ଜିଲ୍ଲା ବେସରକାରୀ ବସ୍ ଆସୋସିଏସନର ସଭାପତି ପ୍ରବୋଧ କୁମାର ରଥ, ଜିଲ୍ଲା ଆଞ୍ଚଳିକ ପରିବହନ ବିଭାଗୀୟ ଅଧିକାରୀ, ସମ୍ପୃକ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।

## ସମ୍ଭାବ୍ୟ ବନ୍ୟା ମୁକାବିଲା ପାଇଁ ପ୍ରସ୍ତୁତି

# ଜିରୋ କାଜୁଆଲ୍‌ଟି ଉପରେ ଗୁରୁତ୍ୱ

**ସୋନପୁର, ୧୮ ।୬(ସମିସ):** ଜିଲ୍ଲାରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଟେବୁଲ ଟପ୍ ଏକ୍ସରସାଇଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଜରୁରିକାଳୀନ ଶାଖା ଦ୍ୱାରା ଆହୁତ ବୈଠକରେ ଜିଲ୍ଲାରେ ସମ୍ଭାବ୍ୟ ବନ୍ୟାର ଉଚିତ ମୁକାବିଲା ପାଇଁ ବିଭାଗୀୟ ପ୍ରସ୍ତୁତି ଓ କାର୍ଯ୍ୟକାରିତା ଉପରେ ଆଲୋଚନା ହୋଇଥିଲା । ସମସ୍ତ ବିଭାଗ ସମ୍ଭାବ୍ୟ ବାତ୍ୟାର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାର ବନ୍ୟା ଆଶ୍ରୟସ୍ଥଳୀମାନଙ୍କରେ ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ ରଖିବା ସହ ବନ୍ୟା ସମ୍ବନ୍ଧୀୟ ଯେକୌଣସି ପୂର୍ବ ସୂଚନାର ଜନ ସଚେତନତା ଓ ଗୋଷ୍ଠୀ ସହଭାଗିତା ଉପରେ ଏଥିରେ ଗୁରୁତ୍ୱାରୋପ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ସମସ୍ତ ବିଭାଗ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ସହ ଜିଲ୍ଲାରେ ଜିରୋ କାଜୁଆଲିଟି ଉପରେ ଯତ୍ନବାନ ହେବାକୁ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଛି । ସମସ୍ତ କାର୍ଯ୍ୟାଳୟରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ କାର୍ଯ୍ୟକ୍ଷମ କରିବାକୁ ସମ୍ପୃକ୍ତ ଅଧିକାରୀ ଓ ବିଡ଼ିଓମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲା ପର୍ଯ୍ୟବେକ୍ଷକ ଭାବେ ଓଡ଼ିଶା ରାଜ୍ୟ ରିଲିଫ କମିଶନ କାର୍ଯ୍ୟାଳୟର ସ୍ୱତନ୍ତ୍ର ଅଧିକାରୀ ମୟୁରେସ ପଣ୍ଡା ଯୋଗଦେଇ ବିପର୍ଯ୍ୟୟର ମୁକାବିଲା ନିମନ୍ତେ ଓସଡ଼ମା ଓ ଏନଡିଆରଏଫର ଭୂମିକା ଉପରେ ଆଲୋକପାତ କରଥିଲେ । ଏଥିରେ ଆରକ୍ଷୀ ଅଧିକ୍ଷକ ନାରାୟଣ ନାଏକ, ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ଉପଜିଲ୍ଲାପାଳ ଡଃ. ସୌମ୍ୟରୁପା ରଥ ପ୍ରମୁଖ ଥିଲେ ।



**ଧର୍ମଗଡ଼:** ସେହିଭଳି କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ମଧ୍ୟ ପ୍ରାକୃତିକ ବିପର୍ଯ୍ୟ ମୁକାବିଲା ବୈଠକ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ଅଶୋକ ମହାନ୍ତିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟାଳୟର ସଭାଗୃହରେ ଏହି ବୈଠକ ବସିଥିଲା । ବର୍ଷାଋତୁକୁ ଦୃଷ୍ଟିରେ ରଖି ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟର ମୁକାବିଲା କରିବା ପାଇଁ ଆଲୋଚନା ହୋଇଥିଲା । ବିପର୍ଯ୍ୟ ପୂର୍ବରୁ ପରେ ସମ୍ଭାବ୍ୟ ପରିସ୍ଥିତିକୁ କିପରି ମୁକାବିଲା କରାଯିବ ତାହାକୁ ନେଇ ସହରର ବିଭିନ୍ନ ସରକାରୀ ବିଭାଗର ଅଧିକାରୀମାନେ ପ୍ରତିନିଧିତ୍ୱ କରିଥିଲେ । ଉପାଧ୍ୟକ୍ଷା ମନୀଷା ମିଶ୍ର, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଉପଖଣ୍ଡ ଚିକିତ୍ସାଳୟର ମ୍ୟାନେଜର ସୁମେଶ ନାଏକ, ଏବିଇଓ ବିଶ୍ୱଜିତ ବେହେରା ପ୍ରମୁଖ ଆଲୋଚନାରେ ନିଜ ନିଜର ମତାମତ ପ୍ରଦାନ କରିଥିଲେ । ରବୀନ୍ଦ୍ର ପରିଡ଼ା, ଆଶିଷ ପଣ୍ଡା, ଯଶୋବନ୍ତ ମହାପାତ୍ର, ସୁମେଶ୍ୱର୍ ମହାପାତ୍ର, କନିଷ୍ଠ ଯନ୍ତ୍ରୀ ଦୁଷ୍ମନ୍ତ ଧଙ୍ଗଡ଼ା ମାଝୀ ପରିଚାଳନା କରିଥିଲେ ।

## ସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟର ସମୀକ୍ଷା କଲେ ଜିଲ୍ଲାପାଳ

# ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଆରମ୍ଭ ହେବ ମ୍ୟୁଜିକ୍ ଥେରାପି

**ନୂଆପଡ଼ା, ୧୮ ।୬(ସମିସ)**

ନୂଆପଡ଼ା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ କାର୍ଯ୍ୟ ଓ ଅଣ ସଂକ୍ରାମକ ରୋଗ ନିୟନ୍ତ୍ରଣ କାର୍ଯ୍ୟର ବୁଧବାର ଜିଲ୍ଲାପାଳ ମଧୁସୂଦନ ଦାଶ ସମୀକ୍ଷା କରିଛନ୍ତି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ମନୋଜ କୁମାର ସାହୁ, ଏଡିଏମ୍‌ଓ ଡା. ଲଳିତ ମୋହନ ବିଶି, ଡା. ଉମାକାନ୍ତ ମେହେର, ଜିଲ୍ଲାର ସମସ୍ତ ଡାକ୍ତରଖାନାର ମୁଖ୍ୟ ଅଧିକାରୀ, ବୈଷୟିକ ଅଧିକାରୀମାନେ ଯୋଗ ଦେଇଥିଲେ । ଏପ୍ରିଲରୁ ଜୁନ୍ ୧୫ ମଧ୍ୟରେ ଜିଲ୍ଲାରେ ମାତୃ ମୃତ୍ୟୁ ସଂଖ୍ୟା ୩ ହୋଇଥିବା ବେଳେ ଶିଶୁ ମୃତ୍ୟୁ ୩୯ ରହିଥିବା ନେଇ ଏଥିରେ ତଥ୍ୟ ଉପାସ୍ଥାପନ କରାଯାଇଥିଲା । ଏହା ପରେ ଜିଲ୍ଲାରୁ ମାତୃ ଓ ଶିଶୁ ମୃତ୍ୟୁ ହାର ଶୂନ୍ୟ କରିବା ପାଇଁ ସମସ୍ତ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ




ଦେଇଥିଲେ । ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ପ୍ରସ୍ତୁତ ହୋଇଥିବା ୨, ୮୮, ୪୧୯୯ ସ୍ୱାସ୍ଥ୍ୟ ବୀମା କାର୍ଡ ମଧ୍ୟରୁ ୧, ୪୯, ୩୦୧ କାର୍ଡ ହିତାଧିକାରଙ୍କୁ ବଣ୍ଟନ କରାଯାଇଛି । ସମସ୍ତ ସ୍ୱାସ୍ଥ୍ୟ ବୀମା କାର୍ଡ ଅତିଶୀଘ୍ର ହିତାଧିକାରୀଙ୍କୁ ବଣ୍ଟନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାରେ ଏପ୍ରିଲରୁ ଜୁନ୍ ୧୫ ମଧ୍ୟରେ ୨୧୩୬ ଜଣ ରକ୍ତଚାପ ରୋଗୀ, ୧୩୫୬ ଜଣ ମଧୁମେହ ରୋଗୀ ଏବଂ ୬୩୦୬ ସିକିଲ ସେଲ ରୋଗୀ ଚିହ୍ନଟ ହୋଇଥିବା ଏଥିରେ ଉପସ୍ଥାପନ କରାଯାଇଥିଲା । ଜିଲ୍ଲାର ସମସ୍ତ ଅଣ ସଂକ୍ରାମକ ରୋଗୀଙ୍କୁ ଚିହ୍ନଟ କରି ମାଗଣା ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯିବ ବୋଲି ସୂଚାଯାଇଥିଲା । ସେହିପରି ଜିଲ୍ଲାକୁ ସମ୍ପୂର୍ଣ୍ଣ କୁଷ୍ଠ ରୋଗ ଓ ଟିବି ମୁକ୍ତ କରିବା ସହିତ ସମସ୍ତ ଶିକ୍ଷାନୁଷ୍ଠାନକୁ ତମାଖୁ ମୁକ୍ତ କରିବା ପାଇଁ ଜିଲ୍ଲାପାଳ ସମସ୍ତ ଡାକ୍ତର ଓ କର୍ମଚାରୀଙ୍କୁ ଆହ୍ୱାନ ଦେଇଛନ୍ତି । ଜିଲ୍ଲାପାଳଙ୍କ ଏକ ଅଭିନବ ପଦକ୍ଷେପ ସ୍ୱରୂପ ଜିଲ୍ଲାର ସମସ୍ତ ଡାକ୍ତରଖାନାର ୱାର୍ଡମାନଙ୍କରେ ମ୍ୟୁଜିକ୍ ଥେରାପି ବ୍ୟବସ୍ଥା କରାଯିବା ନେଇ ଜିଲ୍ଲାପାଳ ସୂଚାଯାଇଥିଲେ । ୱାର୍ଡମାନଙ୍କରେ ଲୋକପ୍ରିୟ ଭଜନ ତଥା ପୁରୁଣା ଚଳଚ୍ଚିତ୍ର ସଙ୍ଗୀତ ମଧୁର ସ୍ୱରରେ ବଜାଯିବ । ଏହା ରୋଗୀଙ୍କ ବିଷାଦ ଦୂର କରି ସେମାନଙ୍କୁ ଶାନ୍ତି ପ୍ରଦାନ କରିବ । ଯାହା ସେମାନଙ୍କୁ ଶୀଘ୍ର ଆରୋଗ୍ୟ ପ୍ରଦାନ କରିବ ବୋଲି ଜିଲ୍ଲାପାଳ କହିଥିଲେ । ଜିଲ୍ଲାର ବିଭିନ୍ନ କ୍ଲିନିକ୍‌ରେ ଅବୈଧ ଲିଙ୍ଗ ନିରୂପଣ ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିବାରୁ ଜିଲ୍ଲାରେ କନ୍ୟା ଜନ୍ମହାର ବୃଦ୍ଧି ପାଇଛି । ଏହାକୁ ଆହୁରି ଆଗକୁ ବଢ଼ାଇବା ପାଇଁ ଜିଲ୍ଲାପାଳ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ ।

## ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ସମୀକ୍ଷା ବୈଠକ

# ପରିମଳ ଓ ଡ୍ରେନେଜ୍ ବ୍ୟବସ୍ଥାକୁ ଗୁରୁତ୍ୱ

**ତରଭା, ୧୮ ।୬(ସମିସ):** ତରଭା ଏନ୍‌ଏସିସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ନେଇ ସମୀକ୍ଷା ବୈଠକ ବୁଧବାର ଏନ୍‌ଏସି ସଭାଗୃହରେ ଅନୁଷ୍ଠିତ ହୋଇଛି । ନିର୍ବାହୀ ଅଧିକାରୀ ଲକ୍ଷ୍ମୀକାନ୍ତ ମଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟ ପର୍ଯ୍ୟବେକ୍ଷକ ମୟୁରେଶ ପଣ୍ଡା, ଡିପିଓ ବିଶ୍ୱନାଥ ନାଏକ, ତରଭାର ଅତିରିକ୍ତ ତହସିଲଦାର ଦୀପ୍ତିମୟୀ ଭୁଏ, ଉପ ନଗରପାଳ ଗଗନ ଅଗ୍ରୱାଲ, ବିପିଏମ୍ ଅଶୋକ ମିଶ୍ର, କାଉନସିଲର ସୁଜାତା ରଥ, ଯମୁନା ସେଠ, ଆକବର ଅଲ୍ଲୀ ପ୍ରମୁଖ ଯୋଗଦେଇ ସହରର ପରିମଳ ଓ ଡ୍ରେନେଜ୍ ବ୍ୟବସ୍ଥା ଉପରେ ସମୀକ୍ଷା କରିଥିଲେ । ମୌସୁମୀ ବର୍ଷା ତଥା ଆଗକୁ ଆସୁଥିବା ରଥଯାତ୍ରାକୁ ଦୃଷ୍ଟିରେ ରଖି ଡ୍ରେନେଜ୍ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ପରିମଳ ବ୍ୟବସ୍ଥା ଉପରେ ସତର୍କ ଦୃଷ୍ଟି ଦେବାକୁ ଏଥିରେ ଗୁରୁତ୍ୱଦିଆଯାଇଥିଲା । ପ୍ରାକୃତିକ ବିପର୍ଯ୍ୟୟର ଏନଏସି ନୋଡାଲ ଅଧିକାରୀ ଭାବରେ ସୁରେଶ ଶିକାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା । ସହର ସମସ୍ତ ଡ୍ରେନ୍ ସଫା କରାଯାଇ ବର୍ଷା ପାଣି ନିଷ୍କାସନର ସୁବିଧା କରାଯାଇଥିବା ପରିମଳ ବିଶେଷଜ୍ଞ ହରିହର ଭୋଇ ସୂଚନା ଦେଇଥିଲେ । ସହରରେ ବିଶୁଦ୍ଧ ଜଳ ଯୋଗାଣ ନେଇ ସମସ୍ତ ବ୍ୟବସ୍ଥା କରାଯାଉଛି, ଡାଇରିଆ ସ୍ଥିତିରେ ସମସ୍ତେ ସତର୍କ ରହିବା ସହ ଖୋଲା କୂଅ, ନଳକୂପ ପାଣି ନପିଇ ଟ୍ୟାପ୍‌ରେ ଆସୁଥିବା ପାଣି ପିଇବାକୁ କୁହାଯାଇଥିବା ସହରାଞ୍ଚଳ ଜଳ ଯୋଗାଣ ବିଭାଗର ସହକାରୀ ଯନ୍ତ୍ରୀ ଦୀପକ ମେହେର କହିଥିଲେ ।



ବର୍ତ୍ତମାନ ନଳକୂପ ଓ ପାଇପ୍ ଲାଇନ ସବୁ ଯାଞ୍ଚ କରାଯାଇ ବ୍ଲିଚିଂ ପାଉଡର ପକାଯାଉଥିବା ସେ ସୂଚନା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସନ୍ତୋଷ ମେହେର, ଆଶା କର୍ମୀ, ଅଙ୍ଗନବାଡି କର୍ମୀ, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ବିଭିନ୍ନ ସରକାରୀ ବିଭାଗର ଅଧିକାରୀ, ବିଭିନ୍ନ ମହିଳା ସଂଗଠନର ନେତ୍ରୀ ଯୋଗଦେଇଥିଲେ । ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥା ନେଇ ଏନ୍‌ଏସି କିରାଣୀ ବିଶ୍ୱ ରଞ୍ଜନ ମିଶ୍ର ଓ ସିମାଞ୍ଚଳ ପାତ୍ର ସୂଚନା ଦେଇଥିଲେ ।

## ଦୁର୍ଘଟଣାରେ ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର

**ବିନିକା, ୧୮ ।୬(ସମିସ):** ରାମପୁର ବିନିକା ମୁଖ୍ୟରାସ୍ତା ସାଲମାଟିକ୍ରା ରୋଡ ନିକଟରେ ମଙ୍ଗଳବାର ଏକ ଅଜଣାଗାଡି ଧକ୍କାରେ ସ୍ୱାମୀଙ୍କ ମୃତ୍ୟୁ ହୋଇଛି । ଏଥିରେ ସ୍ତ୍ରୀ ଗୁରୁତର ହୋଇଛନ୍ତି । ମୃତକ ଜଣକ ସୁନିଲ ସେଠୀ (୪୫) ହୋଇଥିବାବେଳେ ସ୍ତ୍ରୀ ପୁଷ୍ପାଞ୍ଜଳି ସେଠୀ (୪୦)ଙ୍କୁ ବିନିକା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ସୂଚନାନୁଯାୟୀ, ଉଭୟ ସ୍ୱାମୀ ସ୍ତ୍ରୀ ସିଂହିଜୁବାରେ ତାଙ୍କ ବ୍ୟବସାୟ ସାରି ବାଇକ୍‌ରେ ବିନିକା ଦଣ୍ଡସନା ପଡ଼ାସ୍ଥିତ ନିଜ ଘରକୁ ଫେରୁଥିବା ବେଳେ ସାଲମାଟିକ୍ରା ରୋଡ ନିକଟରେ ଏକ ଅଜଣାଗାଡି ତାଙ୍କୁ ଧକ୍କା ଦେଇଥିଲା । ଘଟଣା ସ୍ଥଳରେ ସୁନୀଲଙ୍କ ମୃତ୍ୟୁ ହୋଇଥିଲା ।

## ଶିମିଳିପଦର-ଜାମ୍ବୁମାଳ ରାସ୍ତା ଅସମ୍ପୂର୍ଣ୍ଣ

**ଶଗଡ଼ା, ୧୮ ।୬(ସମିସ):** କଣ୍ଟାମାଳ ବ୍ଲକ ଶିମିଳିପଦର ପଞ୍ଚାୟତ ସଦର ମହକୁମାଠାରୁ ଜାମ୍ବୁମାଳ ପର୍ଯ୍ୟନ୍ତ ଯାଇଥିବା ରାସ୍ତାକୁ ପିଚୁ ରାସ୍ତା ନିର୍ମାଣ କରିବା ପାଇଁ ଅନେକ ଥର ଅଭିଯୋଗ ହୋଇ ଆସୁଛି; ହେଲେ ଏହି ରାସ୍ତା ନିର୍ମାଣ ନେଇ ପ୍ରଶାସନ ଆନ୍ତରିକତା ଦେଖାଉନି । ଏଣୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଏହି ରାସ୍ତା ନିର୍ମାଣ କରିବା ପାଇଁ ଅଞ୍ଚଳବାସୀ ଜନପ୍ରତିନିଧିଙ୍କଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ ପର୍ଯ୍ୟନ୍ତ ଅଭିଯୋଗ କରିଥିଲେ ମଧ୍ୟ ଖାଲି ପ୍ରତିଶ୍ରୁତି ପରେ ପ୍ରତିଶ୍ରୁତି ମିଳୁଛି । କଣ୍ଟାମାଳ ବ୍ଲକ ଶିମିଳିପଦର ପଞ୍ଚାୟତରୁ ମାତ୍ର ୩ କିଲୋମିଟର ଜାମ୍ବୁମାଳକୁ ଯାଇଥିବା ରାସ୍ତାଟି ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି । ଏହି ରାସ୍ତାଦେଇ ଦୈନନ୍ଦିନ ଅନେକ ଛାତ୍ରଛାତ୍ରୀଙ୍କ ସହ ହଜାର ହଜାର ଗାଡ଼ି ଯିବା ଆସିବା କରୁଛି । ଏହି ରାସ୍ତା ଉପରେ ଗବଜୋର, ପଥର୍ଲା, ଲୋକାପଡ଼ା, ଜାମ୍ବୁମାଳ, ତୁଳସୀକଟା, ଫଗୁଣାମାଳ, କୀର୍ଲା ଓ କଣ୍ଟିଆପାଲି ପ୍ରମୁଖ ଗ୍ରାମଗୁଡ଼ିକର ଲୋକେ ପଞ୍ଚାୟତକୁ ଭତ୍ତା ଓ ଚାଉଳ ନେଇଯିବା ସହ ପଡୋଶୀ ଜିଲ୍ଲା ସୁବର୍ଣ୍ଣପୁର ଯିବାକୁ ମଧ୍ୟ ଏହି ରାସ୍ତା ସୁବିଧା ହୁଏ । ଏହି ରାସ୍ତା ପାଇଁ ପଞ୍ଚାୟତ ପ୍ରଶାସନରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ଅଭିଯୋଗ କଲେ ମଧ୍ୟ କେହି କର୍ଣ୍ଣପାତ କରୁ ନାହାନ୍ତି । ୩ ବର୍ଷ ତଳେ ଏହି ରାସ୍ତା ପାଇଁ ମନରେଗା ଯୋଜନାରେ ୫ଲକ୍ଷ ଟଙ୍କା ଅନୁଦାନ ଆସିଥିଲା । ଟଙ୍କା ଖର୍ଚ୍ଚ ହୋଇଗଲା; ହେଲେ ରାସ୍ତା ଅସମ୍ପୂର୍ଣ୍ଣ । ବର୍ଷା ଦିନେ ଏହି ରାସ୍ତା ଖାଲଖମା ସହ ପାଣି ଥିବାରୁ ଅନେକ ଦୁର୍ଘଟଣା ଘଟିବା ସହ ଯାତାୟତରେ ଲୋକେ ବିଭିନ୍ନ ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏ ନେଇ ସ୍ଥାନୀୟ ସରପଞ୍ଚ ସାର୍ଦୁଳ ନାଗ କଣ୍ଟାମାଳ ବ୍ଲକ କାର୍ଯ୍ୟାଳୟରେ ହୋଇଥିବା ଜନ ଶୁଣାଣି ଶିବିରରେ ଅଭିଯୋଗ କରିଛନ୍ତି ।

## ଯୋଗ ପ୍ରଶିକ୍ଷଣ ଶିବିର

ବୀରମହାରାଜପୁର, ୧୮ ।୬(ସମିସ): ବୀରମହାରାଜପୁର ବରିଷ୍ଠ ନାଗରିକ ସଂଗଠନ କାର୍ଯ୍ୟାଳୟରେ ଆନ୍ତର୍ଜାତିକ ଯୋଗ ଦିବସ ପାଳନ ପାଇଁ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ସଂସଦର ସଭାପତି ଡ ପ୍ରଫୁଲ୍ଲ ରଥଙ୍କ ପୌରୋହିତ୍ୟରେ ଆୟୋଜିତ ଏକ ସାଧାରଣ ସଭାରେ ଉପ ସଭାପତି ସୌମିତ୍ରୀ ମେହେର, ସମ୍ପାଦକ ସନ୍ତୋଷ ଷଡ଼ଙ୍ଗୀ, ବରିଷ୍ଠ ସଦସ୍ୟ ନାରାୟଣ ପ୍ରସାଦ ନାୟକ ଏବଂ ଜୀତେନ୍ଦ୍ର ପ୍ରଧାନ ମଞ୍ଚାସୀନ ଥିଲେ । ବଳରାମ କାଣ୍ଡ ସ୍ୱାଗତ କରିଥିଲେ । ବାସୁଦେବ ପଣ୍ଡା ସଭା ସଂଯୋଜନା କରିଥିବାବେଳେ ତ୍ରିନାଥ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଦପଲା ଅଞ୍ଚଳରେ ଅଘୋଷିତ ବିଦ୍ୟୁତ୍ କାଟ୍

ଶଗଡ଼ା, ୧୮ ।୬(ସମିସ): ମନମୁଣ୍ଡା ବିଦ୍ୟୁତ୍ ବିଭାଗ ଅଞ୍ଚଳରେ ଥିବା ଦପଲା ଫିଡର ଅଞ୍ଚଳରେ ବିଦ୍ୟୁତ କାଟକୁ ନେଇ ଲୋକଙ୍କ ଭିତରେ ଅସନ୍ତୋଷ ବଢ଼ୁଛି । ବିଦ୍ୟୁତ୍ ପାଇଁ ଲୋକେ ଅତିଷ୍ଠ ହୋଇ ପଡ଼ିଲେଣି । ଟାଟା ପାୱାର ବିଜୁଳି ବିତରଣ କମ୍ପାନୀ ଲୋକଙ୍କ ସହ ଲୁଚକାଳି ଖେଳୁଛି । ଏମିତି କୌଣସି ଦିନ ନାହିଁ ଯେଉଁ ଦିନ ୧ ଘଣ୍ଟା ନିରନ୍ତର ବିଜୁଳି ରହୁଛି । ମରାମତି ନାଁରେ ସବୁଦିନ ବିଦ୍ୟୁତ୍ ସରାବରାହ ବିଚ୍ଛିନ୍ନ ହେଉଛି । ଯେଉଁ ଦିନଠାରୁ ଟାଟା ପାୱାର କମ୍ପାନୀ ବିଜୁଳି ବିତରଣ ଲାଗି ଦାୟିତ୍ୱ ନେଇଛି ସେହି ଦିନଠାରୁ ଦପଲା ଅଞ୍ଚଳରେ ଏଭଳି ବିଜୁଳି ବିଭ୍ରାଟ ନିତିଦିନିଆ ଘଟଣା ପାଲଟିଛି । ଏହି କମ୍ପାନୀ ଆସିବା ଆଗରୁ ଅଞ୍ଚଳରେ କେବଳ ଜଣେ ସ୍ଥାନୀୟ ଅସ୍ଥାୟୀ କର୍ମଚାରୀ ଥିଲେ । ଏବେ ଟାଟା ପାୱାର କମ୍ପାନୀର ଏକାଧିକ କର୍ମଚାରୀ ବୋଲେରୋରେ ବିଭିନ୍ନ ଅଞ୍ଚଳ ଗସ୍ତ କରି ମଧ୍ୟ ବିଜୁଳି ସରବରାହ ନିରନ୍ତର ହୋଇପାରୁନି । ବାରମ୍ବାର ବିଦ୍ୟୁତ୍ ବିଭ୍ରାଟକୁ ନେଇ ବିଭାଗୀୟ ଯନ୍ତ୍ରୀଙ୍କୁ ଜଣାଇଲେ ମଧ୍ୟ ସେ ନାନା ବାହାନା ଦେଖାଇ ଚୁପ୍ ରହୁଥିବା ଲୋକେ କହିଛନ୍ତି । ଉଚ୍ଚ ଅଧିକାରୀ ଫୋନ୍ ରିସିଭ କରୁନାହାନ୍ତି । ଜରୁରୀକାଳୀନ ବିଦ୍ୟୁତ୍ ଟିମ୍ ବିଳମ୍ବରେ ଆସି ସଜାଡ଼ିବା ବାହାନା ଦେଖାଇ ଅଭିନୟ କରି କୌଣସି କାମ ନ କରି ଅଫିସକୁ ପଳାଉଛନ୍ତି । ଯଦି ଏମିତି ବିଦ୍ୟୁତ୍ କାଟ ଜାରି ରହେ ତେବେ ଲୋକେ ବାଧ ହୋଇ ଆନ୍ଦୋଳନକୁ ଓହ୍ଲାଇବେ ବୋଲି କଡା ଚେତାବନୀ ଦେଇଛନ୍ତି ।

## ମୂର୍ମୁରି ଜୋର ବ୍ରିଜ୍‌ରେ ବସ୍ ଦୁର୍ଘଟଣା



**ବିନିକା, ୧୮ ।୬(ସମିସ):** ଏକ ଯାତ୍ରୀବାହୀ ବସ୍ ଭାରସାମ୍ୟ ହରାଇ ମୁର୍ମୁରି ଜୋର ବ୍ରିଜ ବାଡ଼ରେ ପିଟି ହୋଇ ବୁଧବାର ସକାଳେ ଦୁର୍ଘଟଣା ଗ୍ରସ୍ତ ହୋଇଛି । ତେବେ ଏଥିରେ ବସିଥିବା ୩୫ ଜଣ ଯାତ୍ରୀ ଅଳ୍ପକେ ଏକ ବଡ଼ ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି । ସୂଚନାନୁଯାୟୀ, ଶୁଭଲକ୍ଷ୍ମୀ ନାମକ ଏକ ବସ୍ (ଓଆର୍ ୧୭ ଏଚ୍ ୭୮୪୨) ବରଗଡ଼ରୁ ବିନିକା ଦେଇ ବୌଦ୍ଧ ଯାଉଥିଲା । ବ୍ରିଜ୍ ନିକଟରେ ଭାରସାମ୍ୟ ହରାଇ ବସ୍‌ଟି ଦୁର୍ଘଟଣା ଗ୍ରସ୍ତ ହୋଇଥିଲା । ଦୁର୍ଘଟଣା ପରେ ଯାତ୍ରୀମାନେ ପ୍ରାଣ ବିକଳରେ ଗାଡିରୁ ଓହ୍ଲାଇ ଯିବାରୁ ସମସ୍ତେ ବର୍ତ୍ତିଯାଇଥିଲେ । କେତେକ ଯାତ୍ରୀ ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି । ଦୁର୍ଘଟଣା ପରେ ବସ୍ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା ।

## ବୌଦ୍ଧ ନାଗରିକ କମିଟିର ବୈଠକ

ବୌଦ୍ଧ, ୧୮ ।୬(ସମିସ): ବୌଦ୍ଧ ମାଉସୀ ମା' ମନ୍ଦିରରେ ବୌଦ୍ଧ ନାଗରିକ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ସମ୍ପାଦକ ବିଶ୍ୱେଶ୍ୱର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବୌଦ୍ଧ ପଞ୍ଚାୟତ କଲେଜରେ ସ୍ନାତୋକୋତ୍ତର ଶ୍ରେଣୀ ଖୋଲିବା, ବୌଦ୍ଧ ମହିଳା କଲେଜ୍ ଓ ହରଭଙ୍ଗାରେ +୩ ଖୋଲିବା, ହରଭଙ୍ଗା ଓ ବୌଦ୍ଧ ବ୍ଲକରେ ବିଜ୍ଞାନ କଲେଜ ପ୍ରତିଷ୍ଠା, ନନ୍ଦନ ବନ ଓ ଅନ୍ୟ ପର୍ଯ୍ୟଟନ ସ୍ଥଳର ବିକାଶ ସମ୍ପର୍କରେ ଆଲୋଚନା ହୋଇଥିଲା । ଏ ସମ୍ପର୍କରେ କମିଟି ପକ୍ଷରୁ ପ୍ରଶାସନ, ସରକାର ଓ ଜନପ୍ରତିନିଧିମାନଙ୍କ ନିକଟରେ ଦୃଢ ଦାବି ଉପସ୍ଥାପନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ।

## ତଳଗାଁରେ ବୃଷ୍ଟିପୃଷ୍ଟ ଅଞ୍ଚଳ ଉନ୍ନୟନ ଯୋଜନା ବାଟବଣା

# କୁଣ୍ଡ ଗୋଟିଏ; ହିତାଧିକାରୀ ଦୁଇ

**ବୌଦ୍ଧ, ୧୮ ।୬(ସମିସ):**



କେନ୍ଦ୍ର ସରକାରଙ୍କ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରେ ସମ୍ମନ୍ୱିତ କୃଷି ଯୋଜନାରେ ଅନ୍ତର୍ଭୁକ୍ତ ଚାଷୀ ପରିବାରକୁ ଅଧିକ କୃଷି ଉତ୍ପାଦନ ବୃଦ୍ଧି ସାଙ୍ଗକୁ ଜୀବିକା ଅଗ୍ରଗତି ଲକ୍ଷ୍ୟରେ ଜଳଛାୟା ବିଭାଗ ଜରିଆରେ ବୃଷ୍ଟିପୃଷ୍ଟ ଅଞ୍ଚଳ ଉନ୍ନୟନ ଯୋଜନାରେ ଚାଷୀଙ୍କୁ ୩୦ ହଜାର ଟଙ୍କା ଲେଖାଏଁ ସରକାରୀ ପ୍ରୋତ୍ସାହନ ରାଶି ଯୋଗାଇ ଦେଉଛନ୍ତି । ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ତଳଗାଁ କ୍ଲଷ୍ଟରରେ ଏହି ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ଉଠୁଛି । ବିଶେଷକରି ଚାଷୀଙ୍କ ସରଳତାର ସୁଯୋଗ ନେଇ କିଛି ଦଲାଲ୍ ଚାଷୀଙ୍କଠାରୁ ମୋଟା ଅଙ୍କର ଟଙ୍କା ଅସୁଲ କରିଥିବା ମଧ୍ୟ ଅଭିଯୋଗ ପଦାକୁ ଆସିଛି । ଅନ୍ୟପଟେ ଗୋଟିଏ ଗୋଟିଏ ଜିଆଖତ ସିମେଣ୍ଟ କୁଣ୍ଡରେ ୨ ଜଣ ହିତାଧିକାରୀଙ୍କ ନାମ ଲେଖାଯାଇ ଯୋଜନା ଅର୍ଥ ବାଟମାରଣା କରାଯାଇଥିବା ଭଳି ସାଂଘାତିକ ଘଟଣା ନଜରକୁ ଆସିଛି । ଏହା ସହ ଦୋକାନ କରି ବ୍ୟବସାୟ କରୁଥିବା ହିତାଧିକାରୀଙ୍କୁ ମଧ୍ୟ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଥିବା ଅଭିଯୋଗ ଉଠୁଛି । ଯୋଜନାରେ ଏଭଳି ଅନିୟମିତତା ଜଳଛାୟା ବିଭାଗର ଦୃଷ୍ଟିଗୋଚର ନ ହେବା ଘଟଣା ଦୁର୍ନୀତି ଏବଂ ବାଟମାରଣା ପଛରେ ଏମାନଙ୍କ ସମ୍ପୃକ୍ତିକୁ ସିଧାସଳଖ ଅଙ୍ଗୁଳି ନିର୍ଦ୍ଦେଶ କରୁଛି । କେନ୍ଦ୍ର ସରକାର ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରେ ବୃଷ୍ଟିପୃଷ୍ଟ ଅଞ୍ଚଳ ଉନ୍ନୟନ ଯୋଜନାରେ ଚାଷୀଙ୍କ ଆର୍ଥିକ ମେରୁଦଣ୍ଡକୁ ସୁଦୃଢ କରିବା ଲକ୍ଷ୍ୟରେ ପାଣ୍ଠି ଯୋଗାଇ ଦେଉଛନ୍ତି । ଏଥିପାଇଁ କୃଷି, ଉଦ୍ୟାନ କୃଷି, ପ୍ରାଣୀ ଚିକିତ୍ସା ବିଭାଗ ସାଙ୍ଗକୁ ମତ୍ସ୍ୟ ବିଭାଗ ସହଭାଗିତାରେ ଚାଷୀ ଚୟନ ପାଇଁ କଡା ନିୟମ ରହିଛି । ଅନ୍ୟପଟେ ପ୍ରଥମତଃ ଜଣେ ଚାଷୀ ସମ୍ମନ୍ୱିତ କୃଷି ଅନ୍ତର୍ଭୁକ୍ତ ହୋଇଥିବା ବାଧ୍ୟତାମୂଳକ । ଏହା ସହ ଚାଷୀ ସମ୍ମନ୍ୱିତ କୃଷି ଯୋଜନାରେ ବିଭିନ୍ନ ଶସ୍ୟଜାତୀୟ ଫସଲଠାରୁ ଆରମ୍ଭ କରି ଉଦ୍ୟାନକୃଷି ଯୋଜନାରେ ବିଭିନ୍ନ ପନିପରିବା, ଫଳଜାତୀୟ ବୃକ୍ଷ ଚାଷ ସହ ପ୍ରାଣୀପାଳନ ଯୋଜନାରେ ଗାଈ, ମଇଁଷି, ମେଣ୍ଢା, ଛେଳି, କୁକୁଡା, ବତକ ଭଳି ସମ୍ମନ୍ୱିତ କୃଷି କରୁଥିବା ଆବଶ୍ୟକ । ସମ୍ମନ୍ୱିତ କୃଷି ସହ ମାଛ ଜଆଁଳ ଉତ୍ପାଦନ ୟୁନିଟ୍, ମହୁମାଛି ଚାଷ, ଘାସ ଚାଷ ଏବଂ ଜିଆଖତ ଉତ୍ପାଦନ ମଧ୍ୟରୁ ଯେକୌଣସି ଗୋଟିଏ ଥିଲେ ଏହି ଯୋଜନାରେ ଚାଷୀଙ୍କୁ ୩୦ହଜାର ଟଙ୍କା ଲେଖାଏଁ ଜଳଛାୟା ବିଭାଗ ପକ୍ଷରୁ ଯୋଗାଇଦେବାର ନିୟମ ରହିଛି । ହିତାଧିକାରୀ ଚୟନ ପାଇଁ କୃଷି, ଉଦ୍ୟାନକୃଷି, ପ୍ରାଣୀପାଳନ ଏବଂ ମତ୍ସ୍ୟ ବିଭାଗ ଅଧିକାରୀଙ୍କ ସମ୍ମନ୍ୱୟରେ ଏବଂ ତତ୍ତ୍ୱାବଧାନରେ ହିତାଧିକାରୀ ଚୟନ କରାଯିବାର କଡା ଆଇନ ରହିଛି; ମାତ୍ର ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଜଳଛାୟା ବିଭାଗ ପକ୍ଷରୁ ୨୦୨୫-୨୬ ଆର୍ଥିକ ବର୍ଷରେ ତଳଗାଁ କ୍ଲଷ୍ଟରରେ ବୃଷ୍ଟିପୃଷ୍ଟ ଅଞ୍ଚଳ ଉନ୍ନୟନ ଯୋଜନାରେ ମନଇଚ୍ଛା ହିତାଧିକାରୀ ଚୟନ କରାଯାଇ ଅନୁଦାନ ରାଶି ବଣ୍ଟନ ହୋଇଥିବା ଅଭିଯୋଗ ଉଠୁଛି । ଏହାଫଳରେ ତଳଗାଁ କ୍ଲଷ୍ଟରରେ ଏହି ଯୋଜନା ବାଟବଣା ହେବା ସହ ଚାଷୀଙ୍କ ଅନୁଦାନ ରାଶିକୁ ଦଲାଲ ଜରିଆରେ ଆଦାୟ କରି ତଳୁ ଉପରଯାଏଁ ଭାଗବଣ୍ଟା କରି ଚଳୁ କରିଥିବା ଅଭିଯୋଗ ଉଠୁଛି । ତେବେ ଏ ସମ୍ପର୍କରେ ବୌଦ୍ଧ ଜଳଛାୟା ବିଭାଗ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଶାନ୍ତ ମହାନ୍ତିଙ୍କୁ ପଚାରିବାରୁ ସର୍ବନିମ୍ନ ୨ଟି କମ୍ପୋନେଟ ରହିଥିବା ହିତାଧିକାରୀଙ୍କୁ ଡିବିଟି ଜରିଆରେ ୩୦ହଜାର ଟଙ୍କା ଅନୁଦାନରାଶି ପ୍ରଦାନ କରାଯାଇଛି; ହେଲେ ଗୋଟିଏ ଗୋଟିଏ କୁଣ୍ଡରେ ଦୁଇ ଦୁଇ ଜଣ ହିତାଧିକାରୀଙ୍କ ନାମ ଲେଖାଯାଇ ଅନୁଦାନ ରାଶି ବାଟମାରଣା କରାଯାଇଥିବା ବିଷୟରେ ପଚାରିବାରୁ ତଦନ୍ତ କଲେ ଜଣାପଡ଼ିବ ବୋଲି କହିଥିଲେ ।

## ନିଟ୍‌ରେ ସୌମ୍ୟପ୍ରିୟା, ପାର୍ଥସାରଥି, ସିଦ୍ଧାର୍ଥଙ୍କ ସଫଳତା

**ବୀରମହାରାଜପୁର, ୧୮ ।୬(ସମିସ):** ନିଟ୍ ( ୟୁଜି) ପ୍ରବେଶିକା ପରୀକ୍ଷାରେ ବୀରମହାରାଜପୁରର ସୌମ୍ୟପ୍ରିୟା ମେହେର, ସିଦ୍ଧାର୍ଥ ପ୍ରଧାନ ଓ ଉଲୁଣ୍ଡାର ପାର୍ଥସାରଥି ଦେହୁରୀ ସଫଳତା ପାଇଛନ୍ତି । ସୌମ୍ୟା ପ୍ରିୟା ବୀରମହାରାଜପୁର ବ୍ଲକ ସୁବଳୟା ଗ୍ରାମର ହୋଇଥିବା ବେଳେ ସିଦ୍ଧାର୍ଥ ଲୁଡୁରପଙ୍କ ଗ୍ରାମର ଏବଂ ପାର୍ଥସାରଥି ଦେହୁରୀ ଉଲୁଣ୍ଡା ବ୍ଲକ ଅଇଁଲାଛାଟ ଗ୍ରାମର ଅଟନ୍ତି । ସୌମ୍ୟପ୍ରିୟା ୫୬୮ ନମ୍ବର ରଖି ୫୮୦୦ ର୍ୟାଙ୍କ ହାସଲ କରିଛନ୍ତି । ପାର୍ଥସାରଥି ଦେହୁରୀ ୫୩୦ ନମ୍ବର ରଖି ସର୍ବଭାରତୀୟ ସ୍ତରରେ ୨୦୫୧୨ ର୍ୟାଙ୍କ ହାସଲ କରି ଡାକ୍ତରୀ ପାଠ ପଢ଼ା ପଢ଼ିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ସୌମ୍ୟପ୍ରିୟା ସୁବଳୟାର ପୂର୍ବତନ ସରପଞ୍ଚ ସ୍ୱର୍ଗତ ଅନନ୍ତନାରାୟଣ ମେହେରଙ୍କ ଝିଅ ଅଟନ୍ତି ।







ସେହିପରି ପାର୍ଥସାରଥି ଅଇଁଲାଛାଟ ଗ୍ରାମର ଶିକ୍ଷକ ପ୍ରଫୁଲ୍ଲ ଦେହୁରୀଙ୍କ ପୁତ୍ର ଅଟନ୍ତି । ସେହିପରି ବୀରମହାରାଜପୁର ବ୍ଲକ ଲୁଡୁରପଙ୍କ ଗ୍ରାମର ସିଦ୍ଧାର୍ଥ ପ୍ରଧାନ ୫୨୨ ନମ୍ବର ରଖି ୨୯୩୦୦ ର୍ୟାଙ୍କ ହାସଲ କରି ଡାକ୍ତରୀ ପାଠ ପଢ଼ିବାକୁ ଯୋଗ୍ୟ ହୋଇଛନ୍ତି । ସିଦ୍ଧାର୍ଥ ଲୁଡୁରପଙ୍କ ଗ୍ରାମର ଶିକ୍ଷକ ରୋହିତ ପ୍ରଧାନଙ୍କ ବଡ଼ପୁଅ ଅଟନ୍ତି ।

## କାମ ନ କରି ସରକାରୀ ଟଙ୍କା ଆତ୍ମସାତ

**ଶଗଡ଼ା, ୧୮ । ୬ (ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବିଳାସପୁର ପଞ୍ଚାୟତ ଅଧୀନ ଦିନବନ୍ଧୁପୁର ଗ୍ରାମର ରାସ୍ତା କାମ ନାଁରେ ସରକାରୀ ଅର୍ଥ ଆତ୍ମସାତ ହୋଇଛି । ପଞ୍ଚାୟତ ସମିତି ପକ୍ଷରୁ ପଞ୍ଚମ ରାଜ୍ୟ ଅର୍ଥ କମିଶନ ଜିଆଇଏ ଯୋଜନାରେ ୨୦୨୪-୨୫ ଆର୍ଥିକ ବର୍ଷରେ ୨ଲକ୍ଷ ୧ ହଜାର ୯୧୯ଟଙ୍କା ଅନୁଦାନ ଆସିଥିଲା; ହେଲେ କାମ ନ କରି ବିଭାଗୀୟ ଅଧିକାରୀ ଅର୍ଥ ହଡପ କରିଛନ୍ତି । ଆମ୍ବେଦକର ଦଳିତ ସମାଜ ବିକାଶ ପରିଷଦର ଜିଲ୍ଲା ସମ୍ପାଦକ ମହାଦେବ କଲତା ଏଭଳି ଗୁରୁତର ଅଭିଯୋଗ ଆଣିଛନ୍ତି । ଏ ସମ୍ପର୍କରେ ସେ ଜିଲ୍ଲାପାଳଙ୍କ ନିକଟରେ ଫେରାଦ ହୋଇଛନ୍ତି । ଗାଁରେ ଏକ କଂକ୍ରିଟ ରାସ୍ତା ହୋଇଛି । ୨୦୨୦-୨୧ ବର୍ଷ ପରେ ଗାଁକୁ କୌଣସି ଅନୁଦାନ ଆସିନି । ଏହା ସତ୍ତ୍ୱେ କିଭଳି ଏବଂ କେଉଁ କାର୍ଯ୍ୟ କରାଯାଇଥିବା ଦର୍ଶାଇ ଟଙ୍କା ଆତ୍ମସାତ କରାଯାଇଛି ତାହାର ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି ।

## ବିଧାୟକଙ୍କ ନିର୍ମାଣାଧୀନ ବୌଦ୍ଧ ଷ୍ଟେସନ ପରିଦର୍ଶନ

ବୌଦ୍ଧ, ୧୮ ।୬(ସମିସ): ବୌଦ୍ଧ ବିଧାୟକ ସରୋଜ ପ୍ରଧାନ ହରଭଙ୍ଗା ବ୍ଲକ ସରସରା ନିକଟରେ ନିର୍ମାଣାଧୀନ ଖୋର୍ଦ୍ଧା-ବଲାଙ୍ଗୀର ରେଳପଥର ବୌଦ୍ଧ ଷ୍ଟେସନ ପରିଦର୍ଶନ କରିଛନ୍ତି । ୨୦ ତାରିଖରେ ବହୁ ପ୍ରତୀକ୍ଷିତ ଏହି ରେଳ ଷ୍ଟେସନ ଉଦ୍‌ଘାଟିତ ହେବାର କାର୍ଯ୍ୟକ୍ରମ ରହିଛି । ଏହି ପରିଦର୍ଶନ ସମୟରେ ରେଳବାଇ ଓ ସ୍ଥାନୀୟ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ ।

## ମରଣଯନ୍ତା ପାଲଟିଛି ବିଚିକା ରାସ୍ତା

# ଅଭିଯୋଗ ପରେ ମଧ୍ୟ ପ୍ରଶାସନ ଚୁପ୍

**ଶଗଡ଼ା, ୧୮ ।୬(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବିଳାଶପୁର ପଞ୍ଚାୟତ ମନମୁଣ୍ଡା-ଶଗଡ଼ା ରାସ୍ତାରୁ ବିଚିକା ଯାଇଥିବା ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଛି । ଥାଟିପାଲି, ଜୁନାନି, ସିନ୍ଦୂରପୁର ଜମାଳାପଦର, ବିଚିକା ଗ୍ରାମର ଲୋକେ ଦୈନିନ୍ଦିନ ଏହି ରାସ୍ତାରେ ଯିବା ଆସିବା କରିଥାନ୍ତି । ଏହି ରାସ୍ତା ପାଇଁ ଦୀର୍ଘ ବର୍ଷ ହେଲା ଅଞ୍ଚଳବାସୀ ପ୍ରଶାସନ ନିକଟରେ ଦାବି ଜଣାଇ ଆସୁଛନ୍ତି; ହେଲେ ସମାଧାନ ହୋଇ ପାରୁନାହିଁ । ପ୍ରଶାସନ ନିଦା ବିଷ୍ଣୁ ସାଜିଛି । ପ୍ରବଳ ବର୍ଷା ହେଲେ ଗାଁକୁ ଆମ୍ବୁଲାନ୍ସ ତ ଦୂରର କଥା ବାଇକ୍ ମଧ୍ୟ ଆସି ପାରେ ନାହିଁ । ବର୍ଷା ଦିନେ ଖାଲଖମା ସହ ପାଣି ଭର୍ତ୍ତି ହୋଇଯାଉଥିବାରୁ ଲୋକେ ହଇରାଣ ହେଉଛନ୍ତି । ବର୍ଷା ଦିନେ ଅଞ୍ଚଳର ଛାତ୍ରଛାତ୍ରୀ କାଦୁଅ ରାସ୍ତାରେ ସ୍କୁଲ ଯାତାୟତ କରୁଛନ୍ତି । ଅନେକ ରାସ୍ତାରେ ପଡ଼ୁଛନ୍ତି । ବହି ବସ୍ତାନି ସହ ପ୍ୟାଣ୍ଟ ସାର୍ଟ ମଧ୍ୟ ଭିଜି ଯାଉଛି । ଅନେକ ଆହତ ମଧ୍ୟ ହୋଉଛନ୍ତି । ଦୀର୍ଘଦିନ ହେବ ଅଞ୍ଚଳବାସୀଙ୍କ ଏଭଳି ରାସ୍ତା ସମସ୍ୟା ଲାଗି ରହିଛି । ସ୍ଥାନୀୟ ଲୋକ ପ୍ରତିନିଧି କି ଜିଲ୍ଲା ପ୍ରଶାସନ କାହାରି ବି ନଜର ପଡୁନି । ଏଣୁ ଲୋକଙ୍କ ଭିତରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏହି ରାସ୍ତା ଖୁବ ଶୀଘ୍ର ମରାମତି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।



## କଂଗ୍ରେସର ସର୍ବୋଦୟ ସଂକଳ୍ପ ଶିବିର



**ବିନିକା, ୧୮ ।୬(ସମିସ):** ବିନିକା ସ୍ଥିତ ଚନ୍ଦ୍ରମା ସଭାଗୃହରେ ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନ ଓଡ଼ିଶା ତରଫରୁ ସୁବର୍ଣ୍ଣପୁର ଜିଲ୍ଲାସ୍ତରୀୟ ଦୁଇ ଦିନିଆ ସର୍ବୋଦୟ ସଂକଳ୍ପ ଶିବିର ବୁଧବାରଠାରୁ ଆରମ୍ଭ ହୋଇଛି । ଏହାକୁ ଜିଲ୍ଲା କଂଗ୍ରେସ ସଭାପତି ତଥା ସୋନପୁର ପୂର୍ବତନ ବିଧାୟକ ବିନୋଦ ପାତ୍ର ଉଦଘାଟନ କରିଥିଲେ । ଏଥିରେ ଅତିଥି ଭାବରେ ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନ ଜଟିତସ୍ତର ଉପସଭାପତି କୁନାଲ ବାନାର୍ଜୀ, ଆରଜିପିଆର୍‌ଏସ୍ ରାଜ୍ୟ ସଭାପତି ସୁଦର୍ଶନ ଦାସ, ସାଧାରଣ ସମ୍ପାଦକ ବିଜୟ ପ୍ରଧାନ, ରୂପକ ତୁରୁକ, ସୋନପୁର ମହିଳା କଂଗ୍ରେସ ସଭାପତି ଭବାନୀଜି ପି ଦୀପ, ବୀରମହାରାଜପୁର ବିଧାୟକ ପ୍ରାର୍ଥୀ ପ୍ରଦୀପ ସେଠୀ, ସୋନପୁର ବିଧାୟକ ପ୍ରାର୍ଥୀ ପ୍ରିୟବ୍ରତ ସାହୁ, ଜିଲ୍ଲା ଆରଜିପିଆଇଏସ୍ ସାଧାରଣ ସମ୍ପାଦକ ଲବ କୁମାର ସାହୁ ପ୍ରମୁଖ ଯୋଗଦେଇ ସଂଗଠନର ଉଦ୍ଦେଶ୍ୟ, କାର୍ଯ୍ୟକଳାପ ଓ ତାର ସଫଳତା ଉପରେ ପ୍ରାଞ୍ଜଳ ଭାବେ ଅବଗତ କରିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସଂଗ୍ରାମ କେଶରୀ ନାୟକ, ରାଘବ ଦାସ, ବ୍ଲକ କଂଗ୍ରେସ ସଭାପତି ରବୀନ୍ଦ୍ର ହୋତା, ନରେନ୍ଦ୍ର ପଣ୍ଡା, ସୁଧାଂଶୁ ପଣ୍ଡା, ସପନେଶ୍ୱର୍ ପୃଷ୍ଟି, ସୁମନ୍ତ ସାହୁ, ମହେନ୍ଦ୍ର ଥନାପତି, ବିକାଶ ପଣ୍ଡା, ସୁନିଲ ପ୍ରଧାନ, ସୁରେଶ ପଣ୍ଡା, ନରେନ୍ଦ୍ର ସାହୁ, ଅନିଲ ନାୟକ, ଉମାକାନ୍ତ ଦୀପ, ଗୋବିନ୍ଦା ଝାଙ୍କର, ପ୍ରଭୁଦତ୍ତ ବସ୍ତିଆ, ରାଜୁ ବାରିକ ପ୍ରମୁଖଙ୍କ ସମେତ ବହୁ କଂଗ୍ରେସ ସାମିଲ ହୋଇଥିଲେ ।

## ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି



**ବୌଦ୍ଧ, ୧୮ ।୬(ସମିସ):** ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ସମ୍ପର୍କୀତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲାପାଳ ସୁବ୍ରତ ପଣ୍ଡା ଏଥିରେ ଅଧ୍ୟକ୍ଷତା କରିଥିଲେ । ସାମ୍ଭାବ୍ୟ ବର୍ଷା ବନ୍ୟା ଜନିତ ବିପର୍ଯ୍ୟୟକୁ ମୁକାବିଲା ପାଇଁ ସମସ୍ତ ସରକାରୀ ବିଭାଗ ସଦା ସର୍ବଦା ସଜାଗ ରହିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପ ଜିଲ୍ଲାପାଳ ପ୍ରବୀଣ ବାଣୁଆଙ୍କ ସମେତ ପୁଲିସ, ଅଗ୍ନିଶମ ବାହିନୀ, ଓଡ୍ରାଫ ଓ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ ।

# ୨ ମାସରେ ନଷ୍ଟ ହୋଇଗଲା କଣ୍ଟାମାଳ-ତରଭା ରାସ୍ତା

**ଶଗଡ଼ା, ୧୮ ।୬(ସମିସ):**



ବୌଦ୍ଧ ଜିଲ୍ଲା କଣ୍ଟାମାଳ-ତରଭା ତେଲ୍ ନଦୀ ସେତୁର କଣ୍ଟାମାଳ ପଟରୁ ଯାଇଥିବା ସଂଯୋଗୀକରଣ ରାସ୍ତାର ଅନେକ ସ୍ଥାନରେ ବଡ ବଡ ଖାଲ ହୋଇଛି । ରାସ୍ତାରେ ଗାତ ସୃଷ୍ଟି ହୋଇଥିବା ଲୋକଙ୍କ ପାଇଁ ମରଣଯନ୍ତା ପାଲଟିଛି । ଏହା ଫଳରେ ଦୁର୍ଘଟଣାର ଆଶଙ୍କା ଦେଖା ଦେଇଛି । ବାରମ୍ବାର ଏହି ରାସ୍ତା ମରାମତି ହେଲେ ସୁଦ୍ଧା ଭାରୀଯାନ ଯାତାୟାତ ଯୋଗୁଁ ରାସ୍ତାର ସ୍ଥାୟିତ୍ୱ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ୨୦୧୨ ମସିହାରେ ଏହି ସେତୁ କାର୍ଯ୍ୟ ୨୦କୋଟି ୯୯ଲକ୍ଷ ୨୭ ହଜାର ଟଙ୍କା ବ୍ୟୟ ଅଟକଳରେ ଆରମ୍ଭ କରାଯାଇଥିଲା । ବହୁ ବିଳମ୍ବରେ ସେତୁ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଥିଲା । ୪୫୯.୪୫ ମିଟର ଦୈର୍ଘ୍ୟ ଓ ୭.୫୦ ମିଟର ପ୍ରସ୍ଥ ବିଶିଷ୍ଟ ସେତୁ ବିଳମ୍ବରେ ସମ୍ପୂର୍ଣ୍ଣ ହୋଇଥିଲେ ସୁଦ୍ଧା ଆପ୍ରୋଚ ରାସ୍ତା ଲୋକଙ୍କ ପାଇଁ ମରଣଯନ୍ତା ସାଜିଛି । ଏ ସମ୍ପର୍କରେ ଖବର ପ୍ରକାଶ ପାଇବା ପରେ ବିଭାଗ ପକ୍ଷରୁ ତତ୍ପରତା ଦେଖା ଦେଇଥିଲା । ୨ ମାସ ପୂର୍ବେ ଏହା ମରାମତି କରାଯାଇଥିଲା । ବର୍ତ୍ତମାନ ଏହି ରାସ୍ତାରେ ଅନେକ ଖାଲଖମା ହେଲାଣି । ସାମାନ୍ୟ ବର୍ଷା ହେଲେ ପାଣିରେ ଭର୍ତ୍ତି ହୋଇ ଦୁର୍ଘଟଣା ଘଟୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷରେ ଯେତେ ଥର ଏହି ରାସ୍ତା ମରାମତି ହେଲେ ପୁଣି ଖରାପ ହେବ ବୋଲି ସ୍ଥାନୀୟ ଲୋକେ କହୁଛନ୍ତି । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ କଣ୍ଟାମାଳ-ତରଭା ସେତୁର ସୋନପୁର ଜିଲ୍ଲା ତରଭା ଅଞ୍ଚଳରେ ୫ଟି କ୍ରସର ରହିଛି । ଏହି କ୍ରସର ଗୁଡ଼ିକରୁ ଦୈନିକୟ ଭାରୀଯାନରେ ଶହ ଶହ ଟ୍ରିପ୍ ଚିପ୍ସ, ବାଲି, କ୍ରସର ଗୁଣ୍ଡ ପରିବହନ କରାଯାଉଛି । ରାସ୍ତାର କ୍ଷମତା ବାହାରେ ଭାରୀଯାନ ଯାତାୟାତ କରୁଛି । ଏଣୁ ଅଳ୍ପ ଦିନରେ ରାସ୍ତାରେ ବଡ ବଡ ଖାଲ ସୃଷ୍ଟି ହେଉଛି । ସୋନପୁର ଜିଲ୍ଲା ତରଭା ଅଞ୍ଚଳରେ ଥିବା କ୍ରସରଗୁଡିକ ଉପରେ ପ୍ରଶାସନର ଲଗାମ ନାହିଁ । ଏହି ସେତୁ ରାସ୍ତା ଦେଇ ଭାରୀଯାନ ଯାତାୟାତ ବନ୍ଦ କରା ନ ଗଲେ ଯଥା ପୂର୍ବ ତଥା ପରମ ହେବ ବୋଲି ଅଞ୍ଚଳର ଲୋକେ କହିଛନ୍ତି ।

### ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟ

# ସ୍ଥାୟୀ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡାକ୍ତର ନାହାନ୍ତି



**ଚମ୍ପୁଆ,୧୮।୬(ସମିସ):** ଆଦିବାସୀ ଅଧ୍ୟୁଷିତ ଉପାନ୍ତ ଅଞ୍ଚଳ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ସ୍ଥାୟୀ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡାକ୍ତର ଅଭାବ କାରଣରୁ ରୋଗୀସେବା ବିପର୍ଯ୍ୟସ୍ତ ହୋଇପଡିଛି। ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଲକ୍ଷ୍ୟରେ ୧୯୧୦ରୁ ସ୍ଥାପିତ ଏ ଉପଖଣ୍ଡ ଚିକିତ୍ସାଳୟଟି ଅନେକ ସମସ୍ୟା ଦେଇ ବର୍ତ୍ତମାନ ଗତି କରୁଛି। ଆଜି ପର୍ଯ୍ୟନ୍ତ ଏହାର ସମାଧାନ ହୋଇନପାରିବା ପରିତାପର ବିଷୟ। ଏ ଡାକ୍ତରଖାନାଟି ଉପଖଣ୍ଡର ପ୍ରଥମ ରେଫରାଲ ୟୁନିଟର ମାନ୍ୟତା ରହିଛି। ପଡୋଶୀ ମୟୂରଭଞ୍ଜ ଓ ଝାଡଖଣ୍ଡ ଅଞ୍ଚଳର ଶହ ଶହ ରୋଗୀ ଏହା ଉପରେ ନିର୍ଭର କରିଥାନ୍ତି। ଏଠାରେ ୨ ଜଣ ସ୍ଥାୟୀ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡାକ୍ତର ପୋଷ୍ଟ ରହିଥିଲେ ହେଁ ବିଗତ ୩ ବର୍ଷ ହେବ ଜିଲ୍ଲା ଖଣିଜ ପାଣ୍ଠିରୁ ୨ ଜଣଙ୍କୁ ନିଯୁକ୍ତି ଦିଆଯାଇଥିଲା; କିନ୍ତୁ ୨ଜଣ ଡାକ୍ତର ଦୀର୍ଘ ୬ ମାସ ହେବ ସ୍ୱାସ୍ଥ୍ୟଗତ କାରଣ ଦେଖାଇ ଛୁଟିରେ ରହୁଛନ୍ତି। ଯାହାଫଳରେ ଗମ୍ଭୀର ଅବସ୍ଥାରେ ଗର୍ଭବତୀ ମହିଳାମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଭଗବାନଙ୍କ ଭରସା ଛଡ଼ା ସେମାନଙ୍କ ଅନ୍ୟ ଉପାୟ ନଥାଏ। ଶେଷରେ ସେମାନଙ୍କୁ ସଙ୍ଗୀନ ଅବସ୍ଥାରେ ମୁଖ୍ୟ ଚିକିତ୍ସାଳୟ କେନ୍ଦୁଝରକୁ ପଠାଯାଇଥାଏ। ଏଠାରେ ସ୍ମରଣଯୋଗ୍ୟ କି ସ୍ଥାନୀୟ ଉପଖଣ୍ଡ ଚିକିତ୍ସାଳୟଟି ସ୍ତ୍ରୀ ଓ ପ୍ରସୂତି ରୋଗ ସେବା କ୍ଷେତ୍ରରେ ଜିଲ୍ଲାରେ ଅଗ୍ରଣୀ ସ୍ଥାନ ଅର୍ଜନ କରି ଆସୁଥିଲା। ଏହାର ସ୍ଥାୟୀ ସମାଧାନ ପାଇଁ ଅଞ୍ଚଳବାସୀ ମୁଖ୍ୟମନ୍ତ୍ରୀ ଓ ବିଧାୟକଙ୍କ ନିକଟରେ ଦାବି କରିଛନ୍ତି ହେଲେ ୬ମାସ ପରେ ମଧ୍ୟ ଫଳ ଶୂନ।

## ପୌର ୱାର୍ଡ ରାସ୍ତା ଅସରାଏ ବର୍ଷାରେ ବେହାଲ୍



**ଆନନ୍ଦପୁର, ୧୮।୬ (ସମିସ):** ଆନନ୍ଦପୁର ପୌରପାଳିକା ୧୬ନଂ ୱାର୍ଡରେ ଏବେବି ଏପରି ରାସ୍ତା ଅଛି ଯାହା ଅସରାଏ ବର୍ଷା ପରେ ଏହି ରାସ୍ତାରେ ଯାତାୟତ ଠପ ହୋଇଯାଇଛି। ସ୍ଥାନୀୟ କାଉନସିଲରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଅବସ୍ଥାରେ ସୁଧାର ଆସିପାରିନାହିଁ। ମୁଖ୍ୟରାସ୍ତାର ଆଶା କାର୍ଯ୍ୟାଳୟ ସମ୍ମୁଖରେ ଥିବା ଏହି ରାସ୍ତା ମରାମତି ପାଇଁ ଅଧିବାସୀମାନେ ବହୁବାର ଦାବି କରିଥିଲେ ମଧ୍ୟ ସାମାନ୍ୟ ମରାମତି କରାଯାଇନାହିଁ। ଗତଦୁଇ ଦିନ ଧରି ଝିପି ଝିପି ଲଗାଣ ବର୍ଷା ଯୋଗୁଁ ଏହି ଅଞ୍ଚଳବାସୀ ଘରୁ ବାହାରିବା କଷ୍ଟକର ହୋଇପଡିଛି। ସହରାଞ୍ଚଳ ବିକାଶ ଯୋଜନାରେ ସରକାର ବାର୍ଷିକ କୋଟି କୋଟି ଟଙ୍କାର ଅନୁଦାନ ଦେଉଥିବା ଏବଂ କାଉନସିଲର ପ୍ରସ୍ତାବ ଓ ପରାମର୍ଶରେ ସମସ୍ତ ପ୍ରକାର ଉନ୍ନୟନ ମୂଳକ କାର୍ଯ୍ୟ ହେଉଥିବା ବେଳେ ଏହି ରାସ୍ତା ନଜରକୁ ଆସିଲାନି କିପରି ବୋଲି ବିଭିନ୍ନ ମହଲରେ ପ୍ରଶ୍ନ ହୋଇଛି।

## ସ୍ୱାସ୍ଥ୍ୟକର୍ମୀଙ୍କ ଜରୁରିକାଳୀନ ବୈଠକ



**କେନ୍ଦୁଝର, ୧୮।୬(ସମିସ):** କେନ୍ଦୁଝର ଜିଲ୍ଲାର ପୁରୁଷ ଏବଂ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ନେଇ ଏକ ଜରରିକାଳୀନ ବୈଠକ ମ୍ୟୁନିସିପାଲଟି ପାର୍କଠାରେ ଅନୁଷ୍ଠିତ ହୋଇଛି। ପ୍ରମୋସନକୁ ଅହେତୁକ ବିଳମ୍ବ କରାଯାଉଥିବାରୁ ଉଦବେଗ ପ୍ରକାଶ ପାଇଛି। ସରକାରଙ୍କ ଦ୍ୱାରା ୩୧/୦୧/୨୫ ସୁଦ୍ଧା ପ୍ରମୋସନ ଦେବା ନିମନ୍ତେ ଆଦେଶ ରହିଥିବାବେଳେ ଏହାକୁ ଜାଣି ଶୁଣି କେନ୍ଦୁଝର ଜିଲ୍ଲାରେ ପ୍ରମୋସନ ଦିଆଯାଉ ନଥିବା ଅଭିଯୋଗ ଆଣିଛନ୍ତି ସ୍ୱାସ୍ଥ୍ୟ କର୍ମୀ। ଏହାମଧ୍ୟରେ ୫ରୁ ୭ ଜଣ ମହିଳା ସ୍ୱାସ୍ଥ୍ୟକର୍ମୀ ଅବସର ଗ୍ରହଣ ମଧ୍ୟ କରିସାରିଛନ୍ତି। ୩୦/୦୬/୨୦୨୫ ରେ ଆଉ ୫/୭ ଜଣ ମହିଳା ସ୍ୱାସ୍ଥ୍ୟକର୍ମୀ ଅବସର ଗ୍ରହଣ କରିବେ। ୨୦/୨୫ ଜିଲ୍ଲାରେ ପ୍ରମୋସନ ଦିଆ ସରିଥିବା ବେଳେ କେନ୍ଦୁଝର ଜିଲ୍ଲାରେ ଜାଣି ଶୁଣି ଅହେତୁକ ବିଳମ୍ବ କରାଯାଉଥିବାରୁ ଜିଲ୍ଲାପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଯଦି ଆଗାମୀ ୭ ଦିନ ମଧ୍ୟରେ ଏହାର ସମାଧାନ ନ କରାଯାଏ ତେବେ ସମୂହ ଧାରଣାରେ ବସିବେ ବୋଲି ଜିଲ୍ଲା ସଭାପତି ଶମ୍ଭୁନାଥ ସାହୁ ଓ ସମ୍ପାଦକ କୁନ୍ତଳା ମହାନ୍ତ ସହ ସମସ୍ତ ପୁରୁଷ ଓ ମହିଳା ସ୍ୱାସ୍ଥ୍ୟ କର୍ମଚାରୀ ଚେତାବନୀ ଦେଇଛନ୍ତି।

## ରାଜ୍ୟ ନିର୍ବାଚନ କମିସନରଙ୍କ ସମୀକ୍ଷା



**କେନ୍ଦୁଝର, ୧୮।୬(ସମିସ):** ରାଜ୍ୟ ମୁଖ୍ୟ ନିର୍ବାଚନ କମିଶନର ମଧୁସୂଦନ ପାଢ଼ୀ କେନ୍ଦୁଝର ଗସ୍ତରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଦରବାର ହଲଠାରେ ଜିଲ୍ଲାର ତ୍ରିସ୍ତରୀୟ ପଞ୍ଚାୟତ ଓ ପୌର ପରିଷଦ, ବିଜ୍ଞାପିତ ଅଞ୍ଚଳ ପରିଷଦର ଭୋଟର ତାଲିକା, ଇଭିଏମ୍, ବାଲାଟ୍, ଖର୍ଚ୍ଚ ଆଦିର ସ୍ଥିତି ନେଇ ସମୀକ୍ଷା କରିଛନ୍ତି। କେନ୍ଦୁଝର ଜିଲ୍ଲାପାଳ ବିଶାଲ ସିଂହ, ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ, ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ମିର୍ଦ୍ଧା ଟପ୍ପୋ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଜିଲ୍ଲା ପଞ୍ଚାୟତ ଅଧିକାରୀ ପ୍ରକାଶ କୁମାର ସେଠୀଙ୍କ ସମେତ ଜିଲ୍ଲାର ସମସ୍ତ ଉପଜିଲ୍ଲାପାଳ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପୌର ଓ ବିଜ୍ଞାପିତ ଅଞ୍ଚଳ ପରିଷଦ ଗୁଡିକର ନିର୍ବାହୀ ଅଧିକାରୀ ତଥା ନିର୍ବାଚନ ପରିଚାଳନା କରୁଥିବା କର୍ମଚାରୀମାନେ ଯୋଗ ଦେଇଥିଲେ। ଶ୍ରୀ ପାଢ଼ୀ ଭଣ୍ଡାର ଗୃହରେ ମହଜୁଦ ହୋଇ ରହିଥିବା ବାଲଟ ବାକ୍ସର ସ୍ଥିତି ଅନୁଧ୍ୟାନ କରିଥିଲେ।

## ଗଛକୁ ଧକ୍କାଦେଲା ଆମ୍ବୁଲାନ୍ସ; ୫ ଆହତ



**ହାଟଡ଼ିହୀ,୧୮।୬(ସମିସ):** ରୋଗୀ ଧରି ଡ଼ାକ୍ତରଖାନା ଯାଉଥିବା ବେଳେ ନନ୍ଦିପଦା ଥାନା ଅଧୀନସ୍ଥ ଟୁକୁଣା ନିକଟରେ ଗଛକୁ ଧକ୍କାଦେଇ ଏକ ୧୦୮ ଆମ୍ବୁଲାନ୍ସ ଓଲଟି ପଡ଼ିଛି। ଆମ୍ବୁଲାନ୍ସ ଚାଳକ, ଫାର୍ମାସିଷ୍ଟ ଏବଂ ରୋଗୀଙ୍କ ସମେତ ତାଙ୍କର ୨ଜଣ ସମ୍ପର୍କୀୟ ଆହତ ହୋଇଥିବା ସୂଚନା ରହିଛି। ବୁଧବାର ଭୋର ପ୍ରାୟ ସାଢ଼େ ୪ଟା ସମୟରେ ସଡଙ୍ଗ ପଞ୍ଚାୟତ ନସିରପୁର ଗ୍ରାମର ରୋଗୀ ସାଗର ଦାସ ଏବଂ ତାଙ୍କ ସମ୍ପର୍କୀୟ ନିରାକାର ଦାସ, ସରୋଜିନୀ ଦାସ ୧୦୮ ଆମ୍ବୁଲାନ୍ସ ଯୋଗେ ଡ଼ାକ୍ତରଖାନା ଯାଉଥିବା ବେଳେ କୌଣସି କାରଣରୁ ଆମ୍ବୁଲାନ୍ସଟି ଭାରସାମ୍ୟ ହରାଇ ରାସ୍ତାକଡ଼ ଗଛରେ ଧକ୍କା ହୋଇ ଓଲଟି ପଡ଼ିଥିଲା। ଏଭଳି ଦୁର୍ଘଟଣା ଖବର ପାଇ ୧୧୨ ଯୋଗେ ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କୁ ଭଦ୍ରକ ମେଡିକାଲ ସ୍ଥାନାନ୍ତର କରାଯାଇଥିବା ବେଳେ ଆମ୍ବୁଲାନ୍ସ ଚାଳକ ଓ ଫାର୍ମାସିଷ୍ଟଙ୍କୁ ଆନନ୍ଦପୁର ଉପଖଣ୍ଡ ମେଡିକାଲରେ ଭର୍ତ୍ତି କରାଯାଇଛି।

## ବିପର୍ଯ୍ୟୟ ପରିଚାଳନା ବୈଠକ



**କେନ୍ଦୁଝର, ୧୮।୬(ସମିସ):** ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଟେବୁଲ ଟପ ଏକ୍ସରସାଇଜ ବୈଠକ ଅନୁଷ୍ଠିତ ହୋଇଯାଇଛି। ଡେପୁଟି କଲେକ୍ଟର ଆପତକାଳୀନ ଅଭିଳାଷ ପୁରୋହିତ, ଏନଡିଆରଏଫ ଇନ୍ସପେକ୍ଟର ଆର.ଏସ ରଣା, ପଙ୍କଜ ଖୁଲବେ ଓ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ସଂସ୍ଥାର ବିଶେଷଜ୍ଞ ସୁମନ୍ତ ବାନାର୍ଜୀ ଯୋଗ ଦେଇଥିଲେ। ଗୁରୁବାର ସକାଳ ବିପର୍ଯ୍ୟୟ ସମୟରେ ଉଦ୍ଧାର କାର୍ଯ୍ୟ କିପରି କରାଯାଇପାରିବ ସେ ସଂପର୍କରେ ଏନଡିଆରଏଫ୍ ଓ ଅଗ୍ନିଶମ ବିଭାଗ ଦ୍ୱାରା ମକ୍ ଡ୍ରିଲ କରାଯିବ।

## ଜଳସମ୍ପଦ ବିଭାଗରେ ନୂଆ ମୁଖ୍ୟଯନ୍ତ୍ରୀ



**ଆନନ୍ଦପୁର, ୧୮।୬ (ସମିସ):** ଆନନ୍ଦପୁର ଜଳସମ୍ପଦ ବିଭାଗରେ ଇଂ ମାନସ ରଞ୍ଜନ ମଣ୍ଡଳ ନୂତନ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଭାବେ ଯୋଗ ଦେଇଛନ୍ତି। ପୂର୍ବରୁ ଏଠାରେ ଥିବା ଇଂ ଅବିନାଶ ରାଉଳଙ୍କର କଟକ ଡ୍ରେନେଜ ଡିଭିଜନକୁ ବଦଳି ହୋଇଯିବା ପରେ ଏହି ପଦ ଖୋଲା ପଡିଥିଲା। ତେବେ ଯୋଗଦେଇଥିବା ଇଂ ମଣ୍ଡଳ ବର୍ତ୍ତମାନ ବେତନଟୀ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ଥିବା ବେଳେ ତାଙ୍କୁ ଏହି ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଦାୟିତ୍ୱ ଗ୍ରହଣ ପରେ ସମସ୍ତ ଯନ୍ତ୍ରୀ ଓ କର୍ମଚାରୀ ପ୍ରମୁଖ ଇଂ ଶ୍ରୀ ମଣ୍ଡଳଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।






ଆନନ୍ଦପୁର: ଅଗ୍ରଣୀ ନୃତ୍ୟାନୁଷ୍ଠାନ ବୀଣାପାଣି କଳା ନିକେତନର କଳାକାରମାନେ ନୃତ୍ୟଗୁରୁ ଜିତୁ ଦାଶଙ୍କ ନିର୍ଦ୍ଦେଶନାରେ ରାଜ୍ୟସ୍ତରୀୟ ବିକାଶ ମେଳା ମଞ୍ଚରେ ନୃତ୍ୟ ପରିବେଷଣ କରିଛନ୍ତି।

## ଶିଶୁ କୁପୋଷଣ ନିରାକରଣ ପାଇଁ 'ଇନ୍ଦ୍ରଧନୁ'

**କେନ୍ଦୁଝର, ୧୮।୬(ସମିସ):** କେନ୍ଦୁଝର ଅଡିଟୋରିୟମଠାରେ କେନ୍ଦ୍ରୀୟ କନ୍ଦ ଫସଲ ଅନୁସନ୍ଧାନ ସଂସ୍ଥା, ଆଞ୍ଚଳିକ କେନ୍ଦ୍ର ଭୁବନେଶ୍ୱର, କିଟ୍ ଭୁବନେଶ୍ୱର, କିସ୍ ଭୁବନେଶ୍ୱର, ନାଇଜର ଭୁବନେଶ୍ୱର, ଉଦ୍ୟାନ ବିଭାଗ କେନ୍ଦୁଝର ଏବଂ ଡିଏମ୍‌ଏଫ୍ କେନ୍ଦୁଝର ଆନୁକୂଲ୍ୟରେ ଅନୁସୂଚିତ ଜୁଆଙ୍ଗ ଜନଜାତି ଶିଶୁମାନଙ୍କର କୁପୋଷଣ ଦୂର କରିବା ନିମନ୍ତେ ଇନ୍ଦ୍ରଧନୁ ପୁଷ୍ଟିଯୁକ୍ତ ଖାଦ୍ୟ ପାଇଁ ଏକ ଜାତୀୟ ନୀତି ନିର୍ଦ୍ଧାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନାବାର୍ଡ ସିଜିଏମ୍ ସଞ୍ଜୟ କୁମାର ତାଲୁକଦାର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବିଶିଷ୍ଟ ଅତିଥି ଭାବେ ଜାତୀୟ କନ୍ଦ ଫସଲ ଅନୁସନ୍ଧାନ ସଂସ୍ଥା, ଥିରୁବନନ୍ତପୁରମର ନିର୍ଦ୍ଦେଶକ ଡ ଜି. ବୈଜୁ ଜିଲ୍ଲାରେ କୁପୋଷଣ ଦୂର କରିବା ପାଇଁ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ବୋଲି କହିଥିଲେ। ଆଦିବାସୀ ଅଧ୍ୟୁଷିତ ବାଂଶପାଳ, ତେଲକୋଇ, ହରିଚନ୍ଦନପୁର ବ୍ଲକ ସମେତ ଅନ୍ୟ ବ୍ଲକ ଅଞ୍ଚଳରେ କୁପୋଷଣ ଦୂର କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। କେନ୍ଦୁଝରରେ ଖୁବଶୀଘ୍ର ଟେକନୋ ଇନକୁବେସନ ସେଣ୍ଟର (ଟିଆଇସି) ସ୍ଥାପନ କରାଯିବ। ସିଟିସିଆରଆଇର ପ୍ରମୁଖ ବୈଜ୍ଞାନିକ ଡ ପି. ଶିବକୁମାର ସ୍ୱାଗତ ଭାଷଣ ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉଦ୍ୟାନ କୃଷି ବିଭାଗ ଉପନିର୍ଦ୍ଦେଶକ ସୌମେନ୍ଦ୍ର ନାରାୟଣ ପାଣିଗ୍ରାହୀ, ଉଦ୍ୟାନ କୃଷି ବିଭାଗ ସହକାରୀ ନିର୍ଦ୍ଦେଶକ ଗୋବିନ୍ଦଚନ୍ଦ୍ର ମେହେର ସମ୍ମାନିତ ଅତିଥି ଭାବ ଯୋଗ ଦେଇଥିଲେ।

## ହାଇୱା-ବାଇକ୍ ଦୁର୍ଘଟଣା; ଯୁବକ ମୃତ





**ସ୍ଥାନୀୟ ଲୋକଙ୍କ ରାସ୍ତା ଅବରୋଧ**

**ଆନନ୍ଦପୁର/ବେଲବାହାଲି, ୧୮।୬ (ସମିସ):** କେନ୍ଦୁଝର ଜିଲ୍ଲା ଘସିପୁରା ଥାନା ରଘୁନାଥପୁର ଛକ ନିକଟରେ ହାଇୱା ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଘସିପୁରା ବ୍ଲକ ବରିପାଳ ପଞ୍ଚାୟତ ରଘୁନାଥପୁର ଗ୍ରାମର ତ୍ରିନାଥ ସୁଆ ସିଂ। ତୁବୁରୀ ପ୍ଲାଣ୍ଟରୁ ଘରକୁ ବାଇକ ଯୋଗେ ଫେରୁଥିବା ସମୟରେ ହାଇୱା ସହ ମୁହାଁମୁହିଁ ଧକ୍କା ହୋଇଥିଲା। ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ ତାଙ୍କୁ ହରିଚନ୍ଦନପୁର ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଛନ୍ତି। ଶବ ବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ମେଡିକାଲକୁ ଅଣାଯାଇଥିଲା। ତ୍ରିନାଥଙ୍କ ପରିବାରକୁ କ୍ଷତିପୂରଣ ଦାବି ଓ ଏହି ରାସ୍ତାରେ ବାଲି ଗାଡ଼ି ବନ୍ଦ କରିବା ଦାବିରେ ରଘୁନାଥପୁର ଗ୍ରାମର ଶତାଧିକ ଗ୍ରାମବାସୀ ରାସ୍ତା ଅବରୋଧ କରିଥିଲେ। ଖବରପାଇ ଘସିପୁରା ପୁଲିସ ପ୍ରଶାସନ ସମେତ ଘସିପୁରା ତହସିଲଦାର ପହଞ୍ଚି ରାସ୍ତା ଅବରୋଧ କରିଥିବା ଲୋକଙ୍କୁ ବୁଝାସୁଝା କରିବା ସହ ୧୫ ଦିନ ମଧ୍ୟରେ କ୍ଷତିପୂରଣ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା।

## ନାଳରେ ଫସିଲା ଟେମ୍ପୋ



**ତେଲକୋଇ, ୧୮।୬(ସମିସ):** ସମାକୋଇ ନାଳ ପାରି ହେବାବେଳେ ମଝିରେ ଏକ ଟେମ୍ପୋ ଫସି ଯାଇଥିଲା। ତାଳପଦା ମୁଣ୍ଡା ସାହିକୁ ରଜ ପାଇଁ ପାଲଲହଡ଼ାରୁ କୁଣିଆଁ ଆସିଥିଲେ। ସେମାନେ ଫେରିବା ବେଳେ ଉକ୍ତ ନାଳରେ ହଠାତ୍ ପାଣି ଆସିଯିବା ଫଳରେ ନଦୀ ମଝିରେ ଅଟକି ଯାଇଥିଲା। ଟେମ୍ପୋରେ ବସିଥିବା ଲୋକେ ଭୟରେ ଓହ୍ଲାଇ ପଡ଼ିଥିଲେ। ସାହି ଲୋକେ ଆସି ତଡ଼ା ଲଗାଇ ଟେମ୍ପୋକୁ ନଦୀ ପାରି କରାଇଥିଲେ। ସ୍ୱାଧୀନତାର ଅମୃତ ବେଳରେ ମଧ୍ୟ ଏ ସାହିକୁ ସବୁଦିନିଆ ରାସ୍ତାଟିଏ ନାହିଁ। ଫଳରେ ଚଳିତ ବର୍ଷ ମଧ୍ୟ ଲୋକେ ବର୍ଷା ଦିନେ ଯାତାୟାତରୁ ବଞ୍ଚିତ ରହିବାର ଆଶଙ୍କା ପ୍ରକାଶ ପାଇଛି। ଏଠାରେ ପୋଲ ନଥିବାରୁ ବର୍ଷାଦିନେ ମୁଣ୍ଡା ସାହି ଲୋକେ ଜଳବନ୍ଦୀ ଅବସ୍ଥାରେ ଦିନ କାଟିଥାନ୍ତି। ବିଭିନ୍ନ ସମୟରେ ଏନେଇ ପ୍ରଶାସନକୁ ଅଭିଯୋଗ କରାଯାଇଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇ ପାରୁନାହିଁ।

## ବେଲବାହାଲି ରଜ ମହୋତ୍ସବ: ବିଷ୍ଣୁପ୍ରିୟା ରଜ କୁଇନ୍ ବିଜେତା



**ବେଲବାହାଲି,୧୮।୬(ସମିସ):** ଆନନ୍ଦପୁର ବ୍ଲକ ଅନ୍ତର୍ଗତ ବେଲବାହାଲି ଗ୍ରାମର ବେଲେଶ୍ୱର ଯୁବକ ସଙ୍ଘ ଦ୍ୱାରା ଆୟୋଜିତ ରଜ ମହୋତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଚାରିଦିନ ବ୍ୟାପି ପାଳିତ ଏହି ଉତ୍ସବରେ ଚଳିତବର୍ଷ ରଜ କୁଇନ ପ୍ରତିଯୋଗିତାରେ ୧୦ ଜଣ ଭାଗ ନେଇଥିଲେ। ଏଥିରେ ଡ୍ୟାନ୍ସ, କୁଇଜ, ରାମ୍ପ ସୋ ଭଳି କାର୍ଯ୍ୟକ୍ରମ ହୋଇଥିଲା। ମଞ୍ଚ ବିଚାରପତିଙ୍କ ଦ୍ୱାରା ଚୟନ ହୋଇଥିବା ୧ମ, ୨ୟ,୩ୟ ପ୍ରତିଯୋଗୀ ମଧ୍ୟରୁ ଧକୋଠା ଗ୍ରାମର ବିଷ୍ଣୁପ୍ରିୟା ସେଠୀ ରଜ କୁଇନ-୨୦୨୫ରେ ପୁରସ୍କୃତ ହୋଇଛନ୍ତି। ଯୁବକ ସଙ୍ଘର ସଭାପତି ଅନୀଲ ସାହୁଙ୍କ ସଭାପତିତ୍ୱରେ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ଜିଲ୍ଲା ବିଜେପି ଯୁବନେତା ବିକାଶ ସରୋଗୀ ଯୋଗଦେଇଥିଲେ। ଉପସ୍ଥାପକ ଭାବେ ସୁନୀଲ ସାହୁ ଦାୟିତ୍ୱ ତୁଲାଇଥିଲେ। ପୂର୍ବ ବର୍ଷ ବିଜେତା ମିସ୍ ସୋମା ଏବଂ ପ୍ରାଞ୍ଜଳ ପିଲାମାନଙ୍କୁ ନାଚଗୀତରେ ଝୁମାଇଥିଲେ। ସଙ୍ଘର ସମ୍ପାଦକ ଝାଡେଶ୍ୱର ସାହୁ, ଉପସଭାପତି ଜଗନ ସାହୁ, ଯୁଗ୍ମ ସମ୍ପାଦକ ଅବକାଶ ସାହୁ, କୋଷାଧକ୍ଷ ଆକାଶ ସାହୁ ସମେତ ଶିବପ୍ରସାଦ ସାହୁ, ସନ୍ତୋଷ ସାହୁ, ବବୁଲ ସାହୁ, ଜଗା ସାହୁ, ଅଂଶୁମାନ ସାହୁ, ଜାପାନୀ ସାହୁ, ଅଜିତ, ରାବଣ, ଅଜୁ ସାହୁ, ହିରେନ, ସତ୍ୟ, ମାନ, ସୁରେଶ ପୃଷ୍ଟି, ତାପସ ଜେନା, ମୋହନ ସାହୁ, ସଞ୍ଜୟ ଦାସ, ସିପୁନ ସାହୁ, ମାନସ ସାହୁ, ପ୍ରଣବ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ବୈତରଣୀ ଅବବାହିକାରେ ୩୪ ମିମି ବର୍ଷା ରେକର୍ଡ

**ତୁରୁମୁଙ୍ଗା, ୧୮।୬(ସମିସ):** ଲଘୁଚାପ ପ୍ରଭାବରେ ପାଟଣା ବ୍ଲକ ଅଞ୍ଚଳରେ ମଙ୍ଗଳବାର ସକାଳୁ ଝିପି ଝିପି ବର୍ଷା ଲାଗି ରହିଛି। ଲୋକେ ଘରୁ ବାହାରି ନପାରି ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଗତ ୨୪ ଘଣ୍ଟା ମଧ୍ୟରେ ପାଟଣା ବ୍ଲକ ବୈତରଣୀ ନଦୀ ଅବବାହିକାରେ ୩୪ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ବର୍ଷା ପ୍ରଭାବରେ ପନିପରିବା ଚାଷ ନଷ୍ଟ ହୋଇଥିବା ବେଳେ ଚାଷୀକୁଳ ଚିନ୍ତାରେ ପଡିଛନ୍ତି। ଅନ୍ୟପଟେ ଏହି ବର୍ଷା ଚାଷୀଙ୍କ ମଧ୍ୟରେ ମଧ୍ୟ ଆନନ୍ଦ ଆଣି ଦେଇଛି। ବର୍ଷା ହୋଇଥିବାରୁ ବିଲରେ ପାଣି ହେବା ଯୋଗୁଁ ଧାନ ଚାଷ ଆରମ୍ଭ ହେବ ବୋଲି ଚାଷୀ ମନରେ ଆଶା ବାନ୍ଧି ବସିଛନ୍ତି।

# ବିଭିନ୍ନ ପଞ୍ଚାୟତରେ ବିକାଶ ବାହନକୁ ସ୍ୱାଗତ

**ନାରଦପୁର,୧୮।୬(ସମିସ)**

ଝୁମ୍ପୁରା ବ୍ଲକ ଅନ୍ତର୍ଗତ ନିଶ୍ଚିନ୍ତପୁର, ଗୁମୁରା ଓ ନାରଦପୁର ପଞ୍ଚାୟତରେ ବିକାଶ ବାହନକୁ ବିପୁଳ ସମ୍ବର୍ଦ୍ଧନା ମିଳିଛି। ନିଶ୍ଚିନ୍ତପୁର ସରପଞ୍ଚ ପୁଷ୍ପାଞ୍ଜଳି ମୁଣ୍ଡା, ପୂର୍ବତନ ସରପଞ୍ଚ ରୋହିତ ନାଏକ, ନାଏବ ସରପଞ୍ଚ ସୁଦର୍ଶନ ମହାନ୍ତ, ମହେଶ୍ୱର ବାରିକ, ବରୁଣ ମହାନ୍ତ, ଅଶୋକ ମହାନ୍ତ, ଗୁମୁ ସରପଞ୍ଚ ତପନ ନାଏକ, ନିର୍ବାହୀ ଅଧିକାରୀ ଫୁଲମଣି ନାଏକ, ଗୁମୁରା ମଣ୍ଡଳ ଉପସଭାପତି ଚିତ୍ତରଞ୍ଜନ ମହାନ୍ତ, ସୁନୀଲ ମହାନ୍ତ, ଖଗେଶ୍ୱର ମହାନ୍ତ, ଗଣେଶ୍ୱର ମହାନ୍ତ, ନାରଦପୁର ସରପଞ୍ଚ ହେମନ୍ତି ମୁଦି, ନାଏବ ସରପଞ୍ଚ ଚନ୍ଦନ ବୋଇପାଇ, ପୂର୍ବତନ ସରପଞ୍ଚ ସୁଶୀଲ ନାଏକ, ନିର୍ବାହୀ ଅଧିକାରୀ ଶ୍ରୀକାନ୍ତ ପଲେଇ, ଏଡିଓ ପ୍ରତାପଚନ୍ଦ୍ର ନାଏକ, ବରିଷ୍ଠ କର୍ମୀ ବାସୁଦେବ ବାରିକ, ଯୁଧିଷ୍ଠିର ମହାନ୍ତ, ପ୍ରଭାକର ମହାନ୍ତ, ବାବୁଲାଲ ମହାକୁଡ଼ଙ୍କ ସହ ବିଭାଗୀୟ ଅଧିକାରୀ, ମିଶନ ଶକ୍ତି, ଆଶା ମା', ଅଙ୍ଗନବାଡ଼ି କର୍ମୀ ଓ ଗ୍ରାମବାସୀ ସ୍ୱାଗତ କରିଥିଲେ। ପାଲା ମାଧ୍ୟମରେ ଉପସ୍ଥିତ ଲୋକଙ୍କୁ ସଚେତନ କରିଥିଲେ। ଜବ କାର୍ଡ, ଅନ୍ତ୍ୟୋଦୟ ଗୃହ ଯୋଜନା କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା।



**ରାମଚନ୍ଦ୍ରପୁର:** ଘସିପୁରା ବ୍ଲକ ଅନ୍ତର୍ଗତ ତରୁଆଁ ପଞ୍ଚାୟତରେ ପିଇଓ ରଶ୍ମିରଂଜନ ମହାରଣାଙ୍କ ସଂଯୋଜନାରେ ବିକାଶ ରଥ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ପହଞ୍ଚିବା ପରେ ସରପଞ୍ଚ ରଶ୍ମିରଞ୍ଜିତା ବେହେରା,ଏଡିଇଓ ପୁରୁଷୋତ୍ତମ ସାହୁ, ବିଏସଏସଓ ସୁଭକାନ୍ତ ଜେନା, ସ୍ମୃତିରଂଜନ ସାମନ୍ତରାୟ, ସୌମ୍ୟରଂଜନ ଦାସ, ନୋଡାଲ ଅଫିସର ଭାରତୀ ସରଦାର, ଆଶା, ସ୍ୱାସ୍ଥ୍ୟକର୍ମୀ ସମେତ ମିଶନ ଶକ୍ତିର ମହିଳା ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀ ସ୍ୱାଗତ କରିଥିଲେ। ରାମଚନ୍ଦ୍ରପୁର ମଣ୍ଡଳ ସଭାପତି ଅଜୟ ବାରିକ ସମେତ ଅନେକ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ଅନ୍ତ୍ୟୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ ସହ ଭତ୍ତା, ସାସ୍ଥ୍ୟ କାର୍ଡ, ରାସନ୍ କାର୍ଡ, ବଣ୍ଟନ କରାଯାଇଥିଲା।

**ତୁରୁମୁଙ୍ଗା:** ପାଟଣା ବିଡିଓ ମାନସ କୁମାର ଦଣ୍ଡପାଟଙ୍କ ତତ୍ତ୍ୱାବଧାନରେ ବୁଧବାର ଏହି ବିକାଶ ବାହନ ତୁରୁମୁଙ୍ଗା ପଞ୍ଚାୟତରେ ପହଞ୍ଚିଥିଲା। ସରପଞ୍ଚ ସୁଲେଖା ନାଏକ, ଜିପିଡିଓ ରଶ୍ମିରେଖା ମହାନ୍ତି, ପିଇଓ ଦିଲ୍ଲୀପ ବେହେରା, ଏଡିଓ ସୁଜିତ ସାମନ୍ତରାୟ, କନିଷ୍ଠ ଯନ୍ତ୍ରୀ ମନୋଜ ପଣ୍ଡା, ଏପିଓ ଦୀପକ ବେହେରା, ବିପିସି ସୁରେନ୍ଦ୍ର ଖଣ୍ଡାଙ୍କ ସହ ପଞ୍ଚାୟତର ସମସ୍ତ ୱାର୍ଡସଭ୍ୟ, ଏମ୍‌ବିକେ,ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ, ଇସି ମେମ୍ବର, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ସ୍ୱାଗତ କରିଥିଲେ। ସେହିପରି ବୁଢ଼ୀକାପୁଡି ପଞ୍ଚାୟତ ସରପଞ୍ଚ ମମତା ନାଏକ ବିକାଶ ରଥକୁ ସ୍ୱାଗତ କରିଥଲେ। କିନଷ୍ଠ ଯନ୍ତ୍ରୀ ଖେଲାରାମ ମୁର୍ମୁ, ଏଡିଓ ଭାଗୀରଥି ମହାନ୍ତ, ଅଭୟ ଦେହୁରୀଙ୍କ ସମେତ ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀ ପ୍ରମୁଖ ବିକାଶ ବାହନକୁ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମରେ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଯୋଜନାରେ ଗୃହର କାର୍ଯ୍ୟାଦେଶ, ରାସନ୍ କାର୍ଡ, ଭତ୍ତା ଓ ଜବକାର୍ଡ ଆଦି ବଣ୍ଟନ କରାଯାଇଥିଲା।

## ସୁନ୍ଦରା ପଟ୍ଟା ଓ ବିଭିନ୍ନ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ



ବରଗଡ଼, ୧୮ ।୬(ସମିସ): ଜିଲ୍ଲାସ୍ତରୀୟ ବିକାଶ ମେଳାର ସାଂସ୍କୃତିକ ସନ୍ଧ୍ୟାରେ ବସୁନ୍ଧରା ପଟ୍ଟା ସହ ବିଭିନ୍ନ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି । ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ବରଗଡ଼ ତହସିଲ ତଥା ବ୍ଲକର ୯ ଜଣ ଭୂମିହୀନ ହିତାଧିକାରୀଙ୍କୁ ବସୁନ୍ଧରା ପଟ୍ଟ. ୮ ଜଣଙ୍କୁ ଲେବର କାର୍ଡ, ୪ ଜଣଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନା କାର୍ଯ୍ୟାଦେଶ, ୧୨ ଜଣଙ୍କୁ ସ୍ୱଚ୍ଛ ଭାରତ ମିଶନ ଗ୍ରାମୀଣ ଏବଂ ୭ ଜଣଙ୍କୁ ସହରାଞ୍ଚଳରେ ଶୌଚାଳୟ ନିର୍ମାଣ ନିମନ୍ତେ ୧୨ ହଜାର ଟଙ୍କା ପ୍ରୋତ୍ସାହନ ରାଶିର କାର୍ଯ୍ୟାଦେଶ ବଣ୍ଟନ କରିଥିଲେ ।

## ତୈଳିକ ବୈଶ୍ୟ ସମାଜର ବୈଠକ



ପଦ୍ମପୁର ୧୮।୬ (ସମିସ): ବରଗଡ଼ ଜିଲ୍ଲା ତୈଳିକ ବୈଶ୍ୟ ସମାଜର ଏକ ବୈଠକ ସ୍ଥାନୀୟ ପୁରୋହିତ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ସଭାପତି ଭିଖାରୀ ଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଉପସଭାପତି ମାର୍କଣ୍ଡ ସା, ସ୍ୱର୍ଣ୍ଣକାନ୍ତି ସାହୁ, ସମ୍ପାଦକ ଡ. ଭକ୍ତ ପୂରଣ ସାହୁ, ଝାରବନ୍ଧ ବ୍ଲକ ସଭାପତି ସାର୍ତ୍ତିକ ସାହୁ, ପାଇକମାଳ ବ୍ଲକ ସଭାପତି ବଳରାମ ସାହୁ, ଗାଇସିଲେଟ ବ୍ଲକ ସଭାପତି ପରମେଶ୍ୱର ସାହୁ, ସୋହେଲା ବ୍ଲକ ସଭାପତି ବୁଦ୍ଧଦେବ ସାହୁ, ବରଗଡ଼ ବ୍ଲକ ସଭାପତି ପ୍ରେମରାଜ ସାହୁ, ଭଟଲି ସମ୍ପାଦକ, ଜିଲ୍ଲା ସଭ୍ୟ ପିତାମ୍ବର ସାହୁ, ମୁକୁନ୍ଦଦେବ ସାହୁ, ରତ୍ନାକର ସା, କନକ ମଞ୍ଜରୀ ସାହୁ, ଜୟ କୁମାର ସାହୁ, କୃଷ୍ଣଚନ୍ଦ୍ର ସାହୁ, ବସୁଧା ସାହୁ, ପଦ୍ମପୁର ନଗର ପଞ୍ଚାୟତ ସଭାପତି ବିଶ୍ୱେଶର ସାହୁ, ଦେବରାଜ ସାହୁ ପ୍ରମୁଖଙ୍କ ସମେତ ଅନେକ ଜାତି ଭାଇ ଭଉଣୀ ଯୋଗ ଦେଇଥିଲେ । କେତେକ ସାମାଜିକ ସମସ୍ୟାର ସମାଧାନ କରାଯିବା ସହିତ ଜାତିର ସର୍ବବିଧ ପ୍ରଗତି ପାଇଁ ସମସ୍ତଙ୍କ ସହଯୋଗ କାମନା କରାଯାଇଥିଲା ।

## ଉପଖଣ୍ଡସ୍ତରୀୟ ବିକାଶ ମେଳା




ପଦ୍ମପୁର, ୧୮।୬(ସମିସ): ପଦ୍ମପୁର ଇନ୍‌ଡୋର ଷ୍ଟାଡିୟମ୍‌ଠାରେ ଉପଖଣ୍ଡସ୍ତରୀୟ ବିକାଶ ମେଳା ଅନୁଷ୍ଠିତ ହୋଇଯାଇଛି । ଏହି ମେଳାକୁ ବରଗଡ଼ ଜିଲ୍ଲା ପ୍ରଭାରି ତଥା ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ମନ୍ତ୍ରୀ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଏବଂ ଅନ୍ତ୍ୟୋଦୟ ଗୃହ ଯୋଜନା ଭଳି ଭିଭିନ୍ନ ସରକାରୀ ଯୋଜନାରେ ସହାୟତା ରାଶି ଏବଂ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ । ଉପଖଣ୍ଡର ସଫଳ କଳା ଧାନ ଚାଷୀ ଝାରବନ୍ଧ ବ୍ଲକ ମହଗାଁର ଗୁଣନିଧି ନାୟକ, ଜମରତଲାର ସଫଳ କପା ଚାଷୀ ରବୀନ୍ଦ୍ର ସାହୁ, ସଫଳ ସୁଭଦ୍ରା ହିତାଧିକାରୀ ମହୁଲପାଲିର ଡାଳିମ୍ବ ସାହୁ ଏବଂ ସଫଳ ଲକ୍ଷପତି ଦିଦି ଭୁମିସୁତା ସାହୁଙ୍କ ସମେତ ଗନ୍ଧମାର୍ଦ୍ଦନ ପର୍ବତର ସୁରକ୍ଷାରେ ନିୟୋଜିତ ଜର୍ଜଗଡ଼ ବିନ୍ଧ୍ୟବାସିନୀ ବନ ସୁରକ୍ଷା ସମିତି, ଗୁରୁଣ୍ଡା ବନ ସୁରକ୍ଷା ସମିତି, ରାଇବାହାଦୁରପୁର ବନ ସୁରକ୍ଷା ସମିତି ଏବଂ ଧଉଲିବାହାଲ ବନ ସୁରକ୍ଷା ସମିତିକୁ ସମ୍ମାନିତ କରିଥିଲେ । ସମ୍ମାନିତ ଅତିଥି ଭାବେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ମଞ୍ଚାସୀନ ଥିଲେ । ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ପଦ୍ମପୁର ଅତିରିକ୍ତ ଜିଲ୍ଲାପାଳ କୃଣାଲ ମୋତିରାମ ଚୌହାନ ଏବଂ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ କୁମାର ଲୁହା ମଞ୍ଚାସୀନ ଥିଲେ ।

## ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ଭେଟିଲେ ବରିଷ୍ଠ ନାଗରିକ



ପଦ୍ମପୁର, ୧୮।୬ (ସମିସ): ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟ ପରିଦର୍ଶନ ବେଳେ ଓଡ଼ିଶାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କୁ ବରିଷ୍ଠ ନାଗରିକ ସଂଘର କର୍ମକର୍ତ୍ତାମାନେ ସାକ୍ଷାତ କରି ଉପଖଣ୍ଡ ଚିକିତ୍ସାଳୟରେ ରହିଥିବା ବିଭିନ୍ନ ସମସ୍ୟାର ସମାଧାନ ନେଇ ଆଲୋଚନା କରିଛନ୍ତି । ଚିକିତ୍ସାଳୟରେ ଖାଲି ପଡ଼ିଥିବା ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତର, ନର୍ସିଂ ଅଫିସର ଏବଂ ଚକ୍ଷୁବିଭାଗକୁ ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟକ୍ଷମ କରିବା, ପାରାମେଡ଼ିକାଲ ଷ୍ଟାଫ୍ ଅଭାବ ସହିତ ଅଟୋଆନାଲାଇଜର ମେସିନ, ଅଲଟ୍ରାସାଉଣ୍ଡ ମେସିନକୁ କାର୍ଯ୍ୟକ୍ଷମ କରିବା ସହ ଆନୁଷଙ୍ଗିକ ସମସ୍ୟା ଉପରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ମନ୍ତ୍ରୀଙ୍କ ସହ ଆଲୋଚନା ସମୟ ରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ପଦ୍ମପୁର ଅତିରିକ୍ତ ଜିଲ୍ଲାପାଳ କୁନାଲ ମୋତିରାମ ଚଉନ, ଜିଲ୍ଲା ଚିକିତ୍ସାଧିକାରୀ ଶ୍ରୀ ମହନ୍ତ, ଉପଖଣ୍ଡ ଚିକିତ୍ସାଧିକାରୀ ଡା.ଆଶୁତୋଷ ହୋତା ପ୍ରମୁଖ ଉପସ୍ଥିତ ଥିଲେ । ବରିଷ୍ଠ ନାଗରିକ ସଂଘର ସଭାପତି ଜୟନାରାୟଣ ତ୍ରିପାଠୀ, ସଦସ୍ୟ ରାସବିହାରୀ ତ୍ରିପାଠୀ ଓ ଅନ୍ୟମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ଚିଡ଼ିଆଖାନାରେ ଗୋ ଗ୍ରୀନ୍ କାର୍ଯ୍ୟକ୍ରମ



ବରଗଡ଼, ୧୮ ।୬(ସମିସ): ସମ୍ବଲପୁର ଚିଡିଆଖାନାରେ ପରିବେଶ ସଚେତନତା ନେଇ ଗୋ ଗ୍ରୀନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ହୀରାକୁଦ ୱାଇଲ୍ଡ ଲାଇଫ ଡିଏଫଓ ଅଂଶୁପ୍ରଜ୍ଞା ଦାଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆନ୍ତର୍ଜାତୀୟ ମାନ୍ୟତାପ୍ରାପ୍ତ ପ୍ରଶିକ୍ଷକ ଜୟପ୍ରକାଶ ଶତପଥୀ ଯୋଗଦେଇ ପରିବେଶର ସୁରକ୍ଷା ଦାୟିତ୍ୱ ସମସ୍ତଙ୍କର ବୋଲି କହିଥିଲେ । ଗୋ ଗ୍ରୀନ୍ କାର୍ଯ୍ୟକ୍ରମକୁ ନେଇ କିପରି ପରିବେଶକୁ ସୁନ୍ଦର ରଖି ହେବ ସେ ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ଶ୍ରୀ ଶତପଥ ବିଭିନ୍ନ ଉପଦେଶ ô ପ୍ରଦାନ କରିଥିଲେ । ଏ ଅବସରରେ ସମ୍ବଲପୁରର ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ । ବନ୍ୟପ୍ରାଣୀ ବିଭାଗର କର୍ମଚାରୀମାନେ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ।

## ମଣ୍ଡିରେ ଧାନ କ୍ରୟ ସମସ୍ୟାକୁ ନେଇ ତାତିଲେ ଚାଷୀ

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ କୃଷକ ସଂଗଠନର ଧରଣା

- ପ୍ରତିଶ୍ରୁତି ପରେ ଅନ୍ଦୋଳନ ପ୍ରତ୍ୟାହୃତ
- ଶୁକ୍ରବାର ସୁଦ୍ଧା ଧାନ କ୍ରୟ ନ ହେଲେ ପୁଣି ଆନ୍ଦୋଳନ

ବରଗଡ଼, ୧୮ ।୬(ସମିସ):

ବରଗଡ଼ ଜିଲ୍ଲାର ବିଭିନ୍ନ ମଣ୍ଡିରେ ଧାନ ବିକ୍ରିକୁ ନେଇ ସମସ୍ୟା ଦେଖାଦେଇଛି । ଯାହାକୁ ନେଇ ଏବେ ତାତିଛନ୍ତି ଚାଷୀ ସହ କୃଷକ ସଂଗଠନ । ମୌସୁମୀ ବର୍ଷା ଯୋଗୁଁ ଚାଷୀଙ୍କ ଧାନ ଭିଜି ନଷ୍ଟ ହେଉଥିବାବେଳେ ମଣ୍ଡିରେ ଆଉ ଧାନ ନ ଯିବା ନିଷ୍ପତ୍ତି ଜିଲ୍ଲା ପ୍ରଶାସନକୁ ଅଡୁଆରେ ପକାଇ ଦେଇଛି । ଅନ୍ୟପଟରେ ମଣ୍ଡିରେ ଧାନ କ୍ରୟରେ ଦେଖାଦେଇଥିବା ସମସ୍ୟାର ସମାଧାନ ଦାବି କରି ଅତାବିରା, ଜଂଗେଡ଼, ପାହାଡଶ୍ରୀଗୀଡା, ମନପଡ଼ା, ଗୋଡଭଗା, ଲହଣ୍ଡା, କାଠଡେରା, ଭେଡେନ ବ୍ଲକ ରଷୁଡ଼ା, ପପଙ୍ଗା, ଲରମ୍ଭା, କୁଲୁଣ୍ଡା, ପତ୍ରାପାଲି, ମହଲେ, ଅର୍ଜୁଣ୍ଡା, ବରଗଡ଼ର ଚକରକେନ୍ଦ, ଭଟଲିର ଜଡ଼ା ମଣ୍ଡିରୁ ଶହଶହ ଚାଷୀ ଆସି ବୁଧବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଦିନ ୧୦ ଟାରୁ ୬ଟା ପର୍ଯ୍ୟନ୍ତ ଧାରଣାରେ ବସିଥିଲେ । ଏହି ଧାରଣାର ନେତୃତ୍ୱ ଓଡ଼ିଶା ରାଜ୍ୟ କୃଷକ ସଂଗଠନ ନେଇଥିବା ବେଳେ ସଂଯୁକ୍ତ କୃଷକ ସଂଗଠନ ସହଯୋଗ କରିଥିଲା । ଦୀର୍ଘ ୮ ଘଣ୍ଟା



ଧାରଣା ପରେ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ ଏବଂ ସିଏସ୍‌ଓ ବିଭୁ ପ୍ରସନ୍ନ ଆଚାର୍ଯ୍ୟ ଧାରଣା ସ୍ଥଳକୁ ଆସି ଚାଷୀମାନଙ୍କ ଦାବି ଶୁଣିଥିଲେ । ପରେ ପଞ୍ଜିକୃତ ସମସ୍ତ ଚାଷୀଙ୍କ ଧାନ ମଣ୍ଡିରେ ଗ୍ରହଣ କରାଯିବ, ଧାନ କିଣା ତ୍ୱରାନ୍ୱିତ କରାଯିବ ଏବଂ କାହାରି ଟୋକନ ଲାପ୍ସ ହେବ ନାହିଁ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା । ଶୁକ୍ରବାର ପର୍ଯ୍ୟନ୍ତ ଧାନ କିଣା ଠିକଠାକ ନ ଚାଲିଲେ ପୁଣି ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଶନିବାର ଦିନ ଠାରୁ ସଂଗଠନ ତରଫରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ କରାଯିବ ବୋଲି ଘୋଷଣା କରାଯାଇଛି । ଧାରଣାରେ ଟିକେଲାଲ ମିଶ୍ର, ବିଦ୍ଧାଦେବ ନନ୍ଦ, ସୁରେଶ କର୍ଣ୍ଣ, ଅମୁଲ୍ୟ ସ୍ୱାଇଁ, ପି. ସଦ ବାବୁ, ପାପା ରାଓ ଚୌଧୁରୀ, କୁଷ୍ଣ ବାବୁ, ସେନାପତି ଧର, ପ୍ରତାବ ଗଡ଼ତିଆ, ଲେଲିନ ପଧାନ, ଭୁବନ ପଧାନ, ସୁବାସ ବିଶ୍ୱାଲ, ରବିଶଙ୍କର ପଧାନ, ସୁରେଶ ନିକେଣ୍ଟି, ରମେଶ ମହାପାତ୍ର ନେତୃତ୍ୱ ନେଇଥିଲେ ।

## ଜିଲ୍ଲାପାଳଙ୍କୁ ବରଗଡ଼ ନାଗରିକ ମଞ୍ଚର ଦାବିପତ୍ର



**ବରଗଡ଼, ୧୮।୬(ସମିସ):** ବରଗଡ଼ ଜିଲ୍ଲାର ବିଭିନ୍ନ ସମସ୍ୟା ତଥା ଉନ୍ନତି ମୂଳକ କାର୍ଯ୍ୟକୁ ନେଇ ବରଗଡ଼ ନାଗରିକ ମଞ୍ଚ ପକ୍ଷରୁ ସାତ ଦଫା ସମ୍ବଳିତ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି । ଜିଲ୍ଲା ତଥା ସହରର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି, ନିଶା କାରବାର, ପରିମଳ ବ୍ୟବସ୍ଥା, ସ୍ୱାସ୍ଥ୍ୟ ସେବା ଭଳି ପ୍ରସଙ୍ଗକୁ ପ୍ରାଧାନ୍ୟ ଦେଇ ନାଗରିକ ମଞ୍ଚ ତରଫରୁ ଏହି ଦାବିପତ୍ର ଦିଆଯାଇଛି । ବହୁ ଚର୍ଚ୍ଚିତ ଲେଙ୍ଗୁ ମିଶ୍ର ଛକରୁ ଜୀରା ବ୍ରିଜ୍ ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ କରି ରାସ୍ତା ପ୍ରଶସ୍ତିକରଣ କରିବାକୁ ମଞ୍ଚ ଦାବି କରିଛି । ସେହିପରି ଜର୍ଜ ହାଇସ୍କୁଲ ପଡ଼ିଆର ଉନ୍ନତି କରଣ ତଥା ସୁରକ୍ଷା, ଆଲୋକୀକରଣ କରିବାକୁ ମଞ୍ଚ ଦାବି କରିଛି । ନବ ନିର୍ମିତ ଜୀରା ବ୍ରିଜ୍‌କୁ ସ୍ୱାଧୀନତା ସଂଗ୍ରାମୀ ଫକୀର ବେହେରାଙ୍କ ନାମରେ ନାମିତ କରିବାକୁ ଦାବି ହୋଇଛି । ଇଥାନଲ ପ୍ଲାଣ୍ଟରେ ସ୍ଥାନୀୟ ଯୁବକଯୁବତୀଙ୍କୁ ନିଯୁକ୍ତି ଦେବା, ବରଗଡ଼ ସହରରେ ରାତ୍ରି କାଳୀନ ଔଷଧ ଦୋକାନ ଖୋଲିବାକୁ ବରଗଡ଼ ନାଗରିକ ମଞ୍ଚ ଦାବି କରିଛି । ସଭାପତି ବରିଷ୍ଠ ଆଇନଜୀବୀ ଭୀଷ୍ମ ଦେବ ସରାଫଙ୍କ ନେତୃତ୍ୱରେ ଏହି ଦାବିପତ୍ର ଦିଆଯାଇଥିଲା । ଅନ୍ୟ ସଦସ୍ୟଙ୍କ ମଧ୍ୟରେ ସମ୍ପାଦକ ଭବାନୀ ସାହୁ, ଉପସଭାପତି ଶୟନ ପଣ୍ଡା ଓ ଟିଙ୍କୁ ନନ୍ଦ, ସୁରଥ ସାହୁ, ଗୋବିନ୍ଦ ଶର୍ମା, ସାମ୍ବାଦିକ ନିତ୍ୟାନନ୍ଦ ବାଗ, ଶିବାନନ୍ଦ ମଟାରୀ, ନିଖିଳ ପାଣିଗ୍ରାହୀ, ମହେନ୍ଦ୍ର ପୁରୋହିତ, ସଚ୍ଚିଦାନନ୍ଦ ପଣ୍ଡା, ସୁଦାମ ସାହୁ, ଲତିଫ ଖାନ, ମନୋହର ପ୍ରଧାନ, ସୁଶାନ୍ତ ସାହୁ, ଲାଲା ଦୀପ, ଜିଭି ରାଓ, ସୁବାଷ ପ୍ରଧାନ, ଜୀବନ ଲାଲ ଚୌଧୁରୀ, ଗଙ୍ଗାଧର ପୂଝାରୀ, ଲଳିତ ମିଉଳ, ରମେଶ ବେହେରା, ଜିତୁ ମେହେର, ଆଶିଷ ତ୍ରିପାଠୀ, ପଞ୍ଚାନନ ବିର୍ତିଆ, ମୁକୁନ୍ଦ ତାଣ୍ଡି, ଫିରୋଜ ଖାନ, ଅନିରୁଦ୍ଧ ନାୟକ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

## ନିଟ୍ ପରୀକ୍ଷାରେ ସୌମ୍ୟାଶ୍ରୀଙ୍କ ସଫଳତା



ପାଇକମାଳ, ୧୮ ।୬(ସମିସ): ପାଇକମାଳ ବ୍ଲକ ମାଣ୍ଡୋସିଲ ପଞ୍ଚାୟତ ଧାରୋଲ ଗାଁର ସୌମ୍ୟାଶ୍ରୀ ପ୍ରଧାନ ଚଳିତ ନିଟ୍ ପରୀକ୍ଷାରେ ସଫଳତା ହାସଲ କରିଛନ୍ତି । ସେ ୭୨୦ ମାର୍କରୁ ୫୨୬ ମାର୍କ ରଖି ଓବିସି ବର୍ଗରେ ୧୨୧୮୫ ର୍‍ୟାଙ୍କରେ ରହି ଡାକ୍ତରୀ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ସୌମ୍ୟାଶ୍ରୀ ପିଲାବେଳୁ ମେଧାବୀ ଛାତ୍ରୀ ଥିଲେ । କଠିନ ପରିଶ୍ରମ ଅସୀମ ଧର୍ଯ୍ୟ ପରୀକ୍ଷାରେ ତାଙ୍କୁ ସଫଳତା ଦେଇଛି ବୋଲି ସେ କହିଛନ୍ତି । ସୂଚନାଯୋଗ୍ୟ, ଧାରୋଲ ଗାଁର ତେଜରାଜ ପ୍ରଧାନ ଓ ନିରୋଜ ନଳିନୀ ପ୍ରଧାନଙ୍କ ଝିଅ ଅଟନ୍ତି ସୌମ୍ୟାଶ୍ରୀ । ତାଙ୍କ ବାପା ଜଣେ ପ୍ରାଥମିକ ଶିକ୍ଷକ ହୋଇଥିବା ବେଳେ ମା' ଗୃହିଣୀ ଅଟନ୍ତି । ଡାକ୍ତରୀ ଶିକ୍ଷା ପରେ ସେ ସୁଚାରୁରୂପେ ରୋଗୀସେବା କରିବାକୁ ପ୍ରାଥମିକତା ଦେବେ ବୋଲି କହିଛନ୍ତି ।

## ନୃସିଂହନାଥ ମନ୍ଦିର ଉନ୍ନତିକରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ



ପାଇକମାଳ, ୧୮ ।୬(ସମିସ): ନୃସିଂହନାଥ ମନ୍ଦିରର ଉନ୍ନତିକରଣ କାର୍ଯ୍ୟର ବୁଧବାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଓ ସମ୍ମାନିତ ଅତିଥି ଭାବେ ବରଗଡ଼ ସାଂସଦ ପ୍ରଦିପ ପୁରୋହିତ, ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଏହି ସମୟରେ ମନ୍ଦିର କୁଳ ପୁରୋହିତ ସୁନିଲ ପୁରୋହିତ ଓ ପ୍ରେମାନନ୍ଦ ଦେବତା ପୂଜାର୍ଚ୍ଚନା କରିଥିଲେ । ଏହି ଉନ୍ନତିକରଣ କାମର ବ୍ୟୟ ଅଟକଳ ୧ କୋଟି ଟଙ୍କା ବୋଲି ଜଣାପଡ଼ିଛି । ଏହାପରେ ଅତିଥିମାନଙ୍କ ଦ୍ୱାରା ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରାଯାଇଥିଲା । ଏଥିରେ ବରଗଡ଼ ଡିଏଫଓ ବିକ୍ରମ ଦେବ ପଟ୍ଟନାୟକ, ପାଇକମାଳ ବ୍ଲକ ଅଧ୍ୟକ୍ଷା ଭାବନା ସିଂ, ପଦ୍ମପୁର ଏଡିଏମ କୁନାଲ ମୋତିରାମ ଚୌହାନ, ପାଇଲମାଳ ବିଡିଓ ପ୍ରଫୁଲ କୁମାର ଓଦ୍ର, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

## ଚଣ୍ଡୀଭଟାରେ ବିକାଶ ବାହନ ରଥକୁ ସ୍ୱାଗତ

ବରଗଡ଼, ୧୮ ।୬(ସମିସ): ଝାରବନ୍ଧ ବ୍ଲକ ଚଣ୍ଡୀଭଟା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ବିକାଶ ବାହନ ରଥକୁ ସ୍ୱାଗତ କରାଯାଇଥିଲା । ଚଣ୍ଡୀଭଟା ସରପଞ୍ଚ କଳ୍ପନା ସେଠଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବରଗଡ଼ ସାଂସଦ ପ୍ରତିନିଧି ପଦ୍ମନ ରଣା ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ଜୟନ୍ତ ଦୁଧେକା, ସାରଦା ନାୟକ, ଯଶୋବନ୍ତ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ଅନ୍ତ୍ୟୋଦୟ ଗୃହ ଯୋଜନାର ପାଞ୍ଚ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ, ପଚିଶ ଜଣ ହିତାଧିକାରୀଙ୍କୁ ଭତ୍ତା, ଦଶ ଜଣଙ୍କୁ ଜବକାର୍ଡ ଏବଂ ଜଣଙ୍କୁ ରାସନ କାର୍ଡ ଅତିଥିମାନେ ପ୍ରଦାନ କରିଥିଲେ । କଳାକାର ମୀନକେତନ ଭୋଇ ଏବଂ ସାଥି ମା' କରମସାନି ଦଳ ସଲଡିହି ଦ୍ୱାରା ନିଶା ନିବାରଣ ଏବଂ ଆଇନ ଗତ କାର୍ଯ୍ୟାନୁଷ୍ଠାନ ବିଷୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅରୁଣ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ । ବିକାଶ ବାହନ ଦାୟିତ୍ୱରେ ଥିବା ବିଏସ୍‌ଏସ୍‌ଓ ଆଶିଷ କାଣ୍ଡୁଲାନା, ଏଡିଇଓ ବୃନ୍ଦାବନ ସାହୁ, ଗ୍ରାମ ସାଥି ସଞ୍ଜୀବ ବାରିକ, ବସନ୍ତ ପ୍ରଧାନ ତଥା ଗ୍ରାମପଞ୍ଚାୟତର ଏମ୍‌ବିକେ ସିଆର୍‌ପି, ଅଙ୍ଗନବାଡି କର୍ମୀ, ଆଶା କର୍ମୀ, ଚଣ୍ଡୀଭଟାବାସୀନ୍ଦା ଉପସ୍ଥିତ ଥିଲେ ।

## ମନରେଗାର ସାମାଜିକ ସମୀକ୍ଷା ଗ୍ରାମସଭା

ବରଗଡ଼, ୧୮ ।୬(ସମିସ): ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ମନରେଗା) ଏବଂ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାର ତୃତୀୟ ପର୍ଯ୍ୟାୟ ସାମାଜିକ ସମୀକ୍ଷା ଗ୍ରାମସଭା ଭଟଲି ବ୍ଲକ ସୁକୁଡ଼ା ଓ ନାରଙ୍ଗପୁର ଗ୍ରାମ ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି । ଗୋଷ୍ଠୀ ସାମାଜିକ ସମୀକ୍ଷକ ମାଧବ ପ୍ରସାଦ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭାରେ ମନରେଗାରେ ୨୦୨୪ ଅକ୍ଟୋବର ୧ ରୁ ୨୦୨୫ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ହୋଇଥିବା ବିଭିନ୍ନ ପ୍ରକଳ୍ପରେ ବ୍ୟବହୃତ କାଗଜପତ୍ର ଯାଞ୍ଚ କରାଯାଇଥିଲା । ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ୨୦୨୪ ଏପ୍ରିଲ ୧ରୁ ୨୦୨୫ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ବାହାରିଥିବା ବିଭିନ୍ନ ସମସ୍ୟା ଓ ଅଭିଯୋଗ ଗ୍ରାମ୍ୟ ସମ୍ବଳ କର୍ମୀଙ୍କ ଦ୍ୱାରା ଗ୍ରାମସଭାରେ ଉପସ୍ଥାପନ କରାଯାଇ ନିଷ୍ପତ୍ତି ନିଆଯାଇଥିଲା । ଗୋଷ୍ଠୀ ସାମାଜିକ ସମୀକ୍ଷକ ସୁକୁଡ଼ା ପଞ୍ଚାୟତ ଗ୍ରାମସଭାରେ ଯୋଗଦେଇ ମନରେଗାରେ ହେଉଥିବା ବିଭିନ୍ନ ପ୍ରକଳ୍ପର କାର୍ଯ୍ୟକାରିତା ଉପରେ ଆଲୋକପାତ କରିଥିଲେ । ଗ୍ରାମସଭାରେ ସୁକୁଡ଼ା ସରପଞ୍ଚ ନିଳିମା ବନଛୋର, ନାରଙ୍ଗପୁର ସରପଞ୍ଚ ପିଙ୍କି ପାଣ୍ଡେ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ନବୀନ କୁମାର ସାହୁ, ଯୋଗାଣ ସହାୟକ ଭୁବନ ସାହୁ, ଗ୍ରାମ୍ୟ ସମ୍ବଳ କର୍ମୀ, ଶ୍ରମିକ, ଅଙ୍ଗନବାଡି କର୍ମୀ, ଆଶା, ଏମବିକେ, ସିଆରପି, ପଞ୍ଚାୟତର ସମସ୍ତ ୱାର୍ଡ ସଭ୍ୟସଭ୍ୟା ତଥା ସ୍ୱଙ୍ଗ ସହାୟକ ଗୋଷ୍ଠୀର ସଦସ୍ୟମାନେ ଉପସ୍ଥିତ ଥିଲେ । ରେକର୍ଡ ପତ୍ର ଯାଞ୍ଚ ସମୟରେ ବାହାରିଥିବା ବିଭିନ୍ନ ସମସ୍ୟାର ସମାଧାନ କରିବାପାଇଁ ଗ୍ରାମସଭାରେ ପ୍ରସ୍ତାବ ଗୃହୀତ ହୋଇଥିଲା । ଗ୍ରାମ୍ୟ ସମ୍ବଳ କର୍ମୀ ଉର୍ବଶୀ ସା, ମମତା ସାହୁ, ମାଧବୀ ଖମାରୀ, ସୌଦାମିନୀ ମହାନନ୍ଦ, ପିଙ୍କି ମେହେର ଏବଂ ସୁଷମା ବଣିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



## ଆଦାନୀ ଫାଉଣ୍ଡେସନ ସମ୍ବର୍ଦ୍ଧିତ



ବରଗଡ଼, ୧୮ ।୬(ସମିସ): ଆଦାନୀ ଫାଉଣ୍ଡେସନକୁ ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ, ପାରିପାର୍ଶ୍ୱିକ ଉନ୍ନତିରେ ଅବଦାନ ନିମନ୍ତେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ସମ୍ବର୍ଦ୍ଧିତ କରିଛନ୍ତି । ଏହି ଅବସରରେ ଜିଲ୍ଲାର ବହୁ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରାଣୀ ମଞ୍ଜୁ ଏକ୍କା, ଶିଶୁ ମଙ୍ଗଳ ସମିତି ସଭ୍ୟ ରାଧା ଅଗ୍ରୱାଲ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସନ୍ଧ୍ୟା ରାଣୀ ନେପାକଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ । ଆଦାନୀ ଫାଉଣ୍ଡେସନର ପ୍ରଦୀପ୍ତ କୁମାର ମହାନ୍ତି ରିପୋର୍ଟ ଉପସ୍ଥାପନ କରିଥିଲେ । ଆଦାନୀ ଫାଉଣ୍ଡେସନ ପକ୍ଷରୁ ପ୍ରଦୀପ କୁମାର ମହାନ୍ତି, ଡା. ସୁଜିତ୍ ନାୟକ, ଦୀପକ ଗୁପ୍ତା ପ୍ରମୁଖ ଅଧିକାରୀ ଉପସ୍ଥିତ ଥିଲେ ।

# ଦମୟନ୍ତୀକୁ ସରକାରୀ ସହାୟତା କେବେ?

ପାଇକମାଳ, ୧୮ ।୬(ସମିସ):

ବରଗଡ଼ ଜିଲ୍ଲା ପାଇକମାଳ ବ୍ଲକ ଜାମସେଠ ଗାଁର ଢୁଡାପଡ଼ାର ଦମୟନ୍ତୀ ତାଣ୍ଡି ଜାତୀୟ ପରିବାର ମଙ୍ଗଳ ଯୋଜନା(ଏନଏଫବିଏସ)ରେ ସହାୟତା ପାଇଁ ଅବେଦନ କରି ୨ ବର୍ଷ ବିତିଛି । ତଥାପି ତାଙ୍କୁ ସହାୟତା ରାଶି ମିଳିନାହିଁ । ଦମୟନ୍ତୀଙ୍କୁ କେବେ ଏହି ଯୋଜନାରେ ସରକାରୀ ସହାୟତା ମିଳିବ ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି । ସୂଚନାନୁଯାୟୀ, ଦମୟନ୍ତୀଙ୍କ ସ୍ୱାମୀ ଚୈତନ୍ୟ ତାଣ୍ଡି କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଦୀର୍ଘ ଦିନ



ଧରି ଚିକିତ୍ସିତ ହେଉଥିଲେ । ଅର୍ଥାଭାବ ଯୋଗୁଁ ସଠିକ ଚିକିତ୍ସା ଅଭାବରୁ ଗତ ୨୦୨୩ ଫେବୃୟାରୀ ୧୨ରେ ତାଙ୍କର ମୃତ୍ୟୁ ହୋଇଥିଲା । ଏବେ ତାଙ୍କ ପରିବାରରେ ଦମୟନ୍ତୀ ଓ ତାଙ୍କ ଦୁଇ ପୁଅ ଓ ଜଣେ ଝିଅ ରହିଛନ୍ତି । ଅନ୍ତ୍ୟେଷ୍ଟି କ୍ରିୟା ପାଇଁ ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଟଙ୍କା ପ୍ରଶାସନ ପକ୍ଷରୁ ଦିଆଯାଇଥିଲା । ସେ ଏବେ ପଞ୍ଚାୟତ ତରଫରୁ ବିଧବା ଭତ୍ତା ଓ ଚାଉଳ ପାଉଛନ୍ତି । ଯାହା ତାଙ୍କ ପରିବାର ଚଳିବା ପାଇଁ ଏକମାତ୍ର ସାହା ଭରସା । ତେବେ ତାହା ସମସ୍ତଙ୍କ ପେଟ ପୋଷିବାକୁ ଯଥେଷ୍ଟ ହେଉ ନଥିବାରୁ ସେ ବ୍ଲକରେ ୨୦୨୩ ଅଗଷ୍ଟ ୩୧ ତାରିଖରେ ଜାତୀୟ ପରିବାର ମଙ୍ଗଳ ଯୋଜନା(ଏନଏଫବିଏସ)ରେ ୨୦ ହଜାର ଆର୍ଥିକ ସହାୟତା ପାଇଁ ଆବେଦନ କରିଥିଲେ । ବିଭିନ୍ନ କାଗଜପତ୍ର ଦେଲାପରେ ବିଭାଗୀୟ କର୍ତ୍ତୃପକ୍ଷ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ବହୁଦିନରୁ କାଗଜପତ୍ର ପଠାଇ ଦେଇଛନ୍ତି ବୋଲି କହିଛନ୍ତି । ହେଲେ ଆଜକୁ ପାଖାପାଖି ୨ ବର୍ଷ ହୋଇଥିଲେ ମଧ୍ୟ ଦମୟନ୍ତୀ ସେହି ଆର୍ଥିକ ସହାୟତା ପାଇନାହାନ୍ତି । ତାଙ୍କ ଆବେଦନ ଫର୍ମ ଷ୍ଟାଟସ୍ ଯାଞ୍ଚ କଲେ ଅନୁମୋଦିତ ହୋଇ ଡିଏସଏସକୁ ଫରୱାର୍ଡ ହୋଇଛି ବୋଲି ଦେଖାଯାଉଛି । ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ତାଙ୍କ ଫର୍ମକୁ ଅନୁମୋଦନ କରି ଶିଘ୍ର ସରକାରୀ ସହାୟତା ପ୍ରଦାନ କରିବାକୁ ବୁଦ୍ଧିଜୀବୀଙ୍କ ମହଲରେ ଦାବି ହୋଇଛି ।

# ଡାଇରିଆ; ଚିନ୍ତା ବଢ଼ାଇଛି ମୁକୁଳା ଡ୍ରେନ୍‌ରେ ପାଣି ପାଇପ




ବାଲେଶ୍ୱର, ୧୮ ।୬ (ସମିସ): ଯାଜପୁର ଓ ଭଦ୍ରକ ପରେ ବାଲେଶ୍ୱର ଜିଲ୍ଲାରେ ଡାଇରିଆ ବ୍ୟାପିବାରେ ଲାଗିଛି । ତେବେ ବାଲେଶ୍ୱରକୁ ବିପଦ ସାଜିଛି ଦୂଷିତ ପାଣି । ସହର ମଧ୍ୟରେ ଏକାଧିକ ମୁକୁଳା ଡ୍ରେନ ଭିତରେ ଦେଇ ଯାଉଛି ପାଣି ପାଇପ । ଯାହାକୁ ନେଇ ଲୋକଙ୍କ ଚିନ୍ତା ବଢ଼ିଛି । ଅନ୍ୟପଟେ ଡାଇରିଆ ମୁକାବିଲା କରିବା ପାଇଁ ଜିଲ୍ଲା ପ୍ରଶାଶନ କେତେମାତ୍ରାରେ ପ୍ରସ୍ତୁତ ରହିଛି ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଅନ୍ୟପଟେ ସହରବାସୀ ବିଶୁଦ୍ଧ ପାଣି ପାଉଛନ୍ତି କି ନାହିଁ ତାହାର ଯାଞ୍ଚ ହେଉ ନାହିଁ । ଫଳରେ ସହରରେ ଡାଇରିଆ ବ୍ୟାପିବାର ଆଶଙ୍କା ସୃଷ୍ଟି ହୋଇଛି । ବିଶେଷ କରି ବାଲେଶ୍ୱର ସହର ମଧ୍ୟରେ ବିଭିନ୍ନ ଡ୍ରେନ ମଧ୍ୟରେ ଯାଇଛି ବିଶୁଦ୍ଧ ପାନୀୟ ଜଳ ପାଇପ । ଏହି ପାଇପ ଗୁଡିକ ମରାମତି ଅଭାବରୁ ତା ଉପରେ ଗଛ ଉଠିଲାଣି ତ ଆଉ କୋଉଠି ଫାଟି ପାଣି ମଧ୍ୟ ବୋହିଲାଣି । ଅନ୍ୟପଟେ ସହରର ଏକାଧିକ ସ୍ଥାନରେ ରାସ୍ତା କଡରେ ଉଠାଦୋକାନୀ ଅର୍ଥାତ ଦହିବରା, ଗୁପଚୁପ ଆଦି ଭଳି ବିଭିନ୍ନ ଖାଇବା ଦୋକାନ ଗୁଡିକ ବସିବା ପାଇଁ ଅନୁମତି ପ୍ରଦାନ କରାଯାଉଛି । ଯାହାଦ୍ୱାରା ସେମାନେ ବ୍ୟବହାର କରୁଥିବା ପାଣି ଉପରେ ମଧ୍ୟ କାହାର ନଜର ରହୁନାହିଁ । ସହରରେ ଏକାଧିକ ବ୍ୟବସାୟୀ ପାଣି ଯୋଗାଇବା ପାଇଁ ବ୍ୟବସାୟ କରୁଛନ୍ତି ଯେଉଁଥିରେ ପାଣିର ମାନ ଠିକ ରହୁଛି କି ନାହିଁ ତାହାର ମଧ୍ୟ ତଦନ୍ତ ହେଉ ନାହିଁ । ଏହାରି ମଧ୍ୟରେ ଏବେ ଡାଇରିଆ ନାଁ ଶୁଣି ଲୋକମାନଙ୍କ ମଧ୍ୟରେ ଛାନିଆ ପସିଯାଇଛି । ଅନ୍ୟପଟେ ଡାଇରିଆକୁ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ସବୁ ବିଭାଗକୁ ନେଇ ଏକ ସମୀକ୍ଷା କରାଯାଇଛି । ମୁଖ୍ୟତଃ ଲୋକମାନଙ୍କୁ କିପରି ଭାବେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବ ସେନେଇ ଜିଲ୍ଲାପାଳ ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପାଣିର ଗୁଣାବତ୍ତା ଉପରେ ବିଶେଷ ଧ୍ୟାନ ଦିଆଯାଉଥିବା ବେଳେ ଗାଁ ଗୁଡିକରେ ଏନେଇ ସଚେତନତା ମଧ୍ୟ କରାଯାଉଛି । ବିଶେଷ କରି ଜିଲ୍ଲାର ୧୨ଟି ବ୍ଲକରେ ୨୪ଟି ମୋବାଇଲ ହେଲଥ ୟୁନିଟ ରହିଛି । ଯାହାକି ଗୋଟିଏ ବ୍ଲକ ପାଇଁ ଦୁଇଟି ରହିଛି । ଯେକୌଣସି ସ୍ଥାନରେ ଡାଇରିଆ ଖବର ପାଇବା ମାତ୍ରେ ତୁରନ୍ତ

- ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୨୦ଟି ଶଯ୍ୟା ପ୍ରସ୍ତୁତ
- ୧୨ଟି ବ୍ଲକ୍‌ରେ ବୁଲୁଛି ୨୪ଟି ମୋବାଇଲ ୟୁନିଟ୍

କାର୍ଯ୍ୟ କରିବ । ଏହାବ୍ୟତିତ ୬୧ଟି ଆମ୍ବୁଲାନସ ରହିଥିବା ବେଳେ ବର୍ତ୍ତମାନ ସୁଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୨୦ଟି ବେଡକୁ ମହଜୁଦ ରଖାଯାଇଛି । ଆବଶ୍ୟକ ହେଲେ ଅଧିକ ବେଡର ବ୍ୟବସ୍ଥା ମଧ୍ୟ କରାଯିବ । ଏହାବ୍ୟତିତ ପ୍ରତି ସିଏଚସି ଓ ପିଏଚସିରେ ମେଡିସିନ ମହଜୁଦ ରହିଥିବା ବେଳେ ଆଶାକର୍ମୀ ଓ ଏଏନଏମ ଦିଦିଙ୍କୁ ମଧ୍ୟ ମେଡିସିନ ପ୍ରଦାନ କରାଯାଇଛି । ଏହାବ୍ୟତିତ ଡାଇରିଆ ରୋଗୀଙ୍କୁ ରାତିରେ କୌଣସି ପ୍ରକାର ଡିସଚାର୍ଜ କରାଯିବ ନାହିଁ ବୋଲି ସ୍ପଷ୍ଟ ମନା କରାଯାଇଥିବା ସୂଚନା ମିଳିଛି । ଏ ନେଇ ସ୍ଥାନୀୟ ବାସିନ୍ଦା ଗିରିଜା ଶଙ୍କର ଦାସ କହିଛନ୍ତି ଯେ, ଜିଲ୍ଲାକୁ ଡାଇରିଆ ପ୍ରବେଶ କରିଛି । ପ୍ରଥମେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପାଣି ଉପରେ ଗୁରୁତ୍ୱାରୋପ କରିବା ଉଚିତ । ସହରରେ ଯାଇଥିବା ଡ୍ରେନ ଏବଂ ପାଣି ପାଇପକୁ ସଠିକ ଭାବେ ପରିଷ୍କାର କରାଯିବା ଉଚିତ । ଡାଇରିଆ ବ୍ୟାପିବାର ମୂଳ କାରଣ ହେଉଛି ଦୂଷିତ ପାଣି । ଏଣୁ ଏହାକୁ ଜିଲ୍ଲା ପ୍ରଶାସନ ସଠିକ ଭାବେ ତଦାରଖ କରିବା ସହ ଗୁପଚୁପ ଓ ଦହିବରାରେ ବ୍ୟବହୃତ ହେଉଥିବା ପାଣି ଗୁଡିକୁ ସଠିକ ଭାବେ ଯାଂଚ କରିବା ଆବଶ୍ୟକ । ଏ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ପ୍ରଭାତ କୁମାର ବେହେରା କହିଛନ୍ତି ଯେ, ଡାଇରିଆ ମୁକାବିଲା ପାଇଁ ସ୍ୱାସ୍ଥ୍ୟ ବିଭାଗ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ରହିଥିବା ବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାଥମିକ ସ୍ତରରେ ୨୦ଟି ବେଡର ବ୍ୟବସ୍ଥା କରାଯାଇଛି । ଅନ୍ୟପଟେ ସିମୁଳିଆରେ ବ୍ୟାପିଥିବା ଝାଡାବାନ୍ତିକୁ ତଦାରଖ କରିବା ପାଇଁ ଏକ ଟିମ୍ ଗଠନ କରାଯାଇ ତଦନ୍ତ କରାଯାଉଛି । ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ କହିଛନ୍ତି ଯେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଝାଡାବାନ୍ତି ରୋଗ ଉପରେ ସମ୍ପୂର୍ଣ୍ଣ ଭାବେ ନଜର ରଖିଛନ୍ତି । ସେହିପରି ଖାଦ୍ୟ ନିରାପତା ବିଭାଗକୁ ଖାଦ୍ୟ ଯାଂଚ ପାଇଁ କୁହାଯାଇଛି । ଏହାଛଡା ପାନୀୟ ଜଳ ଯୋଗାଣ ନେଇ ସମସ୍ତ ଟାଙ୍କି ସଫେଇ କରାଯାଉଛି ।

# ରାସ୍ତାକଡ ଖାଦ୍ୟ ଦୋକାନରେ ଚଢ଼ଉ, ଜରିମାନା ଆଦାୟ

ବାଲେଶ୍ୱର,୧୮ ।୬(ସମିସ): ବାଲେଶ୍ୱର ପ୍ରଶାସନକୁ ଏବେ ଡାଇରିଆ ଚିନ୍ତା ଘାରିଛି । ସହର ବିଭିନ୍ନ ରାସ୍ତାକଡ ଖାଦ୍ୟ ଉପରେ ଚଢ଼ଉ କରାଯାଉଛି । ତେବେ ଆଜି ପୌରପରିଷଦ ପକ୍ଷରୁ ଆଇଟିଆଇ ଛକ ଠାରେ ଥିବା ବିଭିନ୍ନ ଉଠା ଦୋକାନ ଉପରେ ଚଢ଼ଉ କରାଯାଇଛି । ଆଜି ପୌରପରିଷଦର ସ୍ୱାସ୍ଥ୍ୟ ଏବଂ ପରିମଳ ବିଭାଗ



ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଛି । ବିଶେଷ କରି ଆଇଟିଆଇ ଛକ, ଓଟିରୋଡର ଉଭୟପାଶ୍ୱର୍ରେ ଥିବା ଖାଦ୍ୟ ଦୋକାନ, ଷ୍ଟେସନ ଛକ, ପୁଲିସ ଲାଇନ ଛକ, ଏଡିଏମ ଛକ, ଗାନ୍ଧିସ୍ମୃତି ଭବନ ଆଦି ବିଭିନ୍ନ ସ୍ଥାନମାନଙ୍କରେ ଅପରିଷ୍କାର ପାଣି, ବାସୀ ବା ରଙ୍ଗ ମିଶ୍ରିତ ଖାଦ୍ୟକୁ ନେଇ ଯାଞ୍ଚ କରାଯାଇଛି । ଏହାସହିତ ଫାଇନ ମଧ୍ୟ ଆଦାୟ କରାଯାଇଛି । ସେହିପରି ଗୁରୁବାର ଠାରୁ ଅପରିଷ୍କାର ପାତ୍ରରେ ପାନୀୟ ଜଳ ବା ଖାଦ୍ୟ ପଦାର୍ଥ ରଖିଲେ ଦୋକାନ ସିଲ କରାଯିବ ବୋଲି ମଧ୍ୟ ଚେତାବନି ଦିଆଯାଇଛି ବୋଲି ପୌରପରିଷଦର ସ୍ୱାସ୍ଥ୍ୟ ଓ ପରିମଳ ବିଭାଗ ଅଧିକାରୀ କୋମଲ ଲୋଚନ ପାତ୍ର କହିଛନ୍ତି । ଆଇଟିଆଇ ଛକ ଠାରେ ଏକ ଦୋକାନରେ ରଙ୍ଗ ମିଶ୍ରିତ ଖାଦ୍ୟ ଥିବାରୁ ତା ଠାରୁ ଏକ ହଜାର ଟଙ୍କା ଫାଇନ ମଧ୍ୟ ଆଦାୟ କରାଯାଇଛି । ଏହାବ୍ୟତିତ ସମସ୍ତ ଦୋକାନମାନଙ୍କୁ ଖରାପ ହୋଇଥିବା ପାଣି ବୋତଲ ବ୍ୟବହାରକୁ ନିଷିଦ୍ଧ କରାଯାଇଥିବା ବେଳେ ନୂଆ ବୋତଲ ରଖିବାକୁ ପରାମର୍ଶ ଦିଆଯାଇଛି ।

# ଝାଡ଼ାବାନ୍ତିରେ ମହିଳାଙ୍କ ମୃତ୍ୟୁ !

ବାଲେଶ୍ୱର, ୧୮ ।୬ (ସମିସ): ବାଲେଶ୍ୱର ଜିଲ୍ଲାରେ ଝାଡ଼ାବାନ୍ତିରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ନେଇ ପରିବାର ଲୋକଙ୍କ ପକ୍ଷରୁ ଅଭିଯୋଗ ହୋଇଛି । ମୃତ ମହିଳା ଜଣଙ୍କ ହେଉଛନ୍ତି ସୋର ବ୍ଲକ ଅର୍ନ୍ତଗତ ସରଶଙ୍ଖ ଗ୍ରାମର ହେମନ୍ତ ମହାପାତ୍ରଙ୍କ ପତ୍ନୀ ମାମିନା ମହାପାତ୍ର(୩୫) ।



ହେମନ୍ତଙ୍କ କହିବାନୁସାରେ, ଗତ ସୋମବାର ରାତିରେ ମାମିନାଙ୍କ ଝାଡ଼ାବାନ୍ତି ହୋଇଥିଲା । ମଙ୍ଗଳବାର ତାଙ୍କୁ ସୋର ମେଡିକାଲକୁ ଅଣାଯାଇଥିଲା । ହେଲେ ସେଠାରେ ଅଧିକ ଝାଡାବାନ୍ତି ହୋଇଥିଲା । ଫଳରେ ଡାକ୍ତର ତାଙ୍କୁ ଫକୀରମୋହନ ମେଡିକାଲ କଲେଜକୁ ସ୍ଥାନାନ୍ତର କରିଥିଲେ । ପରେ ତାଙ୍କୁ ଫକୀରମୋହନ ମେଡିକାଲ କଲେଜ ଓ ହସ୍ପିଟାଲର ଡାଇରିଆ ୱାର୍ଡରେ ଭର୍ତ୍ତି କରାଯାଇଥିଲା । ତେବେ ମଙ୍ଗଳବାର ରାତିରେ ମାମିନାଙ୍କ ମୃତ୍ୟୁ ଘଟିଛି । ଏ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ପ୍ରଭାତ କୁମାର ବେହେରା କହିଛନ୍ତି ଯେ ମହିଳାଙ୍କ ପୂର୍ବରୁ ପେଟ ରୋଗ ଥିଲା । ଦୁଇ ଦିନ ତଳେ ତାଙ୍କର ବାନ୍ତି ହୋଇଥିଲା । ସୋର ମେଡିକାଲରେ ଚିକିତ୍ସା ପରେ ତାଙ୍କୁ ଫକୀରମୋହନ ମେଡିକାଲ କଲେଜ ଓ ହସ୍ପିଟାଲକୁ ଅଣାଯାଇଥିଲା । ପେଟ ରୋଗ ଯୋଗୁ ତାଙ୍କ ମୃତ୍ୟୁ ଘଟିଛି । ଅନ୍ୟପଟେ ଏକ ଡାକ୍ତରୀ ଟିମ୍ ତାଙ୍କ ଗାଁକୁ ଯାଇ ତଦନ୍ତ କରିଛନ୍ତି ହେଲେ ସେଠାକାର ଆଖପାଖ ଅଞ୍ଚଳରେ କୌଣସି ଝାଡ଼ାବାନ୍ତି ରୋଗୀ ନ ଥିବା ଜଣାଯାଇଛି ।

**କବି ଚନ୍ଦ୍ରକୁମାର ମହାନ୍ତି ସ୍ମୃତି ଉତ୍ସବ ଜୁଲାଇ ୫ରେ**


# 'ଚନ୍ଦ୍ରକୁମାର ମହାନ୍ତି କବିତା ପୁରସ୍କାର' ପାଇବେ ଶୁଭଶ୍ରୀ ଶୁଭସ୍ମିତା

ବାଲେଶ୍ୱର,୧୮।୬ (ସମିସ): କବି ଚନ୍ଦ୍ର କୁମାର ମହାନ୍ତି ସ୍ମୃତି କମିଟି ପକ୍ଷରୁ ପ୍ରତିବର୍ଷ ପ୍ରଦାନ କରା ଯାଉଥିବା 'ଚନ୍ଦ୍ର କୁମାର ମହାନ୍ତି କବିତା ପୁରସ୍କାର' ୨୦୨୫ ପାଇଁ କବି ଶୁଭଶ୍ରୀ ଶୁଭସ୍ମିତା ମିଶ୍ର (ଜନ୍ମ ୧୯୮୨)ପାଇବେ ବୋଲି ସ୍ମୃତି କମିଟି ପକ୍ଷରୁ ଆଜି ଏକ ପ୍ରେସ୍ ବିବୃତ୍ତିରେ



ଘୋଷଣା କରାଯାଇଛି । ବାଲେଶ୍ୱରର ବିଶିଷ୍ଟ କବି ଚନ୍ଦ୍ର କୁମାର ମହାନ୍ତିଙ୍କ ସ୍ମୃତିରକ୍ଷା ନିମନ୍ତେ ଗଠିତ 'ଚନ୍ଦ୍ର କୁମାର ମହାନ୍ତି ସ୍ମୃତି କମିଟି' ପକ୍ଷରୁ ୨୦୧୭ରୁ ଆରମ୍ଭ ହୋଇଥିବା ଏହି ସ୍ମୃତି ଉତ୍ସବ ଅବସରରେ ପ୍ରତିବର୍ଷ ୪୫ରୁ ୫୦ ବର୍ଷ ବୟସ ସୀମା ମଧ୍ୟରେ ଜଣେ ଓଡ଼ିଆ କବିଙ୍କୁ ଚୟନ କରାଯାଇ ସମ୍ମାନିତ କରାଯିବାକୁ ନିଷ୍ପତ୍ତି ନିଆଯାଇଛି । ଚଳିତ ବର୍ଷ ପାଇଁ ମନୋନୀତ ହୋଇଥିବା କବି ଶୁଭଶ୍ରୀ ଶୁଭସ୍ମିତା ମିଶ୍ର ୮ଟି କବିତା ପୁସ୍ତକ ଓ ଗୋଟିଏ ପତ୍ର ଉପନ୍ୟାସର ସ୍ରଷ୍ଟା ହୋଇଥିବା ବେଳେ ଓଡ଼ିଆ କବିତା କ୍ଷେତ୍ରରେ ସେ ବେଶ୍ ପରିଚିତ ଏବଂ ନିରବଚ୍ଛିନ୍ନ ଭାବେ କବିତା ସର୍ଜନାରେ ସକ୍ରିୟ ଅଛନ୍ତି । ସ୍ମୃତି କମିଟି ପକ୍ଷରୁ ଆଗାମୀ ଜୁଲାଇ ୫ ତାରିଖ ରବିବାର ଷ୍ଟେସନ କ୍ଲବ ସଭାଗୃହରେ ଆୟୋଜିତ ହେଉଥିବା ୯ମ ବାର୍ଷିକ ଚନ୍ଦ୍ର କୁମାର ମହାନ୍ତି ସ୍ମୃତି ଉତ୍ସବ ପାଳନ ପରିପ୍ରେକ୍ଷୀରେ ବିଜୟୀ ପ୍ରତିଭାଙ୍କୁ ମାନପତ୍ର ଓ ଉପଢୌକନ ଅର୍ପଣ କରି ସମ୍ବର୍ଦ୍ଧିତ କରାଯିବ ବୋଲି ସ୍ମୃତି କମିଟି ପକ୍ଷରୁ କୃଷ୍ଣ କୁମାର ମହାନ୍ତି ଏବଂ ଉତ୍ପଳ ମହାନ୍ତି ଜଣାଇଛନ୍ତି । ଏହି ସ୍ମୃତି ଉତ୍ସବରେ ବିଶିଷ୍ଟ କବି ବିପିନ ନାୟକ ଏବଂ ସୁଖ୍ୟାତ କବି କେ. ଶ୍ୟାମବାବୁ ଦୋରା ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଏଥିରେ ଅଧ୍ୟକ୍ଷତା କରିବେ ସଭାପତି ସୁବାସ ଚନ୍ଦ୍ର ପାତ୍ର ।

# ଜିଲ୍ଲାସ୍ତରୀୟ ମକଡ୍ରିଲ ପାଇଁ ଟେବୁଲ ଟପ୍ ଏକ୍ସରସାଇଜ



ବାଲେଶ୍ୱର,୧୮ ।୬(ସମିସ): ଅତିରିକ୍ତ ଜିଲ୍ଲାପାଳ ହେମନ୍ତ କୁମାର ସିଂଙ୍କ ଅଧ୍ୟକ୍ଷତାରେ ମକଡ୍ରିଲ ପାଇଁ ଏକ ଟେବୁଲ ଟପ ଏକ୍ସରସାଇଜ ବୈଠକ ଅଡିଟୋରିୟମ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ସମ୍ଭାବ୍ୟ ବନ୍ୟା, ବତ୍ୟା ଏବଂ ଅନ୍ୟାନ୍ୟ ପ୍ରାକୃତିକ ବିର୍ପଯ୍ୟୟର ମୁକାବିଲା ପାଇଁ କିଭଳି ଭାବେ ପ୍ରସ୍ତୁତି କରାଯାଇପାରିବ ସେ ସମ୍ପର୍କରେ ଏହି ବୈଠକରେ ଆଲୋଚନା କରାଯାଇଥିଲା । ଉପକୂଳବର୍ତ୍ତୀ ବାଲେଶ୍ୱର ଜିଲ୍ଲାରେ ବାତ୍ୟା ଏବଂ ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଅନେକ କ୍ଷୟକ୍ଷତି ହେଉଥିବା ବେଳେ ଉପଯୁକ୍ତ ଯୋଜନା ପ୍ରସ୍ତୁତି ଦ୍ୱାରା ଧନଜୀବନର ସୁରକ୍ଷା ହୋଇପାରିବ ବୋଲି ଅତିରିକ୍ତ ଜିଲ୍ଲାପାଳ କହିଥିଲେ । ପୂର୍ବବର୍ଷ ଭଳି ଜିଲ୍ଲାର ବିନ୍ୟା ଓ ବାତ୍ୟାପ୍ରବଣ ଅଂଚଳର ଲୋକମାନଙ୍କୁ ବିପର୍ଯ୍ୟୟ ପ୍ରଶମନ ଓ ମୁକାବିଲାର ବିଭିନ୍ନ ଉପାୟ, ଅନୁସନ୍ଧାନ, ଉଦ୍ଧାର ଓ ପ୍ରାଥମିକ ଚିକିତ୍ସା କାର୍ଯ୍ୟ ସମ୍ବନ୍ଧରେ ସଚେତନ କରିବା ପାଇଁ ଆସନ୍ତା ଜୁନ୧୯ ତାରିଖରେ ସମସ୍ତ ବନ୍ୟା ଓ ବାତ୍ୟା ଆଶ୍ରୟସ୍ଥଳୀରେ ମକ ଡ୍ରିଲ କାର୍ଯ୍ୟକ୍ରମ କରିବା ପାଇଁ ଏହି ବୈଠକରେ ନିଷ୍ପତ୍ତି ହୋଇଛି । ବନ୍ୟା ବାତ୍ୟା ଭଳି ଆକସ୍ମିକ ପ୍ରାକୃତିକ ବିପର୍ଯ୍ୟୟରୁ ଧନ ଜୀବନକୁ ରକ୍ଷା କରି ଶୂନ୍ୟ ମୃତ୍ୟୁ ଆଭିମୁଖ୍ୟକୁ ସାକାର କରିବା ପାଇଁ ପ୍ରସ୍ତୁତିକୁ ସଦା ସର୍ବଦା ସଜାଗ ରହିବା ପାଇଁ ବିଭିନ୍ନ ଦିଗକୁ ନେଇ ଏହି ବୈଠକରେ ଆଲୋଚନା ହୋଇଥିଲା । ଏହି ବୈଠକରେ ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ଜିଲ୍ଲା ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ମଧୁସ୍ମିତା ସାମନ୍ତରାୟ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସମେତ ଜିଲ୍ଲା ଜରୁରୀ ଅଧିକାରୀ ସାଇକୃଷ୍ଣ ଜେନାଙ୍କ ସମେତ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ଅଗ୍ନିଶମ ଅଧିକାରୀ, ଏନଡିଆରଏଫ, ଓଡ୍ରାଫ ବାହିନୀ, ସ୍ୱାସ୍ଥ୍ୟ ବିଭାଗ ସମେତ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ । ଜିଲ୍ଲା ପ୍ରକଳ୍ପ ଅଧିକାରୀ ଅବନୀ କାନ୍ତ ଭୂୟାଁ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ସୁନ୍ଦରପୁର ରଜ ମହୋତ୍ସବ ଉଦ୍‌ଯାପିତ



ଖଇରା,୧୮ ।୬ (ସମିସ): ଖଇରା ବ୍ଲକ ଅଧୀନ ସୁନ୍ଦରପୁର ହାଇସ୍କୁଲ ପଡିଆରେ ୪ଦିନ ଧରି ଚାଲିଥିବା ରଜ ମହୋତ୍ସବ ଉଦ୍‌ଯାପିତ ହୋଇ ଯାଇଛି । କମିଟି ସଭାପତି ପ୍ରାଧାପକ ସୁରେନ୍ଦ୍ର ନାଥ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଜିଲା ପରିଷଦ ସଭ୍ୟ ଗଜେନ୍ଦ୍ର ପ୍ରସାଦ ଦାସ ମୁଖ୍ୟ ଅତିଥି, ଓଷ୍ଟା ସମ୍ପାଦକ ବିଷ୍ଣୁ ପ୍ରସାଦ ମିଶ୍ର, ନନ୍ଦ କିଶୋର ସାହୁ, ଅଜୟ ସ, ବାଲ୍ମିକୀ ନାୟକ, କରୁଣାକର ପାଣି, ସୁରେନ୍ଦ୍ର ସାହୁ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଜୁନିୟରରେ ରଜ କୁଇନ ବସନ୍ତ ମଞ୍ଜରୀ ସାମଲ, ରନର୍ସ ଭାବେ ଶାଳିନୀ ସୁତାର, ଆଦ୍ୟାଶକ୍ତି କବି, ଦେବସ୍ମିତା ସ, ସାଇ ଦିବ୍ୟାଂଶୀ ନାୟକ ଏବଂ ସିନିୟରରେ ରଜ କୁଇନ ସ୍ମୃତିରେଖା ନାୟକ, ରନର୍ସ ଅପ ହରରଶ୍ମି କବିଙ୍କୁ ମୁକୁଟ, ମାନପତ୍ର ଓ ଚେକ ପ୍ରଦାନ କରାଯାଇଥିଲା । କୁଞ୍ଜଲତା ମାହୁନ୍ତ ଓ ବିଶ୍ୱକଲ୍ୟାଣ ନାୟକ ମଞ୍ଚ ପରିଚାଳନା ଓ ବିରଞ୍ଚି ନାରାୟଣ ପଣ୍ଡା ବେଦପାଠ କରିଥିଲେ ।

# ଥେଙ୍ଗଡ଼ିହାରେ ରଜ ପର୍ବ ଉଦ୍‌ଯାପିତ




ରାଜଘାଟ, ୧୮।୬ (ସମିସ): ବସ୍ତା ବ୍ଲକ ଥେଙ୍ଗଡିହାରେ ଆମ ଗାଁ ରଜ ଉଦ୍‌ଯାପିତ ହୋଇଛି । ରଜର ପ୍ରଥମ ଦିନରୁ ଗ୍ରାମର କୁଆଁରୀ ମାନେ ସାଜସଜା ସହ କଂସା ଥାଳିରେ ରଜ ପାନ ଧରି ଗାଁରେ ଥିବା ପ୍ରତ୍ୟେକ ଘରକୁ ଯାଇ ଗୁରୁଜନଙ୍କୁ ମୁଣ୍ଡିଆ ମାରି ସମସ୍ତଙ୍କୁ ନିମନ୍ତ୍ରଣ କରି ପରସ୍ପର ପ୍ରତି ସ୍ନେହ ଓ ନିବିଡ଼ତାର ବାର୍ତ୍ତା ପ୍ରଦାନ କରିଥିଲେ । ଦେ ଭିଜିଅନ ଷ୍ଟୁଡିଓ ର ପ୍ରୟାସରେ କୁଇଜ ମାଧ୍ୟମରେ ଆମ ଗାଁ ରଜ ସୁନ୍ଦରୀ, ମୁଁ ରଜର ରାଜା ଭଳି କାର୍ଯ୍ୟକ୍ରମ ସମସ୍ତ ଙ୍କୁ ଆକୃଷ୍ଟ କରିଥିଲା । ଶେଷରେ କପିଳେଶ୍ୱର ଯୁବ ସଙ୍ଗଠନର ସଭାପତି ରଞ୍ଜିତ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ସଭାରେ ମୁଖ୍ୟ ଅତିଥି ଭାବେ ଗ୍ରାମ ସଭାପତି ଉଦୟ ନାରାୟଣ ପ୍ରଧାନ, ମୁଖ୍ୟବକ୍ତା ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର ସହ ଗ୍ରନ୍ଥାଗାରିକ ମୁକ୍ତେଶ୍ୱର ମହାପାତ୍ର, ବରେଣ୍ୟ ଅତିଥି ଭାବେ ଶିକ୍ଷାବିତ ଅଜୟ ସାହୁ, ସମ୍ମାନିତ ଅତିଥି ଭାବେ ଲେଖକ ଓ କବି ବିକର୍ତ୍ତନ କବି, କାମେଶ୍ୱର ଦାସ, ଅମର ନାଥ ମହାପାତ୍ର, ଦେବେନ୍ଦ୍ର ଦେ, ବଙ୍କିମ ମହାପାତ୍ର ଉପସ୍ଥିତ ହୋଇ ଥିଲେ । କାର୍ଯ୍ୟକ୍ରମରେ ବର୍ଣ୍ଣବୋଧ ଶିକ୍ଷକ ଗଣେଶ ଚନ୍ଦ୍ର ଜେନା ମଞ୍ଚ ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ ।

# ବହୁମୁଖୀ ଭବନର ଗୃହ ପ୍ରବେଶ ଓ ପ୍ରଧାନମନ୍ତ୍ରୀ ଆବାସ ଗୃହ ବଣ୍ଟନର ଶୁଭାରମ୍ଭ

ବାଲେଶ୍ୱର,୧୮।୬(ସମିସ): ରେମୁଣା ଏନଏସିର ୭ନଂ ୱାର୍ଡରେ ନବନିର୍ମିତ ବହୁମୁଖୀ ଭବନର ଗୃହ ପ୍ରବେଶ ଏବଂ ପ୍ରଧାନମନ୍ତ୍ରୀ ଆବାସର କାର୍ଯ୍ୟାଦେଶ ବଣ୍ଟନ କାର୍ଯ୍ୟକ୍ରମ ଅଧ୍ୟକ୍ଷା ତନୁଜା ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ସରକାରୀ ଦଳର ଉପ ମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କର ବିଭିନ୍ନ ଲୋକାଭିମୁଖୀ ତଥା ସମସ୍ତ କର୍ତ୍ତୃପକ୍ଷଙ୍କୁ ୱାର୍ଡବାସୀଙ୍କ ତରଫରୁ କୃତଜ୍ଞତା ଜଣାଇଥିଲେ । ଉପାଧ୍ୟକ୍ଷ ଆହେସାନ୍ ଖାଁ, କାର୍ଯ୍ୟନିର୍ବାହୀ ଅଧିକାରୀ ବିମଲ କୁମାର ଦାସ ଏହାର ନିର୍ମାଣ ଓ ରକ୍ଷଣାବେକ୍ଷଣ ଉଦ୍ଦେଶ୍ୟରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ । କାର୍ଯ୍ୟକ୍ରମରେ ରେମୁଣା ଏନଏସି ଅଧିନସ୍ଥ ମୋଟ ୩୧ ଜଣ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଗୃହର କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି । ଅନ୍ୟମାନଙ୍କ ମଧ୍ୟରେ କାଉନସିଲର ସକୁନ୍ତଳା ମିଶ୍ର, ଶିବଶଙ୍କର ରାୟ, ସୂର୍ଯ୍ୟକାନ୍ତ ମିଶ୍ର,



ଯୋଜନା ସଂପର୍କରେ ଆଲୋକପାତ କରିଥିଲେ । ଉକ୍ତ ୱାର୍ଡର କାଉନସିଲର ବିଶ୍ୱଜିତ ଗାଆଣ ୨୦୨୩-୨୪ ଆର୍ଥିକ ବର୍ଷରେ ରେମୁଣା ଏନଏସି ରେ ଦୁଇଟି ବହୁମୁଖୀ ଭବନ ମୋଟ ୫କୋଟି ୭୧ଲକ୍ଷ ୯୮ହଜାର ୨୨୯ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବାରୁ ଏନଏସି ଅଧ୍ୟକ୍ଷା ଶେଖ୍ ହାଇଦର,ଅଜୟ ବେହେରା, ବିଷ୍ଣୁ ମୋହନ ଦାସ, ସରୋଜ ଦାସ, ସୋନିଆ ସିଂ, ମନୋରଞ୍ଜନ ପରିଡ଼ା, ବିରେନ୍ଦ୍ର ପରମାଣିକ, ତପନ ବେହେରା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥଲେ । ଶେଷରେ ଶିବଶଙ୍କର ଗିରି ଧନ୍ୟବାଦ ଅର୍ପଣ କରିଥିଲେ ।

**ବରିଷ୍ଠ ଆଇନଜୀବୀଙ୍କୁ ମହିଳା ଆଇଏଏସଙ୍କ ଦୁର୍ବ୍ୟବହାର ଘଟଣା**

# ବିଚାର ବିଭାଗୀୟ ତଦନ୍ତ ଦାବି

ବାଲେଶ୍ୱର,୧୮ ।୬ (ସମିସ)

ଚଳିତ ମାସ ୬ତାରିଖରେ ବରିଷ୍ଠ ଆଇନଜୀବୀଙ୍କୁ ମହିଳା ଆଇଏଏସଙ୍କ ଦୁର୍ବ୍ୟବହାର ଘଟଣା ନେଇ ପୁଲିସ ଓ ଓକିଲ ବିବାଦ ସୃଷ୍ଟି ହୋଇଥିଲା । ୭୧ ବର୍ଷ ବୟସ୍କ ପୁରୁଷୋତ୍ତମ ଦାସ ନାମକ ଜଣେ ବରିଷ୍ଠ ଓକିଲଙ୍କୁ ଅପମାନ, ହଇରାଣ, ଆକ୍ରମଣ ଏବଂ ଗିରଫ କରାଯାଇ ମିଥ୍ୟା ଅପରାଧିକ ଅପରାଧରେ ଆଇନ ଅଦାଲତକୁ ପଠାଯାଇଥିଲା ତାହାକୁ ନେଇ ଜିଲ୍ଲା ବାର୍ ଆସୋସିଏସନ ପକ୍ଷରୁ ରାଜ୍ୟ ବାର ଆସୋସିଏସନକୁ ଅବଗତ କରାଯାଇଥିଲା । ଆଜି ରାଜ୍ୟ ବାର୍ ଆସୋସିଏସନର ଅଧ୍ୟକ୍ଷ ସିତାଂଶୁ ମୋହନ ଦ୍ୱିବେଦୀଙ୍କ ସମେତ ବାର କାଉନସିଲର ଅନ୍ୟ ସଦସ୍ୟମାନେ ବାଲେଶ୍ୱର ଆସି ବାର ଆସୋସିଏସନର ଦୁଇ ନମ୍ବର ହଲ ପରିସରରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି । ଏହି ବୈଠକରେ ଆଇନଜୀବୀ ଶ୍ରୀ ଦାସ ତାଙ୍କ ସହ ଉକ୍ତ ଦିନ



ଯାହା ଘଟିଥିଲା ତା ସମ୍ପର୍କରେ ଅଧ୍ୟକ୍ଷଙ୍କୁ ଅବଗତ କରାଇଥିଲେ । ଏହି ବୈଠକରେ ବାର୍ ଆସୋସିଏସନର ସଭାପତି କେଶବ କୁମାର ଆଚାର୍ଯ୍ୟ କହିଥିଲେ ଯେ, ସହଦେବଖୁଣ୍ଟା ଥାନା ପରିସରର ଏକ କୋଠରୀ ଭିତରେ ପୋଲିସ ଅଧିକାରୀଙ୍କ ଉପସ୍ଥିତିରେ ପ୍ରୋବେସନାରୀ ଆଇଏଏସ ଅଧିକାରୀଙ୍କ ଉଚ୍ଚ ହାତ ଯୋଗୁଁ ଏହି ଦୁଃଖଦ ପରିସ୍ଥିତି ସୃଷ୍ଟି ହୋଇଛି ଯାହା ଏକ ସଭ୍ୟ ସମାଜରେ ଅପ୍ରତ୍ୟାଶିତ । ଏହାଛଡା ଓକିଲଙ୍କ ପକ୍ଷରୁ ଦିଆଯାଇଥିବା ଅଭିଯୋଗକୁ ବର୍ତ୍ତମାନ ପର୍ଯ୍ୟନ୍ତ ସହଦେବଖୁଂଟା ଥାନା ଅଧିକାରୀ ମାମଲା ରୁଜୁ କରି ନାହାନ୍ତି ଏଣୁ ତୁରନ୍ତ ଏନେଇ ମାମଲା ରୁଜୁ କରାଯାଉ ବୋଲି ଦାବି କରାଯାଇଥିଲା । ଏହାବ୍ୟତିତ ଓକିଲମାନଙ୍କ ସୁରକ୍ଷା ପାଇଁ ବିଭିନ୍ନ ଦାବି ମଧ୍ୟ ଉପସ୍ଥାପନ କରିଥିଲେ । ବିଶେଷ କରି ନିର୍ବାଚିତ ଓକିଲ ସଂଘର କାର୍ଯ୍ୟକାଳ ଅତି କମରେ ଏକ ବର୍ଷ ପରିବର୍ତ୍ତେ ୩ବର୍ଷ ପାଇଁ କରାଯାଉ, ଓକିଲଙ୍କ ସୁରକ୍ଷା ଆଇନକୁ କଡାକଡି ଭାବରେ ପାଳନ ଏବଂ ବଜାୟ ରଖାଯାଉ, ୪୦ବର୍ଷର ଅଭ୍ୟାସ ସମାପ୍ତ କରି ୬୫ ବର୍ଷ ବୟସ ପୂରଣ କରିବା ପରେ ପ୍ରତି ମାସରେ ଓକିଲମାନଙ୍କୁ ଅତି କମରେ ୩୦ହଜାର ଟଙ୍କା ପେନସନ ଏବଂ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଅଭ୍ୟାସ ପାଇଁ ପ୍ରତି ମାସ ପାଞ୍ଚ ହଜାର ଟଙ୍କା ପର୍ଯ୍ୟନ୍ତ ଭତ୍ତା ପ୍ରଦାନ କରାଯାଉ, ଜୀବନ ରକ୍ଷା ପାଇଁ ଚିକିତ୍ସା ନେଉଥିବା କିମ୍ବା ହେବାକୁ ଥିବା ଓକିଲମାନଙ୍କୁ ଚିକିତ୍ସା ପାଇଁ ୨୦ଲକ୍ଷ ଟଙ୍କା ସ୍ୱାସ୍ଥ୍ୟ ବୀମା ରାଶି ପ୍ରଦାନ କରାଯାଉ, ପ୍ରତ୍ୟେକ ପଞ୍ଜିକୃତ ପ୍ରକୃତ ଓକିଲଙ୍କ ପାଇଁ କଲ୍ୟାଣ ରାଶି ଅତି କମରେ ୩୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଉ ବୋଲି ଦାବି କରାଯାଇଥିଲା । ଏ ନେଇ ରାଜ୍ୟ ବାର ଆସୋସିଏସନର ଅଧ୍ୟକ୍ଷ ଶ୍ରୀ ଦ୍ୱିବେଦୀ କହିଛନ୍ତି ଯେ, ବାଲେଶ୍ୱରରେ ଯେଉଁ ଘଟଣା ଘଟିଲା ତାହା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ । ଏହି ଘଟଣାକୁ ନିନ୍ଦା କରାଯାଇଛି । ଏଣୁ ଗିରଫ ହୋଇଥିବା ଆଇନଜୀବୀଙ୍କ ପକ୍ଷରୁ ଥାନାରେ ଯେଉଁ ଅଭିଯୋଗ କରାଯାଇଛି ତାହାକୁ ତୁରନ୍ତ ମାମଲା ରୁଜୁ କରାଯିବା ସହ ଏହି ଘଟଣାର ଜୁଡିସିଆଲ ତଦନ୍ତ କରାଯାଉ ବୋଲି କହିଛନ୍ତି । ଏହାଛଡା ଘଟଣା ଦିନର ସିସିଟିଭି ପୁଲିସ ଦେବା ସହ ଆଇଏଏସ ପ୍ରବେଶନର ଏବଂ ଥାନା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦାବି କହିଛନ୍ତି । ଏହାଛଡା ବାଲେଶ୍ୱରରୁ ଏକ ଟିମ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦାବି ପତ୍ର ପ୍ରଦାନ କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ବାର ଆସୋସିଏସନର ଫାଇନାନସ କମିଟି ଚେୟାରମେନ ମାନସ ଚାନ୍ଦ, କୋ ଚେୟାରମ୍ୟାନ ଅରୂପାନନ୍ଦ ଦାସଙ୍କ ସମେତ ବାଲେଶ୍ୱର ବାର ଆସୋସିଏସନର ସମ୍ପାଦକ ସମ୍ବିତ କୁମାର ନନ୍ଦୀ, ଉପସଭାପତି ରଣଜିତ ପଣ୍ଡା, କୋଷାଧ୍ୟକ୍ଷ ନିଶାନ୍ତ ପଟ୍ଟନାୟକ, କାର୍ଯ୍ୟକାରୀ ସଦସ୍ୟ ବାସନ୍ତୀ ସାହୁ, ହେମଲତା ମହାପାତ୍ରଙ୍କ ସମେତ ପୂର୍ବତନ ସଭାପତି ମନୋଜ ନାୟକଙ୍କ ସହ ଆଇନଜୀବୀ ଉପସ୍ଥିତ ଥିଲେ ।

## ଭଦ୍ରକରେ ୯୮ ଝାଡ଼ାବାନ୍ତି ରୋଗୀ

# ବନ୍ଦ ହେଲା ଜଳଖିଆ ଦୋକାନ

**ଭଦ୍ରକ/ବାରିକପୁର/ ମଞ୍ଜୁରୀ ରୋଡ,୧୮ ।୬(ସମିସ)**

ଭଦ୍ରକ ଜିଲ୍ଲାରେ ଡାଇରିଆ ରୋଗୀଙ୍କ ସଂଖ୍ୟା ୯୮ବୋଲି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତଥ୍ୟରୁ ଜଣାଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମୋଟ ୭୪ଜଣ ଡାଇରିଆ ରୋଗୀ ଚିକିତ୍ସିତ ହେଉଥିବା ବେଳେ ଏମାନଙ୍କ ମଧ୍ୟରେ ୨୭ଜଣ ପୁରୁଷ ରୋଗୀ, ୩୮ଜଣ ମହିଳା ରୋଗୀ ଓ ୯ଜଣ ଶିଶୁ (୫ବର୍ଷରୁ କମ) ରୋଗୀ ଚିକିତ୍ସିତ ହେଉଥିବା ଜଣାଯାଇଛି। ସେହିଭଳି ଭଣ୍ଡାରିପୋଖରୀ, ବରପଦା, ଧାମନଗର, ଆଗରପଡା, ବାସୁଦେବପୁର, ତିହିଡି ଓ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମୋଟ ୨୪ଜଣ ଡାଇରିଆ ରୋଗୀ ଚିକିତ୍ସିତ ହେଉଥିବା ଜଣାଯାଇଛି।

ଅନ୍ୟପକ୍ଷରେ ଜିଲ୍ଲାରେ କେତେକ ସ୍ଥାନରେ ଖାଦ୍ୟ ବିକ୍ରି ଉପରେ କଟକଣା ଲାଗିଥିବା ବେଳେ କେତେକ ସ୍ଥାନରେ ଚଢ଼ଉ ଜାରି ରହିଛି। ଭଣ୍ଡାରିପୋଖରୀରେ ପ୍ରଥମେ ଷୋଳମପୁର, ମାଳଦା, ରହଣିଆ ଓ ପରେ ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ଅଞ୍ଚଳରେ ଡାଇରିଆ ବ୍ୟାପୁଥିବା ଜଣାଯାଇଛି। ରଜ ଉତ୍ସବ ଅବ୍ୟାହତି ପୂର୍ବରୁ ଅସହ୍ୟ ଗୁଳୁଗୁଳି ଓ ପରବର୍ତ୍ତୀ ସମୟରେ ବର୍ଷା ଯୋଗୁ ଏହି ରୋଗ ଅଧିକ ବ୍ୟାପୁଥିବା ଅନୁମାନ କରାଯାଉଛି। ଏହାଛଡା ଗରିଷ୍ଠ, ତୈଳଯୁକ୍ତ ଖାଦ୍ୟ ଓ ଅଶୁଦ୍ଧ ପାନୀୟ ଜଳ ଝାଡାବାନ୍ତିର ଅନ୍ୟତମ କାରଣ ବୋଲି ଡାକ୍ତର ମାନେ ପ୍ରକାଶ କରିଛନ୍ତି। ବିଶେଷ କରି ଦୋକାନ ବଜାରରେ ମିଳୁଥିବା ବରା, ପକୁଡି, ଫାଷ୍ଟଫୁଡ ତଥା ରୋଲ ଓ ଚାଓମିନ ପ୍ରମୁଖ ଖାଦ୍ୟ ପଦାର୍ଥ ରୋଗ ସୃଷ୍ଟିର ଅନ୍ୟତମ କାରଣ ପାଲଟିଛି। ତେଣୁ ଏହା ଉପରେ ଜନ ସଚେତନତା ସୃଷ୍ଟି ପାଇଁ କୁହାଯାଇଛି।



ଏହି ପରିପ୍ରେକ୍ଷୀରେ ବ୍ଲକର ଷୋଳମପୁର, ମାଳଦା, ଜଳହରି ପ୍ରମୁଖ ସ୍ଥାନରେ ତିନିଦିନ ହେବ ଜଳଖିଆ ଓ ଫାଷ୍ଟଫୁଡ ଦୋକାନ ବନ୍ଦ ରହିଛି। ଏଥିପାଇଁ ପ୍ରଶାସନ ପକ୍ଷରୁ ପଂଚାୟତ ଦ୍ୱାରା ଡାକବାଜି ପ୍ରଚାର ପରେ ବ୍ୟବସାୟୀ ମାନେ ଦୋକାନ ବନ୍ଦ ରଖିଛନ୍ତି। ଏପଟେ ରୋଗ ବ୍ୟାପୁଥିବା ବେଳେ ଜିଲ୍ଲାର କେତେକ ସ୍ଥାନରେ ଖାଦ୍ୟ ମାନ ନିର୍ଦ୍ଧାରଣ ବିଭାଗ ପକ୍ଷରୁ ଚଢ଼ାଉ ଆରମ୍ଭ ହୋଇଛି। ତେଣୁ ଗ୍ରାମ୍ୟ ବଜାର ଗୁଡିକରେ କେତେବେଳେ ଯେ ପ୍ରଶାସନିକ ଅଧିକାରୀ ମାନେ ଆସି ପହଂଚିଯିବେ ତାହା କହିହେଉନାହିଁ। ଏହାଛଡା ରୋଗର ଭୟ ମଧ୍ୟ ସମସ୍ତଙ୍କୁ ଘାରିଛି। ତେଣୁ ମଞ୍ଜୁରୀରୋଡ ବଜାର ଠାରେ ବ୍ୟବସାୟୀ ମାନେ ବିଭିନ୍ନ ଆଶଙ୍କା ଭିତରେ ପ୍ରଶାସନିକ ନିର୍ଦ୍ଦେଶ ବିନା ସ୍ୱତଃସ୍ଫୂର୍ତ ଭାବେ ଜଳଖିଆ ଦୋକାନ ବନ୍ଦ କରିଛନ୍ତି। ପାଖାପାଖି ୨୦ରୁ ଅଧିକ ଦୋକାନ ବନ୍ଦ ରହିଥିବା ଦେଖାଯାଇଛି। ଏହାଛଡା ଅନ୍ୟାନ୍ୟ କେତେକ ଗାଁ ଛକରେ ମଧ୍ୟ ଜଳଖିଆ ଦୋକାନ ବନ୍ଦ ରହିଛି।

# ଖାଦ୍ୟ ଦୋକାନ ଯାଞ୍ଚ; ବାସି ଖାଦ୍ୟ ନଷ୍ଟ



**ତିହିଡି,୧୮।୬(ସମିସ):** ତିହିଡ଼ି ବ୍ଲକରେ ମଧ୍ୟ ହଇଜା ରୋଗ ବ୍ୟାପିବା ଆରମ୍ଭ କରିଛି। ଏହାକୁ ନିୟନ୍ତ୍ରଣରେ ରଖିବା ପାଇଁ ତିହିଡ଼ି ବିଡିଓ ନିରଞ୍ଜନ ବାରିକ, ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ, ଭଦ୍ରକ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସୁବାଷ ଚନ୍ଦ୍ର ନାୟକ, ବ୍ଲକ ସୁରକ୍ଷା ଅଧିକାରୀ ନିହାର ରଞ୍ଜନ ରାଉତ ପ୍ରମୁଖ ପୁଲିସ ଉପସ୍ଥିତିରେ ତିହିଡ଼ି ବଜାର ବିଭିନ୍ନ ଖାଦ୍ୟ ଦୋକାନ ବୁଲିବୁଲି ପ୍ରସ୍ତୁତ ଖାଦ୍ୟ ଯାଂଚ କରିଥିଲେ। ବାସୀ ଖାଦ୍ୟ ନଷ୍ଟ କରିଦିଆଯାଇଥିଲା। ଦୁଇ ଦିନ ପରେ ପୁଣି ଯାଂଚ ହେବ ଓ ଖିଲାପକାରୀ ବ୍ୟବସାୟୀଙ୍କ ଠାରୁ ଜୋରିମାନା ଆଦାୟ କରାଯିବ ବୋଲି ସେମାନଙ୍କୁ ସଚେତନ କରାଇଦିଆଯାଇଥିଲା। ଗତ ତିନି ଦିନରେ ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୩୪ ଜଣ ରୋଗୀ ଭର୍ତି ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ କେତେକ ସୁସ୍ଥ ହୋଇ ଫେରିଯାଇଥିବା ଜଣାଯାଇଛି। ତିହିଡ଼ି ବ୍ଲକ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ନଳକୂପ ଗୁଡ଼ିକରେ ବ୍ଲିଚିଂ ପକାଯାଇ ବିଶୋଧନ କରାଯାଉଛି। ଯନ୍ତ୍ରୀ ମାନସୀ ମହାପାତ୍ର ବିଭିନ୍ନ ପଂଚାୟତ ବୁଲି ସ୍ୱାବଲମ୍ବୀ କାରିଗରଙ୍କ ସାହାଯ୍ୟରେ ବିଶୋଧନ କ୍ରିୟା ଜାରି ରଖିଛନ୍ତି। ସେ ବିଭିନ୍ନ ସ୍ଥାନରୁ ପାନୀୟ ଜଳ ନମୁନା ସଂଗ୍ରହ କରିବା ସହ କେତେକ ସ୍ଥାନରେ ଜଳ ପରୀକ୍ଷା ମଧ୍ୟ କରିଛନ୍ତି। ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ୨୩ ଗୋଟି ସବସେଂଟରକୁ ଓଆରଏସ ଓ ବିଭିନ୍ନ ଆବଶ୍ୟକୀୟ ମେଡିସିନ ପଠାଇ ଦିଆଯାଇଛି। ସେଠାରେ ସେ ଗୁଡ଼ିକୁ ବଣ୍ଟନ କରାଯାଉଛି।

## ଜିଲ୍ଲା ମୁଖ୍ୟଚିକିତ୍ସାଳୟରେ ରୋଗୀଙ୍କ ବେଡ୍‌କୁ ସମ୍ଭାଳିଛି ଇଟା

**ଭଦ୍ରକ,୧୮ ।୬(ସମିସ):** ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଲିଫ୍ଟରେ ଚାପି ଦୁଇଖଣ୍ଡ ହୋଇ ଜଣେ ମହିଳା ରୋଗୀ ମୃତ୍ୟୁବରଣ କରିବା ଭଳି ଅଭାବନୀୟ ଘଟଣା ମନରୁ ଲିଭି ନଥିବା ବେଳେ ରୋଗୀଙ୍କ ବେଡ୍ ତଳେ ଇଟା ଦେବା ଭଳି ଘଟଣା ସାମ୍ନାକୁ ଆସିଛି। ଗତ ବର୍ଷକ ତଳେ ନିର୍ମିତ ନୂତନ ଡିଏଚ୍ଏଚ୍ କୁ ମୁଖ୍ୟମନ୍ତ୍ରୀ ଉଦଘାଟନ କରିବା ପରେ ଏହା ସ୍ଥାନାନ୍ତରିତ ହୋଇନି। ଏପରିସ୍ଥଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅଧିକାଂଶ ରୋଗୀଙ୍କ ବେଡ୍ ଗୋଡ ନଥିବାରୁ ଏହାର ତଳେ ଇଟା ଦିଆଯାଇ ଏହାକୁ ବ୍ୟବହାର କରାଯାଉଛି। ଫଳରେ କେତେବେଳ ବି କିଛି ଅଘଟଣ ଘଟି ରୋଗୀଙ୍କ ଜୀବନ ବିପନ୍ନ ହେବା ନିଶ୍ଚିତ ବୋଲି ବହୁ ସମାଜସେବୀ ଅଭିଯୋଗ କରିବା ସହ ଏହାର ପ୍ରତିକାର ପାଇଁ ଦାବି କରିଛନ୍ତି ।

## ୨୩ କନଷ୍ଟେବଲଙ୍କୁ ପଦୋନ୍ନତି

**ଭଦ୍ରକ,୧୮।୬(ସମିସ):** ଭଦ୍ରକ ଜିଲ୍ଲାରେ କାର୍ଯ୍ୟରତ ୨୩ ପୁଲିସ କନଷ୍ଟେବଲଙ୍କୁ ସହକାରୀ ସବ୍ଇନିସକେପ୍ଟର ବା ଏଏସଆଇ ପଦକୁ ପଦୋନ୍ନତି ମିଳିଛି। ଜିଲ୍ଲା ପୁଲିସ ମୁଖ୍ୟାଳୟ ପକ୍ଷରୁ ଗତ ୧୬ ତାରିଖରେ ପ୍ରକାଶିତ ୮୧୭ ନଂ ବିଜ୍ଞପ୍ତି ଅନୁଯାୟୀ ବିଭିନ୍ନ ଥାନା ଓ ଅନ୍ୟାନ୍ୟ ଦପ୍ତରରେ କାର୍ଯ୍ୟରତ କନଷ୍ଟେବଲଙ୍କୁ ଏଥିପାଇଁ ଗୁରୁବାର ମେଡିକାଲ ପରୀକ୍ଷାର ସମ୍ମୁଖୀନ ହେବା ପାଇଁ ଆଦେଶ ହୋଇଛି। ପଦୋନ୍ନତି ପାଇଥିବା କନଷ୍ଟେବଲମାନେ ହେଲେ-ତୁଷାରକାନ୍ତ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ପ୍ରଭୁରଞ୍ଜନ ନାୟକ, ଶିବାନନ୍ଦ ନାୟକ, ପ୍ରତାପ ଚନ୍ଦ୍ର ତ୍ରିପାଠୀ, ଶ୍ରଦ୍ଧାଞ୍ଜଳି ରାଉତ, ସ୍ମୃତିରଞ୍ଜନ ମହାପାତ୍ର, ସୁରେଶ ଚନ୍ଦ୍ର ପରିଡା, ନିଶିକାନ୍ତ ବାରିକ, ଅଜୟ କୁମାର ସାହୁ, କୃଷ୍ଣଚନ୍ଦ୍ର ମହାରଣା, ଲକ୍ଷ୍ମୀକାନ୍ତ ଉପାଧ୍ୟାୟ, ତ୍ରୈଲୋଚନ ଭୋଇ, ମିତାସ୍ମୀତା ପରିଡା, ଚନ୍ଦନ କୁମାର ନାୟକ, ନିରାକାର ବିଶ୍ୱାଳ, ରାଜେନ୍ଦ୍ର କୁମାର ସାହୁ, ପ୍ରତାପ ଚନ୍ଦ୍ର ସାହୁ, ସୁରେଶ ଚନ୍ଦ୍ର ମଲ୍ଲିକ, ବଟକୃଷ୍ଣ ନାୟକ, ସୁରେଶ ଚନ୍ଦ୍ର ମହାନ୍ତି, ବିଶ୍ୱରଞ୍ଜନ ମଲ୍ଲିକ ଓ ରଞ୍ଜନ କୁମାର ସ୍ୱାଇଁ। ଏହି ପଦୋନ୍ନତି ପାଇଁ ଅନିଚ୍ଛୁକ କନଷ୍ଟେବଲମାନେ ମଙ୍ଗଳବାର ସୁଦ୍ଧା ବିଧିବଦ୍ଧ ଭାବେ ଜଣାଇବାକୁ ମଧ୍ୟ ବିଜ୍ଞପ୍ତିରେ କୁହାଯାଇଛି।

## ଜିଲ୍ଲାରେ ୧୫ ହଜାର ସଦସ୍ୟତା କରିବ ଏବିଭିପି



**ଭଦ୍ରକ,୧୮ ।୬(ସମିସ):** ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ଚଳିତ ଶିକ୍ଷାବର୍ଷରେ ନୂତନ ବିଦ୍ୟାର୍ଥୀମାନଙ୍କୁ ବିଦ୍ୟାର୍ଥୀ ପରିଷଦ ସହିତ ଯୋଡ଼ିବା ଏବଂ ରାଷ୍ଟ୍ରୀୟ ପୁନଃନିର୍ମାଣ ପାଇଁ ସଂକଳ୍ପ ବଦ୍ଧ ହୋଇ କାର୍ଯ୍ୟକରିବାର ଲକ୍ଷ୍ୟ ନେଇ ଏବିଭିପି ପ୍ରତି ଶିକ୍ଷା ବର୍ଷରେ ସଦସ୍ୟତା ଅଭିଯାନ ଆରମ୍ଭ କରିଥାଏ। ଚଳିତ ଶିକ୍ଷା ବର୍ଷରେ ଏବିଭିପି ଭଦ୍ରକ ଜିଲ୍ଲାରେ ୧୫ ହଜାର ସଦସ୍ୟତାର ଲକ୍ଷ୍ୟ ନେଇଛି। ଜିଲ୍ଲାର ସମସ୍ତ ମହାବିଦ୍ୟାଳୟରେ ବିଦ୍ୟାର୍ଥୀଙ୍କ ପାଖରେ ଏବିଭିପି ପହଞ୍ଚି ସଦସ୍ୟତା ଆରମ୍ଭ କରିବାର ଲକ୍ଷ୍ୟ ରଖିଛି। ଆଜି ଠାରୁ ସଦସ୍ୟତା ଅଭିଯାନ ଜାରି ରହିବ। ବିଭିନ୍ନ କ୍ଷେତ୍ରରେ ରୁଚି ରଖୁଥିବା ଛାତ୍ରଛାତ୍ରୀଙ୍କୁ ଯୋଡ଼ିବା ପାଇଁ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ ସ୍ତରରେ କାର୍ଯ୍ୟକ୍ରମ ଆରମ୍ଭ କରିସାରିଲାଣି। ଆଜି ସହରର ସୀତାରାମ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସହ ସମ୍ପାଦକ ଶୁଭ୍ରସମ୍ବିତ ନାୟକ କହିଛନ୍ତି, ଏବିଭିପି ପ୍ରତ୍ୟକ କ୍ୟାମ୍ପସରେ ହେଲ୍ପ ଡେସ୍କ, ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ସହିତ କ୍ୟାମ୍ପସରେ ଥିବା ସମସ୍ୟାର ସମାଧାନ ପାଇଁ ଅଣ୍ଟା ଭିଡ଼ି ସାରିଲାଣି। ଓଡ଼ିଶାରେ ଦୀର୍ଘ ୭ ବର୍ଷ ଧରି ଛାତ୍ରସଂସଦ ନିର୍ବାଚନ ବନ୍ଦ ଥିବାରୁ କ୍ୟାମ୍ପସରେ ଛାତ୍ରଛାତ୍ରୀଙ୍କ ମନରେ ନିର୍ବାଚନକୁ ନେଇ ଉତ୍କଣ୍ଠା ଦେଖିବାକୁ ମିଳୁଛି। ବ୍ୟକ୍ତିତ୍ୱ ବିକାଶ ପାଇଁ ଛାତ୍ର ସଂସଦ ନିର୍ବାଚନ ହେବାର ଆବଶ୍ୟକତା ଅଛି ଏବଂ ଛାତ୍ର ସଂସଦ ନିର୍ବାଚନ ହେଲେ କ୍ୟାମ୍ପସରେ ଥିବା ସମସ୍ୟାର ସମାଧାନର ବାଟ ଫିଟିବ ବୋଲି ସେ କହିଥିଲେ। ଏହି ପ୍ରେସ ବାର୍ତ୍ତାରେ ଜିଲ୍ଲା ପ୍ରମୁଖ ସ୍ୱାଧୀନ ସୁନ୍ଦର ଦାସ, ସହ ପ୍ରମୁଖ ଜ୍ୟୋତି ପ୍ରକାଶ ସାହୁ, ଜିଲ୍ଲା ସଂଯୋଜକ ଓଁକାର ମହାନ୍ତି, ସହ ସଂଯୋଜକ ପୂଜାରାଣୀ ମଲ୍ଲିକ, ପ୍ରାନ୍ତ ସବିଷ୍କାର ସହ ସଂଯୋଜକ ଦେବୀ ପ୍ରସାଦ ଦାଶ ମଞ୍ଚାସୀନ ଥିଲେ। ଜିଲ୍ଲାରେ ରାଜ୍ୟ ସରକାର ଘୋଷଣା କରିଥିବା ସରକାରୀ ମେଡିକାଲ କଲେଜ ଏବଂ ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଏବିଭିପି ପକ୍ଷରୁ କୃତଜ୍ଞତା ପ୍ରକାଶ କରାଯାଇଛି। ଏହି ଅବସରରେ ବିଦ୍ୟାର୍ଥୀ ପରିଷଦର ସଦସ୍ୟତା ପୋଷ୍ଟର ଉନ୍ମୋଚନ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସହ ପ୍ରମୁଖ ଶିକ୍ଷାବିତ୍ ଡ. ବସନ୍ତ କୁମାର ଦୀକ୍ଷିତ, ସହ ସଂଯୋଜକ ଅଭିଳାଷ ତ୍ରିପାଠୀ, ବିଭାଗ ଏସଏଫଏସ ସଂଯୋଜିକା ମାଧୁରୀ ରାଉତ, ଶୁଭମ ରାଉତ, କାହ୍ନା ଜେନା, ରଞ୍ଜୁଲତା ପୁଟିଆ ଉପସ୍ଥିତ ଥିଲେ।

## ଓଷ୍ଟା ପ୍ରତିନିଧିଦଳଙ୍କ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଦାବିପତ୍ର

**ଧାମନଗର,୧୮ ।୬(ସମିସ):** କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବାଲେଶ୍ୱର ଗସ୍ତ ଅବସରରେ ଭଦ୍ରକ ସର୍କିଟ ହାଉସ ଠାରେ ଦଳୀୟ ନେତୃମଣ୍ଡଳୀ, ବିଭିନ୍ନ ସଂଗଠନ ପକ୍ଷରୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରାଯାଇଥିଲା। ଏହି ରହଣି ସମୟରେ ଶିକ୍ଷକ ସଂଘ ଓଷ୍ଟା ଭଦ୍ରକ ଜିଲ୍ଲା ଉପସଭାପତି ପର୍ଶୁରାମ ପାତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟି ନୂତନ ଅନୁଦାନପ୍ରାପ୍ତ ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କ ଅବସରକାଳୀନ ସମସ୍ତ ସୁବିଧା ପାଇଁ ଦାବି ଏବଂ ଚାକିରି ସର୍ତାବଳି ସହିତ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଓଷ୍ଟା ପକ୍ଷରୁ ମାନନୀୟ କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରଯାଇଥିଲା। ଏହି ସାକ୍ଷାତ ଆଲୋଚନା ସମୟରେ ଓଷ୍ଟା ଜିଲ୍ଲା ଯୁଗ୍ମ ସମ୍ପାଦକ ପ୍ରଶାନ୍ତ କୁମାର ମିଶ୍ର, ପୂର୍ବତନ ସମ୍ପାଦକ ପ୍ରଦୀପ କୁମାର ଦାସ, ଧାମନଗର ବ୍ଲକ ସମ୍ପାଦକ ହେମନ୍ତ କୁମାର ସୂତାର, ଶିକ୍ଷକ ମଧୁସୂଦନ ମହାନ୍ତି, ଜଗବନ୍ଧୁ ପାଣିଗ୍ରାହୀ, ବିଶ୍ୱନାଥ ପଣ୍ଡା, କମଳାକାନ୍ତ ନାୟକଙ୍କ ସମେତ ଅନ୍ୟ ଶିକ୍ଷକ ମାନେ ଉପସ୍ଥିତ ଥିଲେ। ଶିକ୍ଷକ ମାନଙ୍କ ସମସ୍ୟା ସହୃଦୟତାର ବିଚାରକୁ ନିଆଯିବ ବୋଲି ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି। ଧାମନଗର ବିଧାୟକ ତଥା ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



## ଦୁଷ୍କର୍ମ ଅଭିଯୋଗରେ ପ୍ରେମିକ ଗିରଫ

ତିହିଡି, ୧୮।୬ (ସମିସ): ଦୁଷ୍କର୍ମ ଅଭିଯୋଗରେ ପ୍ରେମିକକୁ ଗିରଫ କରିଛି ପୁଲିସ। ଶାରୀରିକ ସମ୍ପର୍କ ରଖିବା ପରେ ବିବାହ ପାଇଁ ଯେବେ କଥା ଉଠିଲା ସେତେବେଳକୁ ପ୍ରେମିକ ଅରାଜି ହୋଇଥିଲେ। ଫଳରେ ପ୍ରେମିକା ପରିବାର ଆଇନ୍‌ର ଆଶ୍ରୟ ନେଇଛନ୍ତି। ପୁଲିସ ତଦନ୍ତ କରି ସଂପୃକ୍ତ ପ୍ରେମିକ ଧୂଷୁରୀ ଥାନା ଅଧୀନ ଦୋହରାପାଟଣା ଗ୍ରାମର ରଶ୍ମିରଞ୍ଜନ ମଳିକଙ୍କୁ ଗିରଫ୍ କରି ମଙ୍ଗଳବାର କୋର୍ଟ .ଲାଣ କରିଛି। ସୂଚନା ମୁତାବକ, ଭଦ୍ରକ ଜିଲା ପୀରହାଟ ଥାନା ଶ୍ୟାମସୁନ୍ଦପୁର ପଞ୍ଚାୟତ ଅଧିନ ଈଶ୍ୱରପୁର ଗ୍ରାମର ଜନୈକା ଯୁବତୀଙ୍କୁ ଅଭିଯୁକ୍ତ ରଶ୍ମିରଞ୍ଜନ ପ୍ରଥମେ ପ୍ରେମ କଲା। ପରେ ବିବାହର ପ୍ରଲୋଭନ ଦେଖାଇ ବର୍ଷେ ହେଲା ଶାରିରୀକ ସମ୍ପର୍କ ସ୍ଥାପନ କରି ଆସୁଥିଲା। ଶେଷରେ ବିବାହ ପାଇଁ ପ୍ରସ୍ତାବ ଦେଇଥିଲେ ପ୍ରେମିକା। ମାତ୍ର ପ୍ରେମିକ ରାଜି ହୋଇନଥିଲା। ଶେଷରେ ପ୍ରେମିକାଙ୍କ ବାପା ଥାନାରେ ଦ୍ୱାରସ୍ଥ ହୋଇଥିଲେ। ପୁଲିସ ବିଭିନ୍ନ ଦଫାରେ ଏକ ମାମଲା ରୁଜୁ କରିବା ସହିତ ପ୍ରାଥମିକ ତଦନ୍ତ ପରେ ସଂପୃକ୍ତ ପ୍ରେମିକକୁ ଗିରଫ୍ କରି କୋର୍ଟ .ଲାଣ କରିଛି।

## ଶିକ୍ଷାବିତଙ୍କ ଏକାଦଶାହ କ୍ରିୟାରେ ସ୍ମୃତିସଭା




**ଦୋବଲ, ୧୮ ।୬(ସମିସ):** ଦୋବଲ ପଞ୍ଚାୟତର ସୋଧ ବାହୁବଳେନ୍ଦ୍ରସାହିର ସମାଜସେବୀ ତଥା ଶିକ୍ଷାବିତ ବାବାଜୀ ଚରଣ ନାୟକଙ୍କ ଏକାଦଶ କ୍ରିୟାରେ ତାଙ୍କ ବାସଭବନରେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ କୃତିବାସ ତ୍ରିପାଠୀଙ୍କ ସଂଯୋଜନାରେ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ ଓ ବିନୋଦ ନାୟକ, ଜିଲ୍ଲାପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ଆଇନିଜୀବୀ ଦେବାଶିଷ ସାମଲ, ରଞ୍ଜିତ ମହାନ୍ତି, ଅମରେନ୍ଦ୍ର ମହାନ୍ତି, ବିଳାସ ପାଗଳ, ସରପଞ୍ଚ ଅଶୋକ ପଣ୍ଡା, ଶିକ୍ଷାବିତ ହୃଦାନନ୍ଦ କର, ହେମେନ୍ଦ୍ର ମହାନ୍ତି, ନିରାକାର ଧଳ, ପ୍ରମୋଦ ନାୟକ, ମନୋଜ ଜେନା, ବିଜେଡି ବ୍ଲକ ସଭାପତି ପ୍ରତାପ ସାମଲ, ଉମେଶ ମହାନ୍ତି, ଘନଶ୍ୟାମ ଥାଟୋଇ, ଭୋଳା ନାଥ ସାହୁ, ମହେଶ୍ୱର ସାଇଁ, ରାମଚନ୍ଦ୍ର ସାହୁ, ଶରତ ସାହୁ, ପ୍ରତାପ ମହାନ୍ତି ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ନାୟକଙ୍କ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ନାୟକ ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକତା କରି ଅନେକ କୃତୀ ଛାତ୍ରଛାତ୍ରୀ ତିଆରି କରିଛନ୍ତି। ଅବସର ପରେ ପଞ୍ଚାୟତର ସେବା ଓ ଉନ୍ନତି ପାଇଁ ସାମାଜିକ କାର୍ଯ୍ୟ କରି ଲୋକଙ୍କ ପ୍ରିୟ ହୋଇ ପାରିଥିଲେ ତାଙ୍କର ସୁପୁତ୍ର, ତପନ ନାୟକ, ବିପିନ୍ ବିହାରୀ ନାଏକ, ପ୍ରସନ ନାୟକ,ନିକୁଞ୍ଜ ବିହାରୀ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

## ଉଦ୍‌ଯାପିତ ହେଲା 'ବେତାଳି ଗାଁ -ପାଳ ସାହି' ରଜ ମହୋତ୍ସବ



**ଅସୁରାଳି,୧୮ ।୬(ସମିସ):** ଧାମନଗର ବ୍ଲକ ପାଳସାହି ପଞ୍ଚାୟତ ଅନ୍ତର୍ଗତ ବେତାଳିଗାଁ ବାପୁଜୀ ଉଚ୍ଚ ବିଦ୍ୟାଳୟଠାରେ ସେବା ସଙ୍ଗଠନ ଆନୁକୂଲ୍ୟରେ ରଜ ମହୋତ୍ସବ ଉଦଯାପିତ ହୋଇଯାଇଛି। ଜିଲ୍ଲା ମାନବ କଲ୍ୟାଣ ଓ ସେବା ସଂଗଠନ ସଭାପତି ସୁଶାନ୍ତ ନାୟକଙ୍କ ସଭାପତିତ୍ୱ ଓ ଧୂଷୁରୀ ପ୍ରେସ୍ ୟୁନିୟନ ସମ୍ପାଦକ ଦୀପ୍ତି ରଞ୍ଜନ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ ବରିଷ୍ଠ କଂଗ୍ରେସ ନେତା ନାରାୟଣ ଚନ୍ଦ୍ର ପାଢ଼ି। ସମ୍ମାନିତ ଅତିଥି ଭାବେ କଂଗ୍ରେସ ନେତା ରଞ୍ଜନ ବେହେରା, ବ୍ଲକ କଂଗ୍ରେସ ସଭାପତି ରମେଶ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏହାଛଡା ଡ. ବିଦ୍ୟାଧର ଜେନା, ପୂର୍ବତନ ବ୍ଲକ ସଭାପତି ଅଭିଷେକ ରାଉତ, ପୂର୍ବତନ ସରପଞ୍ଚ ପରମାନନ୍ଦ ସାଏନ୍ତ ଅନୁଷ୍ଠାନର ଉପଦେଷ୍ଟା ସନ୍ତୋଷ ଦାସ, ଅଧ୍ୟାପକ ନିକୁଞ୍ଜ କିଶୋର ଜେନା, ସମ୍ପାଦକ ଅନ୍ତର୍ଯ୍ୟାମୀ ଦାସ, ଉପଦେଷ୍ଟା ରତିକାନ୍ତ ନାୟକ, ପଣ୍ଡିତ ପଞ୍ଚାନନ ମିଶ୍ର, କାଶୀନାଥ ମହାନ୍ତି, ଶିକ୍ଷାବିତ୍ କ୍ଷୀରୋଦ ବଳ ତଥା ଅନୁଷ୍ଠାନର ସମସ୍ତ କର୍ମ କର୍ତା ଉପସ୍ଥିତ ରହି ଥିଲେ। ଭୁବନେଶ୍ୱରରୁ ଆସିଥିବା ଭଜନ କଳାକାର ସମସ୍ତ ଦର୍ଶକଙ୍କ ମନ ମୋହିଥିଲା। ଏହି ରଜ ମହୋତ୍ସବ ପରିପ୍ରେକ୍ଷୀରେ ୩ ଦିନ ଧରି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେଇ ଆସୁଥିଲା। ରତ୍ନାକର ଜେନା ଧନ୍ୟବାଦ୍ ଅର୍ପଣ କରିଥିଲେ।

## ପ୍ରାକୃତିକ ବିପର୍ଯ୍ୟୟର ପରିଚାଳନା ଅଭ୍ୟାସ ବୈଠକ



**ଭଦ୍ରକ,୧୮ ।୬(ସମିସ):** ସଦଭାବନା ସଭା ଗୃହ ଠାରେ ଜିଲ୍ଲା ସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟିର ପ୍ରାକୃତିକ ବିପର୍ଯ୍ୟୟର ସୁପରିଚାଳନାର ଦ୍ୱିତୀୟ ଅଭ୍ୟାସ (ଟେବୁଲ ଟପ୍ ଏକ୍ସରସାଇଜ) ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ ଜିଲ୍ଲାପାଳ ଦିଲୀପ ରାଉତରାଏ। ଅନ୍ୟ ପ୍ରଶାସନିକ ଅଧିକାରୀ ଯଥା ଦୁଇ ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ ମହାନ୍ତି ଓ ସରୋଜ କାନ୍ତ ଦତ୍ତ, ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଉପ ଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଡିଏଫଓ, ଚାନ୍ଦବାଲି, ଜିଲ୍ଲା ଜରୁରୀ କାଳୀନ ଅଧିକାରିଣୀ, ତହସିଲଦାର, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପୌର ନିର୍ବାହୀ ଅଧିକାରୀ ଓ ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟର ଅଧିକାରୀ ମାନେ ପ୍ରମୁଖ ଯୋଗ ଦେଇଥିଲେ। ବିପର୍ଯ୍ୟୟ ପରିଚାଳନାର ବିଭିନ୍ନ ଅଧିକାରୀଙ୍କ କାର୍ଯ୍ୟ ବିଷୟ ରେ ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ ମହାନ୍ତି ଆଲୋଚନା କରିଥିଲେ। ସେ ପ୍ରଥମେ ଏକ ଡମି ବାତ୍ୟା ବାର୍ତ୍ତା ର ସୂଚନା ପ୍ରଦର୍ଶନ କରାଇ ଓ ଏହା ପରେ ବିଭିନ୍ନ ବିଭାଗର କାଯ୍ୟ ବିଷୟରେ ଆଲୋଚନା କଲେ। ଏହା ପରେ ବିଭିନ୍ନ ବିଭାଗ ଦେଇଥିବା ପିପିଟି ଗୋଟିକ ପରେ ଗୋଟେ ଆଲୋଚନା ହେଲା। ସମସ୍ତ ବିଭାଗର କାଯ୍ୟରତ ଅଧିକାରୀ ବିପତି ସମୟରେ କେଉଁଠି ରହି ବିପତି ନିୟନ୍ତ୍ରଣରେ ସହାୟକ ହେବେ ନିର୍ଦ୍ଦେଶ ଦିଆଗଲା। ବନ୍ୟା ନିୟନ୍ତ୍ରଣ, ଲୁଣା ପାଣି ନିୟନ୍ତ୍ରଣ, ମନୁଷ୍ୟ ଓ ଗୃହପାଳିତ ପଶୁଙ୍କ ଯତ୍ନ, ଏବଂ ଏହାର ପରିଚଳନା ବିଷୟ ସଂପୃକ୍ତ ବିଭାଗର କର୍ତବ୍ୟ ଓ ଏହି କାର୍ଯ୍ୟକୁ କିପରି ସମ୍ପାଦନ କରିବେ ତାହାର ଏକ ତଥ୍ୟ ଚଚଞ୍ଚ ମାଧ୍ୟମରେ ଦର୍ଶେଇ ଥିଲେ। ସମସ୍ତ ବିଭାଗର ପ୍ରାକୃତିକ ବିପତି ଓ ବିପର୍ଯ୍ୟୟ ସଂପୃକ୍ତ ଅଧିକାରୀଙ୍କ କର୍ତବ୍ୟ ଓ ଅନ୍ୟ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ବିପର୍ଯ୍ୟୟର ମୁକାବିଲା କରିବା ବିଷୟରେ ଜଣାଇବାକୁ ନିର୍ଦ୍ଦେଶ ଦିଆ ଯାଇଥିଲା।

## ରେଜାଙ୍ଗ'ଲା ଯୁଦ୍ଧର ବୀର-ଗାଥା ରଥ ଯାତ୍ରା



**ଭଦ୍ରକ,୧୮ ।୬(ସମିସ):** ରେଜାଙ୍ଗ'ଲା ଯୁଦ୍ଧର ବୀର-ଗାଥା ଓ ସହିଦମାନଙ୍କ ରଥ କଳସ ଯାତ୍ରା ଆଜି ଭଦ୍ରକରେ ପହଞ୍ଚିଛି। ରଥ ଓ କଳସଯାତ୍ରା ଭଦ୍ରକରେ ପହଞ୍ଚିବା ପରେ ଚରମ୍ପା ଲକ୍ଷ୍ମୀନାରାୟଣ ମନ୍ଦିର ନିକଟରେ ବିପୁଳ ସ୍ୱାଗତ କରାଯାଇଥିଲା। ଯାଦବ ସଂଗଠନର କର୍ମକର୍ତ୍ତାମାନେ ଚରମ୍ପାରୁ ଭଦ୍ରକ କଚେରି ବଜାର ପରିକ୍ରମା କରି ଟାଉନ ହଲଠାରେ ପହଞ୍ଚିଥିଲା। ଜିଲ୍ଲା ଉତ୍କଳ ଯାଦବ ସଭାପତି ଡ. ସୁଧାଂଶୁ ନାୟକଙ୍କ ସଭାପତିତ୍ୱ ଓ ଜିଲ୍ଲା ଯୁବ ସଭାପତି ରବିନାରାୟଣ ଖିଲାରଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବେ ରାଷ୍ଟ୍ରୀୟ ଅଧ୍ୟକ୍ଷ ଡ. ସପନ ଘୋଷ, ସମ୍ମାନିତ ଅତିଥି ଭାବେ ରାଷ୍ଟ୍ରୀୟ ଯୁବ ସଭାପତି ଇଂ.ପ୍ରଦୀପ ବେହେରା, ରାଜ୍ୟ ଯୁବ ସଭାପତି ଅମର କୁମାର ନାୟକ, କଳସ ଯାତ୍ରା ରାଜ୍ୟ ସଂଯୋଜକ ନନ୍ଦଲାଲ ଯାଦବ, ରାଷ୍ଟ୍ରୀୟ ସହ ସଂଯୋଜକ କିରଣ ଯାଦବ, ଅନିଲ ଯାଦବ, କିରନ ଯାଦବ, ଜିଲ୍ଲା ସମ୍ପାଦକ ଦିଲୀପ ନାୟକ ପ୍ରମୁଖ ଯୋଗଦେଇ ୧୯୬୨ ମସିହାର ରେଜାଙ୍ଗ'ଲା ଯୁଦ୍ଧ ଭାରତ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇଛି ବୋଲି କହିଥିଲେ। ଏହି ଯୁଦ୍ଧରେ ଅହୀର (ଯାଦବ) ଜାତିର ୧୧୪ଜଣ ବୀର ସହିଦ ହୋଇଥିଲେ।। ବୀର ସହିଦମାନଙ୍କୁ ସମ୍ମାନ ଦେବା ପାଇଁ ଭାରତୀୟ ସେନା ବାହିନୀରେ ଅହୀର ରେଜିମେଣ୍ଟ ଗଠନ ହେବା ଦାବିରେ ଏହି କଳସ ଯାତ୍ରା ଦେଶବ୍ୟାପୀ ପରିକ୍ରମା କରୁଛି ବୋଲି ଆଜି ଭଦ୍ରକର ଟାଉନ ହଲ ଠାରେ ଆୟୋଜିତ ସଭାରେ ଉପସ୍ଥିତ ଅତିଥି ମାନେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଉତ୍କଳ ଯାଦବ ମହାସଭାର ଉପସଭାପତି ହରେକୃଷ୍ଣ ପଲେଇ, ରାଜ୍ୟ ମହିଳା ସମ୍ପାଦକ ସଂଯୁକ୍ତା ଯାଦବ, ବ୍ଲକ ସଭାପତି ସୁବାସ ବାରିକ, ଧ୍ରୁବ ବାରିକ, ହରିଶ ଚନ୍ଦ୍ର ବାରିକ, କାର୍ଯ୍ୟକାରୀ ସଭାପତି ଅନିଲ ବାରିକ, ଭାଗିରଥି ପଲେଇ କୁଳମଣି ବେହେରା, ମାଧବାନନ୍ଦ ଖଟୁଆ, ନିରୁ ବାରିକ, ପ୍ରଶାନ୍ତ ପରିଡା, ସଂଜୀବ ନାୟକ, ଶାନ୍ତିଲତା ବାରିକ, ଗୀତାଞ୍ଜଳି ଅଗସ୍ତି, ପ୍ରମୋଦ ଅଗସ୍ତ ମନୋରଞ୍ଜନ ବାରିକ ପ୍ରମୁଖଙ୍କୁ ରାଷ୍ଟ୍ରୀୟ ଅଧ୍ୟକ୍ଷ ସମ୍ବର୍ଦ୍ଧିତ କରିଥିଲେ।

## ରବି ଧାନ କିଣା ଅବ୍ୟବସ୍ଥା

# ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ଭେଟିଲେ ଚାଷୀ

**ଅସୁରାଳି,୧୮ ।୬(ସମିସ)**

ରବି ଋତୁ ଧାନ ଫସଲକୁ ମଣ୍ଡିରେ ଦେବା ପାଇଁ ମଣ୍ଡି ଖୋଲିଛି। ଧୂଷୁରି ସମବାୟ ସମିତି ଅଧୀନରେ ଥିବା ସମବାୟ ସମିତି ମାନଙ୍କରେ ଧାନ ବିକ୍ରିକୁ ନେଇ ନାହିଁ ନଥିବା ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଅମଳ ଧାନକୁ କେମିତି ବିକ୍ରି କରିବ ସେ ଚିନ୍ତାରେ ଏସବୁ ଚାଷୀ ଆଖିକୁ ନିଦ ନାହିଁ। କିଏ ଧାନବସ୍ତା ଧରି ମଣ୍ଡିରେ ଜଗି ବସିଛି। ଆଉ କିଏ ଦଲାଲ ବିକ୍ରି ପାଇଁ ଏଜେଣ୍ଟଙ୍କୁ ଅପେକ୍ଷା କରିଛି। ମିଲର୍ସଙ୍କ ସ୍ୱାର୍ଥ ଆଗରେ ବଳି ପଡୁଛି ଚାଷୀଙ୍କ ହାଡ଼ଭଙ୍ଗା ପରିଶ୍ରମ। ମନଇଛା କଟ୍‌ନି ଛଟନି ହେଉଛି। ଏଫଏକ୍ୟୁ ମାନ ପାଇଁ ଚାଷୀ ମଣ୍ଡିରେ ହେଉଛି ହନ୍ତସନ୍ତ। ଶେଷରେ ବ୍ୟତିବ୍ୟସ୍ତ ହୋଇ କମ୍ ମୂଲ୍ୟରେ ଧାନ ବିକ୍ରି କରିବାକୁ ବାଧ୍ୟ ହେଉଛି। ପାଳସାହି ସମବାୟ ସମିତି, ଧୂଷୁରୀ ସମବାୟ ସମିତି, ବମକୁରା ସେବା ସମବାୟ ସମିତି ଅଧୀନରେ ଆସୁଥିବା ଚାଷୀମାନଙ୍କ ପାଇଁ ଧୂଷୁରୀ ସେବା ସମବାୟ ସମିତିଠାରେ ମଣ୍ଡି ଖୋଲିଛି। କ୍ୱିଣ୍ଟାଲ ପ୍ରତି ୧୩ରୁ ୧୬ କିଲୋ, କଟନୀ ଛଟନୀ ଚାଲିଛି। ପୁଣି ବସ୍ତା ପିଛା କିଛି କଟା ଯାଉଛି। ରବି ଧାନ କିଣା ପାଇଁ ଧାମନଗରକୁ ୮,୫୦୦ କ୍ୱିଣ୍ଟାଲ ଟାର୍ଗେଟ ଆସିଛି। ରବି ଧାନ କିଣିବା ପାଇଁ ୩ଟି ସୋସାଇଟିକୁ ପିପି ଓ ଭିଏନ୍ ରାଇସ ମିଲ ଦିଆଯାଇଚି। ମାତ୍ର ୨ ଥର ମିଲର ଆସି କିଣିବା ପରେ ଆଉ ମିଲରଙ୍କ ଦେଖାନାହିଁ। ଏଣେ ସମସ୍ତ ଚାଷୀଙ୍କୁ ଘାରିଲାଣି ଋଣ ପରିଶୋଧ ଚିନ୍ତା। ଏଣୁ ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଲୋକ ଭଦ୍ରକ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ଭେଟିଛନ୍ତି। ଖୁବ୍‌ଶୀଘ୍ର ଏହି କଟ୍‌ନି ଛଟ୍‌ନିର ତଦନ୍ତ ହେବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏଥିରେ ଚାଷୀ ପ୍ରଭଞ୍ଜନ ମିଶ୍ର, ମହେନ୍ଦ୍ର ସାହୁ, ନରୋତମ କର, ଧୀରେନ୍ଦ୍ର ପ୍ରଧାନ, ସହଦେବ ସାହୁ, ଭୀମ ସେନ ସାହୁ, ନରେନ୍ଦ୍ର ସାହୁ, ସଦାନନ୍ଦ ସାହୁ, ଦିଗମ୍ବର ମହାନ୍ତି, ମାନସ ରଞ୍ଜନ ସାହୁ, ଲିଟୁ ସାହୁ, ବାପିନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



# ବଜାରରେ ବିକ୍ରି ହେଉଛି ନକଲି ମୃଦୁ ପାନୀୟ !

ବାହାନଗା,୧୮।୬ (ସମିସ)




ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ ଗୋପାଳପୁର ବଜାରରେ ମିଳୁଛି ନକଲି ମୃଦୁ ପାନୀୟ। ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗ ଆଖିରେ ଅଙ୍ଗୁଳି ଗେଞ୍ଜି ଖୁଲମଖୁଲ୍ଲା ବିକ୍ରି କରାଯାଉଥିବା ବେଳେ ଖାଦ୍ୟ ସୁରକ୍ଷା ଏବଂ ନିରାପତ୍ତା ବିଭାଗ ଟେର ନ ପାଇବା ବିଭାଗର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ଉଠିଛି।

ବାହାନଗା ବ୍ଲକ ଗୋପାଳପୁର ବଜାରରେ କୋକା-କୋଲା କମ୍ପାନୀ ଲୋଗୋରେ ଲୋକଙ୍କ ବିଶ୍ୱାସ ସହ ଖେଳା ଯାଉଥିବା ଚର୍ଚ୍ଚା ହେଉଛି। ଉପରେ ଲେଖା ଗୋଟିଏ ହୋଇଥିବା ବେଳେ ସାମଗ୍ରୀ ଏବଂ ଠିପି ଭିନ୍ନ ହୋଇଥିବାର ଦେଖିବାକୁ ମିଳିଛି। ଗୋପାଳପୁରରେ ମହାଲକ୍ଷ୍ମୀ ଏଜେନ୍ସି କୋକାକୋଲା କମ୍ପାନୀର ଡିଷ୍ଟ୍ରିବ୍ୟୁଟର ହୋଇଥିବା ବେଳେ ଗୋପାଳପୁର ବଜାର ସହ ଗାଁ ଗଣ୍ଡାରେ ଥିବା ଦୋକାନ ମାନଙ୍କରେ ଉକ୍ତ କମ୍ପାନୀର ମୃଦୁପାନୀୟ ଯୋଗାଣ କରିଥାଏ। ହେଲେ ଡିଷ୍ଟ୍ରିବ୍ୟୁଟରଙ୍କ ନିକଟରୁ ଦୋକାନୀଙ୍କୁ ମିଳୁଥିବା ମୃଦ୍ୟୁପାନୀୟରେ ତାଳମେଳ ରହୁନଥିବାର ଦେଖିବାକୁ ମିଳିଛି। ଗୋପାଳପୁର ବଜାରର ନିର୍ଦ୍ଦିଷ୍ଟ ଏକ ଦୋକାନରେ ୧୦ ଟଙ୍କିଆ ମାଜା ଲେଖାଥିବା କାଚ

■ ମାଜା ବୋତଲରେ ଫାଣ୍ଟା, ଗ୍ରାହକ ଛାନିଆ

■ ଚେଇଁ ଶୋଇଛି ଖାଦ୍ୟ ସୁରକ୍ଷା ଓ ନିରାପତ୍ତା ବିଭାଗ

ବୋତଲରେ ଫାଣ୍ଟା ପାନୀୟ ଭର୍ତ୍ତି ହୋଇଥିବା ବେଳେ ଉପର ଟିଣ ଢାଙ୍କୁଣୀରେ ମଧ ଫାଣ୍ଟା ଲେଖାଥିବାର ଦେଖିବାକୁ ମିଳିଛି। ଜଣେ ଖାଉଟି କୋକା-କୋଲା କମ୍ପାନୀର ୧୦ ଟଙ୍କିଆ ମାଜା ଏବଂ ଗୋଟିଏ ଫାଣ୍ଟାର କାଚ ବୋତଲ କିଣିଥିବା ବେଳେ ଉପରେ ମାଜା ଲେଖାଥିବା ବେଳେ ଭିତରେ ଫାଣ୍ଟା ପାନୀୟ ଥିବାର ଦେଖିବାକୁ ମିଳିଛି। ଏ ନେଇ ଗ୍ରାହକ ଜଣକ କୋକା-କୋଲା କମ୍ପାନୀ ନିକଟରେ ଅଭିଯୋଗ ପଞ୍ଜୀକରଣ କରିଥିବା ଜଣାପଡିଛି। ସେପଟେ ଫାଣ୍ଟା ଏବଂ ମାଜାର ବୋତଲରେ ବ୍ୟାଚ ନମ୍ବର (ବି.ଏନ.ଏଫ.୦୪.ଏଫ.୧ବି.୧ଏ) ଲେଖାଥିବା ବେଳେ ଏବଂ ସାମଗ୍ରୀ ପ୍ରସ୍ତୁତ ତାରିଖ ୫ ଜୁନ ୨୦୨୫ ରିଖ ୨୦:୨୬ ମିନିଟ ବୋଲି ଲେଖା ରହିଛି। ସେପଟେ ଉଭୟ ମାଜା ଏବଂ ଫାଣ୍ଟା କାଚ ବୋତଲ ଠିପିରେ ଖୋର୍ଦ୍ଧା ହିନ୍ଦୁସ୍ତାନ କୋକା-କୋଲା ପ୍ଲାଣ୍ଟର ନାମ ରହିଛି। କାଚ ବୋତଲ ଉପରେ ମାଜା ଲେଖା ରହିବା ଭିତରେ ଫାଣ୍ଟା ଭର୍ତ୍ତି କରି ଠିପିରେ ଫାଣ୍ଟାର ସିଲ୍ ମରାଯିବା ଘଟଣା ଅଞ୍ଚଳବାସୀଙ୍କ ମନରେ ନକଲି ସାମଗ୍ରୀ ବୋଲି ଛନକା ପଶିଛି। ଗୋଟିଏ ଜିନିଷ ଲେଖି ଭିତରେ ଅନ୍ୟ ଜିନିଷ ଦେବା, ବ୍ୟାଚ ନମ୍ବର ଏବଂ ପ୍ରସ୍ତୁତି ତାରିଖ ସମାନ ଥିବାରୁ ଏହା କମ୍ପାନୀ ପକ୍ଷରୁ ତ୍ରୁଟି ହୋଇଛି କିମ୍ବା କମ୍ପାନୀ ନାମରେ ନକଲ କରି ଅଞ୍ଚଳରେ ନକଲି ସାମଗ୍ରୀ ବିକ୍ରି କରାଯାଉଛି, ତାହା ତଦନ୍ତ ସାପେକ୍ଷ। ଏ ନେଇ ଦୋକାନୀଙ୍କୁ ପଚାରିବାରୁ ସେ କୁହନ୍ତି ଆମକୁ କମ୍ପାନୀର ପଞ୍ଜୀକୃତ ଡିଷ୍ଟ୍ରିବ୍ୟୁଟର ଯାହା ଦେଉଛି, ତାହାକୁ ଆମେ ବିକ୍ରି କରୁଛୁ, ଭିତରେ କ'ଣ ରହୁଛି ଆମେ କେମିତି ଜାଣିବୁ। ସେହିପରି କୋକା-କୋଲା କମ୍ପାନୀର ଖୋର୍ଦ୍ଧା ପ୍ଲାଣ୍ଟର କାର୍ଯ୍ୟନିର୍ବାହୀ ଅଧିକାରୀ ଅସିତ କୁମାର ସ୍ୱାଇଁଙ୍କୁ ପଚାରିବାରୁ ଆମେ ଗ୍ରାହକଙ୍କ ନିକଟରୁ ଅଭିଯୋଗ ପାଇଛୁ, ବଟ୍‌ଲିଂ ଅଟୋମେଟିକ ମେସିନ ଜରିଆରେ ହେଉଥିବାରୁ କମ୍ପାନୀ ପକ୍ଷରୁ ଏହା ଭୁଲ ହୋଇ ଥାଇ ନ ପାରେ। ଯଦି କେହି କମ୍ପାନୀ ନାମରେ ନକଲି କରୁଥିବ ତେବେ ବଜାରର ବିଭିନ୍ନ ସ୍ଥାନରେ ଯାଞ୍ଚ କରାଯାଇ ବିଧିବଦ୍ଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି। ସେପଟେ ଖାଦ୍ୟ ନିରାପତ୍ତା ବିଭାଗ ଘଟଣାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

## ତିନିଦିନିଆ ରଜ ଉତ୍ସବ ଉଦ୍‌ଯାପିତ



ବାଲେଶ୍ୱର,୧୮।୬ (ସମିସ): ବାମପଦାଠାରେ ଥିବା ମଧୁସୂଦନ କୁଷ୍ଠାଶ୍ରମ କଲୋନୀ ବାସିନ୍ଦାଙ୍କ ପକ୍ଷରୁ ଯୁବ ସାମ୍ବାଦିକ ସ୍ୱର୍ଗତ ଶୁଭଙ୍କର ପିରି ସ୍ମୃତିରେ ଆୟୋଜିତ ତିନିଦିନିଆ ରଜ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ବିପିନ ମାରାଣ୍ଡିଙ୍କ ଅଧକ୍ଷତାରେ ରଜ ଉତ୍ସବର ପ୍ରଥମ ଦିବସରେ କଲୋନୀ ପିଲାମାନଙ୍କ ମଧ୍ୟରେ ଦିବାରାତ୍ର ଫୁଟବଲ୍ ପ୍ରତିଯୋଗିତା, ବାଗୁଡ଼ି ପ୍ରତିଯୋଗିତା, ଲୁଡୁ, ତାସ ଏବଂ ମହିଳାମାନଙ୍କ ମଧ୍ୟରେ ପୁଚି, ମ୍ୟୁଜିକ୍ ଚେୟାର ଅନୁଷ୍ଠିତ ହୋଇଥିଲା। ଏଥିସହିତ କଲୋନୀ ବାସିନ୍ଦା ମାନେ ବାଉଁଶ ଦୋଳିର ଭରପୁର ମଜା ଉଠାଇଥିଲେ। ଉଦଯାପନୀ ସନ୍ଧ୍ୟାରେ ପିଲା ମାନଙ୍କ ଦ୍ୱାରା ନୃତ୍ୟ ସଂଗୀତ ପରିବେଷଣ କରାଯାଇଥିଲା। ଅତିଥି ଭାବେ ସାମ୍ବାଦିକ ଲୋକନାଥ ପିରି, ଅମିତା ପିରି, ଗ୍ରାମର ସଭାପତି କୁନା ସୋରେନ, ସଂପାଦକ ବିପିନ୍ ମାରାଣ୍ଡି, ଗଣେଶ୍ୱର ସାହୁ, ସାମରାୟ ସୋରେନ ପ୍ରମୁଖ ସ୍ୱର୍ଗତ ଶୁଭଙ୍କରଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା। ଭାଗିରଥି ମୁର୍ମୁ, ଶିବ ସୋରେନ, ରଥ ମାରାଣ୍ଡି, ଲାକ୍ସମାନ ସିଂ, ଗିରିଶ ସାହୁ, ଭୁଜୁ ମୁର୍ମୁ, ଗେଲ୍ଲାମଣୀ ମାରାଣ୍ଡିଙ୍କ ସମେତ ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

# ସରପଞ୍ଚଙ୍କ ସପକ୍ଷରେ ବାହାରିଲେ ଗ୍ରାମବାସୀ



ଜଳେଶ୍ୱର ବ୍ଲକ, ୧୮।୬ (ସମିସ) : ଜଳେଶ୍ୱର ତହସିଲ ଅଧିନରେ ସୁବର୍ଣ୍ଣରେଖା ନଦୀର ବିଭିନ୍ନ ସ୍ଥାନରେ ବେଆଇନ ଭାବରେ ବାଲି ଉତ୍ତୋଳନ କରି ବାଲି ମାଫିଆ ମାନେ ନଦୀ ଶଯ୍ୟାକୁ ଲୀନ କରିବାକୁ ବସିଲେଣି। ଜଳେଶ୍ୱରରେ ଖଣି ବିଭାଗ ପକ୍ଷରୁ ତିନିଟି ବାଲି ଖାଦାନ ଲିଜ୍ ଆକାରରେ ସରକାର ଦେଇଛନ୍ତି। କିନ୍ତୁ ସରକାର ସେମାନଙ୍କ ଉପରେ କୌଣସି କଟକଣା ଜାରି କରୁ ନ ଥିବାରୁ ଯାହା ଫଳରେ ସରକାରୀ ନିୟମକୁ ଖୁଲମ୍ ଖୁଲା ଉଲ୍ଲଙ୍ଘନ କରି ଅତ୍ୟଧିକ ମାତ୍ରାରେ ପରିବେଶକୁ ନଷ୍ଟ କରି ସାଧାରଣ ଲୋକଙ୍କ ଜୀବନ ଯିବାକୁ ବ୍ୟାଘାତ ସୃଷ୍ଟି କରି ଚାଲିଛି। ବାଲି ଉତ୍ତୋଳନକୁ ନେଇ ଗତ ୧୩ ତାରିଖରେ ଜଳେଶ୍ୱର ପଞ୍ଚାୟତ ସମିତି ବୈଠକରେ ଶିଖରପୁର ଗ୍ରାମପଞ୍ଚାୟତର ୪ଥର ନିର୍ବାଚିତ ସରପଞ୍ଚ ବିଦ୍ୟାଧର ମଲ୍ଲିକ ରାଇବଣିଆ ଅଞ୍ଚଳର ବିକାଶର ଗତିକୁ ଦ୍ୱିଗୁଣିତ କରିଥିବାବେଳେ ଦୀର୍ଘ ଦିନର ସ୍ୱପ୍ନ ସାକାର ହୋଇ ଥିବା ଶିଖର ପୁର ସେତୁ ଏବେ ବିପଦ ମୁଖରେ। ପୋଲ ଉପର ଦେଇ ପ୍ରତ୍ୟେକ ଦିନ ଶହ ଶହ ସଂଖ୍ୟାରେ ବାଲି ବୋଝାଇ ଡମ୍ଫର, ବଡ଼ ବଡ଼ ହାଇୱା ଗାଡ଼ି ଯିବା ଦ୍ୱାରା ପୋଲର ସ୍ଥାୟିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯାହାକୁ ନେଇ ସରପଞ୍ଚ ଏବଂ ପଞ୍ଚାୟତ ବାସୀ ପ୍ରଶାସନ ପାଖରେ ଅବଗତ କରାଇବା ପାଇଁ ପ୍ରୟାସ କରିବାକୁ କିଛି ବାଲି ମାଫିଆ ଚକ୍ରାନ୍ତ କରି ସରପଞ୍ଚଙ୍କ ଭାବମୂର୍ତ୍ତି କ୍ଷୁର୍ଣ୍ଣ ପାଇଁ ମିଛ ଅପପ୍ରଚାରର ସାହାରା ନେଇଛନ୍ତି। ଗ୍ରାମ ପଞ୍ଚାୟତର ପୂର୍ବତନ ସମିତି ସଭ୍ୟଙ୍କ ପ୍ରତିନିଧି ବଳରାମ ଓଝା, ସମାଜ ସେବୀ ପରେଶ ଚନ୍ଦ୍ର ପ୍ରଧାନ, ପ୍ରଦୀପ କିଶୋରୀ, ମୋନାଜ୍ କୁମାର ଗିରି, ହିମାଂଶୁ ଜେନା, ଅଞ୍ଜନ କୁମାର ଓଝା, ଭାଗବତ ଚନ୍ଦ୍ର ଦେ, ଅଜୟ ମଣ୍ଡଳ, ନାଏବ ସରପଞ୍ଚ ମାନସୀ ଧଳ, ୱାର୍ଡସଭ୍ୟ ସବିତା ବେହେରା, ପ୍ରମୁଖ ପଞ୍ଚାୟତବାସୀ ସରପଞ୍ଚଙ୍କ ବିରୁଦ୍ଧରେ ହେଉ ଥିବା ଅପପ୍ରଚାର ଭିତ୍ତିହୀନ ବୋଲି କହିଛନ୍ତି। ସରକାରୀ ନିୟମ ଅନୁଯାୟୀ ବାଲି ଉତ୍ତୋଳନ କରାଯିବ ସହିତ ପୋଲର ସୁରକ୍ଷା ଉପରେ ଜିଲ୍ଲା ପ୍ରଶାସନ ଓ ବ୍ଲକ ପ୍ରଶାସନ ସ୍ଥାନୀୟ ପୁଲିସ ତତ୍ପର ହେବାର ଆବଶ୍ୟକତା ରହିଛି ବୋଲି ମତ ପ୍ରକାଶ କରିଥିଲେ।

### ଜଳେଶ୍ୱର ଡେଭଲପ୍‌ମେଣ୍ଟ କମିଟିର ବିଭିନ୍ନ ଦାବି

# ଜଳେଶ୍ୱରକୁ ସବ୍‌ଡିଭିଜନ ମାନ୍ୟତା ଓ ରାଇବଣିଆରେ ବ୍ଲକ୍ ପ୍ରତିଷ୍ଠା ହେଉ



ଜଳେଶ୍ୱର ବ୍ଲକ, ୧୮।୬ (ସମିସ): ଜଳେଶ୍ୱରକୁ ସବ୍‌ଡିଭିଜନ ମାନ୍ୟତା ଓ ରାଇବଣିଆରେ ବ୍ଲକ ଓ ଶିଳ୍ପ ପ୍ରତିଷ୍ଠା କରିବାକୁ ଜଳେଶ୍ୱର ଡେଭଲପ୍‌ମେଣ୍ଟ କମିଟି ପୁଣି ଥରେ ଦାବି ଉପସ୍ଥାପନ କରିଛି। ରଜ ସଂକ୍ରାନ୍ତି ପାଳନ ଅବସରରେ ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତ ଓ ଜଳେଶ୍ୱର ସହର ମଧ୍ୟରେ ସଙ୍ଗଠନ ପକ୍ଷରୁ ଆୟୋଜିତ ରଜ ମଉଜ କାର୍ଯ୍ୟକ୍ରମରେ ଯୋଗଦେଇ ସଭାପତି ତଥା ଶିକ୍ଷାବିତ ଇଂଜିନିୟର ରତ୍ନାକର ରାୟ ଉପରୋକ୍ତ ମତପ୍ରକାଶ କରିବା ସହିତ ପ୍ରତ୍ୟେକ ପଞ୍ଚାୟତକୁ ସ୍ୱଚ୍ଛ, ସୁନ୍ଦର,ସଶକ୍ତ କରିବା ପାଇଁ ଦଳମତ ନିର୍ବିଶେଷରେ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ଗୋବରଘାଟା ପଂଚାୟତର ଅଗ୍ରୱାଲା ଛକ, ଜଳେଶ୍ୱରର ନୂଆବଜାର ଛକ, ସୁଗୋ ବଜାର ଛକ, ନାମ୍ପୋ ବଜାର ଛକ, ଖୁଲୁଡା ଛକ, କେଶପୁରା ହାଟ, ଚୋରମାରା ସମାଜ ପଡିଆ ପ୍ରଭୃତି ବିଭିନ୍ନ ସ୍ଥାନରେ ଆୟୋଜିତ ପଥପ୍ରାନ୍ତ ସଭାରେ ସଙ୍ଗଠନର ସାଧାରଣ ସମ୍ପାଦକ ସୁକୁମାର ରଣାଙ୍କ ପୌରହିତ୍ୟ କରିଥିଲେ। ଆୟୋଜିତ ସଭାରେ ସଭାପତି ଇଂ. ରାୟ ସଂଗଠନରେ ଦଳମତ ନିର୍ବିଶେଷରେ ବିଭିନ୍ନ ବର୍ଗର ବ୍ୟକ୍ତି ମାନେ ଜଳେଶ୍ୱରର ସାମୁହିକ ବିକାଶ ପାଇଁ ଆଗେଇ ଆସିବା ପାଇଁ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖୁଲୁଡା ସମିତି ସଭ୍ୟ ଲକ୍ଷ୍ମୀଧର ବେହେରା, ଅଜୟ ବେହେରା, ସୁଧୀର ଓଝା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋପାଳ ଚନ୍ଦ୍ର ଦତ୍ତ, ଯୁବନେତା ବିପ୍ଳବ କୁମାର ପ୍ରଧାନ, ସତ୍ୟରଞ୍ଜନ ରଣା, ନାମ୍ପୋ ପୂର୍ବତନ ସମିତି ସଭ୍ୟା ସର୍ବଜୟା ପତି ପ୍ରମୁଖ ଯୋଗଦେଇ ଆଗାମୀ ଦିନରେ ବିଭିନ୍ନ ସମସ୍ୟାର ଆଶୁ ସମାଧାନ ପାଇଁ ସାଂସଦ, ବିଧାୟକ ଓ ଲୋକପ୍ରତିନିଧିମାନଙ୍କ ସମେତ ଜିଲ୍ଲା ଓ ସ୍ଥାନୀୟ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯିବ ବୋଲି ପ୍ରକାଶ କରିଥିଲେ। ସେହିପରି ନାମ୍ପୋ କୁଂଜବାଡି ପଡିଆଠାରେ ମା' ବିଶାଳାକ୍ଷୀ ମହିଳା ସମିତି ଦ୍ୱାରା ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ସଭାପତି ମେନକା ପତି ପୌରହିତ୍ୟ କରିଥିଲେ। ଜଳେଶ୍ୱର ଡେଭଲପମେଣ୍ଟ କମିଟି ସଭାପତି ଇଂଜିନିୟର ରତ୍ନାକର ରାୟ ଓ ସାଧାରଣ ସମ୍ପାଦକ ସୁକୁମାର ରଣା ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ନାମ୍ପୋ ପଞ୍ଚାୟତକୁ ଏକ ଆଦର୍ଶ ପଞ୍ଚାୟତ ରୂପେ ଗଢିବା ପାଇଁ ବିଭିନ୍ନ ପରାମର୍ଶ ଦେଇଥିଲେ। ଜ୍ୟୋତ୍ସ୍ନାରାଣୀ କମିଳା, ସବିତା ରାଣୀ ସିଂହ, ଅନ୍ନପୂର୍ଣ୍ଣା ଦାସ, ମହୁଆ ବସୁ, ଅବନ୍ତି ସାମଲ, ଶାନ୍ତିଲତା ପ୍ରଧାନ, ନିୟତି ଘୋଷାଲ, ଦୁର୍ଗାମଣି ପ୍ରାମାଣିକ, ଜ୍ୟୋତ୍ସ୍ନା ପରିଡ଼ା ପ୍ରମୁଖ କର୍ମକର୍ତ୍ତା ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସମ୍ପାଦିକା ସ୍ନେହଲତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ବାସନ୍ତୀ ପାଳ ମେଧାବୃତ୍ତି ସମ୍ମାନ ପ୍ରଦାନ

କାଳିପଦା, ୧୮।୬ (ସମିସ): ବାଲିଆପାଳ ବରିଷ୍ଠ ନାଗରିକ ପରିଷଦ ତରଫରୁ ବୁଧବାର ଅନୁଷ୍ଠିତ ବୈଠକରେ ବାଲିଆପାଳ ବ୍ଲକରେ ହାଇସ୍କୁଲ



ସାର୍ଟିଫିକେଟ ୨୦୨୫ ପରୀକ୍ଷାରେ ଟପ୍ପର ହୋଇଥିବା ଚାରି ଜଣ ଛାତ୍ରଛାତ୍ରୀଙ୍କୁ ବାସନ୍ତୀ ପାଳ ମେଧା ବୃତ୍ତି ସମ୍ମାନରେ ସମ୍ମାନିତ କରାଯାଇଛି । ବୈଠକରେ ପରିଷଦର ସ୍ଥାୟୀ ସଭାପତି ନାରାୟଣ ପ୍ରସାଦ ସାହୁ ପୌରହିତ୍ୟ କରିଥିବାବେଳେ ସମ୍ମାନିତ ଅତିଥି ରୂପେ ଶିକ୍ଷାବିତ ଚିତ୍ତରଞ୍ଜନ ଦାସ, ପୂର୍ଣ୍ଣଚନ୍ଦ୍ର ରାଜ, ବଂକିମ ଚନ୍ଦ୍ର ଜେନା ମଞ୍ଚାସୀନ ହୋଇଥିଲେ। କେ ସି ହାଇସ୍କୁଲ ଶ୍ରୀରାମପୁରର ସ୍ୱାତୀପ୍ରଭା ପାତ୍ର, ଲଙ୍ଗଳେଶ୍ୱର ଏସ୍‌କେ ହାଇସ୍କୁଲର ଦେବପ୍ରିୟ ବେହେରା, ଦେଭୋଗ ଶ୍ରୀହରି ଚରଣ ହାଇସ୍କୁଲର ସତ୍ୟ ଜିତ ଦାସ ଓ ପଞ୍ଚୁପାଲି ହାଇସ୍କୁଲର ଜୟଶ୍ରୀ ବାରିକ ଚାରିଜଣଙ୍କୁ ବାସନ୍ତୀ ପାଳ ମେଧାବୃତ୍ତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା । ବୈଠକରେ ଅବସରପ୍ରାପ୍ତ ପ୍ରାଧାପକ କୁଞ୍ଜକାନ୍ତ ପାତ୍ର, ଅବସରପ୍ରାପ୍ତ କଲେଜ ଅଧକ୍ଷ ଡ. ବିଜୟ କୁମାର ଦେ, ଶମ୍ଭୁନାଥ ଗିରି, ଅନନ୍ତ ଗିରି, ଅଜିତ ପାତ୍ର, ଝାଡ଼େଶ୍ୱର ଦାସ, ସନ୍ନ୍ୟାସୀ ବେହେରା, ବିଜୟ ପାତ୍ର, ଶ୍ରୀହରି ଚରଣ ମଣ୍ଡଳ, ଗଦାଧର ଗିରି ପ୍ରମୁଖ ଉପସ୍ଥିତ ଥିଲେ। କାର୍ତ୍ତିକ ରାଉତ ମଞ୍ଚ ଆହ୍ୱାନ କରିଥିବାବେଳେ ସନ୍ନ୍ୟାସୀ ବେହେରା ବେଦ ପାଠ କରିଥିଲେ।

## ନିଟ୍ ପରୀକ୍ଷାରେ ସମ୍ବିତଙ୍କ ସଫଳତା

କାଳିପଦା, ୧୮।୬ (ସମିସ): ବାଲିଆପାଳ ବ୍ଲକ ବଡାସ ପଞ୍ଚାୟତ ତାହଲିଆ ଗ୍ରାମର ବଳରାମ କରଙ୍କ ନାତି



ସରୋଜ କରଙ୍କ ଏକମାତ୍ର ପୁଅ ସମ୍ବିତ କର ଚଳିତ ବର୍ଷ ସର୍ବଭାରତୀୟ ଡାକ୍ତରୀ ପ୍ରବେଶିକା ପରୀକ୍ଷା (ନିଟ୍)ରେ ୨୬୩ ରାଙ୍କରେ ରହି ଗୌରବ ଅର୍ଜନ କରିଛନ୍ତି। ସେ ଅରୁଣାଚଳ ପ୍ରଦେଶ କେନ୍ଦ୍ରୀୟ ବିଦ୍ୟାଳୟରେ ପଢ଼ି ଯୁକ୍ତ ଦୁଇ ବିଜ୍ଞାନ ପାସ କରି ବାଲିଆପାଳରେ ଭଡ଼ା ଘରେ ରହି ଦିନକୁ ବାର ଘଣ୍ଟା ଅଧ୍ୟୟନ କରି ସଫଳତା ହାସଲ କରିଛନ୍ତି। ଏଥିପାଇଁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି। ତାଙ୍କ ବାପା ସରୋଜ କର ବାଲିଆପାଳର ଆଇଡଲ୍ ଘରୋଇ ସ୍କୁଲର ଶିକ୍ଷକ ଓ ମା' ଗୃହିଣୀ।

## ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ କାର୍ଯ୍ୟାଳୟରେ ତାଲା

ଭୋଗରାଇ, ୧୮।୬ (ସମିସ) : ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ୍ କରୁଆଡି ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଗ୍ରାମବାସୀ ପଞ୍ଚାୟତ କାର୍ଯ୍ୟାଳୟ ଭିତରେ ଭର୍ତ୍ତି କରି ତାଲା ପକାଇ ଧରଣା ବସିଥିବା ଜଣାପଡ଼ିଛି। କରୁଆଡି ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ମାନସ ରଞ୍ଜନ ମାଝି ୧୦ ମାସ ପୂର୍ବରୁ ଏଠାରେ କାର୍ଯ୍ୟରେ ଯୋଗ ଦେଇଥିଲେ। ସେବେଠୁ ପଞ୍ଚାୟତ କାର୍ଯ୍ୟାଳୟକୁ ନ ଆସିବା, କାର୍ଯ୍ୟରେ ଅବହେଳା, ବାର୍ଦ୍ଧକ୍ୟ ଭତ୍ତା ଦେବାରେ ବିଳମ୍ବ କରିବା, ପଞ୍ଚାୟତରେ କୌଣସି



ଉନ୍ନତିମୂଳକ କାର୍ଯ୍ୟର ତଦାରଖ ନ କରିବା ଏବଂ ପ୍ରଧାନମନ୍ତ୍ରୀ ଆବାସ ଆସିଥିବା ହିତାଧିକାରୀଙ୍କ ବିଲ୍ ନ କରି ମନମାନି କରିବା ଆଦି ଅଭିଯୋଗ ହୋଇଆସୁଥିଲା। ଆଜି ସମ୍ପୃକ୍ତ ଅଧିକାରୀ ଶ୍ରୀ ମାଝି କାର୍ଯ୍ୟାଳୟକୁ ଆସିଥିବା ବେଳେ ତାଙ୍କୁ ଲୋକେ କାର୍ଯ୍ୟାଳୟ ଭିତରେ ରଖି ବାହାରୁ ତାଲା ପକାଇ ଅଟକ ରଖିବା ସହିତ ଧାରଣା ଦେଇଥିଲେ। ଯେତେବେଳେ ପର୍ଯ୍ୟନ୍ତ ବିଡ଼ିଓ ଆସି ତାଙ୍କୁ ଏଠାରୁ ବଦଳି କରିବାର ପ୍ରତିଶ୍ରୁତି ଦେଇନାହାନ୍ତି ସେତବେଳ ଯାଏ ଛାଡ଼ିବେ ନାହିଁ ଏବଂ ଧାରଣାରୁ ଉଠିବେ ନାହିଁ ବୋଲି ଗ୍ରାମର ସନ୍ତୋଷ କୁମାର ଦତ୍ତ, ପ୍ରତାପ ଦାସ, ପିତାମ୍ବର ଖଟୁଆ, ଦିବ୍ୟ ସୁନ୍ଦର ଦାସ ଚେତାବନୀ ଦେଇଥିଲେ। କିଛି ସମୟପରେ ଭୋଗରାଇ ବ୍ଲକର ସାମାଜିକ ସୁରକ୍ଷା ବିଭାଗ ଅଧିକାରୀ ଗୌରାଙ୍ଗ ସାମଲ, ଖାଦ୍ୟ ଯୋଗାଣ ଅଧିକାରୀ ସମେଶ୍ୱର ବେହେରା,ଏପିଓ ଜଗବନ୍ଧୁ ବେହେରା, ଜିପିଡିଓ ମଙ୍ଗଳ ମାଳତୀ ପ୍ରିୟା ମୁର୍ମୁ, ସେକ୍ସସନ ଅଫିସର ଗୌର ଗୋପାଳ କାମିଲା ପହଞ୍ଚି ଲୋକମାନଙ୍କୁ ବୁଝାସୁଝା କରିଥିଲେ। ସାତ ଦିନ ଭିତରେ ସମସ୍ତ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବାରୁ ଗ୍ରାମବାସୀ ଆନ୍ଦୋଳନରୁ ଓହରିଥିଲେ।

## ଦାବି ପୂରଣ ନହେଲେ ୮ରୁ ଆନ୍ଦୋଳନ

କାଳିପଦା, ୧୮।୬ (ସମିସ): ୬ ଦଫା ଦାବି ପୂରଣ ପାଇଁ ଓଡିଶା ଡ୍ରାଇଭର ମହାସଂଘ ବାଲିଆପାଳ ଶାଖା ପକ୍ଷରୁ ଆସନ୍ତା ଜୁଲାଇ ୮ରୁ ଆନ୍ଦୋଳନ ଡାକରା ଦିଆଯାଇଛି। ସଂଘର ସଭାପତି ସୁଦର୍ଶନ ବେହେରା, ସମ୍ପାଦକ ଗୌରାଙ୍ଗ ଜେନା ଓ ଅନ୍ୟ କେତେଜଣ ସଭ୍ୟ ଗତ ୧୩ ତାରିଖ ଦିନ ଓଏସଆରଟିସିଙ୍କୁ ବାଲିଆପାଳ ସରକାରୀ ବସ୍ ଚଳାଚଳ ସୁପରଭାଇଜର ମନୋଜ କୁମାର ମଣ୍ଡଳଙ୍କ ଜରିଆରେ ପ୍ରଦାନ କରିଥିଲେ। ଆସନ୍ତା ଏକ ମାସ ମଧ୍ୟରେ ସରକାର ଦାବି ଗୁଡିକୁ ପୂରଣ ନ କଲେ ଡ୍ରାଇଭରମାନେ ଆସନ୍ତା ଜୁଲାଇ ୮ରୁ ଷ୍ଟିୟରିଙ୍ଗ ଛାଡି ରାଜରାସ୍ତାକୁ ଓହ୍ଲେଇବେ ବୋଲି ଚେତାବନୀ ଦେଇଥିଲେ। ମାତ୍ର ଅଦ୍ୟାବଧି ସରକାର କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ସଂଘ ଏପରି ନିଷ୍ପତ୍ତି ନେଇଥିବା ପ୍ରକାଶ। ମୁଖ୍ୟ ଦାବି ଗୁଡିକ ହେଉଛି ଅଟୋ ଡ୍ରାଇଭରମାନଙ୍କୁ ସରକାରଙ୍କ ଦ୍ୱାରା ଗଠିତ ବୋର୍ଡରେ ସାମିଲ କରାଇବା ଓ ସେମାନଙ୍କ ପାଇଁ ଖାକି ପୋଷାକ ବାଧ୍ୟତା ମୂଳକ କରାଯାଉ, ସେମାନଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ ତିଆରି କରାଯାଉ, ୬୦ ବର୍ଷରୁ ଉଦ୍ଧ୍ୱର୍ଦ୍ଧ୍ୱ ଡ୍ରାଇଭରଙ୍କୁ ଭତ୍ତା ପ୍ରଦାନ କରାଯାଉ, ଡ୍ରାଇଭର ମାନଙ୍କ ପାଇଁ ବିଶ୍ରାମାଗାର ଓ ଶୌଚାଳୟ ପ୍ରତିଷ୍ଠା କରାଯାଉ, ଖଣି, ଖାଦାନ, କାରଖାନାରେ କାମ କରିବା ପାଇଁ ସେମାନଙ୍କୁ ସୁଯୋଗ ଦେବା, ସେପ୍ଟେମ୍ବର ୧କୁ ଜାତୀୟ ଡ୍ରାଇଭର ଦିବସ ଭାବେ ଘୋଷଣା ଏବଂ ଗାଡିର କାଗଜ ପାତ୍ର ଯାଞ୍ଚ କରିବା କ୍ଷମତା ପୁଲିସକୁ ଦିଆ ନ ଯିବା ଦାବି କରାଯାଇଛି।

# ଅସହାୟଙ୍କ ମୁହଁରେ ଫୁଟିଲା ହସ



ଜଳେଶ୍ୱର ବ୍ଲକ, ୧୮।୬ (ସମିସ) : ଗତ ୧୨ ତାରିଖରୁ ଜଳେଶ୍ୱର ପଞ୍ଚାୟତ ସମିତିରୁ ଗଡ଼ିଛି ବିକାଶ ବାହନ ରଥ। ଆଜି ବର୍ତ୍ତନା ଗ୍ରାମ ପଞ୍ଚାୟତର କାଞ୍ଚନ ଜେନା ନୂତନ ଭତ୍ତା ପାଇଥିବା ବେଳେ ବିକଳାଙ୍ଗ ସତ୍ୟବ୍ରତ ଜେନା ଅନ୍ତୋଦୟ ଆବାସ ଗୃହ ପାଇ ଖୁସି ବ୍ୟକ୍ତ କରିଛନ୍ତି। ଜଳେଶ୍ୱର ପଞ୍ଚାୟତ ସମିତିର ସାମାଜିକ ସୁରକ୍ଷା ଅଧିକାରିଣୀ ସଲିମା ରାଉତଙ୍କ ପ୍ରଚେଷ୍ଟା ବଳରେ ଗରିବ ଲୋକଟିଏ ସରକାରୀ ସୁବିଧା ସୁଯୋଗ ହାତ ପାଆନ୍ତାରେ ପାଇ ପାରୁଛି ବୋଲି ସମସ୍ତ ଗ୍ରାମ ପଞ୍ଚାୟତର ସରପଞ୍ଚ ସମିତି ସଭ୍ୟ ଓ ସାଧାରଣ ଲୋକମାନେ କହିଛନ୍ତି।

### ଆବାସ ଯୋଜନା ବାଟବଣା

# ଚିରା ପଲିଥିନ ତଳେ ବୁଦ୍ଧିଆ ସିଂଙ୍କ ପରିବାର

ରାଜଘାଟ, ୧୮।୬ (ସମିସ)



ସରକାର ସମସ୍ତ ଗରିବ ପରିବାରକୁ ପକ୍କାଘର ଯୋଗାଇ ଦିଆଯିବ ବୋଲି ଘୋଷଣା କରୁଛନ୍ତି, ହେଲେ ବାସ୍ତବତା ସମ୍ପୂର୍ଣ୍ଣ ଭିନ୍ନ। ଘର ଖଣ୍ଡିଏ ନପାଇ ଯନ୍ତ୍ରଣା ଭୋଗୁଛନ୍ତି ଏକ ଦୁଃସ୍ଥ ପରିବାର। ଚିରା ପଲଥିନି ଘର ମଧ୍ୟରେ ଦୁଇ ପୁଅ ଓ ସ୍ତ୍ରୀଙ୍କୁ ନେଇ ଜୀବନ ବିତାଉଛନ୍ତି ବୁଦ୍ଧିଆ ସିଂ। ସ୍ଥାନୀୟ ସରପଞ୍ଚଙ୍କୁ ବାରମ୍ବାର ଗୁହାରି କରି ସୁଫଳ ନ ମିଳିବାରୁ ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ହେଁ କେବଳ ପ୍ରତିଶ୍ରୁତି ହିଁ ମିଳିଛି କିନ୍ତୁ ଆଜି ପର୍ଯ୍ୟନ୍ତ ଘର ଖଣ୍ଡିଏ ମିଳିପାରିଲାନି, କେବଳ ଭୋଟ ସମୟରେ ସ୍ଥାନୀୟ ରାଜନେତାମାନଙ୍କର ଲମ୍ବା ପ୍ରତିଶ୍ରୁତି ମିଳେ ବୋଲି କୋହଭରା କଣ୍ଠରେ କହିଛନ୍ତି ସ୍ୱାମୀ ସ୍ତ୍ରୀ। ଏବେ ବର୍ଷାଋତୁ ଆସିଲାଣି, ଘରର ଆସବାବପତ୍ର ଗୋଟିଏ କଣରେ ରଖି ସେହି ଗୋଟିଏ ଘର ଭିତରେ ଖିଆ ପିଆ ସହ ଦୁଇ ପିଲାଙ୍କ ପାଠପଢା। କିଛି ଦିନହେବ ବିଦ୍ୟୁତ ବିଲ୍ ଦେଇ ନ ପାରିବାରୁ ବିଭାଗ ବିଜୁଳି ସଂଯୋଗ କାଟି ଦେଇଛି। ଫଳରେ ଭୟଭୀତ ଅବସ୍ଥାରେ ୪ ପ୍ରାଣୀ ରାତି କଟାଉଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ ଥିଲେ ମଧ ତାଲିକାରୁ ହଜିଯାଇଛି ତାଙ୍କ ନାମ। ରାତିରେ ଘର ଭିତରେ ଦିଶୁଛି ତାରା ଆଉ ଦିନରେ ଟାଣ ଖରା, ବର୍ଷା ଦିନ କଥା ନ କହିବା ଭଲ, ଏଭଳି ଅବସ୍ଥାରେ ୪ ପ୍ରାଣୀଙ୍କ କଟୁଛି ଜୀବନ। ଏଭଳି ଘଟଣା ଦେଖିବାକୁ ମିଳିଛି ବସ୍ତା ବ୍ଲକ ପାଉଁଶକୁଲି ପଞ୍ଚାୟତ ଅନ୍ତର୍ଗତ ୭ନମ୍ବର ୱାର୍ଡର ବୁଦ୍ଧିଆ ସିଂଙ୍କ ଘରେ। ବୁଦ୍ଧିଆ ପିଲାଟି ଦିନରୁ ବାପା ମା' ଛେଉଣ୍ଡ। ପରିବାର କହିଲେ ସ୍ତ୍ରୀ ଫୁଲ ସିଂ ଏବଂ ଦୁଇ ପୁଅ ମଙ୍ଗଲା(୧୩) ଓ ରବି (୧୧)। ସରକାରୀ ସହାୟତା କହିଲେ କେବଳ ମୁଣ୍ଡପିଛା ୫କିଲୋ ଚାଉଳ ତାହାବି ମାସ ଶେଷକୁ ନିଅଣ୍ଟ। ଜମି ବାଡ଼ି କହିଲେ କେବଳ ୪ ଡେସିମିଲର ଭିଟାମାଟି, ବୁଦ୍ଧିଆ ଏହିଭଳି ଦୁଃସ୍ଥ ଅବସ୍ଥାରେ ଜରିପାଲ ତଳେ ଦୀର୍ଘ ଦଶ ବର୍ଷ ଧରି ଅତି ଦୟନୀୟ ଅବସ୍ଥାରେ ଜୀବନ ଅତିବାହିତ କରୁଛନ୍ତି। ବୁଦ୍ଧିଆ ଜଣେ ଦିନ ମଜୁରିଆ ହିସାବରେ ଯାହା ରୋଜଗାର କରନ୍ତି ୪ ପ୍ରାଣୀଙ୍କୁ ନିଅଣ୍ଟ ଘର କଥା ପଚାରେ କିଏ। ତୁରନ୍ତ ପ୍ରଶାସନ ତାଙ୍କୁ ଆବାସରେ ଘର ଖଣ୍ଡେ ଯୋଗାଇ ଦେବା ପାଇଁ ଦାବି କରିଛନ୍ତି ୱାର୍ଡସଭ୍ୟା ମିତାରାଣୀ ପଣ୍ଡା, ପୂର୍ବତନ ୱାର୍ଡସଭ୍ୟ ବିକ୍ରମ ସିଂ ଓ ପଡୋଶୀ ବାଇଧର ସିଂ। ଘଟଣା ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ବିନ୍ଦୁବାଳା ସେନାପତିଙ୍କୁ ପଚାରିବାରୁ ସରକାରୀ ଆବାସ ପାଇଁ ସେ ଯୋଗ୍ୟ ହୋଇଥିଲେ ହେଁ ତାଙ୍କୁ ବାରମ୍ବାର ଦସ୍ତାବିଜ ମଗା ଯାଇଛି ମାତ୍ର ସେ ଦେଉନଥିବାରୁ ତାଙ୍କୁ ମିଳିପାରୁନି ବୋଲି କହିଥିଲେ।

## କାୟା ମେଲାଉଛି ଡାଇରିଆର ତାଣ୍ଡବ

# ବୟସ୍କରୁ ଶିଶୁଙ୍କ କବଳିତ କଲାଣି

ବ୍ୟାସନଗର,୧୮।୬(ସମିସ)

ବ୍ୟାସନଗର ପୌର ପରିଷଦର ବିଭିନ୍ନ ୱାର୍ଡରେ ଡାଇରିଆ ରୋଗ କାୟା ମେଲାଇବାରେ ଲାଗିଲାଣି। ପରିସ୍ଥିତିରେ ସୁଧାର ଆସିବ କ'ଣ ବରଂ ପରିସ୍ଥିତି ଅଧିକ ଜଟିଳ ହେଉଥିବା ଦେଖିବାକୁ ମିଳିଛି। ତେବେ ଡାଇରିଆ ନିରାକରଣ ଏଠାରେ କେବଳ ଏକପ୍ରକାର ପ୍ରହସନ ପାଲଟିଥିବା ବେଳେ ବର୍ତ୍ତମାନ ଏହା କମିବା ପରିବର୍ତ୍ତେ ଜିଲ୍ଲାର ଅନ୍ୟ ଅଞ୍ଚଳକୁ ବ୍ୟାପିବା ଆରମ୍ଭ କରିଛି। ତେବେ ସରକାରୀ ସ୍ତରରେ ଏନେଇ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଥିଲେ ମଧ୍ୟ ଏହା କେବଳ କାଗଜ କଲମରେ ସୀମିତ ରହିଛି। ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଠାରୁ ସ୍ୱାସ୍ଥ୍ୟ ସଚିବଙ୍କ ପର୍ଯ୍ୟନ୍ତ ଗସ୍ତ ହେଉଥିଲେ ମଧ୍ୟ ହଇଜାରେ ରୋକ ଲାଗିପାରିନି। ଉଭୟଙ୍କ ଗସ୍ତ ପରେ ବ୍ୟାସନଗରରେ ଡାଇରିଆ ଉପରମୁଖା ହୋଇଛି। ସେହିପରି ଡାଇରିଆ ମୃତ୍ୟୁରେ ବି ବିରାମ ଲାଗିନି। ତେବେ ପ୍ରାରମ୍ଭିକ ଭାବେ କେବଳ ବୟସ୍କ ଲୋକମାନେ ଡାଇରିଆରେ ସଂକ୍ରମିତ ହେଉଥିବା ବେଳେ ଏବେ ଶିଶୁମାନେ ଏହି ଧାରାରେ ସାମିଲ ହୋଇଛନ୍ତି। ତେବେ ବୁଧବାର ଯାଜପୁର ରୋଡରେ ଡାଇରିଆରେ ପ୍ରଥମ ଶିଶୁର ମୃତ୍ୟୁ ଘଟିଥିବା ବେଳେ ଗତ ମଙ୍ଗଳବାର ରାତିରେ ଜଣେ ମହିଳା ମଧ୍ୟ ମୃତ୍ୟୁବରଣ କରିଛନ୍ତି। ତେବେ ମୃତକଦ୍ୱୟ ପୌରପରିଷଦର ପ୍ଲଟ ଅଞ୍ଚଳରେ ହୋଇଥିବା ଜଣାପଡିଛି।

ତେବେ ମଙ୍ଗଳବାର ମୃତ୍ ମହିଳାଙ୍କୁ ନେଇ ବିବାଦ ଆରମ୍ଭ ହୋଇଛି। ସୂଚନାମୁତାବକ ୨ ଦିନ ତଳେ ଉକ୍ତ ମହିଳା ଯାଜପୁର ରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେବାକୁ ଆସିଥିବା ବେଳେ ତାଙ୍କୁ କିଏ ଘରକୁ ପଠାଇଥିଲା ତାକୁ ନେଇ ପ୍ରଶ୍ନ ଉଠିଛି। ତେବେ ସହରର ବୁଦ୍ଧିଜୀବୀ ସିଧାସଳଖ ଏହା ମେଡିକାଲ କର୍ତ୍ତୃପକ୍ଷଙ୍କ ଅପାରଗତାକୁ ଦୋଷ ଦେବା ସହିତ ଚିକିତ୍ସା ଅବହେଳାରୁ ଉକ୍ତ ମହିଳାଙ୍କ ମୃତ୍ୟୁ ହୋଇଥିବା ନେଇ କହିଛନ୍ତି। ତେବେ ଏମିତି ବି ଅଭିଯୋଗ ହେଉଛି କି ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତ କିଛି ନୂତନ ଡାକ୍ତର ରୋଗୀକୁ ଚିକିତ୍ସା କରିବା ବଦଳରେ ଯାଜପୁର ମୁଖ୍ୟ ଚିକିତ୍ସାଳୟ କିମ୍ବା କଟକ ବଡ଼ ଡାକ୍ତରଖାନା ରେଫର କରିଦେଉଛନ୍ତି। ଯାହାକୁ

- **ମହିଳାଙ୍କ ମୃତ୍ୟୁକୁ ନେଇ ବିବାଦ**
- **ଭଲ ହେବା ପୂର୍ବରୁ ହୋଇଥିଲେ ଡିସଚାର୍ଜ**

ନେଇ ସହରବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ତେବେ ମନ୍ତ୍ରୀ ଏବଂ ସଚିବ ଆସିବା ପରେ ସ୍ଥିତି ବିଗିଡିବାରୁ ସରକାରର ଦୋଷ ଦୁର୍ବଳତା ଏବଂ ରୋଗୀଙ୍କ ପ୍ରତି ଦରଦ ଜଳ ଜଳ ଦିଶୁଥିବା କହିଛନ୍ତି ସ୍ଥାନୀୟ କାଉନସିଲର।

ସହରରେ ଅଶୋଧିତ ତଥା ଦୂଷିତ ପାନୀୟ ଜଳ ପାଇପ ଯୋଗେ ଯୋଗାଇ ୱାଟକୋ ହିଁ ରୋଗ ବଢାଉଛି ବୋଲି ଅଭିଯୋଗ ହେଉଛି। ଏ ନେଇ 'ସକାଳ'ରେ ସର୍ବପ୍ରଥମେ ଖବର ପ୍ରକାଶ ପାଇବା ସହିତ ଏନେଇ



ଅବଗତ କରାଯାଇଥିଲେ ମଧ୍ୟ ନା ପ୍ରଶାସନ ନା ଜଳ ଯୋଗାଣକାରୀ ସଂସ୍ଥା କେହି ମଧ୍ୟ କର୍ଣ୍ଣପାତ କରିନଥିଲେ। ତେବେ ଡାଇରିଆ ବ୍ୟାପିବା ପରେ ମୁଖ୍ୟ ଉତ୍ସ ଜଳ ଯୋଗାଣର ତଦନ୍ତ କରା ନଯାଇ ମିଠା ଦୋକାନ ଏବଂ ହୋଟେଲ ବନ୍ଦ କରାଇବା ଏକପ୍ରକାର ଭେଳିକି ବୋଲି ଆଲୋଚନା ଜୋର ଧରିଛି। ନେଡ଼ି ଗୁଡ଼ କହୁଣୀକୁ ବୋହିଯିବା ପରେ ପ୍ରଶାସନର ବଡପଣ୍ଡାମାନେ ଏସି ଗାଡିରେ ବସି ଖାଦ୍ୟ ସୁରକ୍ଷା କଥା ଚିନ୍ତା କରୁଛନ୍ତି। ପ୍ରଶାସନର ଆଖି ଆଗରେ ପ୍ରତ୍ୟହ ହଜାର ହଜାର ବିହାରୀ ଗୁପଚୁପ ବେପାରୀ ବିଷାକ୍ତ ଖଟାପାଣି ବ୍ୟବହାର କରି ଗୁପଚୁପ ବିକୁଥିବା ବେଳେ ଏବେ ତଣ୍ଟିରେ କଣ୍ଟା ଲାଗିବା ପରେ ବ୍ୟତିବ୍ୟସ୍ତ ହୋଇ ଡାକ୍ତରଖାନା ଧାଉଁଛନ୍ତି। ତେବେ ଯାଜପୁର ରୋଡ ମେଡିକାଲ ଅନେକ ଗୁରୁତ୍ୱ ବହନ କରୁଥିବା ବେଳେ ଏଠାରେ ଦୀର୍ଘ ବର୍ଷ ହେବ ଅନେକ ବିଶେଷଜ୍ଞ ଡାକ୍ତର ନଥିବା ନେଇ ଅନେକବାର ବିଭିନ୍ନ ସାମାଜିକ ସଙ୍ଗଠନ ପ୍ରଶାସନକୁ ଦାବି ଜଣାଇଥିଲେ ମଧ୍ୟ ପ୍ରଶାସନ ଏହାକୁ ନେଇ ଆଖି ବୁଜି ଦେଇଥିବା ବେଳେ ଏବେ ସ୍ଥିତି ବେହାଲ ହେବାରୁ ବୁଦ୍ଧି ଉଦୟ ହୋଇଛି। ତେବେ ପ୍ରଶାସନ ଏବଂ ସରକାରର ଉଦାସୀନତା ମନୋଭାବ ତଥା ଅନେକ ବିଭାଗୀୟ ଅଧିକାରୀଙ୍କ ଡହରାମି ଯୋଗୁଁ ଅନେକ ନୀରିହ ଜୀବନ ଅକାଳରେ ଯାଇଛି। ତେବେ ଏହି ନୀରିହ ଜୀବନହାନିର ଉଚ୍ଚସ୍ତରୀୟ ତଦନ୍ତ ଅନିବାର୍ଯ୍ୟ ଏବଂ ଦୋଷୀ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି।

## ଝିଙ୍କାରପୁର ଅଞ୍ଚଳରେ ୧୦୨ ଆକ୍ରାନ୍ତ

ଝିଙ୍କାରପୁର: ଝିଙ୍କାରପୁର ଅଞ୍ଚଳରେ ୧୦୨ ଜଣ ଝାଡ଼ା ବାନ୍ତିରେ ଆକ୍ରାନ୍ତ ହୋଇଥିବା ବେଳେ ଆଜି ଏହି ରୋଗରେ ୫ ଜଣ ଆକ୍ରାନ୍ତ ହୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ୧୦ରୁ ୧୮ ତାରିଖ ମଧ୍ୟରେ ମୋଟ ୧୦୨ ଜଣ ଆକ୍ରାନ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ଏହା ମଧ୍ୟରୁ ୯୬ ଜଣ ସୁସ୍ଥ ହୋଇ ଫେରିଥିବା ବେଳେ ଜଣେ ଗର୍ଭବତୀ ମହିଳାଙ୍କୁ ଗତ ମଙ୍ଗଳବାର ସନ୍ଧ୍ୟାରେ ଯାଜପୁର ମୁଖ୍ୟ ଚିକିତ୍ସାଳକୁ ପଠାଇ ଦିଆଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ କ୍ଷୀତିଶ କୁମାର ନାୟକ ଏବଂ ତାଙ୍କର ଡାକ୍ତରୀ ଦଳ ଏବଂ ସ୍ୱାସ୍ଥ୍ୟକର୍ମୀମାନଙ୍କ ଉପଯୁକ୍ତ ଶେବା ପାଇଁ ରୋଗୀ ମାନେ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି। ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଶ୍ରୀ ନାୟକଙ୍କ ଠାରୁ ମିଳିଥିବା ସୂଚନା ଅନୁସାରେ ଝିଙ୍କାରପୁର ଅଞ୍ଚଳରୁ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସିବା ରୋଗୀ ମାନଙ୍କ ମଧ୍ୟରେ କଲେରା ଲକ୍ଷଣ ପରିଲକ୍ଷିତ ହୋଇନାହ। ଯଦି ଝାଡ଼ାବାନ୍ତିରେ ଆକ୍ରାନ୍ତ ମାନଙ୍କ ମଧ୍ୟରେ ଏପରି ଲକ୍ଷଣ ଦେଖାଯାଏ ତେବେ ଲ୍ୟାବ୍ ଟେଷ୍ଟ କରାଯିବା ସହ ଉପଯୁକ୍ତ ପଦକ୍ଷପ ଗ୍ରହଣ କରାଯିବ ବୋଲି ଡାକ୍ତର ଶ୍ରୀ ନାୟକ କହିଛନ୍ତି। ସବୁଠୁ ବଡ କଥା ହେଲା ଝିଙ୍କାରପୁର ପ୍ରଶାସନିକ ଅଧିକାରୀମାନଙ୍କ ପ୍ରଚେଷ୍ଟା, ସ୍ୱାସ୍ଥ୍ୟ ବିଭାଗ ଏବଂ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଗାଁ ଗାଁରେ ବୁଲିବୁଲି ଉପଯୁକ୍ତ ସେବା ଯୋଗାଣ ଦ୍ୱାରା ବର୍ତ୍ତମାନ ସୁଧା ଝାଡ଼ାବାନ୍ତିରେ ଆକ୍ରାନ୍ତଙ୍କ ମଧ୍ୟରୁ କୌଣସି କଲେରା ଆକ୍ରାନ୍ତ ରୋଗୀ ଚିହ୍ନଟ ହୋଇନାହାନ୍ତି।

## ସିଂହପୁର ବଜାରରେ ଦୋକାନ ସିଲ୍



**ସିଂହପୁର:** ଝିଙ୍କାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ବଜାରରେ ଆଜି ରାଜସ୍ୱ ବିଭାଗ ପକ୍ଷରୁ ଚଢ଼ଉ କରାଯିବା ସହିତ ଦୁଇଟି ଦୋକାନ ସିଲ୍ କରିଛନ୍ତ। ଅନ୍ୟ ଦୋକାନରେ ପ୍ରଶାସନ ପକ୍ଷରୁ ଜାରି କରାଯାଇଥିବା ନୋଟିସ ମାରିଥିଲେ। ଝିଙ୍କାରପୁର ତହସିଲଦାର ହିମାଂଶୁ ଶେଖର ସାହୁ, ଆର୍‌ଆଇ, ପୁଲିସ, ଓ ତହସିଲ୍ କର୍ମଚାରୀ ମାନେ ଚଢ଼ଉରେ ସାମିଲ ହୋଇଥିଲେ। ଯାଜପୁର ଜିଲ୍ଲାରେ ଝାଡ଼ା ବାନ୍ତି ପରିସ୍ଥିତି ଅଣାୟତ୍ତ ଯୋଗୁଁ ଏହାକୁ ରୋକିବା ପାଇଁ ପ୍ରଶାସନ ପକ୍ଷରୁ ଖାଦ୍ୟ ସାମଗ୍ରୀ ଦୋକାନ ବନ୍ଦ କରାଯାଇଛି। ଏହାକୁ ଅମାନ୍ୟ କରି କେତେକ ଦୋକାନ ଖୋଲୁଥିବାରୁ ପ୍ରଶାସନ ପକ୍ଷରୁ ଚଢାଉ କରାଯାଇଛି। ତହସିଲଦାର ଶ୍ରୀ ସାହୁ କହିଛନ୍ତି ଯଦି କୌଣସି ଦୋକାନ ନିୟମକୁ ଉଲ୍ଲଂଘନ କରନ୍ତି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ଚେତାଇ ଦେଇଛନ୍ତି।

## ଜଳଖିଆ ଦୋକାନରୁ ହଇଜା ଭୂତାଣୁ ଠାବ

**ବାଲିଚନ୍ଦ୍ରପୁର:** ବଡ଼ଚଣା ବ୍ଲକର ବିଭିନ୍ନ ବଜାର ଉପରେ ପ୍ରଶାସନ ପକ୍ଷରୁ ଚଢ଼ଉ କରାଯିବା ସହିତ ବିଭିନ୍ନ ହୋଟେଲ ଓ ଜଳଖିଆ ଦୋକାନ ମାନଙ୍କରୁ ପାଣି ନମୁନା ସଂଗ୍ରହ କରାଯାଇ ପରୀକ୍ଷା କରାଯାଉଛି। ଯେଉଁ ଦୋକାନର ପାଣି ନମୁନାରେ ହଇଜା ଜୀବାଣୁ ଥିବା ଜଣା ପଡୁଛି ସେହି ଦୋକାନକୁ ସିଲ କରାଯାଉଛି। ତେବେ ଗତ କାଲି ବାଲିଚନ୍ଦ୍ରପୁର ବଜାରର କେତେକ ହୋଟେଲ ଓ ଜଳଖିଆ ଦୋକାନ ଉପରେ ଚଢ଼ାଉ କରି ସେହି ସବୁ ଦୋକାନରେ ଥିବା ବାସୀ ଖାଦ୍ୟକୁ ଅଧିକାରୀ ମାନେ ନଷ୍ଟ କରିବା ସହିତ ପାଣି ନମୁନା ପରୀକ୍ଷା ପାଇଁ



ନିଆଯାଇଥିଲା। ସେହି ଦୋକାନ ମାନଙ୍କ ମଧ୍ୟରୁ ଶ୍ରୀ ଗଣେଶ ସୁଇଟ ଷ୍ଟଲ ଓ ସାହୁ ସୁଇଟ ଷ୍ଟଲରୁ ସଂଗ୍ରହ କରାଯାଇଥିବା ପାଣିକୁ ପରୀକ୍ଷା କରାଯିବା ପରେ ସେଥିରେ ହଇଜା ଜୀବାଣୁ ଥିବା ଜଣା ପଡିଥିଲା। ତେବେ ଆଜି ଦର୍ପଣ ତହସିଲଦାର ମାନସ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ଏକ ଟିମ ଏହି ଦୁଇ ଦୋକାନରେ ପହଞ୍ଚି ଏହାକୁ ସିଲ କରିବା ସହିତ ବହୁ ପରିମାଣର ମିଠାକୁ ନଷ୍ଟ କରି କରି ଦେଇଥିଲେ। ସେହିପରି ବାଲିଚନ୍ଦ୍ରପୁର ବଜାର ସମେତ ବଡ଼ଚଣା ବ୍ଲକ ଅଞ୍ଚଳର ବିଭିନ୍ନ ଜଳଖିଆ ଦୋକାନରୁ ପାଣି ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଛି। ପରୀକ୍ଷା ପରେ ଯଦି କେଉଁ ଦୋକାନର ପାଣିରୁ ହଇଜା ଜୀବାଣୁ ଥିବା ଜଣା ପଡିବ ତେବେ ସେହି ସବୁ ଦୋକାନକୁ ସିଲ କରାଯିବ ବୋଲି ତହସିଲଦାର ଶ୍ରୀ ତ୍ରିପାଠୀ ସୂଚନା ଦେଇଛନ୍ତି। ତହସିଲଦାର ଶ୍ରୀ ତ୍ରିପାଠୀଙ୍କ ସହିତ ଅତିରିକ୍ତ ତହସିଲଦାର ଗଗନ ବିହାରୀ ଦାଶ ଓ ରାଜସ୍ୱ ସୁପରଭାଇଜର ପଦ୍ମନାଭ ପଣ୍ଡା ଏବଂ ବାଲିଚନ୍ଦ୍ରପୁର ଥାନା ଅଧିକାରୀ ମାନେ ଆଜିର ଏହି ଚଢ଼ଉ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ତେବେ ଆଜିର ଏହି ଚଢ଼ାଉ ଓ ଦୋକାନ ସିଲ ହେବା ପରେ ପରେ ବାଲିଚନ୍ଦ୍ରପୁର ବଜାରର ସମସ୍ତ ହୋଟେଲ ଓ ଜଳଖିଆ ଦୋକାନ ଆପେ ଆପେ ବନ୍ଦ ହୋଇଯାଇଥିବା ଦେଖିବାକୁ ମିଳିଥିଲା।

## ଡାଇରିଆ ନିରାକରଣ ବୈଠକ




**କୁଆଖିଆ:** ରସୁଲପୁର ପଞ୍ଚାୟତ ସମିତିର ଏକ ସ୍ୱତନ୍ତ୍ର ଅଧିବେଶନ ବୁଧବାର ଅଧ୍ୟକ୍ଷ ଅରୁଣ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ରସୁଲପୁର ବ୍ଲକ ଅଞ୍ଚଳରେ ଡାଇରିଆ ରୋଗର ନିରାକରଣ ଓ ଜନସଚେତନା ଉପରେ ଗୁରୁତ୍ୱାରୋପ କରାଯାଇ ଆଲୋଚନା କରାଯାଇଥିଲା। ରସୁଲପୁର ବ୍ଲକ ଅଞ୍ଚଳରେ ୨୦୦ରୁ ଊର୍ଦ୍ଧ୍ୱ ଲୋକ ଏହି ରୋଗରେ ଆକ୍ରାନ୍ତ ହୋଇଥିବା ଜଣାଯାଇଛି। ସେମାନଙ୍କ ମଧ୍ୟରୁ କେତେଜଣଙ୍କ ସ୍ୱାସ୍ଥ୍ୟଅବସ୍ଥା ଗୁରୁତର ରହିଛି ମଧ୍ୟ। ଏହି ରୋଗକୁ ନିୟନ୍ତ୍ରଣ କରିବାକୁ ହେଲେ ପ୍ରତ୍ୟେକ ପରିବାରର ସଦସ୍ୟଙ୍କୁ ରୋଗର କାରଣ ଓ ନିରାକରଣ ସଂପର୍କରେ ସଚେତନ କରାଯିବାର ଆବଶ୍ୟକତା ରହିଛି। ଏହି ଲକ୍ଷ୍ୟ ହାସଲ ପାଇଁ ପ୍ରଶାସନିକ ସ୍ତରରେ ବ୍ୟାପକ ପଦକ୍ଷେପ ନିଆଯାଉଛି। ଜନପ୍ରତିନିଧି, ପ୍ରଶାସନିକ ଅଧିକାରୀ, ଜନସାଧାରଣଙ୍କ ମଧ୍ୟରେ ସମନ୍ୱୟ ରଖାଯାଇ ପାରିଲେ ଡାଇରିଆ ଭଳି ରୋଗକୁ ନିୟନ୍ତ୍ରଣ କରାଯାଇ ପାରିବ ବୋଲି କୁହାଯାଇଥିଲା। ଏହାଛଡା ବ୍ଲକରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ ସଂପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ ଯାଜପୁର ସାଂସଦ ଡ. ରବିନ୍ଦ୍ର ନାରାୟଣ ବେହେରା, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, କୋରେଇ ବିଧାୟକଙ୍କ ପ୍ରତିନିଧି ପ୍ରହ୍ଲାଦ ପଣ୍ଡା, ରସୁଲପୁର ତହସୁଲଦାର ସିଦ୍ଧାର୍ଥ କୁମାର ବେହେରା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରି ଉପାଦେୟ ମତାମତ ଦେଇଥିଲେ। ରସୁଲପୁର ବିଡିଓ ସତ୍ୟାନନ୍ଦ ଦାଶ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ପଞ୍ଚାୟତ ସମିତି ଉପାଧ୍ୟକ୍ଷା ଜୟନ୍ତି ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ମେଡିକାଲ ବାରଣ୍ଡାରେ ଚାଲିଛି ଚିକିତ୍ସା



କୁହିକା: ସୁକିନ୍ଦା ବ୍ଲକରେ ଝାଡା ବାନ୍ତି ଉପର ମୁହାଁ ଆଡକୁ ଗତି କରୁଛି। ଇତି ମଧ୍ୟରେ ତିନି ଜଣଙ୍କର ମୃତ୍ୟୁ ଘଟି ସାରିଥିବା ବେଳେ ବୁଧବାର ସନ୍ଧ୍ୟା ମଧ୍ୟରେ ଆଉ ୯ଜଣ ଆକ୍ରାନ୍ତ ରୋଗୀ ଚିକିତ୍ସାଧିନ୍ ଥିବା ଜଣାପଡିଛି। ଗ୍ରାମାଞ୍ଚଳରେ ଝାଡା ବାନ୍ତି ବୃଦ୍ଧି ପାଉଛି। କୁହିକା ପଞ୍ଚାୟତ ମୂଳଖମ୍ବାଙ୍ଗାର ନାରାୟଣ ବେହେରା ଝାଡା ହେବାରୁ ତାଙ୍କୁ ସୁକିନ୍ଦା ପରେ କଟକ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ଝାଡା ସହ ପାରାଲିସିସ ବୃଦ୍ଧି ପାଇବାରୁ ତାଙ୍କ ଅବସ୍ଥା ସଂକଟାପର୍ଣ୍ଣ ଅବସ୍ଥାରେ ଚିକିତ୍ସାଧିନ୍ ଅଛନ୍ତି। ଉକ୍ତ ଗାଁରେ ଏକାଧିକ ବ୍ୟକ୍ତି ସଂକ୍ରମିତ ହୋଇ ଚିକିତ୍ସାଧୀନ ଥିବା ବେଳେ ଉକ୍ତ ଗାଁକୁ ବ୍ଲିଚିଙ୍ଗ ପାଉଡର ଟିକେ ସାତସପନ ପାଲଟିଛି। ସେହିପରି କାଙ୍କଡ଼ପାଳ ପଞ୍ଚାୟତ ଗରାମିଆଁ କାଟେଣୀର ଜଣେ ଆଦିବାସୀ ବର୍ଗର ଝିଅ ଡାଇରିଆରେ ଆକ୍ରାନ୍ତ ହୋଇ ଯାଜପୁର ଟାଉନରେ ଚିକିତ୍ସିତ ହେଉଛନ୍ତି। ଗ୍ରାମାଞ୍ଚଳରେ କିଛି ବ୍ୟକ୍ତିଙ୍କର ଝାଡା ହେଉଥିବା ବେଳେ ଭୟ ଆଶଙ୍କାରେ ମେଡିକାଲ ଯାଉନଥିବା ଦେଖିବାକୁ ମିଳୁଛି। କୁହିକା, କାଙ୍କଡ଼ପାଳ, ଗାଁଷୋଳ, ଚିଙ୍ଗୁଡ଼ିପାଳ, କାଳିଆପାଣି, ଦୁଧୁଯୋରି, ହରିପୁର, ହାତିବାରୀ, ପିଙ୍ଗଲ, ଅଭା, ବର୍ତ୍ତଣ୍ଡା, ଲେମ୍ବୋ ପଞ୍ଚାୟତ ସହ ସୁକିନ୍ଦା ଗଡ଼ ପଞ୍ଚାୟତରେ ବ୍ଲିଚିଂ ପାଉଡର ଟିକେ ପଡୁନଥିବା ଅଭିଯୋଗ ହେଉଛି। ଗ୍ରାମାଞ୍ଚଳ ଲୋକଙ୍କୁ ଡାଇରିଆ ଗ୍ରାସ କଲେ ଜନଜୀବନ ହାନି ହେବାର ସମ୍ଭାବନା ରହିଛି। ଗ୍ରାମାଞ୍ଚଳ ଲୋକଙ୍କ ଜନଜୀବନର ସୁରକ୍ଷା ପାଇଁ ଆଖି ଦୃଶିଆ ପଦକ୍ଷେପ ନିଆଯାଇନଥିବା ଅଭିଯୋଗ ହେଉଛି। ସୁକିନ୍ଦା ମେଡିକାଲରେ ରୋଗୀ ସଂଖ୍ୟା ବୃଦ୍ଧି ପାଉଥିବାରୁ ମେଡିକାଲ ବାରଣ୍ଡା ରେ ରୋଗୀ ମାନେ ଚିକିତ୍ସିତ ହେଉଥିବା ଦେଖିବାକୁ ମିଳୁଛି। ସାରା ସୁକିନ୍ଦା ଅଞ୍ଚଳରେ ଡାଇରିଆ ଉପର ମୁହାଁ ଆଡକୁ ଗତି କରୁଛି। ଏ ସମ୍ପର୍କରେ ସୁକିନ୍ଦା ମେଡିକାଲ ଅଫିସର ଜୟଦେବ ନନ୍ଦ କହିଛନ୍ତି ଗ୍ରାମାଞ୍ଚଳ ରେ ସ୍ଥିତି ନିୟନ୍ତ୍ରଣ ପାଇଁ ମୋଭିଲାଇଜ କରାଯାଉଛି.ସିଏସଓ ଗଠନ ହୋଇଛି। ଆଶା ମାନଙ୍କୁ ଆଲର୍ଟ କରାଯାଇଛି। ରୋଗି ଙ୍କୁ ତୁରନ୍ତ ମେଡିକାଲ ପଠାଇବାକୁ ପରାମର୍ଶ ଦିଆଯାଇଛି। ସଂକ୍ରମିତ କୁ ରୋକିବାକୁ ଲୋକଙ୍କ ସହଯୋଗର ଆବଶ୍ୟକତା ରହିଛି। ବ୍ଲିଚିଂ ପାଉଡ଼ର ନଳ କୂପ, କୂଅରେ ପକାଇବାକୁ ଆରଡବ୍ଲୁଏସଏସ ତଦାରଖ କରୁଛି ବୋଲି ମତବ୍ୟକ୍ତ କରିଛନ୍ତି। ଗ୍ରାମାଞ୍ଚଳ ଲୋକଙ୍କ ଜନ ଜୀବନ ସୁରକ୍ଷା ପାଇଁ ବେଳ ଥାଉଁ ଥାଉଁ ସାବଧାନତା ଜରୁରି ହୋଇପଡିଛି। ଏ ସମ୍ପର୍କରେ ଉପଯୁକ୍ତ ଚିକିତ୍ସା,ସଚେତନତା,ବ୍ଲିଚିଂ ପାଉଡ଼ର ଠାରୁ ସମସ୍ତ ଆବଶ୍ୟକୀୟ ଜିନିଷ ଯୋଗାଣ ନିମନ୍ତେ ଯାଜପୁର ଜିଲ୍ଲାପାଳ,ସ୍ୱାସ୍ଥ୍ୟ ବିଭାଗ,ସ୍ଥାନୀୟ ବିଧାୟକ ଙ୍କ ହସ୍ତକ୍ଷେପ ପାଇଁ ଲୋକେ ଦାବି କରିଛନ୍ତି।

## ଆକ୍ରାନ୍ତଙ୍କୁ ଭେଟିଲା ଯୁବ କଂଗ୍ରେସ



**ଯାଜପୁର ଟାଉନ:** ଯାଜପୁର ଜିଲ୍ଲା ସଦରମହକୁମା ଚିକିତ୍ସାଳୟକୁ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସର ଏକ ପ୍ରତିନିଧି ଦଳ କାର୍ଯ୍ୟକାରୀ ସଭାପତି ତଥା ସ୍ୱାସ୍ଥ୍ୟ କମିଟିର ଅନ୍ୟତମ ସଦସ୍ୟ କୃଷ୍ଣଚନ୍ଦ୍ର ମହାନ୍ତିଙ୍କ ନେତୃତ୍ୱରେ ଆସି ଝାଡ଼ାବାନ୍ତିରେ ଆକ୍ରାନ୍ତ ରୋଗୀଙ୍କୁ ଭେଟି ଆଲୋଚନା କରିଥିଲେ। ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହି ପ୍ରତିନିଧି ଦଳରେ ରାଜ୍ୟ ଯୁବ କଂଗ୍ରେସର ସାଧାରଣ ସମ୍ପାଦକ ରାକେଶ ସାହୁ, ଜ୍ଞାନ ରାଉତ, ବିଶ୍ୱଜିତ୍ ଲେଙ୍କା ଓ ଯୁବ ନେତା ବୀରେନ ପଶାୟତ ଓ ଉମାକାନ୍ତ ବେହେରା ସାମିଲ ଥିଲେ।



ଜିଲ୍ଲାପାଳଙ୍କ ସମୀକ୍ଷା ବୈଠକ

# କଟକଣାକୁ ଆଖିଠାର, ମାଛ ଚିକେନ ବିକ୍ରି

**ଧର୍ମଶାଳା:** ଧର୍ମଶାଳା ବ୍ଲକରେ ଡାଇରିଆ ସ୍ଥିତିରେ କିଛିଟା ରୋକ ଲାଗିଛି। ହେଲେ ଏବେବି ସ୍ଥିତି ଗମ୍ଭିର ରହିଛି। ଗତକାଲି ଅପେକ୍ଷା ଆଜି କମ୍ ଆକ୍ରାନ୍ତ ଡାକ୍ତରଖାନାକୁ ଆସି ଚିକିତ୍ସିତ ହେଉଥିବା ଦେଖିବାକୁ ମିଳିଛି। ତିବେ ଗତ କିଛି ଦିନ ତୁଳନାରେ ଝଡାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା କମିଥିବା ବେଳେ ଗତକାଲି ରାତିରୁ ଆଜି ସନ୍ଧ୍ୟା ପର୍ଯ୍ୟନ୍ତ ୨୧ ଜଣ ନୁଆ ଅକ୍ରାନ୍ତ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଭର୍ତ୍ତି ହୋଇଥିବା ସମସ୍ତଙ୍କ ଠାରେ ମାଇଲ୍ଡ ଝାଡାବାନ୍ତି ଦେଖାଦେଇଥିବା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ସୂଚନା ଦେଛନ୍ତି। ଧର୍ମଶାଳା ବ୍ଲକରେ ସର୍ବପ୍ରଥମ ଏହି ଝାଡାବାନ୍ତି ରୋଗ ବ୍ୟାପିଥିବା ବେଳେ କେହି ମୃତାହତ ହୋଇନଥିବା ଜଣାଯାଇଛି। ଗତକାଲି ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଆକ୍ରାନ୍ତଙ୍କ ମଧ୍ୟରୁ ୧୭ଜଣଙ୍କୁ ଆଜି ଡିସ୍‌ଚାର୍ଜ କରାଯାଇଥିବା ବେଳେ ଏବେ ଡାକ୍ତରଖନାରେ ୪୧ ଜଣ ଆକ୍ରାନ୍ତ ଚିକିତ୍ସାଧୀନ ଥିବା ଜଣାପଡିଛି। ଆଗ ଅପେକ୍ଷା ସ୍ଥିତିରେ କିଛିଟା ସୁଧାର ଆସୁଥିବା ଜଣାଯାଇଛି। ଡାକ୍ତରଖାନାକୁ ଆସୁଥିବା ରୋଗୀ ମାନେ



ମାଇଲ୍ଡ ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ଆସୁଛନ୍ତି। ତେବେ ସୁରକ୍ଷା ଦୃଷ୍ଟିରୁ ସେମାନଙ୍କୁ ମେଡିକାଲରେ ଆଡମିଟ କରାଯାଇ ଅବଜର୍ଭବେସନରେ ରଖାଯାଉଥିବା ଡାକ୍ତର ସୁଧିର କୁମାର ସାହୁ ସୂଚନା ଦେଇଛନ୍ତି। ଝାଡାବାନ୍ତିର ସଂକ୍ରମଣକୁ ରୋକିବା ଲାଗି ପ୍ରଶାସନ ପକ୍ଷରୁ ସବୁ ଅଞ୍ଚଳକୁ ବିଶୋଧନ କରାଯାଉଛି। ସେହିପରି ଧର୍ମଶାଳା ଅଞ୍ଚଳରେ ସମସ୍ତ ହୋଟେଲ, ଗୁପଚୁପ, ଚାର୍ଟ, ଫାଷ୍ଟଫୁଡ, ପଣି ପାଉତ ତିଆରୀ କାରଖାନା, ଅଇସକ୍ରମ ତିଆରି କାରଖାନାକୁ ବନ୍ଦ ପାଇଁ ପ୍ରଶାସନ ପକ୍ଷରୁ ର୍ଦ୍ଦେଶନାମା ଜାରି କରାଯାଇଛି। ହେଲେ ଏହି ବନ୍ଦ ଆଇନକୁ ଆଖି ଠାର ସଦୃଶ୍ୟ ହୋଇଛି। ଆଜି ଆଇଁଶବାର ଥିବା ବେଳେ ଗାଁ ଗହଳି ଓ ଛକ ମାନଙ୍କରେ ଖୁଲମ ଖୁଲା ଚିକେନ, ମାଛ ଓ ମଟନ ବିକ୍ରି ହେଉଥିବା ବେଳେ ଅନେକ ଜଳଖିଆ ଦୋକାନ, ଢାବା ଓ ହୋଟେଲ ଚାଲିଥିବା ଦେଖିବାକୁ ମିଳିଛି। ସରକାରଙ୍କ କଟକଣା ନ ମାନିବା ଯୋଗୁଁ ଏହି ରୋଗ ଥମୁନଥିବା ନେଇ ଅଲୋଚନା ହେଉଛି। ଆଜି ଜିଲ୍ଲାପାଳ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ସ୍ଥିତି ପରଖିବା ସହିତ ଏହି ବ୍ଲକର ମିର୍ଜାପୁର ଗ୍ରାମରେ ଝାଡାବାନ୍ତି ରୋଗ ବ୍ୟାପିଥିବାରୁ ବିଡିଓ ଓ ଡାକ୍ତରି ଟିମ୍ ସହିତ ଉକ୍ତ ଗ୍ରାମକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି।

## ନା ହେଉଛି ଯାଞ୍ଚ, ନା ଜରିମାନା

# ବିକ୍ରି ହେଉଛି ନିମ୍ନମାନର ମିଠା, ରଙ୍ଗମିଶା ଖାଦ୍ୟ

ନୟାଗଡ଼,୧୮।୬(ସମିସ)

ସାରା ରାଜ୍ୟରେ ହଇଜା ବ୍ୟାପିବା ପରେ ବି ନୟାଗଡ଼ ଜିଲ୍ଲାରେ ଚିନ୍ତା ପଶୁ ନାହିଁ। ବିଭିନ୍ନ ନାମୀଦାମୀ ହୋଟେଲ, ରେସ୍ତୋରାଁ, ସହର ମଧ୍ୟରେ ଠେଲାଗାଡ଼ିରେ ବିକ୍ରି ହେଉଥିବା ଖାଦ୍ୟ ପଦାର୍ଥର ଗୁଣବତ୍ତା ଯାଞ୍ଚ କରାଯାଉନାହିଁ। ନୟାଗଡ଼ ଜିଲ୍ଲାର ବିଭିନ୍ନ ହୋଟେଲ, ଢାବା, ଜଳଖିଆ ଦୋକାନରେ ସ୍ୱାଦିଷ୍ଟ ଖାଦ୍ୟ ନାଁରେ ବାସି, ଅପମିଶ୍ରିତ ଏବଂ ନିମ୍ନମାନର ଖାଦ୍ୟ ତଥା ମାତ୍ରାଧିକ ମସଲାଯୁକ୍ତ ଖାଦ୍ୟ ବିକ୍ରି ହେଉଥିବା ଅଭିଯୋଗ ହେଉଥିଲେ ମଧ୍ୟ ସବୁ ଜାଣି ଅଜଣା ହେଉଛନ୍ତି ବିଭାଗୀୟ ଅଧିକାରୀମାନେ। ଦୈନିକ ଗ୍ରାହକମାନେ ଖାଦ୍ୟ ଖାଇବା ବଦଳରେ ଅପମିଶ୍ରିତ ଖାଦ୍ୟ ଖାଇ ବିଭିନ୍ନ ପେଟ ଓ ଚର୍ମ ରୋଗର ଶିକାର ହେଉଥିବା ଅଭିଯୋଗ ହୋଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ନିୟମିତ ଭାବେ ହୋଟେଲ ଓ ଢାବାଗୁଡ଼ିକରେ ଖାଦ୍ୟର ମାନ ଯାଞ୍ଚ ହେଉ ନ ଥିବାରୁ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟ ଉପରେ ସାଧାରଣ ଲୋକଙ୍କ ସନ୍ଦେହ ସୃଷ୍ଟି ହୋଇଛି। ହୋଟେଲ ଓ ଢାବାଗୁଡ଼ିକ ମଧ୍ୟରୁ କେଉଁଟି ସ୍ୱୀକୃତିପ୍ରାପ୍ତ ଏବଂ କେଉଁଟି ଅଣସ୍ୱୀକୃତିପ୍ରାପ୍ତ ଗ୍ରାହକ ଜାଣିପାରୁନାହାନ୍ତି। ନୟାଗଡ଼ ସହରର ବିଭିନ୍ନ ସ୍ଥାନରେ ରହିଥିବା ହୋଟେଲ, ମିଠା ଦୋକାନଗୁଡ଼ିକ ଯାଞ୍ଚ କରାଯାଉନାହିଁ। ଢାବାଗୁଡ଼ିକରେ ଦୁଇ ତିନି ଦିନ ତଳର ବାସି ଖାଦ୍ୟକୁ ଗରମ କରି ପରସା ଯାଉଛି। ଜଳଖିଆ ଦୋକାନଗୁଡ଼ିକରେ ଅପମିଶ୍ରିତ ଓ କମ୍ ଦାମ୍‌ର ତେଲରେ ଖାଦ୍ୟ ପଦାର୍ଥ ଓ ଜଳଖିଆ ବିକ୍ରି ହେଉଛି।

- ହଇଜା ବ୍ୟାପିବା ପରେ ବି ଚଢ଼ଉ ନାହିଁ
- ବିକ୍ରି ହେଉଛି ବାସି ଖାଦ୍ୟ; ପ୍ରଶାସନ ନିରବ

ଅନ୍ୟପକ୍ଷରେ ଫାଷ୍ଟଫୁଡ୍ ଦୋକାନରେ ମଧ୍ୟ ନିମ୍ନମାନର ମସଲା ଓ ସସ୍ ବ୍ୟବହାର କରାଯାଇ ବିଷାକ୍ତ ଖାଦ୍ୟ ବିକ୍ରି କରାଯାଉଛି। ଏଥିପ୍ରତି କାହାର ଦୃଷ୍ଟି ନ ଥିବା ଚିନ୍ତାର କାରଣ ପାଲଟିଛି। ଜିଲ୍ଲାରେ ନିଯୁକ୍ତ ଖାଦ୍ୟ ସୁରକ୍ଷା ଅଧିକାରୀ ବିଭିନ୍ନ ସ୍ଥାନରେ ବିକ୍ରି ହେଉଥିବା ଖାଦ୍ୟର ପ୍ରକୃତ ମାନ ନିରୂପଣ ପାଇଁ ଏହାକୁ ପରୀକ୍ଷାଗାରକୁ ପଠାଇବା ପରେ ୪୦ଦିନ ମଧ୍ୟରେ ରିପୋର୍ଟ ମିଳିବାର ନିୟମ ରହିଛି। ଯଦି କୌଣସି ସୂତ୍ରରୁ ଅପମିଶ୍ରିତ କିମ୍ବା ନିମ୍ନମାନର ଖାଦ୍ୟ ବିକ୍ରି ହେଉଥିବା ରିପୋର୍ଟରୁ ଜଣାଯାଏ, ତାହେଲେ ସରକାରଙ୍କ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ନିୟମ ଅଛି। କିନ୍ତୁ ଏଠି ସେଭଳି କିଛି ଆଖିଦୃଶିଆ ପଦକ୍ଷେପ ନିଆଯାଉନାହିଁ। ନୟାଗଡ଼ ସହରରେ ଜିଲ୍ଲାର ସମସ୍ତ ବିଭାଗୀୟ କାର୍ଯ୍ୟାଳୟ ସହ ପଞ୍ଚାୟତ ସମିତି, ତହସିଲ୍, ଡାକ୍ତରଖାନା, ବିଦ୍ୟୁତ୍ କାର୍ଯ୍ୟାଳୟ, ଥାନା, କୋର୍ଟ ସମେତ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ରହିଛି। ବିଭିନ୍ନ କାମରେ ହଜାର ହଜାର ଲୋକ ନୟାଗଡ଼ ଆସି ବିଭିନ୍ନ ହୋଟେଲ କିମ୍ବା ଢାବାରେ ଖାଦ୍ୟ ଖାଇବା ପାଇଁ ଭିଡ଼ ଜମାଇଥାନ୍ତି। ହୋଟେଲ ମାଲିକମାନେ ଅଧିକ ଲାଭ ପାଇବା ଆଶାରେ କମ୍ ମୂଲ୍ୟରେ କିଣାଯାଇଥିବା ତେଲ, ମସଲା, ଘିଅରେ ପ୍ରସ୍ତୁତ ଖାଦ୍ୟ ଗ୍ରାହକଙ୍କୁ ପରସି ଦିଅନ୍ତି। କେବଳ ସେତିକି ନୁହେଁ ପଚା ସଢ଼ା ମାଛ ମାଂସକୁ ଅଧିକ ମସଲା ଦେଇ ଖାଦ୍ୟ ପ୍ରସ୍ତୁତ କରି ଲୋକଙ୍କୁ ଖାଇବାକୁ ଦେଇ ରୋଗ କିଣିବା ପାଇଁ ବାଧ୍ୟ କରୁଥିବା ଅଭିଯୋଗ ହେଉଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବିଭାଗୀୟ ଅଧିକାରୀମାନେ ଯେତେବେଳେ ଚଢ଼ଉ କରିବାକୁ ଆସୁଛନ୍ତି ହୋଟେଲ ମାଲିକଙ୍କୁ ଆଗୁଆ ଖବର ଦିଆଯାଉଥିବା ଅଭିଯୋଗ ହେଉଛି। ଜିଲ୍ଲା ପ୍ରଶାସନ ପକ୍ଷରୁ କଡ଼ାକଡ଼ି ନଜର ରଖି ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି।



## ଆଶାକର୍ମୀ ଜିଲ୍ଲା ସମ୍ପାଦିକାଙ୍କ ଶ୍ରଦ୍ଧାଞ୍ଜଳି ସଭା

**ନୟାଗଡ଼,୧୮।୬(ସମିସ):** ଓଡ଼ିଶା ଆଶା କର୍ମୀ ଆସୋସିଏସନ ନୟାଗଡ଼ ଜିଲ୍ଲା ସମ୍ପାଦିକା ତଥା ସିଆଇଟିୟୁ ରାଜ୍ୟ କମିଟି ସଭ୍ୟା ସାଥୀ ନଳିନୀ ଦାସଙ୍କ ଏକାଦଶାହରେ ତାଙ୍କର ଶ୍ରଦ୍ଧାଞ୍ଜଳି ଉଦ୍ଦେଶ୍ୟରେ ଶତାଧିକ ଆଶାକର୍ମୀ ଏକ ଶୋଭାଯାତ୍ରା ସହ ଗ୍ରାମ ପରିକ୍ରମା କରିଥିଲେ। କ୍ରିଦାଶପୁରଠାରେ ବିଶିଷ୍ଟ ଶ୍ରମିକ ନେତା ସାଥୀ ବିଶ୍ୱନାଥ ମହାପାତ୍ରଙ୍କ ସଭାପତିତ୍ୱରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ନଳୀନଙ୍କ ଫଟୋ ଚିତ୍ରରେ ଉପସ୍ଥିତ ସମସ୍ତ ଅତିଥି, ଆଶାକର୍ମୀ, ବନ୍ଧୁବାନ୍ଧବ ଓ ଗ୍ରାମବାସୀମାନେ ପୁଷ୍ପାର୍ପଣ କରିବା ପରେ ତାଙ୍କ ଉଦ୍ଦେଶ୍ୟରେ ୧ମିନିଟ୍ ଶୋକ ପ୍ରକାଶ କରାଯାଇଥିଲା। ସେ ଏକାଧାରରେ ଅନେକ ଗୁଣର ଅଧିକାରିଣୀ ଥିଲା ବେଳେ ଆଶାକର୍ମୀ ଓ ସମସ୍ତ ସ୍କିମ୍ ଶ୍ରମିକଙ୍କ ଅଧିକାର ପାଇଁ ସାଲିସ୍ ବିହୀନ ସଂଗ୍ରାମ କରୁଥିଲେ। ସିଆଇଟିୟୁ ଜିଲ୍ଲା ଆବାହକ ତଥା ବାମପନ୍ଥୀ ନେତା ବିଶ୍ୱନାଥ ମହାପାତ୍ର, ସିଟୁର ରାଜ୍ୟ ସମ୍ପାଦକ ତଥା ଅଶାକର୍ମୀ ସଂଗଠନର ରାଜ୍ୟ ଉପସଭାପତି ସୁରେଶ ସ୍ୱାଇଁ, ଶ୍ରମିକ ନେତା ଶ୍ରୀକାନ୍ତ ପଟ୍ଟନାୟକ, ପୂର୍ବତନ ସରପଞ୍ଚ ଦୁତି ବାମନ ବେହେରା, ଅଙ୍ଗନବାଡ଼ି କର୍ମୀ ଜ୍ୟୋସ୍ନାରାଣୀ ପଣ୍ଡା, ଜିଲ୍ଲା ସଭାପତି ଚାପଧାରୀ ରାଉତ, ଜିଲ୍ଲା ସଂଗଠନର ନେତ୍ରୀ ସଂଯୁକ୍ତା ସେଠୀ, କାଳନ୍ଦି ନାୟକ, ପ୍ରତିଭା ବେହେରା, ବାସନ୍ତୀ ବେହେରା, ସରୋଜିନୀ ସାହୁ, ସସ୍ମିତା ପଟ୍ଟନାୟକ, ମଙ୍ଗୁଳି ରାଉତ, ସରୋଜିନୀ ତ୍ରିପାଠୀ, ଜାମିନୀ ରାଣୀ ବେହେରା, ସନ୍ତୋଷିନୀ ସାହୁ, ରୂପମଞ୍ଜରୀ ସାହୁ ପ୍ରମୁଖ ସ୍ମୃତିଚାରଣ କରିଥିଲେ।

## ବରିଷ୍ଠ ନାଗରିକଙ୍କ ବନ୍ଧୁ ମିଳନ



**ରଣପୁର,୧୮।୬(ସମିସ):** ନୟାଗଡ଼ ଜିଲ୍ଲା ରଣପୁର ଅଞ୍ଚଳର ସୁର୍କାବାଡ଼ି ଗ୍ରାମରେ ସମସ୍ତ ବରିଷ୍ଠ ନାଗରିକଙ୍କୁ ନେଇ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୈକୁଣ୍ଠ ମହାପାତ୍ରଙ୍କ ସଭାପତିତ୍ୱରେ କୋଷାଧ୍ୟକ୍ଷ ବିଜୟ କୁମାର ସାହୁ, ଶଙ୍କର ସାହୁଙ୍କ ସହଯୋଗରେ ଗ୍ରାମ ଦେବତୀ ମା' ରାମଚଣ୍ଡୀ ମନ୍ଦିର ପ୍ରାଙ୍ଗଣରେ ଏହି କାର୍ଯ୍ୟକ୍ରମ ପ୍ରତିବର୍ଷ ପରି ଏ ବର୍ଷ ମଧ୍ୟ ଶେଷ ରଜରେ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଦୁଇ ଜଣ ବରିଷ୍ଠ ନାଗରିକଙ୍କୁ ସରପଞ୍ଚ ସୁନିତା ମହାପାତ୍ର ଏବଂ ସମିତିସଭ୍ୟ ପ୍ରତିନିଧି କୃଷ୍ଣ ଚନ୍ଦ୍ର ମିଶ୍ର ସମ୍ବର୍ଦ୍ଧିତ କରିଥିଲେ। ପୂର୍ବ ସରକାର ବରିଷ୍ଠ ନାଗରିକ ସମ୍ମିଳନୀ କକ୍ଷ ପାଇଁ କିଛି ଅନୁଦାନ ରାଶି ପ୍ରଦାନ କରିଥିଲେ। କୌଣସି କାରଣରୁ ସେ କାର୍ଯ୍ୟ ଆଜି ପର୍ଯ୍ୟନ୍ତ ହୋଇପାରିଲା ନାହିଁ। ଫଳରେ ବରିଷ୍ଠ ନାଗରିକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଥିଲା। ବର୍ତ୍ତମାନର ସରକାର ଉକ୍ତ ଅନୁଦାନ ରାଶିକୁ ଫେରସ୍ତ ନେଇଥିବା ଯୋଗୁଁ ସଭାରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସରପଞ୍ଚ ସୁନିତା ମହାପାତ୍ର ସ୍ଥାନୀୟ ବିଧାୟିକା ତଥା ବାଚସ୍ପତି ସୁରମା ପାଢ଼ୀଙ୍କୁ ଜଣାଇ ପୁନର୍ବାର ସେ ଅନୁଦାନ ରାଶିକୁ ଫେରାଇ ଆଣିବା ପାଇଁ କହିଛନ୍ତି।

## ବିପର୍ଯ୍ୟୟ ପରିଚାଳନା ପ୍ରାକ୍ ପ୍ରସ୍ତୁତି ବୈଠକ



**ଓଡ଼ଗାଁ,୧୮।୬(ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ୍ ସଭାଗୃହଠାରେ ଓଡ଼ଗାଁ ବ୍ଲକ୍ ଏବଂ ଏନ୍ଏସିର ମିଳିତ ସହଯୋଗରେ ବିପର୍ଯ୍ୟୟ ପରିଚାଳନା ପ୍ରାକ୍ ପ୍ରସ୍ତୁତି ବୈଠକ ବୁଧବାର ଅପରାହ୍ଣରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ଅଧ୍ୟକ୍ଷ ଲୋକନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଡିଓ ଜିତେନ୍ଦ୍ର କୁମାର ନାୟକ, ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନିହାର ରଞ୍ଜନ ବେହେରା ଏବଂ ଗ୍ରାମ ପଞ୍ଚାୟତ ଅଧିକାରୀ ବିଶ୍ୱଜିତ୍ ଜେନା ପ୍ରମୁଖଙ୍କ ସହିତ ଗ୍ରାମ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ପଞ୍ଚାୟତ ଜନ ପ୍ରତିନିଧି, ଅଗ୍ନିଶମ ସେବା ବାହିନୀ ଅଧିକାରୀ, ବ୍ଲକ୍ କୃଷି ଅଧିକାରୀ, ସ୍ୱାସ୍ଥ୍ୟ କର୍ମଚାରୀ, ବନାଞ୍ଚଳ କର୍ମଚାରୀ, ବିଦ୍ୟୁତ୍ ବିଭାଗୟ ଅଧିକାରୀ ଓ ପ୍ରତିନିଧିମାନଙ୍କ ସହିତ ହିସାବ ରକ୍ଷକ ଏବଂ ତଥ୍ୟ ନିକ୍ଷେପଣ ପରିଚାଳକମାନେ ଗୋଟିଏ ଟେବୁଲରେ ବସି ଆଲୋଚନା କରିଥିଲେ। ବିଶେଷକରି ଓଡ଼ଗାଁ ବ୍ଲକ୍ ଅଞ୍ଚଳରେ କାଳବୈଶାଖୀ, ବର୍ଷା, ବାତ୍ୟା, ବନ୍ୟାର ପ୍ରକୋପ ଦେଖିବାକୁ ମିଳୁଥିବାରୁ ପ୍ରାକୃତିକ ବିପର୍ଯ୍ୟୟବେଳେ ମନୁଷ୍ୟ ଏବଂ ଗୃହପାଳିତ ପ୍ରାଣୀମାନଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର ସହିତ ସେମାନଙ୍କ ପାଇଁ ଖାଦ୍ୟ, ବସ୍ତ୍ରର ବ୍ୟବସ୍ଥା କରିବା ନିମନ୍ତେ ପ୍ରସ୍ତୁତ ରହିବାକୁ ବିଡିଓ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ।

## ନିଶା ନିବାରଣ ସଚେତନତା

**ଭାପୁର,୧୮।୬(ସମିସ):** ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ ପରିସରରେ ବୁଧବାର ପୂର୍ବାହ୍ଣ ୧୧ଟା ସମୟରେ ମାଦକଦ୍ରବ୍ୟ ସେବନ ବିରୋଧରେ ଏକ ସଚେତନତା ରଥ ଶୁଭାରମ୍ଭ ହୋଇଥିଲା। ଏହାକୁ ଉଦ୍‌ଘାଟନ କରିଥିଲେ ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସାରଦା ପ୍ରସନ୍ନ ପଣ୍ଡା। ଏହି ସମୟରେ ଖଣ୍ଡପଡ଼ା ଅବକାରୀ ବିଭାଗର ଥାନା ଅଧିକାରୀ ଦୀପକ କୁମାର ଜେନା, ଏସ୍ଆଇ ମିତାରାଣୀ ଦେହୁରୀ, ସିଡିପିଓ ତୃପ୍ତି ମହାପାତ୍ର, ମିଶନ ଶକ୍ତି ବ୍ଲକ୍ ମୁଖ୍ୟ ଭାରତୀ ପଟ୍ଟନାୟକ, ରେଣୁବାଳା ସାହୁ ଯୋଗଦେଇଥିଲେ। ସମସ୍ତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟାମାନେ ନିଶା ନୁହଁ, ଜୀବନ ବଞ୍ଚାଅ ବୋଲି ପ୍ଲାକାର୍ଡ ଧରି ଭାପୁର ବ୍ଲକ୍‌ଠାରୁ ଶୋଭାଯାତ୍ରା ଆରମ୍ଭ କରି ବଜାର ଅଞ୍ଚଳ ବୁଲିଥିଲେ। ନିଶା ଦ୍ରବ୍ୟ ସେବନର କୁପରିଣାମ ବିଷୟରେ ଲୋକଙ୍କୁ ଅବଗତ ପାଇଁ ପ୍ଲାକାର୍ଡ ଧରି ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ଅପମିଶ୍ରିତ, ବିଷାକ୍ତ ଏବଂ ଚୋରା ମଦ କାରବାରକୁ କିଭଳି ସମ୍ପୂର୍ଣ୍ଣ ଭାବେ ରୋକାଯାଇପାରିବ ସେ ବିଷୟରେ ଜନସାଧାରଣଙ୍କୁ ସଚେତନ କରିଥିଲେ।



## ଭେଣ୍ଡିଆ ପାଉଛନ୍ତି ବାର୍ଦ୍ଧକ୍ୟ ଭତ୍ତା

**ଖଣ୍ଡପଡ଼ା,୧୮।୬(ସମିସ):** ଖଣ୍ଡପଡ଼ା ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ବର୍ଷ ବର୍ଷ ଧରି ମାଳମାଳ ଅଯୋଗ୍ୟ ହିତାଧିକାରୀଙ୍କ ନାମ ଭତ୍ତା ହିତାଧିକାରୀ ତାଲିକାରେ ସ୍ଥାନ ପାଇଆସୁଛି। ଏନେଇ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ ଓ ଅଭିଯୋଗ ସତ୍ତ୍ୱେ ଭତ୍ତା ହିତାଧିକାରୀଙ୍କ ତାଲିକାରୁ ଅଯୋଗ୍ୟ ବ୍ୟକ୍ତିବିଶେଷଙ୍କୁ ବାଦ୍ ଦେବା ତ ଦୂରର କଥା ଖଣ୍ଡପଡ଼ା ବ୍ଲକ୍ ପ୍ରଶାସନ କିମ୍ବା ଜିଲ୍ଲା ପ୍ରଶାସନ ପକ୍ଷରୁ ଅଭିଯୋଗର ତଦନ୍ତ ନ ହେବା ଆଶ୍ଚର୍ଯ୍ୟର ବିଷୟ। ଖଣ୍ଡପଡ଼ା ବ୍ଲକ୍ ଅଧୀନ ୨୨ଟି ପଞ୍ଚାୟତରେ ପ୍ରତି ମାସରେ ଭତ୍ତା ପାଉଥିବା ହିତାଧିକାରୀଙ୍କ ତାଲିକାକୁ ଅନୁଧ୍ୟାନ କଲେ ଭିନ୍ନକ୍ଷମ ଭତ୍ତା, କଳାକାର ଭତ୍ତା ହିତାଧିକାରୀ ଚୟନରେ ହୋଇଥିବା ଦୁର୍ନୀତି ସାମ୍ନାକୁ ଆସୁଛି। କଳାକାର ଓ ଭିନ୍ନକ୍ଷମ ନ ହୋଇ ମଧ୍ୟ ସେମାନେ ଭତ୍ତା ପାଇବାକୁ ଯୋଗ୍ୟ ବିବେଚିତ ହେଲେ କିପରି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅଧିକାଂଶ ଲୋକ ବଧିର, ମାନସିକ ବିକାରଗ୍ରସ୍ତ ଓ ଦୃଷ୍ଟିବାଧିତ ନ ହୋଇ ମଧ୍ୟ ସେମାନେ ବିଭାଗୀୟ ଅଧିକାରୀଙ୍କୁ ଲାଞ୍ଚ ଦେଇ ଭିନ୍ନକ୍ଷମ ପ୍ରମାଣପତ୍ର ହାତେଇ ପ୍ରତି ମାସରେ ଭତ୍ତା ଟଙ୍କା ନେଉଥିବା ଦେଖିବାକୁ ମିଳୁଛି। ସେହିପରି କାଗଜପତ୍ରରେ ତଞ୍ଚକତା କରି ୬୦ ବର୍ଷ ବୟସରୁ କମ୍ ବୟସର ଅନେକ ବ୍ୟକ୍ତି ପ୍ରତି ମାସରେ ଭତ୍ତା ପାଉଥିବା ଅଭିଯୋଗ ହେଉଛି। ଯାହାକି ଭେଣ୍ଡିଆ ପାଉଛନ୍ତି ବାର୍ଦ୍ଧକ୍ୟ ଭତ୍ତା ବୋଲି ସାଧାରଣରେ ଆଲୋଚନା ହେଉଛି। ଏସବୁ ଦୁର୍ନୀତି ପଛରେ କିଛି ଦୁର୍ନୀତିଗ୍ରସ୍ତ ପ୍ରଶାସନିକ ଅଧିକାରୀ, କିଛି ଦଣ୍ଡିଆ ଓ ରାଜନେତାଙ୍କ ପ୍ରଚ୍ଛନ୍ନ ହାତ ଥିବା ନେଇ ସାଧାରଣରେ ଆଲୋଚନା ହେଉଛି। ପ୍ରତି ମାସରେ ଭତ୍ତା ପାଉଥିବା ହିତାଧିକାରୀଙ୍କ ତାଲିକା ଯଦି ପ୍ରଶାସନ ପକ୍ଷରୁ ଯାଞ୍ଚ କରାଯାଏ ବହୁ ଅଯୋଗ୍ୟ ହିତାଧିକାରୀ ତାଲିକାରୁ ବାଦ୍ ପଡ଼ିବେ ବୋଲି ଜଣାପଡ଼ିଛି। ବିଭିନ୍ନ କ୍ଷେତ୍ରରେ ଦୁର୍ନୀତିକୁ ଆଦୌ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ରାଜ୍ୟ ସରକାର ଡିଣ୍ଡିମ ପିଟୁଥିବାବେଳେ ଖଣ୍ଡପଡ଼ା ବ୍ଲକ୍‌ସ୍ତରରେ ଭତ୍ତା ହିତାଧିକାରୀ ଚୟନରେ ହୋଇଥିବା ଦୁର୍ନୀତିର ତଦନ୍ତ କେବେ ହେବ ତାହା ଦେଖିବାକୁ ସାଧାରଣରେ ଉତ୍କଣ୍ଠା ପ୍ରକାଶ ପାଉଛି। ନୟାଗଡ଼ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି।

## ଅଦ୍ୱିକା-କିଶୋରୀ ସୁଭଦ୍ରା ଦିବସ ରଜ ମହୋତ୍ସବ



**ଓଡ଼ଗାଁ,୧୮।୬(ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଦ୍ୱାରା ଆୟୋଜିତ ବ୍ଲକ୍‌ସ୍ତରୀୟ ଅଦ୍ୱିକା-କିଶୋରୀ ସୁଭଦ୍ରା ଦିବସ ରଜ ମହୋତ୍ସବ ରଙ୍ଗଣୀପାଟଣା ପଞ୍ଚାୟତ ସଭାଗୃହଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ଗାଁ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଲହଡ଼ିମାଳା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରଙ୍ଗଣୀପାଟଣା ସରପଞ୍ଚ ସସ୍ମିତା ପାତ୍ର, ଜିଲ୍ଲା ହବ୍ ଷ୍ଟାଫ୍ ସୂର୍ଯ୍ୟକାନ୍ତ ସାହୁ, ସୁଜିତ୍ କୁମାର ପାତ୍ର, ସୁଶ୍ରୀ ସଙ୍ଗୀତା ଜେନା, ବିଶ୍ୱ ପାର୍ଥବୀ ଯୋଗଦେଇ କିଶୋର କିଶୋରୀଙ୍କ ମଧ୍ୟରେ ସୃଜନଶୀଳତା ବୃଦ୍ଧି, ଭଲ ମନ୍ଦ ପରଖିବା, ବିଚାର କରିବାର ଶକ୍ତି ବୃଦ୍ଧି କରିବା ପାଇଁ ପରାମର୍ଶ ଦେଇଥିଲେ। ୫୦ରୁ ଊର୍ଦ୍ଧ୍ୱ ଅଂଶଗ୍ରହଣକାରୀ କିଶୋର କିଶୋରୀ ସଚେତନତାର ବାର୍ତ୍ତା ବହନ କରୁଥିବା ବାଲ୍ୟ ବିବାହ, ଅନ୍ଧ ବିଶ୍ୱାସ ସଚେତନତାମୂଳକ କ୍ଷୁଦ୍ର ନାଟକ ପରିବେଷଣ ମାଧ୍ୟମରେ ଲୋକମାନଙ୍କୁ ବୁଝାଇଥିଲେ।

## ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଦିଆଯିବ ଦାବିପତ୍ର

# ବିକାଶ ପାଇଁ ଅଣ୍ଟା ଭିଡ଼ିଲା ବିକାଶ ପରିଷଦ



**ଭାପୁର,୧୮।୬(ସମିସ):** ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀ ସବୁବେଳେ ରାଜ୍ୟ ପ୍ରଶାସନ ଅବହେଳାର ଶିକାର ହୋଇଆସୁଛି। ଏନେଇ ଖଣ୍ଡପଡ଼ା ଭାପୁର ବିକାଶ ପରିଷଦ ଅହରହ ଉଦ୍ୟମ ଜାରି ରଖିଛି। ବୁଧବାର ଅପରାହ୍ଣରେ ଭାପୁର ପଞ୍ଚାୟତ ଜହରକୋଟ ନିକଟସ୍ଥ ରାମମନ୍ଦିର ପରିସରରେ ପରିଷଦର ସମ୍ପାଦକ ଦାଶରଥି ମହାପାତ୍ରଙ୍କ ଆହ୍ୱାନରେ ବୈଠକ ଆୟୋଜିତ ହୋଇଥିଲା। ପରିଷଦର ସଭାପତି ତଥା ପୂର୍ବତନ ବ୍ଲକ୍ ଉପାଧ୍ୟକ୍ଷଙ୍କ ପ୍ରତିନିଧି ଶ୍ରୀନିବାସ ପୃଷ୍ଟିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅଞ୍ଚଳରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ବିଷୟରେ ଆଲୋଚନା ହୋଇଥିଲା ଓ କେଉଁ କେଉଁ କାର୍ଯ୍ୟ ଅବହେଳିତ ହୋଇ ରହିଛି ସେ ନେଇ ସମସ୍ତେ ଆଲୋଚନା କରିଥିଲେ। ଅଞ୍ଚଳର ବିକାଶରେ କିପରି ଖଣ୍ଡପଡ଼ା ଓ ଭାପୁର ବ୍ଲକ୍ ଦୀର୍ଘଦିନ ହେଲା ରାଜନୈତିକ ଓ ପ୍ରଶାସନିକ ଅବହେଳାର ଶିକାର ହୋଇଆସୁଛି ସେନେଇ ବିଭିନ୍ନ ସଭ୍ୟ ଆଲୋଚନା ସମୟରେ ଉଦ୍‌ବେଗ ପ୍ରକାଶ କରିଥିଲେ। ଆଲୋଚନା ସମୟରେ ପୂର୍ବତନ ସରପଞ୍ଚ ରାଜକିଶୋର ଦଳେଇ, ବନମାଳୀ ନାୟକ, ସମିତିସଭ୍ୟ ପଠାଣୀ ପଟ୍ଟନାୟକ ବିଭିନ୍ନ ଅବହେଳିତ ବିଷୟ ଆଲୋଚନା କରିଥିଲେ। ୬ ଦଫା ଦାବି ନେଇ ପ୍ରଧାନମନ୍ତ୍ରୀ, ରେଳମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଜିଲ୍ଲାପାଳଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରାଯିବା ପାଇଁ ସ୍ଥିର କରାଯାଇଥିଲା। ଦାବିଗୁଡ଼ିକ ହେଲା ପୁରୀଧାମଠାରୁ ଅନୁଗୋଳ ପର୍ଯ୍ୟନ୍ତ ପ୍ରସ୍ତାବିତ ରେଳପଥକୁ ତୁରନ୍ତ ନୀଳମାଧବ ପୀଠ କଣ୍ଟିଲୋ ପର୍ଯ୍ୟନ୍ତ କାର୍ଯ୍ୟ ଆରମ୍ଭ, ସିଦ୍ଧାମୂଳାଠାରୁ କରବର ପର୍ଯ୍ୟନ୍ତ ଆଡ଼ିବନ୍ଧ ନିର୍ମାଣ, ମହାନଦୀର ପଦ୍ମାବତୀଠାରେ ଆନିକଟ ନିର୍ମାଣ, ଭାପୁର ଅଞ୍ଚଳକୁ ନୂତନ ପରିଚୟ ଦେଇଥିବା ଦ୍ୱିତୀୟ ଅଯୋଧ୍ୟା କୁହାଯାଉଥିବା ଫତେଗଡ଼ ଶ୍ରୀରାମ ମନ୍ଦିରକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା, ଭାପୁରକୁ ଏନ୍ଏସି ମାନ୍ୟତା ଓ ଭାପୁର ବିଟ୍ ହାଉସକୁ ଫାଣ୍ଡି ମାନ୍ୟତା ପ୍ରଦାନ ରହିଛି।


## ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ

# କାଗଜପତ୍ର ନେଇ ଫେରିଲେ ଇଓଡବ୍ଲ୍ୟୁ ଅଧିକାରୀ

**ନୟାଗଡ଼,୧୮।୬(ସମିସ):** ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କରେ କ୍ରାଇମ୍‌ବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ)ର ବରିଷ୍ଠ ଅଧିକାରୀ ମଙ୍ଗଳବାର ଛାନ୍‌ଭିନ୍ କରିଥିବାବେଳେ ବୁଧବାର ପୁଣି ତଦନ୍ତ କରିଛନ୍ତି। ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କରେ ବ୍ୟାପକ ପରିମାଣର ଅର୍ଥ ହେର୍‌ଫେର୍ ଏବଂ ଇନ୍‌କମ୍ ଟ୍ୟାକ୍ସ ଫାଙ୍କିବାରୁ ଏକାଧିକ ପ୍ୟାନ୍ କାର୍ଡ ବ୍ୟବହାର କରାଯାଇଛି। ଯାହାକୁ ନେଇ ଇନ୍‌କମ୍ ଟ୍ୟାକ୍ସ ବିଭାଗ ୩୬୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବିଗତ ଦିନରେ ଜରିମାନା କରିଥିଲେ। ଏହି ଜରିମାନା ଏବଂ ଇନ୍‌କମ୍ ଟ୍ୟାକ୍ସ ଫାଙ୍କିବା ପାଇଁ ହୋଇଥିବା ପ୍ୟାନ କାର୍ଡ ଜାଲିଆତିରୁ ବ୍ୟାଙ୍କକୁ ରକ୍ଷା କରିବା ପାଇଁ ପରିଚାଳନା ପରିଷଦ ଏକ ଏଜେନ୍ସିକୁ ଦାୟିତ୍ୱ ଦେଇଥିଲେ। ଉକ୍ତ ଏଜେନ୍ସିକୁ ପାରିଶ୍ରମିକ ବାବଦ ୨ କୋଟି ୧୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଯାହା ବେଆଇନ ବୋଲି ସମ୍ପାଦକ ଅଜୟ କୁମାର ପଟ୍ଟନାୟକ ବିଗତ ଦିନରେ ଅଭିଯୋଗ କରିଥିଲେ। ଉକ୍ତ ୨ କୋଟି ୧୦ ଲକ୍ଷ ଟଙ୍କା ଦେଣନେଣକୁ ନେଇ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ କ୍ରାଇମ୍‌ବ୍ରାଞ୍ଚ ଅର୍ଥନୈତିକ ଶାଖାର ଇନ୍ସପେକ୍ଟର ବୁଧବାର ଦ୍ୱିତୀୟ ଦିନରେ ତଦନ୍ତ ସାରି ଫେରିଛନ୍ତି। ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କରୁ ଅନେକ କାଗଜପତ୍ର ନେଇ ଅଧିକାରୀ ଫେରିଥିବା ସୂଚନା ମିଳିଛି।

## ପ୍ରାର୍ଥନା ଗୃହ ନିର୍ମାଣ ଶେଷ କରିବାକୁ ଦାବି

**ଖଣ୍ଡପଡ଼ା,୧୮।୬(ସମିସ):** ଖଣ୍ଡପଡ଼ା ବ୍ଲକ୍ ଅଧୀନ କୁମ୍ଭାରପଡ଼ା ଗ୍ରାମର ପ୍ରଭୁ ଶ୍ରୀଲଡୁକେଶ୍ୱରଜୀଉଙ୍କ ମନ୍ଦିର ପରିସରରେ ଏକ ପ୍ରାର୍ଥନା ଗୃହ ନିର୍ମାଣ କାର୍ଯ୍ୟ ଗତ ୧୮ ମାସ ଧରି ମନ୍ଥରଗତିରେ ଚାଲିଥିବା ଜଣାପଡ଼ିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ଉକ୍ତ ପ୍ରାର୍ଥନା ଗୃହର ଛାତ, କାନ୍ଥ ଓ ଚଟାଣ କାର୍ଯ୍ୟ ଶେଷ ହୋଇଥିବାବେଳେ ଏବେ ବି ଅନେକ କାର୍ଯ୍ୟ ବାକିଥିବା ଜଣାପଡ଼ିଛି। ଖଣ୍ଡପଡ଼ା ବ୍ଲକ୍ ପ୍ରଶାସନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉକ୍ତ ପ୍ରାର୍ଥନା ଗୃହ ନିର୍ମାଣ କାର୍ଯ୍ୟ ଚାଲୁ ରହିଥିବାବେଳେ ପଞ୍ଚାୟତ ଅନୁଦାନ ପାଣ୍ଠିରୁ ଏହି କାର୍ଯ୍ୟ ନିମନ୍ତେ ୪ ଲକ୍ଷ ୫୯ ହଜାର ଟଙ୍କା ବ୍ୟୟବରାଦ ହୋଇଥିବା ପ୍ରଶାସନ ସୂତ୍ରରୁ ଜଣାପଡ଼ିଛି। ନିର୍ମାଣ କାର୍ଯ୍ୟ ତଦାରଖ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କ ଅଣଦେଖା ଯୋଗୁଁ ପ୍ରାର୍ଥନା ଗୃହ ନିର୍ମାଣରେ ଅଯଥା ବିଳମ୍ବ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଖଣ୍ଡପଡ଼ା ବ୍ଲକ୍ ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବାକୁ କୁମ୍ଭାରପଡ଼ା ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଖଣ୍ଡପଡ଼ା ବ୍ଲକ୍ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଳାଷଙ୍କ ସମେତ ସହକାରୀ ଯନ୍ତ୍ରୀ ଆଶୁତୋଷ ମହାନ୍ତିଙ୍କ ସହ ଯୋଗାଯୋଗ କରିବାରେ ସେଥିପ୍ରତି ସେମାନେ ଦୃଷ୍ଟି ଦେବେ ବୋଲି କହିଛନ୍ତି। କେବେ ପ୍ରାର୍ଥନା ଗୃହ ନିର୍ମାଣ କାର୍ଯ୍ୟ ଶେଷ ହୋଇ ତାହା କାର୍ଯ୍ୟକ୍ଷମ ହେବ ତାହା ଦେଖିବାକୁ ବାକି ରହିଲା ବୋଲି ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି।



## ପୂଜ୍ୟପୂଜା ଓ ମେଧା ସମ୍ମାନ ପ୍ରଦାନ

# 'ସଫଳତା ଏକ ଉପଲବ୍ଧି ନୁହେଁ; ଦାୟିତ୍ୱ'



**ଗଣିଆ/ଦଶପଲ୍ଲା,୧୮।୬(ସମିସ):** ଏକ ବୌଦ୍ଧିକ ପରିବେଶ ମଧ୍ୟରେ ସ୍ଥାନୀୟ ବିନ୍ଧ୍ୟଗିରି ଭବନ ପରିସରରେ ପୂଜ୍ୟପୂଜା ଓ ମେଧା ସମ୍ମାନ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗଣିଆର ଅଗ୍ରଣୀ ବାସୁଦେବ ଫାଉଣ୍ଡେସନ ତରଫରୁ ଆୟୋଜିତ ଏହି ଭବ୍ୟ ସମ୍ବର୍ଦ୍ଧନା ସଭାରେ ଦଶପଲ୍ଲା, ନୂଆଗାଁ ଓ ଗଣିଆ ୩ ବ୍ଲକ୍‌ର ଚଳିତ ବର୍ଷ ମାଟ୍ରିକ୍ ଓ +୨ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥି ସହିତ ପୂଜ୍ୟପୂଜା ପରମ୍ପରାକୁ ସମ୍ମାନ ଜଣାଇ ଗଣିଆ ବ୍ଲକ୍ ବର୍ଷୀୟାନ ଶିକ୍ଷକ ଓ ଶିକ୍ଷାବିତ୍‌ଙ୍କୁ ଯଥୋଚିତ ସମ୍ମାନିତ କରାଯାଇଥିଲା। ଫାଉଣ୍ଡେସନର ସଭାପତି ତଥା ଅବସରପ୍ରାପ୍ତ ଅଧ୍ୟକ୍ଷ କୁଳମଣି ବାରିକିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦକ ବଳରାମ ସ୍ୱାଇଁ ସମ୍ପାଦକୀୟ ବିବରଣୀରେ ସେବା ଓ ପ୍ରେରଣା ମାଧ୍ୟମରେ ସାମୂହିକ ଆଞ୍ଚଳିକ ପ୍ରଗତି ବାର୍ତ୍ତା ଦୋହରାଇଥିଲେ। ମୁଖ୍ୟ ଅତିଥି ଭାବରେ ସ୍ଥାନୀୟ ବିଧାୟକ ରମେଶ ଚନ୍ଦ୍ର ବେହେରା ଏକ ଆବେଗିକ ଅଭିଭାଷଣରେ ପରୀକ୍ଷାରେ ଉତ୍କର୍ଷ ସଫଳତାକୁ ଛାତ୍ରଛାତ୍ରୀମାନେ ଏକ ଦାୟିତ୍ୱ ଭାବରେ ଗ୍ରହଣ କରି ଆଗକୁ ବଢ଼ିବାକୁ ପରାମର୍ଶ ଦେଇଥିଲେ। ସ୍ଥାନୀୟ ବିଡିଓ ସାଗର ନନ୍ଦ ଚଳିତ ଶିକ୍ଷା ବ୍ୟବସ୍ଥାରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ସହିତ ସାମିଲ୍ ହେବାକୁ ହେଲେ ଆହେମିକା ପରିବର୍ତ୍ତେ ଆତ୍ମ ପ୍ରଚେଷ୍ଟାକୁ ଗୁରୁତ୍ୱ ଦେବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ରଘୁନାଥଜୀଉ ଡିଗ୍ରୀ କଲେଜ ଅଧ୍ୟକ୍ଷ ଲକ୍ଷ୍ମୀଧର ପଣ୍ଡା, ଅଧ୍ୟକ୍ଷା ସଲୀଳା ସେଠୀ, ଅଧ୍ୟକ୍ଷ ସଞ୍ଜୟ ପଣ୍ଡା, ବ୍ଲକ୍ ଅଧ୍ୟକ୍ଷା ଝୁନା ଜେନା, ଜିଲ୍ଲା ପରିଷଦ ସଭ୍ୟ ନରେଶ ବେହେରା, ସମାଜସେବୀ ପ୍ରଫୁଲ୍ଲ ବେହେରା, ସଦାଶିବ ମିଶ୍ର ପ୍ରମୁଖ ମଞ୍ଚାସୀନ ଅତିଥି ଭାବରେ ଅଭିଭାଷଣ ରଖିଥିଲେ। ଅନୁଷ୍ଠାନର ପ୍ରାଣ ପ୍ରତିଷ୍ଠାତା ଶେଷଦେବ ସ୍ୱାଇଁ 'ଦେବାର କଳା ହିଁ, ମହନୀୟ ସେବା' ବୋଲି ଅନୁଷ୍ଠାନର ଆଭିମୁଖ୍ୟ ସ୍ୱଷ୍ଟୋକ୍ତି ରଖିଥିଲେ।

# ମେଲେରିଆ, ଡେଙ୍ଗୁ ଓ ଡାଇରିଆ ନିରାକରଣ ବୈଠକ

ନୟାଗଡ଼,୧୮।୬(ସମିସ)



ନୟାଗଡ଼ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ମେଲେରିଆ, ଡେଙ୍ଗୁ, ଡାଇରିଆ ନିରାକରଣ ନିମନ୍ତେ ଏକ ଟାସ୍କଫୋର୍ସ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ସୁଶାନ୍ତ କୁମାର ଦାସ ଡାଇରିଆ ନିରାକରଣ ଅଭିଯାନ, ମେଲେରିଆ ଓ ଡେଙ୍ଗୁ ଉପରେ ବିଶଦ୍ ଆଲୋଚନା କରିଥିଲେ। ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବନମାଳୀ ପ୍ରଧାନ ମେଲେରିଆ, ଡେଙ୍ଗୁ ଓ ଡାଇରିଆ ଉପରେ ଅନ୍ୟ ବିଭାଗର ଦାୟିତ୍ୱ ଓ କର୍ତ୍ତବ୍ୟ ଉପରେ ଆଲୋଚନା କରିଥିଲେ। ଏହି ଅଭିଯାନରେ ଲୋକଙ୍କୁ ସଚେତନ କରିବା ସହିତ ଘର ଘର ବୁଲି ଓଆର୍‌ଏସ୍ ବିତରଣ ସହ ଜିଙ୍କ୍ ଟାବ୍‌ଲେଟ୍ ଓ ମଶାରି ବ୍ୟବହାର କରିବାକୁ ପରାମର୍ଶ ଦିଆଯାଉଛି। ଏହାସହିତ ପରିବେଶକୁ ସଫାସୁତରା କରି କୌଣସି ସ୍ଥାନରେ ପାଣି ଜମା ହେବାକୁ ନ ଦେବା, ପାଣିର ଉତ୍ସମାନଙ୍କରେ ଯଥା- ନଳକୂଅ ଏବଂ ପାଣି ଟାଙ୍କିକୁ ବିଶୋଧନ କରିବାକୁ ହାଲୋଜେନ ଟାବ୍‌ଲେଟ୍ ପକାଇବାକୁ କୁହାଯାଉଛି। କ୍ଲୋରିନେଟ୍ କରିବା ପାଇଁ ଏବଂ ସମସ୍ତ ବିଦ୍ୟାଳୟ ମହାବିଦ୍ୟାଳୟରେ ଥିବା ଓଭରହେଡ୍ ପାଣି ଟାଙ୍କିକୁ ବିଶୋଧନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଫୁଟା ପାଣି ବ୍ୟବହାର ପାଇଁ ସିଡିଏମ୍‌ଓ ପରାମର୍ଶ ଦେଇଛନ୍ତି। ଥଣ୍ଡା ଖାଦ୍ୟ ଓ ବାସି ଖାଦ୍ୟ ଖାଇବାକୁ ବାରଣ କରାଯାଉଥିବା ସୂଚନା ମିଳିଛି। ଜିଲ୍ଲା ଏବଂ ବ୍ଲକ୍‌ସ୍ତରରେ କଣ୍ଟ୍ରୋଲ ରୁମ୍ ଖୋଲାଯିବାକୁ ମତ ରଖିଥିଲେ। ଜିଲ୍ଲାପାଳ ସମସ୍ତ ପ୍ରଶାସନିକ ଅଧିକାରୀଙ୍କୁ ଆଲର୍ଟ ରହିବାକୁ ଯଥା- ପ୍ରଚାରପ୍ରସାର ପାଇଁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ସମସ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପଞ୍ଚାୟତ ଅଧିକାରୀ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ।

# ପାଳଝଡ଼ି ଡବଲ ମର୍ଡର ଘଟଣା; ୪ ଦୋଷୀଙ୍କୁ ଆଜୀବନ କାରାଦଣ୍ଡ

ବ୍ରହ୍ମପୁର, ୧୮।୬(ସମିସ)

ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ଥାନା ଅନ୍ତର୍ଗତ ପାଳଝଡି ଗ୍ରାମ ନିକଟରେ ହୋଇଥିବା ବହୁଚର୍ଚ୍ଚିତ ଡବଲ ମର୍ଡର ଘଟଣାର ଚୂଡ଼ାନ୍ତ ରାୟ ପ୍ରକାଶ ପାଇଛି। ବ୍ରହ୍ମପୁର ଅତିରିକ୍ତ ଜିଲ୍ଲା ଦୌରାଜଜ୍ (୩) ବିବସ୍ୱତ ଗୌତମଙ୍କ କୋର୍ଟରେ ଏହି ମାମଲାର ବିଚାରଣା ହୋଇଥିଲା। ଦୀର୍ଘ ୩ବର୍ଷ ଧରି ଚାଲିଥିବା ଏହି ହତ୍ୟାକାଣ୍ଡ ଘଟଣା ବିଚାରଣାରେ କୋର୍ଟ ଉପଯୁକ୍ତ ସାକ୍ଷ୍ୟ ଓ ପ୍ରମାଣ ପାଇ ମୁଖ୍ୟ ଅଭିଯୁକ୍ତ ସମେତ ମୋଟ ୪ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଦୋଷୀ ସାବ୍ୟସ୍ତ ହୋଇଥିବା ସମସ୍ତ ୪ ଜଣଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହିତ ୨୦ ହଜାର ଟଙ୍କା ଲେଖାଏଁ ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଧିକ ୬ ମାସ କାରାଦଣ୍ଡ ପାଇଁ ନିର୍ଦ୍ଦେଶ ଦେଇଥିବା ସରକାରୀ ଓକିଲ ରଜତ ଦାଶ ସୂଚନା ଦେଇଛନ୍ତି।

ସେହିଭଳି ଏହି ମାମଲାରେ ଅନ୍ୟ

**● ପ୍ରମାଣ ଅଭାବରୁ ୫ଜଣ ନିର୍ଦ୍ଦୋଷ**

**● ପଞ୍ଚାୟତ ନିର୍ବାଚନ ଗଣ୍ଡଗୋଳରୁ ପଥରରେ ଛେଚି ୨ ଜଣଙ୍କୁ କରାଯାଇଥିଲା ହତ୍ୟା**

୫ ଜଣଙ୍କୁ ପ୍ରମାଣ ଅଭାବରୁ କୋର୍ଟ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଦୋଷୀ ସାବ୍ୟସ୍ତ ହୋଇଥିବା ଅଭିଯୁକ୍ତମାନେ ହେଲେ କୁନା ଗୌଡ(୩୦), ବୁଡୁ ଦାସ (୩୩), ବି. ଦେବରାଜ ରେଡ୍ଡୀ (୩୦) ଓ ପ୍ରଶାନ୍ତ କୁମାର ଗୌଡ(୩୩)। ସେହିଭଳି ନିର୍ଦ୍ଦୋଷରେ ଖଲାସ ହୋଇଥିବା ୫ଜଣ ହେଲେ ସୁମନ୍ତ ନାହକ, ସନ୍ତୋଷ ଗୌଡ/ପ୍ରଧାନ, କୃଷ୍ଣଚନ୍ଦ୍ର ଗୌଡ, ବସନ୍ତ କୁମାର ଗୌଡ ଓ ସିଦ୍ଧାନ୍ତ ଗୌଡ। ଅଭିଯୁକ୍ତମାନଙ୍କ ପାଇଁ ବରିଷ୍ଠ ଆଇନଜୀବୀ ଶିଶିର ପାଢ଼ୀ, ପ୍ରଦୀପ କୁମାର ପଟ୍ଟନାୟକ ଓ ପୀତବାସ ପଣ୍ଡା ମାମଲା ପରିଚାଳନା କରୁଥିଲେ।

ପ୍ରକାଶ ଯୋଗ୍ୟ' ଯେ ଗତ ପଞ୍ଚାୟତ ନିର୍ବାଚନ ସମୟରେ ଦୁଇ ବିରୋଧୀ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ନିର୍ବାଚନରେ ଚଷା ନିମଖଣ୍ଡି ସରପଞ୍ଚ ପଦବୀରେ ପ୍ରଶାନ୍ତ ଗୌଡଙ୍କ ପତ୍ନୀ ଟୁକୁନି ଗୌଡ଼ ପ୍ରତିଦ୍ୱନ୍ଦିତା କରିଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦୀ ଭାବେ ରବି ଗୌଡ଼ଙ୍କ ପତ୍ନୀ ନିର୍ବାଚନ ଲଢି ମାତ୍ର ୪ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ। ନିର୍ବାଚନ ସମୟର ତିକ୍ତତାକୁ ନେଇ ଉଭୟ ପକ୍ଷଙ୍କ ମଧ୍ୟରେ ଛକାପଞ୍ଝା ଲାଗି ରହିଥିଲା। ତେବେ ଗତ ୨୦୨୨ମସିହା ଏପ୍ରିଲ ୨୩ତାରିଖରେ ମିନାକ୍ଷୀ ସୁଆରଙ୍କ ସ୍ୱାମୀ ସୁଦର୍ଶନ ସୁଆର ଓ ତାଙ୍କ ବନ୍ଧୁ ସୁଧୀର ପାତ୍ର ବାଇକ୍ ଯୋଗେ ନିକଟସ୍ଥ ପନାଡ ଗ୍ରାମରୁ ଭୋଜି ଖାଇ ଫେରୁଥିବା ସମୟରେ ପାଳଝଡି ନିକଟସ୍ଥ ସୌରା ପାହାଡ ତଳେ ସଂଘବଦ୍ଧ ଆକ୍ରମଣ ହୋଇଥିଲା। ଦୁର୍ବୃତ୍ତମାନେ ମୁହଁରେ ମୁଖା ପରିଧାନ କରି ଉଭୟ ସୁଦର୍ଶନ ଓ ସୁଧୀରଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଉଭୟେ ତଳେ ପଡ଼ିଯିବା ପରେ ପଥରରେ ଛେଚି ହତ୍ୟା କରିଥିଲେ।

ଖବର ପାଇ ସୁଦର୍ଶନଙ୍କ ପରିବାର ସଦସ୍ୟ ଓ ସ୍ଥାନୀୟ ଲୋକେ ଘଟଣା ସ୍ଥଳରେ ପହଁଞ୍ଚିଥିଲେ। ସେତେବେଳକୁ ସୁଦର୍ଶନଙ୍କ ମୃତ୍ୟୁ ଘଟିଥିବା ବେଳେ ଡାକ୍ତରଖାନାକୁ ସ୍ଥାନାନ୍ତର ବେଳେ ସୁଧୀରଙ୍କର ମୃତ୍ୟୁ ଘଟିଥିଲା। ନିର୍ବାଚନ ସମୟରେ ଥିବା ରାଗ ସୁଝାଇବାକୁ ଯାଇ ପ୍ରଶାନ୍ତ ଗୌଡ଼ଙ୍କ ପ୍ରରୋଚନାରେ ଏଭଳି ଆକ୍ରମଣ ହୋଇଥିବା ମୃତ ସୁଦର୍ଶନଙ୍କ ପତ୍ନୀ ମିନାକ୍ଷୀ ସୁଆର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଘଟଣାରେ ସମ୍ପୃକ୍ତ ସମସ୍ତ ୯ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ଏହି ମାମଲାର ବିଚାରଣା ବେଳେ ମୋଟ ୨୮ ଜଣ ସାକ୍ଷ୍ୟଙ୍କ ବୟାନ ରେକର୍ଡ କରାଯାଇଥିଲା।

## ମା'ଙ୍କୁ ଆକ୍ରମଣ କରି ଟଙ୍କା, ଚାଉଳ ଲୁଟ୍ ଘଟଣାରେ ପୁଅ ଗିରଫ

ଦିଗପହଣ୍ଡି, ୧୮।୬(ସମିସ): ଦିଗପହଣ୍ଡି ଥାନା ତୁଡୁଙ୍ଗପୁର ଗ୍ରାମର ଆର. ଚନ୍ଦନ ପାତ୍ରକୁ ବୁଧବାର ପୁଲିସ ଗିରଫ କରି କୋର୍ଟଚାଲାଣ କରିଛନ୍ତି। ଗତ ଶନିବାର ଦିନ ଚନ୍ଦନ ତାଙ୍କ ମା' କୁରିଙ୍କୁ ଟଙ୍କା ମାଗିଥିଲେ। ସେ ମନା କରିବାରୁ ତାଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲା। ମା'ର ପାଟି ଶୁଣି ଚନ୍ଦନର ଭଉଣୀ ସେଠାକୁ ଦୌଡି ଆସିବାରୁ ତାଙ୍କ ମୋବାଇଲକୁ ସେ ବଳପୂର୍ବକ ଛଡାଇ ନେଇଥିଲା। ପରେ ମୋବାଇଲ ଫୋନଟିକୁ ଗ୍ରାମର ଜି.ଆମେଶୁ ପାତ୍ରଙ୍କୁ ୪ ହଜାର ଟଙ୍କାରେ ବିକ୍ରି କରିଦେଇଥିଲା। ଗତ ମଙ୍ଗଳବାର ଚନ୍ଦନ ପୁଣି ଘରକୁ ଆସି ଆଲମିରାରେ ଥିବା ୧୦ ହଜାର ଟଙ୍କା ଏବଂ ୪୫ କେଜି ଚାଉଳ ଲୁଟି ନେଇ ଫେରାର ହୋଇଯାଇଥିଲା। ଏନେଇ ମଙ୍ଗଳବାର ଏତଲା ହେବାପରେ ଆଇଆଇସି ପ୍ରଶାନ୍ତ କୁମାର ପାତ୍ର ଅଭିଯୁକ୍ତ ବିରୋଧରେ ମକଦ୍ଦମା ରୁଜୁ କରି ଏଏସଆଇ ଝୁନୁ ମାଝୀଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତକାରୀ ଅଧିକାରୀ ବୁଧବାର ଅଭିଯୁକ୍ତକୁ ଗିରଫ କରିବା ସହ ତାର ସୂଚନା ଆଧାରରେ ଗ୍ରାମର ଆମେସୁ ପାତ୍ରଙ୍କ ଠାରୁ ମୋବାଇଲ ଫୋନ ଏବଂ ପାଟପୁର ଗ୍ରାମର ଦୋକାନୀ ଶିବରାମଙ୍କ ଠାରୁ ୪୫ କେଜି ଚାଉଳ ଜବତ କରି ଉଭୟଙ୍କୁ ଥାନାକୁ ଉଠାଇ ଆଣିଥିଲେ। ଥାନାରେ ଆମେସୁ ଏବଂ ଶିବରାମ ଉଭୟଙ୍କୁ ମାମଲାର ତଦନ୍ତ ପାଇଁ ହାଜର ହେବାକୁ ନିର୍ଦ୍ଦେଶ ଦିଆଯିବା ସହ ବ୍ୟକ୍ତିଗତ ମୁଚାଲିକାରେ ଛଡାଯାଇଥିବା ବେଳେ ଅଭିଯୁକ୍ତ ଚନ୍ଦନଙ୍କୁ କୋର୍ଟଚାଲାଣ କରାଯାଇଛି।

## ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ

ବେଲଗୁଣ୍ଠା, ୧୮।୬(ସମିସ): ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣେ ଯୁବକକୁ ସଂଘବଦ୍ଧ ଆକ୍ରମଣ ହୋଇଥିଲା। ଏହି ମାମଲାରେ ପୁଲିସ ୩ ଜଣଙ୍କୁ କୋର୍ଟଚାଲାଣ କରିଥିବା ନେଇ ଗାଙ୍ଗପୁର ଥାନା ଅଧିକାରୀ ଶୁଭଲକ୍ଷ୍ମୀ ପୂଜାରୀ କହିଛନ୍ତି। ଗତ ରବିବାର ସକାଳେ କ୍ଷତ୍ରିୟବରପୁର ଗ୍ରାମର ଶିବ ଶଙ୍କର ସେଠୀ, ସତ୍ୟଜିତ୍ ପାଣିଗ୍ରାହୀ, ସନ୍ତୋଷ କୁମାର ସାହୁ, ଦୀପକ କୁମାର ସାହୁ ଏବଂ ଲୁଣିପଡ଼ା ଗ୍ରାମର ଜିଲୁ ଗୌଡ଼ ବିଞ୍ଚଣା ଗଡ଼ାଣି ନିକଟସ୍ଥ କାଜୁ ତୋଟାରେ ମଦ୍ୟପାନ କରୁଥିଲେ। ମଦ୍ୟପାନ ପରେ କୌଣସି କଥାକୁ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ସହ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସତ୍ୟଜିତ୍, ସନ୍ତୋଷ, ଦୀପକ ଏବଂ ଜିଲୁ ସଂଘବଦ୍ଧ ଭାବେ ଏକ କାତିରେ ଶିବ ଶଙ୍କରକୁ ଆକ୍ରମଣ କରିଥିଲେ। ଏଥିରେ ଶିବ ଶଙ୍କର ଗୁରୁତର ହେବା ସହ ନିଜ ଜୀବନ ବଞ୍ଚାଇବା ପାଇଁ ମୁଖ୍ୟ ସଡ଼କ ପାର୍ଶ୍ୱକୁ ଦୌଡ଼ି ଆସିଥିଲା। ସ୍ଥାନୀୟ ଲୋକ ଏବଂ ପୁଲିସ ସହାୟତାରେ ଶିବ ଶଙ୍କରକୁ ପ୍ରଥମେ ଭଞ୍ଜନଗର ମେଡିକାଲ୍ ଏବଂ ପରେ ବ୍ରହ୍ମପୁର ବଡ଼ ମେଡ଼ିକାଲ୍‌କୁ ପଠାଯାଇଥିଲା। ଏନେଇ ଗାଙ୍ଗପୁର ଥାନା ଏସ୍‌ଆଇ ଆର୍ତ୍ତତ୍ରାଣ ଦାନୀଙ୍କ ରିପୋର୍ଟ ପ୍ରକାରେ ଏକ ମାମଲା ରୁଜୁ କରାଯିବା ସହିତ ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ଅଜୟ କୁମାର ମଲ୍ଲିକ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ବୁଧବାର ପୁଲିସ୍ ସତ୍ୟଜିତ୍, ସନ୍ତୋଷ ଏବଂ ଜିଲୁକୁ ଗିରଫ କରିବା ସହିତ ସେମାନଙ୍କ ନିକଟରୁ ଏକ ମୋବାଇଲ୍, ଏକ ମୋଟରସାଇକେଲ୍ ଏବଂ ଗୋଟିଏ କାତି ଜବତ କରିଥିଲା।

## ଗଞ୍ଜେଇ ସହ ବାଇକ୍ ଜବତ; ଦୁଇ ଗିରଫ

ସାନଖେମୁଣ୍ଡି, ୧୮।୬(ସମିସ): ପାଟପୁର ପୁଲିସ ବୁଧବାର ଏକ ବାଇକ୍ ସହ ୩୬ କିଲୋ ୭୦୦ ଗ୍ରାମ ଗଞ୍ଜେଇ ଜବତ କରିଛି। ଏହି ମାମଲାରେ ଗଜପତି ଜିଲ୍ଲା ମୋହନା ଥାନା ରଘୁନାଥପୁର ଗ୍ରାମର ସଦାଙ୍ଗ ଗମାଙ୍ଗ ଓ ସିମନ୍ ଶବରଙ୍କୁ ଗିରଫ କରିଛି। ପାଟପୁର ଥାନା ଅଧିକାରୀ ଦୀପ୍ତି ରଞ୍ଜନ ବେହେରାଙ୍କ ନିର୍ଦ୍ଦେଶ କ୍ରମେ ଏସଆଇ ଶ୍ରୀନିବାସ ଦାସ ଓ ଏକ ଟିମ ଗଞ୍ଜାମ-ଗଜପତି ମୁଖ୍ୟ ରାସ୍ତାର ପୋଡାମାରି ପୁଲିସ୍ ଚେକ୍ ଗେଟ୍ ଠାରେ ଗାଡ଼ି ଯାଞ୍ଚ କରୁଥିବା ବେଳେ ଏକ ବାଉକ୍‌କୁ ଧରିଥିଲେ। ବାଇକ୍‌ରେ ଥିବା ଏକ ବସ୍ତାରୁ ୩୬ କିଲୋ ୭୦୦ ଗ୍ରାମ ଗଞ୍ଜେଇ ଜବତ କରିବା ସହ ଚାଳକ ଓ ପଛରେ ବସିଥିବା ଯୁବକଙ୍କୁ ଗିରଫ କରିଥିଲେ। ଏହି ଗଞ୍ଜେଇ ଗଜପତିରୁ ବ୍ରହ୍ମପୁର ଷ୍ଟେସନ ଦେଇ କେରଳ ଚାଲାଣ ହେଉଥିବା ପୁଲିସ ତଦନ୍ତରୁ ଜଣାପଡ଼ିଛି। ଏନେଇ ପାଟପୁର ଥାନାରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଋଷିକୁଲ୍ୟା ନଦୀରେ ମଧୁର ଜଳ ପ୍ରବାହିତ

ଗଞ୍ଜାମ, ୧୮।୬(ସମିସ): ଗଞ୍ଜାମ ଅଞ୍ଚଳରେ ପ୍ରବାହିତ ଋଷିକୁଲ୍ୟା ନଦୀଜଳ ସମ୍ପ୍ରତି ମଧୁର ଜଳ ହୋଇଯାଇଥିବା ଦେଖିବାକୁ ମିଳିଛି। ଉପର ମୁଣ୍ଡରେ ବର୍ଷାର ପ୍ରଭାବ ଯୋଗୁଁ ନଦୀ ଜଳ ସମ୍ପୂର୍ଣ୍ଣ ମଧୁର ହୋଇଛି। ଏପରିକି ପୋଡ଼ମପେଟା ଗ୍ରାମ ନିକଟରେ ରହିଥିବା ମୁହାଣ ପର୍ଯ୍ୟନ୍ତ ଜଳ ମଧୁର ରହିଛି। ସେହିପରି ନିକଟରେ ରହିଥିବା ପାଲୁରୁ ସାହେବ କେନାଲରେ ମଧ ମଧୁର ଜଳ ପ୍ରବାହିତ ହେଉଛି। ନଦୀ ଜଳରେ ବର୍ତ୍ତମାନ ସ୍ଥାନୀୟ ଅଞ୍ଚଳବାସୀ ସ୍ନାନ କରିବା ଆରମ୍ଭ କରିଥିବା ବେଳେ ପିଲାମାନେ ନଦୀ ଜଳରେ ପହଁରି ମଜା ନେଉଛନ୍ତି।

ପୂର୍ବରୁ ଜୁଆରିଆ ଜଳ ପ୍ରଭାବରେ କଂସାରୀ ଗଣ୍ଡ ପାଣି ଲବଣାକ୍ତ ହୋଇଥିବା ବେଳେ ସମ୍ପ୍ରତି ମଧୁର ଜଳ ପ୍ରବାହିତ ହେଉଥିବା ଯୋଗୁଁ ପାନୀୟ ମେଗା ପ୍ରକଳ୍ପରୁ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଗ୍ରାମକୁ ମଧୁର ପାନୀୟ ଜଳ ଯୋଗାଣ ସୁଗମ ହୋଇପାରିବ ବୋଲି ମତ ପ୍ରକାଶ ପାଇଛି।



## ଗଞ୍ଜାମ ମାନଚିତ୍ରରୁ ଲିଭିଯିବ କି ଆର୍ଯ୍ୟପଲ୍ଲୀ

**ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହେଲେ ପଞ୍ଚାୟତବାସୀ**



ଛତ୍ରପୁର, ୧୮।୬(ସମିସ): ଗଞ୍ଜାମ ଜିଲ୍ଲା ମାନଚିତ୍ରରେ ଆର୍ଯ୍ୟପଲ୍ଲୀ ଲିଭି ଯିବ? ଦିନକୁ ଦିନ ସମୁଦ୍ର କୁଳ ଲଂଘିବାରେ ଲାଗିଛି। ସମୁଦ୍ର ଏବେ ଗାଁ ଠାରୁ ୩୦ ମିଟର ଦୂରରେ ରହିଛି। ଫଳରେ ଆର୍ଯ୍ୟପଲ୍ଲୀ ପଞ୍ଚାୟତବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ସେମାନଙ୍କୁ ସମୁଦ୍ର ଆଁରୁ ରକ୍ଷା କରିବା ନିମନ୍ତେ ପଞ୍ଚାୟତବାସୀଙ୍କ ପକ୍ଷରୁ ଜିଲ୍ଲା ପ୍ରଶାସନ, ଗୋପାଳପୁର ବନ୍ଦର କର୍ତ୍ତୃପକ୍ଷ ଏବଂ ରାଜ୍ୟ ସରକାରଙ୍କ ଅବଗତ କରାଯାଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ କୌଣସି ପ୍ରତିକାର ବ୍ୟବସ୍ଥା କରାଯାଇନାହିଁ। ଧର୍ମକୁ ଆଖିଠାର ଭଳି ଗୋପାଳପୁର ବନ୍ଦର ପକ୍ଷରୁ ଅଳ୍ପ କିଛି ସ୍ଥାନରେ ପଥର ପକାଇ ନିଜ ଦାୟିତ୍ୱ ତୁଲାଇବା ଭଳି ଅଭିନୟ କରୁଛନ୍ତି। ସେପଟେ ଜିଲ୍ଲା ପ୍ରଶାସନର ଉଚ୍ଚ ପଦସ୍ଥ ଅଧିକାରୀମାନେ ଅଞ୍ଚଳକୁ ଯାଇ ବୁଲି ଦେଖି ଚୁପ ବସିଛନ୍ତି। ଗୋଟେ ପଟେ ମତ୍ସ୍ୟଜୀବୀମାନେ ନିଜ ପେଟପାଟଣା ନିମନ୍ତେ ଚିନ୍ତାରେ ରହିଥିବା ବେଳେ ଗାଁ ସୁମଦ୍ର ଗର୍ଭରେ ଲୀନ ହେବା ଆଶଙ୍କା ନେଇ ଭୟଭୀତ ରହିଛନ୍ତି। ଗତ ଦୁଇ ଦିନ ଭିତରେ ସମୁଦ୍ର ଅଶାନ୍ତ ଯୋଗୁଁ କୁଳ ଲଙ୍ଘିବାରେ ଲାଗିଛି। ଫଳରେ ୪ଟି ଛୋଟ ମନ୍ଦିର ମାଟିରେ ମିଶିଗଲାଣି। ବର୍ତ୍ତମାନ ଗୋପାଳପୁର ପୋର୍ଟକୁ ପରିଚାଳନା କରୁଥିବା ଆଦାନୀ ଗ୍ରୁପ ଅଧିକାରୀଙ୍କ ଚୁକ୍ତି ଖିଲାପ ଓ ମନମୁଖୀ କାର୍ଯ୍ୟକଳାପ ଯୋଗୁଁ ଆର୍ଯ୍ୟପଲ୍ଲୀ ପଞ୍ଚାୟତ ସମୁଦ୍ର ବେଳାଭୂମିର ପରିବେଶ ଓ ଭୌଗଳିକ ସ୍ଥିତି ନଷ୍ଟ ହୋଇ ପ୍ରାୟ ୧୦ହଜାରରୁ ଊର୍ଦ୍ଧ୍ୱ ପଞ୍ଚାୟତବାସିନ୍ଦାଙ୍କ ଧନ ଜୀବନ ପ୍ରତି ବିପଦ ସୃଷ୍ଟି କରିଛି। ଏହାର ପ୍ରତିକାର କରିବା ସକାଶେ ୫ ଦଫା ଦାବି ନେଇ ବୁଧବାର ଆର୍ଯ୍ୟପଲ୍ଲୀ ପଞ୍ଚାୟତବାସୀ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ସେମାନଙ୍କ ଦାବି ଯଥାଶୀଘ୍ର ପୂରଣ ନ ହେଲେ ଆସନ୍ତା ୨୪ ରିଖ ଠାରୁ ଗୋପାଳପୁର ବନ୍ଦରର ମୁଖ୍ୟ ଦ୍ୱାର ସମ୍ମୁଖରେରେ ଧାରଣା ଦିଆଯିବ ବୋଲି ସୂଚନା ଦେଇଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଆର୍ଯ୍ୟପଲ୍ଲୀ ସରପଞ୍ଚ ତ୍ରିଲୋଚନ ବେହେରା, ସାନ ଆର୍ଯ୍ୟପଲ୍ଲୀ ଗ୍ରାମ୍ୟ କମିଟି ସାଧାରଣ ସମ୍ପାଦକ ଏମ. ଦିଲ୍ଲୀପ, ମତ୍ସ୍ୟଜୀବି ନେତା ବି. ଭୀମସେନ, ଏନ. ଦିନବନ୍ଧୁ, କେ. ଦାଶରଥୀ, ପି. ରାମବାବୁ, ଧର୍ମରାଜୁ, ଏଲ ଏରୟା ଓ ଜେ ଚିନେୟାଙ୍କ ସମେତ ବହୁ ଭଦ୍ର ବ୍ୟକ୍ତି ମାନେ ଉପସ୍ଥିତ ଥିଲେ।

## ନଦୀରେ ବୁଡ଼ି ଶିଶୁ ମୃତ

ସାନଖେମୁଣ୍ଡି, ୧୮।୬(ସମିସ): ଗଞ୍ଜାମ ଜିଲ୍ଲା ପାଟପୁର ଥାନା ଜୟନଗର ଗ୍ରାମ ଘୋଡ଼ାହାଡ ନଦୀରେ ବୁଡ଼ି ଜଣେ ଶିଶୁ କନ୍ୟାର ମୃତ୍ୟୁ ଘଟିଛି। ମୃତକ ହେଲେ ବଡ଼ଗଡ଼ ଥାନା ସିଦ୍ଧିପୁର ଗ୍ରାମର ସୁଧାକର ଅଧିକାରୀଙ୍କ ଝିଅ ସୌମ୍ୟାରାଣୀ ଅଧିକାରୀ (୫)।

ସୂଚନା ମୁତାବକ ସୁଧାକର ଅଧିକାରୀଙ୍କ ସ୍ତ୍ରୀ ସୋନାଲି ତ୍ରିପାଠୀ, ଝିଅ ସୌମ୍ୟାରାଣୀ ମିଶି ଜୟନଗର ଗ୍ରାମ ମାମୁଁ ଶଶୁର ଗୌରୀ ଶଙ୍କର ଆଚାର୍ଯ୍ୟଙ୍କ ଘରକୁ ଆଇ ଶାଶୁଙ୍କ ଦଶାହ କାର୍ଯ୍ୟରେ ଯୋଗ ଦେବାକୁ ବୁଧବାର ଭୋରରୁ ଆସିଥିଲେ। ପୂର୍ବାହ୍ନରେ ସୋନାଲି ଲୁଗା ସଫା କରିବାକୁ ନିଜ ଝିଅକୁ ନେଇ ଘୋଡାହାଡ ନଦୀକୁ ଯାଇଥିଲେ। ସେଠାରେ ଲୁଗା ସଫା କରୁଥିବା ବେଳେ ଝିଅ ନଦୀ ଭିତରକୁ ଚାଲିଯାଇଥିଲେ। ଝିଅକୁ ନ ପାଇ ସୋନାଲି ଚିତ୍କାର କରିବାରୁ ଆଖ ପାଖରେ ଥିବା ଲୋକ ଆସି ଝିଅକୁ ନଦୀରୁ ଉଦ୍ଧାର କରି ଆଡ଼ପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ପଠାଇଛି। ଏଥିସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

**ଜରୁରୀ ସୂଚନା**

Lakheswar Agency [illegible] OSFDC Department [illegible] Letter [illegible] Lakheswar Agency [illegible] Letter [illegible] 8260739643 [illegible]

Managing Director
Lakheswar Agency

## ବିଦ୍ୟୁତ୍ ଆଘାତରେ ଯୁବକଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା



କବିସୂର୍ଯ୍ୟନଗର, ୧୮।୬(ସମିସ): କବିସୂର୍ଯ୍ୟନଗର ଥାନା ଖୋଜାପଲ୍ଲୀ ଗ୍ରାମରେ ବିଦ୍ୟୁତ ଆଘାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମଙ୍ଗୁଲୁ ବେହେରା(୫୦)। ସେ ଖୋଜାପଲ୍ଲୀ ପଞ୍ଚାୟତ କାର୍ଯ୍ୟାଳୟରେ ପିଅନ ଭାବେ କାର୍ଯ୍ୟରତ ଥିଲେ। ମଙ୍ଗୁଲୁ ଜାତିରେ ବାରିକ ହୋଇଥିବା ବେଳେ ଜଣେ ବ୍ୟକ୍ତି ଭୋଜି ଡାକରା ପାଇଁ ଘରକୁ ଘର ଯାଉଥିଲେ। ଖୋଜାପଲ୍ଲୀ ଗ୍ରାମର ମୁଖ୍ୟ ରାସ୍ତାରେ ଥିବା ଏକ ଘରେ ଭୋଜି ବାର୍ତ୍ତା କହି ବାହାରକୁ ଆସିବା ବେଳେ ଘର ଆଗରେ ଥିବା ବିଦ୍ୟୁତ ଖୁଣ୍ଟ ସଂସ୍ପର୍ଶରେ ଆସିଥିଲେ। ଉକ୍ତ ଖୁଣ୍ଟରେ ବିଦ୍ୟୁତ ଚାର୍ଜ ହୋଇଥିôବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ଘଟଣାକୁ ଉତ୍ତେଜନା ସୃଷ୍ଟି ହେବା ସହ ସ୍ଥାନୀୟ ଲୋକେ ଆସିକା-ଭୁବନେଶ୍ୱର ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। କବିସୂର୍ଯ୍ୟନଗର ତହସିଲଦାର ଓ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଲୋକଙ୍କୁ ବୁଝାସୁଝା କରିଥିଲେ।

## ବିଚାରପତିଙ୍କୁ ବିଦାୟ ସମ୍ବର୍ଦ୍ଧନା

ପୁରୁଷୋତ୍ତମପୁର, ୧୮।୬(ସମିସ): ପୁରୁଷୋତ୍ତମପୁର ଓକିଲ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ ସଂଘ ସଭାପତି ତଥା ସରକାରୀ ଓକିଲ କୃଷ୍ଣଚନ୍ଦ୍ର ଗୌଡ଼ଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆସିଷ୍ଟାଣ୍ଟ ସେସନ୍ସ ଜଜ୍ ତଥା ସିନିୟର ସିଭିଲ ଜଜ୍ ଶରତ କୁମାର ସାହୁ ଓ ପ୍ରଥମଶ୍ରେଣୀ ବିଚାରପତି ପୂଜା ପ୍ରିୟଦର୍ଶନୀ ପତି ଯୋଗଦେଇଥିଲେ। ଏହି ଅବସରରେ ପ୍ରଥମଶ୍ରେଣୀ ବିଚାରପତି ପୂଜା ପ୍ରିୟଦର୍ଶନୀ ପତିଙ୍କ ଭବାନିପାଟଣା କୋର୍ଟକୁ ବଦଳି ହୋଇଥିବାରୁ ତାଙ୍କୁ ଓକିଲ ସଂଘ ପକ୍ଷରୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେ ଏଠାରେ ୨୦୨୨ ଜୁଲାଇ ୨୨ ତାରିଖରେ ଯୋଗଦେଇଥିଲେ। ତାଙ୍କର କାର୍ଯ୍ୟକାଳ ସମୟରେ ପୁରୁଷୋତ୍ତମପୁର ଅଞ୍ଚଳବାସୀଙ୍କ ଲାଗି ବଡ ସଫଳତା ଆଣିଛନ୍ତି। ନୂତନଭାବରେ ଆସିଷ୍ଟାଣ୍ଟ ସେସନ୍ ଜଜ୍ ତଥା ସିଭିଲଜଜ୍ ସିନିୟର ଡିଭିଜନ କୋର୍ଟ ପ୍ରତିଷ୍ଠା ହୋଇ ପାରିଥିବା ବେଳେ ପ୍ରାୟ ୨୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନୂତନଭାବରେ ଜୁଡିସିଆଲ କମ୍ପ୍ଲେକ୍ସ ନିର୍ମାଣ ହେବା ଭଳି ଉନ୍ନୟନମୂଳକ କାର୍ଯ୍ୟ ହୋଇଛି। ଏହି ଅବସରରେ ଓକିଲସଂଘ ଉପସଭାପତି ଦୁର୍ଗାଚରଣ ଦାଶ, ସମ୍ପାଦକ ରବୀନ୍ଦ୍ର କୁମାର ସାହୁ, ସହ ସମ୍ପାଦକ କେ ଶଶାଙ୍କ ଶେଖର ରାଓ, ସରକାରୀ ଓକିଲ ପ୍ରକାଶଚନ୍ଦ୍ର ତ୍ରିପାଠୀ, ବରିଷ୍ଠ ଆଇନଜୀବୀ ବାସୁଦେବ ଜେନା, ପ୍ରଦୋଶ କୁମାର ବାହିନିପତି, ରମା ରଞ୍ଜନ ଦାଶ, ପ୍ରଭାତ କୁମାର ପଟ୍ଟନାୟକ, ଅକ୍ଷୟ କୁମାର ବେହେରା, ନିରଞ୍ଜନ ବେହେରା, ଦୟାନିଧି ପଣ୍ଡା, ପ୍ରଫୁଲ କୁମାର ପଣ୍ଡା, ପାଣ ବେହେରା, ରବୀନ୍ଦ୍ର ବେହେରା, କାମେଶ୍ୱର ଗୌଡ, ତୁଷାରକାନ୍ତ ରାଉଳଙ୍କ ସମେତ ବହୁ ଓକିଲ ଉପସ୍ଥିତ ଥିଲେ।



## ପୋଖରୀରେ ବୁଡ଼ି ବୃଦ୍ଧ ମୃତ

ପାତ୍ରପୁର, ୧୮।୬(ସମିସ): ଜରଡ଼ା ଥାନା ଅନ୍ତର୍ଗତ ପାତ୍ରପୁର ଗ୍ରାମର ସାଗର ବ୍ରାହ୍ମଣ ସାହିର ଜଣେ ବୃଦ୍ଧ ବୁଧବାର ପୋଖରୀରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ମୃତକ ହେଲେ ଅଲେଖ ନାୟକ (୬୫)। ବୁଧବାର ସକାଳେ ଅଲେଖ ଗୋପାଳବନ୍ଧକୁ ଗାଧୋଇବାକୁ ଯାଇଥିବା ବେଳେ ଗୋଡ଼ ଖସି ବୁଡି ଯାଇଥିବା ଅନୁମାନ କରାଯାଉଛି। ଦିନ ୧୦ଟାରେ ଉକ୍ତ ବନ୍ଧରେ ଗାଧୋଉଥିବା କିଛି ଲୋକ ବୃଦ୍ଧଙ୍କ ମୃତଦେହ ଭାସୁଥିବା ଦେଖିଥିଲେ। ଘଟଣାସ୍ଥଳରେ ପାତ୍ରପୁର ଅଗ୍ନିଶମ ବାହିନୀ ପହଞ୍ଚି ତାଙ୍କୁ ଉଦ୍ଧାର କରି ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିବା ବେଳେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇଥିଲା। ବ୍ୟବଚ୍ଛେଦ ପରେ ପରିବାରଙ୍କୁ ଶବ ହସ୍ତାନ୍ତର କରିଛି।




# ସାଧାରଣ ସମସ୍ୟାରୁ ମୁକୁଳୁନି ଗଞ୍ଜାମ; ଦାୟିତ୍ୱରୁ ଦୂରେଇ ଯାଉଛି ବିଜେପି

ବ୍ରହ୍ମପୁର, ୧୮।୬(ସମିସ)

କେନ୍ଦ୍ର ଓ ରାଜ୍ୟରେ ବିଜେପି ନେତୃତ୍ୱାଧିନ ସରକାର ରହିଛି। ଦୀର୍ଘ ବର୍ଷ ପରେ ରାଜ୍ୟରେ ସରକାର ବଦଳିଛି, ବିଜେପିକୁ ସୁଯୋଗ ଦେଇଛନ୍ତି ଲୋକେ। ଏହିକ୍ରମରେ ଗଞ୍ଜାମବାସୀ ଜିଲ୍ଲାରୁ ୧୧ ବିଧାୟକଙ୍କୁ ବିଧାନସଭା ଓ ୨ଜଣ ସାଂସଦଙ୍କୁ ଲୋକସଭାକୁ ନିର୍ବାଚିତ କରିଛନ୍ତି। ସରକାର ଗଠନକୁ ରାଜ୍ୟରେ ବର୍ଷେ ବିତିଛି ତଥାପି 'ଯଥା ପୂର୍ବଂ ତଥା ପରଂ' ଭଳି ପରିସ୍ଥିତିରୁ ମୁକୁଳି ପାରିନି ଗଞ୍ଜାମ। ଜିଲ୍ଲାରେ ବିରୋଧି ଭୂମିକାରେ ବିଜେପି ଥିଲାବେଳେ ଯେଉଁଭଳି ସ୍ୱରକୁ ଶାଣିତ କରୁଥିଲା ଏବେ ସରକାରକୁ ଆସିବା ପରେ ଦାୟିତ୍ୱରୁ ଦୂରେଇ ଯାଉଥିବା ନେଇ ଜିଲ୍ଲାର ବୁଦ୍ଧିଜୀବୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। ବିଶେଷ କରି ସ୍ୱାସ୍ଥ୍ୟ, ଶିକ୍ଷା ଓ ପାନୀୟଜଳ ଯୋଗାଣ ଆଦି ବିଭିନ୍ନ କ୍ଷେତ୍ରର ସାଧାରଣ ସମସ୍ୟାରୁ ଜିଲ୍ଲା ମୁକୁଳିପାରୁନି ବୋଲି ବିଭିନ୍ନ ମହଲରେ ମତପ୍ରକାଶ ପାଇଛି। ସରକାର ବର୍ଷେ ଏକ ଉପଲବ୍ଧି ଅନେକ ବୋଲି ଦାବି କରୁଥିବା ବେଳେ ଏପଟେ ସାଧାରଣ ଲୋକଙ୍କ ସମସ୍ୟା ଦିନକୁ ଦିନ ଦ୍ୱିଗୁଣିତ ହେଉଥିବା ଅଭିଯୋଗ ହୋଇଛି।

ସୂଚନା ପ୍ରକାରେ ଗତ ସରକାର ସମୟରେ ଏମକେସିଜି ମେଡ଼ିକାଲ କଲେଜ ସମସ୍ୟା ସମ୍ପର୍କରେ ଭାରତୀୟ ଜନତା ପାର୍ଟିର ନେତାମାନେ ବିଭିନ୍ନ ସମୟରେ ସ୍ୱର ଉତ୍ତୋଳନ କରୁଥିଲେ। ପ୍ରତିଟି ସମୟରେ ଦଫା ଦଫା ଦାବିପତ୍ର ଦେଉଥିଲେ। ସମ୍ପ୍ରତି ଏହି ସମସ୍ୟା କେତେ ସମାଧାନ ହୋଇଛି, ଏ ଦିଗରେ ନିଜ ନେତାଙ୍କୁ ପ୍ରଶ୍ନ କରିବାକୁ ମଧ୍ୟ କେହି ସାହସ କରୁନାହାନ୍ତି। ଏମ୍‌କେସିଜି ମେଡ଼ିକାଲ କଲେଜରେ ମାଳ ମାଳ ସମସ୍ୟା ରହିଛି। ପ୍ରତିଦିନ ନୂଆ ନୂଆ ସମସ୍ୟା ବି ଯୋଡ଼ି ହେଉଛି। କିନ୍ତୁ ଏହାର ତ୍ୱରିତ ସମାଧାନ କ୍ଷେତ୍ରରେ ସରକାରଙ୍କ ଆନ୍ତରିକତା ଅଭାବ ପରିଲକ୍ଷିତ ହେଉଛି।

**● ଏମ୍‌କେସିଜି ସମେତ ସବୁ ସ୍ୱାସ୍ଥ୍ୟକେନ୍ଦ୍ରରେ ସମସ୍ୟା ଜଟିଳ**

**● ଆଣ୍ଠେଇଛି ମେଗା ପାନୀୟଜଳ ପ୍ରକଳ୍ପ; ଉତ୍ତରଦାୟୀ ରହୁନି ପ୍ରଶାସନ**

ଏନେଇ ଆଇନଜୀବୀ ଅନନ୍ତ ନାରାୟଣ ମହାନ୍ତି ଟୁଇଟ ଯୋଗେ ଅଭିଯୋଗ କରିଛନ୍ତି ଯେ, ବିଭିନ୍ନ ଦାବି ନେଇ ବିଜେପି ତତ୍କାଳୀନ ସରକାରଙ୍କୁ ଘେରୁଥିଲା। କିନ୍ତୁ ସେହି ସମସ୍ୟାର ସମାଧାନ ଲାଗି ସମ୍ପ୍ରତି ଅନାଗ୍ରହ କାହିଁକି। ଏମ୍‌କେସିଜିର ସମସ୍ୟା ସମାଧାନ କରିବା ଲାଗି ସରକାରଙ୍କୁ ଏକବର୍ଷ ଯଥେଷ୍ଟ ନୁହଁ କି ବୋଲି ସେ ପ୍ରଶ୍ନ କରିଛନ୍ତି। ୩ ବର୍ଷ ତଳେ କେନ୍ଦ୍ର ସରକାରଙ୍କ ଯୁଗ୍ମ ତଦନ୍ତକାରୀ କମିଟିକୁ ୧୪ଦଫା ଦାବି ସମସ୍ୟା ସମ୍ପର୍କରେ ବିଜେପି ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ବିଜେପି ସରକାର ତରଫରୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ଗଞ୍ଜାମର ହିତ ପାଇଁ ଦାୟିତ୍ୱ ନେବାର ଥିଲା। କିନ୍ତୁ ଦକ୍ଷିଣ ଓଡ଼ିଶା ପ୍ରତି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବ ସ୍ପଷ୍ଟ ହୋଇଛି ବୋଲି ଶ୍ରୀ ମହାନ୍ତି ଅଭିଯୋଗ କରିଛନ୍ତି।

ଅନ୍ୟପକ୍ଷରେ ପାନୀୟଜଳ ଓ ବହୁ ବିଭାଗର ଉନ୍ନୟନ କାର୍ଯ୍ୟ କ୍ଷେତ୍ରରେ ମଧ୍ୟ ବିଜେପି ସରକାର ପଛରେ ପଡ଼ିଥିବା ଅଭିଯୋଗ ହୋଇଛି। ଛତ୍ରପୁରର ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ବେହେରା କହିଛନ୍ତି ଯେ, ବିଜେପି ସରକାରରେ ମୌଳିକ ସମସ୍ୟା ସମାଧାନ ହେଉନି। ବୃହତ୍ତ ପ୍ରକଳ୍ପ ଅଧପନ୍ତରିଆ ପଡ଼ିରହିଛି। ପୁରୁଣା ପ୍ରକଳ୍ପର ଅଗ୍ରଗତି ଘଟୁନି। ପ୍ରଶାସନିକ ଆନ୍ତରିକତା ଓ ରାଜନୈତିକ ଇଛାଶକ୍ତି ଅଭାବରୁ ଗଞ୍ଜାମ ପଛୁଆ ହୋଇଯାଉଛି। ବିଭିନ୍ନ ବିଭାଗରେ ଦୁର୍ନୀତି ବଢ଼ିବାରେ ଲାଗିଛି। ନାଗରିକଙ୍କୁ ସଠିକ ସୁବିଧା ମିଳୁନି। ପ୍ରଶାସନ ଲୋକଙ୍କ ପାଖରେ ଉତ୍ତରଦାୟୀ ହେବାରୁ ଦୂରେଇ ଯାଉଛି। ପୂର୍ବ ସରକାରଙ୍କ ଗୁଡ଼ ଗର୍ଭନେନ୍ସ କାର୍ଯ୍ୟକ୍ରମ ଠପ ହୋଇଛି। ନୂଆ ସରକାରରେ ପ୍ରଶାସନ ଲୋକଙ୍କ ସମସ୍ୟା ସମାଧାନ କରିବାରେ ବିଫଳ ହେଉଛି। ବିଶେଷ କରି ମେଗାପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ଗଞ୍ଜାମରେ ଧିମେଇ ଯାଇଛି ବୋଲି ଶ୍ରୀ ବେହେରା ଅଭିଯୋ କରିଛନ୍ତି।

୨୦୧୯ ଓ ୨୦୨୨ ମସିହାରେ ଆରମ୍ଭ ହୋଇଥିବା ମେଗାପାନୀୟ ଜଳ ପ୍ରକଳ୍ପ ଗୁଡ଼ିକ ଅସମ୍ପୂର୍ଣ୍ଣ ରହିଛି। ଗଞ୍ଜାମ ଓ କୃଷ୍ଣପ୍ରସାଦ ବ୍ଲକର ଅନେକ ଗାଁକୁ ପିଇବା ପାଣି ଯୋଗାଇବା କଥା ପୂର୍ବ ସରକାର ଚିନ୍ତା କରିଥିଲେ। କିନ୍ତୁ ଏହି ସବୁ ପ୍ରକଳ୍ପ ଧାର୍ଯ୍ୟ ଲକ୍ଷ୍ୟରୁ ଦୂରରେ ରହିଛି। ଯେଉଁ ପ୍ରକଳ୍ପ ଆଂଶିକ କାର୍ଯ୍ୟକ୍ଷମ ହୋଇଛି ତାହା ଲୋକଙ୍କ ଶୋଷ ମେଣ୍ଟାଇପାରୁନି। ଜିଲ୍ଲାରେ ମେଗାପାନୀୟ ଜଳ ପ୍ରକଳ୍ପ କ୍ରମରେ ୨୦୨୨ରୁ ଆରମ୍ଭ ହୋଇଥିବା କାର୍ଯ୍ୟ ଅଧପନ୍ତରିଆ ଭାବେ ପଡ଼ି ରହିଛି। କଂସାରୀଗଣ୍ଡରୁ ଛତ୍ରପୁର ଓ ରଙ୍ଗେଇଲୁଣ୍ଡା ବ୍ଲକକୁ ପାଣି ଯୋଗାଇବା ଲାଗି ପୂର୍ବ ସରକାର ଚିନ୍ତା କରିଥିଲେ। ୨୦୨୨ରେ ଏହି କାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିରେ ବିଶେଷ କିଛି ଅଗ୍ରଗତି ହୋଇପାରିନି। ପ୍ରଶାସନ ଲୋକଙ୍କ ପାଖରେ ଉତ୍ତରଦାୟୀ ରହୁନି କିମ୍ବା ସରକାରଙ୍କ ନିୟନ୍ତ୍ରଣରେ ନଥିବା ସ୍ପଷ୍ଟ ହୋଇଛି ବୋଲି ଶ୍ରୀ ବେହେରା ଅଭିଯୋଗ କରିଛନ୍ତି। ଯେଉଁ ଆଶା ଆକାଂକ୍ଷା ନେଇ ଦୀର୍ଘ ଦିନର ସରକାରକୁ ପ୍ରତ୍ୟାଖାନ କରି ଲୋକେ ବିଜେପି ସରକାରଙ୍କୁ କ୍ଷମତାକୁ ଆଣିଥିଲେ ସେହି ତୁଳନାରେ ଗଞ୍ଜାମର ବିକାଶ ଗାଡ଼ି ଧିମେଇ ଯାଇଥିବା ଯୁବାବର୍ଗ ମଧ୍ୟରେ ଆଲୋଚନାର ପ୍ରସଙ୍ଗ ହୋଇଛି।

## ଦେଖାଯାଉନି ଜଳ ନିଷ୍କାସନ ବ୍ୟବସ୍ଥା

# ରାସ୍ତା ନିର୍ମାଣ ଯୋଗୁଁ ଜଳବନ୍ଦୀ

ପାଣିକୋଇଲି, ୧୮ ।୬(ସମିସ)

ଜାତୀୟ ରାଜପଥ ୧୬ ନଂ. ଠାରୁ ଦାମୋଦରପୁର ଗ୍ରାମ ଦେଇ ଜାତୀୟ ରାଜପଥ ୨୦ ପର୍ଯ୍ୟନ୍ତ ରାସ୍ତାର ସମ୍ପ୍ରସାରଣ କାର୍ଯ୍ୟ ଚାଲୁଛି । କିନ୍ତୁ ଜଳ ନିଷ୍କାସନର କୌଣସି ବ୍ୟବସ୍ଥା ନ କରି ରାସ୍ତା ନିର୍ମାଣ କରିବା ଫଳରେ ଗ୍ରାମର କିଛି ପରିବାର ଏବେ ଜଳବନ୍ଦୀ ଭାବେ ରହୁଛନ୍ତି । ଯାଜପୁର ଜିଲ୍ଲାରେ ମହାମାରୀ ହଇଜା ଓ ଝାଡ଼ାବାନ୍ତି ନିଜର କାୟାବିସ୍ତାର କରି ଚାଲିଥିବା ବେଳେ ଜିଲ୍ଲାରେ ୧୫ରୁ ଊର୍ଦ୍ଧ୍ୱ ବ୍ୟକ୍ତି ମୃତ୍ୟୁବରଣ କରିସାରିଲେଣି । କିନ୍ତୁ ରୋଗ ଥମିବାର ନାଁ ଧରୁନାହିଁ । ଏପରିସ୍ଥଳେ ଜଳ ନିଷ୍କାସନ ବ୍ୟବସ୍ଥାକୁ ଗୁରୁତ୍ୱ ନଦେଇ ରାସ୍ତା ନିର୍ମାଣ କରିବା ଫଳରେ କିଛି ଅଞ୍ଚଳବାସୀ ପାଣି ଘେରରେ ରହି ଜଳବନ୍ଦୀ ଭାବେ ବଞ୍ଚୁଛନ୍ତି । ମହାମାରୀ ହଇଜା ଏକ ଜଳବାହିତ ରେଗ ହୋଇଥିବାରୁ ସରକାର ବାରମ୍ବାର ଏ ନେଇ କୌଣସି ସ୍ଥାନରେ ପାଣି ନ ଜମିବା ନେଇ ସତର୍କତା ଅବଲମ୍ବନ କରିବା ଲାଗି ପରାମର୍ଶ ଦେଉଛନ୍ତି । କିନ୍ତୁ ପାଣିକୋଇଲି ପଞ୍ଚାୟତ ଅଧୀନସ୍ଥ ଦାମୋଦରପୁର ଗ୍ରାମ ରାସ୍ତାର ଉକ୍ତ ସ୍ଥାନଟିରେ ବର୍ଷା ଜଳ ଜମି ରହିବା ହଇଜାକୁ ନିମନ୍ତ୍ରଣ କରୁଛି କହିଲେ ଅତ୍ୟୁକ୍ତି ହେବ ନାହି । ଏ ନେଇ ସେ ସ୍ଥାନର ଅଞ୍ଚଳବାସୀ ଉକ୍ତ ଠିକାଦାରକୁ ଯୋଗାଯୋଗ କରିଥିଲେ ମଧ୍ୟ ସେ କୌଣସି ପଦକ୍ଷେପ ନେଇନଥିଲେ । ଫଳରେ ପଞ୍ଚାୟତ ସହିତ ଯୋଗାଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ । ତେଣୁ ଜିଲ୍ଲା ପ୍ରଶାସନ ଏ ନେଇ ସ୍ୱତନ୍ତ୍ର ଦୃଷ୍ଟି ଦେବା ଲାଗି ଅଞ୍ଚଳବାସୀ ଦାବି କରିଛନ୍ତି ।



# ରଥଯାତ୍ରା ପରିଚାଳନା ପାଇଁ ପ୍ରସ୍ତୁତି ବୈଠକ

ସୁକିନ୍ଦା, ୧୮ ।୬(ସମିସ): ଆସନ୍ତା ଶ୍ରୀଗୁଣ୍ଡିଚା ଯାତ୍ରା ପାଇଁ ପ୍ରଶାସନିକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ବୁଧବାର ସୁକିନ୍ଦା ବ୍ଲକ ସଭାଗୃହରେ ଦେବୋତ୍ତର ବିଭାଗ ମୁଖ୍ୟ ତଥା ତହସିଲଦାର ମାନସ ରଞ୍ଜନ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ସୁକିନ୍ଦା ରାଜାସାହେବ ଭୂଦେବ ଭୂପତି ହରିଚନ୍ଦନ ମହାପାତ୍ର ବିଭିନ୍ନ ବିଭାଗୀୟ ଅଧିକାରୀ ଓ ଦେବୋତ୍ତର କମିଟି ସଦସ୍ୟ ପ୍ରମୁଖ ଯୋଗଦେଇଥିଲେ । ବର୍ତ୍ତମାନ ସ୍ଥାନୀୟ ଅଞ୍ଚଳରେ ଡାଇରିଆ ଉପରମୁହାଁ ଥିବାରୁ ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ଯାତ୍ରା ପୂର୍ବରୁ ପରିମଳ ବ୍ୟବସ୍ଥାକୁ କଡାକଡି କରାଯିବାକୁ ନିଷ୍ପତ୍ତି ହୋଇଥିଲା । ଏହି ଯାତ୍ରାରେ ହଜାର ହଜାର ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ସମ୍ପୃକ୍ତ ଅଞ୍ଚଳକୁ ପ୍ରଥମେ ସଫେଇ ଓ ବିଶୋଧନ କରିବା ସହ ଆବଶ୍ୟକତା ଅନୁଯାୟୀ ପାନୀୟ ଜଳ ଯୋଗାଣ, ଅସ୍ଥାୟୀ ଶୌଚାଳୟ, ସ୍ୱାସ୍ଥ୍ୟସେବା, ସୂଚନା କେନ୍ଦ୍ର, ଯାନବାହାନ ପାଇଁ ସୁରକ୍ଷିତ ଷ୍ଟାଣ୍ଡ, ବିଦ୍ୟୁତ୍ ସେବା ଓ ଭକ୍ତଙ୍କ ସୁରକ୍ଷା ଓ ଟ୍ରାଫିକ ସମସ୍ୟା ସମାଧାନ ପାଇଁ ପୁଲିସ ସେବା ଯୋଗାଇଦେବା ଆଦି ବିଷୟରେ ଆଲୋଚନା କରାଯାଇ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବିଡିଓ ନମ୍ରତା ମୋଦି, କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁପ୍ରସନ୍ନ ମଲ୍ଲିକ, ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସତ୍ୟଭୂଷଣ ବିଶ୍ୱାଳ, ଥାନା ଅଧିକାରୀ ବିଲ୍ୱମଙ୍ଗଳ ସେଠୀ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଜୟଦେବ ନନ୍ଦ, ଆର୍ଆଇ ସ୍ନିଗ୍ଧାରାଣୀ ନନ୍ଦୀଙ୍କ ସମେତ ଅଗ୍ନିଶମ ବିଭାଗ, ଗ୍ରାମ୍ୟ ପାନୀୟ ଜଳଯୋଗାଣ ବିଭାଗ, ବିଦ୍ୟୁତ୍ ବିଭାଗର ଅଧିକାରୀ ଓ ସ୍ଥାନୀୟ ଦେବୋତ୍ତର ବିଭାଗର ସଦସ୍ୟ ଉପସ୍ଥିତି ଥିଲେ ।



# ମହିଳାଙ୍କ ବେକରୁ ସୁନା ଚେନ ଝାମ୍ପି ନେଲେ

ଧର୍ମଶାଳା, ୧୮ ।୬(ସମିସ): ଧର୍ମଶାଳା ଥାନାର ଜାରକା ଅଞ୍ଚଳ ସୁନାଚେନ ଲୁଟେରାଙ୍କ ଚରା ଭୁଁଇ ପାଲଟିଛି । ବାରମ୍ବାର ଚୋରି ସତ୍ତ୍ୱେ ପୁଲିସ ସେମାନଙ୍କ ଟେର ପାଉନି । କେବଳ ଏତଲାରେ ରହିଯାଉଛି ଅଭିଯୋଗ, କିନ୍ତୁ ତଦନ୍ତ ଶୂନ୍ୟ । ଏହି କ୍ରମରେ ଗତ ସୋମବାର ଅପରାହ୍ନରେ ଜାରକା ୟୁକୋ ବ୍ୟାଙ୍କ ସମ୍ମୁଖ ବସ୍ ଷ୍ଟାଣ୍ଡ ନିକଟ ସର୍ଭିସ୍ ରୋଡରେ ଜଣେ ମହିଳାଙ୍କ ବେକରୁ ଦୃର୍ବୃତ୍ତମାନେ ସୁନା ଚେନ ଝାମ୍ପି ନେଇଥିବା ଥାନାରେ ଅଭିଯୋଗ ହୋଇଛି ।



ଏହି ଦୃଶ୍ୟ ମଧ୍ୟ ନିକଟସ୍ଥ ଏକ ଦୋକାନର କ୍ୟାମେରାରେ କଏଦ ହୋଇରହିଛି । ଘଟଣାରୁ ପ୍ରକାଶ ଯେ, ବ୍ରହ୍ମବରଦା ଥାନା ରୁଦ୍ରପୁର ବଡ଼ ବାଘସାହି ଅଞ୍ଚଳର କୁଶଦେବ ମହାନ୍ତିଙ୍କ ଝିଅ ସୁମିତ୍ରା ମହାନ୍ତି ଓ ତାଙ୍କ ଭଉଣୀ ଏକ ସ୍କୁଟିରେ କୁଆଖିଆରୁ ଜାରକା ବଜାରକୁ ଆସୁଥିଲେ । ଅପରାହ୍ନ ୪ଟା ବେଳେ ୨ଜଣ ଯୁବକ ଏକ ପଲସର୍ ବାଇକରେ ପିଛା କରି ବସ୍‌ଷ୍ଟାଣ୍ଡ ସନ୍ନିକଟ ୟୁକୋ ବ୍ୟାଙ୍କ ନିକଟରେ ବାଇକ୍ ଚାଲୁଥିବା ଅବସ୍ଥାରେ ପଛରେ ବସିଥିବା ମହିଳାଙ୍କ ବେକରୁ ସୁନା ଚେନ ଝାମ୍ପି ନେଇ ଫେରାର ହୋଇଯାଇଥିଲେ । ସୁମିତ୍ରା ତାଙ୍କ ପିଛା କରିଥିଲେ ମଧ୍ୟ ଲୁଟେରାଙ୍କ ପତ୍ତା ପାଇ ନଥିଲେ । ସୁନା ଚେନଟି ୧୦ ଗ୍ରାମ ଓଜନର ବୋଲି ସେ କହିଛନ୍ତି । ଏନେଇ ସେ ଥାନାରେ ଏତଲା ଦେଇଛନ୍ତି ।

# ୟୁକ୍ତ ୩ ପ୍ରଥମ ପର୍ଯ୍ୟାୟରେ ୩୦୨ ଛାତ୍ରଛାତ୍ରୀ ନାମ ଲେଖାଇଲେ

ଧର୍ମଶାଳା, ୧୮ ।୬(ସମିସ): ଧର୍ମଶାଳା ବ୍ଲକର ବିଭିନ୍ନ କଲେଜରେ ୟୁକ୍ତ ୩ର ନାମଲେଖା ଇତି ମଧ୍ୟରେ ଶେଷ ହୋଇଛି । ସୂଚନା ଦିଆ ଯାଇଥିବା ଛାତ୍ରଛାତ୍ରୀ ମଧ୍ୟରୁ ଅଧାରୁ କମ ନାମ ଲେଖାଇଥିବା ଜଣାପଡ଼ିଛି । ଧର୍ମଶାଳା ବ୍ଲକ ଅଧିନସ୍ଥ ୫ଟି ଡିଗ୍ରୀ କଲେଜରେ ପ୍ରଥମ ପର୍ଯ୍ୟାୟରେ କାଳ, ବିଜ୍ଞାନ ଓ ବାଣିଜ୍ୟରେ ନାମ ଲେଖିବା ପାଇଁ ୭୫୫ ଜଣ ଛାତ୍ରଛାତ୍ରୀଙ୍କୁ ସୂଚନା ଦିଆଯାଇଥିବା ବେଳେ ୩୦୨ଜଣ ନାମ ଲେଖାଇଥିବା ଜଣାପଡ଼ିଛି । ଧର୍ମଶାଳା ଡିଗ୍ରୀ କଲେଜରେ ପ୍ରଥମ ପର୍ଯ୍ୟାୟରେ କଳାରେ ନାମ ଲେଖାଇବାପାଇଁ ୧୬୩ ଜଣକୁ ସୂଚନା ଦିଆଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୮୨ଜଣ, ବିଜ୍ଞାନରେ ୧୧୦ଜଣକୁ ସୂଚନା ଦିଆଯାଇଥିବା ବେଳେ ୨୪ଜଣ ଓ ବାଣିଜ୍ୟରେ ୧୬ ଜଣଙ୍କ ମଧ୍ୟରୁ ମାତ୍ର ୭ଜଣ ନାମ ଲେଖାଇଥିବା ମହାବିଦ୍ୟାଳୟର ଅଧ୍ୟକ୍ଷ ସୂଚନା ଦେଇଛନ୍ତି । ସେହିପରି ମୁକୁନ୍ଦପାତ୍ର ଡିଗ୍ରୀ ମହାବିଦ୍ୟାଳୟରେ କଳାରେ ୧୩୨ ଜଣ ମଧ୍ୟରୁ ୭୦ଜଣ, ବିଜ୍ଞାନରେ ୪୨ ଜଣକୁ ସୂଚନା ଦିଆଯାଇଥିବା ବେଳେ ମାତ୍ର ୨୨ଜଣ ନାମ ଲେଖାଇଛନ୍ତି । ଜେନାପୁର ଡିଗ୍ରୀ କଲେଜର କଳାରେ ୧୩୦ଜଣକୁ ସୂଚନା ଦିଆଯାଇଥିବା ବେଳେ ମାତ୍ର ୫୫ଜଣ ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି । ଜଗନ୍ନାଥଜିଉ ଡିଗ୍ରୀ ମହାବିଦ୍ୟାଳୟ କଳାରେ ୪୭ଜଣକୁ ସୂଚନା ଦିଆଯାଇଥିବା ବେଳେ ୧୬ ଜଣ ନାମ ଲେଖାଇଛନ୍ତି । ଧର୍ମଶାଳା ମହିଳା ଡିଗ୍ରୀ କଲେଜର କଳାରେ ୭୫ ଜଣ ଛାତ୍ରୀଙ୍କୁ ସୂଚନା ଦିଆଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨୬ ଜଣ ଛାତ୍ରୀ ନାମ ଲେଖାଇଛନ୍ତ ।

ସୂଚନାଯୋଗ୍ୟ, ଧର୍ମଶାଳା ବ୍ଲକର ୫ଟି ଡିଗ୍ରୀ କଲେଜରେ କଳା, ବିଜ୍ଞାନ ଓ ବାଣିଜ୍ୟରେ ୧୨୧୬ ଟି ସିଟ ଥିବାବେଳେ ପ୍ରଥମ ପସନ୍ଦ ଭାବେ ନାମଲେଖାଇବା ପାଇଁ ୮୯୮ ଜଣ ଆବେଦନ କରିଥିଲେ । ଯାହାଦ୍ୱାରା କି ଚଳିତ ବର୍ଷ ୟୁକ୍ତ ୩ ରେ ଅନେକ ସିଟ ଖାଲି ପଡ଼ିବା ସମ୍ଭାବନା ସୃଷ୍ଟି ହୋଇଛି । ଚଳିତ ବର୍ଷ ନାମଲେଖା ପ୍ରକ୍ରିୟା ପ୍ରଥମ ପର୍ଯ୍ୟାୟ ରେ ଅଧା ରୁ କମ ହୋଇଥିବାରୁ ଛାତ୍ରଛାତ୍ରୀମାନେ ବୈଷୟିକ ଶିକ୍ଷା ପ୍ରତି ଆକୃଷ୍ଟ ହେଉଥିବା ଆଲୋଚନା ହେଉଛି ।

## ● ଛାତ୍ରୀଙ୍କ ଆପତ୍ତିଜନକ ଫଟୋ ଭାଇରାଲ

# ଅଭିଯୋଗରେ ଜଣେ ଗିରଫ

ସୁକିନ୍ଦା, ୧୮ ।୬(ସମିସ): ସୁକିନ୍ଦା ସଦର ମହକୁମାରେ ଥିବା ଏକ ଘରୋଇ ଶିକ୍ଷାନୁଷ୍ଠାନର ଛାତ୍ରୀଙ୍କ ଆପତ୍ତିଜନକ ଫଟୋ ଭାଇରାଲ କରିଥିବା ଅଭିଯୋଗରେ ପୁଲିସ ସମ୍ପୃକ୍ତ ଅଭିଯୁକ୍ତକୁ ଗିରଫ କରିବା ସହ ଛାତ୍ରୀ ନିବାସ ୱାର୍ଡେନକୁ ଅଟକ ରଖି ଘଟଣାର ତଦନ୍ତ ଜାରି ରଖିଛି । ସୁକିନ୍ଦା ବ୍ଲକ ରୋଡ୍‌ରେ ଥିବା ଏକ ଘରୋଇ ଶିକ୍ଷାନୁଷ୍ଠାନର ମୁଖ୍ୟ ୟାସିନ ଖାନ କଲେଜ ରୋଡରେ ଥିବା ଏକ ଘରୋଇ କୋଚିଂ ସେଣ୍ଟରର ଛାତ୍ରୀ ନିବାସ ମହିଳା କର୍ମଚାରୀଙ୍କୁ ବିଭିନ୍ନ ପ୍ରଲୋଭନ ଓ ଭୟ ଦେଖାଇ ଛାତ୍ରୀନିବାସରେ ରହୁଥିବା ଛାତ୍ରୀଙ୍କ ବିଭିନ୍ନ ଆପତ୍ତିଜନକ ଫଟୋ ସଂଗ୍ରହ କରି ସାମାଜିକ ଗଣମାଧ୍ୟମରେ ପ୍ରସାରିତ କରିଥିବା ନେଇ ସମ୍ପୃକ୍ତ ମହିଳା କର୍ମଚାରୀ ସୁକିନ୍ଦା ପୁଲିସ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି । ସମ୍ପୃକ୍ତ ମହିଳା କର୍ମଚାରୀ ପୂର୍ବରୁ ଘରୋଇ ଶିକ୍ଷାନୁଷ୍ଠାନରେ କାର୍ଯ୍ୟ କରୁଥିଲେ । ଗତ କିଛିଦିନ ହେବ ସମ୍ପୃକ୍ତ ଯୁବତୀ ଉକ୍ତ ଶିକ୍ଷାନୁଷ୍ଠାନ ଛାଡ଼ି କଲେଜ ରୋଡରେ ଥିବା ଏକ ଘରୋଇ କୋଚିଂ ସେଣ୍ଟରରେ ଛାତ୍ରୀ ନିବାସ ୱାର୍ଡେନ ଭାବେ କାର୍ଯ୍ୟ କରୁଛନ୍ତି । ଏହି ଫଟୋ ସାମାଜିକ ଗଣମାଧ୍ୟମରେ ପ୍ରସାର କରିବା ଧମକ ଦେଇ ଓ ମୋଟା ଅଙ୍କର ଟଙ୍କା ଦେବାର ଲୋଭ ଦେଖାଇ ସେହି ଛାତ୍ରୀ ନିବାସରେ ରହୁଥିବା ଛାତ୍ରୀଙ୍କ ଆପତ୍ତିଜନକ ଫଟୋ, ଭିଡିଓ ଉତ୍ତୋଳନ କରିବାକୁ ୟାସୀନ ଯୁବତୀଙ୍କୁ ବାଧ୍ୟ କରିଥିବା ଯୁବତୀ ପୁଲିସ ନିକଟରେ ପ୍ରକାଶ କରିଛନ୍ତି । ପୁଲିସ ଘଟଣାରେ ୧୩୯/୨୦୨୫ ଏକ ମାମଲା ରୁଜୁ କରି ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ୟାସିନ ଖାନକୁ ଗିରଫ କରି ଫଟୋ ଉତ୍ତୋଳନ କରିଥିବା ଯୁବତୀଙ୍କୁ ଅଟକ ରଖି ଘଟଣାର ତଦନ୍ତ ଜାରି ରଖିଛି । ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି ।

# ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ଭଞ୍ଜଙ୍କ ପରଲୋକ

ରଗଡ଼ି, ୧୮ ।୬(ସମିସ): କୋରେଇ ବ୍ଲକ ଅନ୍ତର୍ଗତ ଅବିଭକ୍ତ କନ୍ତୋର ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା କାଚରାସାହି ପଞ୍ଚାୟତର ପୂର୍ବତନ ବିଜେଡି ସଭାପତି ଓ ଅଞ୍ଚଳର ଜଣେ ବିଶିଷ୍ଟ ଫୁଟବଲ ଖେଳାଳି ରାମଚନ୍ଦ୍ର ଭଞ୍ଜ (୭୫)ଙ୍କ ମଙ୍ଗଳବାର ଭୁବନେଶ୍ୱର ର ଏକ ଘରୋଇ ହସ୍ପିଟାଲରେ ହୃଦ୍‌ଘାତରେ ପରଲୋକ ଘଟିଛି । ସେ ସପ୍ତାହ ତଳେ ଚିକିତ୍ସା ନିମନ୍ତେ ଭର୍ତ୍ତି ହୋଇଥିଲେ । ବୁଧବାର ସକାଳେ ମରଶରୀର ତାଙ୍କ ଗ୍ରାମ କାଚରାସାହି (ନହଣକୁଳ)ରେ ପହଞ୍ଚିଥିଲା । ଖବର ପାଇ ସରପଞ୍ଚ ରାଜେନ୍ଦ୍ର କୁମାର ରାଉତ ରାୟ, ଗୌରୀ ଶଙ୍କର ମହାପାତ୍ର, ସନ୍ତୋଷ କୁମାର ସ୍ୱାଇଁ ଓ ସାରଙ୍ଗଧର ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟା ସସ୍ମିତା ତରାଇ, କୋରେଇ ବ୍ଲକ ଉପା ଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦାଶ, ପୂର୍ବତନ ସରପଞ୍ଚ ସୁଧାଂଶୁ ଶେଖର ବରାଳ ଓ ଅଥୟ କୁମାର ମହାନ୍ତି, ପଛିକୋଟ ପଞ୍ଚାୟତ ବିଜେଡି ସଭାପତି ଦିଲ୍ଲୀପ କୁମାର ସ୍ୱାଇଁ, ସମବାୟବିତ ହିମାଂଶୁ ଶେଖର ବରାଳ, କଂଗ୍ରେସ ବରିଷ୍ଠ ନେତା ହରେକୃଷ୍ଣ ସାହୁ, ଶିକ୍ଷାବିତ ଜୟାନନ୍ଦ ପଟ୍ଟନାୟକ, ଲକ୍ଷ୍ମୀଧର ରାଉତ, ବିଜୟ କୁମାର ନାୟକ ଓ ଯଯାତି କେଶରୀ ମହାପାତ୍ର ପ୍ରମୁଖ ତାଙ୍କ ଶେଷ ଦର୍ଶନ କରି ପରିବାରକୁ ସମବେଦନା ଜଣାଇଥିଲେ । ତାଙ୍କ ମୃତ୍ୟୁରେ କୋରେଇ ବିଧାୟକ ଆକାଶ ଦାସ ନାୟକ, ରାଜ୍ୟ ବିଜେଡି ଉପସଭାପତି ତଥା ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ, କୋରେଇର ପୂର୍ବତନ ବିଧାୟିକା ସଞ୍ଚିତା ମହାନ୍ତି, ପୂର୍ବତନ ବିଧାୟକ ଅଶୋକ ବଳ ଓ ପ୍ରୀତିରଞ୍ଜନ ଘଡ଼ାଇ, କଂଗ୍ରେସର ବରିଷ୍ଠ ନେତା ତଥା ପୂର୍ବତନ ବିଧାୟକ ରାମଚନ୍ଦ୍ର ଖୁଣ୍ଟିଆ ଓ ପୂର୍ବତନ କୋରେଇ ବ୍ଲକ ଅଧ୍ୟକ୍ଷ ଭିକାରୀ ବରାଳ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି ।

# ସରୋଜିନୀ ସ୍ୱାଇଁଙ୍କ ଶ୍ରଦ୍ଧାଞ୍ଜଳି ସଭା

ଧର୍ମଶାଳା, ୧୮ ।୬(ସମିସ): ଧର୍ମଶାଳା ବ୍ଲକ ଜାରକାସ୍ଥିତ ତ୍ରିନାଥେଶ୍ୱର ମନ୍ଦିର ପରିସରରେ ସରୋଜିନୀ ସ୍ୱାଇଁଙ୍କ ୫ମ ବାର୍ଷିକ ଶ୍ରାଦ୍ଧଉତ୍ସବ ପାଳିତ ହୋଇଯାଇଛି । ସରୋଜିନୀ ସ୍ୱାଇଁ ଫାଉଣ୍ଡେସନ ତରଫରୁ ଆୟୋଜିତ ଶ୍ରାଦ୍ଧ ଉତ୍ସବରେ ବିଶିଷ୍ଟ ଶିଶୁ ସାହିତ୍ୟିକ ଡ. ରାଜକିଶୋର ପାଢ଼ୀ ସଭାପତିତ୍ୱ କରିଥିଲେ । ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଫେସର ଡ. ବୈଷ୍ଣବ ଚରଣ ସାମଲ ଯୋଗଦେଇ ତାଙ୍କର ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ । ଫକୀର ମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ଡ.କୁମରବର ଦାସ ମୁଖ୍ୟବକ୍ତା ଭାବରେ ଯୋଗଦେଇ ତାଙ୍କର ଗୁଣଗାନ କରିଥିଲେ । ଏହି ଅବସରରେ ଫାଉଣ୍ଡେସନ ପକ୍ଷରୁ ବାଲସାହିତ୍ୟ ବିଜେତା ଡ. ରାଜକିଶୋର ପାଢ଼ୀ, କବି ପଦ୍ମଜା ଶରଣ, ଆଧାଶିକବାଦୀ ସହକାରୀ ଯନ୍ତ୍ରୀ ଅରୁଣ କୁମାର ମଲ୍ଲିକ, ସମାଜସେବୀ ଗୋଲକ ଚନ୍ଦ୍ର ପଲେଇ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସ୍ୱର୍ଗୀୟକ୍ଷ ସ୍ୱାଇଁ ଙ୍କ ସ୍ମୃତିରେ ଏକ ସ୍ମରଣିକା 'ସୌଗନ୍ଧିକା'କୁ ଅତିଥିମାନେ ଉନ୍ମୋଚନ କରିଥିଲେ । ଧର୍ମଶାଳା ସାହିତ୍ୟ ସମାଜ ସମ୍ପାଦକ ଡ.ପ୍ରଶାନ୍ତ କୁମାର ସ୍ୱାଇଁ ଅତିଥି ପରିଚୟ ଓ ଅବସରପ୍ରାପ୍ତ ଶିକ୍ଷକ ତଥା ସ୍ମରଣିକା ର ମୁଖ୍ୟ ସମ୍ପାଦକ ପ୍ରଫୁଲ୍ଲ କୁମାର ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ନିର୍ମଳ ଚନ୍ଦ୍ର ମହାନ୍ତି ସମ୍ପାଦକୀୟ ସୂଚନା ପ୍ରଦାନ କରିଥିଲେ । ଅବସରପ୍ରାପ୍ତ ଶିକ୍ଷକ ବ୍ରଜକିଶୋର ଦାଶ ଧନ୍ୟବାଦ ଦେଇଥିଲେ ।



# ବାଲି ହାଇୱା ଚାଳକ ଗିରଫ

ପାଣିକୋଇଲି, ୧୮ ।୬(ସମିସ): ବୈତରଣୀ ନଦୀରୁ ପ୍ରତିଦିନ ହଜାର ହଜାର ଟ୍ରିପ ଚୋରା ବାଲି ହାଇୱା ମାଧ୍ୟମରେ ଜିଲ୍ଲା ତଥା ଜିଲ୍ଲା ବାହାରକୁ ଚାଲାଣ ହେଉଥିବା ବେଳେ ରାଜ୍ୟ ସରକାର ପ୍ରତିଦିନ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହରାଇଛନ୍ତି । ତେବେ ଯାଜପୁର ଜିଲ୍ଲା ଖଣି ଉପନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ କ୍ରମେ ଜୁନିୟର ଖଣି ଅଧିକାରୀ ସିତେଶ କୁମାର ନାୟକ ପାଣିକୋଇଲି ବଜାର ଉପରେ ଚଢ଼ଉ କରି ଏକ ଚୋରା ବାଲି ବୋଝେଇ ହାଇୱା (ଓଡି୦୪ଏନ୭୭୩୨)କୁ ଜବତ କରିଥିଲେ । ଉକ୍ତ ଗାଡ଼ିର ମାଲିକ ଏ ନେଇ କୌଣସି ଜରିମାନା ଦେବାକୁ ମନା କରିବାରୁ ଶ୍ରୀ ନାୟକ ଏ ନେଇ ପାଣିକୋଇଲି ଥାନାରେ ଅଭିଯୋଗ କରିଥିଲେ । ଫଳରେ ପୁଲିସ ଏକ ମାମଲା ୧୫୦/୨୫ ରଜୁ କରି ଗାଡ଼ିକୁ ଜବତ କରିବା ସହିତ ଚାଳକ କଟକ ଜିଲ୍ଲା ତିଗିରିଆ ଥାନା ଅନ୍ତର୍ଗତ ବିଷ୍ଣୁପୁର ବନ୍ଧ ଗ୍ରାମର ମନୋଜ କୁମାର ସ୍ୱାଇଁଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି ବୋଲି ଥାନାର ଏଏସଆଇ ସୁମିତ କୁମାର କୁଜୁର ଜଣାଇଛନ୍ତି ।



# ଶୋଭନୀୟ ଶିକ୍ଷାଶ୍ରମକୁ ପ୍ରକୃତିମିତ୍ର ପୁରସ୍କାର

ବରୀ, ୧୮ ।୬(ସମିସ): ପ୍ରକୃତି ସଂରକ୍ଷଣ ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଯାଜପୁର ଜିଲ୍ଲାର ଅଗ୍ରଣୀ ଘରୋଇ ଶିକ୍ଷାନସ୍ଥାନ ଅଜାଣବନ ଶୋଭନୀୟ ଶିକ୍ଷାଶ୍ରମକୁ ପ୍ରକୃତିମିତ୍ର ସମ୍ମାନ ପ୍ରଦାନ କରାଯାଇଛି । ପ୍ରୋତ୍ସାହନ ସ୍ୱରୂପ ଅନୁଷ୍ଠାନର ୨୦ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଛି । ଶିକ୍ଷାଶ୍ରମର ସଭାପତି ତଥା ମୁଖ୍ୟ ସେବକ ଡ. ନୃସିଂହ ଚରଣ ବେହେରା ଭୁବନେଶ୍ୱରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦାନ କରି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ଜଙ୍ଗଲମନ୍ତ୍ରୀ ଗଣେଶରାମ ସିଂହ ଖୁଣ୍ଟିଆଙ୍କ ଠାରୁ ପ୍ରମାଣ ପତ୍ର ଓ ଅର୍ଥରାଶି ଗ୍ରହଣ କରିଥିଲେ । ଶିକ୍ଷାଶ୍ରମର ପରିବେଶ ସଂରକ୍ଷଣ କ୍ଷେତ୍ରରେ ଏପରି କାର୍ଯ୍ୟକଳାପକୁ ବୁଦ୍ଧିଜୀବୀ ମାନେ ପ୍ରଶଂସା କରିଛନ୍ତି ।

**ଜରୁରୀ ସୂଚନା**

Lakheswar Agency [illegible] OSFDC Department [illegible] Letter [illegible] Lakheswar Agency [illegible] Letter [illegible] 8260739643 [illegible]

Managing Director
Lakheswar Agency

# ନିଟ୍ ପରୀକ୍ଷାରେ ଛାତ୍ରୀଙ୍କ ସଫଳତା

ଧର୍ମଶାଳା, ୧୮ ।୬(ସମିସ): ଧର୍ମଶାଳା ବ୍ଲକ ଅରେଇକଣା ଗ୍ରାମର ଛାତ୍ରୀ ଶ୍ରଦ୍ଧାଞ୍ଜଳି ରାୟ ଚଳିତ ବର୍ଷ ନିଟ୍ ପରୀକ୍ଷାରେ ୫୭୨ ମାର୍କ ରଖି ସମଗ୍ର ଭାରତବର୍ଷରେ ୪୯୬୧ ମାନ୍ୟତାରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ଶ୍ରଦ୍ଧାଞ୍ଜଳି ପିଲାଟି ବେଳୁ ଜଣେ ମେଧାବୀ ଛାତ୍ରୀ ଥିଲେ । ରେଇକଣା ହାଇସ୍କୁଲରେ ୧୦ମ ବାର୍ଷିକ ପରୀକ୍ଷାରେ ୯୦ ପ୍ରତିଶତ ମାର୍କ ରଖିଥିବା ବେଳେ +୨ ପରୀକ୍ଷାରେ ୯୨ ପ୍ରତିଶତ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିଲେ । ଏହି ସଫଳତା ପାଇଁ ସେ ତାଙ୍କ ବାପା ମା' ତଥା ସରକାରୀ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, +୨ କଲେଜର ସମସ୍ତ ଅଧାପକ ଅଧାପିକା ଓ କୋଚିଂ ନେଉଥିବା ଶିକ୍ଷାନୁଷ୍ଠାନର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଶ୍ରେୟ ଦେଇଛନ୍ତି । ମେଡିକାଲ ପଢ଼ା ସରିବା ପରେ ଗରିବ ଲୋକଙ୍କ ସେବା କରିବେ ବୋଲି ସେ କହିଛନ୍ତି । ଶ୍ରଦ୍ଧାଞ୍ଜଳିଙ୍କ ବାପା ସରୋଜ କୁମାର ରାୟ ଓ ମା' ଦ୍ରୌପଦୀ ନାୟକ ଉଭୟେ ଶିକ୍ଷକତା କରୁଛନ୍ତି ।



# ଯୋଗ ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ

ଯାଜପୁର, ୧୮ ।୬(ସମିସ): ଆସନ୍ତା ୨୧ ତାରିଖ ଯୋଗ ଦିବସ ଉପଲକ୍ଷେ ଇନ୍‌ଡୋର ଷ୍ଟାଡ଼ିୟମ ଠାରେ ଏକ ପ୍ରସ୍ତୁତି କମିଟି ବୈଠକ ବୁଧବାର ଅପରାହ୍ନରେ ଜିଲା କ୍ରୀଡ଼ା ଅଧିକାରୀ ଫକୀର ମୋହନ ଟୁଡୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଯୋଗ ଗୁରୁ ମନ୍ମଥ କୁମାର ସାମଲ, ସଭାପତି ସୁବାଷ ତ୍ରୀପାଠୀ, ଗୋପୀନାଥ ସେଠୀ, ପ୍ରବୋଧ କୁମାର ନାୟକ, ଅଜୟ କୁମାର ସାମଲ, କିରଣ କୁମାର ମଲିକ, ସାମ୍ବାଦିକ ଆନନ୍ଦ ଚନ୍ଦ୍ର ସାହୁ, ବିଜୟ କୁମାର ମିଶ୍ର, ଅଜୟ କୁମାର ଦାସ, ଗୋବିନ୍ଦ ସାହୁ, ସୁବାଷ ଚନ୍ଦ୍ର ବିଶ୍ୱାଳ, ଅନନ୍ତ କୁମାର ମହାରଣା, ପରିକ୍ଷତ ବେହେରା, ଚିତରଞ୍ଜନ ସାମନ୍ତର୍ରା, ଦେବେନ୍ଦ୍ର କୁମାର ପତି, ନୃସିଂହ ଚରଣ ଜେନା, ଭବାନୀ ଶଙ୍କର ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ୨୧ତାରିଖ ଦିନ ସକାରୁ ୭ଟା ମଧ୍ୟରେ ଅଂଶ ଗ୍ରହଣ କାରୀଙ୍କର ପଂଜିକରଣ, ଏହାପରେ ଯୋଗ ଅଧିବେଶନ, ନିର୍ଦ୍ଦେଶିତ ଧ୍ୟାନ, କ୍ରୀୟା, ପ୍ରାଣାୟମ, ସଂଲଗ୍ନ, ୭.୪୫ରେ ଶାନ୍ତି ପାଠ, ୭.୫୦ରେ ଶପଥପାଠ, ୮ଟାରେ ଉଦ୍‌ଯାପନ ଉତ୍ସବ ଅନୁଷ୍ଠଇତ ହେବ ବୋଲି ସୂଚନା ଦିଆଯାଇଥିଲା ।

## ଅମୃତିଆ-ପାଣିକୋଇଲି ରାସ୍ତା

# ଚୋରା ବାଲି ଚାଲାଣର ଗଳାବାଟ

ପାଣିକୋଇଲି, ୧୮ ।୬(ସମିସ): କୋରାଇ ବ୍ଲକରେ ଦୈନିକ ହଜାର ହଜାର ଟ୍ରିପ୍ ଭାରୀଯାନ ଯୋଗେଁ ବାଲି ଚାଲାଣ ହେଉଥିଲେ ମଧ୍ୟ ପ୍ରଶାସନ ଏହା ଉପରେ ରୋକ ଲାଗାଇ ପାରୁନାହିଁ । ବରୁଣ୍ଡାଇ-ଷଠିପୁର ରାସ୍ତା ଦେଇ ବାଲିଚାଲାଣ ହେଉଥିବା ବେଳେ ବାଲିଚାଲାଣର ଯାତାୟତ ସମୟ ସ୍ଥିର ହୋଇଥିବାରୁ ଗଳାବାଟ ଦେଇ ବାଲି ଗାଡି ଯାତାୟତ କରୁଛି । ଏହାର ସୁଯୋଗ ଉଣ୍ଡି ବାଲି ଗାଡି ଗୁଡିକ ଅମୃତିଆ ଭାୟା ବର୍ତ୍ତମଣା ଦେଇ ପାଣିକୋଇଲି ରଗଡ଼ି ରାସ୍ତା ଦେଇ ଚୋରା ଚାଲାଣ ହେଉଛି । ଉକ୍ତ ରାସ୍ତା ପାର୍ଶ୍ୱରେ ପିଏମ୍‌ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ ଅବସ୍ଥିତ । ଏତଦ ବ୍ୟତୀତ ଅମୃତିଆ, ବର୍ତ୍ତମଣା, ଖୋସାଲପୁର ଆଦି ଗ୍ରାମ ଗୁଡ଼ିକରୁ ପ୍ରତିଦିନ ଛାତ୍ରଛାତ୍ରୀ ପାଣିକୋଇଲି ହାଇସ୍କୁଲ ଓ ମା' ତାରିଣୀ ମହାବିଦ୍ୟାଳୟକୁ ଅଧ୍ୟୟନ ରୁପେ ଆସନ୍ତି । କିନ୍ତୁ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଭାରୀଯାନ ଚଳାଚଳ ଯୋଗୁଁ ଉକ୍ତ ରାସ୍ତାଟି ଫାଟି ଆଁ ହୋଇଯାଇଛି । ଗତ କିଛି ଦିନ ତଳେ ଉକ୍ତ ରାସ୍ତା ଦେଇ ଯାଉଥିବା ଏକ ବାଲି ବୋଝେଇ ହାଇୱା ଚାଳକଙ୍କ ବେପରୁଆ ଗାଡ଼ି ଚାଳନା ଯୋଗୁଁ ବର୍ତ୍ତମଣା ଗ୍ରାମର ଅନତୀ ଦୂରରେ ହାଇୱା ଧକ୍କାରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁଘଟିବା ସହିତ ଅନ୍ୟ ଜଣେ ଗୁରୁତର ଭାବେ ଆହତ ହୋଇଥିଲେ । ହେଲେ ରାସ୍ତା କଡରେ ଅବସ୍ଥିତ ଗ୍ରାମ ଗୁଡିକର କିଛି ଯୁବକ ଚାନ୍ଦା ଆଦାୟ ପାଇଁ ରାସ୍ତାରେ ବାଲି ଗାଡି ଚଳାଚଳକୁ ବିରୋଧ କରିବା ପରିବର୍ତ୍ତେ ପ୍ରୋତ୍ସାହନ ଦେଉଥିବା ଦେଖାଯାଉଛି ।

# ରତନପୁର ରଜ ମହୋତ୍ସବ ଉଦ୍‌ଯାପିତ



ଧର୍ମଶାଳା, ୧୮ ।୬(ସମିସ)

ଧର୍ମଶାଳା ବ୍ଲକ ଅଭୟପୁର ପଞ୍ଚାୟତ ଅନ୍ତର୍ଗତ ରତନପୁର ଗ୍ରାମରେ ରଜ ମହୋତ୍ସବ ତିନି ଧରି ପାଳିତ ହୋଇଯାଇଛି । ମହୋତ୍ସବ ମଝି ରଜ ଦିବସରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଉଦ୍‌ଘାଟନ କରିଥିଲେ । ମହୋତ୍ସବ ବିଶେଷ ଆକର୍ଷଣ କାଠ ବାଉଁଶରେ ଦୋଳି, ଚରକି ଦୋଳି, ପଙ୍ଖାଦୋଳି, ଛୋଟ ଛୋଟ ପିଲାମାନଙ୍କ ପାଇଁ ବିଭିନ୍ନ ପ୍ରକାର ଦୋଳି ସହ ବାଳିକା ମାନଙ୍କ ପାଇଁ ଡ୍ୟାନ୍ସ ଡ୍ୟାନ୍ସ, ପୁଚି, ସିନିୟର ଓ ଜୁନିୟର ମ୍ୟୁଜିକ ଚେୟର ହୋଇଥିବା ବେଳେ ବାଳକମାନଙ୍କ ପାଇଁ ଅଖା ଦୌଡ ପ୍ରତିଯୋଗିତା ହୋଇଥିଲା । ଉଦ୍‌ଯାପନୀ ଉତ୍ସବରେ ଏପିଜେ ଅବଦୁଲ କଲାମ ସଂଘର ଡାଇରେକ୍ଟର ମନୋଜ ରାଉତ ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ ପଦ୍ମିନୀ ବେହେରା, ମୁଖ୍ୟବକ୍ତା ଭାବେ ଧର୍ମଶାଳା ପ୍ରେସ୍ କ୍ଲବର କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥି ଯୋଗ ଦେଇ ଗ୍ରାମର ବରିଷ୍ଠ ନାଗରିକ ସୂର୍ଯ୍ୟମଣି ଶତପଥି, ନଟବର ରାଉତ, ଅଲେଖ ପ୍ରଧାନ, ବାଇଧର ରାଉତ, ଭୀମସେନ ସାହୁ ଓ ମାଧବ ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଖେଳ କୁଦରେ ବିଜୟ ହାସଲ କରିଥିବା ୧୬ ଜଣ ବାଳିକା ବାଳକଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ଉତ୍ସବରେ ବିଜୟ କୁମାର ରାଉତ, ଭଜମନ ରାଉତ, ନାରାୟଣ ବେହେରା, ସନ୍ତୋଷ ବେହେରା, ଅଜୟ ସାହୁ, ପରିଚାଳନା କରିଥିବା ବେଳେ ଅଂଶୁମାନ ଶତପଥି, ସନ୍ତୋଷ ରାଉତ, ସନ୍ତୋଷ ଦାସ, ଦେବାଶିଶ ଶତପଥି, ଶିବ ପ୍ରସାଦ ଦାଶ, ପ୍ରସନ୍ନ ଶତପଥି, ପଙ୍କୋଜ ରାଉତ, ଚନ୍ଦନ ରାଉତ, ପ୍ରକାଶ ମଲ୍ଲିକ, ମହେଶ୍ୱର ମଲ୍ଲିକ, ଭାଗ୍ୟଧର ମଲ୍ଲିକ, ଜୀତନ ରାଉତ, ସଞ୍ଜିବ ରାଉତ, ସୁଶାନ୍ତ ରାଉତ ପ୍ରମୁଖ ପରିଚାଳନାରେ ସାହାଯ୍ୟ କରିଥିଲେ । ଅଧ୍ୟାପକ ଜୀତେନ୍ଦ୍ର କୁମାର ଶତପଥୀ ଧନ୍ୟବାଦ ଦେଇଥିଲେ ।



# ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ବିଭିନ୍ନ ଦୋକାନରେ ଚଢ଼ଉ



ଅସ୍ତରଙ୍ଗ,୧୮।୬(ସମିସ): ରାଜ୍ୟର ୭ଟି ଜିଲ୍ଲାରେ ଡାଇରିଆ କାୟା ବିସ୍ତାର କରିଚାଲିଥିବା ବେଳେ ଗତ କିଛିଦିନ ହେଲାଣି ଅସ୍ତରଙ୍ଗ ଚିକିତ୍ସାଳୟକୁ ଝାଡ଼ାବାନ୍ତି ଆକ୍ରାନ୍ତ ରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି। ବଜାରରେ ମିଳୁଥିବା ଅପମିଶ୍ରିତ ଦୂଷିତ ଖାଦ୍ୟ ଖାଇ ଆକ୍ରାନ୍ତଙ୍କ ସଂଖ୍ୟା ଯେପରି ଆଗକୁ ନ ବଢ଼େ ସେଥିପାଇଁ ଗତ ୧୬ ତାରିଖରେ ଦୈନିକ 'ସକାଳ'ରେ ଖାଦ୍ୟର ମାନ ଯାଞ୍ଚ ହେଉନଥିବା ସମ୍ବନ୍ଧୀୟ ଏକ ଖବର ପ୍ରସାରଣ ହୋଇଥିଲା। ଖବର ପ୍ରସାରଣ ପରେ ବୁଧବାର ଖାଦ୍ୟ ନିରାପତ୍ତା ବିଭାଗର ୬ ଜଣିଆ ଟିମ୍ ଅସ୍ତରଙ୍ଗ ବଜାରରେ ଚଢ଼ଉ କରି ବିଭିନ୍ନ ହୋଟେଲ, ଜଳଖିଆ ଦୋକାନ, ରାସନ, ଢାବା, ପାନ ଦୋକାନ, ଫାଷ୍ଟ ଫୁଡ୍, ମାଂସ ଦୋକାନ ଉପରେ ଚଢ଼ଉ କରି ଖାଦ୍ୟର ମାନ ଯାଞ୍ଚ କରିବା ପାଇଁ ବିଭିନ୍ନ ଦୋକାନରୁ ସାମ୍ପୁଲ୍ ସଂଗ୍ରହ ସହ ବହୁ ଖାଦ୍ୟ ଏବଂ ପାଣି ପାଉଚ୍ ନଷ୍ଟ କରିଥିଲେ। ସବୁଠୁ ପରିତାପର ବିଷୟ ଯେ, ଖାଦ୍ୟ ନିରାପତ୍ତା ବିଭାଗ ଖାଦ୍ୟ ଯାଞ୍ଚ କରିବାକୁ ଆସୁଥିବା ଖବର ପୂର୍ବରୁ ଅଧିକାଂଶ ଦୋକାନୀଙ୍କ ପାଖରେ ପହଞ୍ଚି ଯାଇଥିବାରୁ ବଜାରର ପ୍ରାୟ ଦୋକାନ ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା। ଏ ସମ୍ବନ୍ଧରେ ଖାଦ୍ୟ ନିରାପତ୍ତା ଅଧିକାରୀ ପ୍ରତ୍ୟୁଷ ତାରେଣିଆ କୁହନ୍ତି, ଡାଇରିଆ ସଂକ୍ରମଣ ଏବଂ ଆଗକୁ ରଥଯାତ୍ରା ଥିବା ସହିତ ଗଣମାଧ୍ୟମରେ ଖବର ପ୍ରସାରଣ ହୋଇଥିବାରୁ ଚଢ଼ଉ କରାଯାଇଥିଲା। ଦୋକାନମାନଙ୍କରୁ ସାମ୍ପୁଲ ସଂଗ୍ରହ କରାଯାଇଛି, ଯାଞ୍ଚ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ଯାଞ୍ଚ ହେଉନି ଖାଦ୍ୟର ମାନ; ଫାଷ୍ଟଫୁଡ୍ ପ୍ରେମରେ ଯୁବଗୋଷ୍ଠୀ





ପିପିଲି,୧୮।୬(ସମିସ): ପିପିଲି ପୌରାଞ୍ଚଳ ଏକ ଜନବହୁଳ ଅଞ୍ଚଳ ସହିତ ବ୍ୟାବସାୟିକ ପେଣ୍ଠସ୍ଥଳୀ ଭାବେ ଜଣାଶୁଣା। ଆଧୁନିକତାର ଛିଟାରେ ଏଠାରେ ଲୋକମାନଙ୍କର ଜୀବନଶୈଳୀରେ ପରିବର୍ତ୍ତନ ଘଟିବା ସହିତ ପାଟି ସୁଆଦିଆ ଖାଦ୍ୟ ପ୍ରତି ଅହେତୁକ ଦୁର୍ବଳତା ବୃଦ୍ଧି ପାଇଛି। ସେହି ଅନୁସାରେ ଲୋକଙ୍କ ଚାହିଦା ଓ ରୁଚି ମୁତାବକ ପିପିଲି ପୌରାଞ୍ଚଳ ଓ ଏହାର ଆଖପାଖ ଛକ ବଜାରମାନଙ୍କରେ ମାଳମାଳ ଜଳଖିଆ ଦୋକାନ ଗଢ଼ିଉଠିଛି। ଯେଉଁଥିପାଇଁ ସର୍ବାଗ୍ରେ ରହିଛି ଫାଷ୍ଟଫୁଡ୍। ଫାଷ୍ଟଫୁଡ୍ ଖାଦ୍ୟ ପ୍ରତି ବର୍ତ୍ତମାନର ଯୁବପିଢ଼ି ବହୁମାତ୍ରାରେ ଆକର୍ଷିତ ହେଉଥିବାବେଳେ ଏହାକୁ ଦୈନନ୍ଦିନ ଖାଇବା ସେମାନଙ୍କ ପାଇଁ ଏକ ଟ୍ରେଣ୍ଡରେ ପରିଣତ ହୋଇଛି। କହିବାକୁ ଗଲେ ଫାଷ୍ଟଫୁଡ୍ ଖାଦ୍ୟ ପ୍ରେମରେ ଯୁବଗୋଷ୍ଠୀମାନେ ଛନ୍ଦି ହୋଇ ପଡ଼ିଛନ୍ତି। ଯାହାର ସୁଯୋଗ ନେଇଛନ୍ତି କିଛି ଲାଭଖୋର୍ ଫାଷ୍ଟଫୁଡ୍ ବେପାରୀ। କାରଣ ସନ୍ଧ୍ୟା ହେଲେ ପୌରାଞ୍ଚଳର ମୁଖ୍ୟ ଛକମାନଙ୍କରେ ସେମାନଙ୍କର ବେପାର ପସରା ମେଲୁଛି। ସେମାନେ ପ୍ରସ୍ତୁତ କରୁଥିବା ଖାଦ୍ୟରେ ବିଭିନ୍ନ ପ୍ରକାରର ରାସାୟନିକ ମାରାତ୍ମକ ରଙ୍ଗ, ଚାଇନା ସଲ୍ଟ, ଭିନେଗାର, ନକଲି ସସ୍ ଓ ବିଷାକ୍ତ କେମିକାଲଯୁକ୍ତ ଉପାଦାନମାନ ପକାଇ ଖାଦ୍ୟକୁ ପାଟି ସୁଆଦିଆ କରି ନିର୍ଦ୍ୱନ୍ଦ୍ୱରେ ବ୍ୟବସାୟ ଚଳାଇଛନ୍ତି। ଯାହା ମଧ୍ୟରେ ରହିଛି ଚାଓମିନ୍, ରୋଲ୍, ଚିକେନ୍ ପକୋଡ଼ା, ଚିଲି ଚିକେନ୍, ବିରିୟାନୀ, ମୋମ, ଚାର୍ଟ ପରି ଆଦି ଖାଦ୍ୟ। ଯାହା ଆଖିକୁ ଖୁବ୍ ସୁନ୍ଦର ଓ ପାଟିକୁ ଭାରି ସୁଆଦ ଲାଗେ। ମାତ୍ର ସ୍ୱାସ୍ଥ୍ୟ ପକ୍ଷେ ଏହିସବୁ ଖାଦ୍ୟ ବହୁ ହାନୀକାରକ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି।

ଏହି ସବୁ ଖାଦ୍ୟ ଖାଇବା ଦ୍ୱାରା ଗ୍ୟାଷ୍ଟ୍ରିକ୍, କିଡ୍‌ନୀ ରୋଗ, ହୃଦ୍‌ଘାତ, ସୁଗାର, ବ୍ଲଡ୍‌ପ୍ରେସର, ମେଦବହୁଳତା, ଚର୍ମ ରୋଗ ଆଦି ପିପିଲି ଅଞ୍ଚଳରେ ବ୍ୟାପୁଥିବା ଜଣାପଡ଼ିଛି। ତା'ଛଡ଼ା ଫାଷ୍ଟଫୁଡ୍ ବେପାର ମେଲାଇଥିବା ଅଧିକାଂଶ ଦୋକାନୀ ଅତି ନିମ୍ନମାନର ଖାଦ୍ୟ ଗ୍ରାହକମାନଙ୍କୁ ବିକ୍ରୟ କରୁଥିବା ଅଭିଯୋଗ ହେଉଛି। ଯାହାକୁ ଲୋକେ ଖାଇ ସ୍ୱାସ୍ଥ୍ୟଜନିତ ସମସ୍ୟା ଭୋଗୁଛନ୍ତି। କିଛି ଅସାଧୁ ଦୋକାନୀ ବଳକା ଖାଦ୍ୟକୁ ଫୋପାଡ଼ିଦେବା ବଦଳରେ ଫ୍ରିଜ୍‌ରେ ରଖି ପରଦିନ ପୁଣି ଗରମ କରି ଗ୍ରାହକମାନଙ୍କୁ ବିକ୍ରି କରିଥା'ନ୍ତି। ଏହା ବ୍ୟତୀତ ପିପିଲି ଅଞ୍ଚଳରେ ଥିବା ବହୁ ଫାଷ୍ଟଫୁଡ୍ ଷ୍ଟଲ୍‌ର ସ୍ୱଚ୍ଛତା ଓ ଅପମିଶ୍ରଣ ନେଇ ମଧ୍ୟ ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ଦେଖିବାକୁ ଗଲେ ପିପିଲି ଅଞ୍ଚଳରେ କୌଣସି ଫାଷ୍ଟଫୁଡ୍ ଷ୍ଟଲ୍‌ର ଖାଦ୍ୟ ବିକ୍ରୟ ନିମନ୍ତେ ଲାଇସେନ୍ସ ନ ଥିବାବେଳେ ସେମାନେ ଅବାଧରେ ବେପାର ଚଳାଇଛନ୍ତି। ବିନା ଫୁଡ୍ ଲାଇସେନ୍ସରେ ଖାଦ୍ୟ ବିକ୍ରୟ କଲେ ଅପରାଧିକ ମାମଲା ରୁଜୁ ହେବାର ସରକାରୀ ନିୟମ ରହିଛି। ଯାହାକୁ କେହି ମାନୁ ନ ଥିବାର ଦେଖିବାକୁ ମିଳିଛି। ଦୈନିକ ବିକ୍ରି ହେଉଥିବା ପ୍ରତ୍ୟେକ ଫାଷ୍ଟଫୁଡ୍ ଷ୍ଟଲ୍‌ର ଖାଦ୍ୟର ମାନ ଯାଞ୍ଚ କରିବା ଖାଦ୍ୟ ନିରାପତ୍ତା ଅଧିକାରୀମାନଙ୍କ ଦାୟିତ୍ୱ ହୋଇଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ଯାହାଦ୍ୱାରା ଲୋକେ ଟଙ୍କା ଦେଇ ରୋଗ କିଣୁଛନ୍ତି। ବର୍ତ୍ତମାନ ରାଜ୍ୟରେ ବିଭିନ୍ନ ସ୍ଥାନର ଲୋକମାନେ ଝାଡ଼ାବାନ୍ତି ରୋଗରେ ଆକ୍ରାନ୍ତ ହୋଇଥିଲାବେଳେ ଏବେ ପିପିଲି ଅଞ୍ଚଳର ଲୋକମାନେ ଆଶଙ୍କାରେ ଅଛନ୍ତି। ତେଣୁ ଖାଦ୍ୟର ଗୁଣାତ୍ମକ ମାନ ଯାଞ୍ଚ କରିବା ପାଇଁ ସାଧାରଣରେ ଦାବି ହେଉଛି।

# ଦ୍ରୁତ ଗାଡ଼ି ଚାଳକଙ୍କ ଉପରେ ଲାଗିପାରୁନି ଅଙ୍କୁଶ



ଅସ୍ତରଙ୍ଗ,୧୮।୬(ସମିସ): ଅସ୍ତରଙ୍ଗ ଅଞ୍ଚଳ ବର୍ତ୍ତମାନ ମଦ୍ୟପ, ବେପରୁଆ, ଦ୍ରୁତ ବାଇକ ଚାଳକଙ୍କ ହବ୍ ପାଲଟିଯାଇଛି। ଦିନକୁ ଦିନ ଏହି ୩ ପ୍ରମୁଖ ପ୍ରଜାତି ବାଇକ୍ ଚାଳକଙ୍କ ପାଇଁ ଘଟୁଛି ଦୁର୍ଘଟଣା। ରାସ୍ତାରେ ପଥଚାରୀଙ୍କୁ ଗାଡ଼ି ଧକ୍କା ହେବା ସହ ରାସ୍ତାକଡ଼ରେ ଛିଡ଼ା ହୋଇଥିବା ଗାଡ଼ିକୁ ମଧ୍ୟ ଧକ୍କା ଦେଉଛନ୍ତି। ଏହି ଘଟଣା ପାଇଁ ସାଧାରଣ ଲୋକ ଏବେ ସାଇକଲ ଦୂରର କଥା ପାଦରେ ଚାଲି ଚାଲି ମଧ୍ୟ ରାସ୍ତାକୁ ଆସିବାକୁ ଭୟ କରୁଛନ୍ତି। ବୁଧବାର ଅପରାହ୍ନ ୪ଟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଅସ୍ତରଙ୍ଗ ଉକୁଳେଇ ଛକରେ ଘଟିଛି। ଦ୍ରୁତ ବାଇକ୍ ପଛରେ ବସିଥିବା ଯୁବକ ଗୁରୁତର ହୋଇଛନ୍ତି।

ସୂଚନା ମୁତାବକ, ଅସ୍ତରଙ୍ଗରୁ କାକଟପୁର ରାସ୍ତାରେ ୨ଟି ବୁଲେଟ୍‌ରେ ୩ ଜଣ ଯୁବକ ବସିଥିଲେ। ପଛରୁ ଆଉ ଏକ ବାଇକ୍‌ରେ ୨ ଜଣ ଯୁବକ ଆସୁଥିଲେ। ଉଭୟ ବାଇକ୍ ଖୁବ୍ ଜୋର୍‌ରେ ଆସିବା ସହ ରାସ୍ତାକଡ଼ରେ ଏକ କାର୍‌କୁ ଧକ୍କା ଦେଇଥିଲେ। ଦୁର୍ଘଟଣାର ତୀବ୍ରତା ଏତେ ଥିଲା ଯେ କାର୍‌ର ଆଗ ଡାହାଣ ପଟ ଚକା ଫାଟି ଭୟଙ୍କର ଶବ୍ଦ ସୃଷ୍ଟି ହୋଇଥିଲା। ଘଟଣାସ୍ଥଳରେ ସ୍ଥାନୀୟ ଲୋକ ରୁଣ୍ଡ ହୋଇ ଗୁରୁତର ଆହତ ହୋଇଥିବା ଯୁବକଙ୍କୁ ସ୍ଥାନୀୟ ବ୍ୟବସାୟୀ ଜୟନ୍ତ ବିଶ୍ୱାଳ ନିଜ ଗାଡ଼ିରେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅନ୍ୟ ୪ଜଣ ଯୁବକ ଘଟଣାସ୍ଥଳରୁ ଚମ୍ପଟ୍ ମାରି ଖସିଯାଇଥିଲେ। ଖବର ପାଇ ଅସ୍ତରଙ୍ଗ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବୁଲେଟ୍‌କୁ ଜବତ କରି ତଦନ୍ତ ଜାରି ରଖିଛି। ସମ୍ପୃକ୍ତ ଯୁବକଙ୍କ ପରିଚୟ ବର୍ତ୍ତମାନ ସୁଦ୍ଧା ମିଳିପାରି ନ ଥିବାବେଳେ ଗୁରୁତର ଯୁବକଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

# ଜଳିଗଲା ୮ ବଖରା; ଅଗ୍ନିବିପନ୍ନଙ୍କୁ ସହାୟତା

**ସାକ୍ଷୀଗୋପାଳ,୧୮।୬(ସମିସ):** ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ମଧୁବନ ପଞ୍ଚାୟତର ସିଂହାକୁଦା ଗ୍ରାମରେ ମଙ୍ଗଳବାର ରାତିରେ ଆକସ୍ମିକ ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ପ୍ରଫୁଲ୍ଲ କୁମାର ମହାନ୍ତିଙ୍କର ୨ ବଖରା, ନିବାସ ଚନ୍ଦ୍ର ମହାନ୍ତିଙ୍କର ୧ବଖରା, ସୁକାନ୍ତି ମହାନ୍ତିଙ୍କର ୧ବଖରା, ପ୍ରମୋଦ ସୁବୁଦ୍ଧିଙ୍କର ୧ ବଖରା, ପୂର୍ଣ୍ଣଚନ୍ଦ୍ର ସୁବୁଦ୍ଧିଙ୍କର ୧ବଖରା, ନରେନ୍ଦ୍ର ସୁବୁଦ୍ଧିଙ୍କର ୧ବଖରା, ସୁରେନ୍ଦ୍ର ସୁବୁଦ୍ଧିଙ୍କର ୧ବଖରା ସମେତ ଧାନ, ଚାଉଳ ଓ ଆସବାବପତ୍ର ପୋଡ଼ି ଭସ୍ମୀଭୂତ ହୋଇଯାଇଛି। ବିପନ୍ନ ପରିବାର ସଦସ୍ୟମାନେ ପାଖ ପଡ଼ୋଶୀମାନଙ୍କ ଘରେ ଆଶ୍ରୟ ନେଇଛନ୍ତି। ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ବିପନ୍ନ ପରିବାର ସଦସ୍ୟମାନଙ୍କୁ ସମବେଦନା ଜଣାଇଥିଲେ। ବିପନ୍ନ ପରିବାରମାନଙ୍କୁ ରନ୍ଧାଖାଦ୍ୟ ଯୋଗାଇଦେବା ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଖୁବ୍‌ଶୀଘ୍ର ବିପନ୍ନ ପରିବାରମାନଙ୍କୁ ଆବାସ ଯୋଜନାରେ ଘର ଯୋଗାଇ ଦିଆଯିବ ବୋଲି ବିଧାୟକ ଶ୍ରୀ ମିଶ୍ର ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ସତ୍ୟବାଦୀ ତହସିଲ୍‌ଦାର ସନ୍ତୋଷ କୁମାର ପାଣିଗ୍ରାହୀ, ବିଡିଓ ଦେବାଶିଷ ନାୟକ, ଆଇଆଇସି ବିଜୟ କେତନ ବେହେରା, ଜିଲ୍ଲା ପରିଷଦ ସଭ୍ୟାଙ୍କ ପ୍ରତିନିଧି ରଞ୍ଜନ କୁମାର ବରାଳ, ବିପିନ ବିହାରୀ ମହାନ୍ତି, ସରପଞ୍ଚଙ୍କ ପ୍ରତିନିଧି ବିକ୍ରମ କୁମାର ପରିଡ଼ା, ସମିତିସଭ୍ୟାଙ୍କ ପ୍ରତିନିଧି ପ୍ରଭାକର ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ।

# ଦେଉଳି ମଠରୁ ଶ୍ରୀକ୍ଷେତ୍ରକୁ ଗଲା ଅଣସର ଫଳଭାର



**କୁଣ୍ଢେଇ/କାକଟପୁର,୧୮।୬(ସମିସ):** ଦେବସ୍ନାନ ପୂର୍ଣ୍ଣିମାରେ ମହାପ୍ରଭୁ ସ୍ନାନ କରି ଜ୍ୱରରେ ପୀଡ଼ିତ ଥିବାବେଳେ ଫୁଲୁରୀ ତେଲ ଓ ଚେରମୂଳି ଓଷୁଅରେ ସାମାନ୍ୟ ସୁସ୍ଥ ହେବାପରେ ଫଳମୂଳ ସେବା ଲାଗିଥାଏ। ଏହି ସେବାରେ ପ୍ରାଚୀ କ୍ଷେତ୍ର ମା' ମଙ୍ଗଳାଙ୍କ ପୀଠର ଅନବସର ଫଳଭାର ଏକ ନିଆରା ପରମ୍ପରା। ଏହି ଅବସରରେ ପର୍ଯ୍ୟଟନସ୍ଥଳୀ ଦେଉଳି ମଠରୁ ଶ୍ରୀଜୀଉମାନଙ୍କ ପାଇଁ ଶ୍ରୀକ୍ଷେତ୍ରକୁ ଫଳମୂଳ ଭାର ପ୍ରେରଣ କରାଯାଇଛି।

ପ୍ରାଚୀତଟରେ ଥିବା ମଠ ଆଶ୍ରମ ଓ ମନ୍ଦିରଗୁଡ଼ିକ ସହିତ ଶ୍ରୀମନ୍ଦିରର ଅନେକ ସେବା ଜଡ଼ିତ। ନବକଳେବରର ଅନେକ ନୀତିକାନ୍ତି ପ୍ରାଚୀ ତଟର ଦେଉଳି ମଠରେ ଗୁପ୍ତ ଭାବେ ସମ୍ପାଦିତ ହୋଇଥାଏ। ପୁନଶ୍ଚ ମହାପ୍ରଭୁଙ୍କର ବାହାର ଚାପ ଓ ଭିତର ଚାପ ଖେଳ ପରେ ସ୍ନାନପୂର୍ଣ୍ଣିମାରେ ମହାସ୍ନାନ ସାରି ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଜ୍ୱର ହୋଇଛି। ଫୁଲୁରୀ ତେଲ ଲାଗି ହୋଇ ଦିଅଁମାନେ ସ୍ୱଳ୍ପ ଆରାମ ଲାଭ କରିଛନ୍ତି। ଏହି ଅବସରରେ ପ୍ରାଚୀ ତଟ ବନଜାଗ ଲୀଳାସ୍ଥଳୀ ଓ ଜଗନ୍ନାଥଙ୍କ ଅନ୍ତୁଡ଼ିଶାଳ କୁହାଯାଉଥିବା ଦେଉଳି ମଠରୁ ଅନବସର ସେବା ନିମିତ୍ତ ତିନିଟି ଫଳଭାର ଶଗଡ଼ ପୁରୀ ଅଭିମୁଖେ ଯାଇଛି। ଖୋଳତାଳ ସଂକୀର୍ତ୍ତନର ତାଳେ ତାଳେ ଗାଁ ଗାଁ ଦେଇ ବିଭିନ୍ନ ଦେବ ପୀଠ ସ୍ପର୍ଶ କରି ସାଜସଜ୍ଜା ହୋଇଥିବା ଶଗଡ଼ ବଳଦ ଓ ଭକ୍ତମାନେ ପୁରୀ ଅଭିମୁଖେ ପଦଯାତ୍ରା କରି ଯାଇଛନ୍ତି। ମଠ ବାଡ଼ି ତଥା ଭକ୍ତମାନଙ୍କ ପ୍ରଦତ୍ତ ବିଭିନ୍ନ ସୁସ୍ୱାଦୁ ଫଳ, ତୁଳସୀ ଓ ପଦ୍ମଫୁଲ ମାଳ ମହାପ୍ରଭୁଙ୍କ ସେବା ପାଇଁ ଶ୍ରୀକ୍ଷେତ୍ର ଯାଇଛି। ବାଟରେ ପୂର୍ବ ନିର୍ଦ୍ଧାରିତ ଦେବପୀଠମାନଙ୍କରେ ବିଶ୍ରାମ କରିବା ସହ ଭକ୍ତମାନେ ନାମ ସଂକୀର୍ତ୍ତନ କରିବାର କାର୍ଯ୍ୟକ୍ରମ ରହିଛି। ଅଣସର ସପ୍ତମୀରେ ଦେଉଳି ମଠରୁ ବାହାରି ନବମୀ ଦିନ ଶ୍ରୀକ୍ଷେତ୍ରରେ ପହଞ୍ଚିବା ପରେ ଶ୍ରୀମନ୍ଦିର ପରିସରରେ ଥିବା ନୃସିଂହ ଚକଡ଼ାରେ ଫଳ ପୁଷ୍ପ ଆଦି ଶ୍ରୀଜୀଉମାନଙ୍କ ଉଦ୍ଦେଶ୍ୟରେ ଅର୍ପଣ କରାଯିବ। ମା' ବିମଳାଙ୍କ ପାଖରେ ପଦ୍ମଫୁଲ ଭାର ଅର୍ପଣ କରାଯିବ। ଗତ ୩ ବର୍ଷ ହେବ ଦେଉଳି ମଠ ଡେଭଲପ୍‌ମେଣ୍ଟ ଚାରିଟେବୁଲ୍ ଟ୍ରଷ୍ଟ ଆନୁକୂଲ୍ୟରେ ଏକ ସୁସଜ୍ଜିତ ଶଗଡ଼ରେ ପାରମ୍ପରିକ ରୀତିନୀତିରେ ଫଳଭାର ଯିବା ବ୍ୟବସ୍ଥାକୁ ମା' ମଙ୍ଗଳା ମନ୍ଦିରର ସେବାୟତମାନେ ସ୍ୱାଗତ ଜଣାଇଛନ୍ତି।

# ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ

**କଣାସ,୧୮।୬(ସମିସ):** କଣାସ ପଞ୍ଚାୟତ ସମିତି ସଭାଗୃହରେ ବୁଧବାର ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନିମନ୍ତେ ପ୍ରସ୍ତୁତି ବୈଠକ ଅତିରିକ୍ତ ବିଡିଓ ମଙ୍ଗଳସିଂହ ହେମ୍ବ୍ରମଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅତିରିକ୍ତ ତହସିଲ୍‌ଦାର ଉପେନ୍ଦ୍ର କୁମାର ସେଠୀ ଯୋଗଦେଇ ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିପରି ବିପନ୍ନ ଲୋକମାନଙ୍କୁ ଉଦ୍ଧାର କରି ନିରାପଦ ସ୍ଥାନରେ ରଖିପାରିବେ ସେ ସମ୍ପର୍କରେ ସୂଚନା ଦେଇଥିଲେ। କଣାସ ବ୍ଲକ୍‌ର ୨୮ ଗ୍ରାମ ପଞ୍ଚାୟତରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ୨୪ଟି ବାତ୍ୟା ଆଶ୍ରୟସ୍ଥଳୀ ପ୍ରସ୍ତୁତ କରି ରଖାଯାଇଥିବା ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିପର୍ଯ୍ୟୟ ସମୟରେ ସମସ୍ତ ଔଷଧପତ୍ର ଯୋଗାଇଦେବା ପାଇଁ ପ୍ରସ୍ତୁତି ହୋଇ ରହିଥିବା ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନେ କହିଥିଲେ। ଏହି ବୈଠକରେ ଅଗ୍ନିଶମ ବିଭାଗ, ବ୍ଲକ୍‌ର ସମସ୍ତ କର୍ମଚାରୀ, ଅନେକ ଲୋକ ପ୍ରତିନିଧି ଉପସ୍ଥିତ ଥିଲେ।

# ବର୍ଷାରେ ଭୁଶୁଡ଼ିଲା ବିଦ୍ୟାଳୟ ପାଚେରି



**କଣାସ,୧୮।୬(ସମିସ):** ଦିନକ ପରେ ବିଦ୍ୟାଳୟ ଖୋଲିବାକୁ ଥିବାବେଳେ ମଙ୍ଗଳବାର କଣାସ ବ୍ଲକ୍ ଦେଇପୁର ଗ୍ରାମପଞ୍ଚାୟତର ତେଲଙ୍ଗାପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟର ୨୦୦ ଫୁଟ୍‌ରୁ ଅଧିକ ଲମ୍ବର ସୁରକ୍ଷା ପାଚେରି ଭୁଶୁଡ଼ି ପଡ଼ିଛି। ବିଦ୍ୟାଳୟ ଖୋଲିଲେ ଛାତ୍ରଛାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେବେ ବୋଲି ପ୍ରଧାନଶିକ୍ଷକ ପ୍ରତାପ କେଶରୀ ରାୟ କଣାସ ବ୍ଲକ୍ ଶିକ୍ଷା ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଯୁଦ୍ଧକାଳୀନ ଭିତ୍ତିରେ ଏହାର ମରାମତି କରାନଗଲେ ଅବାଧରେ ଗାଈଗୋରୁ, କୁକୁର ସ୍କୁଲ ପରିସରରେ ପ୍ରବେଶ କରିବେ।

# ଚାରିଛକ ପ୍ରେସ୍ କ୍ଲବ୍‌ର ବନ୍ଧୁ ମିଳନ



ଚାରିଛକ,୧୮।୬(ସମିସ): ଚାରିଛକ ନିକଟସ୍ଥ ଚନ୍ଦ୍ରମଉଳି ସଦାଦାସ ତୋଟାରେ ରଜ ଉପଲକ୍ଷେ ଚାରିଛକ ପ୍ରେସ୍ କ୍ଲବ୍ ପକ୍ଷରୁ ଏକ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କ୍ଲବ୍‌ର ସାଧାରଣ ସମ୍ପାଦକ ଡ. କେଦାରନାଥ ସାହୁଙ୍କ ଦ୍ୱାରା ଆୟୋଜିତ ଉତ୍ସବରେ ଉପଦେଷ୍ଟା ଅବସରପ୍ରାପ୍ତ ଆଇଆର୍‌ଏସ୍ ଚନ୍ଦ୍ରକାନ୍ତ ଦଳାଇ ସଭାପତିତ୍ୱ କରିଥିଲେ। ଉକ୍ତ ବନ୍ଧୁ ମିଳନ ଉତ୍ସବରେ ଶିକ୍ଷାବିତ୍ ପ୍ରଫେସର ଗୋପୀନାଥ କର, ଡ. ସନ୍ତୋଷ କୁମାର ମିତ୍ର, ସନାତନ ପାତ୍ର, କୃଷ୍ଣ ଚନ୍ଦ୍ର ରାଉତ, ବନ ବିହାରୀ ଦାଶ, ଆଇନଜୀବୀ ରଜନୀକାନ୍ତ ତ୍ରିପାଠୀ, ମହେନ୍ଦ୍ର ନାୟକ, ଅର୍ଜୁନ ପାତ୍ର, ରବୀନ୍ଦ୍ର ସେନାପତି, ପ୍ରଫୁଲ୍ଲ କୁମାର କର, ବସନ୍ତ କୁମାର ଦାସ, ସଞ୍ଜୟ ପତି, ଶିଶିର ସ୍ୱାଇଁ, ପ୍ରଫୁଲ୍ଲ କୁମାର ସାହୁ, ସୁବାସ ଚନ୍ଦ୍ର ସାହୁ, ସନ୍ତୋଷ କୁମାର ଦାସ, ପ୍ରଶାନ୍ତ ସାହୁ, ବସନ୍ତ କୁମାର ମଲ୍ଲ, ପ୍ରତାପ ମଲ୍ଲିକ, ଅଚ୍ୟୁତାନନ୍ଦ ମିଶ୍ର, ବିଶ୍ୱ ରଞ୍ଜନ ବିଶ୍ୱଶ୍ରୀ, କୈଳାସ ପାତ୍ର, ବିନୋଦ ପ୍ରଧାନ, ଉମାକାନ୍ତ ଭୋଇ, ଜୀବନ ଦାସ, ବିଜୟ ବେହେରା, ପୂର୍ଣ୍ଣ ଚନ୍ଦ୍ର ମହାପାତ୍ରଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ସଦସ୍ୟ ଯୋଗଦେଇଥିଲେ। ଉଭୟ ଚାରିଛକ ସାମ୍ବାଦିକ ସଂଘ ଓ ଚାରିଛକ ପ୍ରେସ୍ କ୍ଲବ୍ ମଧ୍ୟରେ ଥିବା ମନୋମାଳିନ୍ୟ ଭୁଲି ସମସ୍ତେ ମିଳିମିଶି ଚାରିଛକ ଅଞ୍ଚଳର ବିକାଶ ପାଇଁ ଉଦ୍ୟମ ଜାରି ରଖିବା ସହ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ କରିବାକୁ ଶପଥ ନେଇଥିଲେ। ଏହି ଅବସରରେ ଉପସ୍ଥିତ ଅତିଥିମାନଙ୍କୁ ପ୍ରେସ୍ କ୍ଲବ୍ ତରଫରୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।


# ୧୦ ଲକ୍ଷ ଟଙ୍କାର ମାର୍କେଟ୍ କମ୍ପ୍ଲେକ୍ସ ଅଧପନ୍ତରିଆ



ନୟାହାଟ,୧୮।୬(ସମିସ): ନୟାହାଟ ଫାଣ୍ଡି ଅନ୍ତର୍ଗତ ସୋରଭା ପଞ୍ଚାୟତର ପାଇକସାହିଠାରେ ଗତ ୪ ବର୍ଷ ତଳେ ନିର୍ମାଣ ହୋଇଥିବା ୧୦ ଲକ୍ଷ ଟଙ୍କାର ମାର୍କେଟ୍ କମ୍ପ୍ଲେକ୍ସ ଅଧପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ସେହି ଘରେ ବଡ଼ ବଡ଼ ଗଛମାନ ଉଠି ସରୀସୃପ ବସବାସ କରୁଛନ୍ତି। ଉକ୍ତ କର୍ଯ୍ୟ କରୁଥିବା ଠିକାଦାର ତାଙ୍କର କାର୍ଯ୍ୟର ବିଲ୍ ପାଇଯାଇଥିବା ବେଳେ କାର୍ଯ୍ୟ କିନ୍ତୁ ଅଧପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ଏ ନେଇ ଗୋପ ବିଡିଓ ଛବିରାଣୀ ସାହୁଙ୍କୁ ପଚାରିବାରେ ସେ କହିଛନ୍ତି ଯେ ଏ ବିଷୟରେ କନିଷ୍ଠ ଯନ୍ତ୍ରୀ ଜାଣିଥିବେ। ସୋରଭା ସରପଞ୍ଚ କିଶୋର ଚନ୍ଦ୍ର ସେଠୀଙ୍କୁ ପଚାରିବାରେ ସେ କହିଛନ୍ତି ସେ ଆମ ସମୟର କାମ ନୁହେଁ। ପୂର୍ବତନ ସରପଞ୍ଚଙ୍କ ସମୟରେ ହୋଇଥିଲା। ଯଦି ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ନିର୍ମାଣ କରାଯିବ ତେବେ ପଞ୍ଚାୟତର ରାଜସ୍ୱ ବଢ଼ିପାରିବ।

ଜରୁରୀ ସୂଚନା
Lakheswar Agency
OSFDC Department
Letter
Lakheswar Agency
Letter
Managing Director
Lakheswar Agency

# କେନାଲ ବନ୍ଧ ରାସ୍ତା ବିପଦସଂକୁଳ



କୁଣ୍ଢେଇ,୧୮।୬(ସମିସ): ଗମନାଗମନ ଦୃଷ୍ଟି କୋଣରୁ କାକଟପୁର ଲତାହରଣ ମୁଖ୍ୟ ରାସ୍ତାର ଘୋଡ଼ାମୁହାଁ ପୋଲଠାରୁ ଧୂର୍ଜଙ୍ଗ ପର୍ଯ୍ୟନ୍ତ ଯାଇଥିବା ଦେଢ଼ କିଲୋମିଟର କେନାଲ ବନ୍ଧ ରାସ୍ତା ଉପରେ ନିକଟସ୍ଥ ୧୦ ଖଣ୍ଡ ଗ୍ରାମର ଜନସାଧାରଣ ଦୈନନ୍ଦିନ ଯାତାୟାତ କ୍ଷେତ୍ରରେ ନିର୍ଭର କରିଥା'ନ୍ତି। ପୂର୍ବରୁ ଏହି କେନାଲ ବନ୍ଧ ରାସ୍ତାଟି ଲତାହରଣ ଗ୍ରାମପଞ୍ଚାୟତ ଅଧୀନରେ ଥିଲା। ୧୯୯୭ ମସିହାରେ ଏହି କେନାଲ ବନ୍ଧର ମାଟି ରାସ୍ତାକୁ କଂକ୍ରିଟ ଢେଳଇ ରାସ୍ତାରେ ପରିଣତ କରିବାକୁ ପଞ୍ଚାୟତବାସୀଙ୍କ ପକ୍ଷରୁ ଦାବି ହେବାରୁ ତତ୍କାଳୀନ ସରପଞ୍ଚ ପ୍ରାଣନାଥ ମଲ୍ଲିକ ତାଙ୍କ କାର୍ଯ୍ୟକାଳ ୫ ବର୍ଷ ମଧ୍ୟରେ ପର୍ଯ୍ୟାୟ କ୍ରମେ ଗ୍ରାମପଞ୍ଚାୟତ ପାଣ୍ଠିରୁ ଏହି ରାସ୍ତାକୁ କଂକ୍ରିଟ ଢେଳଇ ରାସ୍ତାରେ ପରିଣତ କରିଥିଲେ। ମାତ୍ର ୨୦୧୨ରେ ଏହି ରାସ୍ତାଟି କାକଟପୁର ଜଳସେଚନ ବିଭାଗ ଅଧୀନକୁ ଚାଲିଯିବାରୁ ଏହି ରାସ୍ତାର ରକ୍ଷଣାବେକ୍ଷଣ କି ମରାମତି ଦିଗରେ ଆଉ ଲତାହରଣ ଗ୍ରାମ ପଞ୍ଚାୟତ ହସ୍ତକ୍ଷେପ କରୁନାହିଁ ବୋଲି ସ୍ଥାନୀୟ ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି। ବିଭାଗୀୟ ଅପାରଗତା, ପ୍ରଶାସନିକ ସ୍ଥାଣୁତା ଓ ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ଏହି ରାସ୍ତାଟି ଦୀର୍ଘ ୧୨ ବର୍ଷ ଧରି କାକଟପୁର ଜଳସେଚନ ବିଭାଗ ମରାମତି କି ନିର୍ମାଣ କରିବାର ନାଁ ଧରୁନଥିବା ବେଳେ ରାସ୍ତାଟି ବର୍ତ୍ତମାନ ଯାତାୟାତ କ୍ଷେତ୍ରରେ ସମ୍ପୂର୍ଣ୍ଣ ଭାବେ ଅନୁପଯୋଗୀ ହୋଇପଡ଼ିଛି। ଯାହାଫଳରେ କି ସ୍ଥାନୀୟ ଜନସାଧାରଣ ରାତିରେ ଯିବାଆସିବା ଦୂରେ ଥାଉ, ଦିନବେଳେ ଏହି ରାସ୍ତାରେ ଯାତାୟାତ କରିବାବେଳେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଲୋକେ।

**ଦିନରେ ଯିବାକୁ ବି ଲୋକେ ଭୟ କରୁଛନ୍ତି**

ରାସ୍ତାର ଦୁଇ ପାର୍ଶ୍ୱରେ ଅନାବନା ଗଛ ଉଠି ଜଙ୍ଗଲ ସୃଷ୍ଟି ହୋଇ ରାସ୍ତା ମଝିକୁ ଗଛଲତା ମାଡ଼ି ଆସିଲାଣି। କେଉଁଠି ରାସ୍ତା ମଝିରେ ବଡ଼ ଫାଟ ସୃଷ୍ଟି ହେଲାଣି ତ ଆଉ କେଉଁଠି ରାସ୍ତା ଉପରେ ଓ ରାସ୍ତା ପାଶ୍ୱର୍ରେ ଆଣ୍ଠୁଏ ଗଭୀରରେ ଗର୍ତ୍ତ ସୃଷ୍ଟି ହେଲାଣି। ରାସ୍ତା ଉପରକୁ ଅନାବନା ଗଛ ମାଡ଼ି ଆସିଥିବାରୁ କେତେବେଳେ ରାସ୍ତା ଉପରେ ବିଷଧର ସର୍ପ ଶୋଇ ରହୁଛନ୍ତି ତ ଆଉ କେତେବେଳେ ରାସ୍ତାର ଏପଟ ପାଶ୍ୱର୍ରୁ ସେପଟ ପାଶ୍ୱର୍କୁ ଅତିକ୍ରମ କରୁଛନ୍ତି। ଏହି ରାସ୍ତାରେ ସନ୍ଧ୍ୟା ହେଲେ ପଥଚାରୀମାନେ ଯିବାଆସିବାକୁ ଭୟ କରୁଛନ୍ତି। ରାସ୍ତାର ଅବସ୍ଥା ଏବେ ଏତେ ସଂକୀର୍ଣ୍ଣ ହୋଇଛି ଯେ, ଏକ ସମୟରେ ଦୁଇଟି ମୋଟର ସାଇକଲ ରାସ୍ତା ଅତିକ୍ରମ କରିହେଉନି। ଯାହା ଫଳରେ କି ଅଧିକାଂଶ ସମୟରେ ଏହି ରାସ୍ତାରେ ପଥଚାରୀ ଓ ଗାଡ଼ି ଚାଳକଙ୍କୁ ଦୁର୍ଘଟଣାର ଶିକାର ହେବାକୁ ପଡୁଛି। ଏହି ରାସ୍ତାର ଦୁଇ ପାଶ୍ୱର୍ରେ ଏବେ କଟକଣା, ଭଣ୍ଡାଘର, ଲତାହରଣ, ରସୁଲପୁର ଆଦି ବସ୍ତିର ଲୋକ ବସବାସ କରିବାକୁ ଘରଦ୍ୱାର ନିର୍ମାଣ କରୁଥିବାବେଳେ ଧୂର୍ଜଙ୍ଗ ଓ ଧୂର୍ଜଙ୍ଗ ହରିଜନ ସାହି ଗାଁ ସହିତ ନିକଟସ୍ଥ ୧୦ ଖଣ୍ଡ ଗ୍ରାମର ଲୋକ ପ୍ରତିଦିନ ଯାତାୟାତ କ୍ଷେତ୍ରରେ ଏହି ରାସ୍ତା ଉପରେ ନିର୍ଭର କରିଥା'ନ୍ତି। କାକଟପୁର ଜଳସେଚନ ବିଭାଗ ସବ୍‌ଡିଭିଜନ କାର୍ଯ୍ୟାଳୟ ଆବଶ୍ୟକ ନ ଥାଇ ବହୁ ଅନାବଶ୍ୟକ ସ୍ଥଳେ ଏକାଧିକ କେନାଲରେ ସଂଖ୍ୟାଧିକ ବ୍ରିଜ୍ ନିର୍ମାଣ ସାଙ୍ଗକୁ ବହୁ କେନାଲ ବନ୍ଧ ଓ ନଦୀ ବନ୍ଧରେ ପିଚୁ ଏବଂ ଢେଳଇ ରାସ୍ତା ନିର୍ମାଣ କରୁଥିବାବେଳେ ସ୍ଥାନୀୟ ଅଞ୍ଚଳବାସୀଙ୍କ ବାରମ୍ବାର ଦାବି ସତ୍ତ୍ୱେ ଏହି ରାସ୍ତାକୁ ନିର୍ମାଣ କିମ୍ବା ମରାମତି ନ କରିବା ପଛରେ କି ଉଦ୍ଦେଶ୍ୟ ରହିଛି ତାହା ସ୍ଥାନୀୟ ଅଞ୍ଚଳବାସୀଙ୍କ ମନରେ ଚିନ୍ତା ପ୍ରକଟ କରିଛି। ପୁରୀ ଜିଲ୍ଲାପାଳ, ରାଜ୍ୟ ଜଳସେଚନ ବିଭାଗ ମୁଖ୍ୟଯନ୍ତ୍ରୀ, ସର୍ବୋଚ୍ଚ ଯନ୍ତ୍ରୀ ଓ ବିଭାଗୀୟମନ୍ତ୍ରୀ ଏହି ରାସ୍ତା ପ୍ରତି ଦୃଷ୍ଟି ଦେଇ ତୁରନ୍ତ ଏହି ରାସ୍ତାକୁ ନିର୍ମାଣ କରିବାକୁ ଉକ୍ତ ଗ୍ରାମର ଗ୍ରାମବାସୀଙ୍କ ସମେତ ଲତାହରଣ ପଞ୍ଚାୟତବାସୀଙ୍କ ପକ୍ଷରୁ ଦୃଢ଼ ଦାବି ହେଉଛି।

# ସାର୍ଥକଙ୍କ ରୋଗୀ ସେବା କରିବା ଲକ୍ଷ୍ୟ ପୂରଣ ହୋଇଛି



ଗୋପ,୧୮।୬(ସମିସ): ଗୋପ ବ୍ଲକ୍ ଅଧୀନ ବିଶିଷ୍ଟ ସମାଜସେବୀ ତଥା ଖଣି ନିର୍ଦ୍ଦେଶାଳୟର ସେକ୍ସନ ଅଫିସର ବିଭୂତି ପଟ୍ଟନାୟକ, ବରିଷ୍ଠ ପ୍ରଧାନଶିକ୍ଷୟିତ୍ରୀ ରଙ୍ଗଲତା ଦେଇଙ୍କ ପୁତ୍ର ସାର୍ଥକ ପଟ୍ଟନାୟକ ଚଳିତ ବର୍ଷ ସର୍ବଭାରତୀୟ ନିଟ୍ ପରୀକ୍ଷାରେ ୫୪୭ ନମ୍ବର ରଖି ସର୍ବଭାରତୀୟ ସ୍ତରରେ ୧୩,୭୭୫ ର୍‍ୟାଙ୍କରେ ରହିଥିବାବେଳେ ଡାକ୍ତର ପଢ଼ିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏ ନେଇ ଗୋପ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ସାର୍ଥକ ପିଲାଟିବେଳୁ ଡାକ୍ତର ହୋଇ ରୋଗୀ ସେବା କରିବାକୁ ଲକ୍ଷ୍ୟ ରଖିଥିବାବେଳେ ପିତାମାତାଙ୍କ ଆଶୀର୍ବାଦରେ ତାଙ୍କର ଏ ସ୍ୱପ୍ନ ପୂରଣ ହେବାକୁ ଯାଉଛି। ସେ ପାଠ ପଢୁଥିବା ନିଗମାନନ୍ଦ ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ରଛାତ୍ରୀମାନେ ତାଙ୍କୁ କୃତଜ୍ଞତା ଦେଇଥିବାବେଳେ ବିଶିଷ୍ଟ ସମାଜସେବୀ ତଥା ସଫ୍ଟୱେର ଇଞ୍ଜିନିୟର ତାପସ ସାହୁ ଓ ବିଶିଷ୍ଟ ବ୍ୟବସାୟୀ ଜ୍ୟୋତି ମହାନ୍ତିଙ୍କ ସମେତ ବରିଷ୍ଠ ନେତୃତ୍ୱମାନେ ତାଙ୍କ ଘର ନିକଟରେ ପହଞ୍ଚି ସମ୍ବର୍ଦ୍ଧିତ କରିଥିବା ଦେଖିବାକୁ ମିଳିଛି।



## ଅଟୋ ନଗର ନିର୍ମାଣ ପାଇଁ ଜମି ପ୍ରଦାନ ଦାବି

# ଉପ ଜିଲ୍ଲାପାଳଙ୍କୁ ମଟର କର୍ମଚାରୀ ସଂଘର ଦାବିପତ୍ର ପ୍ରଦାନ

ଜୟପୁର,୧୮ ।୬(ସମିସ) :

କୋରାପୁଟ ଜିଲା ଜୟପୁର ଠାରେ ଅଟୋ ନଗର ନିର୍ମାଣ ପାଇଁ ଜମି ପ୍ରଦାନ ଦାବି ନେଇ ମଟର କର୍ମଚାରୀ ସଂଘ ପକ୍ଷରୁଏକ ଦାବିପତ୍ର ଉପଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ବୁଧବାର ପ୍ରଦାନ କରାଯାଇଛି। ଗତ ଶୁକ୍ରବାର ଗାନ୍ଧୀଛକଠାରୁ ଗଡପଦର ରାସ୍ତା ମୁଖ୍ୟକେନାଲ ପାଶ୍ୱର୍ରେ ରହିଥିବା ଜବରଦଖଲ କେନାଲ ଭଙ୍ଗା ଯାଇଥିଲା। ଏଥିନେଇ ଗ୍ୟାଲେଜ ମାଲିକ ଏବଂ ମେକାନିକମାନେ ଅସନ୍ତୋଷ ବ୍ୟକ୍ତ କରିଥିବା ବେଳେ ସେମାନଙ୍କୁ ଅଟୋ ନଗର ପାଇଁ ଜମି ପ୍ରଦାନ ସହ ଷ୍ଟଲ ନିର୍ମାଣ ନେଇ ପ୍ରତିଶୃତି ଦେଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିନାହିଁ। ଏହିପରି ପ୍ରାୟ ୫୦ରୁ ଉଠରୁ ଗ୍ୟାରେଜ ରହିଥିବା ବେଳେ ପ୍ରାୟ ୩୦୦ ଜମ ମେକାନିକ



ଏଠାରେ କାର୍ଯ୍ୟରତ ଅଛନ୍ତି। ଏହିପରି ଉଚ୍ଛେଦ ହେଲେ ସେମାନେ ମରାମତି କାର୍ଯ୍ୟ କେଉଁ ଠାରେ କରିବେ ଏବଂ ଦୈନନ୍ଦିନ ଜୀବନଯାପନ କିପରି ନିର୍ବାହ ହେବ ବୋଲି ପ୍ରଶ୍ନ କରିଛନ୍ତି। ଏଥିନେଇ ଆଜି ଉପଜିଲ୍ଲାପାଳଙ୍କ ଉଦ୍ଦେଶ୍ୟ ତାଙ୍କ କାର୍ଯ୍ୟାଳୟ ଠାରେ ମଟର କର୍ମଚାରୀ ସଂଘ ପକ୍ଷରୁ ଏକ ଦାବିପତ୍ର ଉପ ଜିଲ୍ଲାପାଳ ନମ୍ରତା ଗାର୍ଡିକାଙ୍କୁ ପ୍ରଦାନ କରିଛନ୍ତି। ଦାବିପତ୍ରରେ ମଟର ମରାମତି କର୍ମଚାରୀ ମାନେ ଉଲ୍ଲେଖ କରିଛନ୍ତି ଯେ, ଗତ ୨୩ ବର୍ଷ ପୂର୍ବରୁ ତତ୍କାଳିନ ଜିଲ୍ଲାପାଳ ଅପରାଜିତା ଷଡଙ୍ଗୀ ଜୟପୁର ଠାରେ ଏକ ଅଟୋ ନଗର ନିର୍ମାଣ ନେଇ ପ୍ରସ୍ତାବ ଦେଇଥିଲେ। କିନ୍ତୁ ଏହା କେବଳ ପ୍ରସ୍ତାବରେ ରହିଯାଇଥିଲା କିନ୍ତୁ କାର୍ଯ୍ୟକାରୀ ହୋଇପାରିନଥିଲା। ପୁଣି ଗତ ୨୦୧୮ ମସିହା ଜୁନ ୫ ତାରିଖରେ ଅତିରିକ୍ତ ଜିଲ୍ଲାପାଳଙ୍କ ପକ୍ଷରୁ ଜୟପୁର ତହସିଲଦାରଙ୍କୁ ଚିଠି ମାଧ୍ୟମରେ ବିମାନ ବନ୍ଦର ନିକଟରେ ରହିଥି ଜମିକୁ ଅଟୋ ନଗର ନିର୍ମାଣ ନେଇ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ୨୦୧୯ ମସିହା ସେପ୍ଟେମ୍ବର ୧୯ ତାରିଖରେ ଅତିରିକ୍ତ ତହସିଲଦାର ଜୟପୁର ପୌରାଞ୍ଚଳରେ ପ୍ରାୟ ୧୦ ଏକର ସରକାରୀ ଜମି ଚିହ୍ନଟ କରାଯାଇ ପ୍ରଦାନ କରିବାକୁ ପୌର ନିର୍ବାହୀଅଧିକାରୀଙ୍କୁ ଚିଠି ମାଧ୍ୟମରେ ଅବଗତ କରିଥିଲେ। କିନ୍ତୁ ଏଥିନେଇ କୌଣସି ପଦକ୍ଷପ ଗ୍ରହଣ କରାଯାଇନଥିଲା ଶେଷରେ ଗତ ୨୦୨୩ ମସିହାରେ ତତ୍କାଳିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମଟର ମରାମତି କର୍ମଚାରୀ ସଂଘ ପକ୍ଷରୁ ଅଟୋନଗର ପାଇଁ ଦାବୀପତ୍ର ପ୍ରଦାନ କରିଥିଲେ। ଏଥିନେଇ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟର ନିର୍ଦ୍ଦେଶକ୍ରମେ ଗତ ୨୦୨୩ ମସିହା ନଭେମ୍ବର ମାସରେ କୋରାପୁଟ ଠାରେ ଜମି ପ୍ରଦାନ ନେଇ ଶୁଣାଣି କାରାଯିବା ସହ ସରକାରୀ ଅଧିକାରୀଙ୍କୁ ନେଇ ଜମି ଚିହ୍ନଟ କମିଟି ଗଠନ କରାଯାଇଥିଲା। କିନ୍ତୁ ଏଥିନେଇ କୌଣସି ବ୍ୟବସ୍ଥା ହୋଇପାରିନଥିଲା ଏବଂ ରାଜ୍ୟସରକାର ପରିବର୍ତ୍ତନ ପରେ ଏଥିପ୍ରତି କୌଣସି ଦୃଷ୍ଟି ଦିଆଯାଇନଥିଲା। ଏହିପରି ପୂର୍ବରୁ ମଧ୍ୟ ୨ ରୁ ୩ ଥର ବର୍ଷାଦିନ ପୂର୍ବରୁ ଗ୍ୟାରେଜ ଗୁଡିକ ଉଚ୍ଛେଦ କରାଯାଇ ମଟର ମରାମତି କର୍ମଚାରୀ ମାନଙ୍କୁ ଏକପ୍ରକାର ହନ୍ତସନ୍ତ କରାଯାଉଛି। ତେଣୁ ତୁରନ୍ତ ଜମି ଯୋଗାଣ ସହ ଆବଶ୍ୟକ ସ୍ଥଳେ ଷ୍ଟଲ ନିର୍ମାଣ କରାଯାଇ କେନାଲ ରାସ୍ତାରେ ଉଚ୍ଛେଦ ହୋଇଥିବା ପ୍ରାୟ ୩୦ଟି ଗ୍ୟାରେଜ ଏବଂ ସହରର ଅନ୍ୟାନ୍ୟ ଅଞ୍ଚଳରେ ରହିଥିବା ଗ୍ୟାରେଜ ଗୁଡିକକୁ ଥଇଥାନ ବ୍ୟବସ୍ଥା କରିବାକୁ ଦାବି କରାଯାଇଛ।

## ● ୧୨ ଜଣଙ୍କୁ ଅପହରଣ ଘଟଣା

# ଦିନକ ପରେ ସୁରକ୍ଷିତ ଛାଡିଲେ ନକ୍ସଲ

ମାଲକାନଗିରି, ୧୮ ।୬(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ, ନକ୍ସଲମାନେ ଗତକାଲି ଜଣେ ଆଣସମର୍ପଣକାରୀ ନକ୍ସଲ ନେତାଙ୍କ ପରିବାରର ୨ ଜଣଙ୍କ ସହ ମୋଟ ୩ଜଣଙ୍କୁ ନିର୍ମମ ଭାବରେ ହତ୍ୟା କରିଥିବା ସହ ୧୨ ଜଣ ଗ୍ରାମବାସୀଙ୍କୁ ଅପହରଣ କରି ନେଇଥିଲେ। ତେବେ ଏହି ଘଟଣାର ଦିନକ ପରେ ଅପହୃତ ହୋଇଥିବା ୧୨ ଜଣ ଗ୍ରାମବାସୀଙ୍କୁ ନକ୍ସଲ ମାନେ ଛାଡି ଦେଇଥିବା ଜଣା ପଡିଛି। ସମସ୍ତେ ସୁରକ୍ଷିତ ଥିବା ବେଳେ ଭୟବିତ ଥିବା ଜଣା ପଡିଛି। ଅପର ପକ୍ଷରେ ଉକ୍ତ ୧୨ ଗ୍ରାମବାସୀ ଗ୍ରାମକୁ ଫେରିବା ପରେ ସେମାନଙ୍କ ପରିବାର ଲୋକେ ଆଶ୍ୱସ୍ତ ହୋଇଛନ୍ତି। ସୂଚନା ଥାଉକି ଛତିଶଗଡର ବିଜାପୁର ଜିଲ୍ଲା ପେ‡ାକୋର୍ମା ଗାଁରେ ନକ୍ସଲମାନେ ଗତ ମଙ୍ଗଳବାର ଦିନ ଜଣେ ଛାତ୍ର ସମେତ ୩ ଜଣଙ୍କୁ ହତ୍ୟା କରିଥିଲେ। ଏମାନଙ୍କ ବ୍ୟତୀତ ନକ୍ସଲମାନେ ୭ ଜଣ ଗ୍ରାମବାସୀଙ୍କୁ ନିର୍ମମ ଭାବରେ ମାଡ଼ ମାରି ଆହତ କରିବ ସହ ନକ୍ସଲମାନେ ୧୨ ଜଣ ଗ୍ରାମବାସୀଙ୍କୁ ଅପହରଣ କରିଥିଲେ। ଏହାପରେ ଅଞ୍ଚଳରେ ପୋଲିସ ପକ୍ଷରୁ ତଲାସି ଅଭିଯାନ ଆରମ୍ଭ ସହ ଘଟଣାର ତଦନ୍ତ କରାଯାଉଛି।

# ବୋରିଗାଁରେ ବିକାଶ ବାହନ ଯାତ୍ରା

ଡାବୁଗାଁ, ୧୮।୬ (ସମିସ):

ଓଡିଶା ସରକାରଙ୍କ ଦ୍ୱାରା ସ୍ଥିରୀକୃତ ବିକାଶ ବାହନ ଯାତ୍ରା ବୁଧବାର ବୋରିଗାଁ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆଜିର କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ଧନସିଂ ଭତ୍ରା, ସରପଞ୍ଚ ଶୁକ୍ରୁ ଭତ୍ରା, ଭାଜପା ବୋରିଗାଁ ମଣ୍ଡଳ ସଭାପତି ଜଗଦୀଶ ଭତ୍ରା, ପ୍ରତାପ ଚନ୍ଦ୍ର ପଣ୍ଡା, ସତମନ ପୂଜାରୀ, କ୍ଷେମରାଜ ବିଶୋଇ, ସିଡିପିଓ ମିନତୀ ଦାସ, ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ପଦ୍ମନାଭ ଭାଲ୍ଲା, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଆଦିତ୍ୟ ନାରାୟଣ ରଥ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଯତୀନ ପାଣିଗ୍ରାହୀ, ଯୋଗାଣ ନିରିକ୍ଷକ ସିପ୍ରା ସାମଲ, ଅଙ୍ଗନୱାଡି ସୁପରଭାଇଜର ରୋଜାଲିନୀ ପ୍ରଧାନ, କମ୍ପ୍ୟୁଟର ପ୍ରୋଗ୍ରାମର ପ୍ରବୀଣ ପଟ୍ଟନାୟକ, ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ବର୍ଣ୍ଣବାସ ନାୟକ, ଥାନା ଆଇଆଇସି ଗୋପାଳକୃଷ୍ଣ ଆଗୁପାତ୍ର, ଘୋଡାଖୁଣ୍ଟା ରାଜସ୍ୱ ନିରିକ୍ଷକ ଗଙ୍ଗାଧର ମହାଲ୍କୁଡ, ବିପିସି ଆରଏଚ ଯୋଗେନ୍ଦ୍ର ମାଝି, ପଞ୍ଚାୟତ ନିର୍ବାହୀ ଅଧିକାରୀ ଦିବ୍ୟଶଙ୍କର ପୂଜାରୀ, ଦକ୍ଷତା ବ୍ଲକ ସହଭାଗୀ ମୋନଲ ପରିଡା, ପେସା ସଂଯୋଜକ ଶୁଭଶ୍ରୀ ମହାଲ୍କୁଡ ସମେତ ବିଭିନ୍ନ ବିଭାଗୀୟ ଅଧକାରୀ, ଆଶା କର୍ମୀ, ଅଙ୍ଗନୱାଡି କର୍ମୀ, ଗ୍ରାମର ଭଦ୍ର ବ୍ୟକ୍ତି ଓ ଜନପ୍ରତିନିଧି ଏବଂ ଗ୍ରାମବାସି ମାନେ ଉପସ୍ଥିତ ଥିଲେ। ଏଥିରେ ଜଙ୍ଗଲ ଜମି ଯୋଜନା ଓ ବସୁନ୍ଧରା ଯୋଜନାରେ ୨୦୦ ଜନ ହିତାଧିକାରୀ ଙ୍କୁ ପଟ୍ଟା ବଣ୍ଟନ କରଯାଇଥିଲା।

# ୧୧୫ ଲିଟର ମଦ ଜବତ

ପାପଡାହାଣ୍ଡି , ୧୮।୬ (ସମିସ): ବୁଧବାର ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ଥାନା ଅଧୀନ ବାରିଗୁଡା ଗ୍ରାମରେ ପାପଡ଼ାହାଣ୍ଡି ପୁଲିସ ଓ ଅବକାରୀ ବିଭାଗ ମିଳିତ ଚଢ଼ଉ କରି ୧୧୫ ଲିଟର ଦେଶୀ ମଦ ଜବତ କରିବା ସହ ୧୧୫୦ ଲିଟର ମହୁଲ ପୋଚ ଜବତ କରିଛନ୍ତି। ଏଥିରେ ସମ୍ପୃକ୍ତ ଗ୍ରାମର ମହେନ୍ଦ୍ର ବିଶୋଇ, ଭଗବାନ ବିଶୋଇ ଓ ଜଗଦୀଶ ବିଶୋଇ ନାରେ ମାମଲା ରୁଜୁ ହୋଇଛି । ମହେନ୍ଦ୍ର ଅଟକ ଥିବା ବେଳେ ୨ ଜଣ ଫେରାର ଅଛନ୍ତି । ଏନେଇ ପାପଡାହାଣ୍ଡି ଥାନା କେସ ନଂ ୧୨୪/୨୫, ୧୨୫/୨୫ ଓ ୧୨୬/୨୫ରେ ୩ ଟି ମାମଲା ରୁଜୁ କରାଯାଇଛି। ଏହି ଚଢ଼ଉରେ ଥାନା ଆଇଆଇସି ଦୀପକ କୁମାର ଜେନାଙ୍କ ନେତୃତ୍ୱରେ ପୁଲିସ କର୍ମଚାରୀମାନେ ସାମିଲ ଥିଲେ।

# ୟୁନିଅନ୍ ବ୍ୟାଙ୍କରୁ ୨୩ ଲକ୍ଷ ହଡ଼ପ ଘଟଣା: ଆଉ ୮ ଗିରଫ

ଉମରକୋଟ ୧୮।୬(ସମିସ):

ନବରଙ୍ଗପୁର ଜିଲା ଝରିଗାଁ ଜଳଛାୟା ପ୍ରକଳ୍ପର ଉମରକୋଟ ସହର ଠାରେ ଥିବା ୟୁନିୟନ ବ୍ୟାଙ୍କ ଶାଖାରୁ ୨୩ ଲକ୍ଷ ଟଙ୍କା ହଡ଼ପ ଘଟଣାରେ ଏହାର ମୁଖ୍ୟ ମାଷ୍ଟର ମାଇଣ୍ଡ ଶ୍ରୀଧର ବେହେରା ଗିରଫ ହୋଇ ଜେଲ ଯିବା ପରେ ଆଉ ୨ ଜଣଙ୍କୁ ଗିରଫ କରିଥିଲା ଉମରକୋଟ ପୋଲିସ। ସେହି କେସରେ ଆଜି ପୋଲିସ ୮ ଜଣଙ୍କୁ ଗିରଫ କରି ଜେଲ ପଠାଇଥିବା ବେଳେ ଗିରଫ ସଂଖ୍ୟା ୧୧ କୁ ବୃଦ୍ଧି ପାଇଲା। ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିବା ବ୍ୟକ୍ତି ମାନେ ହେଲେ ଝରିଗାଁ ଥାନା ଅନ୍ତର୍ଗତ ମହଣ୍ଡି ଗ୍ରାମ ର ରାମଧର ଭତ୍ରା , କର୍ମରି ଗ୍ରାମର ପୂର୍ଣଚନ୍ଦ୍ର ଚନ୍ଦ୍ର ଗଣ୍ଡ , ଚିକିଲି ଗ୍ରାମର ପୂର୍ଣ୍ଣ ଚନ୍ଦ୍ର ଯାନୀ , ଚିକିଲୀ ଗ୍ରାମର ନନ୍ଦ ଯାନୀ, କଲେଗାଁ ଗ୍ରାମର ଚମରା ପ୍ରଧାନୀ, କଲେଗାଁ ଗ୍ରାମର ତିରୁପତି ମାଝି, ଗୋମିଓଡା ଗ୍ରାମର ଗୋପବନ୍ଧୁ ମାଝୀ ଓ କଲେଗାଁ ଗ୍ରାମର



ଆଶାରାମ ଗଣ୍ଡ । ଗିରଫ ସମସ୍ତ ବ୍ୟକ୍ତିଙ୍କ ଘର ଝରିଗାଁ ଥାନାରେ ଆସୁଥିବା ବେଳେ ସମସ୍ତେ ଜଳଛାୟା ପ୍ରକଳ୍ପର ସଦସ୍ୟ ଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ଦୀର୍ଘ ବର୍ଷ ଧରି ଝରିଗାଁ ଜଳଛାୟା ପ୍ରକଳ୍ପର ଟଙ୍କା ଉମରକୋଟ ୟୁନିୟନ ବ୍ୟାଙ୍କରେ ଜମା ହୋଇଥିଲା। ଏହାର ଫାଇଦା ନେଇଥିଲା ଶ୍ରୀଧର ବେହେରା। ଶ୍ରୀଧର ଏହାପୂର୍ବରୁ କଳାହାଣ୍ଡି ଜିଲ୍ଲାରେ ଜଳଛାୟା ପ୍ରକଳ୍ପରେ କାର୍ଯ୍ୟ କରୁଥିଲେ। ତେଣୁ ସେ ପ୍ରକଳ୍ପରେ ଟଙ୍କା ଜମା ଥିବା ଭଲ ଭାବରେ ଅବଗତ ଥିଲେ। ତେଣୁ ମିଛ ଅଧିକାରୀ ସାଜି ଜଳଛାୟା ପ୍ରକଳ୍ପର ସରକାରୀ ଟଙ୍କା ବ୍ୟାଙ୍କରୁ ୨୩ ଲକ୍ଷ ଟଙ୍କା ଜାଲିଆତି କରି ହଡପ କରିବାରେ ସଫଳ ହେଇଥିଲେ। ଉମରକୋଟ ଥାନା ଆଇଆଇସି ରମାକାନ୍ତ ସାଏ ଓ କନେଷ୍ଟବଳ ନରେନ୍ଦ୍ର ନାୟକ ଓ ପୋଲିସ ଫର୍ସ ଝରିଗାଁ ଥାନା କର୍ମଚାରୀଙ୍କ ସହାୟତାରେ ବିଳମ୍ବିତ ରାତିରେ ଏହି ସବୁ ଗ୍ରାମରେ ଚଢ଼ଉ କରି ଗିରଫ କରିଛନ୍ତି।

# ପଦ୍ମପୁରରେ ଗଡ଼ିଲା ବିକାଶ ବାହନ

କୋରାପୁଟ,୧୮।୬ (ସମିସ): କୋରାପୁଟ ବ୍ଲକ ପଦ୍ମପୁର ପଞ୍ଚାୟତ ସଦର ମହକୁମା ଠାରେ ବୁଧବାର ବିକାଶ ବାହନ ଶୁଭାରମ୍ଭ ହୋଇଛି। ସରପଞ୍ଚ ଚୈତନ୍ୟ ଜାନିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବାଶିଷ ଗୌଡ଼ ମୁଖ୍ୟଅତିଥି ଭାବେ ଯୋଗଦେଇ ବିକାଶ ବାହନ ଶୁଭାରମ୍ଭ କରିଛନ୍ତି। ବିଭିନ୍ନ ଯୋଜନାରେ ନୂତବ ଭାବେ ସାମିଲ ହୋଇଥିବା ହିତାଧିକାରୀଙ୍କୁ ଗୃହ ନିର୍ମାଣ କାର୍ଯ୍ୟାଦେଶ. ଭତ୍ତା ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ସ୍ଥାନୀୟ ସମିତି ସଭ୍ୟା ଗୀତା ମୁଦୁଲି ଅନ୍ୟତମ ଅତିଥି ରୂପେ ଯୋଗ ଦେଇଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ନନ୍ଦ କିଶୋର ଗମାଙ୍ଗ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ମୋ ଉପକାରୀ ବଗିଚା ନିର୍ମାଣରେ ଦୁର୍ନୀତି ଅଭିଯୋଗ

ବୈପାରୀଗୁଡ଼ା,୧୮।୬(ସମିସ): ମୋ ଉପକାରୀ ବଗିଚା ନିର୍ମାଣରେ ଦୁର୍ନୀତି ଅଭିଯୋଗ ଆଣିଲେ ଗାଁ ଲୋକେ। ବୈପାରୀଗୁଡା ବ୍ଲକ କାର୍ଯ୍ୟଳୟ ପରିସରରେ ବୁଧୁବାର ଅପରାହ୍ନ ଚାରିଟା ସମୟରେ ସ୍ଥାନୀୟ ବିଡ଼ିଓ ଶକ୍ତି ମହାପାତ୍ରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି ଚିପାକୁର ଗାଁ ଲୋକେ। ଦାବି ଅନୁଯାୟୀ, ପିଆଇଟିଡିଏ ପକ୍ଷରୁ ମନେରେଗା ଯୋଜନାରେ ମୋ' ଉପକାରୀ ବଗିଚା ନିର୍ମାଣ କରାଯିବ କହି ହିତାଧିକାରୀଙ୍କଠାରୁ ଜବକାର୍ଡରେ ଡିମାଣ୍ଡ ମାରି ଅନିୟମିତତା ଭାବେ ବ୍ୟାଙ୍କ ଖାତାରୁ ଟଙ୍କା ଉଠାଣ ହୋଇଛି। କାଗଜ କଲମରେ କାମ ହୋଇଥିବା ଦର୍ଶାଯାଇଛି। କିନ୍ତୁ ବାସ୍ତବରେ ଏଭଳି କିଛି କାମ ହୋଇନାହିଁ। ଏନେଇ ବିଡ଼ିଓଙ୍କୁ ଲିଖିତ ଭାବେ ଜଣାଇ ଦିଆଯାଇଛି। ସେପଟେ ସ୍ଥାନୀୟ ବିଡ଼ିଓ ଶକ୍ତି ମହାପାତ୍ର ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଗାଁ ଲୋକଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

# ଖୋର୍ଜି ପଞ୍ଚାୟତରେ ମନରେଗା ସ୍ୱତନ୍ତ୍ର ଗ୍ରାମସଭା



ନନ୍ଦପୁର, ୧୮।୬ (ସମିସ): କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ ଅନ୍ତର୍ଗତ ଖୂର୍ଜି ଗ୍ରାମ ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ମାଧବ ଗୁଣ୍ଟାଙ୍କ ଅଧକ୍ଷତାରେ ଆୟୋଜିତ ଉକ୍ତ ଗ୍ରାମସଭା ଜିଲ୍ଲା ସାମାଜିକ ସମୀକ୍ଷା ଅଧିକାରୀ ଅନିଲ କୁମାର ମହାରଣା, ଖୁର୍ଜି ସରପଞ୍ଚ ପଦଲାମ ହନ୍ତାଲ, ଯୋଗାଣ ଅଧିକାରୀ ଜନ ସନ୍ତୁରୁ, ସମିତି ସଭ୍ୟ ସଦନ ଗୁରୁ ମାଇ, ଓଡ଼ିଶା ମିଶନ ଶକ୍ତି ବିଭାଗ ନନ୍ଦପୁର ବ୍ଲକ ବିପିଏମ୍ ବିଚିତ୍ର କୁମାର ରାଉତ, ନିର୍ବାହୀ ଅଧିକାରୀ ଉଷା ରାଣୀ ନାୟକର ପ୍ରମୁଖ ଯୋଗ ଦେଇଥିବା ବେଳେ ଉକ୍ତ ମନରେଗା ସ୍ୱତନ୍ତ୍ର ଗ୍ରାମ ସଭାରେ ଗତ ଦିନ ରେ କରାଯାଇଥିବା ମନରେଗା ଓ ଖାଦ୍ୟ ସୁରକ୍ଷା ଯୋଜନା ଅନ୍ତର୍ଗତ ଯାଞ୍ଚ ଉପରେ ଆଲୋଚନା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଲମତାପୁଟ ବ୍ଲକ ସାମାଜିକ ସମୀକ୍ଷକ ନବୀନ ଖରା, ସିମିଳିଗୁଡା ସାମାଜିକ ସମୀକ୍ଷକ ସୁକାନ୍ତ ଖିଲ, ବିଆରପି ହେମଲତା ଖରା, ପ୍ରମିଳା ବାଘ, ମୀନା ଚୌଧୁରୀ, ଜିଆର୍‌ଏସ ଚଞ୍ଚଳା ଜାନି, ଏଡିଓ ପ୍ରେମାନନ୍ଦ ସାମନ୍ତରାୟ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମକୁ ସ୍ୱାଗତ କରି ସରପଞ୍ଚ ପଦଲାମ ହନ୍ତାଲ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ନନ୍ଦପୁର ବ୍ଲକ୍ ସାମାଜିକ ସମୀକ୍ଷକ ରଘୁରାମ ବଙ୍କା ପରିଚାଳନା କରିଥିଲେ।

# ବିକାଶ ସଂକଳ୍ପ ସଭା

ପାପଡ଼ାହାଣ୍ଡି, ୧୮।୬(ସମିସ): ପାପଡାହାଣ୍ଡି ବ୍ଲକ ସୋରିଷ ପଦର ଠାରେ ବିକାଶ ସଂକଳ୍ପ ସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ନବରଙ୍ଗପୁରର ପୂର୍ବତନ ଏମପି ପର୍ଶୁରାମ ମାଝୀ, ହରି ମୋହନ ଶର୍ମା, ପାପଡାହାଣ୍ଡି ମଣ୍ଡଳ ସଭାପତି ମନୋଜ ଅଗ୍ରୱାଲ, ଦୀନବନ୍ଧୁ ବିଶୋଇ,ବିପିନ ମହାପାତ୍ର, ଅମ୍ବିକା ପ୍ରଧାନ, ଦାମୋଦର ପ୍ରଧାନ, ଚୈତନ ପ୍ରଧାନ, ଜିତେନ୍ଦ୍ର ଗୌଡ଼, ହରି ଗୌଡ଼ ପ୍ରମୁଖ ଯୋଗ ଦେଇଥିଲେ। କେନ୍ଦ୍ର ସରକାରଙ୍କ ଏଗାର ବର୍ଷ ଓ ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ହୋଇଥିବା ସୁଶାସନ, ଜନକଲ୍ୟାଣ ଯୋଜନା ନେଇ ଆଲୋଚନା ହୋଇଥିଲା। ସଂକଳ୍ପ ପତ୍ର ପାଠ କରାଯାଇଥିଲା। ଶେଷରେ ନୂତନ ମେଡିକାଲ ପରିସରରେ ବୃକ୍ଷରୋପଣ ହୋଇଥିଲା।

# ଆନ୍ତଃ ବିଦ୍ୟାଳୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



ନବରଙ୍ଗପୁର,୧୮।୬(ସମିସ): ଜିଲ୍ଲା କ୍ରିକେଟ୍ ସଂଘ ଆନୁକୂଲ୍ୟରେ ସ୍ଥାନୀୟ ଷ୍ଟାଡିୟମ ପରିସରରେ ଆନ୍ତଃ ଜିଲ୍ଲା ବିଦ୍ୟାଳୟ କ୍ରିକେଟ୍ ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍‌ରେ ରେଡ୍ କମ୍ବାଇନ ସ୍କୁଲ ଦଳ ଗ୍ରୀନ କମ୍ବାଇନ୍ ସ୍କୁଲ ଦଳକୁ ୧୦ ରନରେ ପରାସ୍ତ କରି ଚାମ୍ପିଅନ ହୋଇଛନ୍ତି। ପ୍ରଥମେ ବ୍ୟାଟିଂ କରି ରେଡ କମ୍ବାଇନ୍ ସ୍କୁଲ ୩୧.୫ ଓଭରରେ ନିଜର ସମସ୍ତ ୱିକେଟ୍ ହରାଇ ୨୧୪ ରନ କରିଥିବା ବେଳେ ଏହାର ଜବାବରେ ଗ୍ରୀନ୍ କମ୍ବାଇନ୍ ସ୍କୁଲ ଦଳ ନିର୍ଦ୍ଧାରିତ ୪୦ ଓଭର ଖେଳି ଦଳର ୫ ୱିକେଟ ହରାଇ ୨୦୪ ରନ କରିବାରେ ସକ୍ଷମ ହୋଇଥିଲେ। ରେଡ କମ୍ବାଇନ୍ ସ୍କୁଲ ଦଳର ଯୁବରାଜ ପାଇକ ଉଭୟ ବ୍ୟାଟିଂରେ ୩୨ ରନ, ସେହିପରି ବୋଲିଂରେ ୨ଟି ୱିକେଟ ହାସଲ କରି ମ୍ୟାନ ଅଫ ଦି ମ୍ୟାଚ୍ ପଦକ ହାସଲ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲା କ୍ରିକେଟ ସଂଘର ସମ୍ପାଦକ ପ୍ରହଲ୍ଲାଦ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସଂଘର ସହ ସମ୍ପାଦକ ଏମ୍ ବାଲାକ୍ରିଷ୍ଣା ରାଓ ଯୋଗ ଦେଇ ଟୁର୍ଣ୍ଣାମେଣ୍ଟ ମାଧ୍ୟମରେ ଅନେକ ପ୍ରତିଭାର ଅନ୍ୱେଷଣ ହୋଇପାରିଛି ବୋଲି କହିଥିଲେ। ସଂଘର ସଭାପତି ଦେବାଶିଷ ପଟ୍ଟନାୟକ, ଉପ ସଭାପତି ଶୁଭେନ୍ଦୁ ବେହେରା କ୍ରୀଡାବିତ୍ ମାନଙ୍କୁ ଶୁଭେଛା ଜଣାଇଛନ୍ତି। ଟୁର୍ଣ୍ଣାମେଣ୍ଟଟି ସୁଚାରୁ ରୂପେ ସଂଘର ବରିଷ୍ଠ ସଦସ୍ୟ ଅଶୋକ ନାୟକ, ଶଶାଙ୍କ ଶେଖର ବେହେରା, ଜିଲ୍ଲା କ୍ରିକେଟ୍ କୋଚ୍ ଜି. ଚନ୍ଦ୍ରଶେଖର, କ୍ୟୁରେଟର ଦୁର୍ଯ୍ୟ ହରିଜନ ପ୍ରମୁଖ ପରିଚାଳନା କରିଥିଲେ। ଟୁର୍ଣ୍ଣାମେଣ୍ଟରେ ଖେଳା ଯାଇଥିବା ୪ ଗୋଟି ଦଳରୁ ଓଡ଼ିଶା କ୍ରିକେଟ ସଂଘ ଏକ ୩୦ ଜଣିଆ ଖେଳାଳିଙ୍କ ତାଲିକା ନବରଙ୍ଗପୁର କ୍ରିକେଟ ସଂଘକୁ ପ୍ରେରଣ କଲା ପରେ ସେଇ ଖେଳାଳିଙ୍କୁ ନେଇ ଦୁଇ ଦଳ ଗଠନ କରାଯାଇ ମ୍ୟାଚ୍ କରାଯିବା ପରେ ଏକ ପନ୍ଦର ଜଣିଆ ନବରଙ୍ଗପୁର ଜିଲ୍ଲା କ୍ରିକେଟ ଦଳ ଘୋଷଣା କରାଯିବ ବୋଲି କ୍ରିକେଟ ସଂଘର ମିଡ଼ିଆ ସଂଯୋଜକ ମନୋଜ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି।

# ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ନେଇ ମକ୍ ଡ୍ରିଲ

ସେମିଳିଗୁଡ଼ା,୧୮।୬ (ସମିସ): ସେମିଳିଗୁଡା ବ୍ଲକ କାର୍ଯ୍ୟାଳୟ ଠାରେ ପ୍ରାକୃତିକ ବିପର୍ଯ୍ୟୟ ଉପରେ ଦୁଇ ଘଣ୍ଟିଆ ତାଲିମ ସହ ମକ୍‌ଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ଅଧକ୍ଷା ଲିଲି ଅଧିବିଡିଆ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥଲେ। ଗ୍ରାମପଞ୍ଚାୟତ ଅଧିକାରୀ ଅଜିତ ହୋତା ଅଧକ୍ଷତାରେ ଜିଲ୍ଲା ପରିଷଦ ସଦସ୍ୟ ମୋହନ ଜାନୀ, ସିଡିପିଓ ବିନୋଦିନୀ ବେହେରା, ରାଜୁପୁଟ ସରପଞ୍ଚ ପିତାମ୍ବର କିର୍ସାନୀ ସହ ସମେତ ସମସ୍ତ ସରକାରୀ କର୍ମଚାରୀ,ପୁଲିସ ଅଧିକାରୀ, ଜନପ୍ରତିନିଧି ଉପସ୍ଥିତ ଥିଲେ।

ଜରୁରୀ ସୂଚନା

Lakheswar Agency ... OSFDC Department ... Letter ... Lakheswar Agency ... Letter ... 8260739643 ...

Managing Director
Lakheswar Agency

# କିକ୍ ବକ୍ସିଂରେ ଉବେଦଙ୍କ ସଫଳତା



ଉମରକୋଟ,୧୮।୬ (ସମିସ)

ହରିଆନାର ରତକ ଏମଡି ବିଶ୍ୱବିଦ୍ୟାଳୟ ଠାରେ ୬ଷ୍ଠ ଜାତୀୟ କିକ୍‌ବକ୍ସିଂ (ମଇଥାଇ) ପ୍ରତିଯୋଗିତାରେ ଉମରକୋଟର ୧୭ ବର୍ଷର ବାଳକ ମହମ୍ମଦ ଉବେଦ ହିଙ୍ଗୋରା ରୌପ୍ୟ ପଦକ ହାସଲ କରିବାରେ ସଫଳ ହେଇଛନ୍ତି। ୨୩ ବର୍ଷରୁ କମ ବୟସ୍କ ପାଇଁ ଉଦ୍ଦିଷ୍ଟ ଏହି ପ୍ରତିଯୋଗିତାରେ ସମଗ୍ର ଭାରତ ବର୍ଷରୁ ୮୦୦ରୁ ଅଧିକ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ଓଡ଼ିଶାରୁ ମୋଟ ୧୭ ଜଣ କ୍ରୀଡ଼ାବିତ୍ ଅଂଶ ଗ୍ରହଣ କରିଥିଲେ। ସେଥି ମଧ୍ୟରୁ ୫ ଜଣ ରୌପ୍ୟ ପଦକ ହାସଲ କରିଥିଲେ। ସେମାନଙ୍କ ମଧ୍ୟରୁ ଉବେଦ ଅନ୍ୟତମ। ଉବେଦ ଉମରକୋଟ ଗୁରୁକୃପା ପବ୍ଲିକ ସ୍କୁଲରେ ଯୁକ୍ତ ଦୁଇ ପାଠପଢୁ ଥିଲେ। ଆହୁରି ଅଧିକ ପରିଶ୍ରମ କରି ସ୍ୱର୍ଣ୍ଣ ପଦକ ହାସଲ କରି ଆନ୍ତର୍ଜାତିକ ସ୍ତରରେ ଅଂଶ ଗ୍ରହଣ କରିବାକୁ ଲକ୍ଷ୍ୟ ରଖିଥିବା ସେ କହିଛନ୍ତି। ଯେହେତୁ ଉମରକୋଟଠାରେ କିକ୍‌ବକ୍ସିଂରେ କେହି କୋଚ ନାହାନ୍ତି, ସେ ନିଜ ମୋବାଇଲର ୟୁ ଟ୍ୟୁବ୍‌ରେ ଶିଖି ଆଜି ଜାତୀୟସ୍ତରରେ ଜଣେ କ୍ରୀଡ଼ାବିତ ହେବାରେ ସଫଳ ହୋଇଛନ୍ତି। ଉବେଦ ଙ୍କୁ ଯଦି ସରକାର କିମ୍ବା ଜିଲା ପ୍ରଶାସନ ସହଯୋଗ କରିଥାନ୍ତେ, ତେବେ ସେ ଆହୁରି ଅଧିକ ଉଚ୍ଚ ସ୍ଥାନକୁ ଯାଇ ଓଡ଼ିଶା ପାଇଁ ସୁନାମ ଅର୍ଜନ କରିଥାନ୍ତେ। ଏହିଭଳି ଯବ ଓ ପ୍ରତିଭାବାନ ଖେଳାଳିଙ୍କୁ ପ୍ରୋତ୍ସାହନ ଦେଲେ ଆହୁରି ଅନେକ ପ୍ରତିଭାବାନ ଖେଳାଳି ବାହାରି ପାରିବେ ବୋଲି ଅଞ୍ଚଳବାସୀ ମତ ଦେଇଛନ୍ତି।

## କୋରାପୁଟରେ ପେନ୍‌ସନ ଅଦାଲତ

# ଦୁଇ ଜିଲ୍ଲାରୁ ୮୧ ଜଣ ପେନ୍‌ସନଧାରୀ ପଞ୍ଜୀକୃତ



କୋରାପୁଟ,୧୮ ।୬(ସମିସ):

ସ୍ଥାନୀୟ ସଦ୍‌ଭାବନା ସଭାଗୃହଠାରେ କୋରାପୁଟ ଓ ମାଲକାନଗିରି ଜିଲ୍ଲା ପାଇଁ ପେନସନ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ପେନସନ ଅଭିଯୋଗ ନିର୍ଦ୍ଦେଶକ ତଥା ସାଧାରଣ ପ୍ରଶାସନର ସ୍ୱତନ୍ତ୍ର ସଚିବ ନିହାର ରଞ୍ଜନ ଦାଶଙ୍କ ଅଧ୍ୟକ୍ଷତାରେ ପ୍ରାରମ୍ଭରେ ପେନସନ ମଞ୍ଜୁରୀ ଅଧିକାରୀ ମାନଙ୍କୁ ନେଇ ପେନସନ ସଂକ୍ରାନ୍ତୀୟ ସମୀକ୍ଷା କରାଯାଇଥିଲା। ଦୁଇ ଜିଲ୍ଲାର ୫୦୦ ବିଚାରାଧୀନ ପେନ୍‌ସନ ଉପରେ ସମୀକ୍ଷା କରାଯାଇଥିଲା ବୋଲି ଶ୍ରୀ ଦାଶ କହିଛନ୍ତି। ତୁରନ୍ତ ଫଇସଲା କରିବାକୁ ମଞ୍ଜୁରୀ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ସେ କହିଛନ୍ତି। କୋରାପୁଟ ଜିଲ୍ଲାର ୭୨ ଏବଂ ମାଲକାନଗିରି ଜିଲ୍ଲାର ୯ ଏହିପରି ସମୁଦାୟ ୮୧ ଜଣ ପେନସନଧାରୀଙ୍କ ଆଲୋଚନା କରାଯାଇ ସମାଧାନ କରାଯାଇଥିବା ସେ କହିଛନ୍ତି। ଅବସର ଦିନ ଫାଇନାଲ ପେନସନ ପ୍ରଦାନ କରିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଯେଉଁ ମାନଙ୍କ ନାମରେ ବିଭିନ୍ନ କେସ ରହିଛି ସେମାନଙ୍କ ଅବସର ପୂର୍ବରୁ ସମାଧାନ କରାଯାଇ ଫାଇନାଲ ପେନସନ ଦେବାକୁ ଚେଷ୍ଟା କରାଯିବ ବୋଲି ସେ କହିଛନ୍ତି। ସାଧାରଣ ଲୋକଙ୍କ ଆପତ୍ତି ଅଭିଯୋଗ କିପରି ଜନ ଶୁଣାଣୀରେ ସମାଧାନ କରାଯିବ ସେଥିପ୍ରତି ବିଭାଗୀୟ ଅଧିକାରୀ ମାନେ ଯତ୍ନବାନ ହୋଇ କାର୍ଯ୍ୟ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। କୋରାପୁଟ ଜିଲ୍ଲାପାଳ ଭି କୀର୍ତ୍ତି ୱାସନ, ଡେପୁଟି ଆକାଉଣ୍ଟାଣ୍ଟ ଜେନେରାଲ ସଂଜୟ କୁମାର, ସାଧାରଣ ପ୍ରଶାସନ ଓ ପେନସନ ଅଭିଯୋଗ ବିଭାଗର ଅତିରିକ୍ତ ସଚିବ ରଶ୍ମିରଞ୍ଜନ ସାହୁ, ଉପ ସଚିବ ଅସିତ କୁମାର ପାଣି, ଜୟପୁର ଉପ ଜିଲ୍ଲାପାଳ ଏ ସସ୍ୟା ରେ‡ୀ, ଆଇଏଏସ ପ୍ରୋବେସାନେରୀ ସନ୍ତୋଷ କୁମାର ପାତ୍ର, ମାଲକାନଗିରି ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନ,କୋରାପୁଟ ଅତିରିକ୍ତ ଜିଲ୍ଲାପାଳ ଦେବୀ ପ୍ରସାଦ ମହାନ୍ତି, ବିକ୍ରମଦେବ ବିଶ୍ୱ ବିଦ୍ୟାଳୟର ରେଜିଷ୍ଟ୍ରାର ମହେଶ୍ୱର ଚନ୍ଦ୍ର ନାୟକ, କୋରାପୁଟ ଉପ ଜିଲ୍ଲାପାଳ ପ୍ରେମଲାଲ ହିଆଲ,ଡେପୁଟି କଲେକ୍ଟର ସୁବ୍ରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସାଧାରଣ ପ୍ରଶାସନ ଓ ସଧାରଣ ଅଭିଯୋଗ ଏବଂ ପ୍ରଧାନ ମହାଲେଖାଗାରର ମିଳିତ ସହଯୋଗରେ ପେନସନ ଅଦାଲତ ଆୟୋଜନ କରାଯାଇଥିବା ବେଳେ କୋରାପୁଟ ଜିଲ୍ଲା ପ୍ରଶାସନର ଅଧିକାରୀ ଏବଂ କର୍ମଚାରୀ ମାନେ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ।





## ବକ୍ସିବଜାର ଅଞ୍ଚଳରେ ଚାଞ୍ଚଲ୍ୟ

# ଶୋଇଥିବା ବ୍ୟକ୍ତିଙ୍କୁ ତଣ୍ଟିକାଟି ହତ୍ୟା

କଟକ,୧୮।୬(ସମିସ):

ବକ୍ସିବଜାର ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଛି। ସ୍ଥାନୀୟ ସିଡିଏ ମାର୍କେଟ ପରିସରରେ ଥିବା ଏକ ରେଷ୍ଟୁରାଣ୍ଟ ପାହାଚ ନିକଟରେ

### ଛାତି, ହାତ, ପିଠିରେ କଟା ଦାଗ

### ପୂର୍ବ ଶତ୍ରୁତାରୁ ହତ୍ୟା ସନ୍ଦେହ, ପୁଲିସର ଛାନଭିନ

ସେ ଶୋଇଥିବା ଅବସ୍ଥାରେ କିଛି ଦୁର୍ବୃତ୍ତ ଧାରୁଆ ଅସ୍ତ୍ର ସାହାଯ୍ୟରେ ତାଙ୍କୁ ହତ୍ୟା କରିଥିବା ପାରିପାଶ୍ୱିକ ଅବସ୍ଥାରୁ ଜଣାପଡ଼ିଛି। ମୃତ ବ୍ୟକ୍ତି ଜଣକ ହେଲେ ୫୫ ବର୍ଷୀୟ ଅଶୋକ ବାରିକ। ତାଙ୍କ ଘର ଶଙ୍କରପୁର ଅଞ୍ଚଳରେ। ମାତ୍ର କିଛି ବର୍ଷ ହେବ ସେ ବକ୍ସିବଜାର ଅଞ୍ଚଳରେ ମଜୁରିଆ ଭାବେ କାମ କରିବା ସହ ଦୋକାନ ବାରଣ୍ଡାରେ ରହୁଥିଲେ। ହତ୍ୟାକାଣ୍ଡ ପଛରେ ପୂର୍ବଶତ୍ରୁତା ସନ୍ଦେହ କରାଯାଉଛି। କ୍ୟାଣ୍ଟନମେଣ୍ଟ ଥାନା ପୁଲିସ ଶବ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି।



ମୃତ ଅଶୋକ ଅବିବାହିତ ଥିଲେ। ତାଙ୍କ ବାପା ବାଦାମବାଡି ଅଞ୍ଚଳରେ ଫଳ ବ୍ୟବସାୟ କରୁଥିଲେ। ପୂର୍ବରୁ ଅଶୋକ ମଧ୍ୟ ବାପାଙ୍କୁ ଫଳ ବ୍ୟବସାୟରେ ସହଯୋଗ କରୁଥିଲେ। ବାପାଙ୍କ ଦେହାନ୍ତ ପରେ ସେ ବ୍ୟବସାୟରେ ମନ ଦେଇନଥିଲେ କି ଘରେ ରହିନଥିଲେ। କିଛି ବର୍ଷ ହେବ ସେ ଘର ଛାଡ଼ି ବକ୍ସିବଜାର ଅଞ୍ଚଳରେ ରହୁଥିଲେ। ଅଶୋକଙ୍କୁ ଚିହ୍ନିଥିବା ବକ୍ସିବଜାର ଅଞ୍ଚଳର କିଛି ଲୋକେ କୁହନ୍ତି ଯେ, ଦିନ ସମୟରେ ସେ ମଜୁରିଆ ଭାବେ କାମ କରନ୍ତି। ରାତିରେ ଯେ କୌଣସି ଦୋକାନ ବାରଣ୍ଡାରେ ଶୋଇପଡନ୍ତି। କିଛି ମାସ ହେବ ଅଶୋକ ସିଡିଏ ମାର୍କେଟ ଭିତରେ ରହୁଥିଲେ। ମଙ୍ଗଳବାର ରାତିରେ ସେ ସିଡିଏ ମାର୍କେଟରେ ଥିବା ପାୟଲ ରେଷ୍ଟୁରାଣ୍ଟ ବାରଣ୍ଡାରେ ଶୋଇଥିଲେ। ବୁଧବାର ସକାଳେ ଜଣେ ମହିଳା ତାଙ୍କୁ ରକ୍ତାକ୍ତ ଅବସ୍ଥାରେ ପଡ଼ିଥିବା ଦେଖିଥିଲେ। ଅଶୋକଙ୍କ ମୃତଦେହ ପଡିଥିବା ଏକ ବିଞ୍ଛଣାରୁ ରକ୍ତର ଧାର ବୋହି ବାରଣ୍ଡା ସାରା ହୋଇଯାଇଥିଲା। ମହିଳାଜଣକ ସ୍ଥାନୀୟ ଲୋକଙ୍କୁ ଜଣାଇବା ପରେ ପୁଲିସକୁ ଖବର ଦିଆଯାଇଥିଲା। ଏସିପି ଅରୁଣ ସ୍ୱାଇଁ, କ୍ୟାଣ୍ଟନମେଣ୍ଟ ଥାନା ଅଧିକାରୀ ଯତୀନ୍ଦ୍ର ସେଠୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଯାଞ୍ଚ ପରେ ଅଶୋକଙ୍କ ବେକରେ ଗଭୀର କ୍ଷତ ଚିହ୍ନ ଥିବା ଦେଖିବାକୁ ମିଳିଥିଲା। କୌଣସି ଏକ ଧାରୁଆ ଅସ୍ତ୍ରରେ ତାଙ୍କର ତଣ୍ଟିକୁ ଅତି ନୃଶଂସ ଭାବେ କାଟି ଦିଆଯାଇଛି। ଏହାବାଦ ତାଙ୍କର ଛାତି, ପିଠି, କାନ୍ଧ ଭଳି ଶରୀରର ବିଭିନ୍ନ ସ୍ଥାନରେ କଟା ଦାଗ ରହିଛି। କିଛି ସମୟ ପରେ ପୁଲିସର ସାଇଣ୍ଟିଫିକ ଟିମ୍ ଏବଂ ଡଗ୍ ସ୍କ୍ୱାର୍ଡ ସେଠାରେ ପହଞ୍ଚିଥିଲା। ଅନୁସନ୍ଧାନୀ କୁକୁର କେବଳ ହୋଟେଲର ଛାତକୁ ଯିବା ସହ ଫେରିଥିଲା। ଏଣୁ ସେଠାରେ ଚଳପ୍ରଚଳ କରୁଥିବା କିଛି ବ୍ୟକ୍ତି ଅଶୋକଙ୍କୁ ହତ୍ୟା କରିଥାଇ ପାରନ୍ତି ବୋଲି ପୁଲିସ ସନ୍ଦେହ କରୁଛି। ଘଟଣା ସ୍ଥଳରୁ କୌଣସି ମାରଣାସ୍ତ୍ର ମିଳିନାହିଁ। ଅନ୍ୟପଟେ ସିଡିଏ ମାର୍କେଟରେ ଏକାଧିକ ସିସିଟିଭି କ୍ୟାମେରା ଲାଗିଥିଲା ବେଳେ ସେଥିରୁ ଅଧିକାଂଶ କାମ କରୁନାହିଁ। ଏଣୁ ପୁଲିସ ନିକଟସ୍ଥ ପେଟ୍ରୋଲ ପମ୍ପ, ହସ୍ପିଟାଲ ଓ ଅନ୍ୟ ବ୍ୟବସାୟିକ ପ୍ରତିଷ୍ଠାନରେ ଲାଗିଥିବା ସିସିଟିଭି ଫୁଟେଜ ସଂଗ୍ରହ କରିଛି। ସେହିପରି ମୃତ ଅଶୋକଙ୍କର କାହା ସହିତ ଶତ୍ରୁତା କିମ୍ବା କଳିଝଗଡା ନଥିବା ସ୍ଥାନୀୟ ଲୋକ କହିଛନ୍ତି। ପ୍ରାୟତଃ ଅଶୋକ କାହା ସହିତ ଅଧିକ ମିଳାମିଶା କରୁନଥିଲେ। ନିଜ କାମ ସାରି ଏକୁଟିଆ ବସୁଥିଲେ ବୋଲି ସ୍ଥାନୀୟ ବ୍ୟବସାୟୀମାନେ ପୁଲିସକୁ ଜଣାଇଛନ୍ତି। ପୁଲିସ ମୃତଦେହକୁ ଜବତ କରି ଏସସିବି ମେଡିକାଲରେ ବ୍ୟବଚ୍ଛେଦ କରାଇଛି।

# ଦୀପୁ-ଓମ ହତ୍ୟା ମାମଲାର ଶୁଣାଣି ଶେଷ

### ୨୬ରେ ଆସିବ ରାୟ

କଟକ,୧୮।୬(ସମିସ): ବହୁଚର୍ଚ୍ଚିତ ଦୀପୁ ଓ ଓମ ହତ୍ୟାକାଣ୍ଡ ମାମଲାର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଛନ୍ତି ଜିଲ୍ଲା ଓ ଦୌରା ଜଜ୍। ଏହି ମାମଲାର ରାୟ ଆସନ୍ତା ୨୬ତାରିଖରେ ପ୍ରକାଶ ପାଇବ ବୋଲି ଅଦାଲତ ଧାର୍ଯ୍ୟ କରିଛନ୍ତି। ମାମଲାରେ ମୁଖ୍ୟ ଅଭିଯୁକ୍ତ ରହିଛନ୍ତି କୁଖ୍ୟାତ ଗ୍ୟାଙ୍ଗଷ୍ଟର ଭ୍ରାତା ସୁଶୀଲ ଧଳସାମନ୍ତ ଓ ସୁଶାନ୍ତ ଧଳସାମନ୍ତ। ମାମଲାରେ ପୂର୍ବରୁ ସମସ୍ତ ସାକ୍ଷ୍ୟ ଗ୍ରହଣ ଶେଷ ହୋଇଥିବା ବେଳେ ଆଜି କଟକସ୍ଥିତ ଜିଲ୍ଲା ଓ ଦୌରା ଜଜ୍‌ଙ୍କ ଅଦାଲତରେ ଯୁକ୍ତି ଉପସ୍ଥାପନ ମଧ୍ୟ ଶେଷ ହୋଇଥିଲା। ଅଦାଲତ ଏହି ମାମଲାର ଶୁଣାଣି ଶେଷ କରିଥିବା ବେଳେ ଆସନ୍ତା ୨୬ ତାରିଖରେ କ'ଣ ରାୟ ଆସୁଛି ତାହା ସ୍ପଷ୍ଟ ହେବ। ସୂଚନାଯୋଗ୍ୟ, ଗ୍ୟାଙ୍ଗଷ୍ଟର ସୁଶାନ୍ତ ଓ ସୁଶୀଲ ଧଳସାମନ୍ତଙ୍କ ପ୍ରମୁଖ ସହଯୋଗୀ ଥିବା ଚାଉଳିଆଗଞ୍ଜ ଥଟାରି ସାହିର ଦୀପୁ ଓରଫ ମନୋଜ ମଲ୍ଲିକ ଓ ଓମ ଓରଫ ଓମପ୍ରକାଶ ସ୍ୱାଇଁଙ୍କୁ ଧଳ ସାମନ୍ତ ଭ୍ରାତା ୨୦୧୩ ମସିହାରେ ଅପହରଣ କରି ନେଇଥିଲେ। ସେମାନଙ୍କ ନିଖୋଜ ନେଇ ୨୦୧୬ ମସିହାରେ ଦୀପୁର ବାପା ଅଦ୍ୱୈତ ମଲ୍ଲିକ ଓ ଓମର ପତ୍ନୀ ମନି ସ୍ୱାଇଁଙ୍କ ଏତଲା ଆଧାରରେ ଚାଉଳିଆଗଞ୍ଜ ପୁଲିସ ମାମଲା ରୁଜୁ କରିଥିଲା। ୨୦୧୬ ଜାନୁଆରୀ ୨୯ ତାରିଖରେ କଟକ ପୁଲିସ ଭୁବନେଶ୍ୱରରୁ ସୁଶାନ୍ତ ଓ ସୁଶୀଲଙ୍କୁ ଗିରଫ କରିଥିଲା। ପରେ ଧଳସାମନ୍ତ ଭ୍ରାତାଙ୍କ ନାମରେ ପୁଲିସ ଚୂଡାନ୍ତ ଚାର୍ଜସିଟ ଦାଖଲ କରିବା ପରେ ଅଦାଲତ ମଧ୍ୟ ଚାର୍ଜଫ୍ରେମ କରି ଶୁଣାଣି କରିଥିଲେ। ଏହି ମାମଲାରେ ପୁଲିସ ଅଧିକାରୀଙ୍କ ସମେତ ଶବ ବ୍ୟବଚ୍ଛେଦ କରିଥିବା ଡାକ୍ତର ଓ ଅନ୍ୟ ମାନେ ସାକ୍ଷ୍ୟ ଦେଇଥିଲେ।

# ବିଡ଼ାନାସୀରୁ ଯୁବକ ନିଖୋଜ

କଟକ,୧୮।୬(ସମିସ): ବିଡାନାସୀ ଚହଟା ଅଞ୍ଚଳରୁ ଜଣେ ଯୁବକ ନିଖୋଜ ହୋଇଯାଇଛନ୍ତି। ଯୁବକ ଜଣକ ହେଲେ ବିକାଶ ବକ୍ସି(୨୨)। ବିକାଶ ଏକ ଘରୋଇ ସଂସ୍ଥାରେ ଚାକିରି କରନ୍ତି। ଗତ ୩୧ ତାରିଖ ମଧ୍ୟାହ୍ନ ସମୟରେ ଘରେ କୌଣସି ଏକ କଥାକୁ ନେଇ ପାଟିତୁଣ୍ଡ ହୋଇଥିଲା। ଏଥିରେ ବିରକ୍ତ ହୋଇ ବିକାଶ ଘରୁ ବାହାରି ଆସି ଆଉ ଫେରିନଥିଲେ। ବହୁ ଖୋଜାଖୋଜି ପରେ କୌଣସି ଠାରେ ସୂଚନା ନପାଇବାରୁ ପରିବାର ଲୋକେ ବିଡାନାସୀ ଥାନାରେ ଏତଲା ଦେଇଛନ୍ତି। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# କବି ନନ୍ଦ କିଶୋର ସାମଲଙ୍କ ଜୟନ୍ତୀ



କଟକ,୧୮।୬(ସମିସ): ବିଶିଷ୍ଟ ସାରସ୍ୱତ ସାଧକ ଶିଶୁ କବି ନନ୍ଦ କିଶୋର ସାମଲଙ୍କ ଜନ୍ମଶତ ବାର୍ଷିକୀ ଜୟନ୍ତୀ ସମାରୋହ କଟକ ମହାନଗର ମହାସଭା ଆନୁକୂଲ୍ୟରେ ପାଳିତ ହୋଇଯାଇଛି। ବାଣୀପୀଠ ଶ୍ରୀ ରାମଚନ୍ଦ୍ର ଭବନଠାରେ ଅନୁଷ୍ଠାନର ସଭାପତି ଡା. ରବି ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଓଡ଼ିଶା ମାନବ ଅଧିକାର ଆୟୋଗର ସଦସ୍ୟ ଅସୀମ ଅମିତାଭ ଦାଶ ଉଦ୍‌ଘାଟନ କରିଥିଲେ। ଡ. ସୁନାମଣୀ ରାଉତ ମୁଖ୍ୟଅତିଥି, ଭାଗବତ ଶୁକ୍ଳ ସମ୍ମାନୀୟ ଅତିଥି, ଡଃ ହୃଷିକେଶ ମହାରଣା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଏହି ଅବସରରେ ଗଜେନ୍ଦ୍ର ପାଣି, ବିଶେଶ୍ୱର ମହାନ୍ତି, ଲକ୍ଷ୍ମୀ ଖମାରୀ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନରସିଂହ ମହାପାତ୍ରଙ୍କ ଅଧ୍ୟକ୍ଷତାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ନମିତା ମହାନ୍ତି, ଡଃ ବସନ୍ତ ମଞ୍ଜରୀ ନନ୍ଦ, ଗୀତାଞ୍ଜଳି ପୃଷ୍ଟି, କଲ୍ୟାଣୀ ନାୟକ ପ୍ରମୁଖ ସହଯୋଗ କରିଥିଲେ। ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ ବ୍ରହ୍ମାନନ୍ଦ ବିଶ୍ୱାଳ। ଅତିଥି ପରିଚୟ ପ୍ରଦାନ କରିଥିଲେ ରାଜୀବ ଷଡ଼ଙ୍ଗୀ ଓ ମାଧବ ମିଶ୍ର ଧନ୍ୟବାଦ ଦେଇଥିଲେ।

# ଡାଇରିଆ ଭୟ; ସ୍ଥିତି ପରଖିଲେ ଅତିରିକ୍ତ ଜିଲ୍ଲାପାଳ

କଟକ,୧୮।୬(ସମିସ): ଡାଇରିଆ ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରଶାସନିକ ଅଧିକାରୀମାନେ ବିଭିନ୍ନ ଅଞ୍ଚଳ ଗସ୍ତ କରୁଛନ୍ତି। ଏହି ପରିସ୍ଥିତି



ଉପରେ ନଜର ରଖାଯିବା ସହ ସଚେତନତା ସୃଷ୍ଟି କରାଯାଉଛି। ଆଜି ଅତିରିକ୍ତ ଜିଲ୍ଲାପାଳ ଡଃ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର ଇମାମନଗର ଅଞ୍ଚଳ ପରିଦର୍ଶନ କରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଡେଙ୍ଗୁ, ଡ଼ାଇରିଆ ଓ ମ୍ୟାଲେରିଆ ଉପରେ ସ୍ଥାନୀୟ ମହିଳା ଓ ପିଲାମାନଙ୍କୁ ସଚେତନ କରାଇଥିଲେ। ଏଥିସହ ସ୍ଥାନୀୟ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରି ସେଠାରେ ଉପଲବ୍ଧ ଥିବା ଔଷଧ ଓ ଶଯ୍ୟା ଆଦି ସମ୍ପର୍କରେ ଅବଗତ ହୋଇଥିଲେ। ବିଶେଷ କରି ୫ବର୍ଷ ବୟସରୁ କମ ବୟସ୍କ ପିଲାମାନଙ୍କୁ ଡାଇରିଆ ହେବାର ଆଶଙ୍କା ଅଧିକ ଥିବାରୁ ସେମାନଙ୍କୁ ସଚେତନ କରାଇବା ଉପରେ ଅତିରିକ୍ତ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ।

# ଡାଇରିଆ ରୋକିବା ନିମନ୍ତେ ସିଏମସିର ଉଚ୍ଚସ୍ତରୀୟ ବୈଠକ



କଟକ,୧୮।୬(ସମିସ): କଟକ ମହାନଗର ନିଗମର ସମ୍ମିଳନୀ କକ୍ଷରେ ମେୟର ସୁବାସ ଚନ୍ଦ୍ର ସିଂହଙ୍କ ଅଧ୍ୟକ୍ଷତାରେ ଡାଇରିଆ ଓ ଝାଡାବାନ୍ତି ନିରାକରଣ ଓ ପ୍ରତିଷେଧକ ପଦକ୍ଷେପ ନିମନ୍ତେ ଏକ ଉଚ୍ଚସ୍ତରୀୟ ବୈଠକ ହୋଇଥିଲା। କଟକ ନିକଟବର୍ତ୍ତୀ ଜିଲ୍ଲା ମାନଙ୍କରେ ଯେପରି ଡାଇରିଆ ଓ ଝାଡ଼ାବାନ୍ତି ବ୍ୟାପିଛି ସେଥିପ୍ରତି ଧ୍ୟାନ ଦେଇ, କଟକ ମହାନଗର ନିଗମ ଅଞ୍ଚଳରେ ଯେପରି ଡାଇରିଆ ଓ ଝାଡାବାନ୍ତି ନ ବ୍ୟାପିବ ସେଥି ନିମନ୍ତେ କି କି ପଦେକ୍ଷପ ନିଆ ଯାଇପାରିବ ସେ ବିଷୟରେ ଆଲୋଚନା ହୋଇଥିଲା। ବିଶେଷ କରି ଶୁଦ୍ଧ ପାନୀୟଜଳ ଯୋଗାଣ, ନର୍ଦ୍ଦମା ଜଳ ନିଷ୍କାସନ, ସ୍ୱଚ୍ଛତା, ରାସ୍ତାକଡ ଓ ଫାଷ୍ଟଫୁଡର ମାନ ନିରୂପଣ କରିବା ସହିତ ସ୍ୱଚ୍ଛତା ପରିମଳ ଉପରେ ବିଶେଷ ଧ୍ୟାନ ଦେବା ସହିତ ବ୍ଲିଚିଂ ପକାଇବର ବ୍ୟବସ୍ଥା କରିବା ପ୍ରଭୃତି ବିଷୟରେ ଆଲୋଚନା ହୋଇଥିଲା। ଏହି ବୈଠକରେ ମେୟର ଶ୍ରୀ ସିଂହଙ୍କ ସହିତ ସିଏମସି ଆୟୁକ୍ତ ଅନାମ ଚରଣ ପାତ୍ର, ଡେପୁଟି ମେୟର ସୁଶ୍ରୀ ଦମୟନ୍ତୀ ମାଝୀ, ସ୍ୱାସ୍ଥ୍ୟ ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷା ଦୀପ୍ତିମୟୀ ମୂଳିଆ, ଅତିରିକ୍ତ ଆୟୁକ୍ତ କଳ୍ପତରୁ ବେହେରା, ଅତିରିକ୍ତ ଆୟୁକ୍ତ ସୋନା ଟୁଡୁ, ନଗର ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର, ଉପଆୟୁକ୍ତ ସ୍ୱାତି ମିଶ୍ର, ସିଏମସିର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ।

## ■ କଟକରେ ପୁଣି ଏକ ନକଲି କମ୍ପାନୀ

# ମିନେରାଲ୍ ୱାଟର ଜାର୍‌ରେ ଟ୍ୟାପ୍ ପାଣି

କଟକ,୧୮।୬(ସମିସ): ଟ୍ୟାପ ପାଣିକୁ ମିନେରାଲ ୱାଟର ଜାର୍‌ରେ ଭର୍ତ୍ତି କରି ବିକ୍ରି କରୁଥିବା ଦୁଇ କମ୍ପାନୀ ଉପରେ ଆଜି ଚଢ଼ଉ ହୋଇଛି। କଟକ ମହାନଗର ନିଗମ(ସିଏମସି) ସ୍ୱାସ୍ଥ୍ୟ ବିଭାଗ ଏବଂ ଖାଦ୍ୟ ସୁରକ୍ଷା ବିଭାଗର ମିଳିତ

### ଶଙ୍କରପୁର ଅଞ୍ଚଳରେ ଦୁଇ କମ୍ପାନୀ ଉପରେ ଚଢ଼ଉ

ଭାବେ ଚଢ଼ଉ କରି ଶଙ୍କରପୁର ଅଞ୍ଚଳର ଉକ୍ତ ଦୁଇ କମ୍ପାନୀକୁ ସିଲ୍ କରିଛି। ବିନା ଲାଇସେନ୍ସରେ କମ୍ପାନୀ ଚାଲିଥିଲା। ଏପରିକି ଆଉ ଫିଲ୍ଟର ମଧ୍ୟ ଏଠାରେ ବ୍ୟବହାର କରାଯାଉ ନ ଥିଲା। ଟ୍ୟାପରୁ ପାଣି କାଢ଼ି ଏହାକୁ ଜାର୍‌ରେ ଭର୍ତ୍ତି କରି ବଜାରରେ ମହଙ୍ଗା ଦରରେ ବିକ୍ରି ହେଉଥିଲା। ଚଢ଼ଉ ବେଳେ ଶତାଧିକ ପାଣି ଜାର୍ ଜବତ ହୋଇଛି।

କଟକରେ ପୂର୍ବରୁ ବିଭିନ୍ନ ନକଲି କମ୍ପାନୀ ଠାବ ହେବା ପରେ ଏବେ ନକଲି ବିଶୁଦ୍ଧ ପାଣି ପ୍ରସ୍ତୁତ କମ୍ପାନୀ ଧରାପଡିଛି। ଶଙ୍କରପୁର ଦାସ ସାହି ଅଞ୍ଚଳରେ ଦୀର୍ଘଦିନ ଧରି ଦୁଇଟି ଯାକ କମ୍ପାନୀ ଚାଲିଥିଲା।



ବିଶୁଦ୍ଧ ପାଣି ଜାରକୁ ବଜାରରେ ବିକ୍ରି କରାଯାଉଥିଲା। ସ୍ଥାନୀୟ ଅଞ୍ଚଳର ଅନେକ ଯୁବପିଢ଼ି ଏବଂ ବ୍ୟବସାୟୀ ସେମାନଙ୍କ ଗ୍ରାହକ ଥିଲେ। ସମ୍ପ୍ରତି ସାରା ରାଜ୍ୟରେ ହଇଜା ବ୍ୟାପିଛି। ପ୍ରାୟତଃ ପାଣି ସଂକ୍ରମଣ ଯୋଗୁଁ ଲୋକେ ହଇଜାରେ ପୀଡ଼ିତ ହୋଇ ପ୍ରାଣ ହରାଉଛନ୍ତି। ଏଭଳି ପରିସ୍ଥିତିରେ କଟକରେ ଟ୍ୟାପ ପାଣିକୁ ବିଶୁଦ୍ଧା ନାଁ ଦେଇ ବିକ୍ରି କରାଯିବା ଭଳି ଘଟଣା ସାମ୍ନାକୁ ଆସିଛି।

# କଟକରେ ରଥଯାତ୍ରା ପାଇଁ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି

### ଡାଇରିଆ ପାଇଁ ବିଶୁଦ୍ଧ ପାନୀୟ ଜଳ ଯୋଗାଣକୁ ଗୁରୁତ୍ୱ

କଟକ,୧୮।୬(ସମିସ): ଚଳିତ ବର୍ଷ କଟକ ଜିଲ୍ଲାର ବିଭିନ୍ନ ସ୍ଥାନରେ ହେଉଥିବା ରଥଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହ ପରିଚାଳନା କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଡାଇରିଆ ପରିସ୍ଥିତିକୁ ଦୃଷ୍ଟିରେ ରଖି ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ଖାଦ୍ୟ ଷ୍ଟଲ ଗୁଡିକର ଯାଞ୍ଚ ଆଦି ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି। ରଥର ସୁରକ୍ଷା ପାଇଁ ଏହାର ସୁରକ୍ଷା ପ୍ରମାଣପତ୍ର, ରଥ ପଥଗୁଡିକରୁ ବିଦ୍ୟୁତ ତାର ଅପସାରଣ ଏବଂ ଏଥିପାଇଁ ଟିପିସିଓଡିଏଲ ଠାରୁ ସୁରକ୍ଷା ପ୍ରମାଣପତ୍ର, ଓଡ୍ରାଫ ଓ ଏନଡିଆରଏଫ ମୁତୟନ କରିବାକୁ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ନିର୍ଦ୍ଦେଶ ଦେଇଛନ୍ତି। ଚଳିତ ବର୍ଷ କଟକରେ ରଥଯାତ୍ରା ପାଳନ ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସୂଚନା ଓ ଲୋକସଂପର୍କ କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ପ୍ରସ୍ତୁତି ବୈଠକରେ ଜିଲ୍ଲାପାଳ ଦତ୍ତାତ୍ରୟ ଭଉସାହେବ ଶିନ୍ଦେ ଅଧ୍ୟକ୍ଷତା କରି ଏହି ନିର୍ଦ୍ଦେଶ ଦେଇଛନ୍ତି। ସହରରେ ହରିପୁର-



ଦୋଳମୁଣ୍ଡାଇ ଏବଂ ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିର, ରାଣୀହାଟସ୍ଥିତ ବଳଦେବଜୀଉ ମନ୍ଦିର, ତୁଳସୀପୁର, ପିଠାପୁର, ଯୋବ୍ରା ଆଦି ସ୍ଥାନମାନଙ୍କରେ ପରମ୍ପରା ଅନୁଯାୟୀ ଶ୍ରୀଜୀଉମାନଙ୍କ ରଥଯାତ୍ରା ଅନୁଷ୍ଠିତ ହେବ। ବୈଠକରେ ଯୋଗଦେଇ କଟକ ମହାନଗର ପୂଜା କମିଟିର ସାଧାରଣ ସଂପାଦକ ତଥା ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ନିଷ୍ଠାର ସହିତ ସମନ୍ୱୟ ରକ୍ଷାପୂର୍ବକ ଅନୁପାଳନ କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ, ଅତିରିକ୍ତ ଜିଲ୍ଲାପାଳ ଡଃ ଦିବ୍ୟଲୋଚନ ମହନ୍ତ, ଅତିରିକ୍ତ ଜିଲ୍ଲାପାଳ ଡଃ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଉପ ଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ ପ୍ରମୁଖ ବୈଠକରେ ନିଜ ନିଜର ସୁଚିନ୍ତିତ ମତାମତ ପ୍ରକାଶ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ, ଭିକାରି ଦାସ, ଦିଲ୍ଲୀପ କୁମାର ପ୍ରଧାନ, ବିଜୟ କୁମାର ସାହୁ, ହରେକୃଷ୍ଣ ପ୍ରଧାନ ପ୍ରଫୁଲ୍ଲ କୁମାର ବେହେରା, ସରୋଜ କୁମାର ଜେନା, ଅମ୍ବିକା ପ୍ରସାଦ ସାମଲ ପ୍ରମୁଖ ବିଭିନ୍ନ ରଥଯାତ୍ରା କମିଟି କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଅସିତ ଓଡ଼ିଶା ପୁଲିସ ଆସୋସିଏସନର ସଭାପତି

କଟକ,୧୮।୬(ସମିସ): ଓଡ଼ିଶା ପୁଲିସ ଆସୋସିଏସନର ସଭାପତି ଭାବେ ଅସିତ ରଞ୍ଜନ ଜେନା ନିର୍ବାଚିତ ହୋଇଛନ୍ତି। ନିକଟତମ ପ୍ରତିଦ୍ୱନ୍ଦୀଙ୍କୁ ବୃହତ୍ତ ଭୋଟ ବ୍ୟବଧାନରେ ଅସିତ ପରାସ୍ତ କରିଛନ୍ତି। ମୋଟ୍ ୫ହଜାର ୬୬୭ ମତଦାନ ହୋଇଥିଲା। ଏଥିରେ ଅସିତ ୪ହଜାର ୧୧୮ ଖଣ୍ଡ ଭୋଟ ପାଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ପ୍ରେମ କୁମାର ଜେନା ୮୬୮ ଖଣ୍ଡ ଏବଂ ଜେକେଏସ୍ ସିଂହ ୬୭୧ ଖଣ୍ଡ ଭୋଟ ପାଇଥିଲେ। ୧୦ଖଣ୍ଡ ଭୋଟ ନାକଚ ହୋଇଥିଲା। ପ୍ରକାଶଯୋଗ୍ୟ, ଆସୋସିଏସନର ସମସ୍ତ ପଦ ପୂର୍ବରୁ ପୂରଣ ହୋଇଥିବା ବେଳେ କେବଳ ସଭାପତି ପଦ ନିମନ୍ତେ ନିର୍ବାଚନ କରାଯାଇଥିଲା।



# ଆହୁରି ବିଳମ୍ବିତ ହେବ ଶିଶୁଭବନ ନୂତନ କୋଠା ପୂର୍ଣ୍ଣ କାର୍ଯ୍ୟକ୍ଷମ

### ସେପ୍ଟେମ୍ବରରୁ ଆରମ୍ଭ ହେବ ଡ୍ରେନେଜ ପ୍ରକଳ୍ପ କାମ ● ହାଇକୋର୍ଟଙ୍କୁ ଅବଗତ କଲା ସିଏମସି

କଟକ,୧୮।୬(ସମିସ):

କଟକସ୍ଥିତ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ସ୍ନାତକୋତ୍ତର ଶିଶୁ ଚିକିତ୍ସା ପ୍ରତିଷ୍ଠାନ(ଶିଶୁଭବନ)ର ନୂତନ ୭ମହଲା ବିଶିଷ୍ଟ କୋଠା ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଗୋଟିଏ ପଟରେ ଡ୍ରେନେଜ ବ୍ୟବସ୍ଥା ହୋଇପାରୁନଥିବାରୁ ଏହି କୋଠା କାର୍ଯ୍ୟକ୍ଷମ ବିଳମ୍ବିତ ହୋଇଛି। ଆବଶ୍ୟକ ଡ୍ରେନେଜ ପ୍ରକଳ୍ପ କାମ ନିର୍ଦ୍ଧାରିତ ସମୟରେ ଆରମ୍ଭ ହୋଇନଥିବା ବେଳେ ଆସନ୍ତା ସେପ୍ଟେମ୍ବର ପହିଲାରୁ କାମ ଆରମ୍ଭ ହେବ ବୋଲି କଟକ ମହାନଗର ନିଗମ(ସିଏମସି) ପକ୍ଷରୁ ହାଇକୋର୍ଟଙ୍କୁ ଅବଗତ କରାଯାଇଛି। ଆଜି ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଶିଶୁଭବନ ସମ୍ପର୍କିତ ଜନସ୍ୱାର୍ଥ ମାମଲାର ଶୁଣାଣି କରିଥିଲେ। ଶିଶୁଭବନ ଡ୍ରେନେଜ କାର୍ଯ୍ୟ ଯଥାସମ୍ଭବ କମ ସମୟ ମଧ୍ୟରେ ଶେଷ କରିବା ତଥା କାମକୁ ତ୍ୱରାନ୍ୱିତ କରିବା ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ସିଏମସିକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। କେବଳ ତଳ ମହଲାରେ ପ୍ରଶାସନିକ ବ୍ଲକ ସ୍ଥାନାନ୍ତର ହୋଇଥିବା ବେଳେ ଡ୍ରେନେଜ ସୁବିଧା କରାଯାଇନଥିବାରୁ ଅନ୍ୟ ମହଲା ଗୁଡିକକୁ ବିଭିନ୍ନ ବିଭାଗ,ଓଟି,ଆଉଟଡୋର ଆଦି ସ୍ଥାନାନ୍ତର ସମ୍ଭବ ହେଉନଥିବା ନେଇ ହାଇକୋର୍ଟ ପୂର୍ବରୁ ଅସନ୍ତୋଷ ଜାହିର କରିଥିଲେ। ଏହି ପ୍ରକଳ୍ପର ବୈଷୟିକ ମଞ୍ଜୁରୀ ବିଳମ୍ବ ହେତୁ ନିର୍ଦ୍ଧାରିତ ସମୟ ତଥା ଗତ ଏପ୍ରିଲ ୨୫ସୁଦ୍ଧା ଟେଣ୍ଡର ପ୍ରକ୍ରିୟା କରାଯାଇପାରିନଥିଲା। ତେବେ ଗତ ୧୬ତାରିଖରେ ଏହି ଟେଣ୍ଡର ଆହ୍ୱାନ କରାଯାଇଛି। ଅଗଷ୍ଟ ୨୮ ତାରିଖ ପୂର୍ବରୁ ଏହି ପ୍ରକଳ୍ପ କାମ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରିବ ସିଏମସି। ସେହିଭଳି ଆସନ୍ତା ସେପ୍ଟେମ୍ବର ପହିଲାରୁ କାମ ଆରମ୍ଭ ହୋଇଯିବ ଏବଂ ୨୦୨୬ ସେପ୍ଟେମ୍ବର ଶେଷ ସୁଦ୍ଧା ଏହି କାମ ସରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ସିଏମସି ଅତିରିକ୍ତ କମିସନର ଓ ସିଟି ଇଞ୍ଜିନିୟର ଭର୍ଚୁଆଲରେ ଉପସ୍ଥିତ ରହି ଏ ସମ୍ପର୍କରେ ଅଦାଲତଙ୍କୁ ଅବଗତ କରିବା ସହ ଏକ ରିପୋର୍ଟ ଦାଖଲ କରିଛନ୍ତି। ଏହି ପ୍ରକଳ୍ପ ବାବଦ ପ୍ରାୟ ୮କୋଟି ଟଙ୍କା ମଞ୍ଜୁର ହୋଇଛି। ଏହି ଅର୍ଥରାଶିକୁ ପୂର୍ତ୍ତ ବିଭାଗ ପକ୍ଷରୁ କାର୍ଯ୍ୟ ସମ୍ପାଦନ ପାଇଁ ସିଏମସିକୁ ହସ୍ତାନ୍ତର କରାଯାଇଛି। ଏହି ପ୍ରକଳ୍ପ ଶେଷ ନହେବା ପର୍ଯ୍ୟନ୍ତ ଶିଶୁ ଭବନ ନୂତନ କୋଠାକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଯାଇପାରିବ ନାହିଁ ବୋଲି ଜଣାପଡିଛି। ଗୁରୁତ୍ୱପୂର୍ଣ୍ଣ ଏହିକି ଯେ ଶିଶୁଭବନର ନୂତନ କୋଠା ନିର୍ମାଣ ସାଢେ ତିନି ବର୍ଷ ଧରି ଶେଷ ହୋଇଥିଲେ ସୁଦ୍ଧା ଏହା କାର୍ଯ୍ୟକ୍ଷମ ହୋଇନାହିଁ ବୋଲି ଆବେଦନକାରୀ ଅଭିଯୋଗ କରିଥିଲେ। ଆସନ୍ତା ସେପ୍ଟେମ୍ବର ୩ରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଖଣ୍ଡପୀଠ ଧାର୍ଯ୍ୟ କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଅଜୟ ମହାନ୍ତି ଓ ଅରୁଣ କୁମାର ବୁଦ୍ଧିଆ ମାମଲା ପରିଚାଳନା କରୁଛନ୍ତି।

### ଶିଶୁଭବନରେ ଅବ୍ୟବସ୍ଥା

## ବର୍ଷେ ହେଲାଣି ସ୍ଥିତୋସ୍କୋପ ମେସିନ ଅଚଳ

କଟକ,୧୮।୬(ସମିସ): ଶିଶୁଭବନ ଶଲ୍ୟ ବିଭାଗରେ ଉପଯୁକ୍ତ ଚିକିତ୍ସା ମିଳୁନାହିଁ। ଗତ ଏକବର୍ଷ ହେବ ବିଭାଗରେ ଥିବା ଅତ୍ୟାଧୁନିକ ସ୍ଥିତୋସ୍କୋପ ମେସିନ ଅଚଳ ହୋଇପଡ଼ିଛି। ଯଦ୍ୱାରା ଶିଶୁରୋଗୀଙ୍କ ଅସ୍ତ୍ରୋପଚାରରେ ସମସ୍ୟା ହେଉଛି। ମୟୂରଭଞ୍ଜ ମୋରଡ଼ା ଅଞ୍ଚଳର ତୁଳସୀ ହେମ୍ବ୍ରମ ଏହି ଅଭିଯୋଗ ଆଣିଛନ୍ତି। ମେସିନର ଅଚଳାବସ୍ଥା ଯୋଗୁଁ ତାଙ୍କ ଶିଶୁର ଗୋଟିଏ ଥର ବଦଳରେ ତିନିଥର ଅସ୍ତ୍ରୋପଚାର କରାଯିବ ବୋଲି ଡାକ୍ତର କହିଛନ୍ତି। ଏ ବାବଦରେ ଅଧୀକ୍ଷକ ପ୍ରଫେସର ଡା. ପ୍ରଭାକର ମିଶ୍ରଙ୍କୁ ପଚାରିବାରୁ କୌଣସି ପ୍ରତିକ୍ରିୟା ଦେବାକୁ ମନା କରି ଦେଇଥିଲେ। ପ୍ରକାଶଯୋଗ୍ୟ, ଲାପ୍ରୋସ୍କୋପି ଭଳି ସ୍ଥିତୋସ୍କୋପ ମଧ୍ୟ ଶଲ୍ୟ ଚିକିତ୍ସାରେ ବ୍ୟବହୃତ ହେଉଥିବା ଉପକରଣ। ଏହି ଯନ୍ତ୍ରାଂଶ ଶିଶୁଭବନରେ ଥାଇ ମଧ୍ୟ କାର୍ଯ୍ୟରେ ଲାଗିପାରୁନି। ଗତ ମାସ ୧୭ ତାରିଖରେ ମୟୂରଭଞ୍ଜ ଜିଲାର ତୁଳସୀ ହେମ୍ବ୍ରମ ଦୁଇ ସପ୍ତାହର ନବଜାତ ଶିଶୁପୁତ୍ରକୁ ଚିକିତ୍ସା ପାଇଁ ଶିଶୁଭବନ ନେଇ ଆସିଥିଲେ। ଶିଶୁଟିର ପରିସ୍ରା ନଳୀରେ ସମସ୍ୟା ରହିଛି। ଶଲ୍ୟ ବିଭାଗରେ ଶିଶୁପୁତ୍ରଟିର ଚଳିତ ମାସ ୬ ତାରିଖରେ ଅସ୍ତ୍ରୋପଚାର କରାଯାଇଥିଲା। ହେଲେ ଏହି ସ୍ଥିତୋସ୍କୋପ ଯନ୍ତ୍ରାଂଶ ନଥିବାରୁ ଶିଶୁଟିର ଏକ ବର୍ଷ ମଧ୍ୟରେ ତିନିଥର ଅସ୍ତ୍ରୋପଚାର କରାଯିବ ଏବଂ ତା ପରେ ଶିଶୁଟି ସାଧାରଣ ପିଲାଙ୍କ ପରି ପରିସ୍ରା କରି ପାରିବ ବୋଲି ଡାକ୍ତର କହିଛନ୍ତି।

## ଗୋପାଳପୁର ବେଳାଭୂମିରେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣା

# କ୍ରାଇମ୍ ସ୍ପଟ୍‌ରୁ କ୍ରାଇମବ୍ରାଞ୍ଚ୍‌ର ଛାନ୍‌ଭିନ ଆରମ୍ଭ



- କୋର୍ଟ ନିକଟରେ ଅଭିଯୁକ୍ତଙ୍କୁ ଜେରା
- ସ୍ୱତନ୍ତ୍ର ଗାଡ଼ି ଯୋଗେ ବେଳାଭୂମିରେ ପାଟ୍ରୋଲିଂ ଆରମ୍ଭ
- ଦୋଷୀଙ୍କୁ ଦଣ୍ଡ ଓ ନାରୀଙ୍କୁ ସୁରକ୍ଷା ଦାବିରେ ଏସ୍‌ପିଙ୍କୁ ଭେଟିଲା କଂଗ୍ରେସ ଓ ବିଭିନ୍ନ ମହିଳା ସଙ୍ଗଠନ
- ମନ୍ତ୍ରୀଙ୍କ ତାଳିପକା କାର୍ଯ୍ୟକ୍ରମକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା; ସାମ୍ବାଦିକଙ୍କୁ ସାମ୍ନା କରିବାକୁ ପଛଘୁଞ୍ଚା

ବ୍ରହ୍ମପୁର,୧୮।୬(ସମିସ): ଗୋପାଳପୁର ବେଳାଭୂମିରେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣାରେ କ୍ରାଇମବ୍ରାଞ୍ଚ ତଦନ୍ତ ଆରମ୍ଭ ହୋଇଛି। ଆଇଜି ଏସ୍. ସାଇନିଙ୍କ ନେତୃତ୍ୱରେ ଆସିଥିବା ୫ ଜଣିଆ କ୍ରାଇମବ୍ରାଞ୍ଚ୍ ଟିମ ଗତ ରାତିରେ କୋର୍ଟ ନିକଟରେ ଗିରଫ ୬ଜଣ ଅଭିଯୁକ୍ତଙ୍କୁ ମାରାଥନ ଜେରା କରିଥିଲେ। ସେପଟେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଥିବା ଜଣାପଡିଛି। ବୁଧବାର ପୂର୍ବାହ୍ନରେ ଏହି ଟିମ୍ କ୍ରାଇମ ସ୍ପଟକୁ ଯାଇ ଛାନଭିନ କରିଥିଲା। ବୁଧବାର ସନ୍ଧ୍ୟାରେ କ୍ରାଇମ୍‌ବ୍ରାଞ୍ଚର ପୁଣି ୩ ଜଣିଆ ଆଉ ଏକ ଟିମ ଗୋପାଳପୁରରେ ପହଁଞ୍ଚିଥିବା ସୂଚନା ମିଳିଛି। ସେହିପରି ଘଟଣାର ଦୀର୍ଘ ୩ଦିନ ପରେ ସ୍ଥାନୀୟ ବିଧାୟକ ତଥା ଖଣି, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ସମ୍ପୃକ୍ତ ସ୍ଥାନରୁ ତୁରନ୍ତ କ୍ୟାବିନ ଉଚ୍ଛେଦ କରିବା ସହ ବେଳାଭୂମିରେ ଆଲୋକୀକରଣ ଉପରେ ଗୁରୁତ୍ୱ ଦେଇଛନ୍ତି। ଘଟଣାକୁ ଦୃଢ଼ ନିନ୍ଦା କରିବା ସହ ଦୁଷ୍କର୍ମକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହିତ ବେଳାଭୂମିର ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବୁଧବାର ସକାଳେ କ୍ରାଇମ ସ୍ପଟକୁ ଯାଇ ସ୍ଥିତି ଅନୁଧ୍ୟାନ କରିବା ସହ ସେ ସମ୍ପର୍କିତ ତଥ୍ୟ ଟାଉନ୍ ଏସ୍‌ଡିପିଓଙ୍କ ଠାରୁ ସଂଗ୍ରହ କରିଛି ଟିମ୍। ମନ୍ତ୍ରୀଙ୍କ ଗସ୍ତ ସମୟରେ ବ୍ରହ୍ମପୁର ଏସ୍‌ପି ଡ଼ା ସର୍ବଣା ବିବେକ ଏମ, ବ୍ରହ୍ମପୁର ଉପ ଜିଲ୍ଲାପାଳ ଦୀନା ଦସ୍ତାଗୀର ଓ କନିଷ୍ଠ ତହସିଲଦାରଙ୍କ ସମେତ ଜିଲ୍ଲା ପ୍ରଶାସନର ଅନ୍ୟ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ସମୁଦ୍ର ବେଳାଭୂମିରେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ଏହାକୁ ରାଜ୍ୟ ସରକାର ଗୁରୁତର ସହ ନେଇଥିବା କହିଛନ୍ତି ମନ୍ତ୍ରୀ ଶ୍ରୀ ଜେନା। ସେପଟେ ଗଣଦୁଷ୍କର୍ମ ଭଳି ସମ୍ବେଦନଶୀଳ ଘଟଣା ପରେ ଗତ ସନ୍ଧ୍ୟାରୁ ଗୋପାଳପୁର ଥାନାକୁ ଆସିଥିବା ସ୍ୱତନ୍ତ୍ର ଗାଡ଼ି ଯୋଗେ ସମୁଦ୍ର ବେଳାଭୂମିରେ ପେଟ୍ରୋଲିଂକୁ ତ୍ୱରାନ୍ୱିତ କରାଯାଇଛି।

ଏଭଳି ଘଟଣା ଗୋପାଳପୁର ପାଇଁ ଏକ ନିନ୍ଦା ଓ ଅପବାଦ ଆଣିଦେଇଛି। ଗୋପାଳପୁର ସମୁଦ୍ର ବେଳାଭୂମି ଦେଶର ଏକ ଶାନ୍ତ ବେଳାଭୂମି ମଧ୍ୟରୁ ଅନ୍ୟତମ ହୋଇଥିବା ବେଳେ ରବିବାର ସହ ଛୁଟି ଦିନରେ ପର୍ଯ୍ୟଟକଙ୍କ ପ୍ରବଳ ଭିଡ଼ ଜମିଥାଏ। ଏହି ଗଣଦୁଷ୍କର୍ମ ଘଟଣାକୁ ନେଇ ପର୍ଯ୍ୟଟନ କ୍ଷେତ୍ରରେ କୁପ୍ରଭାବ ପଡିବାର ଆଶଙ୍କା ରହିଛି। ତେଣୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବା ସହ ଆଲୋକିକରଣ ବ୍ୟବସ୍ଥାକୁ ତୁରନ୍ତ ବ୍ୟବସ୍ଥିତ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ● ମନ୍ତ୍ରୀଙ୍କ ତାଳିପକା କାର୍ଯ୍ୟକ୍ରମକୁ ନେଇ ଚର୍ଚ୍ଚା

## ସାମ୍ବାଦିକ ସମ୍ମିଳନୀ ଡାକିଲେ, ବାତିଲ କଲେ

ରାଜ୍ୟ ପରିବହନ ଓ ଖଣି ମନ୍ତ୍ରୀଙ୍କ ପାଇଁ ଅଡୁଆ ବଢ଼ାଇଛି ଗୋପାଳପୁର ଗଣଦୁଷ୍କର୍ମ ଘଟଣା। ଘଟଣାର ୩ ଦିନ ପରେ ଅଞ୍ଚଳ ପରିଦର୍ଶନ କରିଛନ୍ତି ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ। ନିଜ ନିର୍ବାଚନ ମଣ୍ଡଳୀରେ ମାସକ ମଧ୍ୟରେ ଦୁଇ ଦୁଇଟି ଗଣଦୁଷ୍କର୍ମ ଭଳି ଘଟଣା ଘଟିଥିବା ବେଳେ ପ୍ରଥମ ଘଟଣାରେ ମନ୍ତ୍ରୀ ମୁହଁ ଖୋଲିନଥିଲେ କିମ୍ବା ନିଜ ଅଞ୍ଚଳର ଦୁଇ ପୀଡ଼ିତାଙ୍କୁ ଅଥବା ସେମାନଙ୍କ ପରିବାରକୁ ଭେଟିବାକୁ ମଧ୍ୟ ଯାଇନଥିବା ସମସ୍ତଙ୍କୁ ଚକିତ କରିଛି। ଏଭଳି ପରିସ୍ଥିତିରେ ପୂର୍ବରୁ ଗଞ୍ଜାମ ଜିଲ୍ଲାର ସାନଖେମୁଣ୍ଡି ବ୍ଲକ ଅନ୍ତର୍ଗତ ଖଲିଙ୍ଗିରେ ହୋଇଥିବା ନାବାଳିକା ଦୁଷ୍କର୍ମ ଘଟଣାରେ କିନ୍ତୁ ମନ୍ତ୍ରୀ ବିଭୂତି ଜେନା ନିଜେ ଖଲିଙ୍ଗି ଯାଇ ପୀଡ଼ିତାଙ୍କ ପରିବାରକୁ ଭେଟିଥିଲେ। ରବିବାର ସନ୍ଧ୍ୟାରେ ଗୋପାଳପୁରରେ ଘଟଣା ଘଟିଥିବା ବେଳେ ବୁଧବାର ମନ୍ତ୍ରୀ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ସବୁଠାରୁ ବଡ଼କଥା ହେଲା ଘଟଣାସ୍ଥଳ ପରିଦର୍ଶନ ପରେ ଗଣମାଧ୍ୟମକୁ ବିବୃତି ଦେବା ପାଇଁ ଦଳ ପକ୍ଷରୁ ବ୍ରହ୍ମପୁରଠାରେ ସ୍ୱତନ୍ତ୍ର ସର୍କିଟ ହାଉସ୍‌ରେ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇଥିଲା। ସାଢେ ୧୧ଟାରେ ଥିବା ସାମ୍ବାଦିକ ସମ୍ମିଳନୀକୁ ସହରର ସମସ୍ତ ସାମ୍ବାଦିକ ନିର୍ଦ୍ଧାରିତ ସମୟରେ ଆସି ଦେଢଘଣ୍ଟା ପର୍ଯ୍ୟନ୍ତ ଅର୍ଥାତ୍ ସାଢେ ୧୨ଟା ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ। ହେଲେ ନିର୍ଦ୍ଧାରିତ ସମୟ ଠାରୁ ଦେଢଘଣ୍ଟା ବିଳମ୍ବରେ ସର୍କିଟ ହାଉସରେ ପହଁଞ୍ଚିଥିବା ଖଣି ମନ୍ତ୍ରୀ କିନ୍ତୁ ସାମ୍ବାଦିକ ସମ୍ମିଳନୀକୁ ହଠାତ ବାତିଲ କରିଦେଇଥିଲେ। ସାମ୍ବାଦିକଙ୍କ ପ୍ରଶ୍ନବାଣର ସମ୍ମୁଖୀନ ପରିବର୍ତ୍ତେ ସର୍କିଟ ହାଉସ ପରିସରରେ ଠିଆ ଠିଆ କିଛି ପ୍ରଶ୍ନର ଉତ୍ତର ଦେଇ ତରବରିଆ ଭାବେ ଚାଲିଯାଇଥିଲେ। ପରେ ଜିଲ୍ଲାର ବିଧାୟକମାନଙ୍କ ସହିତ ସେଠାରେ ରୁଦ୍ଧଦ୍ୱାର ବୈଠକ କରି ୨୦ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ଭୁବନେଶ୍ୱର ଗସ୍ତ ଓ ୨୩ ରେ ମୁଖ୍ୟମନ୍ତ୍ରୀଙ୍କ ପ୍ରସ୍ତାବିତ ହିଞ୍ଜିଳି ଗସ୍ତକୁ ଦୃଷ୍ଟିରେ ରଖି ପ୍ରସ୍ତୁତି ବୈଠକ କରାଯାଇଥିବା ଜଣାପଡିଛି।

## ● ଏସ୍‌ପିଙ୍କୁ ଭେଟିଲା କଂଗ୍ରେସ, ବାମପନ୍ଥୀ ଦଳ ଓ ବହୁ ମହିଳା ସଂଗଠନ

# ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିକଲେ ବାମପନ୍ଥୀ

ଗୋପାଳପୁର ସମୁଦ୍ର ବେଳାଭୂମିରେ ଘଟିଥିବା ଗଣଦୁଷ୍କର୍ମ ଘଟଣାକୁ ବିଭିନ୍ନ ମହଲରେ ତୀବ୍ର ନିନ୍ଦା କରାଯାଇଛି। ଗଞ୍ଜାମ ଜିଲ୍ଲା କଂଗ୍ରେସର ଏକ ପ୍ରତିନିଧି ଦଳ ବ୍ରହ୍ମପୁର ଏସ୍‌ପିଙ୍କ ସହିତ ସାକ୍ଷାତ ଆଲୋଚନା କରିଛନ୍ତି। ଗୋପାଳପୁର ନିର୍ବାଚନ ମଣ୍ଡଳୀରେ ଏକ ମାସ ମଧ୍ୟରେ ଦୁଇ ଦୁଇଟି ଗଣଦୁଷ୍କର୍ମ ଘଟଣା ଘଟିଲାଣି। ନିୟମିତ ବ୍ୟବଧାନରେ ବିଭିନ୍ନ ଥାନା ଇଲାକାରେ ଅପରାଧ ସଂଗଠିତ ହେଉଛି। ଏଣୁ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିବା ଦର୍ଶାଇ ଏହାର ପ୍ରତିକାର ଦାବି କରିଥିଲେ। ବିଜେପି ସରକାର ଅମଳରେ ଦୁର୍ବୃତ୍ତମାନେ ଏଭଳି ଘଟଣା ଭିଆଇବାକୁ ସାହାସ କରୁଥିବା ଅଭିଯୋଗ କରିଛନ୍ତି। ପୁଲିସର ଢିଲା ପାଟ୍ରୋଲିଂ ଯୋଗୁ ଅପରାଧୀ ସକ୍ରିୟ ହୋଇ ଗୋଟିଏ ପରେ ଗୋଟିଏ ଅପରାଧ ଘଟାଉଛନ୍ତି। ଅପରାଧ ନିୟନ୍ତ୍ରଣ ପାଇଁ ପାଟ୍ରୋଲିଂକୁ କଡ଼ାକଡ଼ି କରିବା ସହିତ ଅପରାଧିଙ୍କୁ ଦମନ କରିବା ନେଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛି କଂଗ୍ରେସ। ଏଥି ସହିତ ଗଣଦୁଷ୍କର୍ମ ପୀଡିତାଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ମଧ୍ୟ ଦାବି କରିଛି। ଗଣଦୁଷ୍କର୍ମ ଘଟଣାରେ ସମ୍ପୃକ୍ତ ସମସ୍ତ ଦୋଷୀଙ୍କୁ କଠୋର ଦଣ୍ଡ ସହ ରାଜ୍ୟରେ ମହିଳାଙ୍କ ସୁରକ୍ଷା ସୁନିଶ୍ଚିତ ଦାବି କରିଛି କଂଗ୍ରେସ। ଏସ୍‌ପିଙ୍କୁ ସାକ୍ଷାତ ବେଳେ ଗଞ୍ଜାମ ଜିଲ୍ଲା କଂଗ୍ରେସ (ପୂର୍ବ) ସଭାପତି ଦୀପକ ପଟ୍ଟନାୟକ, ବରିଷ୍ଠ କଂଗ୍ରେସ ନେତା ତଥା ଓଡିଶା ପ୍ରଦେଶ କଂଗ୍ରେସ କମିଟିର ସମ୍ପାଦକ ସାକା ସୁଜିତ କୁମାର, ଗୋପାଳପୁର ବିଧାୟକ ପାର୍ଥ ଶ୍ୟାମ ସୁନ୍ଦର ସାହୁ, ଗଞ୍ଜାମ ଜିଲ୍ଲା ଛାତ୍ର କଂଗ୍ରେସ ଆବାହକ ରୁଦ୍ର ପ୍ରସାଦ ଖଟୁଆ, ବରିଷ୍ଠ କଂଗ୍ରେସ ନେତା ଶମ୍ଭୁ ପାଣିଗ୍ରାହୀ, ହିଞ୍ଜିଳି ନେତା ନିରଞ୍ଜନ ପାଣିଗ୍ରାହୀ, ରଜନୀକାନ୍ତ ପାଢୀ, ମହିଳା ନେତ୍ରୀଙ୍କ ସମେତ ବହୁ ମହିଳା କଂଗ୍ରେସ କର୍ମୀ ଓ ନେତୃବୃନ୍ଦ ଉପସ୍ଥିତ ଥିଲେ।



ସେହିଭଳି ଗୋପାଳପୁର ଗଣଦୁଷ୍କର୍ମ ସହିତ ରାଜ୍ୟରେ ଦିନକୁ ଦିନ ବୃଦ୍ଧି ପାଉଥିବା ନାରୀ ନିର୍ଯାତନା ଓ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପ୍ରତିବାଦରେ ଉତ୍କଳ ମହିଳା ସମିତି, ଅଖିଳ ଭାରତ ଯୁବ ସଂଗଠନ ଓ ଅଖିଳ ଭାରତ ଛାତ୍ର ସଂଗଠନ ପକ୍ଷରୁ ମିଳିତ ଭାବେ ବ୍ରହ୍ମପୁର ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରାଯାଇଥିଲା। ପରେ ଏସ୍‌ପିଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହି ବିକ୍ଷୋଭରେ ଅଖିଳ ଭାରତ ଛାତ୍ର ସଂଘର ରାଜ୍ୟ ସଭାନେତ୍ରୀ ସଂଘମିତ୍ରା ଜେନା, ଅଖିଳ ଭାରତ ଯୁବ ସଂଘର ରାଜ୍ୟ ସମ୍ପାଦକ କାମଦେବ ନାହାକ, ଉତ୍କଳ ମହିଳା ସମିତିର ରାଜ୍ୟ ନେତ୍ରୀ ଭାନୁମତି ରେଡ୍ଡୀ, ପୂର୍ବତନ ଛାତ୍ର ସଂଘର ରାଜ୍ୟ ସଭାପତି ନୀଳକଣ୍ଠ ଦାସ, ଯୁବ ସଂଘର ଜିଲ୍ଲା ସଭାପତି ସୁଶାନ୍ତ ସ୍ୱାଇଁ, ଛାତ୍ର ନେତା ଅନୁରାଗ ମିଶ୍ର, ନବୀନ ଗୌଡ଼, ଯୁବନେତା ଦୈତାରୀ ରେଡ୍ଡୀ, ପୁଷ୍ପା ବେହେରା ପ୍ରମୁଖ ନେତୃତ୍ୱ ନେଇଥିଲେ।



## ‘ବିକାଶ ମେଳା’ରେ ନାବାଳିକାକୁ ଅସଦାଚରଣ, ଯୁବକ ଗିରଫ

ବ୍ରହ୍ମପୁର,୧୮।୬(ସମିସ): ବିକାଶ ମେଳାରେ ନାବାଳିକାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ଟାଉନ୍ ଥାନା ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକ ହେଲେ ଶେରଗଡ଼ ଅଞ୍ଚଳର ବଳରାମ ସାହୁ(୩୧)। ସୂଚନାଯୋଗ୍ୟ ଯେ, ସ୍ଥାନୀୟ ଖଲ୍ଲିକୋଟ କଲେଜ ଖେଳ ପଡ଼ିଆରେ ଚାଲିଥିବା ଜିଲ୍ଲାସ୍ତରୀୟ ବିକାଶ ମେଳାରେ ଜଣେ ନାବାଳିକା ବୁଲୁଥିବା ବେଳେ ବଳରାମ ଉକ୍ତ ନାବାଳିକାଙ୍କୁ ଅଶ୍ଳୀଳ ଇଙ୍ଗିତ କରିବା ସହିତ ଟଣାଓଟରା କରିଥିଲା। ନାବାଳିକାଙ୍କ ମା’ ଦୌଡି ଆସି ମୁଖ୍ୟ ରାସ୍ତା ଉପରେ ବଳରାମଙ୍କୁ ମାଡ଼ ମାରିବା ସହ ନିକଟରେ ଥିବା ପୁଲିସ କର୍ମଚାରୀଙ୍କୁ ଡାକି ଯୁବକଙ୍କୁ ଧରାଇଥିଲେ। ଘଟଣାକୁ ନେଇ ନାବାଳିକାଙ୍କ ମା’ ଟାଉନ ଥାନାରେ ଅଭିଯୋଗ କରିବା ପରେ ପୁଲିସ ବଳରାମଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

## ଚୋରି ମାମଲାରେ ଜଣେ ଗିରଫ

ବ୍ରହ୍ମପୁର,୧୮।୬(ସମିସ): ତାଲା ବନ୍ଦ ଘରୁ ଚୋରି ଅଭିଯୋଗରେ ବଡ଼ବଜାର ଥାନା ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକ ହେଲେ ଫୁଲବାଣୀର ଜୀବନ ମିଶ୍ର(୨୦)। ଗତ ୩ ତାରିଖରେ ହରିଡାଖଣ୍ଡି ଅଞ୍ଚଳର ଏକ ତାଲାବନ୍ଦ ଘରୁ ନଗଦ ୩୦ ହଜାର ଟଙ୍କା ଏବଂ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବା ନେଇ ଗୃହ ମାଲିକ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଗୃହମାଲିକ ଓ ଜୀବନ ମିଶି ଗୋଟିଏ ସ୍ଥାନରେ କାମ କରିବା ସହ ଉକ୍ତ ଘରେ ଏକାଠି ରହୁଥିଲେ। ତେବେ ଗତ ୩ ତାରିଖରେ ଘରେ କେହି ନଥିବାର ସୁଯୋଗ ନେଇ ଜୀବନ ହିଁ ସେଠାରୁ ଚୋରି କରିଥିବା ନେଇ ପୁଲିସ ତଦନ୍ତ ବେଳେ ଜାଣିବାକୁ ପାଇଥିଲା। ପରେ ପୁଲିସ ଜୀବନକୁ ଗିରଫ କରି କୋର୍ଟଚାଲାଣ କରିଛି।

# ସିଟି ହସ୍ପିଟାଲରୁ ମୋବାଇଲ ଚୋରି ଘଟଣାରେ ୪ ଗିରଫ



ବ୍ରହ୍ମପୁର,୧୮।୬(ସମିସ): ବ୍ରହ୍ମପୁର ସିଟି ହସ୍ପିଟାଲର ଇନ୍‌ଡୋରରେ ଚିକିତ୍ସିତ ହେଉଥିବା ରୋଗୀଙ୍କ ମୋବାଇଲ ଚୋରି ଅଭିଯୋଗରେ ଟାଉନ ଥାନା ପୁଲିସ ୪ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକ ହେଲେ ବଡ଼ବଜାର ଥାନା ଅନ୍ତର୍ଗତ ପ୍ରେମନଗରର ଭି. ଆଶିଷ କୁମାର ଓରଫ କାଣ୍ଡେଲା(୨୦), ଭେଙ୍କେଟେଶ୍ୱର ମନ୍ଦିର ନିକଟସ୍ଥ ଆର୍ଯ୍ୟାନ ଗୌଡ(୧୯), ଖାଜା ସାହିର ସେଖ୍ ଆସିଫ୍ ଓରଫ ପଠାନ(୨୦) ଓ ଏ. ରବି ରେଡ୍ଡି(୨୦) ବୋଲି ପୁଲିସ ସୂତ୍ରରୁ ଜଣାପଡିଛି। ଗିରଫ ଯୁବକଙ୍କ ଠାରୁ ପୁଲିସ ଚୋରି ହୋଇଥିବା ୨ଟି ମୋବାଇଲ ଜବତ କରିଥିବା ଥାନା ଅଧିକାରୀ ସୌଭାଗ୍ୟ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଗଞ୍ଜାମ ଜିଲ୍ଲା ବୁଗୁଡା ଅଞ୍ଚଳର ଜଣେ ରୋଗୀ ସିଟି ହସ୍ପିଟାଲର ଇନଡୋରରେ ରହି ଚିକିତ୍ସିତ ହେଉଥିଲେ। ସେହି ୱାର୍ଡରେ ଅନ୍ୟରୋଗୀ ଓ ସମ୍ପର୍କୀୟମାନେ ମଧ୍ୟ ରହୁଥିଲେ। ୩ ଦିନ ପୂର୍ବେ ବୁଗୁଡା ଅଞ୍ଚଳର ରୋଗୀ ଜଣକ ନିଜ ବେଡରେ ଶୋଇଥିବା ବେଳେ ତାଙ୍କର ୨ଟି ମୋବାଇଲ ଚୋରି ହୋଇ ଯାଇଥିଲା। ଏନେଇ ରୋଗୀଙ୍କ ସମ୍ପର୍କୀୟମାନେ ଟାଉନ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା।

ସିଟି ହସ୍ପିଟାଲର ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚବେଳେ ପୁଲିସ ଅଭିଯୁକ୍ତଙ୍କୁ ଚିହ୍ନଟ କରିବାରେ ସକ୍ଷମ ହୋଇଥିଲା। ବୁଧବାର ସମସ୍ତ ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ଏକାଧିକ ମାମଲା ରହିଥିବା ପୁଲିସ ତଦନ୍ତରେ ଜଣାପଡିଛି।

# ଇରାନ ଉପରେ ଆକ୍ରମଣ ବିରୋଧରେ ସିପିଏମ୍‌ର ପ୍ରତିବାଦ ସଭା

ବ୍ରହ୍ମପୁର,୧୮।୬(ସମିସ): ଇସ୍ରାଇଲର ଗାଜାରେ ଗଣହତ୍ୟା, ସିରିଆ ଉପରେ ଆକ୍ରମଣ ଓ ଇରାନକୁ ଧ୍ୱଂସ କରିବା ପାଇଁ ଯୋଜନା ଆରମ୍ଭ କରି ମଧ୍ୟ ପ୍ରାଚ୍ୟ ସହ ସମଗ୍ର ବିଶ୍ୱରେ ଯୁଦ୍ଧର ଆଶଙ୍କା ସୃଷ୍ଟି କରିଛି। ଆରବ ଦେଶର ତୈଳ ସମ୍ପଦ ଲୋଭରେ ଆମେରିକା ଅନୈତିକ ଭାବେ ଇସ୍ରାଇଲକୁ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ କରୁଛି। ଇରାନ ସମ୍ପୂର୍ଣ୍ଣ ଭାବେ ଆତ୍ମସମର୍ପଣ ନ କଲେ ଦେଶର ସର୍ବୋଚ୍ଚ ନେତାକୁ ହତ୍ୟା କରିବାକୁ ଖୋଲା ଖୋଲି ଘୋଷଣା କରିଛି। ଯାହା ଫଳରେ ପୁଣି ଏକ ବିଶ୍ୱଯୁଦ୍ଧର ଆଶଙ୍କା ସୃଷ୍ଟି ହୋଇଛି। ତେଣୁ ଅତିଶୀଘ୍ର ପାଲେଷ୍ଟାଇନ ଉପରେ ଆକ୍ରମଣ ବନ୍ଦ କରିବା ସହିତ ଇରାନକୁ ଆକ୍ରମଣ ଯୋଜନାରୁ କ୍ଷାନ୍ତରହିବା ପାଇଁ ସାରା ବିଶ୍ୱର ଶାନ୍ତିକାମୀ ଜନତା ଏକ ହେବା ପାଇଁ ସିପିଏମ ପକ୍ଷରୁ ଆହ୍ୱାନ କରାଯାଇଛି। ସେହିଭଳି ଭାରତର ମୋଦି ସରକାର ଦେଶର ପୂର୍ବପ୍ରତିଷ୍ଠିତ ବୈଦେଶିକ ନୀତିକୁ ପ୍ରତ୍ୟାହାର କରି ଆମେରିକା ନିର୍ଦ୍ଦେଶରେ ବନ୍ଧୁରାଷ୍ଟ୍ର ପାଲେଷ୍ଟାଇନ ପରିବର୍ତ୍ତେ ଯୁଦ୍ଧଖୋରୀ ଇସ୍ରାଇଲ ସପକ୍ଷରେ ଠିଆ ହୋଇଛି। ଏହା ଅତ୍ୟନ୍ତ ନିନ୍ଦନୀୟ ବୋଲି ସିପିଏମ ପକ୍ଷରୁ କୁହାଯାଇଛି। ଏହାକୁ ଅତିଶୀଘ୍ର ପରିବର୍ତ୍ତନ କରି ମଧ୍ୟ ପ୍ରାଚ୍ୟରେ ଶାନ୍ତି ପ୍ରତିଷ୍ଠା ପାଇଁ କାର୍ଯ୍ୟ କରିବା ନିମନ୍ତେ ସିପିଏମ ପକ୍ଷରୁ ଦାବି କରାଯାଇଛି। ଏନେଇ ସ୍ଥାନୀୟ କମାପଲ୍ଲୀ ଛକଠାରେ ପ୍ରତିବାଦ ସଭା ଆୟୋଜିତ ହୋଇଥିଲା।



## ଏମ୍‌କେସିଜିରୁ ପୁଣି ଚୋରି; ଅଟୋ ରିକ୍ସା ନେଇଗଲେ ଦୁର୍ବୃତ୍ତ

ବ୍ରହ୍ମପୁର,୧୮।୬(ସମିସ): ଏମ୍‌କେସିଜି ମେଡିକାଲ ପରିସରରୁ ବୁଧବାର ଏକ ଅଟୋ ରିକ୍ସା ଚୋରି ହୋଇଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ଅଟୋ ଚାଳକ ଜଣକ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସୂଚନାଯୋଗ୍ୟ ଯେ, ବରିଡ଼ା ଗ୍ରାମର ନବ ପ୍ରଧାନ ତାଙ୍କ ଅଟୋରେ ଜଣେ ରୋଗୀଙ୍କୁ ଏମକେସିଜି ମେଡ଼ିକାଲକୁ ଆଣିଥିଲେ। ବୁଧବାର ନବ ମେଡିକାଲ ପରିସରରେ ଅଟୋକୁ ପାର୍କିଂ କରି ରୋଗୀକୁ ମେଡିକାଲ ଭିତରେ ଛାଡିବାକୁ ଯାଇଥିଲେ। କିଛି ସମୟ ପରେ ଫେରି ଦେଖିବାବେଳକୁ ଅଟୋ ନଥିଲା। ଏନେଇ ସେ ମେଡିକାଲ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଘଟଣାକୁ ନେଇ ପୁଲିସ ମେଡିକାଲ ପରିସରରେ ଲାଗିଥିବା ବିଭିନ୍ନ ସିସିଟିଭି ଫୁଟେଜ ଯାଞ୍ଚ କରି ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ଏମ୍‌କେସିଜି ମେଡିକାଲକୁ ଆସୁଥିବା ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ବାରମ୍ବାର ଚୋରି ଓ ଲୁଟର ଶିକାର ହେଉଥିବା ନଜିର ରହିଛି। ତେବେ ଏଭଳି ଘଟଣାକୁ ମେଡିକାଲ କର୍ତ୍ତୃପକ୍ଷ, ଜିଲ୍ଲା ଓ ପୁଲିସ ପ୍ରଶାସନ ପକ୍ଷରୁ ଆଦୌ ଗୁରୁତ୍ୱ ଦିଆଯାଉନଥିବା ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଅଭିଯୋଗ କରିଛନ୍ତି। ସେହିପରି ଏମକେସିଜି ମେଡ଼ିକାଲର ବିଭିନ୍ନ ବିଭାଗରେ ଲାଗିଥିବା ସିସିଟିଭି କ୍ୟାମେରା ମଧ୍ୟରୁ ବହୁ କ୍ୟାମେରା ମାସ ମାସ ଧରି ଅଚଳ ହୋଇ ରହୁଥିବା ବେଳେ ଏହାକୁ ମରାମତି ମଧ୍ୟ କରାଯାଉ ନାହିଁ।

### ବାରମ୍ବାର ଚୋରି ଓ ଲୁଟ୍ ସତ୍ତ୍ୱେ କର୍ତ୍ତୃପକ୍ଷ ନିଦାବିଷ୍ଟ

ଯାହାଫଳରେ ମେଡିକାଲ ପରିସରରେ ଘଟୁଥିବା ଚୋରି ଓ ଲୁଟ ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ଖିଅ ପାଇବାରେ ପୁଲିସକୁ ସମସ୍ୟା ହେଉଛି। ତେବେ ସିସିଟିଭି ମେଣ୍ଟେନାନ୍ସ ପାଇଁ ମେଡିକାଲ କର୍ତ୍ତୃପକ୍ଷ ଘରୋଇ ସଂସ୍ଥାକୁ ବାର୍ଷିକ ଲକ୍ଷ ଲକ୍ଷ ଟଙ୍କା ଗଣୁଥିବା ଜଣାପଡିଛି।

# ସହରର ବିଭିନ୍ନ ହୋଲ୍‌ସେଲ୍ ଔଷଧ ଦୋକାନରେ ଚଢ଼ଉ



ବ୍ରହ୍ମପୁର,୧୮।୬(ସମିସ): ଡ଼ାକ୍ତରଙ୍କ ବିନା ପ୍ରେସ୍କ୍ରିପସନ୍‌ରେ ସହରର ବିଭିନ୍ନ ଔଷଧ ଦୋକାନରେ ବିଭିନ୍ନ ପ୍ରକାରର ଗର୍ଭପାତ ଔଷଧ ସମେତ ଅନ୍ୟାନ୍ୟ ଆପତ୍ତିଜନକ ଔଷଧ ବିକ୍ରି କରାଯାଉଥିବା ଅଭିଯୋଗ ରହିଥିଲା। ଏହିକ୍ରମରେ ବୁଧବାର ଡ୍ରଗସ୍ କଣ୍ଟ୍ରୋଲ ବିଭାଗ ପକ୍ଷରୁ ସହରର ବିଭିନ୍ନ ହୋଲସେଲ୍ ଔଷଧ ଦୋକାନରେ ଚଢ଼ଉ କରିବା ସହ ବିଭିନ୍ନ ଔଷଧର ଷ୍ଟକ ଯାଞ୍ଚ କରାଯାଇଛି। ଡ୍ରଗସ୍ କଣ୍ଟ୍ରୋଲରଙ୍କ ନିର୍ଦ୍ଦେଶକ୍ରମେ ଗଞ୍ଜାମ ସର୍କଲ ବ୍ରହ୍ମପୁରର ଆସିଷ୍ଟାଣ୍ଟ ଡ୍ରଗସ ଅଧିକାରୀ ଦେବାଶିଷ କାଲୋଙ୍କ ନେତୃତ୍ୱରେ ୬ଜଣିଆ ଟିମ ଗଠନ ହୋଇଥିଲା। ଏହି ଟିମ ବୁଧବାର ସହରର ବଡ଼ବଜାର ଅଞ୍ଚଳରେ ରହିଥିବା ମୋଟ ୧୧ଟି ହୋଲସେଲ୍ ଦୋକାନରେ ଚଢ଼ଉ କରିଥିଲା। ହୋଲସେଲ୍ ଦୋକାନ ପକ୍ଷରୁ ରିଟେଲ୍ ଔଷଧ ଦୋକାନ ଗୁଡ଼ିକୁ ମୁଖ୍ୟତଃ ରତୁଚକ୍ର ବିଳମ୍ବ କରାଉଥିବା ଔଷଧ, ନାରୋକଟିକ ଡ୍ରଗସ୍ ଓ ଏମଟିପି(ମେଡ଼ିକାଲ ଟେର୍ମିନସେନ୍ ଅଫ୍ ପ୍ରେଗନେନସି) କିଟ୍ କେବେ ଓ କେତେ ମାତ୍ରାରେ ବିକ୍ରି କରାଯାଇଛି। ଟିମ ତାହାର ତଥ୍ୟ ସଂଗ୍ରହ କରିଥିଲା। ଆଗାମୀ ଦିନରେ ହୋଲସେଲ ଦୋକନରୁ ରିଟେଲ୍ ଦୋକାନକୁ ବିକ୍ରି କରାଯାଇଥିବା ଔଷଧ କେଉଁ ପ୍ରେସକ୍ରିପସନ ଆଧାରରେ ବିକ୍ରି କରାଯାଇଛି। ତାହାର ଯାଞ୍ଚ କରାଯିବା ସହ ତଥ୍ୟ ମେଳ ନଖାଇଲେ ଦୋକାନୀଙ୍କୁ କାରଣ ଦର୍ଶାଅ ନୋଟିସ ପ୍ରଦାନ କରାଯିବ। ରିଟେଲ୍ ଔଷଧ ଦୋକାନ ପକ୍ଷରୁ ଯଦି ସନ୍ତୋଷଜନକ ଉତ୍ତର ନମିଳେ ତେବେ ଉକ୍ତ ଦୋକାନୀ ବିରୋଧରେ ଦଢ଼କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହିପରି ଅସାଧୁ କାର୍ଯ୍ୟରେ ଲିପ୍ତ ରହୁଥିବା ଦୋକାନୀଙ୍କ ଡ୍ରଗ ଲାଇସେନ୍ସ ରଦ୍ଦ କରାଯିବ ବୋଲି ଅଧିକାରୀ ଶ୍ରୀ କାଲୋ କହିଛନ୍ତି।

### ଏମ୍‌ଟିପି କିଟ୍ ସମେତ ଆପତ୍ତିଜନକ ଔଷଧର ଷ୍ଟକ ଯାଞ୍ଚ

# ଏନ୍‌ସିସିର ମିଳିତ ବାର୍ଷିକ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ବ୍ରହ୍ମପୁର,୧୮।୬(ସମିସ): ବ୍ରହ୍ମପୁର ସ୍ଥିତ ୧(ଓଡିଶା) ନାଭାଲ ୟୁନିଟ୍ ଏନ୍‌ସିସି ଓ ୩ (ଓଡିଶା) ମେଡିକାଲ କମ୍ପାନୀ ଏନ୍‌ସିସି ପକ୍ଷରୁ ଆୟୋଜିତ ମିଳିତ ବାର୍ଷିକ ପ୍ରଶିକ୍ଷଣ ଉଦ୍‌ଯାପିତ ହୋଇଯାଇଛି। ପାରଳା ମହାରାଜା ଇଂଜିନିୟରିଂ କଲେଜ, ଶୀତଳାପଲ୍ଲିଠାରେ ସିଏଟିସି -୧ କ୍ୟାମ୍ପ ଗତ ୧୦ଦିନ ଧରି ଜାରି ରହିଥିଲା। ମିଳିତ ବାର୍ଷିକ ପ୍ରଶିକ୍ଷଣ ଶିବିରର ଶେଷ ସନ୍ଧ୍ୟାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ୧ (ଓଡିଶା) ନାଭାଲ ୟୁନିଟ୍ ଏନସିସିର କମାଣ୍ଡିଙ୍ଗ୍ ଅଫିସର କମାଣ୍ଡର ଏନଭିପି ସ୍ୱାମୀ ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହାସହ କମାଣ୍ଡର ଏନଭିପି ସ୍ୱାମୀ ଏନସିସି କ୍ୟାଡେଟ୍‌ମାନଙ୍କୁ ଶୃଙ୍ଖଳା ଓ ଅନୁଶାସନ ଜ୍ଞାନକୁ ନିଜ ଜୀବନରେ ଉପଯୋଗ କରି ଭବିଷ୍ୟତ ଗଢିବା ପାଇଁ ଉଦବୋଧନ ଦେଇଥିଲେ। ଏହି ସିଏଟିସି କ୍ୟାମ୍ପରେ ୬ଟି ମହାବିଦ୍ୟାଳୟ ଓ ୧୪ଟି ବିଦ୍ୟାଳୟର ପାଖାପାଖି ୬୦୦କ୍ୟାଡେଟ୍ ଯୋଗ ଦେଇଥିଲେ। ଶିବିରରେ ଉଭୟ ସିନିଅର ଏବଂ ଜୁନିଅର ବିଭାଗର ବାଳକ ଓ ବାଳିକା ବର୍ଗରେ ଟ୍ରେନିଂ ଦିଆଯାଇଥିଲା। ଶେଷ ସନ୍ଧ୍ୟା କାର୍ଯ୍ୟକ୍ରମଟି ଚିଫ୍ ପିଟି ଅଫିସର ସୁବଳ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆରମ୍ଭ ହୋଇଥିବା ବେଳେ ଏ.ଏନ୍.ଓ., ପି.ଆଇ. ଷ୍ଟାଫ୍‌ଙ୍କ ଦ୍ୱାରା ଭାରତୀୟ ନୌସେନା ଓ ଭାରତୀୟ ସ୍ଥଳସେନା ବିଷୟରେ ବିଭିନ୍ନ ବିଭାଗର ପ୍ରଶିକ୍ଷଣ ଦିଆଯାଇଥିଲା। ଏହି ବାର୍ଷିକ ପ୍ରଶିକ୍ଷଣ ଶିବିରରେ ଡ୍ରିଲ, ରାଇଫଲ ଡ୍ରିଲ, ଫାଇଟିଂ, ସିପ୍ ମୋଡଲିଂ, ସିମାଫୋର, ବୋଟ୍ ପୁଲିଂ, ବୋଟ୍ ରିଗିଂ, ବୋଟ୍ ସେଲିଂ, ସୁଇମିଂ, ନେଭିଗେସନ୍, ସି ମେନ୍ ସିପ୍, ବେଷ୍ଟ କ୍ୟାଡେଟ୍, ଫାୟର ଫାଇଟିଂ, ଅବଷ୍ଟାକଲ, ଟେଣ୍ଟ ପିଚିଂ ଭଳି ଟ୍ରେନିଂ ଦିଆଯାଇଥିଲା। ଏହି ବାର୍ଷିକ ପ୍ରଶିକ୍ଷଣ ଶିବିରରୁ ଆଗାମୀ ଜାତୀୟ କ୍ୟାମ୍ପ ପାଇଁ କ୍ୟାଡେଟ୍‌ମାନଙ୍କୁ ଚୟନ କରାଯାଇଛି। ଏହି ଶିବିରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ସିନିଅର ନାଭାଲ ବର୍ଗରେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ପ୍ରଥମ ଓ ଆର୍ମି ବର୍ଗରେ ପାରଳା ମହାରାଜା ଯାନ୍ତ୍ରିକ ମହାବିଦ୍ୟାଳୟ ପ୍ରଥମ ଏବଂ ଜୁନିଅର ବିଭାଗ ନାଭାଲ ବର୍ଗରେ ଓଏଭି, ଚମାଖଣ୍ଡି ଓ ଆର୍ମି ବର୍ଗରେ ଓଏଭି ହିଞ୍ଜିଳିକାଟୁ ବେଷ୍ଟ ଇନଷ୍ଟିଚ୍ୟୁସନ କପ୍ ହାସଲ କରିଛନ୍ତି। ସେହିପରି ଆସନ୍ତା ୨୧ ତାରିଖରୁ ଦ୍ୱିତୀୟ ମିଳିତ ବାର୍ଷିକ ପ୍ରଶିକ୍ଷଣ ଆରମ୍ଭ ହେବ।

**ବିପର୍ଯ୍ୟୟ ପରିଚାଳନାରେ ରାଜ୍ୟ ସରକାର ବିଫଳ**

# କଟକ ଜିଲ୍ଲାରେ କାୟାବିସ୍ତାର କରୁଛି ହଇଜା

ଚୌଦ୍ୱାର, ୧୮।୬(ସମିସ)

ରାଜ୍ୟର ବିଭିନ୍ନ ଜିଲ୍ଲାକୁ ବ୍ୟାପିବାରେ ଲାଗିଛି ହଇଜା। ଏହି ସଂକ୍ରାମକ ରୋଗର କାରଣ ଓ ନିରାକରଣ ଦିଗରେ ସରକାର କୌଣସି ପଦକ୍ଷେପ ନେଇ ନ ଥିବାରୁ ଦିନକୁ ଦିନ କାୟାବିସ୍ତାର କରିବାରେ ଲାଗିଥିବା ଅଭିଯୋଗ ଉଠିଛି। ଗୋଟିଏ ସ୍ଥାନରୁ ଅନ୍ୟସ୍ଥାନକୁ ଏହି ସଂକ୍ରାମକ ରୋଗ ବ୍ୟାପିବା ଦ୍ୱାରା ଜନସାଧାରଣ ସମ୍ପୂର୍ଣ୍ଣ ଭୟଭୀତ ଅବସ୍ଥାରେ ଅଛନ୍ତି। କଟକ ଜିଲ୍ଲାର ଚୌଦ୍ୱାର ପୌରାଞ୍ଚଳ ଏବଂ ଟାଙ୍ଗୀ-ଚୌଦ୍ୱାର ବ୍ଲକର ବିଭିନ୍ନ ପଞ୍ଚାୟତରେ ଏବେ ଝାଡ଼ାବାନ୍ତି କାୟାବିସ୍ତାର କରିବାରେ ଲାଗିଛି। ତଥାପି ସ୍ୱାସ୍ଥ୍ୟ ବିଭାଗ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛି। କଟକ ସହରରେ କାଁ ଭାଁ କେତୋଟି ସ୍ଥାନରେ ସ୍ୱାସ୍ଥ୍ୟବିଭାଗ ଲୋକ ଦେଖାଣିଆ ଭାବେ ଚଢ଼ଉ କରୁଥିଲେ ମଧ୍ୟ ଚୌଦ୍ୱାର ପୌରାଞ୍ଚଳରେ ସେତେକ ବି ଦେଖିବାକୁ ମିଳୁନାହିଁ। ଏଠାରେ ସ୍ୱାସ୍ଥ୍ୟସେବା ବିଷୟ ନ କହିବା ଭଲ। ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ବସବାସ କରୁଥିବା ଚୌଦ୍ୱାର ପୌରପାଳିକାରେ ଯେଉଁ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି ସେଠାକୁ ରୋଗୀ ଯିବାକୁ ଭୟ କରୁଛନ୍ତି। ଗୋଟିଏ ପଟେ ଏଠାରେ ନିର୍ଦ୍ଦିଷ୍ଟ ସମୟରେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଖୋଲୁଥିବାବେଳେ ଅନ୍ୟପକ୍ଷରେ ରୋଗୀ ଚିକିତ୍ସିତ ହେବାକୁ ଶଯ୍ୟା ମଧ୍ୟ ନାହିଁ। ଏଠାରେ ଆବଶ୍ୟକୀୟ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କ ଅଭାବ ମଧ୍ୟ ରହିଛି। ସେହିଭଳି ପୌରାଞ୍ଚଳର ୧୬ନମ୍ବର ୱାର୍ଡ଼ରେ ଏକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଥିଲେ ମଧ୍ୟ ଏହାର ଅବସ୍ଥା ମଧ୍ୟ ଅନୁରୂପ ଭାବେ ରହିଛି। ତେଣୁ ଲୋକେ ବାଧ୍ୟ ହୋଇ ଘରୋଇ ନର୍ସିଂହୋମକୁ ଯାଇ ଶୋଷଣର ଶିକାର ହେଉଛନ୍ତି। ଏ ନେଇ ସ୍ୱାସ୍ଥ୍ୟକେନ୍ଦ୍ରର ଦାୟିତ୍ୱରେ ଥିବା ଡାକ୍ତର ଆର.କେ. ମହାପାତ୍ରଙ୍କୁ ପଚାରିବାରୁ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିଥିବା ସମୟରେ ରୋଗୀ ଆସିଲେ ନିଶ୍ଚୟ ତାଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବ ହେଲେ ଏଠାରେ ଉପଲବ୍ଧ ଥିବା ସୁବିଧା ଅନୁସାରେ। ନଚେତ ରୋଗୀଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କିମ୍ବା କଟକ ବଡ଼ ମେଡ଼ିକାଲକୁ ପଠାଇ ଦିଆଯିବ ବୋଲି କହିଥିଲେ। ଅନ୍ୟପକ୍ଷରେ ମାତ୍ର ରୋଗୀଙ୍କୁ ସ୍ଥାନାନ୍ତର କରିବା ନିମନ୍ତେ କୌଣସି ଆମ୍ବୁଲାନ୍ସ ବ୍ୟବସ୍ଥା ନ ଥିବାବେଳେ ଏଠାରେ ରୋଗୀଙ୍କ ସ୍ୱାସ୍ଥ୍ୟସେବା ନିମନ୍ତେ ଆବଶ୍ୟକୀୟ ଭିତ୍ତିଭୂମି ମଧ୍ୟ ନାହିଁ। ତେଣୁ ହଇଜାକୁ ପ୍ରତିହତ କରିବା ପାଇଁ ସ୍ୱତନ୍ତ୍ର ବେଡ଼ ସହ ଆବଶ୍ୟକ ସ୍ୱାସ୍ଥ୍ୟକର୍ମୀଙ୍କୁ ତୁରନ୍ତ ନିଯୁକ୍ତି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



## ଝାଡ଼ାବାନ୍ତିରେ ଜଣଙ୍କ ମୃତ୍ୟୁ

ନରସିଂହପୁର, ୧୮।୬(ସମିସ): ନରସିଂହପୁର ବ୍ଲକ ଅନ୍ତର୍ଗତ ନୂଆପାଟଣା ଗ୍ରାମପଞ୍ଚାୟତ ୧୨ ନମ୍ବର ୱାର୍ଡ ସଭ୍ୟା ତଥା ଡ଼ିମିରିଆ ଗ୍ରାମର ଶାନ୍ତିଲତା ନାଏକ (୫୫)ଙ୍କର ଝାଡ଼ାବାନ୍ତିରେ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ସୋମବାର ଶାନ୍ତିଲତା ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଗୁରୁତର ହେବାରୁ ତାଙ୍କୁ ନରସିଂହପୁର ମେଡିକାଲକୁ ଚିକିତ୍ସା ପାଇଁ ପରିବାର ଲୋକ ଆଣିଥିଲେ। ହେଲେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ସକାଳେ ତାଙ୍କର ମୃତ୍ୟୁ ଘଟିଛି। ଏବେ ବି ପରିବାରରେ ଦେବସ୍ମିତା ନାଏକ (୨୭) ବିଶ୍ୱଜିତ ନାଏକ (୧୨), ଅଭିଜିତ ନାଏକ (୮) ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଅଛନ୍ତି।

## ଚୌଦ୍ୱାର ଜେଲ୍‌ରେ ହଇଜା ମୁକାବିଲା ପାଇଁ ପଦକ୍ଷେପ

ଚୌଦ୍ୱାର, ୧୮।୬(ସମିସ): ରାଜ୍ୟର ବିଭିନ୍ନ ସ୍ଥାନରେ ଏବେ ଝାଡ଼ାବାନ୍ତି ରୋଗ କାୟା ବିସ୍ତାର କରୁଥିବାବେଳେ କଟକ ଜିଲ୍ଲାର ବିଭିନ୍ନ ସ୍ଥାନରେ ମଧ୍ୟ ଏକାଧିକ ଲୋକ ଆକ୍ରାନ୍ତ ହୋଇସାରିଲେଣି। ଏହି ପରିପ୍ରେକ୍ଷୀରେ ଚୌଦ୍ୱାର ମଣ୍ଡଳ କାରାଗାରରେ ଅଗ୍ରୀମ ପଦକ୍ଷେପ ନିଆଯାଇଛି। ବର୍ଷ ବର୍ଷ ଧରି ଅତି ଦୟନୀୟ ଅବସ୍ଥାରେ କଏଦୀ ରହୁଥିବାବେଳେ ସେଠାରେ ଏହି ସଂକ୍ରାମକ ରୋଗ ବ୍ୟାପିବାର ଆଶଙ୍କା ରହିଛି। ତେଣୁ ଆଜି କାରାଗାର କର୍ତ୍ତୃପକ୍ଷଙ୍କ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ବିଭିନ୍ନ ପଦକ୍ଷେପ ନିଆଯାଇଛି। ବିଶେଷ କରି ଝାଡ଼ାବାନ୍ତି ଜଳବାହିତ ରୋଗ ହୋଇଥିବାରୁ ଜେଲ ପରିସରରେ କଏଦୀମାନଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଣ ଉପରେ ଗୁରୁତ୍ୱ ଦିଆଯାଇଛି। ବିଶେଷ କରି ଜେଲ ପରିସରରେ ରହୁଥିବା ପ୍ରାୟ ୯୦୦ଜଣ କଏଦୀଙ୍କ ସହ ସମସ୍ତ କର୍ମଚାରୀଙ୍କ ନିମନ୍ତେ ଥିବା ଆକ୍ୱାଗାର୍ଡ଼ଗୁଡ଼ିକୁ ମରାମତି କରାଯିବା ସହ କଏଦୀମାନଙ୍କୁ ଦିଆଯାଉଥିବା ଖାଦ୍ୟ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ଜେଲର ରୋଷେଇଶାଳକୁ ମଧ୍ୟ ନିୟମିତ ଯାଞ୍ଚ କରାଯିବା ସହ କ୍ଲୋରିନ ବଟିକା ଆଦି ପ୍ରଦାନ କରାଯାଇଛି। ତେବେ ଚୌଦ୍ୱାର କାରାଗାରରେ ବନ୍ଦୀ ଜୀବନ ବିତାଉଥିବା ସମସ୍ତ କଏଦୀଙ୍କ ଜୀବନ ମୂଲ୍ୟବାନ, ସେମାନଙ୍କୁ ଏହି ସଂକ୍ରାମକ ରୋଗରୁ ସୁରକ୍ଷିତ ରଖିବା ନିମନ୍ତେ ଜେଲ ବିଭାଗ ସବୁବେଳେ ତତ୍ପର ବୋଲି ଜେଲ ଅଧୀକ୍ଷକ ପ୍ରଦୀପ୍ତ କୁମାର ବେହେରା ପ୍ରକାଶ କରିଛନ୍ତି।

## ହୋଟେଲ ଓ ଫାଷ୍ଟଫୁଡ୍ ଦୋକାନରେ ଚଢ଼ଉ

ଆଠଗଡ଼, ୧୮।୬(ସମିସ): ରାଜ୍ୟରେ ହଇଜା ବ୍ୟାପୀ ଥିବାରୁ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ସରକାରୀସ୍ତରରେ ପଦକ୍ଷେପ ଗ୍ରହଣ କରାଯାଇଛି। ଆଠଗଡ଼ ଏନଓସି ଓ ସ୍ୱାସ୍ଥ୍ୟ ବିଭାଗର ମିଳିତ ଉଦ୍ୟମରେ ଆଜି ବିଭିନ୍ନ ହୋଟେଲ, ଫାଷ୍ଟଫୁଡ, ଗୁପଚୁପ, ଟିଫିନ ଦୋକାନ ଉପରେ ଚଢ଼ଉ କରାଯାଇଥିଲା। ଆଠଗଡ଼ ସହରର ବୀରକିଶୋରପୁରର ପାରିଜାତ ହୋଟେଲ ଠାରୁ ଆରମ୍ଭ କରି ଗୋପବନ୍ଧୁ ଛକ ରାଜଶ୍ରୀ ଲୁଗା ଦୋକାନ ପର୍ଯ୍ୟନ୍ତ ଥିବା ସମସ୍ତ ଦୋକାନରେ ଚଢ଼ଉ କରାଯାଇ ଖାଦ୍ୟର ଗୁଣବତ୍ତା ଉପରେ ଯାଞ୍ଚ କରାଯାଇଥିଲା। ସେହିପରି ବାସି ଖାଦ୍ୟ ଥିବା ଦୋକାନରୁ ଖାଦ୍ୟ ଫୋପାଡ଼ିବା ସହ ଜରିମାନା ଆଦାୟ କରାଯାଇଥିଲା। ସେହିପରି ବ୍ୟବସାୟ କରିବା ପାଇଁ ଟ୍ରେଡ ଲାଇସେନ୍ସ କରିବା ପାଇଁ ସଚେତନତା କରାଯାଇଥିଲା। ସେହିପରି ପଲିଥିନ ବ୍ୟବହାର କରୁଥିବା ଦୋକାନୀଙ୍କ ଠାରୁ ପଲିଥିନ ଜବତ କରାଯାଇ ପଲିଥିନ ବ୍ୟବହାର ନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଚଢଉରେ ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ମଳୟ କୁମାର ଦେହୁରୀ, ଏନଫୋର୍ସମେଣ୍ଟ ସ୍କ୍ୱାର୍ଡରେ ଥିବା ଏନଏସି କର୍ମଚାରୀ ଅଜୟ ପଣ୍ଡା, ଲଲାଟେନ୍ଦୁ ବେହେରା, ଦିଲ୍ଲୀପ ବାରିକ, ପ୍ରଶାନ୍ତ ବେହେରା, ଅକ୍ଷୟ ବେହେରା, ରବିନାରାୟଣ ଭକ୍ତା, ସ୍ୱାସ୍ଥ୍ୟ ବିଭାଗର ଫୁଡ ସେଫଟି ଅଧିକାରୀ ଅଭିନନ୍ଦିତା ପରିଜା, ରାଜେଶ ସାହୁ ଓ ପୁଲିସ ପ୍ରମୁଖ ସାମିଲ ଥିଲେ। ଆଗାମୀ ଦିନରେ ଏଭଳି ଚଢ଼ଉ ଜାରି ରହିବ ବୋଲି ଜଣାପଡ଼ିଛି।



## ଦୁର୍ଘଟଣାରେ ଚିକିତ୍ସାଧୀନ ଯୁବକଙ୍କ ମୃତ୍ୟୁ

ଭଦ୍ରେଶ୍ୱର, ୧୮।୬(ସମିସ): ମାହାଙ୍ଗା ବ୍ଲକ ଭଦ୍ରେଶ୍ୱର ଥାନା ଉମର ଗ୍ରାମପଞ୍ଚାୟତ ପୁରୁଣାମଠ (ଓସ୍ତପୁର) ଗ୍ରାମର ଜଣେ ଯୁବକ ଦୁର୍ଘଟଣାରେ ଆହତ ହୋଇ ଚିକିତ୍ସାଧୀନ ଅବସ୍ଥାରେ କଟକ ବଡ ଡାକ୍ତରଖାନାରେ ମୃତ୍ୟୁବରଣ କରିଥିବାର ଜଣାଯାଇଛି। ଏହି ଘଟଣାଟି ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳାଇ ଦେଇଛି। ପବିତ୍ର ରଜ ସଂକ୍ରାନ୍ତି ଦିନ ପୁରୁଣାମଠ ଗ୍ରାମର କରୁଣାକର ବେହେରାଙ୍କ ପୁତ୍ର ବିକାଶ ବେହେରା(୨୨) ତାଙ୍କର ସାଙ୍ଗ ଅକ୍ଷୟ ମହାପାତ୍ରଙ୍କ ସହ ଏକ ବାଇକରେ ଘରକୁ ଫେରୁଥିଲା ବେଳେ ନିଶ୍ଚିନ୍ତକୋଇଲି ଓଥକା ଗ୍ରାମ ନିକଟରେ ଭାରସାମ୍ୟ ହରାଇ ତାଙ୍କର ବାଇକଟି ଏକ କାନ୍ଥରେ ପିଟି ହୋଇଯାଇଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଉଦବେଗଜନକ ହେବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବାର ଜଣାଯାଇଛି। ଶବକୁ ବ୍ୟବଚ୍ଛେଦ କରାଯାଇ ପୈତୃକ ଗ୍ରାମକୁ ଅଣାଯାଇଥିଲା। ଶୋକାକୂଳ ପରିବେଶରେ ଗ୍ରାମ୍ୟ ଶ୍ମଶାନରେ ତାଙ୍କର ଶବକୁ ଦାହ କରାଯାଇଥିଲା। ତାଙ୍କର ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳିଯାଇଛି।

## ଚୋରା ଦେଶୀମଦ ଜବତ, ୨ ଗିରଫ

ଚୌଦ୍ୱାର, ୧୮।୬(ସମିସ): ଏକ କାରରେ ବିପୁଳ ପରିମାଣର ଚୋରା ଦେଶୀ ମହୁଲି ମଦ ଚାଲାଣ ହେଉଥିବାବେଳେ ଚୌଦ୍ୱାର ଅବକାରୀ ଥାନା ତରଫରୁ ଚଢ଼ଉ କରାଯାଇ କାର ସହ ମଦ ଜବତ କରାଯିବା ସହିତ ୨ ଜଣକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ବାଙ୍କୀ ଅଞ୍ଚଳର ଜଗନ୍ନାଥ ବେହେରା ଓ ଆଠଗଡ଼ କୋରଗାଁର ସରୋଜ କୁମାର ସାହୁ। ଚୌଦ୍ୱାର ଅବକାରୀ ଥାନା ଅଧିକାରୀ ବାପି ସାହୁଙ୍କ ସୂଚନା ଅନୁଯାୟୀ କଟକ ଅବକାରୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଇନସପେକ୍ଟର ମାନସୀ ସାହୁଙ୍କ ନେତୃତ୍ୱରେ ଚୌଦ୍ୱାର ଅବକାରୀ ଥାନାର ଏକ ଟିମ୍ ବୁଧବାର ଦିନ ୫୫ ନମ୍ବର ଜାତୀୟ ରାଜପଥରେ ପାଟ୍ରୋଲିଂ କରୁଥିବା ସମୟରେ ଗାନ୍ଧୀ ଛକ ନିକଟରେ ଏକ କାର ଉପରେ ସନ୍ଦେହ କରି ତାକୁ ଅଟକାଇ ଯାଞ୍ଚ କରିଥିଲେ। ଉକ୍ତ ମାରୁତି ରିଟ୍ ଗାଡିରେ ୭ଟି ବ୍ଲାଡର ଭିତରେ ପ୍ରାୟ ୪୨୦ଲିଟର ଦେଶୀ ମଦ ଥିବା ଓ ଏହା ଆଠଗଡ଼ କୋରଗାଁ ଅଞ୍ଚଳରୁ ଆସି ବିଭିନ୍ନ ସ୍ଥାନରେ ବିକ୍ରୟ ପାଇଁ ଚାଲାଣ ହେଉଥିବା ଜଣାପଡ଼ିଥିଲା। ଗାଡି ସହିତ ମଦକୁ ଜବତ କରାଯିବା ସହିତ ଉଭୟ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।



## ୧୭ଟି ନାଗ ଛୁଆ ଉଦ୍ଧାର



ଭଦ୍ରେଶ୍ୱର, ୧୮।୬(ସମିସ): ମାହାଙ୍ଗା ବ୍ଲକ କୁସୁପୁର ଗ୍ରାମର ଜଣେ ବ୍ୟକ୍ତିଙ୍କ ଚାଳଘର କାନ୍ଥରୁ ୧୭ଟି ନାଗସାପ ଛୁଆ ଉଦ୍ଧାର ହୋଇଛି। କୁସୁପୁର ଗ୍ରାମର ନବଘନ ଜେନାଙ୍କ ଚାଳଘର ମାଟି କାନ୍ଥରୁ ନାଗସାପ ଦେଖିବାକୁ ମିଳିଥିଲା। ନାଗସାପକୁ ଦେଖି ତାଙ୍କ ପରିବାର ଲୋକେ ଭୟଭୀତ ହୋଇପଡ଼ିଥିଲେ। ତେବେ ତାଙ୍କ ପରିବାର ଜଣେ ସାପ ଧରାଳିଙ୍କ ସହ ଯୋଗାଯୋଗ କରିଥିଲେ। ସାପ ଧରାଳି ଜଣକ ଘଟଣାସ୍ଥଳରେ ପହଞ୍ଚି ତାଙ୍କ ଘରର କାନ୍ଥରୁ ଗୋଟିଏ ନାଗସାପ ଓ ୧୭ଟି ଛୁଆଙ୍କୁ ଉଦ୍ଧାର କରିଥିଲେ। ଏହି ସମୟରେ ତାଙ୍କ ଘରର କାନ୍ଥରେ ବହୁ ସ୍ଥାନରେ ଗାତ ସୃଷ୍ଟି ହୋଇଥିବାର ଦେଖିବାକୁ ମିଳିଥିଲା। ତେବେ ଏହି ସାପ ଛୁଆ ଗୁଡିକୁ ସ୍ଥାନୀୟ ଜଙ୍ଗଲରେ ଛାଡି ଦିଆଯାଇଥିବାର ଜଣାଯାଇଛି। ଏହି ଘଟଣାକୁ ନେଇ ତାଙ୍କ ପରିବାର ଆତଙ୍କିତ ହୋଇପଡ଼ିଛନ୍ତି।

**● ଇତିହାସ ରଚିଲେ ନନ୍ଦନକାନନ କର୍ତ୍ତୃପକ୍ଷ**

## ୩୩ ବର୍ଷ ପରେ ମା’ ହେଲା ଇଗୁଆନା

ବାରଙ୍ଗ, ୧୮।୬(ସମିସ): ୩୩ ବର୍ଷର ସଂଘର୍ଷ ପରେ ସଫଳ ହୋଇଛନ୍ତି ନନ୍ଦନକାନନ କର୍ତ୍ତୃପକ୍ଷ। ଶେଷରେ ୫ଟି ଶାବକ ଜନ୍ମ ଦେଇଛି ଇଗୁଆନ। ଯାହାକୁ ନେଇ ଚିଡିଆଖାନରେ ଖୁସିର ଲହରୀ ଖେଳିଯାଇଛି। ପ୍ରକାଶ ଥାଉକି, ଦୀର୍ଘ ୩୩ ବର୍ଷ ହେଲା ମା’ ହୋଇପାରି ନ ଥିଲା ଇଗୁଆନ। ଏନେଇ ନନ୍ଦନକାନନ ଚିଡ଼ିଆଖାନାର ଡାକ୍ତରୀ ଟିମ ନିରନ୍ତର ଭାବେ ପୁରୁଷ ଓ ମାଈ ଇଗୁଆନକୁ ନେଇ ପରୀକ୍ଷଣ ଜାରି ରଖିଥିଲେ। ଆଉ ଶେଷରେ ସଫଳତା



ପାଇଛନ୍ତି ଚିଡିଆଖାନାର ଡାକ୍ତରୀ ଟିମ। ସୂଚନାଯୋଗ୍ୟ ଯେ, ନନ୍ଦନକାନନ ପ୍ରାଣୀ ଉଦ୍ୟାନର ସରୀସୃପ ପାର୍କରେ ବୁଧବାର ଦିନ ପାଞ୍ଚଟି ଇଗୁଆନା ଜନ୍ମଗ୍ରହଣ କରିଛନ୍ତି ୩୩ ବର୍ଷ ପୂର୍ବରୁ ୧୯୯୨ ମସିହା ଜାନୁଆରୀ ୨୯ ତାରିଖରେ ପ୍ରାଣୀ ଉଦ୍ୟାନରେ ଇଗୁଆନା ଜନ୍ମଲାଭ କରିଥିଲା। ହେଲେ ପରବର୍ତ୍ତୀ ସମୟରେ ଆଉ କର୍ତ୍ତୃପକ୍ଷଙ୍କ ସତ ଚେଷ୍ଟା ସତ୍ତ୍ୱେ ଇଗୁଆନା ଶାବକ ଜନ୍ମ ଗ୍ରହଣ କରୁ ନ ଥିଲେ। ପରେ ନନ୍ଦନକାନନ କର୍ତ୍ତୃପକ୍ଷ ୨ଟି ବୟସ୍କ ପୁରୁଷ ଇଗୁଆନା ଏବଂ ନୂତନ ରକ୍ତ ରେଖା ଇନଫ୍ୟୁଜନକୁ ଯୋଡ଼ିବା ପାଇଁ, ନନ୍ଦନକାନନ କର୍ତ୍ତୃପକ୍ଷ ୨୦୨୪ ମସିହା ନଭେମ୍ବର ମାସରେ ହାଇଦ୍ରାବାଦର ନେହରୁ ପ୍ରାଣୀ ଉଦ୍ୟାନରୁ ୨ଟି ମାଈ ଏବଂ ୨୦୨୪ ଅଗଷ୍ଟ ୨୬ରେ କୋଲକାତାର ଆଲିପୁର ଚିଡ଼ିଆଖାନାରୁ ୮ଟି ଇଗୁଆନା (୪ ପୁରୁଷ ଏବଂ ୪ ମାଈ) ଆଣିଥିଲେ। ଏମାନଙ୍କୁ ମିଳନ କରାଯାଇଥିଲା। ଯାହା ଆଜି ସଫଳ ହୋଇଛି। ଏହି ଇଗୁଆନା ୫ଟି ଶାବକ ଜନ୍ମ ଦେଇଛି। ପାଞ୍ଚଟି ନବଜାତଙ୍କ ମଧ୍ୟରୁ, ୩ଟିକୁ ସରୀସୃପ ପାର୍କରେ ସ୍ୱତନ୍ତ୍ର ଯତ୍ନର ବ୍ୟବସ୍ଥା କରି ରଖାଯାଇଛି ଏବଂ ଆଉ ଦୁଇଟି ଶାବକକୁ ପ୍ରାଣୀ ଉଦ୍ୟାନର ଲାଳନପାଳନ ଗୃହକୁ ସ୍ଥାନାନ୍ତର କରାଯାଇଛି। ଏହି ଶାବକଙ୍କୁ ମିଶାଇ ଚିଡ଼ିଆଖାନାରେ ମୋଟ ଇଗୁଆନା ସଂଖ୍ୟା ୧୭କୁ ବୃଦ୍ଧି ପାଇଛି। ସେଥିମଧ୍ୟରୁ ୬ଟି ଅଣ୍ଡିରା ଓ ୬ଟି ମାଈ ଏବଂ ୫ଟି ନବଜାତ ଛୁଆ ରହିଛନ୍ତି। ସମସ୍ତ ନବଜାତ ଛୁଆଙ୍କ ଉପରେ ଜନ୍ତୁ ବିଭାଗ ପକ୍ଷରୁ ନିରନ୍ତର ତଦାରଖ କରାଯାଉଛି ବୋଲି ଉପ ନିର୍ଦ୍ଦେଶକ ସନତ କୁମାର ନାରାୟଣ ସୂଚନା ଦେଇଛନ୍ତି।

## ଜାତୀୟ ଯୁବ ନେତୃତ୍ୱ ବିକାଶ ଶିବିରରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ



- ଦାର୍ଜିଲିଂରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଲେ ୧୪ ରାଜ୍ୟରୁ ୧୭୬ ଅଂଶଗ୍ରହଣକାରୀ
- ଡ.ସନ୍ଦୀପ ରାଉତଙ୍କ ନେତୃତ୍ୱରେ ଓଡ଼ିଶାରୁ ୧୫ ଜଣିଆ ଟିମ୍

କଟକ, ୧୮।୬(ସମିସ): ଦାର୍ଜିଲିଂର କର୍ସିୟାଙ୍ଗସ୍ଥିତ ସ୍ନୋ ହ୍ୱାଇଟ୍ କ୍ୟାମ୍ପସାଇଟ୍ ଅନ୍ତର୍ଗତ ନ୍ୟାସନାଲ ଆଡଭେଞ୍ଚର ଇନଷ୍ଟିଚ୍ୟୁଟ୍ ଆଣ୍ଡ ଟ୍ରେନିଂ ସେଣ୍ଟର (ଜାତୀୟ ସାହସିକ ସଂସ୍ଥାନ ଓ ପ୍ରଶିକ୍ଷଣ କେନ୍ଦ୍ର)ରେ ଗତ ଜୁନ୍ ୧୧ରୁ ୧୫ ତାରିଖ ପର୍ଯ୍ୟନ୍ତ ଭାରତ ସ୍କାଉଟ୍ସ ଓ ଗାଇଡ୍ସର ଜାତୀୟ ମୁଖ୍ୟାଳୟ ପକ୍ଷରୁ ଜାତୀୟସ୍ତରୀୟ ଏକ ଯୁବ ନେତୃତ୍ୱ ବିକାଶ ଶିବିର ସଫଳତାର ସହ ସମ୍ପନ୍ନ ହୋଇଛି। ଏଥିରେ କଟକସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର କୃଷି ବିଭାଗ ସହକାରୀ ପ୍ରାଧ୍ୟାପକ ଡ. ସନ୍ଦୀପ ରାଉତଙ୍କ ନେତୃତ୍ୱରେ ଓଡ଼ିଶାରୁ ଏକ ୧୫ ଜଣିଆ ଦଳ ସଫଳତାର ସହ ଅଂଶଗ୍ରହଣ କରି ପ୍ରତ୍ୟାବର୍ତ୍ତନ କରିଛନ୍ତି। ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଆସିଥିବା ଏହି ଦଳରେ ୬ ଜଣ ଲେଖାଏଁ ରୋଭର୍ସ ଓ ରେଞ୍ଜର୍ସ ଥିବାବେଳେ ୩ ଜଣ ୟୁନିଟ୍ ଲିଡର ସାମିଲ ଥିଲେ। ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରୁ ରୋଭର୍ ରାକେଶ କୁମାର ମଲ୍ଲିକ, ଦୀପକ କୁମାର ପଣ୍ଡା ଏବଂ ରୋଭର ସ୍କାଉଟ୍ ଲିଡର ଡ. ସନ୍ଦିପ ରାଉତ ଉକ୍ତ ଟିମରେ ସାମିଲ ଥିଲେ। ଏହି ଯୁବ ନେତୃତ୍ୱ ବିକାଶ ଶିବିରରେ ଭାରତର ୧୪ଟି ଭିନ୍ନ ଭିନ୍ନ ରାଜ୍ୟର ସମୁଦାୟ ୧୭୬ ଜଣ ରୋଭର୍ସ, ରେଞ୍ଜର୍ସ ଓ ଲିଡର ଅଂଶଗ୍ରହଣ କରିଥିଲେ। ବାଳ କାର୍ଯ୍ୟକ୍ରମର ସହକାରୀ ନିର୍ଦ୍ଦେଶକ ଆନାଲେନ୍ଦ୍ର ଶର୍ମାଙ୍କ ସଫଳ ନେତୃତ୍ୱରେ ଏହି ଜାତୀୟ କାର୍ଯ୍ୟକ୍ରମଟି ସମ୍ପନ୍ନ ହୋଇଥିଲା। କାର୍ଯ୍ୟକ୍ରମରେ ଉତ୍ତର-ପୂର୍ବ ରେଳବାଇର ରାଜ୍ୟ ପ୍ରଶିକ୍ଷଣ ଆୟୁକ୍ତ ଅନୁଜ ରଞ୍ଜନ, କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନର ରାଜ୍ୟ ଅର୍ଗାନାଇଜିଂ ଆୟୁକ୍ତ ଜି. ଭୁବନ ବାବୁ ତଥା ମେଘାଳୟ ରାଜ୍ୟ ପ୍ରଶିକ୍ଷଣ ଆୟୁକ୍ତ ଅଡିୟୋର ପ୍ରମୁଖ ସକ୍ରିୟ ଭାବରେ ସାମିଲ ଥିଲେ। ଉଦଘାଟନୀ ସମାରୋହରେ ପଶ୍ଚିମବଙ୍ଗର ରାଜ୍ୟ ଆୟୁକ୍ତ (କବ୍) ଯୋଗେନ୍ଦ୍ର ପ୍ରସାଦ ଏବଂ ଉଦଯାପନୀ ଉତ୍ସବରେ କର୍ସିୟାଙ୍ଗର ଉପଜିଲ୍ଲାପାଳ ଶ୍ରୀ ବି.ତେଜା ଦୀପକ ଯୋଗଦେଇ ଅଂଶଗ୍ରହଣକାରୀଙ୍କୁ ମାର୍ଗଦର୍ଶନ କରିଥିଲେ। ଏହି ପାଞ୍ଚଦିନିଆ ଶିବିରରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରି ସଫଳତାର ସହ ପ୍ରତ୍ୟାବର୍ତ୍ତନ କରିଥିବାରୁ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ତିନି ବିଦ୍ୟାର୍ଥୀ ଓ ପ୍ରାଧ୍ୟାପକଙ୍କୁ କୁଳପତି ପ୍ରଫେସର ତେଜପ୍ରତାପ, ଛାତ୍ରକଲ୍ୟାଣ ଡିନ୍ ପ୍ରଫେସର ଜୟପ୍ରକାଶ ଭଟ୍ଟ ଏବଂ ସର୍ବୋପରି କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ପ୍ରମୁଖ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

## ଚୌଦ୍ୱାର ପୌରାଞ୍ଚଳରେ ଡ୍ରେନେଜ ସଫେଇ ନେଇ ଦାବିପତ୍ର

ଚୌଦ୍ୱାର, ୧୮।୬(ସମିସ): ଦୀର୍ଘ ଦିନ ଧରି ଚୌଦ୍ୱାର ପୌରାଞ୍ଚଳରେ ଡ୍ରେନେଜ ଅବ୍ୟବସ୍ଥା ଲାଗି ରହିଛି। ବିଭିନ୍ନ ସ୍ଥାନରେ ଡ୍ରେନେଜ ଗୁଡ଼ିକ ସଫେଇ ନ ହେବା ଯୋଗୁଁ ବର୍ଜ୍ୟଜଳ ଅବରୋଧ ହୋଇ ପରିବେଶ ପ୍ରଦୂଷଣ କରୁଛି। ବିଶେଷ କରି ଡ୍ରେନେଜ ଗୁଡ଼ିକରେ ପଙ୍କୋଦ୍ଧାର ଓ ସଫେଇ, ମରାମତି ଆଦି ହେଉ ନ ଥିବା ଯୋଗୁଁ ବର୍ଷାଦିନେ ଲୋକେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଆବର୍ଜନା ପାଣି ଭିତରେ ଲୋକେ ନର୍କ ଯନ୍ତ୍ରଣା ଭୋଗ କରୁଥିଲେ ମଧ୍ୟ ଏ ନେଇ ପୌର କର୍ତ୍ତୃପକ୍ଷଙ୍କ ନିଦ ଭାଙ୍ଗୁନି। ଏଭଳି ସମସ୍ୟାରୁ ଚୌଦ୍ୱାର ଅଞ୍ଚଳକୁ ମୁକ୍ତ କରିବା ପାଇଁ କଟକ ଜିଲ୍ଲା ସୂଚନା ଅଧିକାର ଅଭିଯାନ ପକ୍ଷରୁ ପୌରପାଳିକା, ଜନସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିବା ସହ ଜନସଚେତନତା ସୃଷ୍ଟି କରାଇଛନ୍ତି। ଏହି କାର୍ଯ୍ୟକ୍ରମରେ ଶ୍ରୀକାନ୍ତ ପାକଳ, ପ୍ରଭାନନ୍ଦ ସାହୁ, ସୁରେଶ ରାଉତରାୟ, ପ୍ରତାପ ଜେନା, ଜୟ ସିଂହ, ରମେଶ ନାୟକ, ଜୟନ୍ତ ବେହେରା, ଅବଦୁଲ୍ଲ ରସିଦ, ହରିହର ବେଉରା, ଦେବେନ୍ଦ୍ର ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।

## ସୁଧୁରିବ ନୂଆ କାଚରାମାଳ ଜଳବନ୍ଦୀ ସମସ୍ୟା

**● ୨ କୋଟି ୨୬ଲକ୍ଷ ଟଙ୍କାର ୩ଟି ପ୍ରକଳ୍ପର ଶିଳାନ୍ୟାସ କଲେ ସଦର ବିଧାୟକ**

ଫୁଲନଖରା, ୧୮।୬(ସମିସ): କଟକ ମହାନଗର ନିଗମ ୫୯ନଂ ୱାର୍ଡର ନୂଆ କଚରାମାଳ ଗ୍ରାମ ଦୀର୍ଘ ବର୍ଷ ଧରି ଜଳବନ୍ଦୀ ସମସ୍ୟା ଘେରରେ ରହିଥିବା ବେଳେ ଏହାର ସ୍ଥାୟୀ ସମାଧାନ ନିମନ୍ତେ କଟକ ସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ ଓ ସ୍ଥାନୀୟ କର୍ପୋରେଟର ମମତା ମହାନ୍ତିଙ୍କ କରକମଳରେ ୩ଟି ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ନୂଆ କାଚରାମାଳ ଗ୍ରାମର ପ୍ରକାଶ ଦାସଙ୍କ ଘର ଠାରୁ ଲେଲିନ୍ ମହାନ୍ତି ଘର ପର୍ଯ୍ୟନ୍ତ ଜଳ ନିଷ୍କାସନ ଡ୍ରେନ୍ ନିମନ୍ତେ ୬୧ଲକ୍ଷ ଟଙ୍କା, ଜୟାଗଡ଼ା ଠାରୁ ଫୁଲନଖରା ଡିଷ୍ଟ୍ରିବ୍ୟୁଟାରୀ କେନାଲ ପର୍ଯ୍ୟନ୍ତ ଡ୍ରେନେଜ୍ ସିଷ୍ଟମ୍ ପାଇଁ ୮୧ଲକ୍ଷ ଟଙ୍କା ଓ ବିଶେଷକରି ଜାତୀୟ ରାଜପଥ କଡରେ ସର୍ବସାଧାରଣଙ୍କ ଯାତାୟତ ପାଇଁ ଅଯୋଗ୍ୟ ହୋଇ ପଡ଼ିରହିଥିବା ଜୟାଗଡ଼ା ଠାରୁ ଫୁଲନଖରା ବଜାର ପର୍ଯ୍ୟନ୍ତ କଂକ୍ରିଟ୍ ରୋଡ୍ ପାଇଁ ୮୪ ଲକ୍ଷ ଟଙ୍କା ମଞ୍ଜୁର କରାଯିବା ସଙ୍ଗେ ସଙ୍ଗେ ନିର୍ମାଣ କାର୍ଯ୍ୟ ନିମନ୍ତେ ଶିଳାନ୍ୟାସ କାର୍ଯ୍ୟକ୍ରମ ସମାପନ ହୋଇଯାଇଛି। ସ୍ୱାଧୀନଚେତା ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପ୍ରାରମ୍ଭିକା ସଭାରେ ଗ୍ରାମ୍ୟ ଉନ୍ନୟନ କମିଟିର ସମ୍ପାଦକ ପ୍ରଶାନ୍ତ ପଟ୍ଟନାୟକ, ବରିଷ୍ଠ ମୁରବୀ ଠାକୁର ପ୍ରସାଦ ଦାସ, ରଜନୀକାନ୍ତ ପଟ୍ଟନାୟକ, ମଧୁସୂଦନ ପଟ୍ଟନାୟକ, ଶଶିଭୂଷଣ ମହାନ୍ତି, କିଶୋର ପଟ୍ଟନାୟକ, ଚିତ୍ତ ରଞ୍ଜନ ଦାସ, ବଦ୍ରିନାରାୟଣ ପଟ୍ଟନାୟକ, ପବିତ୍ର କୁମାର ବେହେରା, ବଟକୃଷ୍ଣ ବେହେରା, ରମଣୀ ରଞ୍ଜନ ପଟ୍ଟନାୟକ, ଗୋପାଳପୁର ବିଜେପି ମଣ୍ଡଳ ସଭାପତି ନିହାର ରଞ୍ଜନ ପଣ୍ଡା, ପୂର୍ବତନ ମଣ୍ଡଳ ସଭାପତି ପ୍ରମୋଦ ଓଝା, ପ୍ରଶାନ୍ତ ଦଳାଇ, ପୂର୍ବତନ କର୍ପୋରେଟର ସୁକାନ୍ତ ଭୋଇ, ବିଚିତ୍ରାନନ୍ଦ ଦଳାଇ, କାର୍ଯ୍ୟନିର୍ବାହୀ ସହାୟକ ଯନ୍ତ୍ରୀ ଚିତ୍ତ ରଞ୍ଜନ ସ୍ୱାଇଁ, ସହାୟକ ଯନ୍ତ୍ରୀ ଗୀତାରାଣୀ ସାହୁଙ୍କ ସମେତ ଶତାଧିକ କର୍ମୀ ଯୋଗଦେଇଥିଲେ। ଶେଷରେ ଗ୍ରାମ୍ୟ ଉନ୍ନୟନ କମିଟିର ସଭାପତି ଶିକ୍ଷାବିତ୍ ଗୁଣନିଧି ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।



**ସହକାରୀ ଯନ୍ତ୍ରୀଙ୍କ ଚଞ୍ଚକତା**

## ଆବାସ ଯୋଜନାରୁ ଲୋକେ ବଞ୍ଚିତ ଅଭିଯୋଗ

କଟକ, ୧୮।୬(ସମିସ)

ମାହାଙ୍ଗା ବ୍ଲକରେ ଜଣେ ସହକାରୀ ଯନ୍ତ୍ରୀଙ୍କ ଚଞ୍ଚକତା ଯୋଗୁଁ ଲୋକେ ରାଜ୍ୟ ସରକାରଙ୍କ ଅନ୍ତୋଦ୍ୱୟ ଗୃହ ଯୋଜନାରେ ଗୃହ ପାଇବାରୁ ବଞ୍ଚିତ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ଏହାର ତଦନ୍ତ କରାଯାଇ ସମ୍ପୃକ୍ତା ସହକାରୀ ଯନ୍ତ୍ରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ସ୍ଥାନୀୟ ନିର୍ବାଚିତ ଲୋକପ୍ରତିନିଧି ଓ ଲୋକେ ଦୃଢ଼ ଦାବି କରିଛନ୍ତି। ଓଡ଼ିଶା ସରକାରଙ୍କ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଗରିବ ବାସହୀନ ପରିବାରଙ୍କ ପାଇଁ ସ୍ଥାୟୀ ପକ୍କାଘର ଯୋଗାଇ ଦେବାର ବ୍ୟବସ୍ଥା ରହିଛି। ମାହାଙ୍ଗା ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ ପତ୍ର ସଂଖ୍ୟା ୩୫୫୮ ତା ୨୪/୩/୨୦୨୫ ଅନୁଯାଇ ସମସରପୁର ଗ୍ରାମପଞ୍ଚାୟତରେ ଏହି ଯୋଜନା ହିତାଧିକାରୀଙ୍କ ସ୍ଥାନୀୟ ତଦନ୍ତ ପାଇଁ ସହକାରୀ ଯନ୍ତ୍ରୀ ମୋନାଲିସା ମଲିକଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଏହି ଗରିବ କଲ୍ୟାଣ ଯୋଜନାରେ ଲାଞ୍ଚ ଅର୍ଥ ଲାଳସାରେ ସମ୍ପୃକ୍ତା ସହକାରୀ ଯନ୍ତ୍ରୀ ହିତାଧିକାରୀଙ୍କୁ ନିଜର ଏଜେଣ୍ଟଙ୍କ ଜରିଆରେ ପ୍ରଲୋଭିତ କରି ଆସୁଥିବାର ଅଭିଯୋଗ ହୋଇଛି। ଏପରିକି ଯୋଗ୍ୟ ହିତାଧିକାରୀମାନଙ୍କୁ ବିନା କାରଣରେ ତଦନ୍ତ ରିପୋର୍ଟ ଦାଖଲ ନ କରି ସେମାନଙ୍କୁ ପ୍ରାପ୍ୟରୁ ବଞ୍ଚିତ କରାଯାଇ ଆସୁଥିବାର ଅଭିଯୋଗ ହୋଇଛି। ଏହି ସମ୍ବନ୍ଧୀୟ ତଥ୍ୟ ଭିତ୍ତିକ ଅଭିଯୋଗ ପାଇବା ପରେ କଟକ ଜିଲ୍ଲାପାଳଙ୍କ ପତ୍ର ସଂଖ୍ୟା ୧୯୨୬/ ଜେଡପି ତା ୨୯/୪/୨୦୨୫ରିଖରେ ଜିଲ୍ଲାପାଳ ତାଙ୍କୁ କୈଫତ ତଲବ କରାଇଥିଲେ। ମାତ୍ର ସମ୍ପୃକ୍ତା ସହକାରୀ ଯନ୍ତ୍ରୀ ପରବର୍ତ୍ତୀ ସମୟରେ ମଧ୍ୟ ଠିକ୍ ସେହିପରି ଆଚରଣ କରି ଆସୁଥିବାର ଅଭିଯୋଗ ହୋଇଛି। ସ୍ଥାନୀୟ ତଦନ୍ତ ରିପୋର୍ଟ ଦାଖଲ ନ କରି ସମୟ ଗଡ଼ାଇ ଗଡ଼ାଇ ଚାଲିଥିବାର ଅଭିଯୋଗ ହୋଇଛି। ନିଜର ସ୍ୱାର୍ଥ ହାସଲ ନିମନ୍ତେ ରୀତିମତ ସମ୍ପୃକ୍ତା ସହକାରୀ ଯନ୍ତ୍ରୀ ଯୋଜନା କରୁଥିବାର ଅଭିଯୋଗ ହୋଇଛି। ଆଗକୁ ବର୍ଷା ଋତୁ ଆସୁଥିବା କାରଣରୁ ହିତାଧିକାରୀମାନେ ଗୃହ ନିର୍ମାଣ କରିବା ପାଇଁ ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖିନ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ସମ୍ପୃକ୍ତା ସହକାରୀ ଯନ୍ତ୍ରୀଙ୍କ ଏତାଦୃଶ ହରକତ ଓ ଅସାଧୁ ଉଦ୍ୟମ ଅଭିଯୋଗ ପରେ ତାଙ୍କୁ ଗତ ତା ୩୦/୫/୨୦୨୫ରିଖରେ ସମସରପୁର ପଞ୍ଚାୟତରୁ ଅନ୍ତର କରାଯାଇଥିଲା। ଅନ୍ୟ ଜଣେ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି। ସେ ମଧ୍ୟ ହିତାଧିକାରୀମାନଙ୍କ ଘରକୁ ଘର ବୁଲି ଦାୟିତ୍ୱ ନିର୍ବାହ କରୁଛନ୍ତି। ମାତ୍ର ଏହି ସମୟରେ ପୂର୍ବରୁ ଦାୟିତ୍ୱରେ ଥିବା ମୋନାଲିସା ମଲିକ ପିଛିଲା ତାରିଖ ପକାଇ ସମସରପୁର ପଞ୍ଚାୟତର ଯୋଗ୍ୟ ହିତାଧିକାରୀ ତାଲିକା ୪/୬/୨୦୨୫ରିଖରେ ଅଧିକାରୀଙ୍କୁ ପ୍ରଦାନ କରିଥିବାର ଅଭିଯୋଗ ହୋଇଛି। ସମ୍ପୃକ୍ତା ସହକାରୀ ଯନ୍ତ୍ରୀଙ୍କ ଏତାଦୃଶ୍ୟ କାର୍ଯ୍ୟରେ ଅବହେଳା ଓ ଅନୈତିକ ଉପାୟରେ ଅର୍ଥ ରୋଜଗାର ପାଇଁ ହୋଇଥିବାରୁ ସୁଚିନ୍ତିତ ଯୋଜନାର ତଦନ୍ତ ହେବା ସହ କଠୋର କାର୍ଯ୍ୟାନୁଷ୍ଠାନ ନିମନ୍ତେ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ସମସରପୁର ସରପଞ୍ଚ ଦେବକି ମଲିକ, ସମିତିସଭ୍ୟା ଉର୍ମିଳା ଦାସଙ୍କ ସମେତ ସ୍ଥାନୀୟ ଗ୍ରାମପଞ୍ଚାୟତର ବହୁ ବ୍ୟକ୍ତି ଏ ସମ୍ପର୍କରେ କଟକ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦାବି କରିଛନ୍ତି। ଏ ସମ୍ପର୍କରେ ମତାମତ ନେବା ନିମନ୍ତେ ସହକାରୀ ଯନ୍ତ୍ରୀ ମୋନାଲିସା ମଲିକଙ୍କ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ହୋଇପାରି ନ ଥିଲା।

# ବିଭିନ୍ନ ହୋଟେଲରେ ଚଢ଼ଉ



ଗୁଣପୁର, ୧୮।୬(ସମିସ): ରାୟଗଡ଼ା ଜିଲ୍ଲା ଗୁଣପୁର ମ୍ୟୁନିସିପିଟି ନିର୍ବାହୀ ଅଧିକାରୀ ସହ ଖାଦ୍ୟ ନିରାପତ୍ତା ଅଧିକାରୀଙ୍କ ଚେତା ପଶିଛି। ପୌରାଞ୍ଚଳର ବିଭିନ୍ନ ହୋଟେଲରେ ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକଙ୍କ ସହ ଖାଦ୍ୟ ନିରାପତ୍ତା ଅଧିକାରୀ ପଙ୍କୋଜିନି ଦେହୁରୀ ମିଳିତ ଭାବେ ଚଢ଼ଉ କରିଛନ୍ତି। ଖାଦ୍ୟର ମାନ ଗୁଡ଼ିକୁ ଯାଞ୍ଚ କରିବା ସହ ହୋଟେଲ ଗୁଡିକ ଉପରୁ ଫାଇନ ଆଦାୟ କରାଯାଉଛି। ନୂଆ ବସଷ୍ଟାଣ୍ଡ ଠାରେ ଥିବା ବିଭିନ୍ନ ହଟେଲ୍ ଗୁଡିକରେ ବାସି ଖାଦ୍ୟ ରଖାଯାଉଥିବା ସହ ନିମ୍ନମାନର କଲର ଦିଆ ଖାଦ୍ୟକୁ ଦେଖିବାକୁ ମିଳିଥିଲା। ଏହାକୁ ଦେଖି ପୌରପରିଷଦ ନିର୍ବାହି ଅଧିକାରୀ ସନ୍ତୋଷ କୁମାର ନାୟକ ଓ ଖାଦ୍ୟ ନିରାପତ୍ତା ଅଧିକାରୀ ପଙ୍କୋଜିନି ଦେହୁରୀ ଖାଦ୍ୟ ଗୁଡିକୁ ପୌର ପରିଷଦ କର୍ମଚାରୀ ଦ୍ୱାରା ଫୋପଡ଼ା ଯାଇଥିଲା। ବିଳମ୍ବରେ ହେଲେ ବି ଖାଦ୍ୟ ନିରାପତ୍ତା ଅଧିକାରୀଙ୍କ ତତ୍ପରତା ପରେ କିଛି ହୋଟେଲ୍ ବନ୍ଦ କରି ମାଲିକ ଚାଲିଯାଇଥିଲେ। ସୂଚନାଯୋଗ୍ୟ, କଲର ଦିଆ ଖାଦ୍ୟ, , ଅପମିଶ୍ରିତ ଖାଦ୍ୟ, ଏକ୍ସପାରୀ ସାମଗ୍ରୀ ବ୍ୟବହାର ବାସି ଖାଦ୍ୟ ଫ୍ରିଜ୍‌ରେ ରଖି ବିକ୍ରି କରିବା ନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲେ ମଧ ଖାଦ୍ୟ ନିରାପତ୍ତା ଅଧିକାରୀ ଚୁପ୍ ରହି ନାମକୁ ମାତ୍ର ବର୍ଷକୁ ଥରେ ଦୁଇଥର ଚଢ଼ଉ କରୁଛନ୍ତି। ଆଗକୁ ଏଭଳି ଚଢ଼ଉ ଜାରି ରହିବ ବୋଲି ଖାଦ୍ୟ ନିରାପତ୍ତା ଅଧିକାରି ଓ ପୌରପରିଷଦ ନିର୍ବାହି ଅଧିକାରୀ କହିଛନ୍ତି।

# ଗୁଡାରୀ ବ୍ଲକ୍ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପାଇଁ ଆବେଦନ




ଗୁଣପୁର, ୧୮।୬(ସମିସ): ବିଜେଡି ଛାଡି ନୂଆକରି କଂଗ୍ରେସରେ ସାମିଲ ହୋଇଥିବା ଗୁଡାରି ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ଶବରଙ୍କ ବିରୋଧରେ ଆଜି ଅନାସ୍ଥା ଆବେଦନ କରାଯାଇଛି। ବ୍ଲକର ଅସନ୍ତୋଷ ପଞ୍ଚାୟତ ପ୍ରତିନିଧି ମାନେ ଉପ ଜିଲ୍ଲାପାଳ କିରନ ଦୀପ କୌର ସହୋତାଙ୍କୁ ଗୁଣପୁର କାର୍ଯାଳୟ ଠାରେ ଭେଟି ଅନାସ୍ଥା ଆବେଦନ କରିଛନ୍ତି। ଗତ ସାଧାରଣ ନିର୍ବାଚନ ପରେ ଗତ ନଭେମ୍ବର ମାସରେ ପ୍ରଥମ କରି ଏହି ଅନାସ୍ଥା ଆବେଦନ କରାଯାଇ ଥିବା ବେଳେ ସେଥିରେ ତ୍ରୁଟି ଥିବାରୁ ତାହା କାର୍ଯ୍ୟକାରୀ ହୋଇପାରି ନଥିଲା। ଏବେ ପୁଣି ବ୍ଲକ ଉପାଧ୍ୟକ୍ଷ ବିଶ୍ୱନାଥ ଶବରଙ୍କ ନେତୃତ୍ୱରେ ପ୍ରାୟ ୧୫ ଜଣଙ୍କ ଦସ୍ତଖତ ସମ୍ବଳିତ ଏହି ଆବେଦନ ପତ୍ର ଦିଆଯାଇ ଥିବା ଜଣାପଡିଛି। ତେବେ ନୂଆକରି କଂଗ୍ରେସରେ ସାମିଲ ପରେ ଏଭଳି ଅନାସ୍ଥା ଆବେଦନ ହୋଇଥିବାରୁ ଏହା ଏବେ ବିଧାୟକଙ୍କ ସମ୍ମାନର ପ୍ରଶ୍ନ ହୋଇଛି। ଏହି ଅନାସ୍ଥା ପଛରେ ବିଜେଡି ବିଜେପି ସମେତ କଂଗ୍ରେସ ଏବଂ ଅସସନ୍ତୁଷ୍ଟ ଗୋଷ୍ଠୀର ହାତ ରହିଥିବା କୁହାଯାଉଛି। ଏହି ଘଟଣାକୁ ନେଇ ଗୁଡାରୀ ରାଜନୀତି ଉଷ୍ମ ହୋଇଛି।

# ରାସ୍ତା ନିର୍ମାଣ ପାଇଁ ଦାବିପତ୍ର



ମୁନିଗୁଡ଼ା,୧୮।୬(ସମିସ): ରାୟଗଡା ଜିଲ୍ଲା ମୁନିଗୁଡା ବ୍ଲକ ଅମ୍ବାଦଳା ପାଇକସାହି ବଉଳାଣି ତୋଟା ନିକଟସ୍ଥ ରେଳ ଫାଟକରେ ଭୂତଳ ରାସ୍ତା ନିର୍ମାଣ ପାଇଁ ବହୁଦିନରୁ ଦାବି ଜୋର ଧରିଥିବାବେଳେ ଆଜି ଏ ନେଇ ରାୟଗଡ଼ା ଜିଲ୍ଲାପରିଷଦ ଉପାଧ୍ୟକ୍ଷ ସନ୍ତୋଷ ସୁନା ଏବଂ ମୁନିଗୁଡା ବ୍ଲକ ଉପାଧ୍ୟକ୍ଷ ଆଦର୍ଶ କୌଶଲ୍ୟାଙ୍କ ନେତୃତ୍ୱରେ ଅମ୍ବାଦଳା ଯୁବକ ସଙ୍ଘର ନେତୃମଣ୍ଡଳୀ ରାୟଗଡ଼ା ଜିଲ୍ଲାପାଳ ପାରୁଲ ପଟୱାରୀଙ୍କୁ ସାକ୍ଷାତ କରି ପୁଣି ଦାବି ଦୋହରାଇଛନ୍ତି। ଅଞ୍ଚଳବାସୀଙ୍କ ପକ୍ଷରୁ ଏକ ଲିଖିତ ଦାବିପତ୍ର ଜିଲ୍ଲାପାଳଙ୍କୁ ଦିଆଯାଇଛି। ସେହିଭଳି ଅମ୍ବାଦଳା ପଞ୍ଚାୟତର ଲଡକାଚଞ୍ଚଡା ଛକଠାରୁ ରଘୁବାରୀ ଓ ଡ଼ିମିରିଗୁଡା ପଞ୍ଚାୟତକୁ ପ୍ରଶସ୍ତ ପକ୍କାରାସ୍ତା ନିର୍ମାଣ ପାଇଁ ମଧ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇ ଅନୁରୋଧ ଉପସ୍ଥାପନ କରାଯାଇଛି। ଲଡକାଚଞ୍ଚଡା ଛକଠାରୁ ରଘୁବାରୀ ଅଣଓସାରିଆ ଘାଟି ରାସ୍ତା ଖାଲ ଖମାରେ ଭର୍ତ୍ତି ହୋଇ ଦୁର୍ଗମ ହେବା ସହ ଏକପ୍ରକାର ଦୁର୍ଘଟଣାପ୍ରବଣ ହୋଇ ପଡିଛି। ତେଣୁ ଏହି ରାସ୍ତାର ପୁନଃନିର୍ମାଣ କାର୍ଯ୍ୟ ପୂର୍ତ୍ତ ବିଭାଗକୁ ଦିଆଯାଇ ପ୍ରଶସ୍ତ ତଥା ଉନ୍ନତ ମାନର ପକ୍କାରାସ୍ତା ନିର୍ମାଣ ପାଇଁ ଦାବି ହୋଇଛି। ତେବେ ଲୋକଙ୍କ ଦୀର୍ଘକାଳୀନ ସମସ୍ୟାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ଉଭୟ ଦାବିକୁ ଗ୍ରହଣ କରି ଖୁବ୍‌ଶୀଘ୍ର ପଦକ୍ଷେପ ନେବାପାଇଁ ପ୍ରତଶ୍ରୁତି ଦେଇଥିବା ଜଣାପଡିଛି। ଜିଲ୍ଲାପାଳଙ୍କ ସହିତ ଆଲୋଚନା ବେଳେ ଯୁବନେତା ଦକ୍ଷ ବାତ୍ରା, ସୁଶାନ୍ତ ପୂଜାରୀ, ମାଧବ ସୁନା, ଦ୍ରୋଣ ଟାକ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଦୁଇ ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର



କୋଟପାଡ଼,୧୮।୬(ସମିସ) କୋରାପୁଟ ଜିଲା କୋଟପାଡ଼ ଅଞ୍ଚଳରେ ବୁଧବାର ଦିନ ୨ଟି ସ୍ଥାନରେ ପୃଥକ ପୃଥକ ସଡ଼କ ଦୁର୍ଘଟଣାରେ ଜଣେ ମୃତ୍ୟୁବରଣ କରିଥିବା ବେଳେ ଜଣେ ଗୁରୁତର ହେଇଥିବା ଜଣାପଡିଛି। ଅପରାହ୍ନ ୩ଟାରେ କୋଟପାଡ଼ ସହ କୁସୁମୀକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତା ବୋବେୟା ପଞ୍ଚାୟତ ଚିଲିଗୁଡା ଗ୍ରାମ ନିକଟରେ ଦୁର୍ଘଟଣା ଘଟିଥିଲା। ସେହିଭଳି ଅପରାହ୍ନ ୫ଟାରେ କୋଟପାଡ଼ ଜୟପୁର ଜାତୀୟ ରାଜପଟ ୬୩ ନଂ ସୋର୍ଗୀଗୁଡା ଛକ ନିକଟରେ ଏକ ଦୁର୍ଘଟଣା ଘଟିଛି। ଚିଲିଗୁଡା ରାସ୍ତାରେ ଫୁଂପୁ ଗାଁ ଗ୍ରାମର ନୀଳାମ୍ବର ନାୟକ(୫୦) ନିଜ ବାଇକ ନେଇ କୌଣସି କାମରେ ବୋବେୟା ଯାଇ ଫେରୁଥିବା ସମୟରେ ଉକ୍ତ ରାସ୍ତାରେ ଦୁର୍ଘଟଣା ଘଟିଥିଲା। ତାଙ୍କ ବାଇକ୍ ରାସ୍ତା ଉପରେ ପଡିଥିବା ସହ ସେ ରାସ୍ତା ପାଶ୍ୱର୍ ଏକ ନାଳରେ ପଡିଥିବା ଯାତାୟତ କରୁଥିବା ଲୋକେ ଦେଖି ତୁରନ୍ତ କୋଟପାଡ଼ ପୋଲିସକୁ ଖବର ଦେଇଥିଲେ। ଏଥି ପୂର୍ବରୁ ତାଙ୍କର ମୃତ୍ୟୁ ହେଇଥିବା ଉପସ୍ଥିତ ଲୋକେ କହିଛନ୍ତି। ସେହିଭଳି ଅପରାହ୍ନ ୫ଟାରେ ଅମରକୋଟରୁ ଜଗଦଲପୁର ଯାଉଥିବା ଗୁପ୍ତା ଟ୍ରାଭେଲ୍ସ ନାମକ ଘରୋଇ ବସ୍ କୋଟପାଡ ସହର ସୋର୍ଗୀଗୁଡା ଗ୍ରାମ ଛକରେ ବଡାଶନା ଗ୍ରାମ ପାଶ୍ୱର୍ରୁ ଆସୁଥିବା ଏକ ବାଇକ୍ ଆରୋହୀ ରାସ୍ତା ପାର କରୁଥିବା ସମୟରେ ବସ୍‌ଟି ଧକ୍କା ଦେଇଥିଲା। ଫଳରେ ବାଇକ୍ ଚାଳକ ରାସ୍ତା ଉପରେ ଛିଟିକି ପଡିଥିଲେ। ଉପସ୍ଥିତ ଲୋକେ ତୁରନ୍ତ ଏକ ଅଟୋରେ ତାଙ୍କୁ କୋଟପାଡ଼ ସାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ତେବେ ବ୍ୟକ୍ତି ଜଣଙ୍କ କେରକେଣ୍ଡା ଅଞ୍ଚଳର ବୋଲି ଲୋକେ କହୁଥିବା ବେଳେ ତାଙ୍କ ନାମ ଜଣାପଡିନାହିଁ। ଦୁଇଟି ଦୁର୍ଘଟଣାକୁ ନେଇ ପୁଲିସ ଅଧିକ ତଦନ୍ତ କରୁଥିବା ଜଣାପଡିଛି।

# ପାରିକ୍ଷୀତି ପଞ୍ଚାୟତରେ ବିକାଶ ବାହନ ଯାତ୍ରା

ରାମନାଗୁଡ଼ା,୧୮।୬(ସମିସ): ରାୟଗଡା ଜିଲ୍ଲା ରାମନାଗୁଡ଼ା ପଞ୍ଚାୟତ ସମିତି ଅନ୍ତର୍ଗତ ପାରିଖିତି ପଞ୍ଚାୟତ ଠାରେ ବିକାଶ ବାହନ ଯାତ୍ରା ଆୟୋଜିତ ହୋଇଥିଲା। ଏଥି ସହିତ ସରକାର ନିର୍ଦ୍ଦେଶ ଅନୁସାରେ ଧରତି ଆବା ଜନଜାତି ଗ୍ରାମ ଉତ୍କର୍ଷ ଅଭିଯାନ କାର୍ଯ୍ୟକ୍ରମ ମିଳିତ ଭାବେ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ପଞ୍ଚାୟତ ସମିତି ଅଧ୍ୟକ୍ଷ ରବିଶଙ୍କର ଗମାଙ୍ଗ ଯୋଗ ଦେଇ ସଶକ୍ତିକରଣ ପଞ୍ଚାୟତ ସମିତି ଗଠ ରେ ଏହି କାର୍ଯ୍ୟକ୍ରମ ଏକ ଦୂରଦୃଷ୍ଟି ସମ୍ପନ୍ନ ପ୍ରୟାସ ବୋଲି ମତ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ରୂପେ ସରପଞ୍ଚ ସୂର୍ଯ୍ୟରାଓ କୁମ୍ବ୍ରିକା, ନାଏବ ସରପଞ୍ଚ ଶକୁନ୍ତଳା ମାଣ୍ଡାଙ୍ଗି, ସମିତି ସଭ୍ୟା ଲକ୍ଷ୍ମୀ କାଡ୍ରାକା, ସହକାରୀ ନିର୍ବାହୀ ଯନ୍ତ୍ରୀ ଏ ସନ୍ତୁଖା ପାତ୍ର,ଭାରପ୍ରାପ୍ତ ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ପଦ୍ମନ ସାହୁ , ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁସ୍ମିତା ରଥ,ପଞ୍ଚାୟତ ନିର୍ବାହୀ ଅଧିକାରୀ ନରହରି ଦାଶ ପ୍ରମୁଖ ଯୋଗ ଦେଇ ସରକାର ଙ୍କ ବିଭିନ୍ନ ଜନ କଲ୍ୟାଣ ଯୋଜନା ବିଷୟ ରେ ଅବଗତ କରିଥିଲେ।ଏଥି ସହିତ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଗୁଣପୁର,ସ୍ୱାସ୍ଥ୍ୟ ,ଜଙ୍ଗଲ ଓ ପରିବେଶ ,ରାଜସ୍ୱ ,କୃଷି ,ଉଦ୍ୟାନ କୃଷି ଓ ମହିଳା ଶିଶୁ ବିକାଶ ବିଭାଗ ଅଧିକାରୀ ଯୋଗ ଦେଇ ଜନଜାତିଙ୍କ ନିମନ୍ତେ ଉପଯୋଗୀ ବିଭିନ୍ନ ଯୋଜନା ବାବଦରେ ସୂଚନା ଦେଇଥିଲେ। ଜଙ୍ଗଲ ବିଭାଗ ତରଫରୁ ମା'ପାଇଁ ଗଛଟିଏ ଅଭିଯାନରେ ବୃକ୍ଷ ରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗୁଣୁପୁର ନିର୍ବାଚନ ମଣ୍ଡଳୀ ସଂଯୋଜକ ଆଶିଷ କୁମାର ବେହେରା, ମଣ୍ଡଳ ପ୍ରତିନିଧି ଶିବ ପ୍ରସାଦ ବ୍ରହ୍ମା, ଯୁବ ନେତା ଶକ୍ତି ପ୍ରସାଦ ପାତ୍ର, ନରସିଂହ ମାଣ୍ଡାଙ୍ଗି, ରଘୁନାଥ ସାମଲ, ଗଙ୍ଗା ମାଣ୍ଡାଙ୍ଗି, ସୁଧୀର ମିଶାଲ ଜଙ୍ଗଲ ବିଭାଗର ରଞ୍ଜିତା ଗୌଡ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଯନ୍ତ୍ରୀ ସୁମିତ୍ରା ଦାସ, କୃଷି ବିଭାଗ, ଉଦ୍ୟାନ କୃଷି ବିଭାଗ, ସ୍ୱାସ୍ଥ୍ୟର ଆୟୁଷ ଡାକ୍ତର ପ୍ରଭାତ କୁମାର ଦାଶ, ସ୍ୱାସ୍ଥ୍ୟ ନିରୀକ୍ଷକ ହରିହର ହାଲୁଆ, ରାଜସ୍ୱ ବିଭାଗ, ମହିଳା ଶିଶୁ ବିକାଶ ବିଭାଗର ମଣ୍ଡଳ ପରିଦର୍ଶିକା ବିଜୟ ଲକ୍ଷ୍ମୀ ପିର୍ବାକାଙ୍କ ସମେତ ଅଙ୍ଗନବାଡି କର୍ମୀ, ଆଶା କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅଜିତ କୁମାର ଚୌଧୁରୀ, ଗ୍ରାମ୍ୟ ରୋଜଗାର ସେବକ ସଂଗ୍ରାମ ବ୍ରହ୍ମା, ଯୋଗାଣ ସହାୟକ ଅନିତା ପାତିକା ସହଯୋଗ କରିଥିଲେ। ଅକ୍ଷୟ କୁମାର ପଣ୍ଡା ମଞ୍ଚ ସଂଯୋଜନା କରିଥିଲେ।

# ସୁବାଷ ଚନ୍ଦ୍ର ମାଝୀ ବାଲିମେଳା ମହାବିଦ୍ୟାଳୟର ନୂଆ ଅଧ୍ୟକ୍ଷ



କୋରୁକୋଣ୍ଡା/ବାଲିମେଳା, ୧୮।୬(ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅଧିନସ୍ଥ ନିଲାକମ୍ବରୁରେ ସ୍ଥିତ ବାଲିମେଳା ବିଜ୍ଞାନ ଓ ବୈଷୟିକ ମହାବିଦ୍ୟାଳୟ ଅଛି। ଏହି ମହାବିଦ୍ୟାଳୟରେ ନୂତନ ଭାବେ ଅଧ୍ୟକ୍ଷ ଭାବେ ଉଦ୍ଭିଦ ବିଜ୍ଞାନର ପ୍ରଫେସର ସୁବାଷ ଚନ୍ଦ୍ର ମାଝୀ ଆଜି ନିଜ ଆସନ ଗ୍ରହଣ କରିଥିଲେ। ପୂର୍ବରୁ ଶ୍ରୀ ମାଝୀ ବରଗଡ଼ ଜିଲ୍ଲା ଗାଇସିଲଟ ମହାବିଦ୍ୟାଳୟରେ ଉଦ୍ଭିଦ ବିଜ୍ଞାନ ପ୍ରଫେସର ଭାବରେ କାର୍ଯ୍ୟ କରୁଥିଲେ। ଗତ ମାସ ଶେଷରେ ପ୍ରଫେସର ରବୀନ୍ଦ୍ରନାଥ ପାତ୍ର ତାଙ୍କ କାର୍ଯ୍ୟରୁ ଅବସର ଗ୍ରହଣ କରିଥିଲେ। ସମସ୍ତ କର୍ମ କର୍ତା ଅଧ୍ୟକ୍ଷ ଶ୍ରୀ ମାଝୀଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଥିଲେ।

# ଗାଁ ମଣ୍ଡପ ନିର୍ମାଣ ପାଇଁ ଭୂମିପୂଜନ

ମାଥିଲି,୧୮।୬(ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଅନ୍ତରଗତ ମେଟ୍ଟା ପଞ୍ଚାୟତରେ ନୂତନ ବର୍ଷର ୨୦୨୫/୨୬ରେ ସରକାରୀ ଅନୁଦାନ ଓ କାର୍ଯ୍ୟ ଖସଡ଼ାର ନୂତନ ପ୍ରକଳ୍ପ ଶୁଭ ଆରମ୍ଭ ହୋଇଥିବା ବେଳେ ଗାଁ ମଣ୍ଡପ ନିର୍ମାଣ ପାଇଁ ଭୂମିପୂଜନ କରାଯାଇଛି। ମାଥିଲି ବ୍ଲକ ମେଟ୍ଟା ଗ୍ରାମପଞ୍ଚାୟତ ଅଧୀନସ୍ଥ କାଳିଆଗୁଡା, ପୁରୁଣା ଦାମାପଡା, ତାଳଗୁଡା ଠାରେ ଏକ ନୂତନ ଗାଁ ମଣ୍ଡପ ନିର୍ମାଣ କାମର ଶୁଭ ଆରମ୍ଭ ହେଲା। ଏହି ଅବସରରେ ସ୍ଥାନୀୟ ସରପଞ୍ଚ ରଞ୍ଜିତା ପୂଜାରୀ ଭୂମିପୂଜନ କରି କାମ ଆରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ମାଥିଲି ବ୍ଲକ ବିଜୁ ଜନତା ଦଳର ସଭାପତି ସଦାଶିବ ପୁଜାରୀ,ସ୍ଥାନୀୟ ୱାର୍ଡମେମ୍ବର ପ୍ରହ୍ଲାଦ ନାୟକ, ରାମଦାସ ନାୟକ, ଗୁରୁ ନାୟକ, ସନାଧର ନାୟକ, ଜିଲ୍ଲାପରିଷଦ ସଦସ୍ୟା ତଥା ଜିଲ୍ଲା ସଭାନେତ୍ରୀ ଶ୍ରୀମତୀ ଲକ୍ଷ୍ମୀପ୍ରିୟା ନାୟକ ସହ ବହୁ ସଂଖ୍ୟକ ଗ୍ରାମବାସୀ ଉପସ୍ଥିତ ଥିଲେ। ସରପଞ୍ଚ ଶ୍ରୀମତୀ ପୂଜାରୀ କହିଛନ୍ତି, ଗ୍ରାମମଣ୍ଡପଗ୍ରାମରଧାର୍ମିକଓସାମାଜିକ କାର୍ଯ୍ୟରେ ଏକ ମହତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରେ। ଏହି ନୂତନ ମଣ୍ଡପ ଗ୍ରାମବାସୀଙ୍କ ଦୀର୍ଘଦିନର ଆବଶ୍ୟକତା ରହିଥିଲା, ଯାହା ଆଜି ପୂରଣ ହେବାକୁ ଯାଉଛି।

# ବିପର୍ଯ୍ୟୟ ପ୍ରଶମନ ପାଇଁ ଟେବୁଲ୍ ଟପ୍ ଅଭ୍ୟାସ



ରାୟଗଡ଼ା,୧୮।୬(ସମିସ): ରାୟଗଡ଼ା ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ଅଧିକାରୀଙ୍କ ତରଫରୁ ଜିଲ୍ଲାସ୍ତରୀୟ ବିପର୍ଯ୍ୟୟର ସୁପରିଚାଳନା ନିମନ୍ତେ ଟେବୁଲ ଟପ୍ ଅଭ୍ୟାସ ଶିବିର ଜିଲ୍ଲାପାଳଙ୍କ ସଭାବନା ସଭାଗୃହରେ ବୁଧବାର ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ ଅଧ୍ୟକ୍ଷତା କରିଥିଲେ। ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ସଂସ୍ଥାର ପ୍ରକଳ୍ପ ଅଧିକାରୀ ଶ୍ରୀମତୀ ସଙ୍ଗୀତା ଦାଶ ଉପସ୍ଥିତ ରହି ଜିଲ୍ଲାର ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ଯୋଜନା ବିଷୟରେ ଆଲୋଚନା କରିଥିଲେ। ଜିଲ୍ଲା ସ୍ତରୀୟ ଅଧିକାରୀ ବୃନ୍ଦ ବନ୍ୟା, ବାତ୍ୟା, ଘଡ଼ଘଡ଼ି, ସାପ କାମୁଡା, ଅଦିନିଆ ବର୍ଷା, ଭୂସ୍ଖଳନ, ପାଣିରେ ବୁଡ଼ି ମୃତ୍ୟୁବରଣ ଆଦି ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ନିଜ ବିଭାଗର ଭୂମିକା ତଥା ପୂର୍ବ,ପର ଓ ବିପର୍ଯ୍ୟୟ ସମୟରେ ସଜାଗ, ସାବଧାନତା ଓ ବିହିତ ପଦକ୍ଷେପ ବିଷୟରେ ଯୋଜନା ଉପସ୍ଥାପନ କରିଥିଲେ। ଜିଲ୍ଲା ଜରୁରୀକାଳୀନ ଅଧିକାରୀ ମନୋଜ କୁମାର ନାହକ, ଓସଡମାର ଜିଲ୍ଲା ପ୍ରକଳ୍ପ ଅଧିକାରୀ ପଦୋଶ ରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଜିଲ୍ଲାପାଳ, ରାୟଗଡାଙ୍କ ନିର୍ଦ୍ଦେଶ କ୍ରମେ ବୁଧବାର ଦିନ ଅପରାହ୍ନ ତିନି ଘଟିକା ସମୟରେ ରାୟଗଡା ବ୍ଲକସ୍ତରୀୟ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ଟେବୁଲ ଟପ୍ ଅଭ୍ୟାସ ଶିବିର ବ୍ଲକ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ଓସଡମାର ରାଜ୍ୟ ପ୍ରକଳ୍ପ ଅଧିକାରୀ ସଙ୍ଗୀତା ଦାଶ, ଜରୁରୀକାଳୀନ ଅଧିକାରୀ ମନୋଜ କୁମାର ନାହକ, ଓସଡମାର ଜିଲ୍ଲା ପ୍ରକଳ୍ପ ଅଧିକାରୀ ପ୍ରଦୋଶ ରଞ୍ଜନ ଜେନା, ବ୍ଲକ ଅଧ୍ୟକ୍ଷା ସୁଶ୍ରୀ ଟୁନୀ ହୁଇକା, ବିଡିଓ ସୁଜିତ କୁମାର ମିଶ୍ର, ସହକାରୀ ଜିଲ୍ଲାପାଳ ଏନ ରବିନ୍ଦ୍ର, ସିଡିପିଓ ମୀନାକ୍ଷୀ ଦାଶ, ସହକାରୀ ନିର୍ବାହୀ ଯନ୍ତ୍ରୀ ରାକେଶ ସାହୁ, ଶିକ୍ଷା ସ୍ୱାସ୍ଥ୍ୟ, କୃଷି, ପାନିୟ ଜଳ, ସାମାଜିକ ସୁରକ୍ଷା, ପଶୁପାଳନ, ମହିଳା ଓ ଶିଶୁ ବିକାଶ ଆଦି ବିଭାଗର ଅଧିକାରୀ , ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତ୍ତା ବୃନ୍ଦ ଉପସ୍ଥିତ ଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ମିଶ୍ର ପ୍ରାରମ୍ଭିକ ଅଭିଭାଷଣ ସହ ବ୍ଲକର ବିପର୍ଯ୍ୟୟ ପରିଚାଳନା ଯୋଜନା ଉପସ୍ଥାପନ କରିଥିଲେ। ଗ୍ରାମ ପଞ୍ଚାୟତ ବିକାଶ ଅଧିକାରୀ ଗୋପାଳ ପଣ୍ଡା ବନ୍ୟା ପ୍ରପୀଡିତ ଅଞ୍ଚଳ ନିମନ୍ତେ ଯୋଜନା, ପୂର୍ବ ପ୍ରସ୍ତୁତି ଓ ଗ୍ରାମ ପଞ୍ଚାୟତ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ନୋଡ଼ାଲ ଅଧିକାରୀଙ୍କ ତାଲିକା ଉପସ୍ଥାପନ କରିଥିଲେ। ଶିକ୍ଷକ ନୀଳାଞ୍ଚଳ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

ବିଜେଡିର ଜନଜାଗରଣ ଅଭିଯାନ

# ପଞ୍ଚାୟତ କର୍ମକର୍ତ୍ତା ସମ୍ମିଳନୀ



କାଲିମେଲା,୧୮।୬(ସମିସ): ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକରେ ଜନଜାଗରଣ ଅଭିଯାନ ନେଇ ପଞ୍ଚାୟତ କର୍ମକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କ ଉପଲବ୍‌ଧି ବନାମ ବିରୋଧୀ ଦଳର ଜନଜାଗରଣ। ସରକାରଙ୍କ ବର୍ଷ ପୂର୍ତ୍ତିକୁ କାଉଣ୍ଟର କରିବା ପାଇଁ ବିଜେଡିର ଆରମ୍ଭ ହୋଇଛି ଜନଜାଗରଣ ଅଭିଯାନ। କାଲିମେଲାରେ ଏଥିପାଇଁ ପଞ୍ଚାୟତ କର୍ମକର୍ତ୍ତାଙ୍କୁ ନେଇ ସତନ୍ତ୍ର କାର୍ଯକ୍ରମ ଆୟୋଜିତ ହୋଇଛି। ଏଥିରେ ବିଜେଡି ଜିଲ୍ଲା ସଭାପତି ମାନସ ମାଡକାମି, ଜିଲ୍ଲା ସମ୍ପାଦକ ଗୋପାଳ ପଣ୍ଡା,ଜିଲ୍ଲା ସାଧାରଣ ସମ୍ପାଦକ ଦିଲୀପ ବିଶ୍ୱାସ,ବ୍ଲକ୍ ସଭାପତି ଶଙ୍କର ହାଲଦାର, ପୂର୍ବତନ ଜିଲ୍ଲା ଯୁବ ସଭାପତି ଅନୁପ ମିସ୍ତ୍ରୀ, ଜିଲ୍ଲା ପରିଷଦ ସଭ୍ୟା ମମତା ମାଡକାମି,କାଲିମେଲା ସରପଞ୍ଚ ପୃଥିବୀରାଜ ମାଝୀ, କୋଇମେଟଲା ସରପଞ୍ଚ ମୁନ୍ନା ପଡ଼ିଆମି, ରୁଦ୍ର ପାତ୍ର, ମୋଟୁ ସମିତି ସଭ୍ୟ, ବିଭିନ୍ନ ପଞ୍ଚାୟତ ର ସଭାପତି ସମେତ ବିଜେଡ଼ିର ବରିଷ୍ଠ ନେତୃମଣ୍ଡଳୀ ସାମିଲ ହୋଇଥିଲେ। ଏହିଅବସରରେ ଜିଲ୍ଲା ସଭାପତି ପଞ୍ଚାୟତ କର୍ମକର୍ତ୍ତାଙ୍କୁ ଗୁରୁ ମନ୍ତ୍ର ଦେବା ସହ ଆଜିର ବିଜେପି ସରକାର କିପରି ଭାବରେ ଲୋକମାନଙ୍କୁ ଅଣଦେଖା କରୁଛନ୍ତି ସେ କଥାକୁ ଆମକୁ ଲୋକମାନଙ୍କ ପାଖରେ ପହଞ୍ଚାଇବାକୁ ପଡ଼ିବ ବୋଲି ଉପଦେଶ ଦେଇଥିଲେ।

# ଜିଲ୍ଲାରେ ଶିଶୁ ଶ୍ରମମୁକ୍ତ ନେଇ ସଙ୍କଳ୍ପ

ମାଲକାନଗିରି, ୧୮।୬(ସମିସ): ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ଅବସରରେ ମାଲକାନଗିରି ଯୁଗ୍ମ ଶ୍ରମ ଆୟୁକ୍ତ କାର୍ଯ୍ୟାଳୟ ଆନୁକୁଲ୍ୟରେ ଆଜି ଏକ ସଚେତନତା ଶୋଭାଯାତ୍ରା ସ୍ଥାନୀୟ ସୁବାଷ ବୋଷ ଛକ ଠାରୁ ଡିଏନଏ ପୋଡ଼ିଆ ପର୍ଯ୍ୟନ୍ତ ଆୟୋଜନ ହୋଇଯାଇଛି। ଏହି ସଚେତନତା ଶୋଭାଯାତ୍ରାରେ ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଜିଲ୍ଲା ଭାରପ୍ରାପ୍ତ ଶ୍ରମ ଅଧିକାରୀ ପୂର୍ଣ୍ଣିମା ତୁରୁକା, ସହକାରୀ ଶ୍ରମ ଅଧିକାରୀ, ତନ୍ମୟ ମଣ୍ଡଳ,ବିନି ମୁଦୁଲି, ପ୍ରିୟଙ୍କା ନାୟକ ଓ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ନାରାୟଣ ଦାସ ଶିଶୁ ମଙ୍ଗଳ ସମିତି ଅଧକ୍ଷା ସଂଯୁକ୍ତା ପ୍ରଧାନ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଶିଶୁମାନଙ୍କୁ ଶୋଷଣରୁ ରକ୍ଷା କରିବା, ସେମାନଙ୍କୁ ଗୁଣାନକ ଶିକ୍ଷା ଯୋଗାଇବା ଏବଂ ସେମାନଙ୍କର ସାମଗ୍ରିକ ବିକାଶ ପାଇଁ ସୁଯୋଗ ସୃଷ୍ଟି କରି ଏହାକୁ ତ୍ୱରାନ୍ୱିତ କରିବା ଉପରେ ଏହି ସଚେତନତା ଶୋଭାଯାତ୍ରାରେ ବାର୍ତ୍ତା ଦିଆଯାଇଛି। ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନରେ କୌଣସି ଶିଶୁ ଶ୍ରମିକଙ୍କୁ ନିୟୋଜିତ ନକରିବା ପାଇଁ ସ୍ଲୋଗାନ ଦେବା ସହ ଲିଫଲେଟ୍ ବଣ୍ଟନ କରାଯାଇଛି। ଅନ୍ୟ ମାନଙ୍କ ମଧ୍ୟରେ , ଚିନ୍ମୟ ରାଉତରାୟ, ବିଜୟାନନ୍ଦ ପଣ୍ଡା, ରିକୁରଞ୍ଜନ ଅଧିକାରୀ, ସୋନାଲୀ ରାୟଙ୍କ ସମେତ ପରିବର୍ତ୍ତନ ଏନଜିଓ, ଚାଇଲ୍ଡ ଲାଇନ ସଦସ୍ୟ, ପୋଲିସ କର୍ମଚାରୀ, ସତ୍ୟନାରାୟଣ ମହାବିଦ୍ୟାଳୟ ଓ ମହିଳା ମହାବିଦ୍ୟାଳୟ ଅନୁଷ୍ଠାନର ଛାତ୍ରଛାତ୍ରୀ ସାମିଲ ଥିଲେ।

ଜାତୀୟ ଜୁଡୋ ପ୍ରତିଯୋଗିତା

# ଭାଗନେବେ ଦୁଇ ଦିବ୍ୟାଙ୍ଗ ବାଳକ



ମାଲକାନଗିରି, ୧୮।୬(ସମିସ): ମାଲକାନଗିରି ଜିଲ୍ଲାର ଗୌରବ ବଢ଼ାଇବାକୁ ଯାଉଛନ୍ତି ସ୍ୱାଭିମାନ ଅଞ୍ଚଳର ଦୁଇ ଶ୍ରବଣ ଓ ବୋଧନ ଶକ୍ତିହୀନ ଦିବ୍ୟାଙ୍ଗ ଆଦିବାସୀ ବାଳକ ରୁକୁନାଥ ସିଶା ଓ ରବିନାଥ ଜିଗିଡି। ଏହି ଦୁଇ ଦିବ୍ୟାଙ୍ଗ ବାଳକ ଉତ୍ତରପ୍ରଦେଶ କାନପୁରଠାରେ ହେଉଥିବା ଜାତୀୟ ଜୁଡୋ ଚାମ୍ପିଅନସିପ ପ୍ରତିଯୋଗିତାରେ ଭାଗ ନେବା ପାଇଁ ମନୋନୀତ ହୋଇଛନ୍ତି। ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ବଡ଼ପଦର ପଞ୍ଚାୟତ ଅବସ୍ଥିତ ସ୍ୱାଭିମାନ ଅଞ୍ଚଳ ଦୁର୍ଗମ ଇଲାକା ଆଦିବାସୀ ଲାମ୍ବାସିଙ୍ଗ ଆଦିବାସୀ ଗ୍ରାମର ଅଟନ୍ତି। ରୁକୁନାଥ ସିଶା ଏବଂ ରବିନାଥ ଜିଗିଡି ଏହି ଦୁଇ ଶ୍ରବଣ ଓ ବୋଧନ ଶକ୍ତି ହୀନ ଶିଶୁ ଆସନ୍ତା ୨୦ଜୁନରୁ ୨୩ଜୁନ୍ ପର୍ଯ୍ୟନ୍ତ କାନପୁର, ଉତ୍ତରପ୍ରଦେଶରେ ହେବାକୁ ଯାଉଥିବା ରାଷ୍ଟ୍ରୀୟ ବଧିର କ୍ରୀଡା ଚାମ୍ପିୟନ୍‌ସିପ୍ ପାଇଁ ମନୋନୀତ ହୋଇଛନ୍ତି। ଖୁସିର କଥା ଯେ ସାରା ଓଡିଶାରୁ ଚାରିଜଣ ଖେଳାଳି ଙ୍କ ମଧ୍ୟରେ ମାଲକାନଗିରିର ସର୍ବାଧିକ ଏହି ଦୁଇଜଣ ଖେଳାଳୀ ଅଛନ୍ତି। ଏମାନେ ମାନସିକ ଓ ଶାରୀରିକ ବାଧା ସହିତ ସଂଘର୍ଷ କରି, ଅନନ୍ୟ ପ୍ରତିଭା ଓ ଦୃଢ଼ ସଂକଳ୍ପ ଦ୍ୱାରା ଖେଳ କ୍ଷେତ୍ରରେ ଏକ ଅଲଗା ପରିଚୟ ସୃଷ୍ଟି କରିଛନ୍ତି। ମାଲକାନଗିରି ଆଓମା ଗୁରୁକୁଳ ଓ ଜୁଡୋ ଆସୋସିଏସନର ମିଳିତ ପ୍ରୟାସ ଏବଂ ଜିଲ୍ଲା ପ୍ରଶାସନର ସାହାଯ୍ୟ ଏବଂ ସହୋଯୋଗ ଦ୍ୱାରା ସମ୍ଭବ ହୋଇପାରିଛି ବୋଲି ଅନୁଷ୍ଠାନର ମୁଖ୍ୟ ବିନାଶ କୁମାର ମିଶ୍ର ପ୍ରକାଶ କରିଛନ୍ତି। ଏମାନଙ୍କ ପରିବାର ଅତି ଗରିବ ହୋଇଥିବାରୁ, ଯାତ୍ରା, ରହଣୀ, ଖାଦ୍ୟ ଓ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ସମ୍ପୂର୍ଣ୍ଣ ଭାବେ ଅସମର୍ଥ ଥିବା ହେତୁ ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ସେମାନଙ୍କୁ ଜିଲ୍ଲା ରେଡକ୍ରସ୍ ତରଫରୁ ଆବଶ୍ୟକ ସାହାଯ୍ୟ ସହଯୋଗ ପ୍ରଦାନ କରିବା ସହ ସେମାନଙ୍କ ସଫଳତା କାମନା କରିଛନ୍ତି।

# ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବୈଠକ

ମାଲକାନଗିରି, ୧୮।୬(ସମିସ): ମାଲକାନଗିରି ଜିଲ୍ଲାରେ ଚଳିତ ଜୁନ ମାସ ୧୯ ତାରିଖ ଦିନ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ସମ୍ପର୍କିତ ମକଡ୍ରିଲ ଅନୁଷ୍ଠିତ ହେବ। ଏହାର ପୂର୍ବ ପ୍ରସ୍ତୁତି ସମ୍ପର୍କରେ ଏକ ବୈଠକ ଆଜି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନଙ୍କ ଅଧ୍ୟକ୍ଷତା କରିଥିଲେ। ବିପର୍ଯ୍ୟୟର ମୁକାବିଲା ଦିଗରେ ଆମ୍ଭ ମାନଙ୍କୁ ପୂର୍ବ ପ୍ରସ୍ତୁତି କରିବାର ଅଛି। ଯଦି, ସଠିକ୍ ପ୍ରସ୍ତୁତି ଥିବ ଏବଂ ମୁକାବିଲା ଦିଗରେ ଆମେ ପୂର୍ବରୁ ପ୍ରଶିକ୍ଷଣ ନେଇଥିବା ତେବେ ବିପର୍ଯ୍ୟୟର ମୁକାବିଲା ସହଜସାଧ ହେବ ବୋଲି ଅତିରିକ୍ତ ଜିଲ୍ଲାପାଳ କହିଛନ୍ତି।



ଉପ ଜିଲ୍ଲାପାଳ ଦୁର୍ଯ୍ୟଧନ ଭୋଇ ଜିଲ୍ଲାରେ ହେବାକୁ ଥିବା କାର୍ଯ୍ୟ ଖସଡା ସମ୍ପର୍କରେ ପ୍ରାଞ୍ଜଳ ଭାବେ ଅବଗତ କରାଇଥିଲେ। ୧୯ ତାରିଖ ଦିନ ଜିଲ୍ଲାର ସମସ୍ତ ବନ୍ୟା ଓ ବାତ୍ୟା ଆଶ୍ରୟ ସ୍ଥଳୀ ଗୁଡିକରେ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ ଅନୁଷ୍ଠିତ ହେବ। ଏଥିରେ ସମସ୍ତ ଲାଇନ୍ ବିଭାଗ ଯଥା ଜିଲ୍ଲା ଜରୁରୀକାଳିନ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ,ଜଳସେଚନ, ପୂର୍ତ୍ତ, ଅଗ୍ନିଶମ ସେବା ବିଭାଗ ଇତ୍ୟାଦି ଯୋଗଦେବେ। ଆଗକୁ ବର୍ଷା ଆସୁଥିବା ହେତୁ ମାଲକାନଗିରି ପୌର ପରିଷଦ ଓ ବାଲିମେଳା ବିଜ୍ଞାପିତ ଅଞ୍ଚଳ ପରିଷଦ ସମେତ ସମସ୍ତ ବ୍ଲକ ଓ ଗ୍ରାମ ପଞ୍ଚାୟତ ଗୁଡିକରେ ରହିଥିବା ନାଳ, ନର୍ଦ୍ଦମା ଗୁଡିକର ସଫେଇ କରିବା ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ ଉପସ୍ଥିତ ଥିବା ସମସ୍ତ ସଂପୃକ୍ତ ଅଧିକାରୀ ମାନଙ୍କୁ ଅବଗତ କରାଇଥିଲେ। ଆଜିର ଏହି ବୈଠକରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରଶ୍ମିରଞ୍ଜନ ସେନାପତି, ଜିଲ୍ଲା ଜରୁରକାଳୀନ ଅଧିକାରୀ ପ୍ରଫୁଲ୍ଲ ବେହେରା, ପିଏ ଆଇ ଟି ଡି ଏ ହଳଧର ଶବର ଓ ଓସଡମାରୁ ରାଜ୍ୟ ସ୍ତରୀୟ ଅବଜରଭର ଅରୁଣ କୁମାର ପ୍ରଧାନ ମଞ୍ଚାସୀନ ଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ବିଜ୍ଞାପିତ ଅଂଚଳ ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ, ସମସ୍ତ ପଞ୍ଚାୟତ ସମିତି ଅଧ୍ୟକ୍ଷ, ଅଧ୍ୟକ୍ଷା ସମେତ ସମସ୍ତ ଲାଇନ୍ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଆଜି ପୂର୍ବାହ୍ନ ରେ ଜିଲ୍ଲା ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଥିବା ବେଳେ ଅପରାହ୍ନରେ ସମସ୍ତ ବ୍ଲକ୍ ରେ ଏହି ବୈଠକ ଅନୁଷ୍ଠିତ ହୋଇଛି।

# ଡ୍ରାଇଭର ସଂଘର ଷ୍ଟିଅରିଂ ଛାଡ଼ ଆନ୍ଦୋଳନ ୮ରୁ

ସୁନ୍ଦରଗଡ଼,୧୮।୬(ସମିସ):



ଓଡ଼ିଶା ଡ୍ରାଇଭର ମହାସଂଘର ସୁନ୍ଦରଗଡ଼ ଜିଲ୍ଲା ଶାଖା ପକ୍ଷରୁ ବିଭିନ୍ନ ଦାବି ନେଇ ଆଜି ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏଥିରେ ଓଡ଼ିଶା ମୋଟର ଟ୍ରାନ୍ସପୋର୍ଟ ଡ୍ରାଇଭର ଏବଂ ୱାର୍କର କଲ୍ୟାଣ ବୋର୍ଡରେ ଅଟୋ ଡ୍ରାଇଭରଙ୍କୁ ସାମିଲ କରିବା, ଜନସାଧାରଣଙ୍କ ଆକ୍ରୋଶରେ ଶିକାର ହେଉଥିବା ଡ୍ରାଇଭର ସମାଜର ସୁରକ୍ଷା ପାଇଁ ଏକ ସ୍ୱତନ୍ତ୍ର ଆଇନ ପ୍ରଣୟନ, ବୃତ୍ତିଗତ ଡ୍ରାଇଭରଙ୍କୁ ୬୦ ବର୍ଷ ବୟସ ପରେ ସ୍ୱତନ୍ତ୍ର ଭତା ପ୍ରଦାନ, ଡ୍ରାଇଭର ମାନଙ୍କ ବିଶ୍ରାମ ନେବା ପାଇଁ ପାର୍କିଂ ସହିତ ବିଶ୍ରାମଗାର ଓ ଶୌଚାଳୟ ବ୍ୟବସ୍ଥା ପ୍ରତି ୧୦୦ କିଲୋମିଟର ବ୍ୟବଧାନରେ କରାଯିବା, ଓଡ଼ିଶାରେ ଥିବା ପ୍ରତେକ ଖଣି ଖାଦାନ ଏବଂ କାରଖାନା ଗୁଡ଼ିକରେ ଶତକଡ଼ା ୭୦% ଓଡ଼ିଶାର ଡ୍ରାଇଭରଙ୍କୁ କାମ କରିବାପାଇଁ ଅଗ୍ରାଧିକାର ଦିଆଯିବା, ସେପ୍ଟେମ୍ବର ୧ ତାରିଖ କୁ ଜାତୀୟ ଡ୍ରାଇଭର ଦିବସ ରୂପେ ଘୋଷଣା କରିବା, ଗାଡ଼ିର କାଗଜପତ୍ର ଯାଞ୍ଚ କରିବା କ୍ଷମତା ପୁଲିସ ବିଭାଗକୁ ଦିଆ ନ ଯିବା ଆଦି ଦାବି ରହିଛି। ଡ୍ରାଇଭର ମହାସଂଘ ଅଭିଯୋଗ ଅନୁଯାୟୀ, ଦୀର୍ଘ ଦିନରୁ ସେମାନେ ତାଙ୍କ ବିଭିନ୍ନ ସମସ୍ୟାକୁ ନେଇ ବିଭିନ୍ନ ମାଧ୍ୟମରେ ବାରମ୍ବାର୍ ସରକାରଙ୍କୁ ଅବଗତ କରି ଆସୁଛନ୍ତି। ତେବେ ତାଙ୍କ ଗୋଟିଏ ମାତ୍ର ସମସ୍ୟା ପୂରଣ ହୋଇଛି। ଯାହା ତାଙ୍କ ପାଇଁ ଯଥେଷ୍ଟ ନୁହେଁ। ଏହି ୭ଟି ଦାବି ପ୍ରତି ସରକାର କର୍ଣ୍ଣପାତ କରି ନାହାନ୍ତି। ଏଣୁ ସେମାନେ ବାଧ ହୋଇ ଗତ ମାର୍ଚ୍ଚ ୨୯ ତାରିଖଠାରୁ ୬ ଦିନ ପର୍ଯ୍ୟନ୍ତ ଭୁବନେଶ୍ୱର ଲୋୟର୍ ପିଏମ୍‌ଜିରେ ଶାନ୍ତିପୂର୍ଣ୍ଣ ଧାରଣା ଦେଇଥିଲେ। ତଥାପି କୌଣସି ସମସ୍ୟା ର ସମାଧାନ୍ ହୋଇପାରି ନାହିଁ। ଆଗାମୀ ଏକ ମାସ ମଧ୍ୟରେ ଯଦି ସରକାର୍ ସମସ୍ୟାର ସମାଧାନ୍ ନ କରନ୍ତି, ତାହେଲେ ଆସନ୍ତା ଜୁଲାଇ ୮ ତାରିଖରୁ କୌଣସି ଡ୍ରାଇଭର ଗାଡ଼ି ଚଳାଇବେ ନାହିଁ। ଷ୍ଟିଅରିଂ ଛାଡ଼ି ଦରକାର୍ ପଡ଼ିଲେ ରାଜରାସ୍ତାକୁ ଓହ୍ଲାଇବା ସହିତ ସରକାରଙ୍କୁ ଅସହଯୋଗ କରିବେ। ସେହି ସମୟ ମଧ୍ୟରେ କୌଣସି ଅପ୍ରୀତିକର ପରିସ୍ଥିତି ଉପୁଜିଲେ କିମ୍ବା ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଲେ ସେଥିପାଇଁ ସରକାର ଦାୟୀ ରହିବେ ବୋଲି ଚେତାବନୀ ଦିଆଯାଇଛି।

## ଅଳ୍ପ ଦିନରେ ପିଚୁ ଉଠିଗଲାଣି



ଜୟପାଟଣା, ୧୮।୬ (ସମିସ): ମୁଖୀଗୁଡା ଇନ୍ଦ୍ରାବତୀ ଡାହାଣ ମୁଖ୍ୟ କେନାଲ ମୁଖୀଗୁଡାଠାରୁ କଲମପୁର ପର୍ଯ୍ୟନ୍ତ କେନାଲ ରାସ୍ତା ପୁଣି ଶୋଚନୀୟ ହୋଇପଡ଼ିଛି। ଦୀର୍ଘ ବର୍ଷ ଧରି ଏହି ରାସ୍ତା ମରାମତି ହୋଇ ନ ଥିଲା। ସ୍ଥାନୀୟ ଜନସାଧାରଣଙ୍କ ଦାବି ଫଳରେ ଅପେକ୍ଷାର ଅନ୍ତ ଘଟିଥିଲା। କେନାଲ ରାସ୍ତା କାମ ହୋଇଥିଲା; ହେଲେ ଅଳ୍ପ କେଇ ଦିନ ଭିତରେ ପିଚୁ ଉଠି ଗଲାଣି। ଏଣୁ ରାସ୍ତାର ସ୍ଥାୟିତ୍ୱ ଉପରେ ପ୍ରଶ୍ନ ସୃଷ୍ଟି ହୋଇଛି। ନିମ୍ନମାନର କାମ ଯୋଗୁଁ ପିଚୁ ଉଠି ଯାଉଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

## ଜରୁରୀ ସ୍ଥିତିରେ ବିଭାଗୀୟ ସମନ୍ୱୟକୁ ଗୁରୁତ୍ୱ

ସୁନ୍ଦରଗଡ଼,୧୮।୬(ସମିସ): ଆଜି ସଦ୍‌ଭାବନା ଭବନଠାରେ ଜିଲ୍ଲାସ୍ତରୀୟ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ଏକ ଟେବୁଲଟପ୍ ଅଭ୍ୟାସ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ ଏଥିରେ ଅଧ୍ୟକ୍ଷତା କରି ଜରୁରିକାଳୀନ ପରିସ୍ଥିତିରେ ଆଗୁଆ ପ୍ରସ୍ତୁତି, ଜନସଚେତନତା ଏବଂ ଦ୍ରୁତ ପ୍ରତିକ୍ରିୟାର ଗୁରୁତ୍ୱ ବିଷୟରେ ଆଲୋକପାତ କରିବା ସହ ସମସ୍ତ ବିଭାଗକୁ ବର୍ଷା ପୂର୍ବରୁ ସେମାନଙ୍କର ଆକସ୍ମିକ ଯୋଜନାକୁ ଅପଡେଟ୍ କରିବା ଏବଂ ଆବଶ୍ୟକୀୟ ସମ୍ବଳର ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଡେପୁଟି କଲେକ୍ଟର ଅଶ୍ୱିନୀ କୁମାର ପଣ୍ଡା ଏହି ଅଭ୍ୟାସର ଉଦ୍ଦେଶ୍ୟ ଉପରେ ଆଲୋକପାତ କରି ଉକ୍ତ ଟେବୁଲଟପ୍ ଅଭ୍ୟାସ ବିଭାଗୀୟ ସମନ୍ୱୟ ଓ ଯୋଗାଯୋଗ ବ୍ୟବସ୍ଥାକୁ ଉନ୍ନତ କରିବ ଏବଂ ବିପର୍ଯ୍ୟୟ ସମୟରେ ଜିଲ୍ଲା ପ୍ରଶାସନର ପ୍ରସ୍ତୁତିକୁ ସୁଦୃଢ଼ କରିବ ବୋଲି ମତବ୍ୟକ୍ତ କରିଥିଲେ। ପ୍ରଶିକ୍ଷକ ଦେବୀ ପ୍ରସାଦ ଏହା ପ୍ରାକୃତିକ ଏବଂ ମାନବକୃତ ବିପର୍ଯ୍ୟୟ ପାଇଁ ଜିଲ୍ଲାର ପ୍ରସ୍ତୁତି ଏବଂ ପ୍ରତିକ୍ରିୟାଶୀଳତାକୁ ବହୁଳ ଭାବରେ ଉନ୍ନତ କରିବ ବୋଲି କହିଥିଲେ। ଡିପିଏଚ୍‌ଓ ଡା ଶିବାଶିଷ ମହାରଣା ବର୍ଷା ଋତୁରେ ସାପ କାମୁଡ଼ାର ସମୟୋଚିତ ଚିକିତ୍ସା ଏବଂ ସଚେତନତା ସମ୍ପର୍କରେ କହିଥିଲେ। ଦୂଷିତ ପାଣି ଏବଂ ଖରାପ ପରିମଳ ବ୍ୟବସ୍ଥା ଯୋଗୁଁ ବର୍ଷା ଋତୁରେ ଦ୍ରୁତ ଗତିରେ ବ୍ୟାପିଥିବା ଜଳବାହିତ ରୋଗ ବିରୁଦ୍ଧରେ ସତର୍କ ମଧ୍ୟ କରାଇଥିଲେ। ଏହି ଅଭ୍ୟାସ କାର୍ଯ୍ୟକ୍ରମ ବନ୍ୟା, ବଜ୍ରପାତ ଏବଂ ସର୍ପାଘାତ ଭଳି ବିପର୍ଯ୍ୟୟର ପରିସ୍ଥିତି ଉପରେ ଆଧାରିତ ଥିଲା, ଯାହା ବିଭାଗ ଗୁଡ଼ିକୁ ସେମାନଙ୍କର ପ୍ରସ୍ତୁତି ମୂଲ୍ୟାଙ୍କନ କରିବାରେ ଏବଂ ପ୍ରତିକ୍ରିୟା ବ୍ୟବସ୍ଥାକୁ ଉନ୍ନତ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାରେ ସାହାଯ୍ୟ କରିବ। ଅଗ୍ନିଶମ ସେବା, ସ୍ୱାସ୍ଥ୍ୟ, ପୁଲିସ, ଓଡ୍ରାଫ, ସିଭିଲ୍ ସପ୍ଲାଏ, ରାସ୍ତା ଏବଂ କୋଠାବାଡ଼ି, କୃଷି, ଉଦ୍ୟାନ କୃଷି, ପଶୁପାଳନ, ସମାଜ କଲ୍ୟାଣ, ସାମାଜିକ ସୁରକ୍ଷା, ଗ୍ରାମୀଣ ବିକାଶ, ସୁନ୍ଦରଗଡ଼ ପୌରପାଳିକା, ଟିପିଡବ୍ଲୁଓଡିଏଲ, କ୍ଷୁଦ୍ର ଜଳସେଚନ, କ୍ଷୁଦ୍ର ଜଳସେଚନ ଏବଂ ଶିକ୍ଷା ବିଭାଗ ଅଧିକାରୀ ଏବଂ ଏନ୍‌ଜିଓ ପ୍ରତିନିଧିମାନେ ସକ୍ରିୟ ଭାବରେ ଏହି ଅଭ୍ୟାସରେ ଅଂଶଗ୍ରହଣ କରିଥିଲେ।

## ଆର୍‌ଏସ୍‌ପି ପାୱାର ଲିଫ୍ଟରଙ୍କ ଉଜ୍ଜ୍ୱଳ ପ୍ରଦର୍ଶନ



ରାଉରକେଲା,୧୮।୬(ସମିସ): ସେଲ୍, ରାଉରକେଲା ଇସ୍ପାତ କାରଖାନାର ପାୱାର ଲିଫ୍ଟରମାନେ ମଇ ୩୦ରୁ ଜୁନ୍ ୧ ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀର ରୋହିଣୀ ସେକ୍ଟର - ୧୬ ମା' ଆଦ୍ୟାଶକ୍ତି ଧାମରେ ଅନୁଷ୍ଠିତ ସବ୍‌ଜୁନିଅର, ଜୁନିଅର ନ୍ୟାସନାଲ୍ ପାୱାରଲିଫ୍ଟିଂ ଏବଂ ନ୍ୟାସନାଲ୍ ଡେଡ୍ ଲିଫ୍ଟିଂ ଚାମ୍ପିଅନସିପ୍-୨୦୨୫ ରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ଜଣାପଡ଼ିଛି। ରୋହିତରାଜ ଭଞ୍ଜ ଜୁନିଅର ୮୩ କିଲୋଗ୍ରାମ ବର୍ଗ ଏବଂ ୮୩ କିଲୋଗ୍ରାମ ଡେଡ୍ ଲିଫ୍ଟିଂ ବର୍ଗରେ ଦୁଇଟି ସ୍ୱର୍ଣ୍ଣପଦକ ଲାଭ କରିଥିଲେ। ସେ ୨୧୨.୫ କିଲୋଗ୍ରାମ, ୧୦୭.୫ କିଲୋଗ୍ରାମ ଏବଂ ୨୫୦ କିଲୋଗ୍ରାମ ଡେଡ୍ ଲିଫ୍ଟିଂ କରିଥିଲେ। ସେହିପରି ସବ୍-ଜୁନିଅର ୬୬ କିଲୋଗ୍ରାମ ବର୍ଗରେ ବିକ୍ରମ କୁମାର ସିଂହ ଅନୁରୂପ ସଫଳତା ଲାଭ କରିଥିଲେ। ସେ ୧୬୫ କିଲୋଗ୍ରାମ, ୧୦୭ କିଲୋଗ୍ରାମ ଏବଂ ୧୯୦ କିଲୋଗ୍ରାମ ଡେଡ୍ ଲିଫ୍ଟିଂ ସହିତ ପାୱାରଲିଫ୍ଟିଂ ଏବଂ ଡେଡ୍ ଲିଫ୍ଟିଂ ଉଭୟରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଦୀପକ କୁମାର ସେଟ୍ଟି ୮୩ କିଲୋଗ୍ରାମ ଡେଡ୍‌ଲିଫ୍ଟିଂରେ ୨୦୫ କିଲୋଗ୍ରାମ ଉଠାଇ ରୌପ୍ୟ ପଦକ ସହିତ ଆର୍‌ଏସ୍‌ପି ପାଇଁ ଅତିରିକ୍ତ ଗୌରବ ଆଣିଥିବା ଜଣାପଡ଼ିଛି। ଉଲ୍ଲେଖନୀୟ ଯେ, ଦକ୍ଷ ପ୍ରଶିକ୍ଷକଙ୍କ ତତ୍ତ୍ୱାବଧାନରେ ଏହି ଖେଳାଳିମାନେ ଆର୍‌ଏସ୍‌ପିର କ୍ରୀଡ଼ା ସୁବିଧାରେ ତାଲିମ ନେଉଛନ୍ତି।

## ଲେଫ୍ରିପଡ଼ା ଆଞ୍ଚଳିକ ରଜକ ସେବା ସଂଘ ବୈଠକ

ବାଲିଶଙ୍କରା,୧୮।୬(ସମିସ): ସୁନ୍ଦରଗଡ଼ ଜିଲ୍ଲା ଲେଫ୍ରିପଡ଼ା ବ୍ଲକ୍‌ର ଜୟନ୍ତିପଡ଼ାଠାରେ ଲେଫ୍ରିପଡ଼ା ଆଞ୍ଚଳିକ ରଜକ ସେବା ସଂଘ ସମାଜର ସଭାଗୃହ ପାଇଁ ବୈଠକ ଅନୁଷ୍ଠିତ ହୋଇଯାଇଛି। ଲେଫ୍ରିପଡ଼ା ଆଞ୍ଚଳିକ ରଜକ ସେବା ସଂଘର ସଭାପତି ଭକ୍ତରାମ ସେଠଙ୍କ ସଭାପତିତ୍ୱରେ ଚାଲିଥିବା ଏହି ବୈଠକରେ ଆଞ୍ଚଳିକ ରଜକ ସେବା ସଂଘ ସମାଜରେ ଶିକ୍ଷା, କୁସଂସ୍କାର ଦୂରେଇବା, ନିଶା ନିବାରଣ, କ୍ରୀଡା ଓ ବିଭିନ୍ନ କ୍ଷେତ୍ରରେ ସମାଜର କିପରି ଅଗ୍ରଗତି ହୋଇପାରିବ ସେନେଇ ମତ ପ୍ରକାଶ କରିଥିଲେ। ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇ ସମସ୍ତେ ଏକଜୁଟ ହୋଇ ଦୁଃଖ ବିପଦ ସମୟରେ ସମସ୍ତଙ୍କୁ ସହଯୋଗ କରିବା ଓ ଆଗାମୀ ଦିନରେ ସମସ୍ତେ ମିଶି ସମାଜର ଉନ୍ନତି କରିବାରେ ଅଗ୍ରସର ହେବା ପାଇଁ ଲେଫ୍ରିପଡ଼ା ଆଞ୍ଚଳିକ ରଜକ ସେବା ସଂଘର ସମ୍ପାଦିକା ସୁକାନ୍ତୀ ସେଠ ଆହ୍ୱାନ କରିଥିଲେ। ଏହି ବୈଠକରେ ବିଶେଷ କରି ଜୟନ୍ତୀପଠା ଠାରେ ରଜକ ସେବା ସଂଘର ଗୃହ କିପରି ହୋଇପାରିବ ସେଥିପାଇଁ ସମସ୍ତେ ଏକତ୍ରିତ ହୋଇ କାର୍ଯ୍ୟ କରିବା ପାଇଁ ସଭାରେ ମତ ପ୍ରକାଶ ପାଇଥିଲା। ଆଗାମୀ ଦିନରେ ସମାଜର ସଭା ଗୃହ ନିତାନ୍ତ ଆବଶ୍ୟକ ଥିବାବେଳେ ରଜକ ସେବା ସଂଘ ସମାଜର ସମସ୍ତେ ଏଥିପ୍ରତି ଗୁରୁତ୍ୱ ଦେବା ପାଇଁ ମତ ପ୍ରକାଶ ପାଇଥିଲା। ଶେଷରେ ସମାଜର ସମ୍ପାଦିକା ସୁକାନ୍ତୀ ସେଠ ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ଲେଫ୍ରିପଡ଼ା ଆଞ୍ଚଳିକ ରଜକ ସେବା ସଂଘ ସମାଜର ବହୁ ସଂଖ୍ୟାରେ ମହିଳା ପୁରୁଷ ଉପସ୍ଥିତ ଥିଲେ।

### ସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟର ସମୀକ୍ଷା କଲେ ଜିଲ୍ଲାପାଳ

## ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଆରମ୍ଭ ହେବ ମ୍ୟୁଜିକ୍ ଥେରାପି

ନୂଆପଡ଼ା,୧୮।୬(ସମିସ) : ନୂଆପଡ଼ା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ କାର୍ଯ୍ୟ ଓ ଅଣ ସଂକ୍ରାମକ ରୋଗ ନିୟନ୍ତ୍ରଣ କାର୍ଯ୍ୟର ବୁଧବାର ଜିଲ୍ଲାପାଳ ମଧୁସୂଦନ ଦାଶ ସମୀକ୍ଷା କରିଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ମନୋଜ କୁମାର ସାହୁ, ଏଡିଏମ୍‌ଓ ଡା. ଲଳିତ ମୋହନ ବିଶି, ଡା. ଉମାକାନ୍ତ ମେହେର, ଜିଲ୍ଲାର ସମସ୍ତ ଡାକ୍ତରଖାନାର ମୁଖ୍ୟ ଅଧିକାରୀ, ବୈଷୟିକ ଅଧିକାରୀମାନେ ଯୋଗ ଦେଇଥିଲେ। ଏପ୍ରିଲରୁ ଜୁନ୍ ୧୫ ମଧ୍ୟରେ ଜିଲ୍ଲାରେ ମାତୃ ମୃତ୍ୟୁ ସଂଖ୍ୟା ୩ ହୋଇଥିବା ବେଳେ ଶିଶୁ ମୃତ୍ୟୁ ୩୯ ରହିଥିବା ନେଇ ଏଥିରେ ତଥ୍ୟ ଉପାସ୍ଥାପନ କରାଯାଇଥିଲା।





ଏହା ପରେ ଜିଲ୍ଲାରୁ ମାତୃ ଓ ଶିଶୁ ମୃତ୍ୟୁ ହାର ଶୂନ୍ୟ କରିବା ପାଇଁ ସମସ୍ତ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ପ୍ରସ୍ତୁତ ହୋଇଥିବା ୨,୮୮,୪୧୯ ୯ ସ୍ୱାସ୍ଥ୍ୟ ବୀମା କାର୍ଡ ମଧ୍ୟରୁ ୧,୪୯, ୩୦୧ କାର୍ଡ ହିତାଧିକାରଙ୍କୁ ବଣ୍ଟନ କରାଯାଇଛି। ସମସ୍ତ ସ୍ୱାସ୍ଥ୍ୟ ବୀମା କାର୍ଡ ଅତିଶୀଘ୍ର ହିତାଧିକାରୀଙ୍କୁ ବଣ୍ଟନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାରେ ଏପ୍ରିଲରୁ ଜୁନ୍ ୧୫ ମଧ୍ୟରେ ୨୧୩୬ ଜଣ ରକ୍ତଚାପ ରୋଗୀ, ୧୩୫୬ ଜଣ ମଧୁମେହ ରୋଗୀ ଏବଂ ୬୩୦୬ ସିକିଲ ସେଲ ରୋଗୀ ଚିହ୍ନଟ ହୋଇଥିବା ଏଥିରେ ଉପସ୍ଥାପନ କରାଯାଇଥିଲା। ଜିଲ୍ଲାର ସମସ୍ତ ଅଣ ସଂକ୍ରାମକ ରୋଗୀଙ୍କୁ ଚିହ୍ନଟ କରି ମାଗଣା ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯିବ ବୋଲି ସୂଚାଯାଇଥିଲା। ସେହିପରି ଜିଲ୍ଲାକୁ ସମ୍ପୂର୍ଣ୍ଣ କୁଷ୍ଠ ରୋଗ ଓ ଟିବି ମୁକ୍ତ କରିବା ସହିତ ସମସ୍ତ ଶିକ୍ଷାନୁଷ୍ଠାନକୁ ତମାଖୁ ମୁକ୍ତ କରିବା ପାଇଁ ଜିଲ୍ଲାପାଳ ସମସ୍ତ ଡାକ୍ତର ଓ କର୍ମଚାରୀଙ୍କୁ ଆହ୍ୱାନ ଦେଇଛନ୍ତି। ଜିଲ୍ଲାପାଳଙ୍କ ଏକ ଅଭିନବ ପଦକ୍ଷେପ ସ୍ୱରୂପ ଜିଲ୍ଲାର ସମସ୍ତ ଡାକ୍ତରଖାନାର ୱାର୍ଡମାନଙ୍କରେ ମ୍ୟୁଜିକ୍ ଥେରାପି ବ୍ୟବସ୍ଥା କରାଯିବା ନେଇ ଜିଲ୍ଲାପାଳ ସୂଚାଯାଇଥିଲେ। ୱାର୍ଡମାନଙ୍କରେ ଲୋକପ୍ରିୟ ଭଜନ ତଥା ପୁରୁଣା ଚଳଚ୍ଚିତ୍ର ସଙ୍ଗୀତ ମଧୁର ସ୍ୱରରେ ବଜାଯିବ। ଏହା ରୋଗୀଙ୍କ ବିଷାଦ ଦୂର କରି ସେମାନଙ୍କୁ ଶାନ୍ତି ପ୍ରଦାନ କରିବ। ଯାହା ସେମାନଙ୍କୁ ଶୀଘ୍ର ଆରୋଗ୍ୟ ପ୍ରଦାନ କରିବ ବୋଲି ଜିଲ୍ଲାପାଳ କହିଥିଲେ। ଜିଲ୍ଲାର ବିଭିନ୍ନ କ୍ଲିନିକ୍‌ରେ ଅବୈଧ ଲିଙ୍ଗ ନିରୂପଣ ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିବାରୁ ଜିଲ୍ଲାରେ କନ୍ୟା ଜନ୍ମହାର ବୃଦ୍ଧି ପାଇଛି। ଏହାକୁ ଆହୁରି ଆଗକୁ ବଢ଼ାଇବା ପାଇଁ ଜିଲ୍ଲାପାଳ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ।

## ଜିଲ୍ଲାସ୍ତରୀୟ ବିକାଶ ମେଳା ଉଦ୍‌ଯାପିତ

ସୁନ୍ଦରଗଡ଼,୧୮।୬(ସମିସ): ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ଜୁନ ୧୨ ରୁ ୧୮ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଯତରା ପଡ଼ିଆଠାରେ ଆୟୋଜିତ ହୋଇଥିବା ଜିଲ୍ଲାସ୍ତରୀୟ ବିକାଶ ମେଳା ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମନୋଜ ମହାଜନ, ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମହେନ୍ଦ୍ର ନାଥ ମୁର୍ମୁ, ସଦର ଉପଜିଲ୍ଲାପାଳ ଦାଶରଥି ସରାବୁ ଏବଂ ସମସ୍ତ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ। ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ମହାଜନ ସଫଳ ଭାବେ ବିକାଶ ମେଳା ସମାପନ ହୋଇଥିବାରୁ ସମସ୍ତ ବିଭାଗମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏଥିରେ ଅଂଶ ଗ୍ରହଣ କରିଥିବା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ମଧ୍ୟ ଏକ ବଜାର ବ୍ୟବସ୍ଥା ଉପଲବ୍ଧ ହୋଇଥିଲା। ଯେଉଁଥିରେ କି ସେମାନେ ତାଙ୍କର ଉତ୍ପାଦିତ ଦ୍ରବ୍ୟକୁ ବିକ୍ରୟ କରିପାରିଥିଲେ। ବିଭିନ୍ନ କୃଷି ଉପକରଣ ମଧ୍ୟ ବିକ୍ରୟ ହୋଇଥିଲା। ଏହି ବିକାଶ ମେଳା ପ୍ରତ୍ୟେକଙ୍କୁ ଅନ୍ତର୍ଭୁକ୍ତ କରି ବିକାଶ ଦିଗରେ ଆଗଭର ହୋଇଅଛି ବୋଲି ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଏହି ଅବସରରେ ବିକାଶ ମେଳାରେ ଭାଗନେଇ ଭଲ ବ୍ୟବସାୟ କରିଥିବା ସ୍ୱୟଂ ସହାୟକ ଗୋଷ୍ଠୀ, ବିଭାଗଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଜିଲ୍ଲା କୃଷି ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ସୁନ୍ଦରଗଡ଼ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଜିଲ୍ଲା ସମାଜ ମଙ୍ଗଳ ବିଭାଗ, ହସ୍ତଶିଳ୍ପ ବିଭାଗ ଆଦି ହିତାଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମେଳାରେ ଜିଲ୍ଲା ପରିଷଦ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଜଙ୍ଗଲ ଏବଂ ପରିବେଶ, ଯୋଜନା ଓ ସଂଯୋଜନ, କୃଷି ଏବଂ କୃଷକ ସଶକ୍ତୀକରଣ, ଶିକ୍ଷା ବିଭାଗ, ଉଦ୍ୟାନ କୃଷି, ମତ୍ସ୍ୟ ଏବଂ ପ୍ରାଣୀ ସମ୍ପଦ ବିଭାଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ, ଜିଲ୍ଲା ସମାଜ ମଙ୍ଗଳ ବିଭାଗ, ନଗର ଉନ୍ନୟନ ବିଭାଗ, ସୁନ୍ଦରଗଡ଼ ପୌରପାଳିକା , ଓଡ଼ିଶା ଜୀବିକା ମିଶନ, ହସ୍ତଶିଳ୍ପ, ଜିଲ୍ଲା ଖଣିଜ ପ୍ରତିଷ୍ଠାନ, ଜଳସମ୍ପଦ ଏବଂ ଅନ୍ୟାନ୍ୟ ବିଭାଗର ଷ୍ଟଲ ସ୍ଥାନିତ ହୋଇଥିଲା। ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡ଼ିକ ନିଜର ଉତ୍ପାଦିତ ଦ୍ରବ୍ୟ ସାମଗ୍ରୀ ବିକ୍ରୟ କରିଥିଲେ। ସେହିଭଳି ଏମ୍‌ସିଏଲ୍, ଜିଏମ୍‌ଡିସି, ଜିନ୍ଦଲ ଫାଉଣ୍ଡେସନ, ଡାଲମିଆ, ଟାଟା ଷ୍ଟିଲ, ସେଲ୍ ଆଦି ମଧ୍ୟ ଏଥିରେ ଭାଗ ନେଇଥିଲେ। ଏଥିରେ ଜଳ ବିଭାଜିକା, ଓଡ଼ିଶା କୃଷି ଶିଳ୍ପ ନିଗମ ଆଦି ବିଭାଗ ଦ୍ୱାରା ଉପକରଣ ମଧ୍ୟ ପ୍ରଦର୍ଶିତ ହୋଇଥିଲା। ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ପରିବେଷଣ କରାଯାଇଥିଲା।

## ବିଦ୍ୟୁତ୍ ଆଘାତରେ ଯୁବକ ମୃତ

ସୁନ୍ଦରଗଡ଼,୧୮।୬(ସମିସ): ଲେଫ୍ରିପଡ଼ା ଥାନା ଖୁଣ୍ଟମୁଣ୍ଡା ଗ୍ରାମରେ ବିଦ୍ୟୁତ ଆଘାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଲେ ଝାରସୁଗୁଡା ଟାଉନ ଥାନା ଅନ୍ତର୍ଗତ ବାଲିଜୋରୀ ଗ୍ରାମର ଆଲୋକ ନାଏକ (୨୮)। ଆଲୋକ ଖୁଣ୍ଟମୁଣ୍ଡା ଗ୍ରାମରେ ଥିବା ତାଙ୍କ ଭଉଣୀଙ୍କ୍ୱାଇଁ ଘରକୁ ଆସିଥିଲେ। ତେବେ ଆଜି ଅପରାହ୍ନ ୫ଟାରେ ତାଙ୍କ ଭଉଣୀଙ୍କ୍ୱାଇଁ ଘରର ଏକ ଚଳନ୍ତା ବିଦ୍ୟୁତ ପାଣି ମୋଟରକୁ ଛୁଇଁ ଦେବାରୁ ବିଦ୍ୟୁତ ସଂସ୍ପର୍ଶରେ ଆସି ସଂଜ୍ଞାହୀନ ହୋଇ ପଡ଼ିଥିଲେ। ଭଉଣୀଙ୍କ୍ୱାଇଁଙ୍କ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ମୃତଦେହ ଜବତ କରି ଡାକ୍ତରଖାନାର ମର୍ଗ ହାଉସରେ ସଂରକ୍ଷିତ ରଖିଥିବା ଜଣାପଡ଼ିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବାବେଳେ ଗୁରୁବାର ଶବ ବ୍ୟବଚ୍ଛେଦ ହେବ ବୋଲି ଜଣା ପଡ଼ିଛି।

## ଜାତୀୟ ରାଜପଥରେ ଗଦା ହୋଇଛି ନିର୍ମାଣ ସାମଗ୍ରୀ



କୋକସରା, ୧୮।୬(ସମିସ): କୋକସରା ବ୍ଲକ ଆମପାଣି ବ୍ୟାଙ୍କ ନିକଟସ୍ଥ ୨୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଜଣେ ବ୍ୟକ୍ତି କୋଠା ନିର୍ମାଣ ପାଇଁ ଅନେକ ଦିନ ହେଲା ବାଲି, ଗେଟି ଓ ଇଟା ଆଦି ସାମଗ୍ରୀ ରଖିଛନ୍ତି; ଯାହାକି ପ୍ରତି ମୁହୂର୍ତ୍ତରେ ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛି। ଜାତୀୟ ରାଜପଥ ହେତୁ ଦୈନନ୍ଦିନ ଶହ ଶହ ଗାଡ଼ି ଏହି ରାସ୍ତାଦେଇ ଚଳାଚଳ କରୁଛି। ପୁଣି ଏଠାରେ ଅନେକ ଦୋକାନ ସହ ଷ୍ଟେଟ ବ୍ୟାଙ୍କ ରହିଛି। ତେଣୁ ସର୍ବଦା ଲୋକଙ୍କ ଗହଳି ଲାଗିରହିଥାଏ। ସେହିଭଳି ରାସ୍ତା ଉପରେ ଥିବା ପୋଲ ମଧ୍ୟ ସଂକୀର୍ଣ୍ଣ। ଏଣୁ ଲୋକଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ତେବେ ଏହି ନିର୍ମାଣ ସାମଗ୍ରୀ ଉଠିବାକୁ ସମ୍ପୃକ୍ତ ବ୍ୟକ୍ତିଙ୍କୁ ସ୍ଥାନୀୟ ଲୋକେ ବାରମ୍ବାର ତାଗିଦ୍ କରୁଛନ୍ତି। ସେ କିନ୍ତୁ ଶୁଣୁ ନାହାନ୍ତି।

### ବ୍ରାହ୍ମଣ କଲ୍ୟାଣ ସଭାର ବାର୍ଷିକ ସାଧାରଣ ସଭା

## ବିନୟ ସଭାପତି, ଦିଲ୍ଲୀପ ସମ୍ପାଦକ ନିର୍ବାଚିତ

ରାଉରକେଲା, ୧୮।୬(ସମିସ):



ସାମାଜିକ ସଂଗଠନ ବ୍ରାହ୍ମଣ କଲ୍ୟାଣ ସଭାର ବାର୍ଷିକ ସାଧାରଣ ସଭା ଅମର ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକର ପ୍ରଥମ ଅଧିବେଶନରେ ସର୍ବପ୍ରଥମେ ସମାଜର ପଦାଧିକାରୀ, ପୂର୍ବତନ ସଭାପତି ଏବଂ ବରିଷ୍ଠ ସଦସ୍ୟ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ସମାଜର ସଭାପତି ଶ୍ରବଣ ପାରିକ, ସମ୍ପାଦକ ଶିବ ଶଙ୍କର ଶର୍ମା, ଉପସଭାପତି ପୁରୁଷୋତ୍ତମ ଚୌମଲ, ସହ ସମ୍ପାଦକ ଅଜୟ ଶର୍ମା, ରାମସ୍ୱରୂପ ଚୌବେ ଉପସ୍ଥିତ ଥିଲେ। ସଭାପତି ଶ୍ରବଣ ପାରିକ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦକ ଶିବ ଶଙ୍କର ଶର୍ମା ୨୦୨୪-୨୫ ବର୍ଷର ବିବରଣୀ ଉପସ୍ଥାପନ କରିବା ସହିତ ସମାଜରେ ହୋଇଥିବା କାର୍ଯ୍ୟ ବିଷୟରେ ବିସ୍ତୃତ ସୂଚନା ଦେଇଥିଲେ। କୋଷାଧ୍ୟକ୍ଷଙ୍କ ଅନୁପସ୍ଥିତିରେ ୨୫ ବର୍ଷର ହିସାବ ସହ ସମ୍ପାଦକ ରାମସ୍ୱରୂପ ଚୌବେ ଉପସ୍ଥାପନ କରିଥିଲେ। ଉପସଭାପତି ପୁରୁଷୋତ୍ତମ ଚୌମଲ ଧନ୍ୟବାଦ ଦେଇଥିଲେ। ପୂର୍ବତନ ସଭାପତି ଏବଂ ସଦସ୍ୟ ମାନେ ଏହି ବର୍ଷକୁ ସମାଜର ସୁବର୍ଣ୍ଣ ଜୟନ୍ତୀ ବର୍ଷ କରାଯିବ ବୋଲି ପରାମର୍ଶ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ଅନୁଷ୍ଠିତ କର୍ମକର୍ତ୍ତା ନିର୍ବାଚନରେ ନିର୍ବାଚନ ଅଧିକାରୀ ଭାବରେ ସମାଜର ବରିଷ୍ଠ ସଦସ୍ୟ ବିନୋଦ ଶର୍ମା, ଶଶିକାନ୍ତ ଯୋଶୀ, ଜଗଦୀଶ ହରିତ୍, ଆର କେ ଖେମାନି ଯୋଗ ଦେଇଥିଲେ ନିର୍ବାଚନକୁ ସୁରୁଖୁରୁରେ ପରିଚାଳନା କରିଥିଲେ। ଏଥିରେ ବିନୟ ଶର୍ମାଙ୍କୁ ସଭାପତି, ଟିଙ୍କୁ ଚୌମଲଙ୍କୁ ଉପସଭାପତି, ଦିଲୀପ ଶର୍ମାଙ୍କୁ ସମ୍ପାଦକ, ସଞ୍ଜୟ ଶିଖୱାଲଙ୍କୁ ନଗର ସମ୍ପାଦକ, ପ୍ରଦ୍ୟୁମ୍ନ ଶର୍ମା, ମହେଶ ଶର୍ମାଙ୍କୁ କୋଷାଧ୍ୟକ୍ଷ, ଜୟପ୍ରକାଶ ଶର୍ମାଙ୍କୁ ନିର୍ବାଚିତ କରାଯାଇଥିଲା। ୨୦୨୪-୨୬ ବର୍ଷର ସମସ୍ତ ନବନିର୍ବାଚିତ ପଦାଧିକାରୀଙ୍କୁ ସମାଜର ଲୋକମାନେ ଫୁଲଗୁଚ୍ଛ ଦେଇ ଅଭିନନ୍ଦନ ଏବଂ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ସମାଜର ପୂର୍ବତନ ସଭାପତି ମନୋହର ଲାଲ, ମହର୍ଷି ମୁସଦ୍ଦିଲାଲ ଶର୍ମା, ବଜରଙ୍ଗ ଲାଲ ଶର୍ମା, ଜୁଗଲ ଶର୍ମା, ଜଗଦୀଶ ହରିତ, ମୁରାରୀ ଲାଲ ଚୌମଲଙ୍କ ସମେତ ବରିଷ୍ଠ ସଦସ୍ୟ, ପୂର୍ବତନ ସମ୍ପାଦକ, ସମାଜର ମହିଳା ଏବଂ ଯୁବକ ମାନେ ଉପସ୍ଥିତ ଥିଲେ। ଶିବ ଶଙ୍କର ଶର୍ମା ମଞ୍ଚ ପରିଚାଳନା କରିଥିଲେ।

## କଞ୍ଜ୍ୟୁମର ପମ୍ପ ଜରିଆରେ ଡିଜେଲ ବିକ୍ରି

# କୋଟି କୋଟି ଟଙ୍କା ରାଜସ୍ୱ ହରାଉଛନ୍ତି ସରକାର

ତାଳଚେର ସହର, ୧୮ ।୬ (ଦୁର୍ଗା ପ୍ରସାଦ ସ୍ୱାଇଁ)



ତାଳଚେର ତାଳବେଡ଼ା ଛକରୁ ବାଙ୍କଧରା ଛକ ମଝିରେ ଥିବା ଓମ୍ ରୋଡୱେଜ୍ କାର୍ଯ୍ୟାଳୟର ଠିକ୍ ପଛପାଖରେ ଖୋଲିଛି ଏକ କଞ୍ଜ୍ୟୁମର ପମ୍ପ। ଏଥିରେ ଦିନତମାମ ବିକ୍ରି ହେଉଛି ୫୦ ହଜାରରୁ ଊର୍ଦ୍ଧ୍ୱ ଲିଟର ଡିଜେଲ। କିନ୍ତୁ ଏହି ପମ୍ପ କିପରି ଖୋଲିଛି, କିଏ ପମ୍ପ ଖୋଲିବା ପାଇଁ

- **ଲୋକାଲ ସେଲ ଗାଡ଼ି ସହ ପାଉଁଶ ଗାଡ଼ିକୁ ବେଧଡ଼କ ବିକ୍ରି ହେଉଛି ଡିଜେଲ**
- **ପ୍ରଶାସନ ପାଖରେ ନାହିଁ ଖବର**

ଅନୁମତି ଦେଇଛି, କେଉଁ ଆଧାରରେ ପମ୍ପ ଖୋଲିବା ପାଇଁ ଅନୁମତି ମିଳିଛି ତାହା ପ୍ରଶ୍ନ ଘେରରେ। ନିୟମ ଅନୁଯାୟୀ ଯେଉଁ ବ୍ୟବସାୟିକ ସଂସ୍ଥାର ଗାଡ଼ିଗୁଡ଼ିକ ଏମସିଏଲ, ନାଲକୋ, ଏନଟିପିସି ଭଳି କମ୍ପାନୀଗୁଡ଼ିକରେ ଇଣ୍ଟରନାଲ ଟ୍ରାନ୍ସପୋର୍ଟେସନ୍ ପାଇଁ ଅର୍ଡର ପାଇଥାଏ ସେହି କମ୍ପାନୀର ନିଜସ୍ୱ ଗାଡ଼ି କଞ୍ଜ୍ୟୁମର ପମ୍ପରୁ ତେଲ ନେଇ ପକାଇବାର ବ୍ୟବସ୍ଥା ରହିଛି। କିନ୍ତୁ ଏହି ପମ୍ପର ମାଲିକାନା ଥିବା ବ୍ୟକ୍ତିଙ୍କ ସେଭଳି କୌଣସି ସଂସ୍ଥା ନ ଥିବା ବେଳେ କିଭଳି ଏଠାରେ ପମ୍ପ ଖୋଲାଯାଇଛି, କିଭଳି ହଜାର ହଜାର ଲିଟର ଡିଜେଲ ବିକ୍ରି ହେଉଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ପମ୍ପରୁ ଲୋକାଲ ସେଲ ଗାଡ଼ି କିମ୍ବା ପାଉଁଶ ଗାଡ଼ିରେ ତେଲ ପକାଇବା ନିୟମ ନ ଥିବା ବେଳେ ବୁଧବାର ଅପରାହ୍ନ ୧୨ଟା ୧୪ରେ ଗୋଟିଏ ଲୋକାଲ ସେଲ ଟ୍ରକ୍ (ନମ୍ବର ଓଡ଼ି୩୫-ଏଚ୪୬୬୬) ଡିଜେଲ ଭରୁଥିବା ଦେଖିବାକୁ ମିଳିଥିଲା। ଅନ୍ୟପଟେ ରାଜ୍ୟ ସରକାର ଡିଜେଲ ଉପରେ ୨୮ ପ୍ରତିଶତ ଖଜଣା ନେଉଥିବା ବେଳେ ଏହି ଅସାଧୁ ପମ୍ପ ମାଲିକମାନେ ଅଧିକ ଲାଭ ଆଶାରେ ହଳଦିଆ ଅଞ୍ଚଳରୁ ୨୦.୦୪ ପ୍ରତିଶତ ଖଜଣା ଦେଇ ଡିଜେଲ ଆଣି ତାଳଚେରରେ ବିକ୍ରି କରୁଛନ୍ତି। ତାଳଚେର ଅଞ୍ଚଳରେ ଏଭଳି ଅନେକ ବେଆଇନ କଞ୍ଜ୍ୟୁମର ପମ୍ପ ଗଢ଼ି ଉଠିଥିବା ବେଳେ ରାଜ୍ୟ ସରକାର ଗୋଟିଏ ଦିନରେ କେବଳ ତାଳଚେରରୁ କୋଟି କୋଟି ଟଙ୍କା ରାଜସ୍ୱ ହରାଉଛନ୍ତି। ଅନ୍ୟ ପମ୍ପଗୁଡ଼ିକ ଭଳି ଏହି ଟାଙ୍କିରେ ବିଭାଗ ପକ୍ଷରୁ ଯାଞ୍ଚ ମଧ କରାଯାଉନାହିଁ। ଫଳରେ ଅସାଧୁ ବ୍ୟବସାୟୀମାନେ ବେଧଡ଼କ ଏହି ବେପାର କରି କୋଟି କୋଟି ଟଙ୍କା ମୁନାଫା କମାଉଛନ୍ତି। ନିକଟ ଅତୀତରେ ଏନଟିପିସି ଅଞ୍ଚଳରେ ଏକ ବାୟୋ ଡିଜେଲ ଟ୍ୟାଙ୍କର ଜବତ ହୋଇଥିବା ବେଳେ ଏହି ସବୁ ଟାଙ୍କିରେ ବାୟୋଡିଜେଲ ବିକ୍ରି ହେଉଥିବା ସନ୍ଦେହକୁ ଏଡ଼ାଇ ଦିଆଯାଇ ନ ପାରେ। ତେଣୁ ବିଭାଗୀୟ ଅଧିକାରୀ ଘଟଣାକୁ ଗୁରୁତ୍ୱର ସହ ନେଇ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

## ସର୍ଟସର୍କିଟରୁ ଜଳିଗଲା ଘର ଓ ଗୁହାଳ

# ୩୦ ଛେଳି ଜୀବନ୍ତ ଦଗ୍ଧ



ଅନୁଗୋଳ, ୧୮ ।୬ (ସମିସ): ଅନୁଗୋଳ ସହର ନିକଟ ଖମାର ଗ୍ରାମଦେବୀ ମନ୍ଦିର ପାଖରେ ବୁଧବାର ମଧ୍ୟାହ୍ନରେ ସର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟି ଏକ ଘର ସମେତ ଛେଳି ଗୁହାଳ ଜଳିଯାଇଛି। ଏହି ଅଗ୍ନିକାଣ୍ଡରେ ଗୁହାଳରେ ଥିବା ପ୍ରାୟ ୩୦ ଛେଳି ଜୀବନ୍ତ ଦଗ୍ଧ ହୋଇଛନ୍ତି। ଛେଳିଆପଡ଼ା ଗ୍ରାମର ଅଭୟ ନାଏକ ଖମାର ଗ୍ରାମଦେବୀଙ୍କ ମନ୍ଦିର ପାଖରେ ଝାଟିମାଟି ଘର କରି ରହିଆସୁଥିଲେ। ସେ ଛେଳି ପାଳନ କରି ପରିବାର ପ୍ରତିପୋଷଣ କରୁଥିଲେ। ବୁଧବାର ମଧ୍ୟାହ୍ନରେ ହଠାତ ସର୍ଟସର୍କିଟ ଯୋଗୁଁ ତାଙ୍କ ଦୁଇ ବଖରା ଘର ଓ ଗୁହାଳରେ ନିଆଁ ଲାଗି ଯାଇଥିଲା। ୩୦ ଛେଳି ଦଗ୍ଧ ହୋଇଥିବା ବେଳେ ଘରେ ଥିବା ଆସବାବପତ୍ର ପୋଡ଼ି ପାଉଁଶ ହୋଇଛି। ଅନୁଗୋଳ ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

# ଡ୍ରେନ ମାଷ୍ଟର ପ୍ଲାନ୍ ପାଇଁ ଡ୍ରୋନ୍ ସର୍ଭେ

ଅନୁଗୋଳ, ୧୮ ।୬ (ସମିସ): ଅନୁଗୋଳ ପୌରପାଳିକା ମଧ୍ୟରେ ଡ୍ରେନ ମାଷ୍ଟର ପ୍ଲାନ୍ ତିଆରି ପାଇଁ ସର୍ଭେ କାମ ଆରମ୍ଭ ହୋଇଛି। ହଳଦିଆକଟା ବନ୍ଧ ନିକଟରୁ ଏହି ସର୍ଭେ କାର୍ଯ୍ୟ ଆରମ୍ଭ କରାଯାଇଛି। ପୌରପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ ଏବଂ କନିଷ୍ଠ ଯନ୍ତ୍ରୀଙ୍କ ଉପସ୍ଥିତିରେ ନିର୍ମାଣ ଦାୟିତ୍ୱ ନେଇଥିବା ଇକୋମେଟ୍ରିକ୍ସ ସଂସ୍ଥା କାମ ଆରମ୍ଭ କରିଥିଲା। ସୂଚନାଯୋଗ୍ୟ, ଅନୁଗୋଳ ପୌରପାଳିକାର କେତେକ ଅଂଶରେ ଲୋକେ କୋଠାବାଡ଼ି ନିର୍ମାଣ ବେଳେ ତାମଡ଼ା ପ୍ଲାନ୍ ଉଲ୍ଲଙ୍ଘନ କରି ନିର୍ମାଣ କାର୍ଯ୍ୟ କରିଥିବାରୁ ଡ୍ରେନ ବ୍ୟବସ୍ଥାକୁ ସଠିକ୍ ରୂପେ କାର୍ଯ୍ୟକାରୀ କରାଯାଇପାରିନାହିଁ। ଫଳରେ ବର୍ଷାଦିନେ ସେ ସବୁ ଅଞ୍ଚଳରେ ଲୋକଙ୍କ ଘରେ ପାଣି ପଶି ଯାଇଥାଏ। ଏ ସମସ୍ୟା ଦୂର ପାଇଁ ଅନୁଗୋଳ ବିଧାୟକ ବିଧାନସଭାରେ ପ୍ରସଙ୍ଗ ଉପସ୍ଥାପନ କରିବା ସହ ଅନୁଗୋଳରେ ଡ୍ରେନେଜ୍ ବ୍ୟବସ୍ଥା ସଜାଡ଼ିବା ପାଇଁ ପ୍ରାୟ ୯ କୋଟି ଟଙ୍କା ବ୍ୟୟ ମଞ୍ଜୁର କରାଇଥିଲେ। ଏବେ ଏହାର ଚୂଡାନ୍ତ ରୂପରେଖ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କୋଟିଏ ଟଙ୍କା ମଞ୍ଜୁର କରାଯାଇଛି। ଏହି ଅର୍ଥରେ ସମ୍ପୂର୍ଣ୍ଣ ଡ୍ରେନ ପ୍ଲାନ୍ ତିଆରି ହେବ। ବଡ଼ ବଡ଼ ଏହି ସବୁ ଡ୍ରେନ ନିର୍ମାଣ ବେଳେ ଯେଉଁ ବ୍ୟକ୍ତି କିମ୍ବା ବିଲ୍ଡର ଯଦି ଜାଗା ଜବରଦଖଲ କରିଥାନ୍ତି ତେବେ ତାହାକୁ ଉଚ୍ଛେଦ କରାଯିବ ବୋଲି ଜଣାପଡ଼ିଛି।

# ଏଟିଏମରେ ଲାଗିଲା ନିଆଁ

ଛେଣ୍ଡିପଦା, ୧୮ ।୬ (ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ଜରପଡ଼ା ହାଟପଦାସ୍ଥିତ ଆଇଓବି ଏଟିଏମରେ ବୁଧବାର ମଧ୍ୟାହ୍ନରେ ନିଆଁ ଲାଗିଯାଇଛି। ଏଟିଏମରୁ ଧୂଆଁ ବାହାରୁଥିବା ଦେଖି ସ୍ଥାନୀୟ ଲୋକେ ଛେଣ୍ଡିପଦା ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଛି। ବିଦ୍ୟୁତ୍ ସଟସର୍କିଟରୁ ନିଆଁ ଲାଗିଥିବା ସନ୍ଦେହ କରାଯାଉଛି। ତେବେ ଏହି ଅଗ୍ନିକାଣ୍ଡରେ କେତେ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି ସେ ନେଇ ସୂଚନା ମିଳିନାହିଁ।

# ନାକଚି, ଉରୁକୁଳା ପଞ୍ଚାୟତରେ ବିକାଶ ମେଳା



କିଶୋରନଗର, ୧୮ ।୬ (ସମିସ): କିଶୋରନଗର ବ୍ଲକ ନାକଚି ଓ ଉରୁକୁଳା ପଞ୍ଚାୟତରେ ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ପାଳନ ଅବସରରେ ନାକଚି ଉରୁକୁଳା ପଞ୍ଚାୟତରେ ବିକାଶ ମେଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ନାକଚି ପଞ୍ଚାୟତରେ ସରପଞ୍ଚ ମନୋଜ ବାଘଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅତିରିକ୍ତ ଶାସନ ସଚିବ ଗୀତାଞ୍ଜଳି ନାଏକ, ସମ୍ମାନିତ ଅତିଥି ଭାବେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ପ୍ରତିନିଧି ସରୋଜ କୁମାର ସାହୁ, ସମାଜସେବୀ ଡା. ଅଲେଖ କୁମାର ପ୍ରଧାନ, ବରିଷ୍ଠ ବିଜେପି ନେତା ହୃଦାନନ୍ଦ ପ୍ରଧାନ, ସମିତି ସଭ୍ୟା ଦ୍ରୌପଦୀ ନାଏକ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ନୂତନ ହିତାଧିକାରୀଙ୍କୁ ଭତ୍ତା, ରାସନକାର୍ଡ, ଜବକାର୍ଡ, ହ୍ୱିଲ ଚେୟାର ବଣ୍ଟନ କରାଯାଇଥିଲା। ବିଭିନ୍ନ ବିଭାଗ ତରଫରୁ ସରକାରଙ୍କ ଯୋଜନା ସମ୍ପର୍କିତ ଷ୍ଟଲ ଖୋଲାଯାଇଥିଲା। ଏଥିରେ ସମସ୍ତ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ଉପସ୍ଥିତ ଥିଲେ। ସେହିପରି ଉରୁକୁଳା ପଞ୍ଚାୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏ, ଏବିଡିଓ ଦିଲୀପ ପ୍ରଧାନ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଆଲୋକ ମିଶ୍ର ଯୋଗଦେଇଥିଲେ।

## ଜିଲ୍ଲାସ୍ତରୀୟ ବିକାଶ ମେଳା ଉଦଯାପିତ

# 'ଅନୁଗୋଳ ଜିଲ୍ଲା ବିକଶିତ ହେଲେ ରାଜ୍ୟ ଓ ଦେଶ ବିକଶିତ ହେବ'



ଅନୁଗୋଳ, ୧୮ ।୬ (ସମିସ): ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜିତ ବିକାଶ ମେଳା ବୁଧବାର ଉଦଯାପିତ ହୋଇଛି। ଅନୁଗୋଳ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟଅତିଥି ତାଙ୍କ ଅଭିଭାଷଣରେ କହିଲେ ଯେ ୨୦୩୬ ବେଳକୁ ଓଡ଼ିଶା ଏକ ସମୃଦ୍ଧ ରାଜ୍ୟରେ ପରିଣତ ହେବ। ଅନୁଗୋଳ ଜିଲ୍ଲା ବିକଶିତ ହେଲେ ଓଡ଼ିଶା ଓ ଭାରତ ବିକଶିତ ହୋଇପାରିବ। ଅନୁଗୋଳ ଜିଲ୍ଲାରେ ଏକ ବର୍ଷରେ ବିକାଶ କାର୍ଯ୍ୟ ଊର୍ଦ୍ଧ୍ୱମୁଖୀ ହୋଇପାରିଛି। ସୁଭଦ୍ରା ଯୋଜନାରେ ମା'ମାନେ ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି। ଲକ୍ଷପତି ଦିଦି ସୃଷ୍ଟି କରି ଓଡ଼ିସା ସାରା ଦେଶରେ ପ୍ରଥମ ହୋଇପାରିଛି ବୋଲି ସେ କହିଥିଲେ। ଏତଦବ୍ୟତୀତ ରାଜ୍ୟ ସରକାରଙ୍କ ବର୍ଷକର ଉପଲବ୍ଧି ସମ୍ପର୍କରେ ସେ ସୂଚନା ପ୍ରଦାନ କରିଥିଲେ। ପାଲଲହଡ଼ାରେ ଏକ ସାଇନ୍ସ ପାର୍କ ପ୍ରତିଷ୍ଠା ହେବ ବୋଲି ମଧ କହିଥିଲେ। କାର୍ଯ୍ୟକ୍ରମରେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ଯୋଗଦେଇ ସରକାରଙ୍କ ବିଭିନ୍ନ ଉନ୍ନତିମୂଳକ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ଜିଲ୍ଲାପାଳ ଅବଦାଲ୍ ମୁହମ୍ମଦ୍ ଅଖତର ଧନ୍ୟବାଦ ଅର୍ପଣ କରିଥିଲେ।

ଏହି ଉପଲକ୍ଷେ ହୋଇଥିବା ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ସେହିପରି ମୃତ୍ୟୁକାଳୀନ ସହାୟତା, ବିବାହ ସହାୟତା, ଶିକ୍ଷା ସହାୟତା, ପ୍ରସବ ସହାୟତା, ଇତ୍ୟାଦି ବାବଦ ମୋଟ ୩୪୮ ନିର୍ମାଣ ଓ ଅଣସଙ୍ଗଠିତ ଶ୍ରମିକଙ୍କୁ ୧ କୋଟି ୪ ଲକ୍ଷ ୯୪ ହଜାର ଟଙ୍କା ଏବଂ ଜଣେ ମୃତ ଅଣସଙ୍ଗଠିତ ଶ୍ରମିକଙ୍କ ଉତ୍ତରାଧିକାରୀଙ୍କୁ ୨ ଲକ୍ଷ ଟଙ୍କା ସହାୟତା ରାଶି ଜିଲ୍ଲା ଶ୍ରମ ବିଭାଗ ତରଫରୁ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ଅନୁଗୋଳ ଉପଜିଲ୍ଲାପାଳ ମାୟାଧର ବେହେରାଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ଗଣମାଧ୍ୟମ ପ୍ରତିନିଧି ଓ ଜନସାଧାରଣ ଯୋଗଦେଇଥିଲେ।

# ପବିତ୍ର ମୋହନ ମେଡିକାଲ୍ କଲେଜ କ୍ରିୟାନୁଷ୍ଠାନ କମିଟିର ଧାରଣା ସ୍ଥଗିତ

ତାଳଚେରସଦର, ୧୮ ।୬ (ସମିସ): ତାଳଚେର ପବିତ୍ର ମୋହନ ମେଡିକାଲ୍ କଲେଜ କ୍ରିୟାନୁଷ୍ଠାନ କମିଟିର ଆହ୍ୱାନ କ୍ରମେ ୧୮ ତାରିଖରୁ ଆରମ୍ଭ ହେବାକୁ ଥିବା ଗଣଧାରଣାକୁ ସ୍ଥଗିତ ରଖାଯାଇଛି। ଏ ନେଇ କମିଟି ପକ୍ଷରୁ ଏକ ବୈଠକ ବସି ନିଷ୍ପତ୍ତି ନିଆଯାଇଛି। ତାଳଚେର ପବିତ୍ର ମୋହନ ମେଡିକାଲ୍ କଲେଜରେ ରୋଗୀସେବା ସହ ମେଡିକାଲ ଶିକ୍ଷାଦାନ କରାଯିବା ନେଇ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ତାଳଚେର ଉପଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଥିଲା। ଜିଲ୍ଲା ପ୍ରଶାସନ କିମ୍ବା ମୁଖ୍ୟମନ୍ତ୍ରୀ କମିଟି ସହିତ କୌଣସି ଆଲୋଚନା ନ କରି ଓଲଟି ଧାରଣାସ୍ଥଳ ପବିତ୍ର ମୋହନ ମେଡିକାଲ୍ କଲେଜ୍ ସମ୍ମୁଖରେ ୧୪୪ ଧାରା ଲଗାଇ ଧାରଣାକୁ ବନ୍ଦ କରିଛନ୍ତି। କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବୁଧବାରଠାରୁ ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଧାରଣାକୁ ସ୍ଥଗିତ ରଖାଯାଇଛି। ପରବର୍ତ୍ତୀ ସମୟରେ ଗଣଧାରଣା ସମ୍ବନ୍ଧରେ ସୂଚନା ପ୍ରଦାନ କରାଯିବ ବୋଲି କୁହାଯାଇଛି। ବୈଠକରେ କମିଟି ସଭାପତି ପଦ୍ମଚରଣ ସାମଲ, ସମ୍ପାଦକ ବିଜୟ ପ୍ରଧାନ, ସୁରେଶ ପଟ୍ଟନାୟକ, ମୁରଲୀଧର ସାହୁ, ଦିଗମ୍ବର ଗଡ଼ନାୟକ, ଚୈତନ୍ୟ ପ୍ରଧାନ, ସୁକାନ୍ତ ଦାସ, ବିଭୂତି ଭୂଷଣ ପଟ୍ଟନାୟକଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

## କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ହସ୍ତକ୍ଷେପ

# ଶ୍ରୀଗୋପାଳ ଗୋଶାଳାକୁ ମିଳିଲା ପ୍ରାପ୍ୟ

ଅନୁଗୋଳ, ୧୮ ।୬ (ସମିସ): ସ୍ଥାନୀୟ ରନ୍ତଲେଇସ୍ଥିତ ଶ୍ରୀଗୋପାଳ ଗୋଶାଳା ୨୦୦୧ରୁ ଗୋସେବା କରିଆସୁଅଛି। ୨୦୧୯ ଫେବୃଆରୀରେ ପୁଲିସ ପ୍ରଶାସନ ଦ୍ୱାରା ଗୋଚାଲାଣ ହୋଇଥିବା ଗୋରୁଙ୍କୁ ଉଦ୍ଧାର କରି ଏହି ଗୋଶାଳାକୁ ହସ୍ତାନ୍ତର କରାଯାଇଥିଲା। ୧୨୦୦ରୁ ଊର୍ଦ୍ଧ୍ୱ ଗୋରୁଙ୍କୁ ପାଳିବା ଯଦିଓ ସହଜ ନ ଥିଲା, ତଥାପି ଉକ୍ତ ଗୋଶାଳା ଯଥାସାଧ ଦାୟିତ୍ୱ ପାଳନ କରିଆସୁଥିଲା। ଗୋରୁ ହସ୍ତାନ୍ତର ସମୟରେ ପୁଲିସ ଓ ପ୍ରଶାସନ ରକ୍ଷଣାବେକ୍ଷଣ ପାଇଁ ଆବଶ୍ୟକ ଅର୍ଥ ପ୍ରଦାନ ନିମନ୍ତେ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ତାହା ଅଦ୍ୟାବଧି ପୂରଣ କରାଯାଇ ନ ଥିଲା। ତେଣୁ ପ୍ରାୟ ୩ ମାସ ତଳେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅନୁଗୋଳ ଗସ୍ତ ସମୟରେ ତାଙ୍କୁ ଶ୍ରୀଗୋପାଳ ଗୋଶାଳା ପକ୍ଷରୁ ଆର୍ଥିକ ସମସ୍ୟା ବିଷୟରେ ଅବଗତ କରାଯାଇଥିଲା। ଏହାର ସମାଧାନ ନିମନ୍ତେ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଆଲୋଚନା ସମୟରେ ସାଂସଦ ରୁଦ୍ରନାରାୟଣ ପାଣି ଏବଂ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ମଧ ଉପସ୍ଥିତ ଥିଲେ। ମଙ୍ଗଳବାର ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟରୁ ଏ ବାବଦ ଗୋଶାଳାକୁ ଅର୍ଥରାଶି ପ୍ରଦାନ କରାଯାଇଛି। ଦୀର୍ଘ ଦିନରୁ ଗୋଶାଳା ଆର୍ଥିକ ସମସ୍ୟା ଦେଇ ଗତି କରୁଥିବା ବେଳେ ଏହି ଅର୍ଥରାଶି ନିଶ୍ଚିତ ଭାବେ ଗୋଶାଳାର ରକ୍ଷଣାବେକ୍ଷଣ ନିମନ୍ତେ ସହାୟକ ହେବ ବୋଲି କୁହାଯାଇଛି। ଏ ନେଇ ଗୋଶାଳା ପରିଚାଳନା ସମିତିର ସମସ୍ତ କାର୍ଯ୍ୟକର୍ତ୍ତା କେନ୍ଦ୍ର ଶିକ୍ଷାମନ୍ତ୍ରୀ ପ୍ରଧାନ, ସାଂସଦ ପାଣି, ବିଧାୟକ ପ୍ରଧାନ ଏବଂ ଅନୁଗୋଳ ଜିଲ୍ଲା ପ୍ରଶାସନକୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ନିଟ ପରୀକ୍ଷାରେ ସଫଳ ବିକାଶଙ୍କୁ ସମ୍ବର୍ଦ୍ଧନା



କଣିହାଁ, ୧୮ ।୬ (ସମିସ): ଚଳିତ ବର୍ଷ ସର୍ବ ଭାରତୀୟ ମେଡିକାଲ ପ୍ରବେଶିକା ପରୀକ୍ଷା (ନିଟ)ରେ ସଫଳତା ହାସଲ କରିଥିବା ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ କାମରେଇ ପଞ୍ଚାୟତ ଦଣ୍ଡସିଂହା ଗ୍ରାମର ବିକାଶ ରଞ୍ଜନ ପରିଡ଼ାଙ୍କୁ ଅନୁଗୋଳ ଜିଲ୍ଲା ଉତ୍କଳ ଗୋପାଳ ସମାଜ ଓ କଣିହାଁ ବ୍ଲକ ଗୋପାଳ ସମାଜ ଶାଖା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଦଣ୍ଡସିଂହା ଗ୍ରାମର ବନମ୍ବର ପରିଡ଼ାଙ୍କ ବଡ଼ପୁଅ ବିକାଶ ଏନ୍‌ଟିପିସି ଦୀପଶିଖା ସ୍ୱରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଥିବା ବେଳେ ଭୁବନେଶ୍ୱର ଓଡିଏମରେ +୨ ପରେ ନିଟ ପ୍ରବେଶିକା ପରୀକ୍ଷା ଦେଇଥିଲେ। ସେ ସର୍ବଭାରତୀୟ ସ୍ତରରେ ୧୪୮୫ ଓ ରାଜ୍ୟ ସ୍ତରରେ ୫୯୮ ଉତ୍ତୀର୍ଣ୍ଣ ହେଇଛନ୍ତି। ମଙ୍ଗଳବାର ଅପରାହ୍ନରେ ଗୋପାଳ ସମାଜ କର୍ମକର୍ତ୍ତା ତାଙ୍କ ବାସଭବନକୁ ଯାଇ ସମ୍ବର୍ଦ୍ଧନା ପ୍ରଦାନ କରିଛନ୍ତି। ଏଥିରେ ଉତ୍କଳ ଗୋପାଳ ସମାଜ ରାଜ୍ୟ ସଭାପତି ପ୍ରତାପ ଚନ୍ଦ୍ର ପରିଡ଼ା, ରାଜ୍ୟ ସମ୍ପାଦକ ବିଦ୍ୟାଧର ଭୂତିଆ, ଜିଲ୍ଲା ସଭାପତି ଚରଣ ବେହେରା, ଜିଲ୍ଲା ଉପଦେଷ୍ଟା ଗୋପାଳ ବେହେରା, ଜିଲ୍ଲା ସମ୍ପାଦକ ଜିତେନ୍ଦ୍ର ବେହେରା, ତାଳଚେର ବ୍ଲକ ସଂଗଠକ ରଜନୀକାନ୍ତ ବେହେରା, ପୂର୍ବତନ କମରେଇ ସରପଞ୍ଚ ଦୁଃଖବନ୍ଧୁ ଭୁତିଆ, କଣିହାଁ ବ୍ଲକ ସଭାପତି ଅଲେଖ ଭୁତିଆ, ଉତ୍କଳ ଗୋପାଳ ସମାଜର ବରିଷ୍ଠ ସଦସ୍ୟ ନିତ୍ୟାନନ୍ଦ ଭୁତିଆ, ମଦନ ମୋହନ ପରିଡ଼ା, ରାହାସ ପରିଡ଼ା, ଶିକ୍ଷକ ମୁନା ପରିଡ଼ା, ଗୋପାଳ ସମାଜର ଯୁବ ସଂଗଠକ ଧୀରେନ ପରିଡ଼ା, ରାମଚନ୍ଦ୍ର ବେହେରା, ହରେଶ ଭୁତିଆ ପ୍ରମୁଖ ଉପସ୍ଥିତ ଥିଲେ।

# ଯୁବକଙ୍କୁ ଟାଙ୍ଗିଆରେ ଆକ୍ରମଣ ଅଭିଯୋଗ

ବଇଣ୍ଡା, ୧୮ ।୬ (ସମିସ): କିଶୋରନଗର ବ୍ଲକ ତୁରୁଡ଼ା ଗ୍ରାମର କେଶବ ମାଝୀଙ୍କୁ ହଣ୍ଡପା ଥାନା କନ୍ଧରାମୁଣ୍ଡା ଗ୍ରାମର ପବିତ୍ର ସାହୁ ଟାଙ୍ଗିଆରେ ଆକ୍ରମଣ କରିଥିବା ମଙ୍ଗଳବାର କେଶବ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। କେଶବଙ୍କ ଏକ ଛେଳିକୁ ପବିତ୍ର ଆଣିଥିଲେ। ଏ ନେଇ କେଶବ ପବିତ୍ରଙ୍କୁ ପଚାରିବାରୁ ଉକ୍ତ ଛେଳିକୁ କେହି ମାରି ଖାଇଦେଇଥିବା କହିଥିଲେ। ହେଲେ ଏହା ମିଛ ବୋଲି କେଶବ କହିବାରୁ ପବିତ୍ର ଉତକ୍ଷିପ୍ତ ହୋଇ ଟାଙ୍ଗିଆରେ ତାଙ୍କ ମୁଣ୍ଡକୁ ଆକ୍ରମଣ କରିଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି।

# ମଦ୍ୟପ ଚାଳକ ଗିରଫ; ବାଇକ ଜବତ

ବଇଣ୍ଡା, ୧୮ ।୬ (ସମିସ): ଠାକୁରଗଡ଼ ଥାନା ପୁଲିସ ମଙ୍ଗଳବାର ରାତିରେ ଗାଡ଼ିମଟର ଯାଞ୍ଚ କରିଛି। ଏହି ସମୟରେ ମଦ୍ୟପାନ କରି ବାଇକ ଚଳାଉଥିବା ଅଭିଯୋଗରେ ଆଠମଲ୍ଲିକ ବାହାଳି ଅଞ୍ଚଳର ଶାନ୍ତନୁ ବାଘଙ୍କୁ ଗିରଫ କରାଯାଇଛି। ଏଥିସହ ତାଙ୍କ ବାଇକ ଜବତ କରାଯାଇଛି। ଏ ନେଇ ଏକ ମାମଲା ରୁଜୁ ହୋଇଛି।

ଜରୁରୀ ସୂଚନା
Lakheswar Agency ... OSFDC Department ... Letter ... Lakheswar Agency ... Letter ...
Managing Director
Lakheswar Agency

## ପୁରୁଣାଗଡ଼ ରଥଯାତ୍ରା ପ୍ରସ୍ତୁତି ବୈଠକ

# ଶାନ୍ତିଶୃଙ୍ଖଳାର ସହ ଆୟୋଜନ ନେଇ ଆଲୋଚନା



ଅନୁଗୋଳ, ୧୮ ।୬ (ସମିସ)

ପୁରୁଣାଗଡ଼ ରଥଯାତ୍ରା ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଉପଜିଲ୍ଲାପାଳ ତଥା ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ମାୟାଧର ବେହେରାଙ୍କ ଅଧ୍ୟକ୍ଷତାରେ ଉପଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ବିଭାଗର ଅଧିକାରୀ ଓ ମନ୍ଦିର ଉନ୍ନୟନ କମିଟି ସଦସ୍ୟ ଯୋଗଦେଇଥିଲେ। ରାଜାରାଜୁଡ଼ା ଅମଳରୁ ପୁରୁଣାଗଡ଼ରେ ରଥଯାତ୍ରା ପାଳିତ ହୋଇଆସୁଛି। ଆଗାମୀ ରଥଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା ପାଇଁ ଆଲୋଚନା ହୋଇଥିଲା। ରଥଯାତ୍ରା ପୂର୍ବରୁ ବଡ଼ଦାଣ୍ଡକୁ ସ୍ୱଚ୍ଛ, ନିର୍ମଳ ରଖିବାକୁ କୁହାଯାଇଥିଲା। ରଥଯାତ୍ରାର ୭ ଦିନ ପୂର୍ବରୁ ସମସ୍ତ କାର୍ଯ୍ୟ ସାରିବା ପାଇଁ ଉପଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଶ୍ରୀଜଗନ୍ନାଥ ମନ୍ଦିରଠାରୁ ମାଉସୀ ମା' ମନ୍ଦିର ପର୍ଯ୍ୟନ୍ତ ରାସ୍ତା ମରାମତି, ଟ୍ୟାଙ୍କର ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ପ୍ରାଥମିକ ସ୍ୱାସ୍ଥ୍ୟ ଶିବିର ଖୋଲିବା, ଚୋରାମଦ ରୋକିବା, ପୁଲିସ ଫୋର୍ସ ଓ ଆମ୍ବୁଲାନ୍ସ ମୁତୟନ ଏବଂ ବିଦ୍ୟୁତ୍ ସରବରାହ ଉନ୍ନତ କରିବା, ରାସ୍ତାକଡ଼ରେ ଦୁର୍ବଳ ବିଦ୍ୟୁତ ଖୁଣ୍ଟଗୁଡ଼ିକୁ ଅପସାରଣ କରିବାକୁ ନିଷ୍ପତ୍ତି ନିଆଯାଇଛି। ଜିଲ୍ଲା ସଂସ୍କୃତି ବିଭାଗ ତରଫରୁ ହେରାପଞ୍ଚମୀ, ବାହୁଡ଼ା ଯାତ୍ରା ଓ ସୁନାବେଶ ଦିନ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ସ୍ଥିର ହୋଇଛି। ଅନୁଗୋଳ ତହସିଲଦାର ଆଲୋକ ଦେହୁରୀ ସମସ୍ତ କାର୍ଯ୍ୟ ତଦାରଖ କରିବା ପାଇଁ ଉପଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଅନୁଗୋଳ ତହସିଲଦାର ଆଲୋକ ଦେହୁରୀ, ବନ୍ତଳା ଥାନା ଅଧିକାରୀ, ଆର ଆଣ୍ଡ ବି ଡିଭିଜନ ଏସ୍‌ଡିଓ, ଟିପିସିଓଡିଏଲ୍ ଏସଡିଓ, ଆରଡବ୍ଲ୍ୟୁଏସଏସ ଏସଡିଓ, ଅଗ୍ନିଶମ ଅଧିକାରୀ, ଅବକାରୀ ବିଭାଗ ଅଧିକାରୀ, ବନ୍ତଳା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ସଂସ୍କୃତି ବିଭାଗ ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ମନ୍ଦିର କମିଟି ତରଫରୁ ପ୍ରଶାନ୍ତ ପୃଷ୍ଟି, ସନାତନ ସାହୁ, ସୁନୀଲ ଦଳବେହେରା, ସହଦେବ ବେହେରା, ସୂର୍ଯ୍ୟାନନ୍ଦ ସିଂହ, ପ୍ରସନ୍ନ ସାହୁ, ଯଶୋବନ୍ତ ବେହେରା, ଗଦାଧର ମହାଖୁଡ଼ ଓ ମନ୍ଦିର ନିର୍ବାହୀ ଅଧିକାରୀ ରବିନାରାୟଣ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।



ସକାଳ



www.sakalaepaper.com

## ‘ବିକଶିତ ଓଡ଼ିଶା ପାଇଁ ବିକଶିତ ମୟୂରଭଞ୍ଜ’ ପରାମର୍ଶ କର୍ମଶାଳା




ବାରିପଦା, ୧୮ ।୬(ସମିସ): ବିକାଶ ମେଳା ଅବସରରେ ମଙ୍ଗଳବାର ବାରିପଦା ସହିଦ ସ୍ମୃତି ଭବନରେ ଜିଲ୍ଲାପାଳ ହେମକାନ୍ତ ସଏଙ୍କ ସଭାପତିତ୍ୱରେ ଜିଲ୍ଲାସ୍ତରୀୟ ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭ ଲକ୍ଷ୍ୟ ରଖି ବିକଶିତ ଓଡ଼ିଶା ପାଇଁ ବିକଶିତ ମୟୂରଭଞ୍ଜ ସମ୍ପର୍କିତ ପରାମର୍ଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଭାବେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ର, ବାରିପଦା ବିଧାୟକ ପ୍ରକାଶ ସୋରେନ, ସାରସକଣା ବିଧାୟକ ଭାଦବ ହାଁସଦା, ଅତିରିକ୍ତ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ଓ ଉଦଳା ଏନଏସିର ଅଧ୍ୟକ୍ଷା ପ୍ରମିଳା ପଣ୍ଡା ଯୋଗଦେଇଥିଲେ । ଏହି ଅବସରରେ ଉପସ୍ଥିତ ଥିବା ବୁଦ୍ଧିଜୀବୀ, ଶିକ୍ଷାବିତ, ବରିଷ୍ଠ ନାଗରିକ, ଶିଳ୍ପ ସଙ୍ଘ, ଛାତ୍ରଛାତ୍ରୀ ସର୍ବପରି ସାଧାରଣ ଜନତା ଜିଲ୍ଲାର ଭବିଷ୍ୟତ ଓ ସାମଗ୍ରୀକ ବିକାଶ ପାଇଁ ନିଜସ୍ୱ ଚିନ୍ତନ ଉପସ୍ଥାପନ କରିଥିଲେ । ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟର ଉପ ନିର୍ଦ୍ଦେଶକ ଲେମ୍ବ ମାରାଣ୍ଡିଙ୍କ ତତ୍ତ୍ୱାବଧାନରେ ଆୟୋଜିତ କର୍ମଶାଳାକୁ ବାରିପଦା ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡା ପରିଚାଳନା କରିଥିଲେ ।

## ସହିଦ ବାବୁରାମ ମହାନ୍ତଙ୍କ ତିରୋଧାନ ଦିବସ



ବଡ଼ସାହି,୧୮ ।୬(ସମିସ): ବଡସାହି ବ୍ଲକ ଅଧୀନ ଯୋଗୀନୂଆଗାଁର ବରପୁତ୍ର ଝୁମର ସହିଦ ବାବୁରାମ ମହାନ୍ତଙ୍କ ୪୪ତମ ତିରୋଧାନ ଦିବସ ଜୟ ଗରମ ଟିଭିର ପ୍ରତିଷ୍ଠାତା କବି ମନୋଜ କୁମାର ମହାନ୍ତଙ୍କ ଆବାହକତ୍ୱ ଏବଂ ଡ. ରମାକାନ୍ତ ମହାନ୍ତଙ୍କର ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବରେ ସ୍ୱର୍ଗତ ବାବୁରାମ ମହାନ୍ତଙ୍କ ପତ୍ନୀ ମକରୀ ମହାନ୍ତ, ବିଶିଷ୍ଟ ଅତିଥି ଭାବରେ ମୟୂରଭଞ୍ଜ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଦୀପକ କୁମାର ପାତ୍ର, ମୁଖ୍ୟବକ୍ତା ଭାବରେ କୁଡୁମୀ ସଂସ୍କୃତିର ଉପାସକ ପ୍ରସିଦ୍ଧ ଝୁମର ଗବେଷକ ଶଶଧର ମହାନ୍ତ, ବିଶିଷ୍ଟ ବକ୍ତାଭାବେ ଗୁରୁଦେବ ମହାନ୍ତ, ସମ୍ମାନିତ ବକ୍ତା ଭାବରେ ସାମ୍ବାଦିକ ଗତିକୃଷ୍ଣ ମହାନ୍ତ ଯୋଗଦେଇ ଝୁମର ସଂସ୍କୃତିର ଅତୀତ ବର୍ତ୍ତମାନ ଓ ଭବିଷ୍ୟତ ବିଷୟରେ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ମକାରୀ ମହାନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ଝୁମର ସଂସ୍କୃତିରେ ଉଲ୍ଲେଖନୀୟ ଅବଦାନ ଗବେଷଣା ପାଇଁ ଝୁମର କବି ଶଶଧର ମହାନ୍ତ, ଗାୟନ ପାଇଁ ଅଜୟ କୁମାର ମହାନ୍ତ, ଝୁମର ଗୀତ ରଚନା ପାଇଁ ଗୁରୁଦେବ ମହାନ୍ତ, ବାଦ୍ୟପାଇଁ ସୁରେନ୍ଦ୍ର ମହାନ୍ତ ଏବଂ ସତ୍ୟସାଧନ ମହାନ୍ତଙ୍କୁ ମୁଖ୍ୟ ଅତିଥି ସମ୍ମାନିତ କରିଥିଲେ । ଓଡିଶା, ବେଙ୍ଗଲ, ବିହାର ଝାରଖଣ୍ଡ, ଆସାମ, ଛତିଶଗଡ଼ର ଝୁମରପ୍ରେମୀ ଓ ଗବେଷକଙ୍କ ପାଇଁ ଯୋଗୀ ନୂଆଗାଁ ଏକ ଆଦର୍ଶ ପର୍ଯ୍ୟଟନ କ୍ଷେତ୍ର ହୋଇଛି । ଯୁବନେତା ତରଣୀକାନ୍ତ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।

## ରଜ ପାଇଁ କେଶନାପଡ଼ିଆ ଉତ୍ସବମୁଖର



କରଞ୍ଜିଆ,୧୮ ।୬(ସମିସ): ଆଦିବାସୀ ଜନଜାତି ବହୁଳ ମୟୂରଭଞ୍ଜ ଜିଲ୍ଲାରେ ପ୍ରତ୍ୟେକ ବର୍ଷ ଭଳି ଚଳିତବର୍ଷ ମଧ୍ୟ ରଜ ମହୋତ୍ସବକୁ ଅତି ଜାକଜମକରେ ପାଳନ କରାଯାଇଛି । ଏହି ଅବସରରେ ଶୁକ୍ଳି ବ୍ଲକ କେଶନା ଗ୍ରାମର ରଜପଡିଆ ଉତ୍ସବମୁଖର ହୋଇଉଠିଥିଲା । ଏହାକୁ ଅଧିକ ସରସ ସୁନ୍ଦର କରିବା ପାଇଁ ରଜ କମିଟି ପକ୍ଷରୁ ଆୟୋଜିତ ତୃତୀୟ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିପାଇଁ କୁଆଁରୀ ଝିଅ, ଯୁବତୀ ଓ ମହିଳା ଦୋଳି, ପୁଚି, ସଂଗୀତ, ନୃତ୍ୟ, ମ୍ୟୁଜିକ ଚେୟାର, ମେହେନ୍ଦି, ମୁରୁଜ, ଚିତ୍ରାଙ୍କନ ଆଦି ପ୍ରତିଯୋଗିତାରେ ଭାଗ ନେଇଥିଲେ । ଶ୍ରେଷ୍ଠ ବିବେଚିତ ଯୁବଶ୍ରୀ ଗିରି (ଶୁକ୍ଳି), ମିସ ସୋନା (ପଣିସି) ଓ ସାଇ ସଂପୂର୍ଣ୍ଣା ରାଉତ (ରାଇସୁଆଁ, କେନ୍ଦୁଝର) ପ୍ରମୁଖ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଗ୍ରାମର ବରିଷ୍ଠ ଶିକ୍ଷକ ନିତ୍ୟାନନ୍ଦ ମନ୍ତ୍ରୀ, ସୁରେନ୍ଦ୍ର ରାଉତ ଓ ଧ୍ରୁବଚରଣ ଘଡ଼ାଇ ସମସ୍ତ ଇଭେଣ୍ଟର ବିଚାରକ ଭାବେ ଦାୟିତ୍ୱ ତୁଲାଇଥିଲେ ।

## ଚାରା ବଣ୍ଟନ କେନ୍ଦ୍ର ଉଦ୍‌ଘାଟିତ



କରଞ୍ଜିଆ,୧୮ ।୬(ସମିସ): କରଞ୍ଜିଆ ବନଖଣ୍ଡ ଅଧୀନ ଦୁଧିଆଣି ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଇଂ ଗଣେଶ ରାମସିଂ ଖୁଣ୍ଟିଆଙ୍କ ଦ୍ୱାରା ଚାରାବଣ୍ଟନ କେନ୍ଦ୍ର ଉଦ୍‌ଘାଟିତ ହେଇଯାଇଛି । ଦୁଧିଆଣି ବନାଞ୍ଚଳ ଅଧିକାରୀ ମହାବୀର ସିଂ ମୁର୍ମୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ମନ୍ତ୍ରୀ ଇଂ. ଗଣେଶ ରାମସିଂ ଖୁଣ୍ଟିଆ ଏବଂ ସମ୍ମାନିତ ଅତିଥି ରୂପେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ ଯୋଗଦେଇ ଚାରାବଣ୍ଟନ କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ । ପରେ ଜନସାଧାରଣଙ୍କୁ ଫଳନ୍ତି ଚାରା ବଣ୍ଟନ କରାଯାଇଥିଲା । କାର୍ଯ୍ୟକ୍ରମରେ କରଞ୍ଜିଆ ବନଖଣ୍ଡର ଏସିଏଫ ମଦନ ମୋହନ ମହାନ୍ତ, ଫରେଷ୍ଟର ଠାକୁରଦାସ ହେମ୍ବ୍ରମ, ବଳା ସରପଞ୍ଚ ସ୍ମିତା ନାଏକ, ବିଜେପି ତାଟୋ ମଣ୍ଡଳ ସଭାପତି ଦିଲ୍ଲୀପ କୁମାର ମହାନ୍ତ, ଲକ୍ଷ୍ମୀ ଝା, ଅଜୟ କୁମାର ମିଶ୍ର, କୃଷକ ନେତା ବସନ୍ତ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ । ଚଳିତ ବର୍ଷ ରାଜ୍ୟରେ ୧୦ କୋଟି ନୂତନ ବୃକ୍ଷରୋପଣ ନିମନ୍ତେ ଲକ୍ଷ୍ୟ ରଖାଯାଇଛି ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ ।

## ଅଖିଳ ଭାରତୀୟ ଗୋଣ୍ଡୱାନା ଗୋଣ୍ଡ ମହାସଭା



ଶୁକ୍ଳି/ରରୁଆଁ,୧୮ ।୬(ସମିସ): ଜିଲ୍ଲା ଆୟୋଜନ ସମିତି ଆନୁକୂଲ୍ୟରେ ମୟୂରଭଞ୍ଜ ଜିଲ୍ଲା ରରୁଆଁ ବ୍ଲକ୍ ଅଧୀନ ଖୁଣ୍ଟାପଡ଼ାରେ ରଜ ମହୋତ୍ସବ ଏବଂ ଅଖିଳ ଭାରତୀୟ ଗୋଣ୍ଡୱାନା ଗୋଣ୍ଡ ମହାସଭା ଅନୁଷ୍ଠିତ ହୋଇଛି । ମୟୂରଭଞ୍ଜ ଜିଲ୍ଲା ଆୟୋଜନ ସମିତି ଏହାକୁ ଆୟୋଜନ କରିଥିଲେ । ସେଥିପାଇଁ ଦୀର୍ଘଦିନ ହେଲା ଅକ୍ଲାନ୍ତ ପରିଶ୍ରମ କରିଛନ୍ତି ମହେଶ୍ୱର ନାୟକ ଉପସଭାପତି, ତରୁଣ ନାୟକ ମହାସଚିବ, ଦିବାକର ନାୟକ କୋଷାଧ୍ୟକ୍ଷ, ଦୀନବନ୍ଧୁ ନାୟକ ସଚିବ, କରୁଣାକର ନାୟକ ମହାସଚିବ ଯୁବ, ହରିଶ୍ ଚନ୍ଦ୍ର ନାୟକ ସଭାପତି ଯୁବ, ପର୍ଶୁରାମ ନାୟକ ଉପଦେଷ୍ଟା, ପ୍ରଫୁଲ ନାୟକ ପଲ୍ଲି ସଭାପତି ବଡଝଡି, ଦମୟନ୍ତୀ ନାୟକ ଜିଲ୍ଲା ସଦସ୍ୟା, ସଂଯୁକ୍ତା ନାୟକ ସଭାପତି ମହିଳା ଉଲଙ୍ଗ, ଅବନ୍ତି ନାୟକ ମହାସଚିବ ମହିଳା ଉଲଙ୍ଗ, ହରିଶ୍ ଚନ୍ଦ୍ର ନାୟକ, କାଶୀନାଥ ନାୟକ ସଚିବ, ଦୟାନିଧି ନାୟକ ଉପଦେଷ୍ଟା, କ୍ଷୀରୋଦ ଚନ୍ଦ୍ର ନାୟକ ଜିଲ୍ଲା ସଦସ୍ୟ, ଅନାଦି ନାୟକ, ମିଲୁ ନାୟକ, ତପନ କୁମାର ନାୟକ, ନରେନ୍ଦ୍ର କୁମାର ନାୟକ ଓ ଜମ୍ବୁବତୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ସମ୍ମାନିତ ଅତିଥି ଭାବେ ଜଙ୍ଗଲ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ମୁଖ୍ୟବକ୍ତା ଝାଡ଼ଖଣ୍ଡର ପୂର୍ବତନ ବିଧାୟକ ଗୁରୁଚରଣ ନାୟକ, ବକ୍ତା ଅଭିମନ୍ୟୁ ନାୟକ ଜିଲ୍ଲା ସଭାପତି ପଶ୍ଚିମ ସିଂ ଭୂମ ଝାଡ଼ଖଣ୍ଡ, ହରେକୃଷ୍ଣ ନାୟକ ମହାସଚିବ ଏବିଜିଜିଏମ ପଶ୍ଚିମ ସିଂ ଭୁମ୍ ଝାଡ଼ଖଣ୍ଡ ଏବଂ ନିମନ୍ତ୍ରିତ ଅତିଥି ମଳୟରଞ୍ଜନ ନାୟକ ଜିଓଲୋଜିଷ୍ଟ (ଏସ୍‌ଡିଓ) ଭବାନୀପାଟଣା, ନୟାଗଡ଼ର ତହସିଲଦାର ହେମନ୍ତ କୁମାର ନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ପାରମ୍ପରିକ ବେଶ ଭୂଷାରେ ପ୍ରଥମେ ଗୋଣ୍ଡ ସମ୍ପ୍ରଦାୟର ସପ୍ତରଙ୍ଗୀ ପତାକାକୁ ପୂଜାପରେ ଉତ୍ତୋଳନ କରିଥିଲେ । ତାପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ଗୋଣ୍ଡ ସମ୍ପ୍ରଦାୟର ସଂସ୍କୃତି ପରମ୍ପରାକୁ ପିଢ଼ିପରେ ପିଢ଼ି କିଭଳି ଭାବରେ ବଜାୟ ରଖିବାକୁ ହେବ ସେ ନେଇ ଆଲୋଚନା ହୋଇଥିଲା । ସଭାରେ ଜିଲ୍ଲା ଓ ଜିଲ୍ଲା ବାହାରୁ ଏବଂ ରାଜ୍ୟ ବାହାରୁ ଗୋଣ୍ଡ ସମ୍ପ୍ରଦାୟର ଲୋକ ଯୋଗଦେଇଥିଲେ ।

### ହଳଦିଆସାହି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ

# ହିନ୍ଦୀ ଏବଂ ସଂସ୍କୃତ ଭାଷା ଶିକ୍ଷକ ନିଯୁକ୍ତି ଦାବି

ଶରତ,୧୮ ।୬(ସମିସ):

ମୟୂରଭଞ୍ଜ ଜିଲ୍ଲାର ସମ୍ପୂର୍ଣ୍ଣ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ କପ୍ତିପଦା ବ୍ଲକ ଅଧୀନ ନୋଟ ପଞ୍ଚାୟତରେ ଅବସ୍ଥିତ ହଳଦିଆସାହି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ। ଏଠାରେ ମୂଳରୁ ହିଁ ହିନ୍ଦୀ ଏବଂ ସଂସ୍କୃତ

- **ମୂଳରୁ ନିଯୁକ୍ତି ହୋଇନାହାଁନ୍ତି ଶିକ୍ଷକ**
- **ଜୁନ ୨୦ରେ ଖୋଲିବ ସ୍କୁଲ**

ଭାଷା ପାଠ ପଢ଼ାଇବା ନିମନ୍ତେ ସରକାରଙ୍କ ତରଫରୁ କୌଣସି ଶିକ୍ଷକ ନିଯୁକ୍ତି ହୋଇପାରିନାହାଁନ୍ତି । ଉଚ୍ଚ ବିଦ୍ୟାଳୟରେ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(କଟକ)ଙ୍କ ଦ୍ୱାରା ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଅନୁଷ୍ଠିତ ହୁଏ। ବର୍ତ୍ତମାନ, ମାଟ୍ରିକ ବୋର୍ଡ ପରୀକ୍ଷାରେ ଛାତ୍ରଛାତ୍ରୀ ଆର୍ଟିଫିସିଆଲ କ୍ୟାମେରା ସ୍କାନରରେ ପରୀକ୍ଷା ଦେଉଛନ୍ତି। ବିଗତ



୨୦୨୪-୨୫ ଶିକ୍ଷାବର୍ଷରେ ମାଟ୍ରିକ ବୋର୍ଡ ପରୀକ୍ଷାରେ ହଳଦିଆସାହି ଉଚ୍ଚ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ତୃତୀୟ ଭାଷା ହିନ୍ଦୀରେ ପରୀକ୍ଷା ଦେଇଥିଲେ । ସୂଚନା ଥାଉ କି ବର୍ତ୍ତମାନ ହଳଦିଆସାହି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ଯାଏ ସର୍ବମୋଟ ୨୦୯ ଜଣ ଛାତ୍ରଛାତ୍ରୀ ଅଧ୍ୟୟନରତ ଅଛନ୍ତି । ସେଥିରୁ ନବମ ଶ୍ରେଣୀରେ ୨୨ ଜଣ ଏବଂ ଦଶମ ଶ୍ରେଣୀରେ ୨୦ ଜଣ ଛାତ୍ରଛାତ୍ରୀ ଅଧ୍ୟୟନରତ ଅଛନ୍ତି । ତେବେ ପ୍ରଶ୍ନ ଉଠୁଛି କି ଯେ, ଉକ୍ତ ବିଦ୍ୟାଳୟରେ ହିନ୍ଦୀ ଏବଂ ସଂସ୍କୃତ ଭାଷା ପାଠ ପଢ଼ାଇବା ନିମନ୍ତେ ଶିକ୍ଷକ ନିଯୁକ୍ତି ହୋଇ ନଥିବା ସତ୍ତ୍ୱେ ପିଲାମାନେ କେମିତି ମାଟ୍ରିକ ପରୀକ୍ଷା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ କ୍ୟାମେରା ନଜରରେ ପରୀକ୍ଷା ଦେଉଛନ୍ତି । ବିଦ୍ୟାଳୟରେ ବିଜ୍ଞାନ, ସାହିତ୍ୟ ଏବଂ ଅନ୍ୟାନ୍ୟ ବିଷୟରେ ପାଠ ପଢ଼ାଇବା ନିମନ୍ତେ ଶିକ୍ଷକ ହୋଇଥିବା ବେଳେ ହିନ୍ଦୀ ଏବଂ ସଂସ୍କୃତ ଭାଷା ପଢ଼ାଇବା ନିମନ୍ତେ ଶିକ୍ଷକ ନିଯୁକ୍ତି ହୋଇପାରିନାହାଁନ୍ତି । ନୋଟ ଗ୍ରାମ ତଥା ଶରତ ଅଞ୍ଚଳର ଛାତ୍ରଛାତ୍ରୀଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଏହି ଉଚ୍ଚ ବିଦ୍ୟାଳୟରେ ହିନ୍ଦୀ ଭାଷା ଏବଂ ସଂସ୍କୃତ ଭାଷା ଶିକ୍ଷକ ନିଯୁକ୍ତି କରିବା ନିମନ୍ତେ ଅଭିଭାବକ ମହଲରେ ଦାବି ହେଉଛି । ଏହି ଆବଶ୍ୟକତା ପୂରଣ କରିବା ଦିଗରେ ମୟୂରଭଞ୍ଜ ଜିଲ୍ଲାପାଳ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଯତ୍ନବାନ ହେବା ନିମନ୍ତେ ଅଭିଭାବକମାନେ ଦାବି କରିଛନ୍ତି ।

## କୁସୁମୀ ବ୍ଲକ୍‌ରେ ନାବାର୍ଡ ସହାୟତାରେ ହେବ କନ୍ଦମୂଳ ଚାଷ



ବାରିପଦା/ରାଇରଙ୍ଗପୁର,୧୮ ।୬(ସମିସ): ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ଆଇସିଏଆର୍ ଅଧୀନରେ ପରିଚାଳିତ ନାବାର୍ଡର ଆର୍ଥିକ ସହାୟତା ଏବଂ ସ୍ୱେଚ୍ଛାସେବୀ ସଙ୍ଗଠନ ‘ସମ୍ବନ୍ଧ’ର ତତ୍ତ୍ୱାବଧାନରେ କୁସୁମୀ ବ୍ଲକ ଅଧୀନସ୍ଥ ୧୭ଟି ଗ୍ରାମରେ ଜଳବାୟୁ ଅନୁକୂଳ କୃଷି ପଦ୍ଧତିରେ କନ୍ଦମୂଳ ଚାଷ କରାଯିବ । ନର୍ସରୀ ସୁବିଧା, ଜଳଯୋଗାଣର ସୁବିଧା କରାଯାଇ କନ୍ଦମୂଳ ଚାଷ କରାଯିବ । ଏହି ଚାଷ ସଫଳ ହେଲେ ଗୋଟିଏ ବର୍ଷରେ ୧୫୦ ଜଣ ଚାଷୀ ଆତ୍ମନିର୍ଭରଶୀଳ ହୋଇପାରିବେ । ଏଥିପାଇଁ ୧ କୋଟି ୨୩ ଲକ୍ଷ ୨୧ ହଜାର ଟଙ୍କା ନାବାର୍ଡ ଖର୍ଚ୍ଚ ଅଟକଳ ମଞ୍ଜୁର କରିଛି । କନ୍ଦମୂଳ ବିଭିନ୍ନ ପ୍ରକାରର ରହିଛି । କମଳା ରଙ୍ଗର କନ୍ଦମୂଳ ଖାଇଲେ ଦୃଷ୍ଟିଶକ୍ତି ବୃଦ୍ଧି ପାଇଥାଏ । ଅନ୍ୟ କେତେ ପ୍ରକାର ରହିଛି

### ୩ବର୍ଷରେ ୪୦୦ ଚାଷୀ ଉପକୃତ ଲକ୍ଷ୍ୟ

ରକ୍ତହୀନତା ଦୂର କରିବ ଏବଂ ଡାଇବେଟିସ ରୋଗୀ ମଧ୍ୟ ଖାଇ ପାରିବେ । କନ୍ଦମୂଳ ଚାଷ ପ୍ରତି ଯଦି ଚାଷୀମାନେ ଅଧିକ ଧ୍ୟାନ ଦେବେ ତେବେ ୩ବର୍ଷରେ ୪ଶହ ଚାଷୀ ଉପକୃତ ହେବାସହ ସେମାନଙ୍କର ଆର୍ଥିକ ଅଭିବୃଦ୍ଧି ହୋଇପାରିବ । ସମସ୍ତ ନିମନ୍ତ୍ରିତ ସମ୍ମାନିତ ଅତିଥି ଗଣ ପ୍ରଥମେ ତୁଳସୀ ବୃକ୍ଷରେ ଜଳ ଅର୍ପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । କୁସୁମୀ ବ୍ଲକର କାଶିଆବେଡ଼ାରେ ଅନୁଷ୍ଠିତ ଚାଷୀ କର୍ମଶାଳାରେ ସମ୍ବନ୍ଧର ରାଜ୍ୟ ସମ୍ପାଦିକା ପୁଷ୍ପାଙ୍ଗିନୀ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିବା ସହ ସଭା ପରିଚାଳନା କରିଥିଲେ । ନାବାର୍ଡର ଅଧ୍ୟକ୍ଷ ବୈଜ୍ଞାନିକ ଡ଼ଃ କେ ଲକ୍ଷ୍ମୀନାରାୟଣ, ମୁଖ୍ୟଅତିଥି କେରଳ ତ୍ରିଭେନ୍ଦ୍ରମ ଆଇସିଏଆରର ନିର୍ଦ୍ଦେଶକ ଡ଼ଃ ଜି ବାୟଜୁ ଏବଂ ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ନାବାର୍ଡର ସିଜିଏମ୍ ସଞ୍ଜୟ କୁମାର ତାଲୁକଦାର୍, ନାବାର୍ଡର ଏଜିଏମ ବିଶ୍ୱ ବି ମହାନ୍ତି, ମୟୂରଭଞ୍ଜ ଜିଲ୍ଲା ନାବାର୍ଡର ଡିଡିଏମ୍ ସ୍ମାରକ ମହାନ୍ତି, ଉଦ୍ୟାନ ବିଭାଗର ଜିଲ୍ଲା ଉପନିର୍ଦ୍ଦେଶକ ଟଙ୍କଧର କାଲୋ, ଆଇସିଏଆରର ମୁଖ୍ୟ ଆରଏସ୍ ଡଃ ଏମ୍ ନିଦୁନଚିଝିଆମ୍ ପ୍ରମୁଖ ଯୋଗଦେଇ କନ୍ଦମୂଳ ଚାଷ ସମ୍ପର୍କରେ ଚାଷୀମାନଙ୍କୁ ଅବଗତ କରାଇଥିଲେ । ‘ସମ୍ବନ୍ଧ’ର ପ୍ରୋଜେକ୍ଟ ମ୍ୟାନେଜର ଦୁଷ୍ମନ୍ତ ବେହେରା, କର୍ମଚାରୀ ସଞ୍ଜୟ ମହାନ୍ତ, ମହେନ୍ଦ୍ର ରାଉତ, କାହ୍ନୁ ହକାଇ ଓ ଅନ୍ୟମହିଳା କର୍ମଚାରୀ କର୍ମଶାଳା ପରିଚାଳନାରେ ସହଯୋଗ କରିଥିଲେ ।

## ଦୁବପାଳ ଶାସନରେ ରଜ ମହୋତ୍ସବ

ମହୁଲଡିହା,୧୮ ।୬(ସମିସ): ଓଡ଼ିଶାର କୃଷିଭିତ୍ତିକ ତଥା ପାରମ୍ପରିକ ଗଣପର୍ବ ରଜ ମୁଖ୍ୟତଃ ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାର ପୁରପଲ୍ଲୀରେ ଧୁମଧାମରେ ପାଳନ ହୋଇଆସୁଛି । ଠାକୁରମୁଣ୍ଡା ବ୍ଲକ ଜରକ ପଞ୍ଚାୟତ ଅଧୀନ ଦୁବପାଳ ଗ୍ରାମରେ ଆନୁଷ୍ଠାନିକ ଭାବେ ଦଶମ ରଜ ମହୋତ୍ସବ ରୀତିନୀତିରେ ଅନୁଷ୍ଠିତ ହୋଇଯାଇଛି । ଦୁବପାଳ ଶାସନରେ ବ୍ରାହ୍ମଣଙ୍କ ସହ ଅନ୍ୟ ଜାତି ମିଶି



ଭାଇଚାରାରେ ରାଜାରାଜୁଡ଼ା କାଳରୁ ପ୍ରାୟ ୧୦୦ ବର୍ଷରୁ ଉର୍ଦ୍ଧର ହେବ ପାରମ୍ପାରିକ କୃଷି ଭିତ୍ତିକ ରଜ ଉତ୍ସବ ପାଳନ ହୋଇଆସୁଥିବା ସ୍ଥାନୀୟ ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ଠାରୁ ଜଣାଯାଏ । ଚଳିତ ବର୍ଷ ୧୪ ତାରିଖ ଠାରୁ ଆରମ୍ଭ ହୋଇ ପାଞ୍ଚ ଦିନ ବ୍ୟାପୀ ହେଉଥିବା ମହୋତ୍ସବ ୧୮ ତାରିଖ ସନ୍ଧ୍ୟାରେ ସମାରୋପ ହୋଇଛି । ରଜରେ ପିଠାମିଠା ସହ ରଜପାନ ଖାଇ କୁମାରୀ କନ୍ୟା, ମହିଳା ଓ ଶିଶୁ ରଜଦୋଳିର ଭରପୁର ମଜା ନେଇ ରଜ ଦୋଳିଗୀତ, ଶବରୀ ନାଚ, ରଜ ବାଟେଇବା ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ । ଲଘୁଚାପ ପ୍ରଭାବରେ ମୌସୁମୀ ସକ୍ରିୟ ଥିବାରୁ ତୁହାକୁ ତୁହା ଝିପିଝିପି ବର୍ଷାରେ ବି ବ୍ଲକର ବିଭିନ୍ନ ପ୍ରାନ୍ତରୁ ଶତାଧିକ ଯୁବକ, ଯୁବତୀ, ମହିଳା ଓ ପୁରୁଷ ମହୋତ୍ସବକୁ ଆସିଥିଲେ । ପ୍ରତ୍ୟେକ ଦିନ କୁନିଛୁଆଠୁ ଆରମ୍ଭ କରି ଯୁବପିଢି ଏପରିକି ବୟସ୍କ ବ୍ୟକ୍ତି ଏବଂ ବୃଦ୍ଧବୃଦ୍ଧା ମଧ୍ୟ ଫଟୋ ଉତ୍ତୋଳନ କରି ଭରପୁର ମଜା ଉଠାଇଛନ୍ତି । ପାଞ୍ଚ ଦିନଧରି ହୋଇଥିବା ମହୋତ୍ସବ ଟିକୁ ଗ୍ରାମର ମୁଖିଆ ପ୍ରଭାକର ମିଶ୍ର, ଅରବିନ୍ଦ ପତି, ରାଜେନ୍ଦ୍ର ବାହୁବଳେନ୍ଦ୍ର, ଚନ୍ଦନ ନାଏକ ପ୍ରମୁଖଙ୍କ ନେତୃତ୍ୱରେ ପ୍ରତ୍ୟେକ ଗ୍ରାମବାସୀଙ୍କ ସହଯୋଗ ଓ ପ୍ରତ୍ୟକ୍ଷ ତତ୍ତ୍?ାବଧାନରେ ଶୃଙ୍ଖଳାର ସହିତ ସମାରୋପ ହୋଇଯାଇଛି ।

## ଅସମ୍ପୂର୍ଣ୍ଣ ଦୋଳିପଡ଼ା ଶିବମନ୍ଦିର କାର୍ଯ୍ୟ



ଶରତ,୧୮ ।୬(ସମିସ): କପ୍ତିପଦା ବ୍ଲକ ଅଧୀନ ରାମଚନ୍ଦ୍ରପୁର ପଞ୍ଚାୟତ ଦୋଳିପଡ଼ା ଗ୍ରାମ ନିମନ୍ତେ ବିଜେଡି ସରକାରଙ୍କ ଅମଳରେ ‘ଆମ ଓଡ଼ିଶା, ନବୀନ ଓଡ଼ିଶା’ ଯୋଜନାରେ ଶିବ ମନ୍ଦିର ପ୍ରକଳ୍ପ ପ୍ରତିଷ୍ଠା କରିବା କରିବା ପାଇଁ ସରକାର ୩,୫୦,୦୦୦ଟଙ୍କା ଅଟକଳ ବ୍ୟୟରେ ଅର୍ଥ ଅନୁମୋଦନ କରିଛନ୍ତି । ୨୦୨୪ ସାଧାରଣ ନିର୍ବାଚନରେ ବିଜେପି କ୍ଷମତାକୁ ଆସିବା ପରେ ପ୍ରକଳ୍ପ କାର୍ଯ୍ୟ ବନ୍ଦ ରହିଛି । ତେବେ ଶରତ ଅଞ୍ଚଳର ଶିବ ଭକ୍ତଙ୍କ ଭାବାବେଗକୁ ସମ୍ମାନ ଜଣାଇ କପ୍ତିପଦା ବ୍ଲକ୍ ପ୍ରଶାସନ ଉକ୍ତ ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରିବା ନିମନ୍ତେ ଜନସାଧାରଣ ଦାବି କରୁଛନ୍ତି ।

## ଗୁଣ୍ଡିଚା ମେଳା ପାଇଁ ବୈଠକ

ରାଇରଙ୍ଗପୁର,୧୮ ।୬(ସମିସ): ବିଛିନ୍ନାଞ୍ଚଳ ଷଢ଼େଇକଳା ସ୍ଥିତ ଶ୍ରୀ ଗୁଣ୍ଡିଚା ମନ୍ଦିର ପରିସରରେ ଚଳିତ ବର୍ଷ ରଥଯାତ୍ରା ଅବସରରେ ଗୁଣ୍ଡିଚା ମେଳା ଆୟୋଜନକୁ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଝାଡ଼ଖଣ୍ଡ ରତ୍ନଯୁବ କବି ଜ୍ୟୋତିଲାଲ



ସାହୁ ଅଧ୍ୟକ୍ଷତା କରିଥିଲେ ଏବଂ ମେଳା ପରିଚାଳନା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ପରବର୍ତ୍ତୀ ସମୟ ଷଢେଇକଳା ନଗର ପଞ୍ଚାୟତ ପୂର୍ବ ଅଧ୍ୟକ୍ଷ ମନୋଜ ଚୌଧୁରୀ ଓ ଅନ୍ୟ ମାନେ ଗୁଣ୍ଡିଚା ମେଳା ସୁପରିଚାଳନା ବିଷୟରେ ମତପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ଛୋଟଲାଲ ସାହୁ, ଗୋବିନ୍ଦ ସାହୁ, ସାନୁ ଆଚାର୍ଯ୍ୟ, ରୂପେଶ ସାହୁ, ଭୋଳା ମହାନ୍ତି, ଧ୍ରୁବ ଗୁଡ଼ିଆ, ସନ୍ତୁ ଆଚାର୍ଯ୍ୟ, କାମେଶ୍ୱର ବଳ ସହିତ ଅନ୍ୟ କମିଟି ସଦସ୍ୟମାନେ ଉପସ୍ଥିତ ରହିଥିଲେ ।

## ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ

ବାରିପଦା,୧୮ ।୬(ସମିସ): ରଙ୍ଗାମାଟିଆ ଛକ ନିକଟରେ ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ଜଣକ ହେଲେ ବାରିପଦା ସଦର ଥାନା ଅନ୍ତର୍ଗତ ରଙ୍ଗାମାଟିଆ ଅଞ୍ଚଳର ଦିନବନ୍ଧୁ ସିଂ । ସେ ବାଇକ୍ ଯୋଗେ ଯାଉଥିବା ବେଳେ ବାଇକ ଧକ୍କା ଦେଇଥିଲା । ଭାରସାମ୍ୟ ହରାଇ ରାସ୍ତାରେ ଖସି ପଡିବାରୁ ଜୋରରେ ଆଘାତ ଲାଗି ପ୍ରଚୁର ରକ୍ତସ୍ରାବ ହୋଇଥିଲା । ଗୁରୁତର ଅବସ୍ଥାରେ ପିଆରଏମ ହସ୍ପିଟାଲ ଭର୍ତ୍ତି କରାଯାଇଥିଲା । ସେଠାରେ କଟକ ସ୍ଥିତ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ତାଙ୍କ ପରିବାର ଲୋକଙ୍କ ଅଭିଯୋଗକ୍ରମେ ବାରିପଦା ସଦର ଥାନାରେ ମାମଲା ରୁଜୁ କରାଯାଇଛି ।

### ଲଣ୍ଡା ହେଲାଣି ସାରିଶୁଆ ପାହାଡ଼

# ପିକ୍‌ନିକ୍ ସ୍ପଟ୍ ଏବେ ଟାଙ୍ଗରା ଭୂଇଁ

କପ୍ତିପଦା,୧୮ ।୬(ସମିସ):

କପ୍ତିପଦା ବ୍ଲକର ପିକ୍‌ନିକ୍ ପାଇଁ ପ୍ରସିଦ୍ଧ ଲାଭ କରିଥିବା ସାରିଶୁଆ ପାହାଡ଼ ଏବେ ଟାଙ୍ଗରା ଭୂଇଁରେ ପରିଣତ ହୋଇଛି । ଦୀର୍ଘବର୍ଷ ଧରି ପଥର ମାଫିଆଙ୍କ କବଜାରେ ଏହି ପାହାଡ଼ ନିଜର ଅସ୍ତିତ୍ୱ ହରାଇଛି ବୋଲି ଅଭିଯୋଗ ହେଉଛି । କପ୍ତିପଦା ବ୍ଲକ୍ କଳମଗଡ଼ିଆ ପଞ୍ଚାୟତର ମୟୂରଭଞ୍ଜ ଓ ବାଲେଶ୍ୱର ସୀମାନ୍ତରେ ଅଛି ଏହି ପାହାଡ଼ । କୁଲଡ଼ିହା ଅଭୟାରଣ୍ୟ ଓ ସିମିଳିପାଳ ଅଭୟାରଣ୍ୟର ମିଶ୍ରିତ ଏହି ସାରିଶୁଆ ପାହାଡ଼ ଦର୍ଶକଙ୍କ ଆକର୍ଷଣ ପାଲଟିଥିଲା । ଅଭୟାରଣ୍ୟରେ ଦିନବେଳେ ବାଘ, ଭାଲୁ, ହାତୀ ନିଃସଙ୍କୋଚରେ ଯାତାୟତ କରୁଥିଲେ । ପାହାଡ଼ି ଝରଣାର କୁଳୁକୁଳୁ ନାଦ ଏବଂ ଜଙ୍ଗଲ ପରିବେଶ ଅତ୍ୟନ୍ତ ମନମୁଗ୍ଧକର ଥିଲା । ଯାହାକି ସୁଦୂର କଟକ ଓ ପୁରୀ ଅଞ୍ଚଳରୁ ବଣଭୋଜି





ପାଇଁ ଲାଗୁଥିଲା ଦର୍ଶକଙ୍କ ଭିଡ଼ । ବନ ବିଭାଗର ଅଣଦେଖା ଏବଂ ପ୍ରଶାସନିକ ଅବହେଳା ପାଇଁ ଏହି ସୁନ୍ଦର ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ପାହାଡ଼ର ସୁନ୍ଦରତା ଆଜି ନଷ୍ଟଭ୍ରଷ୍ଟ । ସେଦିନର ସେହି ମନଲୋଭା ଆକର୍ଷଣୀୟ ପାହାଡ଼ ଏବେ ହଜିଯାଇଛି । ବାଲେଶ୍ୱର ସଂଯୋଗ କରୁଥିବା ପାହାଡ଼ ଦୁଇଭାଗ ହୋଇ ଏବେ କୁପାରି -ଉଦଳା ରାସ୍ତାକୁ ସଂଯୋଗ କରୁଛି । ଯଦିବା ଏହା ସରକାରଙ୍କ ସାକୃତୀ ପ୍ରାପ୍ତ ସଡ଼କ ନୁହେଁ, ହେଲେ କିଛି ପଥର ମାଫିଆ ନିଜର ପରିବହନ ସୁବିଧା ପାଇଁ ଏହି ରାସ୍ତା ନିର୍ମାଣ କରିଛନ୍ତି ବୋଲି ଅଭିଯୋଗ ହେଉଛି । କାଳକ୍ରମେ ଜଙ୍ଗଲ ନଷ୍ଟ ଯୋଗୁଁ ପାହାଡ଼ ଖନନ ପାଇଁ ପଥର ମାଫିଆମାନେ ଧିରେ ଧିରେ ପ୍ରବେଶ କରିଥିଲେ । ଏହାଦେଖି ସରକାର ରାଜସ୍ୱ ପାଇବା ଆଶାରେ ଏହାକୁ ଖଣି ବିଭାଗ ଦ୍ୱାରା ନିଲାମ କରାଯାଇଥିଲା । ସେହି ମାଫିଆମାନେ ନିର୍ଦ୍ଧାରିତ ଦେୟ ନଦେଇ ଆକଳନ ଠାରୁ ଅଧିକ ପଥର ଉତ୍ତୋଳନ କରି ରାଜସ୍ୱ ଫାଙ୍କି ଚାଲିଲେ । ଫଳରେ ଖଣି ବିଭାଗ ସେମାନଙ୍କ ଉପରେ ଲକ୍ଷ୍ୟ ଲକ୍ଷ୍ୟ ଟଙ୍କା ଜୋରିମାନା କରିବାରୁ ସେମାନେ ଆଇନ ଅଦାଲତର ଆଶ୍ରୟ ନେଇ ଖଣି, ଖାଦାନ ବନ୍ଦ ହୋଇଥିଲା । ମାତ୍ର ବାଲେଶ୍ୱର ଜିଲ୍ଲାର କିଛି ମାଫିଆ ପାହାଡ଼ ନିକଟରେ ନିଜର କ୍ରମରେ ଚଳାଇବା ପାଇଁ ଏବେ ସୁଦ୍ଧା ପଥର ବ୍ଲାଷ୍ଟିଙ୍ଗ କରି ଦିନଦ୍ୱିପହରରେ ପଥର ଚାଲାଣ କରୁଛନ୍ତି ବୋଲି ଅଭିଯୋଗ ହେଉଛି । ବନବିଭାଗ ନାଁ ଖଣିବିଭାଗ କାହାରି ତାଗିଦ୍ ନାହିଁ ବୋଲି ଅଭିଯୋଗ ହେଉଛି । ଆଗାମୀ ଦିନରେ ଏହା ଏକ ପର୍ଯ୍ୟଟନସ୍ଥଳର ମାନ୍ୟତା ଖୋଜୁଥିବା ବେଳେ ପାହାଡ଼ର ନକ୍ସା ବଦଳି ଗଲା । ଯେଉଁମାନେ ସେତେବେଳେର ଏହି ସୌନ୍ଦର୍ଯ୍ୟଭରା ପାହାଡ଼ ଦେଖିଥିଲେ, ଏବେ ଦେଖିଲେ ତାହା ଏହି ଜାଗା ନୁହଁ ବୋଲି କହିବେ । ମାତ୍ର କେତୋଟି ବର୍ଷରେ ଶହଶହ ବର୍ଷର ପରମ୍ପରା ମୁଣ୍ଡାଇ ଥିବା ପାହାଡ଼କୁ ଲଣ୍ଡାକରି ତାର ଐତିହ୍ୟ ନଷ୍ଟ ହେଇଗଲା ବୋଲି ବୁଦ୍ଧିଜୀବୀ ମହଲରେ କ୍ଷୋଭ ପ୍ରକାଶ ପାଇଛି ।





ଜରୁରୀ ସୂଚନା

Lakheswar Agency

OSFDC Department

Letter

Lakheswar Agency

Letter

0260730643

Managing Director
Lakheswar Agency

### ବର୍ଷାରେ ବେହାଲ୍ କୋଇଡ଼ା

# ଗଛ ପଡ଼ି ଭାଙ୍ଗିଲା ମନ୍ଦିର; ମାଟିରେ ମିଶିଲା ଘର



କୋଇଡ଼ା,୧୮।୬(ସମିସ): ସମୁଦ୍ରରେ ଘୂର୍ଣିବଳୟ ଯୋଗୁଁ ଲଘୁଚାପ ହୋଇ ଗତ ତିନିଦିନ ଧରି ଲାଗି ରହିଥିବା ଲଗାଣ ବର୍ଷା ଯୋଗୁଁ କୋଇଡ଼ା ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଦେଖିବାକୁ ମିଳିଛି। ପାଣିପାଗ ବିଭାଗ ରାଜ୍ୟକୁ ରେଡ୍ ଆଲର୍ଟ ଜାରି କରିଛନ୍ତି। ବିଶେଷକରି ମୟୂରଭଞ୍ଜ ଓ କେନ୍ଦୁଝର ରେଡ୍ ଆଲର୍ଟରେ ଥିବା ବେଳେ ସୁନ୍ଦରଗଡ଼ ସମେତ ବହୁ ଜିଲ୍ଲାକୁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। କେନ୍ଦୁଝର ଜିଲ୍ଲାକୁ ଲାଗି ରହିଥିବା କୋଇଡ଼ା ଖଣି ଅଞ୍ଚଳରେ ଲଗାଣ ବର୍ଷା ଯୋଗୁଁ ଖଣି ଅଞ୍ଚଳ ବେହାଲ ହୋଇପଡ଼ିଛି। ଲଗାଣ ବର୍ଷା ଯୋଗୁଁ ରାସ୍ତା ଘାଟ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଖଣି ଓ ପ୍ଲାଣ୍ଟକୁ ଯିବା ପାଇଁ ଶ୍ରମିକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବହୁ ରାସ୍ତା ଘାଟ ଉପରେ ପାଣି ଜମି ରହିଥିବାବେଳେ ବର୍ଷା ଯୋଗୁଁ ପାଟମୁଣ୍ଡା ପଞ୍ଚାୟତ ସଣୁଆ ଗ୍ରାମର ମାଁ ତାରିଣୀ ମନ୍ଦିରରେ ବିଶାଳ ଗଛ ପଡ଼ିଯିବାରୁ ମନ୍ଦିର ସମ୍ପୂର୍ଣ୍ଣ ଭାବେ ଭାଙ୍ଗିଯାଇଛି। ସ୍ଥାନୀୟ ଲୋକ ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ଗଛ କାଟି ସଫା କରିଥିଲେ। ସେହିପରି ୫୨୦ ଜାତୀୟ ରାଜପଥ କାଲଟା ନିକଟରେ ଗଛ ପଡ଼ିଯିବାରୁ ଜାତୀୟ ରାଜପଥ ରାସ୍ତା ଅବରୋଧ ହୋଇପଡ଼ିଥିଲା। ଯାହା ଫଳରେ ୧୦ କିଲୋମିଟର ଯାଏଁ ଟ୍ରକ୍ ଜାମ୍ ଲାଗି ରହିଥିଲା। ଅନ୍ୟପଟେ ଲଗାଣ ବର୍ଷାରେ ମାଲଦା ପଞ୍ଚାୟତ କଳମଙ୍ଗ ଗ୍ରାମର ମାଟି ହାଣ୍ଡି ତିଆରି କରି ପରିବାର ପ୍ରତିପୋଷଣ କରୁଥିବା ହରି ବେହେରାଙ୍କ ମାଟି ଘର ମାଟିରେ ମିଶି ଯାଇଛି। ହରି ଓ ତାଙ୍କ ପତ୍ନୀ ଝାଟିମାଟି ଘରେ ମାଟି ହାଣ୍ଡି ତିଆରି କରି ଚଳୁଥିଲେ। ଏବେ ବର୍ଷା ଓ ଖଣିର ପାଣି ତାଙ୍କ ଘରେ ପଶି ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ବର୍ତ୍ତମାନ ଅସହାୟ ହୋଇ ଭାଗ୍ୟକୁ ଆଦରି ପଡ଼ି ରହିଛନ୍ତି ହରି ବେହେରା ଓ ତାଙ୍କ ପରିବାର।

# ଆର୍‌ଏସ୍‌ପିରେ 'ଇଣ୍ଟର ଇଞ୍ଜିନିୟରିଂ' କର୍ମଶାଳା



ରାଉରକେଲା,୧୮।୬(ସମିସ): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ର ଜ୍ଞାନାର୍ଜନ ଏବଂ ବିକାଶ ବିଭାଗରେ କାରଖାନାର କର୍ମଚାରୀଙ୍କ ଶାରୀରିକ ଏବଂ ଆଧ୍ୟାତ୍ମିକ ଲାଭ ପାଇଁ ଜୁନ୍ ୧୭ରେ "ଇଣ୍ଟର ଇଞ୍ଜିନିୟରିଂ' ଉପରେ ଏକ କର୍ମଶାଳା ଆୟୋଜିତ ହୋଇଥିଲା। ଏହି ଅବସରରେ ଜ୍ଞାନାର୍ଜନ ଏବଂ ବିକାଶ ବିଭାଗର ସିଜିଏମ୍ ପି କେ ସାହୁଙ୍କ ସମେତ ଇଶା ଫାଉଣ୍ଡେସନର ସ୍ୱେଚ୍ଛାସେବୀ ଯୋଗଗୁରୁ ସୁଶ୍ରୀ ମହିମା ଜୈନ ମଞ୍ଚରେ ଉପସ୍ଥିତ ଥିଲେ।

ଏହି ଅବସରରେ ଆଇନ ବିଭାଗର ସିଜିଏମ୍ ଚିନ୍ମୟ ସମଜଦାର, ମାନବ ସମ୍ବଳ ବିଭାଗର ସିଜିଏମ୍ ମାନସ ରଞ୍ଜନ ରଥ ଏବଂ କାରଖାନାର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି କର୍ମଶାଳାରେ ପ୍ରାୟ ୩୦୦ ଜଣ ଅଧିକାରୀ ଓ କର୍ମଚାରୀ ଉତ୍ସାହ ସହକାରେ ଅଂଶଗ୍ରହଣ କରିଥିଲେ। ସୁଶ୍ରୀ ମହିମା ଜୈନ ଇଣ୍ଟର ଇଞ୍ଜିନିୟରିଂର ଧାରଣାକୁ ଉପସ୍ଥାପନ କରିଥିଲେ। ଏହି ଅଧିବେଶନରେ ମାନସିକ ଚାପ ଏବଂ କର୍ମକ୍ଷେତ୍ରରେ ଧ୍ୟାନ ବୃଦ୍ଧି କରିବା ପାଇଁ ମାର୍ଗଦର୍ଶିତ ଅଭ୍ୟାସ, ଅନ୍ତର୍ଦୃଷ୍ଟିପୂର୍ଣ୍ଣ ଆଲୋଚନା ଏବଂ ଆବଶ୍ୟକୀୟ କୌଶଳ ଅନ୍ତର୍ଭୁକ୍ତ ଥିଲା। ଅଂଶଗ୍ରହଣକାରୀମାନେ ଅଧିବେଶନ ଏବଂ ଏକ ସୁସଙ୍ଗତ କାର୍ଯ୍ୟ-ଜୀବନର ସନ୍ତୁଳନତା ହାସଲ କରିବାରେ ଏହାର ପ୍ରାସଙ୍ଗିକତା ପାଇଁ ପ୍ରଶଂସା କରିଥିଲେ। ଆର୍‌ଏସ୍‌ପିର କର୍ମଚାରୀଙ୍କ ମଧ୍ୟରେ ସାମଗ୍ରିକ ବିକାଶ ଏବଂ ସୁସ୍ଥତାକୁ ପ୍ରୋତ୍ସାହିତ କରିବା ପାଇଁ ଚାଲିଥିବା ପ୍ରୟାସର ଏହି କର୍ମଶାଳା ଏକ ଅଂଶ ବିଶେଷ ରହିଥିଲା।

# ପୂର୍ବତନ ବିଜେଡି ବ୍ଲକ୍ ସଭାପତିଙ୍କ ପରଲୋକ

ବଣାଇଁ,୧୮।୬ (ସମିସ): ସୁନ୍ଦରଗଡ଼ ଜିଲ୍ଲା ବଣାଇଁ ବ୍ଲକ୍ ବିଜୁ ଜନତା ଦଳର ପୂର୍ବତନ ସଭାପତି ତ୍ରିଲୋଚନ ବେହେରାଙ୍କ ୭୧ ବର୍ଷ ବୟସରେ ଗୋବିନ୍ଦପୁର ଗ୍ରାମପଞ୍ଚାୟତ ବାଉରକଳା ଗ୍ରାମରେ ଗତ ୧୩ ତାରିଖରେ ପରଲୋକ ଘଟିଛି। ସେ କିଛି ଦିନ ହେବ ଉଚ୍ଚ ରକ୍ତଚାପ ରୋଗରେ ପୀଡ଼ିତ ଥିଲେ। ଦୀର୍ଘ ଦିନ ଧରି ତାଙ୍କର ଚିକିତ୍ସା ଜାରି ରହିଥିଲା। ତେବେ ଗତ ୧୩ ତାରିଖରେ ତାଙ୍କର ପରଲୋକ ହୋଇଯାଇଥିଲା। ସେ ଖୁବ୍ ସରଳ ଓ ପରୋପକାରୀ ମଣିଷ ଥିବାରୁ ସମସ୍ତଙ୍କ ପ୍ରିୟଭାଜନ ହୋଇପାରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ଧର୍ମପତ୍ନୀଙ୍କ ସମେତ ତିନି ଝିଅ ଓ ଏକମାତ୍ର ପୁତ୍ର ଓ ପୁତ୍ରବଧୂ ଓ ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ। ପରଲୋକ ଖବର ପାଇଁ ରାଉରକେଲା ଜିଲ୍ଲା ବିଜୁ ଜନତା ଦଳ ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ଜିଲ୍ଲାପରିଷଦ ସଭ୍ୟ ରାମଚନ୍ଦ୍ର ସାହୁ, ବରିଷ୍ଠ ନେତା ରଘୁନାଥ ସାହୁ, ସଞ୍ଜୟ ଦାଶ, ଶ୍ୱେତବସନ୍ତ ବିଶ୍ୱାଳ, ସୁନ୍ଦରମଣି ପ୍ରଧାନ, ବାଣେଶ୍ୱର ସାହୁ, ରୋହିତାଶ୍ୱ ମିଶ୍ରଙ୍କ ସମେତ ଅନ୍ୟାନ୍ୟ ଦଳୀୟ କର୍ମୀ ଅନ୍ତେଷ୍ଟି କ୍ରିୟା ରେ ଯୋଗଦେଇ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ତାଙ୍କ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମାପନ କରାଯାଇଥିଲା। ତାଙ୍କର ଏକମାତ୍ର ପୁତ୍ର ପବିତ୍ର ବେହେରା ମୁଖାଗ୍ନି ଦେଇଥିଲେ।

### ୨୦ରେ ଏନ୍‌ଆଇଟିର ସମାବର୍ତ୍ତନ ଉତ୍ସବ

# ୨୦୬୫ ଜଣଙ୍କୁ ମିଳିବ ଡିଗ୍ରୀ



- ୮ ଟି ପ୍ରତିଷ୍ଠାନ ସ୍ୱର୍ଣ୍ଣ ପଦକ ଓ ୬ ଜଣ ପାଇବେ ଏଣ୍ଡୋମେଣ୍ଟ ସ୍ୱର୍ଣ୍ଣ ପଦକ
- ୪ ଜଣ ଆଲୁମିନିଙ୍କୁ ମିଳିବ ଆଲୁମିନୟସ୍ ଆୱାର୍ଡ - ୨୦୨୪

ରାଉରକେଲା,୧୮।୬(ସମିସ): ଆସନ୍ତା ୨୦ ତାରିଖରେ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି)ର ୨୨ତମ ସମାବର୍ତ୍ତନ ଉତ୍ସବ ଏନ୍‌ଆଇଟିର ଭୁବନେଶ୍ୱର ବେହେରା ଅଡିଟୋରିୟମ୍‌ଠାରେ ଅନୁଷ୍ଠିତ ହେବ। ଏଥିରେ ମୁଖ୍ୟଅତିଥି ଭାବେ ମହାନଦୀ କୋଲ୍ ଫିଲ୍‌ଡ ଲିମିଟେଡ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଉଦୟ ଏ. କାୱେଲ୍ ଯୋଗଦେଇ ତାଙ୍କର ଦୀକ୍ଷାନ୍ତ ଭାଷଣ ପ୍ରଦାନ କରିବେ। ଏଲ୍‌ଆଣ୍ଡଟିର ସିଏମ୍‌ଡି ତଥା ଏନ୍‌ଆଇଟି ରାଉରକେଲାର ବୋର୍ଡ ଅଫ୍ ଗଭର୍ଣ୍ଣର୍ସ ଏସ. ଏନ୍ ସୁବ୍ରମଣ୍ୟମ୍ ଭର୍ଚୁଆଲ ମାଧ୍ୟମରେ ଯୋଗଦେବେ। ରାଉରକେଲା ଏନ୍‌ଆଇଟି ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓ ଅଧ୍ୟକ୍ଷତା କରିବେ। ଏହି ଅବସରରେ ବିଭିନ୍ନ ବିଭାଗର ବିଦ୍ୟାର୍ଥୀଙ୍କୁ ଉପାଧି ପ୍ରଦାନ କରାଯିବ। ଏଥିସହ ପୁରାତନ ଛାତ୍ର(ଆଲମ୍ନି)ଙ୍କୁ ସମ୍ବର୍ଦ୍ଧିତ କରଯିବ। ଆଜି ଏ ନେଇ ରାଉରକେଲା ଏନ୍‌ଆଇଟି ସିନେଟ ହଲ୍‌ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏନ୍‌ଆଇଟି ନିର୍ଦ୍ଦେଶକ ପ୍ରଫେସର କେ ଉମାମହେଶ୍ୱର ରାଓ ସୂଚନା ଦେଇ କହିଲେ ଏହି ସମାବର୍ତ୍ତନ ଉତ୍ସବରେ ମୋଟ ୨୦୬୫ ଜଣଙ୍କୁ ଡିଗ୍ରୀ ଉପାଧି ପ୍ରଦାନ କରାଯିବ। ସେମାନଙ୍କ ମଧ୍ୟରେ ୪୫୭ ଜଣ ଝିଅ ରହିଛନ୍ତି। ଏତଦ୍‌ବ୍ୟତୀତ ସେମାନଙ୍କ ମଧ୍ୟରେ ୮ ଟି ପ୍ରତିଷ୍ଠାନ ସ୍ୱର୍ଣ୍ଣ ପଦକ, ୬ ଟି ଏଣ୍ଡୋମେଣ୍ଟ ସ୍ୱର୍ଣ୍ଣ ପଦକ, ୭ ଟି ଏଣ୍ଡୋମେଣ୍ଟ ପଦକ ଏବଂ ୫୯ଟି ରୌପ୍ୟ ପଦକ ପ୍ରଦାନ କରାଯିବ ବୋଲି ସେ କହିଥିଲେ। ସେ କହିଲେ ଚଳିତବର୍ଷ ୯୩ ଜଣ ବିଦେଶୀ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯାଉଛି। ସେମାନଙ୍କ ମଧ୍ୟରେ ବାଂଲାଦେଶର ୨୧, ଶ୍ରୀଲଙ୍କାର ୩, ନେପାଳର ୩୦, ଯୁକ୍ତରାଷ୍ଟ୍ର ଆମେରିକାର ୪, ଆଫଗାନିସ୍ତାନର ୫, ଭୁଟାନର ୫ ଜଣ ଏବଂ ଭାରତର ଏନ୍‌ଆର୍‌ଆଇ(ଅଣ ଆବାସିକ ଭାରତୀୟ) ରହିଥିବା ଜଣାପଡ଼ିଛି। ପ୍ରଫେସର ରାଓ ଆହୁରି ଅଧିକ ସୂଚନା ଦେଇ କହିଲେ ଏହି ସମାବର୍ତ୍ତନ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଜଣ ୧୦୬୧ ଜଣଙ୍କୁ ବିଟେକ୍, ୨୧ ଜଣଙ୍କୁ ବି ଆର୍କିଟେକ୍, ୩୯ ଜଣଙ୍କୁ ବିଟେକ ଓ ଏମଟେକ୍(ଦ୍ୱୈତ ଡିଗ୍ରୀ), ୬୮ ଜଣଙ୍କୁ ୫ ବର୍ଷିଆ ଇଣ୍ଟିଗ୍ରେଟେଡ୍ ଏମଏସସି, ୪୬୯ ଜଣଙ୍କୁ ଏମଟେକ୍, ୧୮୦ ଜଣଙ୍କୁ ଏମଏସସି, ୬ ଜଣଙ୍କୁ ଏମଏମ, ୪୩ ଜଣଙ୍କୁ ଏମ୍‌ବିଏ, ଜଣେ ଛାତ୍ରୀଙ୍କୁ ଏମ୍‌ଟେକ୍ (ଗବେଷଣା) ଓ ୧୭୭ ଜଣଙ୍କୁ ପିଏଚଡି ଉପାଧି ପ୍ରଦାନ କରଯିବ। ଏନଆଇଟି ରାଉରକେଲା ପାଠପଢ଼ା ଶେଷ କରି ବିଭିନ୍ନ କ୍ଷେତ୍ରରେ ଦେଶ ବିଦେଶରେ ଖ୍ୟାତି ଅର୍ଜନ କରିଥିବା ୪ ଜଣ ପୁରାତନ ଛାତ୍ର(ଆଲୁମିନି)ଙ୍କୁ ସମ୍ମାନିତ କରାଯିବ। ସେମାନେ ହେଲେ ପ୍ରଫେସର ସୁକୁମାର ମିଶ୍ର, ଅଶୋକ କୁମାର ବାସା, ଆର. ଏସ୍. ରାଘବନ୍ ଏବଂ ଡକ୍ଟର ଭରତେନ୍ଦୁ ଦେଓ। ଏନଆଇଟି ରାଉରକେଲାର ୨୨ତମ ସମାବର୍ତ୍ତନ ଉତ୍ସବ ଦାୟିତ୍ୱରେ ଥିବା ପ୍ରଫେସର ଶିବ ଶଙ୍କର ମହାପାତ୍ର ଏହି ଅବସରରେ କହିଲେ ଉତ୍ତୀର୍ଣ୍ଣ ବିଦ୍ୟାର୍ଥୀମାନେ ସେମାନଙ୍କର ଡିଗ୍ରୀ ପାଇବା ନିମନ୍ତେ ସେମାନଙ୍କୁ ଏନ୍‌ଆଇଟି ପକ୍ଷରୁ ଡିଜିଲକର ସୁବିଧା ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଡିନ ଏକାଡେମିକ୍ ପ୍ରଫେସର ଆରସି ପ୍ରଧାନ, ରେଜିଷ୍ଟ୍ରାର ପ୍ରଫେସର ରୋହନ ଧୀମାନ, ଲୋକ ସମ୍ପର୍କ ଅଧିକାରୀ ଅର୍ଚ୍ଚନା ଗୁପ୍ତା ଉପସ୍ଥିତ ଥିଲେ।

ପ୍ରଫେସର ଶିଶିର କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଏନ୍‌ଆଇଟି ଖାଦ୍ୟ ପ୍ରକ୍ରିୟାକରଣ ବିଭାଗ ସହକାରୀ ପ୍ରଫେସର ଡକ୍ଟର ଓ୍ୱିନୀ ରାଉତରାୟ କାର୍ଯ୍ୟକ୍ରମକୁ ସଂଚାଳନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ସର୍ବଭାରତୀୟ ଆଦିବାସୀ ଥିଏଟର ଓ ନୃତ୍ୟ ମହୋତ୍ସବ ୧୯ରୁ

ରାଉରକେଲା,୧୮।୬(ସମିସ): ରାଉରକେଲା ସହରର ନାଟ୍ୟାନୁଷ୍ଠାନ 'ସ୍ପନ୍ଦନ' ଆୟୋଜିତ ୮ମ ସର୍ବଭାରତୀୟ ଆଦିବାସୀ ଥିଏଟର ଓ ନୃତ୍ୟ ମହୋତ୍ସବ-୨୦୨୫ ସ୍ଥାନୀୟ ସିଭିକ୍ ସେଣ୍ଟର୍‌ଠାରେ ଆଗାମୀ ୧୯ରୁ ୨୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏ ନେଇ ସ୍ପନ୍ଦନ ଅନୁଷ୍ଠାନର ସାଧାରଣ ସମ୍ପାଦକ ପ୍ରଫେସର ସମର ମୁଦାଲି ସୂଚନା ଦେଇଛନ୍ତି। ତିନିଦିନ ବ୍ୟାପୀ ପ୍ରତ୍ୟହ ସନ୍ଧ୍ୟା ସାଢ଼େ ୬ଟାରେ ଆଦିବାସୀ ଲୋକନୃତ୍ୟ ପରିବେଷଣ ସହ ଆଦିବାସୀ ନାଟକ ପରିବେଷିତ ହେବ। ଜୁନ ୧୯ ତାରିଖରେ ଯଶିପୁର, ମୟୂରଭଞ୍ଜର କ୍ରେଫଡ଼ା ଅନୁଷ୍ଠାନ ପକ୍ଷରୁ ସାନ୍ତାଳୀ ଭାଷାର ନାଟକ 'ଚିକିଟେ ବଡ଼ାଲେନା ଧରତି ବିଷାମ୍' ପରିବେଷିତ ହେବ। ୨୦ ତାରିଖରେ ନୟାଡୋରାର ଆଦମ୍ ମାରସାଲ ୟୁଥ୍ ଆସୋସିଏସନ୍‌ର କଳାକାରମାନେ ପ୍ରଥମ ନାଟକ 'ଦା ଚାନ୍ଦୋ ମୋମୋ ଧାରିରେ ତୋୱା ଡାକା' ପରିବେଷଣ କରିବେ। ଦ୍ୱିତୀୟ ନାଟକ 'କାଇ' (ଦୋଷୀ) ଝାଡ଼ଖଣ୍ଡ ସିଂହଭୂମ ଜିଲ୍ଲାର ପୋଟକା ଇଶୁର କଳାକାରମାନେ ପରିବେଷଣ କରିବେ। ୨୧ ତାରିଖରେ ଜାମସେଦପୁରର କଳାକାରମାନେ ସାନ୍ତାଳୀ ଭାଷାର ନାଟକ 'ଶାପିତ' ପରିବେଷଣ କରିବେ। ଏହି ଅବସରରେ ଓଡ଼ିଶା ତଥା ବାହାରୁ ଆସିଥିବା କଳାକାରମାନେ ଆଦିବାସୀ ଲୋକନୃତ୍ୟ ପରିବେଷଣ କରିବେ। ଏହି ନାଟକକୁ ବହୁ ସଂଖ୍ୟାରେ ଦର୍ଶକ ଉପସ୍ଥିତ ହୋଇ ଦେଖିବା ପାଇଁ ପ୍ରଫେସର ମୁଦାଲି ଅନୁରୋଧ କରିଛନ୍ତି।

# ବର୍ଷା ସତ୍ତ୍ୱେ ଭତ୍ତା ପାଇଁ ୫ ଘଣ୍ଟା ଅପେକ୍ଷା



ବଣାଇଁ,୧୮।୬(ସମିସ): ବର୍ତ୍ତମାନ ସରକାରଙ୍କ ବିକାଶ ବାହନ ଯାତ୍ରା ଚାଲିଥିବା ବେଳେ ସରକାରୀ ବାବୁମାନଙ୍କ ମନମାନୀ ଯୋଗୁଁ ବୃଦ୍ଧବୃଦ୍ଧାମାନେ ଭତ୍ତା ଗଣ୍ଡାକ ପାଇଁ ଭୋକ ଉପାସରେ ଘଣ୍ଟାଘଣ୍ଟା ଅପେକ୍ଷା କରିବାକୁ ପଡ଼ିଛି। ବଣାଇଁ ବ୍ଲକ୍ କଷଡ଼ା ଗ୍ରାମପଞ୍ଚାୟତରେ ଦେଖିବାକୁ ମିଳିଛି ଏଭଳି ଅବ୍ୟବସ୍ଥା। ଭତ୍ତା ନେବା ପାଇଁ ଆସି ହିତାଧିକାରୀ ହଟହଟା ହୋଇଛନ୍ତି। ବର୍ଷା ସତ୍ତ୍ୱେ ମଧ୍ୟ ମାସିକିଆ ଭତ୍ତା ଗଣ୍ଡେ ନେବାକୁ ଦୂରଦୂରାନ୍ତରୁ ଧାର୍ଯ୍ୟ ତାରିଖ ଏବଂ ଧାର୍ଯ୍ୟ ସମୟ ପୂର୍ବରୁ ବୃଦ୍ଧବୃଦ୍ଧା, ବିକଳାଙ୍ଗ, ବିଧବା ଭତ୍ତା ହିତାଧିକାରୀ କଷଡ଼ା ପଞ୍ଚାୟତ ପ୍ରାଙ୍ଗଣରେ ସକାଳ ୮ଟାରୁ ଉପସ୍ଥିତ ରହିଥିଲେ। ବର୍ଷା କାରଣରୁ ଯଥାଶୀଘ୍ର ଭତ୍ତା ନେଇ ଘରକୁ ଫେରିବାର ଆଶା କରିଥିବା ବେଳେ ପଞ୍ଚାୟତ ଅଧିକାରୀ (ପିଇଓ)ଙ୍କ ୧୨ଟା ଯାଏ ଦେଖା ମିଳିନଥିଲା। ହିତାଧିକାରୀଙ୍କ ଅଭିଯୋଗ ମୁତାବକ ଅଧିକାରୀଙ୍କ ଏହି ମନମୁଖି କାର୍ଯ୍ୟ ପାଇଁ ବୃଦ୍ଧବୃଦ୍ଧା ସମସ୍ୟା ଭୋଗୁଛନ୍ତି। ଭତ୍ତା ଦିଆରେ ଏମିତି ଡେରି ଆଗରୁ ବହୁଥର ହୋଇଥିବା ବେଳେ ଆଜି ୧ ଘଟିକା ପରେ ଅଧିକାରୀ ଆସି ଭତ୍ତା ବଣ୍ଟନ କରିଥିଲେ। ଯାହାକୁ ନେଇ ହିତାଧିକାରୀ ଅସନ୍ତୋଷ ବ୍ୟକ୍ତ କରିଥିଲେ।

ବଣାଇଁ ବ୍ଲକର ଦ୍ୱିତୀୟ ବଡ଼ ପଞ୍ଚାୟତ ଭାବରେ କଷଡ଼ା ପଞ୍ଚାୟତ ପରିଗଣିତ ହେଉଥିବାବେଳେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳ ପ୍ରକଳ୍ପ ଗୁଡ଼ିକର ସଠିକ୍ ସଞ୍ଚାଳନ ହୋଇପାରୁ ନାହିଁ। ବ୍ଲକ୍‌ର ଅନ୍ୟ ପଞ୍ଚାୟତ ଗୁଡ଼ିକ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନାରେ ପୁରସ୍କୃତ ହେଉଥିବାବେଳେ କଷଡ଼ା ପଞ୍ଚାୟତ ଏହାର ଅସଫଳତା ବଖାଣୁଥିବା ଦେଖିବାକୁ ମିଳିଛି। ପଞ୍ଚାୟତରେ ଏହି ଭଳି ଅବ୍ୟବସ୍ଥା, କର୍ମଚାରୀଙ୍କ ମନମୁଖୀ କାର୍ଯ୍ୟକୁ ଉପରିସ୍ଥ ପ୍ରଶାସନ ମଧ୍ୟ ଦୃଷ୍ଟି ଦେଉନଥିବାରୁ ଏହି ଭଳି ପରିସ୍ଥିତି ସୃଷ୍ଟି ହେଉଛି। ଆଗାମୀ ଦିନରେ ପଞ୍ଚାୟତର ଏହି ଖାମଖିଆଲି କାର୍ଯ୍ୟରେ ଯଦି ପରିବର୍ତ୍ତନ ନହୁଏ ହିତାଧିକାରୀ ଏବଂ ଅଞ୍ଚଳର ବୁଦ୍ଧିଜୀବୀ ଏକତ୍ରିତ ହୋଇ ଏହାର ଘୋର ପ୍ରତିବାଦ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଏ ନେଇ ବଣାଇଁ ବିଡିଓ ଙ୍କ ମତାମତ ନିଆଯିବାରୁ ବ୍ୟାଙ୍କ ଟଙ୍କା ଦେବାରେ ବିଳମ୍ବ କରିଥିବାରୁ ଏଭଳି ଅବ୍ୟବସ୍ଥା ହୋଇଥିବା କହିଥିଲେ।

# ମୌସୁମୀ ବର୍ଷା ପରେ ଚାଷକାର୍ଯ୍ୟ ଆରମ୍ଭ

ବାଲିଶଙ୍କରା,୧୮।୬(ସମିସ): ୩ ଦିନ ଧରି ବାଲିଶଙ୍କରା ବ୍ଲକ୍‌ରେ ମୌସୁମୀ ବର୍ଷା ହୋଇଯାଇଛି। ଯାହାକି ଚାଷ କାର୍ଯ୍ୟ ଆରମ୍ଭ ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିଛି। ଏହାକୁ ଦୃଷ୍ଟିରେ ରଖି ଚାଷୀକୁଳ ମଧ୍ୟ ଚାଷକାର୍ଯ୍ୟ ପାଇଁ ତତ୍ପର ହୋଇଛନ୍ତି। ହଳ ନଙ୍ଗଳ, ଟ୍ରାକ୍ଟର ସାହାଯ୍ୟରେ ବିଲରେ ହଳ କରୁଥିବା ଦେଖିବାକୁ ମିଳିଛି। କେଉଁ କେଉଁ ଜାଗାରେ ଧାନ ତଳି ଲଗାଇବା ଆରମ୍ଭ କରିଦେଲେଣି। ବର୍ଷା ହେବା ଦ୍ୱାରା ଅଞ୍ଚଳରେ ଗୁଳୁଗୁଳିରୁ ମଧ୍ୟ ଆଶ୍ୱସ୍ତି ମିଳିଛି।

ଜରୁରୀ ସୂଚନା
Lakheswar Agency [illegible] OSFDC Department [illegible] Letter [illegible] Lakheswar Agency [illegible] Letter [illegible] 8260739643 [illegible]
Managing Director
Lakheswar Agency

### ସମସ୍ୟା ଘେରରେ ବଣାଇଁ ଉପଖଣ୍ଡ ଡାକ୍ତରଖାନା

# ବାରଣ୍ଡାରେ ଶୋଇ ଚିକିତ୍ସିତ ହେଉଛନ୍ତି ରୋଗୀ

ରାଉରକେଲା/ବଣାଇଁ,୧୮।୬(ସମିସ)




ବଣାଇଁ ଉପଖଣ୍ଡରେ ଥିବା ଏକ ମାତ୍ର ସରକାରୀ ଡାକ୍ତରଖାନାକୁ ବାହାରୁ ଦେଖିଲେ କେହିବି ମନ ଉଣା କରିବ ନାହିଁ। ହସ୍ପିଟାଲର ବାହାର ଚାକଚକ୍ୟ କିନ୍ତୁ ଭିତରେ ଚିକିତ୍ସା ସେବା ନିମ୍ନମାନର। ଏପରିକି ଏବେ ଏହା କେବଳ ରେଫରାଲ୍ କେନ୍ଦ୍ର ପାଲଟିଥିବା ଦେଖିବାକୁ ମିଳିଛି। ଏହାର ଏକମାତ୍ର କାରଣ ହେଉଛି ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଡାକ୍ତର ନାହାନ୍ତି। ଫଳରେ ରୋଗୀ ଚିକିତ୍ସା ନ ପାଇ ହନ୍ତସନ୍ତ ହେଉଛନ୍ତି। ବିଭିନ୍ନ ଗ୍ରାମାଞ୍ଚଳରୁ ଚିକିତ୍ସା ପାଇଁ ଆସୁଥିବା ରୋଗୀଙ୍କୁ ସାମାନ୍ୟ ଘଟଣାରେ ବି ରାଉରକେଲା ସରକାରୀ ଡାକ୍ତରଖାନାକୁ ରେଫର୍ କରି ଦିଆ ଯାଉଥିବା ଅଭିଯୋଗ ହୋଇଛି। ଆଦିବାସୀ ଅଧ୍ୟୁଷିତ ବଣାଇଁ ଅଞ୍ଚଳର ଲୋକେ ଉନ୍ନତ ଚିକିତ୍ସା ପାଇବା ଆଶାରେ ଏହି ଉପଖଣ୍ଡ ଡାକ୍ତରଖାନା ଉପରେ ଭରସା ରଖି ଅଯଥାରେ ହଇରାଣ ହରକତ ହେଉଥିବା ଅଭିଯୋଗ ହେଉଛି।

ଉଲ୍ଲେଖଯୋଗ୍ୟ ଯେ କୋଟି କୋଟି ଟଙ୍କା ବ୍ୟୟରେ ବଣାଇଁ ଉପଖଣ୍ଡ ଡାକ୍ତରଖାନାର ଭିତ୍ତିଭୂମି ଚକାଚକ କରାଯାଇଛି। ହେଲେ ଚିକିତ୍ସା ସୁବିଧାରେ କୌଣସି ଉନ୍ନତି ହୋଇନାହିଁ। ଡାକ୍ତରଖାନାରେ ଆବଶ୍ୟକ ଡାକ୍ତର ନଥିବାରୁ ତତ୍‌କ୍ଷଣାତ୍ ଉପଯୁକ୍ତ ଚିକିତ୍ସା ପାଇ ପାରୁନାହାନ୍ତି। ଏହି ଉପଖଣ୍ଡ ଚିକିତ୍ସାଳୟରେ ବିଭିନ୍ନ ବିଭାଗରେ ମୋଟ ୩୦ ଜଣ ଡାକ୍ତରଙ୍କ ଆବଶ୍ୟକତା ରହିଥିବାବେଳେ ଏବେ ମାତ୍ର ୧୪ ଜଣ ଡାକ୍ତରଙ୍କୁ ନେଇ ଡାକ୍ତରଖାନା ଚାଲିଛି। ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଦ୍ୱାରା ନିଯୁକ୍ତ ଡାକ୍ତରମାନେ ଠିକ୍ ସମୟରେ ଦରମା ନ ପାଇବାରୁ ଦୀର୍ଘଦିନ ହେବ ସେମାନେ କାର୍ଯ୍ୟକୁ ଆସୁନଥିବା ବେଳେ ଅଧିକାଂଶ କାର୍ଯ୍ୟ ଛାଡ଼ି ଚାଲିଯାଇଛନ୍ତି। ଡାକ୍ତରଖାନାରେ ଗୁରୁତ୍ୱପୂର୍ଣ୍ଣ ବିଭାଗ ମେଡିସିନ ସ୍ପେଶାଲିଷ୍ଟ କେହି ନଥିବାରୁ ଦୈନନ୍ଦିନ ରୋଗୀ ଚିକିତ୍ସା ନପାଇ ହଇରାଣ ହେଉଛନ୍ତି। ଶିଶୁ ବିଭାଗରେ ମଧ୍ୟ ସେହି ସମାନ ଅବସ୍ଥା। ଏହି ବିଭାଗରେ ଜଣେ ମାତ୍ର ଡାକ୍ତର ଅଛନ୍ତି। ହେଲେ ସେ ବଣାଇଁରେ ଦୁଇ ଦିନ, ଆଉ ଦୁଇ ଦିନ ଲହୁଣୀପଡ଼ା ଡାକ୍ତରଖାନାରେ ରୋଗୀ ଦେଖୁଛନ୍ତି। ସ୍ତ୍ରୀ ଓ ପ୍ରସୂତି ବିଭାଗରେ ମଧ୍ୟ ଜଣେ ମାତ୍ର ଡାକ୍ତରଙ୍କ ଭରସାରେ ଚିକିତ୍ସା ଚାଲିଛି। ଡାକ୍ତର ଜଣକ କୌଣସି କାର୍ଯ୍ୟରେ ଛୁଟିରେ ରହିଲେ ଲୋକଙ୍କ ସମସ୍ୟା ବଢୁଛି। ନିଦାନ ବିଭାଗରେ କୌଣସି ଟେକ୍ନିସିଆନ ନ ଥିବାରୁ ସାଧାରଣ ରକ୍ତ ପରୀକ୍ଷା ପାଇଁ ସକାଳେ ରକ୍ତ ନମୂନା ଦେଲେ ସନ୍ଧ୍ୟାରେ ରିପୋର୍ଟ ମିଳୁଛି। ଏପରି ସ୍ଥଳେ ଲୋକେ ବାହାରେ ଥିବା ପାଥୋଲୋଜି ଉପରେ ନିର୍ଭର କରି ଅଯଥାରେ ଖର୍ଚ୍ଚାନ୍ତ ହେଉଛନ୍ତି। ସେହିପରି ଉକ୍ତ ଡାକ୍ତରଖାନାରେ ଆବଶ୍ୟକ ସଂଖ୍ୟକ ନର୍ସ ନ ଥିବାରୁ ରାତିରେ ରୋଗୀମାନେ ସେବା ନପାଇ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ୧୦୦ ଶଯ୍ୟା ପାଇଁ ଅନୁମୋଦିତ ହୋଇ ସାରିଥିଲେ ମଧ୍ୟ ଦୀର୍ଘ ଦିନ ହେବ କାମ ଆଗେଇ ପାରୁନାହିଁ। ନିରାମୟ ଯୋଜନାରେ ଅଧିକାଂଶ ଔଷଧ ରୋଗୀକୁ ମାଗଣାରେ ଦେବାକୁ ଥିଲେ ମଧ୍ୟ ଏଠାରେ ଡାକ୍ତର ଲେଖୁଥିବା ଅନେକ ଔଷଧ ଉପଲବ୍ଧ ହେଉନାହିଁ। ଫଳରେ ରୋଗୀ ବାହାର ଦୋକାନରୁ ଔଷଧ କିଣିବାକୁ ବାଧ୍ୟ ହେଉଛନ୍ତି। ଉପଖଣ୍ଡରେ ଥିବା ଏକ ମାତ୍ର ଡାକ୍ତରଖାନା ଏଭଳି ଅବ୍ୟବସ୍ଥାରେ ଚାଲିଥିଲେ ମଧ୍ୟ ସ୍ଥାନୀୟ ସାଂସଦ କିମ୍ବା ବିଧାୟକ ଏଥିପ୍ରତି କେହି ଧ୍ୟାନ ଦେଉନାହାନ୍ତି। ଯାହା ଫଳରେ ସାଧାରଣ ରୋଗୀଟିଏ ଚିକିତ୍ସା ପାଇଁ ଆସିଲେ ମଧ୍ୟ ସଙ୍ଗେ ସଙ୍ଗେ ତାଙ୍କୁ ରାଉରକେଲା ସ୍ଥାନାନ୍ତରିତ କରି ଦେଉଛନ୍ତି।

ବେଳେବେଳେ ଅଧିକାଂଶ ଆମ୍ବୁଲାନ୍ସରେ ଅକ୍ସିଜେନ ସହ ଶୀତତାପ ନିୟନ୍ତ୍ରଣ ଅଚଳ ହୋଇପଡୁଛି। ଦାୟିତ୍ୱରେ ରହିଥିବା ଅଧିକାରୀ ବଣାଇଁରେ ନରହି ୧୧ଟା ବେଳେ ଆସି ୫ଟା ବେଳେ ରାଉରକେଲା ଚାଲି ଯାଉଥିବାରୁ ଡାକ୍ତରଖାନାର ସମସ୍ୟାଗୁଡ଼ିକ ଜାଣି ପାରୁନାହାନ୍ତି। ଦୁର୍ଘଟଣାରେ ଆହତ ହୋଇଥିବା ରୋଗୀଙ୍କୁ ନେଇ କି ଗଲେ ତୁରନ୍ତ ରାଉରକେଲା ସ୍ଥାନାନ୍ତରିତ କରି ଦେଉଛନ୍ତି। ଯାହା ଫଳରେ ଗ୍ରାମାଞ୍ଚଳର ଲୋକେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶଯ୍ୟା ଅଭାବରୁ ଅନେକ ସମୟରେ ରୋଗୀମାନେ ବାରଣ୍ଡାରେ ଶୋଇ ଚିକିତ୍ସିତ ହେଉଛନ୍ତି। ତେଣୁ ଅନୁମୋଦିତ ଶହେ ଶଯ୍ୟାକୁ ତୁରନ୍ତ କାର୍ଯ୍ୟକ୍ଷମ କରାଗଲେ ଅନେକ ଗୁରୁତର ରୋଗୀ ଚିକିତ୍ସା ସୁବିଧା ପାଇ ପାରିବେ ବୋଲି ଆଶା କରାଯାଉଛି। ତେବେ ଆଗାମୀ ଦିନରେ ଜିଲ୍ଲାପାଳ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ବିଶେଷଜ୍ଞ ଚିକିତ୍ସକ ନିଯୁକ୍ତି ସହ ଆବଶ୍ୟକ ଉପକରଣ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ମାଧ୍ୟମରେ ଯୋଗାଇ ଦେବାକୁ ବଣାଇଁବାସୀ ଦାବି କରିଛନ୍ତି।

### ଗୁରୁତ୍ୱପୂର୍ଣ୍ଣ ବିଭାଗରେ ନାହାନ୍ତି ଡାକ୍ତର

### ସାମାନ୍ୟ ଘଟଣାରେ ରାଉରକେଲା ରେଫର୍





### ହୋଟେଲ୍, ଫାଷ୍ଟଫୁଡ୍ ଦୋକାନରେ ବାସିଖାଦ୍ୟ ବିକ୍ରି ଅଭିଯୋଗ

# ଚଢ଼ଉ ପରେ ରାସ୍ତାକଡ଼ରେ ଛନକା

ଭୁବନେଶ୍ୱର, ୧୮।୬(ସମିସ)

ରାଜଧାନୀରେ ହଇଜା ବ୍ୟାପିବା ପରେ ଭୁବନେଶ୍ୱରର ବିଭିନ୍ନ ହୋଟେଲ୍ ଓ ଫାଷ୍ଟଫୁଡ୍ ଦୋକାନ ଉପରେ ଚଢ଼ଉକୁ ଜୋର୍‌ଦାର୍ କରାଯାଇଛି। ଦୈନିକ ୧୦ରୁ ୧୫ ଦୋକାନୀ ବିଏମ୍‌ସି ସ୍ୱାସ୍ଥ୍ୟ ବିଭାଗ ଟିମ୍‌ର ଜାଲରେ ଫସୁଛନ୍ତି। କିଛି ସ୍ଥାନରେ ଦୋକାନ ସିଲ୍ ବି ହୋଇଯାଉଛି। ଘନଘନ ରେଡ୍ ପରେ ରାଜଧାନୀରେ ଖାଦ୍ୟ ବ୍ୟବସାୟ କରୁଥିବା ଦୋକାନୀଙ୍କ ମଧ୍ୟରେ

- ଦୁଇଟି ସ୍ଥାନରେ ଚଢ଼ଉ; ୫୭ ହଜାର ଜରିମାନା
- ମାଡ଼ ଖାଇଗଲା ବୁଧବାର ବେପାର

ଏବେ ଛନକା ପଶିଛି। ଫଳରେ ବୁଧବାର ଭଲ ବେପାର କରିବାକୁ ଆଶା କରିଥିବା ଫାଷ୍ଟଫୁଡ୍ ଦୋକାନୀମାନେ ନିରାଶ ହୋଇଛନ୍ତି। ରାଜଧାନୀର ପ୍ରମୁଖ ଖାଓଗଳିଗୁଡ଼ିକ ସମେତ ବିଭିନ୍ନ ଛକରେ ଯେତିକି କାରବାର ହେବା କଥା ସେତିକି ହୋଇନାହିଁ।

ବୁଧବାର ଭୁବନେଶ୍ୱରର ଚନ୍ଦ୍ରଶେଖରପୁରସ୍ଥିତ




ଡିଷ୍ଟ୍ରିକ୍ ସେଣ୍ଟର ଏବଂ ବିମାନବନ୍ଦର ପାଖାପାଖି ଅଞ୍ଚଳରେ ୨ଟି ସ୍ଥାନରେ ଅପମିଶ୍ରିତ ଏବଂ ଅପରିଷ୍କାର ଖାଦ୍ୟ ଉପରେ ଚଢ଼ଉ କରାଯାଇଥିଲା। ଏଥିରେ ୧୪ ଦୋକାନୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ସେମାନଙ୍କ ଖାଦ୍ୟ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଛି। ୨୫ କେଜି ବାସି ଖାଦ୍ୟକୁ ନଷ୍ଟ କରାଯିବା ସହ ଖାଦ୍ୟ ବ୍ୟବସାୟୀଙ୍କ ଠାରୁ ୫୭ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି।

ସେହିପରି ମଙ୍ଗଳବାର ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ସୌଭାଗ୍ୟ ନଗର, ପ୍ରକୃତି ବିହାର, ଡେଲଟା, ପଟିଆ, କିମ୍ସ ଆଦି ଅଞ୍ଚଳରେ ଚଢ଼ଉ କରାଯାଇ ୨୦ରୁ ୩୦ କଲୋଗ୍ରାମ ବାସି ଖାଦ୍ୟ ନଷ୍ଟ କରାଯାଇଥିଲା। ୧୦ଟି ଖାଦ୍ୟ ଦୋକାନରୁ ପାନୀୟ ଜଳ ଓ ୧୦ଟି ହୋଟେଲରୁ ଖାଦ୍ୟ ନମୂନା ସଂଗ୍ରହ କରାଯାଇ ସେଗୁଡିକୁ ପରୀକ୍ଷା ପାଇଁ ପଠାଯାଇଛି। ଦୂଷିତ ଖାଦ୍ୟ ବିକ୍ରି ଏବଂ ଅପରିଷ୍କାର ପରିବେଶରେ ଖାଦ୍ୟ ବିକ୍ରି କରୁଥିବାରୁ କେତେକ ଖାଦ୍ୟ ବ୍ୟବସାୟୀଙ୍କଠାରୁ ୩୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଖାଦ୍ୟ ଚଢ଼ଉକୁ ନେଇ ବିକାଶ ସାହୁ ନାମକ ଜଣେ ଖାଦ୍ୟ ବ୍ୟବସାୟୀ କହିଛନ୍ତି ପୂର୍ବରୁ ଥରେ ରେଡ୍ ହୋଇଥିଲା। ହେଲେ ସବୁ କିଛି ସଫାସୁତରା ଥିଲା କିନ୍ତୁ କିଛି ନ ପାଇବାରୁ ଶେଷରେ ପଲିଥିନ୍ ଅଧକେଜି ନେଇ ଫାଇନ୍ ପକାଇଦେଲେ। ବିଏମ୍‌ସିର ଚଢ଼ଉ ପରେ ସତ୍ୟନଗର, ସୂର୍ଯ୍ୟନଗର, ସିଆର୍‌ପି ଛକ ସମେତ ଖଣ୍ଡଗିରି ଆଦି ଅଞ୍ଚଳରେ ଫାଷ୍ଟ ଫୁଡ୍ କାରବାର ହ୍ରାସ ପାଇଛି। ସନ୍ଧ୍ୟା ବେଳେ କାଁ ଭାଁ ଗ୍ରାହକ ଏହିସବୁ ଅଞ୍ଚଳକୁ ଆସିଥିଲେ।

ଅନ୍ୟପକ୍ଷରେ କିଛି ଦୋକାନୀ ବିଏମ୍‌ସି ସ୍ୱାସ୍ଥ୍ୟ ବିଭାଗ ଚଢ଼ଉକୁ ଏକପାଖିଆ ବୋଲି ଅଭିଯୋଗ କରିଛନ୍ତି। ସହରରେ ବଡ ବଡ଼ ରେଷ୍ଟୁରାଣ୍ଟ ବାସି ଖାଦ୍ୟ ବିକ୍ରି କରୁଥିବା ଅଭିଯୋଗ ହେଉଛି। ହେଲେ ସେମାନଙ୍କ ବିରୋଧରେ କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। କେବଳ ଛୋଟ ଦୋକାନୀଙ୍କ ଉପରେ ନାଲିଆଖି ଦେଖାଉଛନ୍ତି ବୋଲି ଅଭିଯୋଗ ହେଉଛି।

## ୩୩ ବର୍ଷ ପରେ ନନ୍ଦନକାନନରେ ବିରଳ ଇଗୁଆନା ଜନ୍ମ





ନନ୍ଦନକାନନ, ୧୮।୬(ସମିସ): ରାଜ୍ୟ ତଥା ଦେଶ ପାଇଁ ପୁଣି ନନ୍ଦନକାନନ ଗୌରବ ଆଣିଦେଇଛି। ୩୩ବର୍ଷ ପରେ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ବୁଧବାର ୫ଟି ଇଗୁଆନା ଜନ୍ମ ହୋଇଛନ୍ତି। ଏ ନେଇ ଉପ-ନିର୍ଦ୍ଦେଶକ ସନଥ ନାରାୟଣ ସୂଚନା ଦେଇଛନ୍ତି। ପୂର୍ବରୁ ୨୯ ଜାନୁଆରୀ ୧୯୯୨ରେ ନନ୍ଦନକାନନରେ ଇଗୁଆନା ଜନ୍ମ ହୋଇଥିଲା। ନନ୍ଦନକାନନ ସରୀସୃପ ଉଦ୍ୟାନରେ ୨ଟି ବୟସ୍କ ଅଣ୍ଡିରା ଇଗୁଆନା ରହୁଥିଲେ। ନନ୍ଦନକାନନରେ ଇଗୁଆନାଙ୍କ ନୂଆ ବଂଶଧାରା ସୃଷ୍ଟି କରିବା ଓ ବଂଶବୃଦ୍ଧି କରିବା ଲକ୍ଷ ରଖି ନନ୍ଦନକାନନକୁ ୨୫ ନଭେମ୍ବର୨୦୨୪ ରେ ହାଇଦ୍ରାବାଦର ନେହରୁ ପ୍ରାଣୀ ଉଦ୍ୟାନରୁ ୨ ଟି ମାଈ ଏବଂ ୨୬ ଅଗଷ୍ଟ ୨୦୨୪ ରେ କୋଲକାତାର ଆଲିପୁର ଚିଡ଼ିଆଖାନାରୁ ୮ ଟି ଇଗୁଆନା (୪ଅଣ୍ଡିରା ଏବଂ ୪ ମାଈ) ଅଣାଯାଇଥିଲା। ଆଜି ନବଜାତଙ୍କ ମଧ୍ୟରୁ ତିନିଟି ଇଗୁଆନା ସମ୍ପୂର୍ଣ୍ଣ ସକ୍ରିୟ ଥିବାରୁ ସେମାନଙ୍କୁ ସରୀସୃପ ଉଦ୍ୟାନରେ ରଖାଯାଇ ସ୍ୱତନ୍ତ୍ର ଯତ୍ନର ସହ ଦେଖରେଖ କରାଯାଉଛି। ଅନ୍ୟ ଦୁଇଟି ଟିକେ କମ ସକ୍ରିୟ ଥିବରୁ ଶିଶୁ ଲାଳନ ପାଳନ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି ସ୍ୱତନ୍ତ୍ର ଇଣ୍ଟେନସିଭ କେୟାରରେ ରଖାଯାଇ ଯତ୍ନ ନିଆଯାଉଛି। ଚିଡ଼ିଆଖାନାରେ ମୋଟ ଇଗୁଆନା ସଂଖ୍ୟା ୧୭କୁ ବୃଦ୍ଧି ପାଇଛି। ଏମାନଙ୍କ ମଧ୍ୟରେ ୬ ଅଣ୍ଡିରା ଏବଂ ୬ ମାଈ ଥିବା ବେଳେ ଆଜି ଜନ୍ମିତ ୫ ନବଜାତ ଛୁଆ ଇଗୁଆନା ରହିଲେ।

## ପ୍ରଧାନମନ୍ତ୍ରୀଙ୍କ ରୋଡ୍ ଶୋ' ପାଇଁ ଟ୍ରାଫିକ୍ କଟକଣା

ଭୁବନେଶ୍ୱର, ୧୮।୬(ସମିସ): ୨୦ ତାରିଖ ପ୍ରଧାନମନ୍ତ୍ରୀଙ୍କ ରୋଡ୍ ସୋ ପାଇଁ କମିଶନ୍‌ରେଟ୍ ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଆଜି ପୁଲିସ କମିଶନର ସୁରେଶ ଦେବଦତ୍ତ ସିଂ, ଅତିରିକ୍ତ ନିରସିଂହ ଭୋଳଙ୍କ ଅଧକ୍ଷତରରେ ଏକ ବୈଠକ ହୋଇଥିଲା। ଏଥିରେ ପ୍ରଧାନମନ୍ତ୍ରୀଙ୍କ ରୋକଡ଼ ସୋ ପାଇଁ କିଭଳି ସୁରକ୍ଷା ବ୍ୟବସ୍ଥା କରାଯିବ ସେନେଇ ଆଲୋଚନା ହୋଇଥିଲା। ମୁଖ୍ୟ ସଚିବ ମନୋଜ ଆହୁଜା ଏବଂ ଓଡ଼ିଶାର ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଘଟଣା ସ୍ଥଳକୁ ଯାଇ ସୁରକ୍ଷା ସମୀକ୍ଷା କରିଥିଲେ। ଏଥିସହ ବରିଷ୍ଠ ପୁଲିସ ଅଧିକାରୀଙ୍କ ସହ ସୁରକ୍ଷା ବ୍ୟବସ୍ଥା ନେଇ ଆଲୋଚନା କରିଥିଲେ। ଏଥିପାଇଁ ରାଜଧାନୀରେ ୧୩୩ ପ୍ଲାଟୁନ୍ ପୁଲିସ ଫୋର୍ସ, ଡିସିପି ର୍‍ୟାଙ୍କର ୧୬ଜଣ ଅଧିକାରୀ, ୩୩ଜଣ ଅତିରିକ୍ତ ଡିସିପି, ୯୩ ଏସିପି, ଇନ୍ସପେକ୍ଟର ର୍‍ୟାଙ୍କର ୧୦୬ ଏବଂ ୪୫୦ ଜଣ ଏସ୍‌ଆଇ/ଏଏସ୍‌ଆଇ ନିୟୋଜିତ ହେବେ। ପ୍ରଧାନମନ୍ତ୍ରୀ ଗ୍ରସ୍ତ ପୂର୍ବରୁ ମକ୍‌ଡ୍ରିଲ କରାଯିବ। ଆଜି ଏସ୍‌ଟିଏଫ ଡିଆଇଜି ପିନାକି ମିଶ୍ରଙ୍କ ଉପସ୍ଥିତିରେ ସ୍ପେଶାଲ୍ ପ୍ରୋଟେକ୍ସନ୍ ଗ୍ରୁପ୍ (ଏସପିଜି) ଟିମ୍ ମଧ୍ୟ ଘଟଣାସ୍ଥଳ ପରିଦର୍ଶନ କରିଥିଲେ ଏବଂ ଭିଭିଆଇପି ରୋଡ୍ ସୋ ପାଇଁ ସୁରକ୍ଷା ବ୍ୟବସ୍ଥା ସମୀକ୍ଷା କରିଥିଲେ। ଏହି ବୈଠକରେ ଆଇଜି ଅନୁପ ସାହୁ, ଡିସିପି ଜଗମୋହନ ମୀନା, ଡିଆଇଜି ବାତୁଲା ଗଙ୍ଗାଧର, ଡିଆଇଜି ଚରଣ

**ରାଜଧାନୀରେ ଜଗିବେ ୧୩୩ ପ୍ଲାଟୁନ୍ ପୁଲିସ ଫୋର୍ସ**



ସିଂ ମୀନା, ଡିଆଇଜି ଯୁଗଳ କିଶୋର ବାନୋଥ, ଖୋର୍ଦ୍ଧା ଏସ୍‌ପି ସାଗରିକା ନାଥ ଏବଂ କଟକ ଡିସିପି ଋଷିକେଶ ଜ୍ଞାନଦେଓ ଖିଲାରୀ ଉପସ୍ଥିତ ରହିଥିଲେ।

ପ୍ରଧାନମନ୍ତ୍ରୀଙ୍କ ରୋଡ଼ ସୋ ପାଇଁ ଟ୍ରାଫିକ୍ କଟକଣା କରାଯାଇଛି। ଏହି ରୋଡ଼ ସୋ ବିମାନ ବନ୍ଦରରୁ ଜନତା ମଇଦାନ ପର୍ଯ୍ୟନ୍ତ ଚାଲିବ। ଭିଆଇପିମାନଙ୍କ ସୁରକ୍ଷା ଏବଂ ଜନସାଧାରଣଙ୍କ ଯାତାୟତକୁ ଦୃଷ୍ଟିରେ ଟ୍ରାଫିକ୍ କଟକଣା କରାଯାଇଛି। କଟକ ପଟୁ ଆସୁଥିବା ବସ୍‌ଗୁଡ଼ିକ (ଜାତୀୟ ରାଜପଥ ନମ୍ବର-୧୬ ରେ) ରସୁଲଗଡ଼ ରେଲୱେ ଓଭର ବ୍ରିଜ୍ ଠାରୁ ସର୍ଭିସ୍ ରୋଡ଼ରେ ଆସି ବାଣୀବିହାର ଛକରୁ ଆଚାର୍ଯ୍ୟ ବିହାର ଛକରୁ ଡାହାଣ ମୋଡ଼ ନେଇ ଆପୋଲୋ ହସ୍ପିଟାଲ୍ - ସୈନିକ ସ୍କୁଲ୍ ଦେଇ ଯିବ। ଖାର୍ଦ୍ଧା ପଟୁ ଆସୁଥିବା ବସ ଗୁଡ଼ିକ (ଜାତୀୟ ରାଜପଥ ନମ୍ବର-୧୬ ରେ) ଜୟଦେବ ବିହାର ଫ୍ଲାଏ ଓଭର ବ୍ରିଜ୍ ଅତିକ୍ରମ କଲାପରେ ସର୍ଭିସ୍ ରୋଡ଼ ଆଚାର୍ଯ୍ୟ ବିହାର ଛକରେ ବାମ ମୋଡ଼ ନେବ। ପରେ ଆପୋଲୋ ହସ୍ପିଟାଲ୍ - ସୈନିକ ସ୍କୁଲ୍ ରାସ୍ତା - ନାଲ୍‌କୋ ଛକ - କଳିଙ୍ଗ ହସ୍ପିଟାଲ୍ ରାସ୍ତା - ରେଲୱେ କଲୋନୀ ଦେଇ ଯିବ। ୨୦ ତାରିଖ ଦିନ ଅପରାହ୍ନ ୩ ଘଟିକା ଠାରୁ ସନ୍ଧ୍ୟା ୬ ଘଟିକା ପର୍ଯ୍ୟନ୍ତ କିମ୍ବା କାର୍ଯ୍ୟକ୍ରମ ସମାପ୍ତ ହେବା। ପର୍ଯ୍ୟନ୍ତ ବ୍ୟାପକ ଟ୍ରାଫିକ୍ ଭିଡ଼ ହେବାର ଅନୁମାନ କରାଯାଉଛି। ପୁଲିସ କଟକଣା କରିଥିବା ରାସ୍ତାରେ ନ ଯାଇ ଅନ୍ୟ ରାସ୍ତା ଦେଇ ଯାତାୟାତ କରିବା ନିମନ୍ତେ ପୁଲିସ ନିବେଦନ କରିଛି। ଏହି କଟକଣା କଟକଣାଗୁଡିକ ଜରୁରିକାଳୀନ ସେବାରେ ନିୟୋଜିତ (ଫାୟାର ଓ ଆମ୍ବୁଲାନ୍ସ) ଯାନବାହାନ ଗୁଡ଼ିକ ନିମନ୍ତେ ଉପରୋକ୍ତ କଟକଣା ଲାଗୁ ହେବ ନାହିଁ ବୋଲି ପୁଲିସ କହିଛି।



ଠିକାଦାର ପୋଷଣ ! ରାଜଭବନ-ପାୱାରହାଉସ୍ ରାସ୍ତାକଡ଼ରେ ଲୁହା ବ୍ୟାରିକେଡ ଥାଉଥାଉ କାଠ ବାରିକେଡ କାହିଁକି

## ବିୟର ବୋତଲରେ ଆକ୍ରମଣ କରି ଏଣ୍ଟୁଅ ଗିରଫ

ଭୁବନେଶ୍ୱର, ୧୮।୬(ସମିସ): ଯୁବକଙ୍କ ମୁଣ୍ଡରେ ବୟର ବୋତଲ ପିଟି ଏଣ୍ଟୁଅ ରାଜା ଓରଫ ଏସ୍‌କେ ରାଜା ଓଫର ଏସ୍‌କେ ଏସ୍‌କେ ଜାହିରକୁ ଗିରଫ କରିଛି ଖଣ୍ଡଗିରି ପୁଲିସ। ଆହତ ହୋଇଥିବା ଅରୁଣ କୁମାର ବେହେରାଙ୍କ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ତାକୁ ଗିରଫ କରିଛି। ସୂଚନାଯୋଗ୍ୟ ଯେ, ଅରୁଣ ଆଇଟିଇଆର କଲେଜ ନିକଟସ୍ଥ ଜଗମୋହନ ନଗରରେ ରୁହନ୍ତି। ମଙ୍ଗଳବାର ସନ୍ଧ୍ୟାରେ ଅଭିଯୁକ୍ତ ଏସକେ ଜାହିର ଏବଂ ତାଙ୍କର ଜଣେ ସହଯୋଗୀ ସାଜୁ ଏସକେ ଅଭିଯୋଗକାରୀଙ୍କ ଘର ନିକଟସ୍ଥ କିଛି ଯୁବକଙ୍କ ସହ ଯୁକ୍ତିତର୍କ କରୁଥିବା ଦେଖି ଅରୁଣ ଆସି ପହଞ୍ଚିଥିଲେ। ଏଥିରେ ଉତ୍ତେଜିତ ହୋଇ ଦୁଇଜଣ ତାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ ଏବଂ ଦୁହିଁଙ୍କ ମଧ୍ୟରୁ ଅଭିଯୁକ୍ତ ସାଜୁ ଏସକେ ଏକ ବିୟର ବୋତଲ ସାହାଯ୍ୟରେ ତାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ସୂଚନା ଥାଉକି, ଅଭିଯୁକ୍ତ ଏସକେ ଜାହିର ଜଣେ ଅଭ୍ୟାସଗତ ଅପରାଧୀ ଏବଂ ତାଙ୍କ ନାମରେ ପୂର୍ବରୁ ମଧ ଲକ୍ଷ୍ମୀସାଗର ଥାନାରେ ଗୋଟିଏ, ଭରତପୁର ଥାନାରେ ଗୋଟିଏ ଏବଂ ଖଣ୍ଡଗିରୀ ଥାନାରେ ୩ ଟି ଅପରାଧିକ ମାମଲା ରହିଛି।

## ଦୋକାନ ଭିତରେ ପଶିଗଲା କାର୍

ନନ୍ଦନକାନନ, ୧୯।୬(ସମିସ): ନନ୍ଦନକାନନ ଥାନା ମରିଚିଆ ପୁରୀ ମରିଚିଆ ଛକରେ ଏକ ଦୃତଗାମୀ କାର ଜଳଖିଆ ଦୋକାନରେ ପଶିଯିବାରୁ ଜଣେ ବୃଦ୍ଧ ଆହତ ହୋଇଛନ୍ତି। ଆହତ ବୃଦ୍ଧ ଅଲେଖ ପ୍ରଧାନ (୭୦)ଙ୍କ ବାମ ପାଦରେ କାର୍‌ଟି ଧକଦେଇଥିଲା। ଏହା ସହ ସେଠାରେ ଥିବା ଏକ ସାଇକଲ ଉପରେ ଚଢ଼ିଯିବାରୁ ସାଇକଲ ଭାଙ୍ଗିରୁଜି ଯାଇଛି। ସୂଚନା ଅନୁସାରେ ଆଜି ଅପରାହ୍ନ ପ୍ରୟ ୩ଟା ବେଳେ ପ୍ରତାପନଗରୀ ଏକ ଦୃତ ଗତିରେ ଆସୁଥିବା କାରଟି ଭାରସାମ୍ୟ ହରାଇ ତପନ ସାହୁ ଜଳଖିଆ ଦୋକାନ ଭିତରେ ପସିଯାଇଥିଲା। ସେଠାରେ ସାଇକେଲ ରଖି ବସିଥିବା ବୃଦ୍ଧ ଅଲେଖ ପ୍ରଧାନ (୭୦)ଙ୍କ ବାମ ପାଦରେ ଧକା ଦେଇ ଥିଲା। ପାଖରେ ରଖାଯାଇଥିବା ସାଇକେଲଟିକୁ ଧକା ଦେବାରୁ ଭାଙ୍ଗି ଯାଇଛି। କାର ଧକାର ବୃଦ୍ଧଙ୍କର ପଦର ହାଡ ଭାଙ୍ଗି ଯାଇଛି। ନନ୍ଦନକାନନ ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ବୃଦ୍ଧଙ୍କୁ ଚିକିତ୍ସା ପାଇଁ ପଠାଇଛି। ଦୁର୍ଘଟଣା ଘଟାଇ ଥିବା ମାରୁତି ସୁଜୁକି ସିଲେରିଓ (ଓଡି ୦-୫ ବିଟି ୨୫୬୯) କାର ସମେତ ଚାଳକକୁ ଥାନାକୁ ନେଇ ଅଟକ ରଖି ପଚରାଉଚରା କରୁଛି।

## ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ; ଯୁବକ ଗିରଫ

ଭୁବନେଶ୍ୱର, ୧୮।୬(ସମିସ): ଜଣେ ସ୍ୱାମୀ ପରିତକ୍ତା ମହିଳାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ଅଭିଯୋଗରେ ମୈତ୍ରୀବିହାର ଥାନା ପୁଲିସ ରଣପୁରର ସନ୍ତୋଷ କୁମାର ପାତ୍ରକୁ ପୁଲିସ ଗିରଫ କରିଛି। ସୂଚନାଯୋଗ୍ୟ ଯେ, ମହିଳା ଜଣକ ମୈତ୍ରୀବିହାର ଥାନା ଅଞ୍ଚଳରେ ରହୁଥିବା ବେଳେ ସେ ଗତ ୨୦୦୭ ମସିହାରେ ବିବାହ କରିଥିଲେ। ପରେ କୌଣସି କାରଣ ପାଇଁ ଗତ ୭ବର୍ଷ ହେବ ସ୍ୱାମୀଙ୍କ ସହ ତାଙ୍କର ଛାଡପତ୍ର ହୋଇଯାଇଛି। କିନ୍ତୁ ଛାଡପତ୍ର ହେବାପୂର୍ବରୁ ମହିଳାଙ୍କ ସ୍ୱାମୀ ସନ୍ତୋଷ କୁମାର ପାତ୍ରଙ୍କଠାରୁ ଏକ ଘର କିଣିଥିଲେ। ସେବେଠାରୁ ମହିଳା ଏବଂ ସନ୍ତୋଷ ଚିହ୍ନା ପରିଚୟ ହୋଇ ଥିଲେ। ସନ୍ତୋଷ ଅଭିଯୋଗକାରିଣୀଙ୍କୁ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ତାଙ୍କୁ ବାରମ୍ବାର ଦୁଷ୍କର୍ମ କରିଥିଲେ। ଚାଲାକି କହି ମହିଳାଙ୍କଠାରୁ ସୁନା ଗହଣା ନେଇ ଯାଇଥିଲେ ସନ୍ତୋଷ। ପରେ ମହିଳା ଜଣଙ୍କ ଏ ନେଇ ଥାନାର ଦ୍ୱାରସ୍ଥ ହୋଇଥିଲେ।

## ଛୁରାମାଡ଼ କରି ଯୁବକ ଗିରଫ

ଭୁବନେଶ୍ୱର, ୧୮।୬(ସମିସ): ଜଣେ ବ୍ୟକ୍ତିଙ୍କୁ ଛୁରାମାଡ଼ କରିବା ଘଟଣାରେ ତମାଣ୍ଡୋ ଥାନା ପୁଲିସ ନବକିଶୋର ପ୍ରଧାନକୁ ଗିରଫ କରିଛି। ବାଳି ମଲ୍ଲିକଙ୍କ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ନବକିଶୋରକୁ ଗିରଫ କରିଛି। ସୂଚନାଯୋଗ୍ୟ ଯେ, ଆହତ ଜଳନ୍ଧର ମଲ୍ଲିକ ବାଳିଙ୍କ ସାନ ଭାଇ। ଗତ ୧୬ ତାରିଖ ସନ୍ଧ୍ୟାରେ ସେ ଅଭିଯୁକ୍ତ ନବକିଶୋରଙ୍କ ପତ୍ନୀଙ୍କ ସହ ତମାଣ୍ଡୋ ଜଗନ୍ନାଥ ମନ୍ଦିର ନିକଟରେ ଛିଡା ହୋଇଥିଲେ। ନବକିଶୋର ହଠାତ ସେଠାରେ ପହଞ୍ଚିବା ସହ ପୂର୍ବ ବିବାଦକୁ କେନ୍ଦ୍ର କରି ପ୍ରତିଶୋଧପରାୟଣ ହୋଇ ଏକ ଛୁରିରେ ଜଳନ୍ଧରଙ୍କୁ ଆକ୍ରମଣ କରିଥିଲେ।

## ଗାଡ଼ି ଧକ୍କା ସହ କାଠ ଫାଳିଆରେ ଆକ୍ରମଣ

ଭୁବନେଶ୍ୱର, ୧୮।୬(ସମିସ): ଗାଡ଼ି ଧକ୍କା ହେବା ପରେ କାଠ ଫାଳିଆରେ ମରଣାନ୍ତକ ଆକ୍ରମଣ କରିବା ଘଟଣାରେ ଭରତପୁର ଥାନା ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ଘାଟିକିଆର ଧିରେନ୍ ବେହେରା। ବିକ୍ରମ ଗଜେନ୍ଦ୍ରଙ୍କ ଲିଖିତ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁକରି ତଦନ୍ତ କରିଥିଲା। ସୂଚନାଯୋଗ୍ୟ ଯେ, ବିକ୍ରମ ଡାଲାଅଟୋ ଚାଳକ। ଗତ ୧୪ତାରିଖ ସନ୍ଧ୍ୟାରେ ସେ ଘାଟିକିଆ କବାଡ଼ି ସାହି ନିକଟରେ କିଛି କନଷ୍ଟ୍ରକ୍ସନ ଉପକରଣ ଅନଲୋଡ କରୁଥିଲେ। ଏହି ସମୟରେ ଧିରେନ୍‌ଙ୍କ ସହ ଅନ୍ୟଜଣେ ଯୁବକ ଆସି ତାଙ୍କ ଅଟୋରେ ଧକ୍କା ଦେଇଥିଲେ। ପରେ ସେମାନେ ବିକ୍ରମଙ୍କୁ କାଠ ଫାଳିଆରେ ଆକ୍ରମଣ କରିଥିଲେ।

## ବିଏମ୍‌ସି ଅଫିସ ଆଗରେ ଠିକାଦାରଙ୍କ ଆନ୍ଦୋଳନ



ଭୁବନେଶ୍ୱର, ୧୮।୬(ସମିସ): ଠିକା କାମ କରିଥିବା ବାବଦରେ ବକେୟା ଟଙ୍କା ପଇଠ କରିବା ଦାବିରେ ଠିକାଦାରମାନେ ଆଜି ବିଏମ୍‌ସି କାର୍ଯ୍ୟାଳୟ ଆଗରେ ଆନ୍ଦୋଳନ କରିଥିଲେ। ଠିକାଦାରଙ୍କ ଅଭିଯୋଗ ଅନୁଯାୟୀ ପ୍ରାୟ ୧୦୦ କୋଟି ଟଙ୍କା ବକେୟା ପଡ଼ିରହିଛି। ତେଣୁ ତୁରନ୍ତ କିଭଳି ପଇଠ କରାଯିବ ସେ ନେଇ ଏକ ଦାବିପତ୍ର ମେୟର ଓ କମିସନରଙ୍କୁ ଦେଇଛନ୍ତି। ମେୟର୍‌ଙ୍କ ଠାରୁ ବକେୟା ବିଲ୍ ପୈଠ ହେବା ପ୍ରତିଶ୍ରୁତି ମିଳିବା ପରେ ଠିକାଦାରମାନେ ଆନ୍ଦୋଳନରୁ ଓହରିଛନ୍ତି।

### ପୁଲିସ ପାଇଁ ଚିନ୍ତାର କାରଣ ପାଲଟିଛି ଡାକ ବ୍ୟବସ୍ଥା

# ଡିଜିଟାଲ ଫେଲ୍; ଥାନା ବୁଲି ଚିଠି ବାଣ୍ଟୁଛନ୍ତି କର୍ମଚାରୀ

ଭୁବନେଶ୍ୱର, ୧୮।୬(ସମିସ)

ବର୍ତ୍ତମାନ ସ୍ମାର୍ଟ ଯୁଗରେ ପୁଲିସ ବିଭାଗରେ ମଧ୍ୟ ଚିଠିର ଆଦାନ ପ୍ରଦାନ ପରମ୍ପରା ଚାଲୁଛି। ଫଳରେ ଥାନାର ଏକାଧିକ କର୍ମଚାରୀ ଏହି ଚିଠି ଆଦାନ ପ୍ରଦାନ କାର୍ଯ୍ୟରେ ବ୍ୟସ୍ତ ରହୁଛନ୍ତି। ଯେଉଁଥି ପାଇଁ ଥାନାରେ କର୍ମଚାରୀଙ୍କ ସମସ୍ୟା ହେବା ସହ ମାମଲାର ତଦନ୍ତରେ ସମସ୍ୟା ହେଉଛି। ଅନ୍‌ଲାଇନ୍ ଯୁଗରେ ଏହି କାଗଜ ଆଦାନପ୍ରଦାନର ପ୍ରଥା ଚାଲୁଥିବାରୁ ଡିସିପି ଅଫିସ୍, ସିପି ଅଫିସ୍ ଏବଂ ସିଏସ୍‌ଆଇ କୋର୍ଟରେ କାଜର ପାହାଡ ସୃଷ୍ଟି ହେଲାଣି। ଫଳରେ ଏହାକୁ ରଖିବାକୁ ସ୍ଥାନ ନଥିବାରୁ ଏଣେ ତେଣେ ପକାଇବାକୁ ପଡୁଛି। ବହୁ ଦିନ ସେଠାରେ ପଡ଼ି ରହିବା ପରେ ଏହି ଗୁରୁତ୍ୱପୂର୍ଣ୍ଣ କାଜପତ୍ର ନଷ୍ଟ ହୋଇଯାଇଛି। ଏଭଳି ହେବା ଦ୍ୱାରା ଦୁର୍ଦ୍ଧାନ୍ତ ଅପରାଧୀ ଏବଂ ଅନ୍ୟାନ୍ୟ ହତ୍ୟା ମାମଲାର ଦସ୍ତାବିଜ୍ ମିଳେଇ ଯାଉଛି। କୋର୍ଟରେ ଚାଲୁଥିବା ମାମଲାରେ ଅଭିଯୁକ୍ତଙ୍କ ବିରୋଧରେ ସଠିକ୍ ଦସ୍ତାବିଜ୍ ମଧ ଦାଖଲ ହୋଇପାରୁନି ଯେଉଁଥି ପାଇଁ ଅଭିଯୁକ୍ତ ନିର୍ଦ୍ଦେଶରେ ଖଲାସ ହୋଇଯାଉଛନ୍ତି।

କାଗଜ ବ୍ୟବସ୍ଥା ଉଠାଇବା ପାଇଁ ପୁଲିସ ବ୍ୟବସ୍ଥାରେ ସିସିଟିଏନ୍‌ଏସ୍ ବ୍ୟବସ୍ଥା କରାଗଲା। ଏହି ବ୍ୟବସ୍ଥା ହେବା ଫଳରେ ଅନ୍‌ଲାଇନରେ ପ୍ରତିଦିନ ଥାନାରେ ହେଉଥିବା ମାମଲା ଅପ୍‌ଲୋଡ୍ କରାଗଲା। ଡିସିପି ଏବଂ ସିପି ଅଫିସ୍‌ରେ ଏକ ସ୍ୱତନ୍ତ୍ର ଆଇଡି ଏବଂ ପାସ୍‌ୱାର୍ଡ ଦିଆଯାଇଛି। ଯାହାଫଳରେ ସେମାନେ ଏହା ମାଧ୍ୟମରେ ପ୍ରତି ଥାନାର ମାମଲା ଏବଂ ଅନ୍ୟାନ କେସ୍

- ଡିସିପି ଅଫିସ୍, ସିଏସ୍‌ଆଇ କୋର୍ଟରେ ଫାଇଲ ଗଦା
- କେବେ ଥାନା ସହ ଯୋଡ଼ି ହେବ ଅଦାଲତ

ସମ୍ପର୍କରେ ଜାଣି ପାରିବେ। ଏହା ସତ୍ତ୍ୱେ ବହୁ ଯୁଗର ରହିଥିବା ଚିଠି ପ୍ରଦାନ ବ୍ୟବସ୍ଥା ଚାଲୁଛି। ଥାନାର ଜଣେ ହାବିଲ୍‌ଦାର ଚିଠି ନେଇ ଡିସିପି ଅଫିସ୍, ସିପି ଅଫିସ, ସିଏସ୍‌ଆଇ କୋର୍ଟ ଏବଂ ଅନ୍ୟ ଥାନାକୁ ନେଇ ଯାଉଛନ୍ତି। ପ୍ରତିଦିନ ସହରରେ ଥିବା ସମସ୍ତ ଥାନାର ହେଉଥିବା ମାମଲାର ଏତଲା କପି ଡିସିପି ଅଫିସ୍ ଏବଂ ସିଏସ୍‌ଆଇ କୋର୍ଟରେ ଦାଖଲ କରାଯାଉଛି। ଯେଉଁଥି ପାଇଁ ଡିସିପି ଅଫିସ୍‌ରେ କାଗଜର ପାହାଡ଼ ସୃଷ୍ଟି ହେଲାଣି। ଏଥିସହ ମାମଲାର ଚାର୍ଜସିଟ୍, କୋର୍ଟ ଅର୍ଡର ଆଦି ଅନେକ ମାମଲା ଦସ୍ତାବିଜ୍ ଡିସିପି ଅଫିସ୍‌କୁ ଯାଉଛି। ଫଳରେ ଡିସିପି ଅଫିସ୍‌ର କାଗଜର ପାହାଡ଼ ସୃଷ୍ଟି ହେଉଛି। ଏଥିସହ ଥାନାର କର୍ମଚାରୀ ସିଏସ୍‌ଆଇ କୋର୍ଟରେ ବିଭିନ୍ନ ଦସ୍ତାବିଜ୍ ଦାଖଲ କରୁଛି। ଯେଉଁଥି ପାଇଁ କୋର୍ଟରେ ମଧ କାଗଜ ପାହାଡ଼ ସୃଷ୍ଟି ହେଉଛି। ଆହୁରି ମଧ୍ୟ ଥାନା କର୍ମଚାରୀ ୱାରେଣ୍ଟ ପାଇଁ ଅନ୍ୟ ଥାନାରେ ଚିଠି ଦେବା ସହ କିଏ କୋର୍ଟରେ ହାଜର ହେବ ତାଙ୍କ ଘର ଖୋଜି ଚିଠି ପ୍ରଦାନ କରୁଛି। ଏହିଭଳି ଥାନାର କର୍ମଚାରୀ ଦିନ ତମାମ ଚିଠି ବାଣ୍ଟିବାରେ ବ୍ୟସ୍ତ ରହୁଥିବାରୁ ପୁଲିସ ପାଇଁ ଚିନ୍ତା ପାଲଟିଛି। ମାମଲାର ତଦନ୍ତ ଅପେକ୍ଷା ଥାନା, ଡିସିପି ଅଫିସ୍, ସିପି ଅଫିସ୍ ଏବଂ କୋର୍ଟ ବୁଲି ବୁଲି ପୁଲିସ ନୟାନ୍ତ ହେଲାଣି। ଏହି ବ୍ୟବସ୍ଥା ପୁଲିସ ପାଇଁ ଚିନ୍ତାର କାରଣ ପାଲଟିଛି।

ଅନ୍ୟରାଜ୍ୟରେ କାଗଜର ବ୍ୟବହାର କମ୍ କରିବା ପାଇଁ ଆଇସିଜେଏସ୍ ବ୍ୟବସ୍ଥା ରହିଛି। ଏହି ବ୍ୟବସ୍ଥା କୋର୍ଟ ଏବଂ ଥାନା ସହ ଯୋଡ଼ା ଯାଇଛି। ପୁଲିସ କୌଣସି ମାମଲାର ଚାର୍ଜସିଟ୍ ହେଉ ଅବା ଏତଲା କପି ଏଥିରେ ସବୁ ଅପ୍‌ଲୋଡ୍ କରାଯିବ। ଯାହାଫଳରେ ସିଏସ୍‌ଆଇ କୋର୍ଟରେ ଯେତେବେଳେ ଆବଶ୍ୟକ ସେମାନେ ତୁରନ୍ତ କାଢି ଏହାକୁ ଦାଖଲ କରିପାରିବେ। ସୁପ୍ରିମ୍ କୋର୍ଟ ଏହି ବ୍ୟବସ୍ଥା ଲାଗୁ କରିବା ପାଇଁ ସମସ୍ତ ରାଜ୍ୟକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟ ରାଜ୍ୟରେ ଏହି ବ୍ୟବସ୍ଥା ଲାଗୁ ହୋଇଥିବା ବେଳେ ଓଡ଼ିଶାରେ କାର୍ଯ୍ୟକ୍ଷମ ହୋଇ ନାହିଁ। ଯାହାଫଳରେ ଏଭଳି କାଗଜର ପାହାଡ଼ ସୃଷ୍ଟି ହେବା ସହ ଚିଠି ବ୍ୟବସ୍ଥା ଚାଲୁଛି।

**ସିଏସ୍‌ଆଇ କୋର୍ଟରେ ପାଣିରେ ଭିଜୁଛି ଫାଇଲ୍**

ଏବେ କୋର୍ଟରେ ନୂଆ ବିଲ୍ଡିଂ ହେବା ପରେ ସେଥିରେ ସିଏସ୍‌ଆଇ କୋର୍ଟ କରାଯାଇଛି। ଥାନାକୁ ସବୁ ଯାଉଥିବା ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଏହି ଅଫିସ୍‌ରେ ରହୁଛି। ହେଲେ ବର୍ଷା ହେଲାମାତ୍ରେ ଏହି ଅଫିସ୍‌ର ଚଟାଣରେ ପାଣି ପଡ଼ି ଫାଇଲ ଭିଜିବାରେ ଲାଗିଛି। ରଖାଯାଉଥିବା ଫାଇଲ୍ ଫିମ୍ପି ମାରିଗଲାଣି। ପାଣି ଜକେଇବା ସହ ଚଟାଣରୁ ସିମେଣ୍ଟ ଖଣ୍ଡ ଖଣ୍ଡ ହୋଇ ଛାଡୁଛି।

# ବଢ଼ିଚାଲିଛି ରାସ୍ତା ଅବରୋଧ



ସେମିଳିଗୁଡ଼ା, ୧୮।୬ (ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ସହରରେ ମନଇଛା ପାର୍କିଂ ଯୋଗୁଁ ରାସ୍ତା ଅବରୋଧ ବଢ଼ିଚାଲିଛି। ସହରରେ ଗାଡ଼ି ସଂଖ୍ୟା ଆଶାତୀତ ଭାବରେ ବୃଦ୍ଧି ଲାଗିଛି। ବିଶେଷକରି ନିର୍ମାଣ କାର୍ଯ୍ୟ ବୃଦ୍ଧି ସହ କ୍ରସର ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି। ଲୋକମାନେ ବ୍ୟବସାୟିକ ଦୃଷ୍ଟିକୋଣରୁ ବହୁ ଚାରିଚକିଆ ଯାନଗୁଡିକ କ୍ରୟ କରୁଛନ୍ତି। ବାଲି ବ୍ୟବସାୟୀମାନେ ଟିପର କିଣୁଛନ୍ତି। କିନ୍ତୁ ଏହି ଗାଡିଗୁଡିକ ସର୍ବସାଧାରଣ ବ୍ୟବହାର କରୁଥିବା ରାସ୍ତା ଉପରେ ରଖୁଛନ୍ତି। ଫଳରେ ରାସ୍ତା ଅବରୋଧ ହୋଇ ଯିବା ଆସିବାରେ ଘୋର ଅସୁବିଧା ହେଉଛି। ବିଶେଷକରି ସେମିଳିଗୁଡାର ସତ୍ୟନଗରର ମୁଖ୍ୟ ରାସ୍ତାକୁ କିଛି ବାଲି ବ୍ୟବସାୟୀ ଅବରୋଧ କରି ଟିପ୍ପର ରଖୁଛନ୍ତି। ଫଳରେ ସତ୍ୟନଗର ବାସିନ୍ଦା ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିଯୋଗୁଁ ଛୋଟ ବଡ଼ ଅନେକ ଦୁର୍ଘଟଣା ଘଟୁଛି। ବାରମ୍ବାର ଅଭିଯୋଗ କଲେ ସୁଦ୍ଧା ଗାଡି ମାଲିକ ଶୁଣୁନାହାନ୍ତି। ସତ୍ୟନଗର ବାସିନ୍ଦା ଏହି ବିଷୟ ପୌରପରିଷଦ ଓ ପୁଲିସକୁ ଜଣାଇବେ ବୋଲି କହିଛନ୍ତି। ସେହିପରି ଗାନ୍ଧୀ ନଗର ର ମଧ୍ୟ ଏହି ପରିସ୍ଥିତି ଦେଖା ଦେଇଛି। କିଛି ଲୋକ ନିଜ ଗାଡି ରାସ୍ତାର ଗୋଟିଏ ପାର୍ଶ୍ୱରେ ରଖୁଛନ୍ତି। ସେମାନଙ୍କ ପାଇଁ କିଛି ଅସୁବିଧା ନାହିଁ। କିନ୍ତୁ ଆଉ କିଛି ଲୋକ ଇଚ୍ଛା ଅନୁସାରେ ଗାଡ଼ି ପାର୍କିଂ କରିବା ଦ୍ୱାରା ଅନେକ ସମସ୍ୟା ଦେଖାଦେଉଛି। ସେହିପରି ବିଭିନ୍ନ ସାହି ଓ ମୁଖ୍ୟ ରାସ୍ତାକଡ଼ ଅବରୋଧ କରି ମଧ୍ୟ ଲୋକେ ଗାଡ଼ି ରଖୁଛନ୍ତି। ଯାହାଦ୍ୱାରା ଟ୍ରାଫିକ ସମସ୍ୟା ଉପୁଜୁଛି। ତେଣୁ କର୍ତ୍ତୃପକ୍ଷ ଶୀଘ୍ର ପଦକ୍ଷେପ ନେବାକୁ ସମସ୍ତେ ଅନୁରୋଧ କରିଛନ୍ତି।

## ରବିଧାନ ପରିବହନ ସମସ୍ୟାକୁ ନେଇ ସମୀକ୍ଷା ବୈଠକ

# ପଦକ୍ଷେପ ପାଇଁ ଆର୍‌ଟିଓଙ୍କୁ କଡ଼ା ନିର୍ଦ୍ଦେଶ

ଜୟପୁର, ୧୮।୬(ସମିସ)

କୋରାପୁଟ ଜିଲ୍ଲାରେ ଚାଷୀଙ୍କ ଅମଳ ରବିଧାନ ମଣ୍ଡିରେ କ୍ରୟ କରାଯାଉଥିଲେ ମଧ୍ୟ ନିୟୋଜିତ କଷ୍ଟମ ମିଲର୍ସଙ୍କ ମିଲକୁ ପରିବହନ ହୋଇପାରୁନାହିଁ। ଧାନ ପରିବହନ ପାଇଁ ଆବଶ୍ୟକ ଟ୍ରକ ଯୋଗାଣ ହୋଇପାରୁନଥିବା ଯୋଗୁଁ ମଣ୍ଡି ଏବଂ ଚାଷୀଙ୍କ ଗୃହ ଓ ଗୋଦାମରେ ଧାନ ପଡ଼ିରହିଛି। ଦୀର୍ଘ ୧୦ରୁ ୧୫ ଦିନ ପର୍ଯ୍ୟନ୍ତ ଏହିପରି ଧାନ ରହିଯାଇଥିବା ଯୋଗୁଁ ଚାଷୀ ଧାନ ବିକ୍ରି କରିଥିଲେ ସୁଦ୍ଧା କଷ୍ଟମ ମଲିର୍ସଙ୍କ ଧାନ ଗ୍ରହଣ ସାର୍ଟିଫିକେଟ ଦେଉନାହାନ୍ତି। ତେଣୁ ଚାଷୀଙ୍କ ବିକ୍ରି ଧାନ ବାବଦକୁ ଟଙ୍କା ମିଳିପାରୁନାହିଁ। ଏହିପରି ପରିବହନ ସମସ୍ୟାକୁ ନେଇ ଆଜି 'ସକାଳ'ରେ ଏକ ବିସ୍ତୃତ ଖବର ପ୍ରକାଶ ପାଇବା ପରେ ଜିଲ୍ଲା ପ୍ରଶାସନ ଏହାକୁ ଗୁରୁତର ସହ ନେଇଛନ୍ତି। ଆଜି ପୂର୍ବାହ୍ନରେ ଜୟପୁର ଉପଜିଲ୍ଲାପାଳ ଏ.ଶଶ୍ୟା ରେଡ୍ଡି ସ୍ଥାନୀୟ ଜିଲ୍ଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ମଣ୍ଡିର ଧାନ କ୍ରୟ, କଷ୍ଟମ ମିଲର୍ସଙ୍କ ନିକଟକୁ ଧାନ ପରିବହନ ନେଇ ସମୀକ୍ଷା କରିଥିଲେ। ଏହିପରି ଧାନ ପରିବହନରେ ଟ୍ରକ୍ ସମସ୍ୟାକୁ ନେଇ ସମସ୍ତ ଘଟଣାର ଯାଞ୍ଚ ଓ ତଦନ୍ତ କରିବା ପରେ ଜିଲ୍ଲାପାଳଙ୍କୁ ଅବଗତ କରିଛନ୍ତି। ଜିଲ୍ଲାରେ ଚାଷୀଙ୍କ କ୍ରୟଧାନ କଷ୍ଟମ ମିଲିଂ ଭାବ ଚୁକ୍ତିନାମା କରିଥିବା କଳାହାଣ୍ଡି ଏବଂ ବଲାଙ୍ଗୀର ଜିଲ୍ଲା ମିଲର୍ସଙ୍କ ନିକଟରେ ପରିବହନ କରାଯିବ, ସେଥିନେଇ ସୁବ୍ୟବସ୍ଥା କିରବା ନେଇ ଆଲୋଚନା କରିଥିଲେ। ଜିଲ୍ଲା ପରିବହନ ଅଧିକାରୀଙ୍କୁ ଦାୟୀତ୍ୱ ପ୍ରଦାନ କରାଯାଇ ଜିଲ୍ଲାର ବିଭିନ୍ନ ସଂଘର ଟ୍ରକ୍ ଗୁଡିକକୁ ନିୟୋଜିତ କରାଯାଇ ଚାଷୀଙ୍କ ଧାନ କଷ୍ଟମ ମିଲର୍ସଙ୍କ ନିକଟରେ ପହଞ୍ଚିବା ନେଇ ତଦାରଖ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। କଳାହାଣ୍ଡି ଓ ବଲାଙ୍ଗୀର ଜିଲ୍ଲାପାଳ ଏବଂ ପରିବହନ ଅଧିକାରୀଙ୍କୁ ମଧ୍ୟ ଏହାର ତଦାରଖ ପାଇଁ ସୂଚନା ପ୍ରଦାନ କରାଯାଇଛି। କୋରାପୁଟ ଜିଲ୍ଲାରେ ଆଜି ସଂଧ୍ୟା ସୁଦ୍ଧା ଜୟପୁର ଉପଖଣ୍ଡର ୬୦ଟି ମଣ୍ଡିରେ ୩୬୨୭ ପଞ୍ଜିକୃତ ଚାଷୀଙ୍କଠାରୁ ୩ ଲକ୍ଷ ୩୬ ହଜାର ୮୭୫ କୁଇଣ୍ଟାଲ ୪୧ କିଲୋ ଧାନ କ୍ରୟ କରାଯାଇଛି।

**'ସକାଳ'ର ପ୍ରଭାବ**

ସୂଚନାଯୋଗ୍ୟ, କୋରାପୁଟ ଜିଲ୍ଲାରେ ଚାଷୀ ମାନେ ମଣ୍ଡିରେ ଧାନ ବିକ୍ରି କରୁଥିଲେ ସୁଦ୍ଧା କଷ୍ଟମ ମିଲର୍ସଙ୍କ ନିକଟରୁ ଧାନ ପରିବହନ ନେଇ ଚିନ୍ତାରେ ରହିଛନ୍ତି। ଏହିପରି ଧାନ ଗ୍ରହଣ କରୁଥିବା ମିଲର୍ସଙ୍କ ଏଜେଣ୍ଟ ମାନେ ଟ୍ରକ ନିୟୋଜିତ ଦାୟିତ୍ୱରେ ରହୁଥିଲେ। ଏହିପରି ଚାଷୀଙ୍କ ଧାନ ବୋଝେଇ ନେଇ ଚାଷୀଙ୍କ ଏକ ସୂଚୀ ପ୍ରଦାନ କରାଯାଇ ପଠାଯାଉଥିଲେ ସୁଦ୍ଧା ଟ୍ରକ୍ ସୂଚୀ ଅନୁଯାୟୀ ଚାଷୀଙ୍କ ନିକଟରେ ପହଞ୍ଚି ପାରୁନାହିଁ। ଅନ୍ୟାନ୍ୟ କିଛି ଦଲାଲ ଏବଂ ମିଲର୍ସ ଏଜେଣ୍ଟ ମାନେ ଟ୍ରକ୍ କର୍ମଚାରୀ ଓ ମାଲିକଙ୍କୁ ଆପାୟିତ କରିବା ସହ ନିଜର ଏବଂ ନିଜସ୍ୱ ଚାଷୀଙ୍କ କ୍ରୟ କରାଯାଉଥିବା ଧାନ ପରିବହନ ନେଇ ଉକ୍ତ ଟ୍ରକ୍‌କୁ ନେଇ ଧାନ ବୋଝେଇ କରୁଛନ୍ତି। କେବଳ ବଡ ବଡ ଚାଷୀଙ୍କ ଧାନ ବୋଝେଇ ହୋଇ ଧାନ କଷ୍ଟମ ମିଲକୁ ଯୋଗାଣ ହେଉଥିଲେ ସୁଦ୍ଧା ଛୋଟ ଓ ମଧ୍ୟମ ଚାଷୀଙ୍କ ଧାନ ପରିବହନ ହୋଇ ପାରୁନାହିଁ। ଆଗକୁ ବର୍ଷା ବୃଦ୍ଧି ହେବାର ଆଶଙ୍କା ଥିବାରୁ ଚାଷୀ ଚିନ୍ତାରେ ପଡ଼ିଛନ୍ତି। ଚାଷୀ ମାନେ ଧାନ ବିକ୍ରି କରିଥିଲେ ସୁଦ୍ଧା ବର୍ଷାରେ ସେମାନଙ୍କ ଫସଲରେ ଆଦ୍ରତା ବୃଦ୍ଧି ପାଇବ ଏବଂ କଷ୍ଟମ ମିଲରେ ଧାନକୁ ପୁଣି ଯାଞ୍ଚ କରିବା ସହ ଅଧିକ ଆଦ୍ରତା ଦର୍ଶାଇ କଟନୀଛଟନୀର ପରିମାଣ ବଢ଼ାଇବା ପାଇଁ ମିଲ ମାଲିକ ବାଧ କରିବେ ବୋଲି ଚାଷୀ ଆଶଙ୍କା କରୁଛନ୍ତି। ଚାଷୀଙ୍କ ଅମଳ ଧାନ ପରିବହନ ସମସ୍ୟାକୁ ନେଇ କୃଷକ କଲ୍ୟାଣ ମଞ୍ଚ ପକ୍ଷରୁ ଦୁଇଦିନ ପୂର୍ବରୁ ଜିଲ୍ଲାପାଳଙ୍କୁ ସାକ୍ଷାତ କରାଯାଇଥିବା ବେଳେ ଗତକାଲି ସଂଧ୍ୟାରେ ଏକ ଚାଷୀ ଦଳ ଜିଲ୍ଲାପାଳଙ୍କୁ ସାକ୍ଷାତ କରିବା ସହ ସ୍ଥାନୀୟ କିଛି ମିଲର୍ସଙ୍କୁ ଧାନ କଷ୍ଟମ ମିଲିଂ ପାଇଁ ସୁଯୋଗ ଦେବାକୁ ଅନୁରୋଧ କରିଥିଲେ। କିନ୍ତୁ ଚଳିତ ବର୍ଷ ରବିଧାନ କଷ୍ଟମ ମିଲିଂରେ ସାମିଲ ନ ହେବା ନେଇ କୋରାପୁଟ ଜିଲ୍ଲା ମିଲର୍ସ ଲିଖିତ ଭାବେ ଜଣାଇଥିବା ଯୋଗୁଁ ଏହା ଗ୍ରହଣ ଯୋଗ୍ୟ ହୋଇପାରିବ ନାହିଁ ବୋଲି ଜିଲ୍ଲାପାଳ ଭି. କିର୍ତ୍ତୀଭାସନ ଚାଷୀଙ୍କ ମାନଙ୍କୁ ସ୍ୱଷ୍ଟ ଭାବେ ଜଣାଇଥିଲେ। ଚାଷୀଙ୍କ ସମସ୍ତ ଧାନ କଳାହାଣ୍ଡି ଏବଂ ବଲାଙ୍ଗୀର ଜିଲ୍ଲା ମିଲକୁ ପରିବହନ ନେଇ ଜିଲ୍ଲାପ୍ରଶାସନ ଦୃଢ ପଦକ୍ଷପ ଗ୍ରହଣ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ମଣ୍ଡେଇ ପଡ଼ିଆରେ ଯୁବ ସମାବେଶ



ନବରଙ୍ଗପୁର, ୧୮।୬(ସମିସ): ସ୍ଥାନୀୟ ନୂତନ ମଣ୍ଡେଇ ପଡ଼ିଆ ଠାରେ ବିକାଶ ମେଳା ୨୦୨୫ ପାଳନ ଅବସରରେ ସମଗ୍ର ଶିକ୍ଷା ବିଭାଗ ନିପୁଣ ଓଡ଼ିଶା ଏବଂ ଦକ୍ଷତା ବିକାଶ ବିଭାଗ ତରଫରୁ ବିଭାଗୀୟ ବିଭିନ୍ନ ଯୋଜନା ବିଷୟରେ ଏକ ତଥ୍ୟ ଭିତ୍ତିକ ସୁଚନା ଭିଡିଓ ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା। ନନ୍ଦାହାଣ୍ଡି ଗୋଷ୍ଠୀ ସମ୍ବଳ ଶିକ୍ଷକ ସୁରଜ କୁମାର ପାତ୍ର ନିପୁଣ ଓଡ଼ିଶା ଉପରେ ବିଭିନ୍ନ ସରକାରୀ ସୂଚନା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷାଧିକାରୀ ଛତ୍ରପତି ସାହୁ, ଡିଆଇପିଆର୍‌ଓ ମନୋଜ କୁମାର ବେହେରା, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ, ୧୦ଟି ବ୍ଲକର ଗୋଷ୍ଠୀ ଶିକ୍ଷାଧିକାରୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ, ସିଆର୍‌ସିସି, ଶିକ୍ଷକ, ଶିକ୍ଷୟିତ୍ରୀ, ଜିଲ୍ଲା ସମଗ୍ର ଶିକ୍ଷା କାର୍ଯ୍ୟାଳୟର ସମସ୍ତ କାର୍ଯ୍ୟକର୍ତ୍ତା, ଏକଲବ୍ୟ ବିଦ୍ୟାଳୟ, ମଡ଼େଲ ଡିଗ୍ରୀ ମହାବିଦ୍ୟାଳୟ ଓ ପଲିଟେକ୍ନିକ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଶିକ୍ଷା ବିଭାଗର ବିଗତ ବର୍ଷର ଉପଲବ୍ଧି ଉପସ୍ଥାପନ କରାଯାଇଥିଲା। ଜିଲ୍ଲା ନିୟୋଜନ ଓ ଦକ୍ଷତା ବିକାଶ ଅଧିକାରୀ ଆନନ୍ଦ ପଲେଇଙ୍କ ଦ୍ୱାରା ନିୟୋଜନ ଓ ଦକ୍ଷତା ବିକାଶ କ୍ଷେତ୍ରରେ ନିଆଯାଉଥିବା ପଦକ୍ଷେପ ବିଷୟରେ ସବିଶେଷ ବିବରଣୀ ପ୍ରଦାନ କରାଯାଇଥିଲା।

# କଳାବ୍ୟାଜ୍ ପିନ୍ଧି ପ୍ରତିବାଦକଲେ ବନ କର୍ମଚାରୀ



ସେମିଳିଗୁଡ଼ା, ୧୮।୬ (ସମିସ): ବିଭିନ୍ନ ଦାବି ପୂରଣ କରିବା ପାଇଁ କୋରାପୁଟ ଜିଲ୍ଲାର ସେମିଳିଗୁଡା ବନ କର୍ମଚାରୀ ମାନେ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ କରୁଛିନ୍ତି। ଓଡ଼ିଶା ଅଣଗେଜେଟେଡ୍ ସେବା ସଂଘର ନିଷ୍ପତ୍ତିରେ ସେମିଳିଗୁଡ଼ା ବନ ବିଭାଗ ଅଣଗେଜେଟେଡ୍ କ୍ଷେତ୍ର କର୍ମଚାରୀମାନେ ୩ ଦଫା ଦାବି ନେଇ କାର୍ଯ୍ୟାଳୟ ସମ୍ମୁଖରେ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ କରିଛନ୍ତି। ଚଳିତ ମାସ ୧୫ରୁ କଳାବ୍ୟାଜ୍ ପିନ୍ଧି କାର୍ଯ୍ୟରତ ଥିବା ଓ ଏହା ଆସନ୍ତା ୨୧ ତାରିଖ ଯାଏ ଚାଲିବ ବୋଲି ନିଷ୍ପତି ହେଇଥିବା ବନ କର୍ମଚାରୀ କହିଛନ୍ତି। ଦାବି ୨୨ରୁ ଅନିର୍ଦ୍ଦିଷ୍ଟ ପୂରଣ ନ ହେଲେ କାର୍ଯ୍ୟ ବ ବନ୍ଦ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ବି ନିଆଯାଇଥିବା କୋରାପୁଟ ଅଣଗେଜେଟେଡ୍ ବନ ସେବା ସଂଘ ସମ୍ପାଦକ ଧବଳେଶ୍ୱର ସାହୁ ସୂଚନା ଦେଇଛନ୍ତି। ବନ କର୍ମଚାରୀ ମାନେ କଳାବ୍ୟାଜ୍ ପିନ୍ଧି ସେମିଳିଗୁଡା ରେଞ୍ଜ କାର୍ଯ୍ୟାଳୟ ଆଗରେ ପ୍ରତିବାଦ କରି ନିଜ ଦାବି ତୁରନ୍ତ ପୂରଣ କରିବା ପାଇଁ ନିବେଦନ କରିଛନ୍ତି।

# ବିପର୍ଯ୍ୟୟ ପରିଚାଳନା ନେଇ ବୈଠକ

ନବରଙ୍ଗପୁର, ୧୮।୬(ସମିସ): ନବରଙ୍ଗପୁର ଜିଲ୍ଲାପାଳ ଡା. ଶୁଭଙ୍କର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଟେବୁଲ ଟପ୍ ଏକ୍ସର୍ ସାଇଜ ଏବଂ ମକଡ୍ରିଲ ବୈଠକ ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ମକ୍ ଡ୍ରିଲ୍ ପ୍ରଥମେ ଜିଲ୍ଲାସ୍ତରୀୟ ଏବଂ ଅପରାହ୍ନରେ ଜିଲ୍ଲାର ସମସ୍ତ ବ୍ଲକ ଏବଂ ପୌରାଞ୍ଚଳ ସ୍ତରରେ ଟେବୁଲ ଟପ୍ ଏକ୍ସରସାଇଜ୍ ଏବଂ ୧୯ ତାରିଖରେ

**● ଅନ୍ତର୍ଜାତୀୟ ଯୋଗ ଦିବସ ପାଇଁ ପ୍ରସ୍ତୁତି**

ଜିଲ୍ଲାର ସମସ୍ତ ବାତ୍ୟା ଆଶ୍ରୟସ୍ଥଳୀରେ ମକ ଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବନ୍ୟା ବାତ୍ୟା ଭଳି ଆକସ୍ମିକ ପ୍ରାକୃତିକ ବିପର୍ଯ୍ୟୟ ରୁ ଧନ ଜୀବନ କୁ ରକ୍ଷା କରି ଶୂନ୍ୟ ମୃତ୍ୟୁ ଆଭିମୁଖ୍ୟ କୁ ସାକାର କରିବା ପାଇଁ ପ୍ରସ୍ତୁତି କୁ ସଦା ସର୍ବଦା ସଜାଗ ରହିବା ପାଇଁ ବିଭିନ୍ନ ଦିଗକୁ ନେଇ ଏହି ବୈଠକରେ ଆଲୋଚନା କରାଯାଇଥିଲା। ଜିଲ୍ଲାପାଳ ସମସ୍ତ ଅଧିକାରୀଙ୍କୁ ଦାୟିତ୍ୱବାନ ହେବା ସହ କିଭଳି ଧନ ଜନ କୁ ରକ୍ଷା କରିବାରେ ଉଚିତ ପରିଚାଳନା କରିବେ ଓ କତୃପକ୍ଷଙ୍କୁ ତତ୍କ୍ଷଣାତ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଅତିରିକ୍ତ ଜିଲ୍ଲାପାଳ ବିଶ୍ୱଜିତ ବର୍ମନ, ଉପ ଜିଲ୍ଲାପାଳ ପ୍ରକାଶ ଚନ୍ଦ୍ର ମିଶ୍ର, ଜିଲ୍ଲା ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଯଦୁମଣି ନାୟକ, ସମସ୍ତ ଜିଲ୍ଲା ଅତିରିକ୍ତ କୃଷି ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ନିର୍ବାହୀ ଅଧିକାରୀ ପୌରାଞ୍ଚଳ ନବରଙ୍ଗପୁର ଡ ଅଶୋକ କୁମାର କର୍ଣ୍ଣ, ଉମରକୋଟ ପୌରପାଳିକା ନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ, ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ଜିଲ୍ଲା ପ୍ରାଣୀ ଧନ ଚିକିତ୍ସା ଅଧିକାରୀ ଡ ପ୍ରଶାନ୍ତ କୁମାର ସାମଲ, ଜିଲ୍ଲା ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଗୀତାଞ୍ଜଳି ବେହେରା, ଜିଲ୍ଲା କ୍ରୀଡ଼ା ଅଧିକାରୀ ସମୀର ପାତ୍ର, ଜିଲ୍ଲା ଜରୁରୀକାଳୀନ ବିଭାଗ ର ଜିଲ୍ଲା ପ୍ରକଳ୍ପ ଅଧିକାରୀ ହିମାଂଶୁ ଶେଖର ପଟନାୟକ, ଏସ ଓ ତିରୁପତି ବାଲାଜୀ ସାହୁ, ଉପଖଣ୍ଡୀୟ ଆରକ୍ଷୀ ଅଧିକ୍ଷକ ବିନୋଦ ଲାକ୍ରା, ଅବକାରୀ ଅଧିକ୍ଷକ ପ୍ରଭାସ କୁମାର ଦାସ, ଜିଲ୍ଲା ସୁଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା, ଅଗ୍ନିଶ୍ରମ ଅଧିକାରୀ, ଜିଲ୍ଲା ପଞ୍ଚାୟତ ଅଧିକାରୀ ପଦ୍ମନାଭ ତ୍ରିପାଠୀ, ଏଡିଏମଓ ( ପିଏଚ୍) ଡ.ମଳୟ କୁମାର ତ୍ରିପାଠୀ ଏବଂ ଡ. ନବ କିଶୋର ବେହେରା, ସି ଏସ ଓ ଙ୍କ ସମେତ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ଏହି କାର୍ଯ୍ୟକ୍ରମ ସରିବ। ପରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଆସନ୍ତା ୨୧ ତାରିଖ ରେ ନୂତନ ମଣ୍ଡେଇ ପଡ଼ିଆ ରେ ଅନୁଷ୍ଠିତ ହେବାକୁ ଥିବା ଆନ୍ତର୍ଜାତୀୟ ଯୋଗ ଦିବସ -୨୦୨୫ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା କ୍ରୀଡ଼ା ଅଧିକାରୀ ସମୀର ପାତ୍ରଙ୍କ ସୁଚନା ଅନୁସାରେ ୨୧ ତାରିଖ ଦିନ ସକାଳ ୭.୦୦ ଘ ଠାରୁ ୮.୦୦ ଘ ପର୍ଯ୍ୟନ୍ତ ଯୋଗ କାର୍ଯ୍ୟକ୍ରମ ହେବ। ଏହି କାର୍ଯ୍ୟକ୍ରମରେ ସହରର ସମସ୍ତ ସ୍କୁଲ୍ ଓ କଲେଜ ଛାତ୍ରଛାତ୍ରୀ, ସରକାରୀ କର୍ମଚାରୀ, ସେଚ୍ଛାସେବୀ ଅନୁଷ୍ଠାନର ସଭ୍ୟ, ସହରର ବୁଦ୍ଧିଜୀବୀ, ଗଣ ମାଧ୍ୟମ ପ୍ରତିନିଧି, ଇଚ୍ଛୁକ ଜନ ସାଧାରଣ, ଜନ ପ୍ରତିନିଧି ସମସ୍ତେ ଏହି କାର୍ଯ୍ୟକ୍ରମ ରେ ଭାଗ ନେବାକୁ ଅନୁରୋଧ କରାଯିବ ବୋଲି ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଅଧିକାରୀ ମନୋଜ କୁମାର ବେହେରା ସୂଚନା ଦେଇଛନ୍ତି।

## ■ ଚାଲିଛି ରଥ ନିର୍ମାଣ କାର୍ଯ୍ୟ

# ଉଠିଲା ରଥର ଚାରି ନାହାକା



ନବରଙ୍ଗପୁର, ୧୮।୬(ସମିସ): ନବରଙ୍ଗପୁର ଶ୍ରୀଜୀଉଙ୍କ ରଥର ଉଠିଲା ଚାରି ନାହାକ। ଜୋରଦାର ଚାଲିଛି ରଥ ନିର୍ମାଣ କାର୍ଯ୍ୟ। ଚଳିତ ବର୍ଷ ନବରଙ୍ଗପୁର ଦେବୋତ୍ତର ବିଭାଗ ଏବଂ ନବରଙ୍ଗପୁର ଶ୍ରୀ ଜଗନ୍ନାଥ ନୀତି ପରିଚାଳନା ନିଯୋଗ, ପୋଲିସ ବିଭାଗ ଏବଂ ପୌର ପରିଷଦ ଏବଂ ଶ୍ରୀ ଜଗନ୍ନାଥ ଙ୍କ ରଥ ଯାତ୍ରାରେ ନିୟୋଜିତ ବିଭିନ୍ନ ସେବାୟତ ମଣ୍ଡଳୀଙ୍କୁ ନେଇ ଦୁଇ ତିନି ଥର ରଥଯାତ୍ରାର ସୁପରିଚାଳନା ନେଇ ପ୍ରସ୍ତୁତି ବୈଠକ ମଧ୍ୟ ସରିଛି। ସମସ୍ତ ନୀତି କାନ୍ତି ଯେପରି ଠିକ୍ ଭାବରେ ଏବଂ ଠିକ୍ ସମୟରେ ହେବ ସେନେଇ ରାଜ ପୁରୋହିତ ନରସିଂହ ନାଥ ତ୍ରିପାଠୀ ଏବଂ ଶ୍ରୀଜଗନ୍ନାଥ ନୀତି ପରିଚାଳନା ନିଯୋଗ ଆଲୋଚନା କରିଛନ୍ତି। ବହୁ ନିଷ୍ଠାର ସହ ରଥ ମହାରଣା କାରିଗର ମାନେ ପ୍ରଚଣ୍ଡ ଖରା ବର୍ଷା ସତ୍ତ୍ୱେ କାର୍ଯ୍ୟ କରୁଥିବା ନବରଙ୍ଗପୁର ଶ୍ରୀଜୀଉଙ୍କ ୧୨ଚକିଆ ରଥ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଜଗନ୍ନାଥଙ୍କ ମହାରଣା ସେବକ କହିଛନ୍ତି।

# ବାଟରେ ଆଣ୍ଠେଇଲା ବିକାଶ ବାର୍ତ୍ତା ଗାଡ଼ି

ପୋଡ଼ାଗଡ଼, ୧୮।୬(ସମିସ): ଜିଲ୍ଲାରେ ବିକାଶ ମେଳା ଆୟୋଜନ କରାଯାଉଥିବା ବେଳେ ବିକାଶ ବାହନ ଗାଡ଼ି ବିଭିନ୍ନ ସହର ଓ ଗ୍ରାମାଞ୍ଚଳରେ ବୁଲୁଛି। କିନ୍ତୁ ଉତ୍ତର ପ୍ରଦେଶ ରାଜ୍ୟର ପଞ୍ଜିକରଣ ଥିବା ଏକ ବିକାଶ ବାର୍ତ୍ତା ଗାଡ଼ି ପରଜା ପୁକି ଠାରେ ଆଣ୍ଠେଇ ଥିଲା। ଏଥିରେ ଥିବା କର୍ମଚାରୀ ମାନେ ଗାଡ଼ିକୁ ଠେଲୁଥିବା ଦେଖି ଲୋକମାନେ ଟାହିଟାପୁରା କରୁଥିଲେ। ଓଡ଼ିଶା ରାଜ୍ୟରେ ବିକାଶ ମେଳା କରାଯାଉଛି କିନ୍ତୁ ଗାଡ଼ି ଭଡ଼ାରେ ଅଣାଯାଇଛି ଅନ୍ୟ ପ୍ରଦେଶରୁ। ଏହା କି ପ୍ରକାର କାର୍ଯ୍ୟ ବୋଲି ସାଧାରଣରେ ଆଲୋଚନାର ବିଷୟ ହୋଇଛି। ଲୋକଙ୍କ ଟିକସ ଅର୍ଥରୁ ଏପରି ଖର୍ଚ୍ଚ କରିବା ଆଦୌ ଠିକ୍ ନୁହେଁ ବୋଲି ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା କହିଛନ୍ତି। ଗୋଟିଏ ବର୍ଷରେ ସେମାନେ କଣ ବିକାଶ କରିଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ଏହା କେବଳ ଅଯଥା ଅର୍ଥ ଖର୍ଚ୍ଚ କରିବା ଏବଂ ଅଫିସର ମାନଙ୍କୁ ନିଜ କାମ ଛାଡି ବିକାଶ ମେଳାରେ ନିୟୋଜନ କରିବା ଏକ ପ୍ରହସନ ବୋଲି ସେ କହିଛନ୍ତି। ସଚେତନ ଗାଡ଼ି କାହିଁକି ବାହାର ରାଜ୍ୟରୁ ଅଣାଗଲା ବୋଲି ସେ ପ୍ରଶ୍ନ କରିବା ସହ ଏହାକୁ ନେଇ ଆଗାମୀ ବିଧାନସଭା ଅଧିବେଶନରେ ଉପସ୍ଥାପନା କରାଯିବ ବୋଲି ସେ କହିଛନ୍ତି।

# ସୋସିଆଲ୍ ମିଡିଆରେ ସାମ୍ବାଦିକଙ୍କ ପ୍ରତି ଅଶାଳୀନ ମନ୍ତବ୍ୟକୁ ନିନ୍ଦା



ପାପଡ଼ାହାଣ୍ଡି ୧୮।୬(ସମିସ): ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ବ୍ଲକ ମୈଦଲପୁରଠାରେ ମୈଦଲପୁର ଲ୍ୟାମ୍ପସରେ ହେରଫେର ଓ ଅନିୟମିତତା ହେବା ନେଇ ଲ୍ୟାମ୍ପସର ୫ ଜଣ ଡାଇରେକ୍ଟର ଗତ ୧୬ ତାରିଖ ଦିନ ସାମ୍ବାଦିକଙ୍କୁ କୌଣସି ଲିଖିତ ଭାବେ ନଜଣାଇ ଏକ ସାମ୍ବାଦିକ ସମ୍ମିଳନୀ କରିଥିଲେ। ଅନୁରୋଧ ରକ୍ଷା କରି ସମସ୍ତ ସାମ୍ବାଦିକ ଖବର ସଂଗ୍ରହ କରିବା ପାଇଁ ଉକ୍ତ ସମ୍ମିଳନୀରେ ଉପସ୍ଥିତ ରହିଥିଲେ। ସାମ୍ବାଦିକ ସମ୍ମିଳନୀର ଖବର କିଛି ଗଣମଧ୍ୟମରେ ପ୍ରକାଶିତ ହେବା ସହ କିଛି ଗଣ ମାଧ୍ୟମରେ ପ୍ରକାଶ ନହେବା ହେତୁ ଡାଇରେକ୍ଟର ମହେଶ୍ୱର ବାଗ ସୋସିଆଲ ମିଡ଼ିଆରେ ସାମ୍ବାଦିକ ପ୍ରତି ଆପତ୍ତିଜନକ ମନ୍ତବ୍ୟ ଦେଇ ସମାଲୋଚନା କରିବା ସହ ସାମ୍ବାଦିକଙ୍କୁ ତାଚ୍ଛଲ୍ୟ କରିଥିଲେ। ଉକ୍ତ ପୋଷ୍ଟରେ ଶ୍ରୀ ବାଗ ସାମ୍ବାଦିକଙ୍କୁ କିଣା ସାମ୍ବାଦିକ, ଲୋଭାଶକ୍ତ, ଶସ୍ତା ସାମ୍ବାଦିକ ବୋଲି ବହୁ କଟୁ ମନ୍ତବ୍ୟ ଦେଇଥିଲେ। ଯାହାକୁ ନେଇ ସାମ୍ବାଦିକ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଆଜି ପାପଡ଼ାହାଣ୍ଡି ପ୍ରେସ କ୍ଲବ ସଭାପତି ଏନ ଜନାର୍ଦ୍ଦନ ରାଓଙ୍କ ସଭାପତତ୍ୱରେ ପାପଡ଼ାହାଣ୍ଡି ଥାନା ଅଧିକାରୀ ଦୀପକ କୁମାର ଜେନାଙ୍କୁ ଏକ ଲିଖିତ ଏତଲା ଦିଆଯାଇଛି। ଏଣୁ ଦୋଷୀଙ୍କ ବିରୋଧରେ ଦୃଢ କାର୍ଯାନୁଷ୍ଠାନ ଗ୍ରହଣ କରିବା ପାଇଁ ସାମ୍ବାଦିକ ସ୍ୱପ୍ନଜିତ ପଟ୍ଟନାୟକ, ସୁଜିତ୍ ନାୟକ, ଆକାଶ ବିଷୋୟୀ, କୈଳାସ ଚନ୍ଦ୍ର ବିଷୋୟୀ, ପ୍ରବୀଣ ସତନାମି, ଗୌତମ ଅଗ୍ରୱାଲ, ସନ୍ତୋଷ ସାହୁ, ନିର୍ମଳ ବିଷୋୟୀ, ଅନିଲ ଭତ୍ରା, ସନ୍ତୋଷ ପାଣିଗ୍ରାହୀ, ଗୁଫରାନ, କିଶୋର ବିଷୋୟୀ, ବିଜୟ ବିଷୋୟୀ, ସୀତାକାନ୍ତ ବିଷୋୟୀ, ରାମ, ନନ୍ଦ କୁମାର ବିଷୋୟୀ ଓ ରବୀନ୍ଦ୍ର ପାଲ ପ୍ରମୁଖ ଅଭିଯୋଗ କରିଛନ୍ତି।

## ଗୁପ୍ତେଶ୍ୱର ଆୟୁର୍ବେଦିକ ଗବେଷଣା କେନ୍ଦ୍ରର ପ୍ରସ୍ତୁତି

# ଜଳବାୟୁ ପରିବର୍ତ୍ତନ ରୋକିବ ସିଡ୍ ବଲ୍

ସେମିଳିଗୁଡ଼ା, ୧୮।୬ (ସମିସ)







ଜଙ୍ଗଲ ନଷ୍ଟ ହେବା ଦ୍ୱାରା ଦିନକୁ ଦିନ ଜଳବାୟୁ ପରିବର୍ତ୍ତନ ହେଉଛି। ଏହାଦ୍ୱାରା ଜୈବ ବିବିଧତା ନଷ୍ଟ ହେଉଛି। ସେଥିପାଇଁ ଜଳବାୟୁ ପରିବର୍ତ୍ତନ, ପ୍ରଦୂଷଣ ରୋକିବା ସହ ଔଷଧୀୟ ଜଙ୍ଗଲ ବୃଦ୍ଧି ପାଇଁ କୋରାପୁଟ ଜିଲ୍ଲାର ସେମିଳିଗୁଡା ବ୍ଲକ ତେନ୍ତୁଳିଗୁଡାର ଅଧିବାସୀ ଗବେଷକ ହରି ପାଙ୍ଗି ପ୍ରାୟାସ କରୁଛନ୍ତି। ଗତ ବର୍ଷ ଦେଓମାଳି ଅଞ୍ଚଳରେ ଥିବା ବିଭିନ୍ନ ପାହାଡ଼, ପର୍ବତ, ଗାଁ ଗଣ୍ଡାରେ ଲକ୍ଷାଧିକ ଔଷଧୀୟ ବୃକ୍ଷ ଓ ବର୍ଷା ସୃଷ୍ଟିକାରୀ ବୃକ୍ଷ ଲାଗାଇ ଥିଲେ। ଦେଓମାଳିର ଔଷଧୀୟ ସମ୍ପଦକୁ ପରଖୁଥିବା ଆଦିବାସୀ ଗବେଷକ ହରି ପାଙ୍ଗିଙ୍କ ନେତୃତ୍ୱରେ ଏହି ଅଞ୍ଚଳରେ ପାରମ୍ପରିକ ବୈଦ୍ୟ, ଯୁବପିଢିଙ୍କ ମାଧ୍ୟମରେ ଏହି କାର୍ଯ୍ୟ ସମ୍ପାଦିତ ହେଲା। ଚଳିତ ବର୍ଷ ମଧ୍ୟ ହରିଙ୍କ ଦ୍ୱାରା ୧୫୦୦୦୦ ସିଡ୍ ବଲ ୩୦ ପାହାଡ଼ରେ ପିଙ୍ଗିବା ପାଇ ସେ ଲକ୍ଷ୍ୟ ରଖାଯାଇଛି। ତେନ୍ତୁଳିଗୁଡା ଠାରେ ଥିବା ଗୁପ୍ତେଶ୍ୱର ଆୟୁର୍ବେଦିକ ବୃକ୍ଷ ଗବେଷଣା କେନ୍ଦ୍ରରେ ସ୍ୱତନ୍ତ୍ର ଜୈବିକ ପଦ୍ଧତିରେ ଗୁଳା ତିଆରି କରି ଜଙ୍ଗଲକୁ ଫିଙ୍ଗା ଯାଉଥିଲା। ହରି ପାଙ୍ଗି ଆମେରିକାରେ ସରକାରଙ୍କ ଦ୍ୱାରା ଗତ ବର୍ଷ ଆୟୋଜିତ ଇଣ୍ଟରନ୍ୟାସନାଲ ଭିଜିଟର୍ସ ଲିଡରସିପ୍ ଟ୍ରେନିଂ ପ୍ରୋଗ୍ରାମ ଅନ୍ତର୍ଗତ ଜଳବାୟୁ ପରିବର୍ତ୍ତନ ତଥା ଜୈବ ବିବିଧତା ବିଷୟରେ ଅନୁଷ୍ଠିତ ହୋଇଥିବା ଅନ୍ତର୍ଜାତୀୟ ସମ୍ମିଳନୀରେ ଯୋଗ ଦେଇଥିଲେ। ନିଜ ଅଞ୍ଚଳରେ ଥିବା ପ୍ରାକୃତିକ ସମ୍ପଦ, ଜୈବ ବିବିଧତା ଓ ବୃକ୍ଷଲତାର ଔଷଧୀୟ ଗୁଣ ସମ୍ପର୍କରେ ଛାତ୍ରଛାତ୍ରୀ ଅଜ୍ଞ ରହିଯାଉଛନ୍ତି ବୋଲି ହରି କ୍ଷୋଭ ପ୍ରକାଶ କରିଛନ୍ତି। ସରକାରୀ ଓ ବେସରକାରୀ ସଂଗଠନ ଗୁଡିକର ଅକ୍ଳାନ୍ତ ଉଦ୍ୟମ ଓ ବଢୁଥିବା ଜନସଚେତନତାର ଫଳ ସ୍ୱରୂପ କୋରାପୁଟ ଜିଲ୍ଲାର ପାହାଡ଼ ପର୍ବତରେ ଜଙ୍ଗଲ ବଢ଼ିବାରେ ଲାଗିଛି। କିନ୍ତୁ ଜଙ୍ଗଲ ମଧ୍ୟରେ ବିଷଲ୍ୟକରଣୀ, ଗଙ୍ଗଶିଉଳି, କୋଚିଲା, ଗୁଡ଼ମାରି ଭଳି ପାରମ୍ପରିକ ଔଷଧୀୟ ଗୁଳ୍ମ ଓ ଅଶୋକ ଭଳି ଔଷଧୀୟ ବୃକ୍ଷର ଅଭାବ ଦେଖାଯାଇଥିବା ଯୋଗୁଁ ଏ ନେଇ ସେ ଚିନ୍ତା ପ୍ରକାଶ କରିଛନ୍ତି। ଜୈବ ବିବିଧତାର ଗନ୍ତାଘର ଭାବରେ ପରିଚିତ ଦେଓମାଳି ଅଞ୍ଚଳରେ ଔଷଧୀୟ ବୃକ୍ଷ ତିଆରି ପାଇଁ ହରି ପାଙ୍ଗି ଉଦ୍ୟମ ଆରମ୍ଭ କରିଥିଲେ। ଗ୍ରାମବାସୀଙ୍କ ଦ୍ୱାରା ବିହନ ଗୁଳା ବା ସିଡ ବଲ ମାଧ୍ୟମରେ ଏହି ସମସ୍ତ ଲୁପ୍ତପ୍ରାୟ ବୃକ୍ଷର ମଞ୍ଜିକୁ ଫିଙ୍ଗି ଦିଆଯାଉଛି। ଫଳରେ ଖାଲି ସ୍ଥାନ ଗୁଡ଼ିକରେ ଗଛ ଉଠି ପାରିବ ବୋଲି ହରି ପାଙ୍ଗୀ ଭାବିଥିଲେ। ଚକିତ ବର୍ଷ ମଧ୍ୟ ପ୍ରବଳ ଗରମ ହେଇଥିବା ବେଳେ ଏହି ବର୍ଷ ମଧ୍ୟ ସିଡ୍ ବଲ ପିଙ୍ଗିବ ଲାଇ ପାଇଁ ହରି ସ୍ଥିର କରିଥିଲେ। ସେଥିପାଇଁ ଗ୍ରାମର ଯୁବକଙ୍କୁ ସଚେତନ କରୁଛନ୍ତି। ସେମିଳିଗୁଡା ବ୍ଲକର ତେନ୍ତୁଳିଗୁଡା ଠାରେ ଥିବା ଗୁପ୍ତେଶ୍ୱର ଆୟୁର୍ବେଦିକ ବୃକ୍ଷ ଗବେଷଣା କେନ୍ଦ୍ରରେ ସ୍ୱତନ୍ତ୍ର ବିହନ ଗୁଳା ପ୍ରସ୍ତୁତ କରାଯାଉଛି। ମାଟିରେ ଗୋମୂତ୍ର, ଗୋବର, କୋଇଲାକୁ ମିଶାଇ ତାକୁ ଛୋଟ ଛୋଟ ଗୁଳା ଭାବେ ତିଆରି କରି ସେଥିରେ ବିହନକୁ ରଖିବା ପରେ ଶୁଖାଇ ଦିଆଯାଉଛି। ଗୁଳାର ମାଟି ଅଂଶ ଶୁଖିଗଲା ପରେ ସେହି ଗୁଳାକୁ ପାହାଡ଼ ପର୍ବତ, ବୁଦା ଜଙ୍ଗଲ ମଧ୍ୟକୁ ଫିଙ୍ଗି ଦିଆଯାଉଛି। ବର୍ଷା ପାଣି ପଡ଼ିବା ପରେ ଗୁଳା ମଧ୍ୟରେ ଥିବା ମଞ୍ଜି ବୃକ୍ଷ ହୋଇଉଠିବ। ଦେଓମାଳିରେ ପାରମ୍ପରିକ ପଦ୍ଧତିରେ ବୃକ୍ଷରୋପଣ କରିବାକୁ ଲକ୍ଷ୍ୟ ରଖାଯାଇଥିବା ହରି ପାଙ୍ଗି ସୂଚନା ଦେଇଛନ୍ତି।

# ରାସନ୍ କାର୍ଡରେ ନାଁ ଯୋଡ଼ିବା ପାଇଁ ଠେଲାପେଲା

## ■ ପଞ୍ଚାୟତସ୍ତରୀୟ କ୍ୟାମ୍ପ୍ ପାଇଁ ଦାବି

ବୈପାରୀଗୁଡ଼ା, ୧୮।୬(ସମିସ): ରାସନ୍ କାର୍ଡରେ ନୂଆ ନାମ ଯୋଡିବା ପାଇଁ ହନ୍ତସନ୍ତ ହିତାଧିକାରୀ। ଏଣୁ ପଞ୍ଚାୟସ୍ତରୀୟ କ୍ୟାମ୍ପ୍ କରିବା ପାଇଁ ଗ୍ରାମବାସୀ ପକ୍ଷରୁ ଯୋଗାଣ ବିଭାଗକୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବୈପାରୀଗୁଡା ବ୍ଲକ କର୍ଯ୍ୟାଳୟ ପରିସରରେ ଯୋଗାଣ ବିଭାଗ ଅଧିକରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି ଗ୍ରାମବାସୀ। ଦାବି ଅନୁଯାୟୀ, ରାସନ୍ କାର୍ଡରେ ନୂଆ ନାଁ ଯୋଡିବା ପାଇଁ ବ୍ଲକର ୨୦ ପଞ୍ଚାୟତରୁ ଲୋକେ ଆସୁଛନ୍ତି। ଛୋଟ ଛୁଆ ଠାରୁ ବୟସ୍କ ମହିଳା ପୁରୁଷ ଘଣ୍ଟା ଘଣ୍ଟା ଧରି ଜଗିବସିଛନ୍ତି। ଏମିତିକି ଠେଲାପେଲା ପରିସ୍ଥିତି ମଧ୍ୟ ଉପୁଜୁଛି। ବ୍ଲକ କାର୍ଯ୍ୟାଳୟ ପରିସରରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। କିଏ ବ୍ଲକ ମୁଖ୍ୟାଳୟରୁ ୮୦ କିଲୋମିଟର ଦୂର ତେନ୍ତୁଳିଗୁମ୍ମାରୁ ଆସୁଛି ତ ଆଉ କିଏ ୪୦ କିଲୋମିଟର ଦୂର ନଦୀନାଳ ପାହାଡିଆ ଅଞ୍ଚଳରୁ ଆସି ହନ୍ତସନ୍ତ ହେଉଛନ୍ତି। ବ୍ଲକର ୨୦ଟି ପଞ୍ଚାୟତବାସୀ ଏକା ସାଙ୍ଗରେ ଆସି ଯୋଗାଣ ନିରୀକ୍ଷଙ୍କ ନିକଟରେ ଭିଡ କରୁଛନ୍ତି। ହେଲେ ଏହି ଭିଡ଼କୁ ନିୟନ୍ତ୍ରଣ କରିପାରୁନାହାନ୍ତି ଅଧିକାରୀ। ଏଥିପାଇଁ ପଞ୍ଚାୟସ୍ତରୀୟ କ୍ୟାମ୍ପ୍ କରିବା ସହ ରାସନ କାର୍ଡ ନେଇ ହିତାଧିକାରୀଙ୍କ ସମସ୍ୟା ସମାଧାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।



# ଜିଲ୍ଲା ସୀମାନ୍ତ ଗାଁରେ କେତେ ସୁରକ୍ଷିତ ଜଳଉତ୍ସ

- ବ୍ୟାପକ ସଚେତନତା ଲୋଡ଼ା
- ବିଶୋଧନ ହେଉନି ଟାଙ୍କିପାଣି

ରାଜକନିକା,୧୮।୬(ସମିସ)

ପଡ଼ୋଶୀ ଜାଜପୁର ଆଉ ଭଦ୍ରକ ଜିଲ୍ଲାରେ ଡାଇରିଆ ସଂକ୍ରମଣର ଚିଠା ଲମ୍ବି ଲମ୍ବି ଯାଉଥିବା ବେଳେ ରାଜକନିକା ବ୍ଲକର ସୀମାନ୍ତ ଗାଁଗୁଡିକରେ ବିଶେଷ କରି ପିଇବା ପାଣିର ମାନ କିଭଳି ରହିଛି ତାହା ଉପରେ ସ୍ୱାସ୍ଥ୍ୟ ବିଭାଗ ଏଯାଏ ଯାଞ୍ଚ ହୋଇ ନ ଥିବାରୁ ଲୋକଙ୍କ ଭିତରେ ଡାଇରିଆ, ଝାଡାବାନ୍ତି ନେଇ ଆତଙ୍କ ଖେଳିଯାଇଛି। ଯାଜପୁର ଜିଲ୍ଲାର ସୀମାନ୍ତକୁ ଲାଗି ରହିଥିବା ପଧାନପଡା ପଞ୍ଚାୟତର ବାଲିସାହି, ବଡହଳପଡା, ସାର ହଳପଡା, ସିହୋପଡା ହାଟସାହି ପଞ୍ଚାୟତର ବଟରପଡା, ଗହମପାଳ, ଦୋମଣ୍ଡା ପଞ୍ଚାୟତର କନପୁର, ନହୁଣୀ ପଞ୍ଚାୟତ ପଙ୍କି ଗୋପାଳପୁର, ଶୁକଦେବପୁର, ଚରପଡା ପଞ୍ଚାୟତ ଠାକୁରାଣୀପାଳ, ପଣସଗଣ୍ଡ ପଞ୍ଚାୟତ ଫାଜିଲପୁର ଆଦି ଗାଁ ଗୁଡିକରେ ପିଇବା ପାଣିର ଉତ୍ସଗୁଡିକର ନିରୀକ୍ଷଣ ଏଯାବତ୍ ସଠିକ୍ ଭାବେ ହେଉ ନ ଥିବାରୁ ଝାଡାବାନ୍ତି ହେବାର ଆଶଙ୍କା ପ୍ରକାଶ ପାଉଛି। ବହୁ ସ୍ଥାନରେ ଓଭରହେଡ୍ ଟାଙ୍କିର ପାଣି ଲୋକେ ବ୍ୟବହାର କରୁଥିଲେ ବି ପାଣି କେତେ ସୁରକ୍ଷିତ ରହିଛି ସେନେଇ ଅଭିଯୋଗ ହେଉଛି। ଗାଁକୁ ଗାଁ ବିଛା ଯାଇଥିବା ପାଇପ୍ ବି ଫାଟି ବାହାରର ଦୂଷିତ ପାଣି ମିଶୁଥିଲେ ବି ତାହା ପ୍ରତି ମଧ୍ୟ କାହର ନଜର ନାହିଁ। ଏମିତିକି ସେ ଦୂଷିତ ପାଣିକୁ ଲୋକେ ବାଧ ହୋଇ ବ୍ୟବହାର କରୁଛନ୍ତି। ବାଲିସାହିରେ ମଧ୍ୟ ଏକ ସୋଲାର ଟାଙ୍କି ଖୋଲାମେଲା ଥିବାରୁ ସେଥିରେ ପକ୍ଷୀର ମଳ, ପତ୍ର ପଡି ପାଣି ଅବସ୍ଥା ଶୋଚନୀୟ। ଯେହେତୁ ଏଇ ଗାଁଗୁଡିକ ସୀମାନ୍ତ ଗାଁ ହୋଇଥିବାରୁ ପଡୋଶୀ ଜିଲ୍ଲାର ଲୋକମାନଙ୍କ ଯାଆସ ଲାଗି ରହି ଥିବା ବେଳେ ସଂକ୍ରମଣର ଭୟ ରହିଛି। ପ୍ରତି ଗ୍ରାମରେ ଗାଁ କଲ୍ୟାଣ ସମିତି ନାମରେ ଗାଁର ସ୍ୱଚ୍ଛତା, ନଳକୂପ ସହିତ ପାଣିର ଉତ୍ସଗୁଡିକର ସଫାସୁତୁରା ରଖିବାର ବ୍ୟବସ୍ଥା ରହିଥାଏ। ଏଥିପାଇଁ ଆର୍ଥିକ ପ୍ରୋତ୍ସାହନର ବି ବ୍ୟବସ୍ଥା ରହିଛି। କିନ୍ତୁ ସବୁଠି ଗାଁ କଲ୍ୟାଣ ସମିତିର ଟଙ୍କା ବାଟ ମାରଣା ହେଉ ଥିବାରୁ ତାହା ଫଳପ୍ରଦ ହୋଇ ପାରୁନି। ଏମିତିକି ଜଳ ଉତ୍ସଗୁଡିକରେ କେବେ ବି ବିଶୋଧନ କରା ଯାଉନି କି ବ୍ଲିଚିଂ ପାଉଡର ମୁଠେ ପଡିବାର ନଜିର ନାହିଁ। ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ବି ସୀମାନ୍ତ ଅଞ୍ଚଳ ବୁଲିବାର ଦେଖା ଯାଉନି କି ଆସନ୍ନ ଡାଇରିଆ, ଝାଡାବାନ୍ତି ଜନିତ ସଂକ୍ରମଣର ସଚେତନ କରୁନାହିଁ ବୋଲି ଅଭିଯୋଗ ହେଉଛି। ଏ ସମ୍ପର୍କରେ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ବାଦଲ ମହାନ୍ତିଙ୍କୁ ପଚାରିବାରୁ ସେଠାକାର ସ୍ୱସ୍ଥ୍ୟକର୍ମୀ ବିଭିନ୍ନ ଜଳଉତ୍ସରେ ପ୍ରତିଶେଷଧମୂଳକ ଭାବେ ବ୍ଲିଚିଂ ଆଉ ହାଲୋଜିନ୍ ବଟିକା ଦେଇ ବିଶୋଧନ କରୁଛନ୍ତି ବୋଲି କହିଥିଲେ। କଣ୍ଡିଆ ପ୍ରାଥମିକ ସ୍ୱସ୍ଥ୍ୟକେନ୍ଦ୍ରର ଫାର୍ମାସିଷ୍ଟ ଅଫିସର ଅମର ପାଲ କହିଛନ୍ତି, ଏଯାବତ୍ କୈଣସୀ ସଂକ୍ରମିତ ରୋଗୀ ଏଠାରେ ନାହାନ୍ତି ତଥାପି ଆମେ ପରିଷ୍କାର ପରିଚ୍ଛନତା ଉପରେ ପଦକ୍ଷେପମାନ ନେଉଛୁ।

● ଜିଲ୍ଲାସ୍ତରୀୟ ବିକାଶ ମେଳା

## ସଫଳତା ବଖାଣିଲେ ମନ୍ତ୍ରୀ ସୂର୍ଯ୍ୟବଂଶୀ



କେନ୍ଦ୍ରାପଡ଼ା,୧୮।୬(ସମିସ): ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ସରକାରଙ୍କ ବିଭିନ୍ନ ଉପଲବ୍ଧିକୁ ଲୋକଙ୍କ ପାଖକୁ ପହଞ୍ଚାଇବା ଉଦ୍ଦେଶ୍ୟ ନେଇ ଗତ ୧୨ ତାରିଖଠାରୁ ଆୟୋଜିତ ହେଉଥିବା ବିକାଶ ମେଳା କାର୍ଯ୍ୟକ୍ରମର ଶେଷ ଦିନରେ ଜିଲ୍ଲା ପ୍ରଭାରୀ ମନ୍ତ୍ରୀ ତଥା ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର ଓ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗ ଦେଇଛନ୍ତି। ବୁଧବାର ପୂର୍ବାହ୍ନରେ ମାଉସୀମା ମନ୍ଦିରରେ ନିକଟରେ ଆୟୋଜିତ ହେଉଥିବା ବିକାଶ କାର୍ଯ୍ୟକ୍ରମରେ ମହାକାଳପଡା ବିଧାୟକ ଡି. ଦୁର୍ଗାପ୍ରସନ୍ନ ନାୟକ, ସାଂସଦଙ୍କ ପ୍ରତିନିଧି ତଥା ଜିଲ୍ଲା ବିଜେପି ସଭାପତି ଶଶାଙ୍କ ଶେଖର ସେଠୀ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ, ଉପଜିଲ୍ଲାପାଳ ଅରୁଣ ନାୟକ ମଞ୍ଚାସୀନ ଥିଲେ। ମହାକାଳପଡା ବିଧାୟକ ପ୍ରସ୍ତୁତ କରିଥିବା ବର୍ଷକର ଶ୍ୱେତପତ୍ର ପୁସ୍ତକକୁ ମନ୍ତ୍ରୀ ଉନ୍ମୋଚନ କରିଥିଲେ। ମନ୍ତ୍ରୀ କହିଛନ୍ତି, ଡବଲ ଇଞ୍ଜିନ ସରକାର ଯାହା ପ୍ରତିଶ୍ରୁତି ଦେଇଛନ୍ତି ତାକୁ ଅକ୍ଷର ଅକ୍ଷରେ ପାଳନ କରିଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ସରକାରଙ୍କ ତରଫରୁ ଅନେକ ପ୍ରକଳ୍ପ ହାତକୁ ନିଆଯାଉଛି। ଆପଣ ମାନେ ଆଉ ଅଳ୍ପ ଦିନ ମଧ୍ୟରେ ଜାଣିପାରିବେ। ଆମେ ଆଗକୁ ମଧ୍ୟ କାର୍ଯ୍ୟ ଜାରିରଖିବୁ ବୋଲି ମନ୍ତ୍ରୀ କହିଛନ୍ତି। ମନ୍ତ୍ରୀ ଅନ୍ତ୍ୟୋଦୟ ଗୃହ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ କରିଥିବା ବେଳେ ମୃତ୍ୟୁ କାଳୀନ ସହାୟତା, ବିବାହ ସହାୟତା, ଶିକ୍ଷା ସହାୟତା, ନୂତନ ଶ୍ରମିକ କାର୍ଡ ବଣ୍ଟନ କରିଥିଲେ। ଜିଲ୍ଲାସ୍ତରୀୟ ଆୟୋଜିତ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତାର ଶ୍ରେଷ୍ଠ ୩ ଗୋଷ୍ଠୀକୁ ପୁରସ୍କାର ପ୍ରଦାନ କରିଥିଲେ।

## ଥମୁନି ଡାଇରିଆ; ବୃଦ୍ଧ ମେଡିକାଲରେ ଭର୍ତ୍ତି

ଡେରାବିଶ, ୧୮।୬(ସମିସ): ଡେରାବିଶରେ ଡାଇରିଆ ଥମିବା ନାଁ ଧରୁନି। ଗତ ଚାରିଦିନ ହେଲା ଡେରାବିଶ ବ୍ଲକ ଏଣ୍ଡର ପଞ୍ଚାୟତର ଶ୍ୟାମସୁନ୍ଦରପୁର ଗ୍ରାମରେ ଡାଇରିଆ ତାର ପ୍ରଭାବ ବିସ୍ତାର କରି ରଖିଛି। ଡାଇରିଆରେ ଏହି ଗ୍ରାମର ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ୭ ଜଣ ଆକ୍ରାନ୍ତ ହୋଇ ମେଡ଼ିକାଲରୁ ଭଲ ହୋଇ ଫେରିଛନ୍ତି। ଏହି ଗ୍ରାମରେ ଅସ୍ଥାୟୀ ଡାକ୍ତରଖାନା ଖୋଲାଯାଇ ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ତୀକ୍ଷଣ ନଜର ରଖଯାଇଛି। ଗ୍ରାମର ଜଣେ ୯୦ ବର୍ଷ ବୟସ୍କ ବୃଦ୍ଧ ନିଳମ୍ବର ମଲିକଙ୍କ ଝାଡ଼ାବାନ୍ତି ହେଉଥିବରୁ ତାଙ୍କୁ ଛତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ହେଲେ ସେ ସେଠାରୁ ସୁସ୍ଥ ଅନୁଭବ କରିବାରୁ ତାଙ୍କ ପରିବାର ଲୋକ ଘରକୁ ନେଇ ଆସିଥିଲେ। ହେଲେ ହଠାତ୍ ଅପରାହ୍ନରେ ସେ ପୁନର୍ବାର ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ୧୦୮ ଯୋଗେ ମେଡ଼ିକାଲ୍‌ରେ ଭର୍ତ୍ତି କରାଯାଇଛି।

## ବଉଳଯୋଡ଼ି ଗୋଷ୍ଠୀ ସଂଘର୍ଷ ଘଟଣାରେ ପୁଲିସ ମୁତୟନ



ଆଳି,୧୮।୬(ସମିସ): ଆଳି ଥାନା ବଉଳଯୋଡ଼ି ଗ୍ରାମରେ ପୂର୍ବ ରାଜନୈତିକ ଶତ୍ରୁତାକୁ କେନ୍ଦ୍ର କରି ଗତକାଲି ସନ୍ଧ୍ୟାରେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ ଘଟିଛି। ଫଳରେ ବୁଧବାର ମଧ୍ୟାହ୍ନ ସମୟରେ କେନ୍ଦ୍ରାପଡ଼ା ଜିଲ୍ଲା ଆରକ୍ଷୀ ଅଧିକାରୀ ସିଦ୍ଧାର୍ଥ କଟାରିଆ, ପଟ୍ଟାମୁଣ୍ଡାଇ ଏସଡିପିଓ କ୍ଷମାସାଗର ପଣ୍ଡା ଓ ଆଳି ଥାନାଧିକାରୀ ପୂର୍ଣ୍ଣଚନ୍ଦ୍ର ପଟ୍ଟାୟତ୍ତ ପ୍ରମୁଖ ଏକ ଟିମ ଗଠନ କରି ଘଟଣାସ୍ଥଳରେ ସ୍ଥିତି ଅନୁଧ୍ୟାନ କରିଛନ୍ତି। ବଉଳଯୋଡ଼ି ଗ୍ରାମର ପ୍ରଶାନ୍ତ ବିଶ୍ୱାଳଙ୍କ ଏତଲା ଅନୁଯାୟୀ ତାଙ୍କ ସାନ ଭାଇ ଘରେ ଥିବା ସମୟରେ ଆଳି ଥାନା ଟୁଙ୍ଗା ପଞ୍ଚାୟତର କିଛି ଯୁବକ ତାଙ୍କୁ ଲୁହା ରଡ଼, ଭୁଜାଲି ଓ ଖଣ୍ଡା ଇତ୍ୟାଦି ମାରଣାସ୍ତ୍ରରେ ଅତର୍କିତ ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ଘଟଣାକୁ କେନ୍ଦ୍ରକରି ଆଳି ଅଞ୍ଚଳରେ ଗତକାଲି ସନ୍ଧ୍ୟାଠାରୁ ଚାପା ଉତ୍ତେଜନା ଲାଗି ରହିଛି। ଅପରପକ୍ଷେ ଆଳି ଏଣ୍ଡୋଳ ଗ୍ରାମର ତଥା ଟୁଙ୍ଗା ପଞ୍ଚାୟତ ସରପଞ୍ଚ ମଧୁସ୍ମିତା ପୁହାଣଙ୍କ ଏତଲାନୁଯାୟୀ, ତାଙ୍କ ସ୍ୱାମୀ ପ୍ରୀତିରଞ୍ଜନ ପୁହାଣଙ୍କ ଆଳି ଡାକବଙ୍ଗଳା ଛକ ନିକଟରେ ବ୍ୟବସାୟ ପ୍ରତିଷ୍ଠାନ ରହିଛି। ବାଉଳଯୋଡ଼ି ଗ୍ରାମର ଧୀରେନ୍ଦ୍ର ବିଶ୍ୱାଳଙ୍କ ଘରେ ଏକ କାର୍ଯ୍ୟକ୍ରମକୁ ପହଞ୍ଚିବା କ୍ଷଣି ପୂର୍ବରୁ ଯୋଜନାବଦ୍ଧ ଭାବେ କିଛି ଯୁବକ ଅତର୍କିତ ମରଣାନ୍ତକ ଆକ୍ରମଣ କରିବା ସହ ସେମାନେ ଆଦାୟ କରିଥିବା ୭୦ ହଜାର ଟଙ୍କା ଛଡ଼ାଇ ନେଇଥିଲେ। ୪ଟି ଗାଡ଼ିକୁ ଭାଙ୍ଗି ଦେଇଥିଲେ। ପରେ ପ୍ରୀତିରଞ୍ଜନଙ୍କୁ ମଧ୍ୟ ମରଣାନ୍ତକ ଆକ୍ରମଣ କରି ଗାଡିଟିକୁ ପେଟ୍ରୋଲ ଢାଳି ନିଆଁ ଲଗାଇଦେଇଥିଲେ। ତାଙ୍କୁ ବର୍ତ୍ତମାନ କଟକ ମେଡିକାଲରେ ଭର୍ତ୍ତି କରାଯିବା ସହ ଆଳି ଥାନାରେ ଅଭିଯୋଗ କରାଯାଇଛି। ଅନ୍ୟ ଏକ ଏତଲାକ୍ରମେ, ଆଳି ମୂଳସାହି ଗ୍ରାମର କଳିଙ୍ଗ ସେନାପତିଙ୍କୁ ବଉଳଜୋଡ଼ି ଛକ ନିକଟରେ କିଛି ଯୁବକ ହଠାତ ଅତର୍କିତ ମରଣାନ୍ତକ ଆକ୍ରମଣ କରିଥିଲେ। ଗ୍ରାମର କିଛି ଯୁବକ ଘଟଣାସ୍ଥଳକୁ ଯାଇ ତାଙ୍କୁ ଉଦ୍ଧାର କରିବା ସମୟରେ ତାଙ୍କୁ ମଧ୍ୟ ଆକ୍ରମଣ ହୋଇଥିବା ନେଇ ସେ ତାଙ୍କ ଏତଲାରେ ଦର୍ଶାଇଛନ୍ତି। ଏନେଇ ଆଳି ଥାନାରେ ଉଭୟ ପକ୍ଷରୁ ଦୁଇଟି ମାମଲା ହୋଇଥିବା ବେଳେ ଆଳି ଓ ଗୋବିନ୍ଦପୁର ମେଡିକାଲରେ ମୋଟ ୧୨ ଜଣ ଆହତଙ୍କ ସହ ଦୁଇ ଜଣ ଗୁରୁତର ଅବସ୍ଥାରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ଉକ୍ତ ଘଟଣା ଉପରେ ପୁଲିସ ନଜର ରଖିଛି।

## ଜିଲ୍ଲାସ୍ତରୀୟ ଓଡ଼ିଶା ଭିଜନ କର୍ମଶାଳା



କେନ୍ଦ୍ରାପଡ଼ା,୧୮।୬(ସମିସ): ଜିଲ୍ଲା ସଂସ୍କୃତି ଭବନଠାରେ ଜିଲ୍ଲାସ୍ତରୀୟ ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭ ବିକଶିତ ଓଡିଶା ପାଇଁ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମନ୍ତ୍ରୀ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର ଓ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗ ଦେଇଥିଲେ। ମହାକାଳପଡା ବିଧାୟକ ଡ. ଦୁର୍ଗାପ୍ରସନ୍ନ ନାୟକ, ଆଳି ବିଧାୟକ ପ୍ରତାପ କେଶରୀ ଦେବ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଲିତା ଦାସ, ଉପାଧ୍ୟକ୍ଷ ଭୀଷ୍ମ ମହାନ୍ତି, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର ମଲ୍ଲିକ ଓ ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା ପ୍ରମୁଖ ମଞ୍ଚାସୀନ ଥିଲେ। ସମସ୍ତ ପଞ୍ଚାୟତସମିତି, ପୌରାଞ୍ଚଳର ଅଧ୍ୟକ୍ଷ-ଅଧ୍ୟକ୍ଷା ସମେତ ଅନ୍ୟ ନିର୍ବାଚିତ ପ୍ରତିନିଧି, ଜିଲ୍ଲା, ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ବିଦ୍ୟୁତ ଆଘାତରେ ପମ୍ପ ଅପରେଟର ମୃତ



କେନ୍ଦ୍ରାପଡ଼ା,୧୮।୬(ସମିସ): କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଚକ୍ରୋଡା ପଞ୍ଚାୟତ ନରିଲୋ ଗାଁରେ ପାଣି ପାଇପ୍ ମରାମତି ସମୟରେ ବିଦ୍ୟୁତ ଆଘାତରେ ପାଣି ପମ୍ପ ମିସ୍ତ୍ରିଙ୍କର ମୃତ୍ୟୁ ଘଟିଛି। ମୃତ ମିସ୍ତ୍ରି ନରିଲୋ ଗାଁର ହରିହର ମଲିକ(୩୩)। ଏହି ଅଘଟଣ ନରିଲୋ ଗାଁରେ ଥିବା ଆୟୁଷ୍ମାନ୍ ଆରୋଗ୍ୟ କେନ୍ଦ୍ରରେ ଘଟିଛି। ହରିହର ଏହି ପଞ୍ଚାୟତ ଅଧିନରେ ପମ୍ପ ଅପରେଟର(ଏସଇଏମ) ଭାବେ କାର୍ଯ୍ୟ କରୁଥିଲେ। ବୁଧବାର ସକାଳ ପ୍ରାୟ ସାଢେ ୧୦ଟାରେ ହରିହର ପଞ୍ଚାୟତରେ ଥିବା ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର ଛାତ ଉପରେ ଥିବା ପାଣି ଟାଙ୍କି ସଫା କରୁଥିଲେ। ସେହି ଛାତ ଉପରେ ନୂତନ ନିର୍ମାଣାଧୀନ ଆରୋଗ୍ୟ କେନ୍ଦ୍ରକୁ ଜଣେ ଠିକାଦାର ଚୋରାରେ ବିଦ୍ୟୁତ ସଂଯୋଗ ନେଇଥିଲେ। ଏନେଇ କୌଣସି ସୁରକ୍ଷା ବ୍ୟବସ୍ଥା ସେ କରି ନଥିଲେ ହରିହର ପାଣି ଟାଙ୍କି ସଫା କରୁଥିବା ସମୟରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଛାତ ଉପରେ ଜମିଥିବା ବର୍ଷା ପାଣିରେ ପଡ଼ିଯାଇଥିଲେ। ପରେ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରାଯାଇ ହରିହରଙ୍କୁ ସେଠାରୁ ଉଦ୍ଧାର କରାଯାଇ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ଗ୍ରାମବାସୀ ମୃତଦେହକୁ ଧରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ସଂପୃକ୍ତ ଠିକାଦାରଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଜିଲ୍ଲା ରେଡକ୍ରସ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ ଓ ପତ୍ନୀଙ୍କୁ ଚାକିରି ମିଳିବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ମିଳିବାରୁ ଧାରଣା ପ୍ରତ୍ୟାହୃତ ହୋଇଥିଲା। ହରିହରଙ୍କ ଏକ ୬ ବର୍ଷର ପୁଅ ଓ ୩ ବର୍ଷର ଝିଅ ଅଛନ୍ତି।

## ଟିମ୍ ରାଜନଗର ପକ୍ଷରୁ ପଣ୍ଡିତ ନେହରୁ ଛାତ୍ର ପ୍ରତିଭା ସମ୍ମାନ ପ୍ରଦାନ



ରାଜନଗର,୧୮।୬(ସମିସ): ପ୍ରତିବର୍ଷ ଭଳି ଚଳିତ ବର୍ଷ ଟିମ୍ ରାଜନଗର ପକ୍ଷରୁ ସ୍ଥାନୀୟ କେସି ମଣ୍ଡପଠାରେ ପଣ୍ଡିତ ନେହେରୁ ଛାତ୍ର ପ୍ରତିଭା ସମ୍ମାନ ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଯୁବ ସମାଜସେବୀ ପ୍ରଶାନ୍ତ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜନଗର ତହସିଲଦାର ଯୀଶୁକୃଷ୍ଣ ଦାସ, ମୁଖ୍ୟବକ୍ତା ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ପ୍ରାକ୍ତନ ଇଂରାଜୀ ଅଧ୍ୟାପକ ସତ୍ୟବାଦୀ ଜେନା, ସମ୍ମାନିତ ଅତିଥି ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଚିତ୍ତରଞ୍ଜନ ଜେନା, ବିଶିଷ୍ଟ ଅତିଥି ସାମ୍ବାଦିକ ଓ ଲେଖକ, ଓଡ଼ିଶା ମିରର୍ ସମ୍ପାଦକ ଦିଲ୍ଲୀପ ବିଶ୍ୱାଳ, ଅବସରପ୍ରାପ୍ତ ସେନା ଅଧିକାରୀ ଅଚ୍ୟୁତାନନ୍ଦ ପ୍ରଧାନ, ଅନ୍ୟତମ ଅତିଥି ବରିଷ୍ଠ ସାମ୍ବାଦିକ ଭାସ୍କର ରାଉତରାୟ, ଜଗନ୍ନାଥ ଦାସ, କଟକ ସେଣ୍ଟ୍ରାଲ କୋ-ଅପରେଟିଭ ବ୍ୟାଙ୍କ ସଭାପତି ଅରୁଣ ସାହୁ, ବରିଷ୍ଠ ନେତା ଦାମୋଦର ବିଶ୍ୱାଳ, ମହୁଲିଆ ପଞ୍ଚାୟତ ସମିତିସଭ୍ୟ ସଂଜୟ ସ୍ୱାଇଁ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପ୍ରେରଣାଦାୟୀ ପରାମର୍ଶ ଦେଇଥିଲେ। ଏ ଅବସରରେ ଦଶମ ଶ୍ରେଣୀରେ ଜିଲ୍ଲାରେ ପ୍ରଥମ ହେଇଥିବା ଶୁଭମ୍ ଜ୍ୟୋତି ରାଉତ, ରାଜନଗର ବ୍ଲକର ପ୍ରଥମ ଆଦ୍ୟାଶା ପରିଡା, ଦିତୀୟ ଅନୁଶ୍ରୀ ଜେନା, ତୃତୀୟ ସିଦ୍ଧାର୍ଥ ପ୍ରିୟଦର୍ଶୀ ରାଉତ, +୨ ବିଜ୍ଞାନରେ ଦିତୀୟ ସ୍ଥାନ ଅଧିକାର କରିଥିବା ବିନିଶା ପ୍ରିୟଦର୍ଶିନୀ, +୨କଳାରେ ବ୍ଲକ୍‌ରେ ପ୍ରଥମ ସବିତା ଜେନା, ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ପ୍ରଥମ ଅଚିତା ସାହୁ, ନଳିନୀକାନ୍ତ ମହାବିଦ୍ୟାଳୟର ସ୍ୱର୍ଣ୍ଣଲତା ରାଉତ, ସପନେଶ୍ୱର ମହାବିଦ୍ୟାଳୟର ପ୍ରଥମ ରାଜାଦୀପି ସୂତାର, +୨ବିଜ୍ଞାନ ବ୍ଲକ୍‌ର ପ୍ରଥମ ଶୁଭସ୍ମିତା ରାଉତ, ବାଣିଜ୍ୟ ବ୍ଲକ ଟପ୍ପର ପ୍ରଭାତ ବାରିକ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଛାତ୍ର ନେତା କୈଳାସ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଯୁବ ନେତା ସୁଶୀଲ ପ୍ରଧାନ, ସୌରଭ ଜେନା, ପ୍ରଭାତ ପ୍ରଧାନ, ରମାକାନ୍ତ ଜେନା, ସ୍ନେହାଶିଷ ଜେନା, ପ୍ରିୟରଞ୍ଜନ ରାଉତ, ବାଦଲ ଜେନା, ଶଶଧର ସେଠୀ ପ୍ରମୁଖ ଯୋଗ ଦେଇଥିଲେ।

## ମା'ହରଚଣ୍ଡୀ ରଜ ମହୋତ୍ସବ ଉଦ୍‌ଯାପିତ

ମାର୍ଶାଘାଇ,୧୮।୬(ସମିସ): ମାର୍ଶାଘାଥ ବ୍ଲକ ପିକରାଳି-କଣ୍ଡାଗୋବିନ୍ଦ ସିଦ୍ଧମୁନି ଆଶ୍ରମରେ ମା'ହରମଚଣ୍ଡୀ ରଜ ମହୋତ୍ସବ-୨୦୨୫ ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନଶିକ୍ଷକ ସରୋଜକାନ୍ତ ନାୟକଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଚିତ୍ରୋତ୍ପଳା ଉଚ୍ଚମାଧମିକ ବିଦ୍ୟାଳୟ ଅଧ୍ୟାପକ ପ୍ରିୟନାଥ ମହାନ୍ତି, ମୁଖ୍ୟବକ୍ତା ମାର୍ଶାଘାଇ ମହାବିଦ୍ୟାଳ ଅଧ୍ୟାପକ ସୁକାନ୍ତ ପ୍ରଧାନ, ସମ୍ମାନିତ ଅତିଥି ଶିକ୍ଷାବିତ ମୁରଲୀଧର ଦାସ, ଶିକ୍ଷୟିତ୍ରୀ ଚିନ୍ମୟି ଦ୍ୱିବେଦୀ ପ୍ରମୁଖ ଯୋଗ ଦେଇଥିଲେ। କମିଟି ପକ୍ଷରୁ ମୁଖ୍ୟ ଅତିଥି ଅଧ୍ୟାପକ ଶ୍ରୀ ମହାନ୍ତି ଓ ମୁଖ୍ୟବକ୍ତା ଅଧ୍ୟାପକ ଶ୍ରୀ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ସଦସ୍ୟ ସରୋଜକାନ୍ତ ବାରିକ ରଜ ମଜା ଆଜି ଆସିଛି ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ପୁଚି ଖେଳରେ ଶ୍ରୁତିରେଖା ଦାସ, ବାହୁନାରେ ରେବତୀ ବାରିକ, ହୁଳହୁଳୀରେ ସସ୍ମିତା ଦାସ, ଶଙ୍ଖଫୁଙ୍କାରେ ସ୍ୱାଗତିକା ବାରିକ, ଅଙ୍କ ଦୌଡରେ



ନବୀନ ସାହୁ, ମ୍ୟୁଜିକ୍ ଚେୟାରରେ ସୁଜାତା ବାରିକଙ୍କ ସମତେ ଦୌଡ଼, ବାଗୁଡି, ଅଖାଦୌଡ଼ କୃତୀ ପ୍ରତିଯୋଗୀଙ୍କୁ ପରସ୍କୃତ କରାଯାଇଥିଲା। ସୁଶ୍ରୀ ନିବେଦିତା ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଶ୍ରାବଣୀ ଶ୍ରଦ୍ଧାଞ୍ଜଳି ସାହୁ, ଓମ୍ ଶଭମ୍ ମିଶ୍ର, ସିତୁପୂର୍ଣ୍ଣା ସାହୁ, ଶଶିକାନ୍ତ ନାୟକ, ଜିତୁ ରଞ୍ଜନ ସାହୁ, ସୌମ୍ୟରଞ୍ଜନ ନାୟକ ତନୁଶ୍ରୀ ଲେଙ୍କାଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ। ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଆଦର୍ଶ ଶିକ୍ଷକ କାଳନ୍ଦୀ ଚରଣ ନାୟକଙ୍କ ସ୍ମୃତିସଭା

ଗୋବିନ୍ଦପୁର,୧୮।୬(ସମିସ): ଆଳି ବ୍ଲକ ଅନ୍ତର୍ଗତ ଅରଗଲ ଶାସନ ଗ୍ରାମର ଆଦର୍ଶ ଶିକ୍ଷକ ତଥା ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ କାଳନ୍ଦୀ ଚରଣ ନାୟକଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ପଣ୍ଡିତ ମହେଶ୍ୱର ନନ୍ଦଙ୍କ ସଭାପତିତ୍ୱରେ ଶିକ୍ଷାବିତ ନାରାୟଣଚନ୍ଦ୍ର ଧଳ, ପିତାମ୍ବର ନାୟକ, ନାଗରିକ ମଞ୍ଚ ସଂପାଦକ ସୁଶାନ୍ତ ନାୟକ, ନିରଂଜନ ଦାସ, ନାରାୟଣଚନ୍ଦ୍ର ଦାସ, ମେଘନାଦ ମହାଳିକ, ମନୋରଞ୍ଜନ ଜେନା, ନିଖିଳ ସାମଲ, ନରେନ୍ଦ୍ର ବଳ, ନିରଂଜନ ବେହେରା, ଗଦାଧର ପଢ଼ିହାରି, ଗୋପୀନାଥ ପଣ୍ଡା, ସୁନାକର ପଣ୍ଡା, ଅନଙ୍ଗ ଉଦୟ ବେଉରିଆଙ୍କ ସମେତ ବହୁ ବ୍ୟକ୍ତି ଯୋଗ ଦେଇଥିଲେ। ଏହି ଅବସରରେ ସ୍ମରଣିକା ପୁସ୍ତକ ସ୍ମୃତିଶିଖା ଉନ୍ମୋଚନ



ବଟକୃଷ୍ଣ ପଣ୍ଡା, ଦେଶାହି ସମିତିସଭ୍ୟ କୈଳାସ ବେହୁରିଆ, ସିଂହପୁର ବରିଷ୍ଠ ହୋଇଥିଲା। ଶିକ୍ଷାବିତ୍ ଯଶୋବନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଯୁବକ ନିଖୋଜ

ରାଜକନିକା,୧୮।୬(ସମିସ): ରାଜକନିକା ଥାନା କଣ୍ଡିଆ ହାଟ ଫାଣ୍ଡି ଅନ୍ତର୍ଗତ ଦେଉଳତରା ପଞ୍ଚାୟତ ବରିପଡା(ମୁରାଦପୁର) ଗାଁର ଅଶୋକ ପଣ୍ଡାଙ୍କ ବଡ଼ପୁଅ ଅମୂଲ୍ୟ ଓରଫ ଅମୁଲି (୩୨) ଏପ୍ରିଲ ୮ ତାରିଖରୁ ନିଖୋଜ ଅଛନ୍ତି। ଏନେଇ କଣ୍ଡିଆ ହାଟ ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି ମାଆ ସୀତା ପଣ୍ଡା। ପୁଅ ଗଲା ବେଳେ ସବୁଜ ରଙ୍ଗର ପୋଷାକ ଆଉ କଳା ରଙ୍ଗର ପ୍ୟାଣ୍ଟ ପିନ୍ଧିଥିଲା ବୋଲି ଦର୍ଶାଯାଇଛି। ଯଦି କେହି ସନ୍ଧାନ ପାଆନ୍ତି ତେବେ ରାଜକନକା ଥାନା କିମ୍ବା ସୀତା ପଣ୍ଡାଙ୍କୁ ପୋଷ୍ଟ-ଦେଉଳତରା, ପିନ୍-୭୫୫୦୧୬ରେ ଯୋଗାଯୋଗ କରିବାକୁ ନିବେଦନ କରିଛନ୍ତି ମାଆ।

## 'ମାଆଙ୍କ ପାଇଁ ଗଛଟିଏ' ପାଇଁ ଚାରା ବଣ୍ଟନ

ରାଜନଗର,୧୮।୬(ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନକ୍ରମେ ସାରା ଦେଶରେ ଗାଁଠୁ ସହର ଯାଏ ବ୍ୟାପକ ବୃକ୍ଷ ରୋପଣ ପାଇଁ ଆହ୍ୱାନ ଦେଇଛନ୍ତି। ରାଜନଗର ବନ ବିଭାଗ ପକ୍ଷରୁ ସାଗର ତଟବର୍ତ୍ତୀ ସାତଭାୟାଠାରୁ ଆରମ୍ଭ କରି ଗୁପ୍ତି, ଡେରା, ହାତିନା, କୁରୁଣ୍ଟି, ବଢ଼ିତରଗଡ଼, କଣ୍ଡିରା, ବେଲପାଳ, ଓସ୍ତିଆ, ବନ୍ଧପଡା ଆଦି ପଞ୍ଚାୟତରେ ଭ୍ୟାମମାନ ଗାଡ଼ି ଦ୍ୱାରା ଲୋକଙ୍କୁ ମାଗଣାରେ ଚାରା ବଣ୍ଟନ କରାଯାଉଛି। ରାଜନଗର ଡିଏଫଓ ସୁଦର୍ଶନ ଗୋପୀନାଥ ଯାଦବ ନିର୍ଦ୍ଦେଶ ଓ ରେଞ୍ଜ ଅଫିସର ଚିତ୍ତରଞ୍ଜନ ବେଉରାଙ୍କ ତତ୍ୱାବଧାନରେ ଫରେଷ୍ଟର ବିଜୟ କୁମାର ପାତ୍ର, ବିଭୁତି ଭୂଷଣ ତରାଇ, ରଞ୍ଜିତ ରାଉତ, ତ୍ରିଦୀପ ପ୍ରଧାନ, ବିଶ୍ୱ ରଂଜନ ତରାଇ ଓ ୧୦ ଜଣ ବନ ବିଭାଗର କର୍ମଚାରୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ଭଗବତୀ ମନ୍ଦିର ନିକଟରେ ସପ୍ତାହ ପୁରାଣ

ପଞ୍ଚୁପାଣ୍ଡବ,୧୮।୬(ସମିସ): ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ବେଲାରପୁର ଗ୍ରାମର ମା' ଭଗବତୀ ମନ୍ଦିର ନିକଟରେ ସପ୍ତାହ ପାଳନ ହେଉଛି। ସପ୍ତାହବ୍ୟାପୀ ଏହି କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଥିଲା ବେଳେ ପ୍ରତି ସନ୍ଧ୍ୟାରେ ଭଜନ କୀର୍ତ୍ତନ ପରିବେଷଣ ସହ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ଏହି କାର୍ଯ୍ୟକୁ ଗ୍ରାମବାସୀ ସହଯୋଗ କରିଥିଲେ।

## ଦାନପୁରରେ 'ଆମ ଗାଁରେ ତହସିଲ କାର୍ଯ୍ୟାଳୟ' କାର୍ଯ୍ୟକ୍ରମ

ଡେରାବିଶ,୧୮।୬(ସମିସ): ଡେରାବିଶ ବ୍ଲକ୍ ଅଧୀନସ୍ଥ ଦାନପୁର ପଞ୍ଚାୟତ କାର୍ଯ୍ୟାଳୟରେ 'ଆମ ଗାଁରେ ତହସିଲ କାର୍ଯ୍ୟାଳୟ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସଭା ଗୃହରେ ପୂର୍ବତନ ସରପଞ୍ଚ ଉମେଶ ତ୍ରିପାଠୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଉପଜିଲ୍ଲାପାଳ ଅରୁଣ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ତହସିଲଦାର ସରୋଜ ନାୟକ, ଅତିରିକ୍ତ ତହସିଲଦାର ଭାସ୍କର ବେହେରା ଓ ରାଜସ୍ୱ ପରିଦର୍ଶକ ମାନସ ନାଥ ଉପସ୍ଥିତ ରହି ଦାନପୁର ରାଜସ୍ୱ ସର୍କଲ ଅଧୀନସ୍ଥ ୭୬ ଜଣ ହିତାଧିକାରୀଙ୍କୁ ୱାରସ ସଂଶୋଧନ ହୋଇଥିବା ପଟ୍ଟା, ୭ଟି ବନ୍ଦୋବସ୍ତ ପଟ୍ଟା, ପଟ୍ଟା ସଂଶୋଧନ, ଇ-ପାଉତି ମାଧ୍ୟମରେ ରାଜସ୍ୱ ପୈଠ ଓ ବହୁ ହିତାଧିକାରୀଙ୍କ ଜାତିଗତ ସମେତ ବିଭିନ୍ନ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଦାନପୁର ରାଜସ୍ୱ ନିରୀକ୍ଷକ ବିଜୟଲକ୍ଷ୍ମୀ ପଲେଇ, ଚାନ୍ଦୋଳ ଆରଆଇ ସ୍ମୃତିରଞ୍ଜନ ନାୟକ, ଛୋଟିର ବିଶ୍ୱବିଜୟୀ ପରିଡ଼ା, ଯଅଁରାବାରିମୂଳର ଇପ୍‌ସିତା ପରିଜା, ହରିଅଙ୍କର ପ୍ରକାଶ ସେଠୀ, ଏଣ୍ଡରର ଶୁଭଦର୍ଶନ ପରିଡ଼ା, ରତାଦିଆ ଆରଆଇ ଜିତାମିତ୍ରା ସ୍ୱାଇଁଙ୍କ ସମେତ ତହସିଲର ସମସ୍ତ କର୍ମଚାରୀ ପରିଚାଳନା କରିଥିଲେ।

## ମହିଳା ଓ ଯୁବକଙ୍କୁ ସଶକ୍ତ କରିବା ପାଇଁ କୁଟୀର ଶିଳ୍ପ ପ୍ରଦର୍ଶନୀ ମେଳା



ପଟ୍ଟାମୁଣ୍ଡାଇ/ମାଳିପୁର, ୧୮।୬(ସମିସ): ଆକ୍ସନ ଏଡ଼, ମୁକୁଳ ମହାଦେବ ଫାଉଣ୍ଡେସନ ଓ ଫିନୋଲେକ୍ସ ଇଣ୍ଡଷ୍ଟ୍ରି ପକ୍ଷରୁ କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଡାମରପୁରଠାରେ ମହିଳା ଓ ଯୁବକଙ୍କ ସଶକ୍ତ ହେବାର ସ୍ୱପ୍ନକୁ ସାକାର କରିବା ଓ ଜୀବନ ଧାରଣର ମାନରେ ଉନ୍ନତି ଆଣିବା ପାଇଁ ଏକ କୁଟୀର ଶିଳ୍ପ ମେଳା ଆୟୋଜନ କରାଯାଇଥିଲା। ଏହି ପ୍ରଦର୍ଶନୀ ଓ ମେଳାକୁ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ଉଦଘାଟନ କରିଥିଲେ। ଏଥିରେ ଡାମରପୁର ସରପଞ୍ଚ ପ୍ରତିନିଧି ବସନ୍ତ ନାଥ, ସମିତିସଭ୍ୟା ନିରୁପମା ସାହୁ, ପୂର୍ବତନ ସରପଞ୍ଚ ନୃସିଂହ ସାହୁ, ଆକ୍ସନ ଏଡ ସହକାରୀ ନିର୍ଦ୍ଦେଶକ ଦେବବ୍ରତ ପାତ୍ର ଓ ପ୍ରୋଗ୍ରାମ ଲିଡର ଶୁଭେନ୍ଦୁ ରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆକ୍ସନ ଏଡ ପ୍ରୋଜେକ୍ଟ ଟିମ ଲିଡର ସୁଶ୍ରୀ ସଂଗୀତା ବଳ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ସଂଯୁକ୍ତା ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଏହି କୁଟୀର ଓ ମଧ୍ୟମ ଶିଳ୍ପ ପ୍ରଦର୍ଶନୀ ଓ ମେଳାରେ ବିଭିନ୍ନ ସଂସ୍ଥାର ଷ୍ଟଲ ସହିତ ସ୍ଥାନୀୟ ଉତ୍ପାଦକ ଗୋଷ୍ଠୀର ବିଭିନ୍ନ ସାମଗ୍ରୀର ଷ୍ଟଲ ସ୍ଥାନ ପାଇଥିଲା। ସବିତା ରାଉତଙ୍କ ସମେତ ଆକ୍ସନ ଏଡ କର୍ମକର୍ତ୍ତା ପରିଚାଳନା କରିଥିଲେ।

## ମଙ୍ଗଳପୁର ସାଇଫନ୍ କାର୍ଯ୍ୟ ତଦାରଖ କଲେ ପାଟକୁରା ବିଧାୟକ

ପଞ୍ଚୁପାଣ୍ଡବ,୧୮।୬(ସମିସ)

ଡେରାବିଶ ବ୍ଲକ ଅନ୍ତର୍ଗତ ମଙ୍ଗଳପୁର ପଞ୍ଚାୟତର ବଳମଙ୍ଗଳପୁର ଗ୍ରାମ ଘେରି ଅଞ୍ଚଳରେ ଜଳସମ୍ପଦ ବିଭାଗ ପକ୍ଷରୁ ଉଦବୃତ୍ତ ଜଳ ନିଷ୍କାସନ ନିର୍ମାଣାଧୀନ ସାଇଫନ କାର୍ଯ୍ୟକୁ ପାଟକୁରା ନିର୍ବାଚନ ମଣ୍ଡଳୀର ବିଧାୟକ ଅରବିନ୍ଦ ମହାପାତ୍ର ତଦାରଖ କରିଥିଲେ। ଏବେ ମଙ୍ଗଳପୁର ଘେରିରେ ଜଳ ନିଷ୍କାସନ ପାଇଁ ସାଇଫନ୍ ନିର୍ମାଣର ଅର୍ଥ ମଞ୍ଜୁର ହୋଇଥିବା ବେଳେ କାର୍ଯ୍ୟ ଚାଲୁ ରହିଛି। ଏହି ଗ୍ରାମରେ ବର୍ଷାଦିନ ହେଲେ ଘେରି ଭିତରେ ରହୁଥିବା ପ୍ରାୟ ୨୫୦ ଘର ପରିବାର ଲୋକେ ଜଳବନ୍ଦୀ ହୋଇ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଆଗରୁ ଏହି ଜାଗାରେ ବ୍ରିଟିଶ ଅମଳରେ



ଘେରିରୁ ଜଳ ନିଷ୍କାସନ ପାଇଁ ଏକ ସାଇଫନ୍ ତିଆରି ହୋଇଥିଲା କିନ୍ତୁ ଗତ ବନ୍ୟାରେ ପାଣି ନିଷ୍କାସନ ପାଇଁ ସମସ୍ୟା ଭୋଗିବାକୁ ପଡ଼ିଥିଲା ବୋଲି ଗ୍ରାମର ସମାଜସେବୀ ସୁଧୀର ଭୂୟାଁ କହିଛନ୍ତି। ଏହି ସାଇଫନ୍ କାର୍ଯ୍ୟ ଶୀଘ୍ର ସରିବ ବୋଲି ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଝାଡାବାନ୍ତି ଆକ୍ରାନ୍ତକୁ ନେଇ ବେଣୀପୁର, ମଙ୍ଗଳପୁର ଓ କୁରୁଜଙ୍ଗା ପଞ୍ଚାୟତ ବୁଲି ସ୍ଥିତି ସମୀକ୍ଷା କରିଥିବା ବେଳେ ଲୋକମାନଙ୍କୁ ସଚେତନ କରିଥିଲେ। ବିଧାୟକଙ୍କ ପ୍ରତିନିଧି ମନୋରଞ୍ଜନ

### ବିଭିନ୍ନ ପଞ୍ଚାୟତରେ ଝାଡ଼ାବାନ୍ତି ସ୍ଥିତିର ସମୀକ୍ଷା

ଉପାଧ୍ୟାୟ, ଯୋଗାନନ୍ଦ ମହାନ୍ତି, ସୁକାନ୍ତ ଦ୍ୱିବେଦୀ ଓ ସୁଧୀର ଖଟୁଆ ଉପସ୍ଥିତ ଥିବା ବେଳେ ପ୍ରକାଶଚନ୍ଦ୍ର ସାହୁ, ଅନାଦି ଚରଣ ବେହୁରା, ପ୍ରଶାନ୍ତ ସାମଲ, ବାବାଜୀ ନାୟକ, ପିତାମ୍ବର ପାଣ୍ଡବ, ସେକ ରିଆସତ୍, ଶିଶିର ମଳିକ, ବୃନ୍ଦାବନ ମଣ୍ଡଳ ଏବଂ ଶତାଧିକ ବିଜେଡି କର୍ମୀ ଯୋଗ ଦେଇଥିଲେ।





# ମୁକୁଳା ଡ୍ରେନ୍ ପାଲଟିଛି ମରଣଯନ୍ତା

## ମନ୍ତ୍ରୀଙ୍କ ନିର୍ଦ୍ଦେଶକୁ 'ଫୁଁ' କରିଦେଲେ ଠିକାଦାର

ଭୁବନେଶ୍ୱର, ୧୮।୬(ସମିସ)

ମୁକୁଳା ଡ୍ରେନ୍ ବ୍ୟାରିକେଡ୍ ନ ହେବାକୁ ନେଇ ଏତେ ହୋ ହଲ୍ଲା ହେଲା। ଗତବର୍ଷ ଜଣେ ଶିଶୁର ଜୀବନ ବି ଗଲା। ଏହି ଘଟଣାରେ ବିଏମ୍‌ସିର ଜଣେ ଯନ୍ତ୍ରୀଙ୍କୁ ତାଙ୍କ କାର୍ଯ୍ୟରେ ଅବହେଳା ପାଇଁ ନିଲମ୍ବନ ବି କରାଗଲା। ମନ୍ତ୍ରୀ ନିର୍ଦ୍ଦେଶ ଦେଲେ କାମ କରିବା ବେଳେ ବ୍ୟାରିକେଡିଂ ବ୍ୟବସ୍ଥା କରିବା ବାଧ୍ୟତାମୂଳକ। ଏହାସତ୍ତ୍ୱେ ପୁଣି ଯାହାକୁ ସେଇଆ। ଡ୍ରେନ୍ ମୁକୁଳା ସେଭଳି ପୁଣି ପଡ଼ିଛି। ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ଠିକାଦାରଙ୍କ ପକ୍ଷରୁ କୌଣସି ବ୍ୟାରିକେଡିଂ କରାଯାଇ ନାହିଁ। ଡ୍ରେନ୍ କାମ କରିବାକୁ ଯାଇ ଠିକାଦାରମାନେ ରାସ୍ତାକଡ଼ ଖୋଳି ଛାଡି ଦେଉଛନ୍ତି। ଦିନ ଦିନ ଧରି ନିର୍ମାଣ ହେଉ ନାହିଁ। ଏହି ଖୋଲା ଡ୍ରେନ୍ ଲୋକଙ୍କ ପାଇଁ ମରଣଯନ୍ତା ପାଲଟିଛି। ଲୋକେ ଏବଂ ପଶୁପକ୍ଷୀ ଏହି ଅର୍ଦ୍ଧ ନିର୍ମିତ ଡ୍ରେନ୍‌ରେ ପଡ଼ି ଖଣ୍ଡିଆ ଖାବରା ହେଉଛନ୍ତି।

ଡ୍ରେନ୍‌କାମବର୍ଷାଦିନପୂର୍ବରୁଶେଷହେବାକଥା। କିନ୍ତୁ ବର୍ଷା ଆରମ୍ଭ ହେବା ପରେ ଡ୍ରେନ୍ କାମ ଆରମ୍ଭ ହେଉଛି। ଝାରପଡ଼ା ଜଗନ୍ନାଥ ନଗର ଅଞ୍ଚଳରେ ରାସ୍ତା କଡ଼ରେ



ଏଭଳି ଏକ ଡ୍ରେନ୍ ବହୁ ଦିନ ହେବ ଖୋଲା ହୋଇ ରହିଛି। ପ୍ରାୟ ୫ଫୁଟ୍ ଉଚ୍ଚର ଏକ ଖାଲ ରହିଥିଲେ ମଧ କୌଣସି ପ୍ରକାର ବ୍ୟାରିକେଡ଼ିଂ କରାଯାଇ ନାହିଁ। ରାସ୍ତାକଡ଼ରେ ଏତେ ବଡ଼ ଖାଲ ରହିବା ଦ୍ୱାରା ଲୋକେ ବିପଦ ସଙ୍କୁଳ ଅବସ୍ଥାରେ ଯାତାୟତ କରୁଛନ୍ତି। ଏନେଇ ଲୋକେ ଅସନ୍ତୋଷ ପ୍ରକାଶ କରୁଥିଲେ ମଧ ଠିକାଦାର କିମ୍ବା ଯନ୍ତ୍ରୀ କାହାରି ବି ଖାତିର ନାହିଁ। କଟକ ଭୁବନେଶ୍ୱର ଜାତୀୟ ରାଜପଥ କଡ଼ରେ ମଧ ସମାନ ଅବସ୍ଥା ସୃଷ୍ଟି ହୋଇଛି। ଏଠାରେ ଏକମାସରୁ ଉର୍ଦ୍ଧ୍ୱ ହେବ ଆଉ କାମ ହେଉନି। ଏହି ଖୋଳାଯାଇଥିବା ଡ୍ରେନ୍‌କୁ ବ୍ୟାରିକେଡ଼ିଂ କି କରାଯାଇ ନାହିଁ। କେବଳ ଏହି ଦୁଇ ସ୍ଥାନ ନୁହେଁ ବରଂ ରାଜଧାନୀର ବହୁ ସ୍ଥାନରେ ଏଭଳି ସମାନ ସ୍ଥିତିଲାଗି ରହିଛି।

ବିଭାଗୀୟ ଯନ୍ତ୍ରୀ ଠିକାଦାରଙ୍କ କାର୍ଯ୍ୟ ତଦାରଖ କରିବା କଥା। ହେଲେ ଯନ୍ତ୍ରୀମାନେ ଘଟଣାସ୍ଥଳକୁ ଆଦୌ ଯାଉ ନ ଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ଠିକାଦାର କାମ ଖରାପ କରନ୍ତୁ କିମ୍ବା ନିୟମ ଉଲଙ୍ଘନ କରନ୍ତୁ। ଫଳରେ ଲୋକେ ହଇରାଣ ହେଉଛନ୍ତି। ମାଳିସହି ଶିଶୁ ମୃତ୍ୟୁ ଘଟଣାରେ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରତିଶ୍ରୁତି ଦେଲେ ଯେ ୭ ଦିନ ମଧ୍ୟରେ ଡ୍ରେନ୍ ଗୁଡ଼ିକର ବ୍ୟାରିକେଟିଂ କରାଯିବ। ନ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ହେଲେ କାର୍ଯ୍ୟାନୁଷ୍ଠାନ କେବଳ ୭ ଦିନ ପାଇଁ ସୀମିତ ରହିଲା। ସାତ ଦିନ ପରେ ଠିକାଦାର ଯେଉଁ ମୁକୁଳାକୁ ସେହି ମୁକୁଳା।

## ଶ୍ୱାସନଳୀରୁ ବାହାରିଲା ପ୍ଲାଷ୍ଟିକ୍ ହୁଇସିଲ୍



ଭୁବନେଶ୍ୱର, ୧୮।୬(ସମିସ): ଜଣେ ୩୪ ବର୍ଷୀୟ ଯୁବକଙ୍କ ଶ୍ୱାସନଳୀରେ ଅଟକି ରହିଥିବା ଏକ ପ୍ଲାଷ୍ଟିକ୍ ହୁଇସିଲ୍‌କୁ ଜଟିଳ ଅସ୍ତ୍ରୋପଚାର ମାଧ୍ୟମରେ ବାହାର କରିବାରେ ସଫଳ ହୋଇଛନ୍ତି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନସେସ୍ ଆଣ୍ଡ ସମ୍ ହସ୍ପିଟାଲର ଡାକ୍ତରୀ ଟିମ୍। ଅତ୍ୟାଧୁନିକ ଭେଣ୍ଟିଲେଟିଙ୍ଗ ବ୍ରୋଙ୍କୋସ୍କୋପି ଅପରେସନ ଦ୍ୱାରା ସଫଳତାର ସହିତ ହୁଇସିଲ୍‌ଟିକୁ ବାହାର କରାଯାଇଛି। ଅନୁଗୁଳ ଜିଲ୍ଲାର ଏହି ଯୁବକ ଜଣକ ଭୁଲ୍‌ବଶତଃ ଏକ ପ୍ଲାଷ୍ଟିକ୍ ହୁଇସିଲ୍‌ଟକୁ ଗିଳି ଦେଇଥିବା ବେଳେ ହୁଇସିଲ୍‌ଟି ରୋଗୀଙ୍କର ଡାହାଣ ପାର୍ଶ୍ୱର ଫୁସ୍‌ଫୁସ୍ ନିକଟବର୍ତ୍ତୀ ଶ୍ୱାସନଳୀରେ ଅଟକି ରହି ଶ୍ୱାସକ୍ରିୟା ପ୍ରତି ବିପଦ ସୃଷ୍ଟି କରିବା ସହ ଛାତିରେ କଫ ସୃଷ୍ଟି ହେବା ସହ ଶ୍ୱାସ ନେବା ସମୟରେ ହୁଇସିଲ୍‌ରୁ ଶବ୍ଦ ମଧ୍ୟ ବାହାରୁଥିଲା। ହସ୍ପିଟାଲର କର୍ଣ୍ଣ ନାସା ଓ ଗଳା ବିଭାଗର ମୁଖ୍ୟ ପ୍ରଫେସର ଡାକ୍ତର ସୌମ୍ୟ ରଞ୍ଜନ ଦାସଙ୍କ ନେତୃତ୍ୱରେ ହୋଇଥିବା ଅସ୍ତ୍ରୋପଚାରରେ ଡାକ୍ତର ଆଲୋକ ଦାସ, ଡ. ମନସ୍ୱିନୀ ମଲ୍ଲିକ, ଡ. ପ୍ରସେନଜିତ୍ ବଳିଆର ସି. ଡ. ଅଂଶୁମାନ ସାହୁ ତଥା ନିଶ୍ଚେତକ ବିଭାଗର ପ୍ରଫେସର ଡ. ରଞ୍ଜିତା ଆଚାର୍ଯ୍ୟ, ପ୍ରଫେସର ଡ. ସୁମିତା ସ୍ୱାଇଁ ସହଯୋଗ କରିଥିଲେ।

## ଗରିବ ମେଧାବୀଙ୍କୁ ଡାକ୍ତର କରୁଛି 'ଜିନ୍ଦେଗୀ'



ନିଟ୍-ୟୁଜି ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୧୮।୬(ସମିସ): ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କୁ ଡାକ୍ତରୀ ପଢ଼ାଉଛି ଜିନ୍ଦେଗୀ ପାଉଣ୍ଡେସନ୍। ୨୦୧୭ ମସିହାରୁ ଏହି ଫାଉଣ୍ଡେସନ୍ ସହାୟତାରେ ପ୍ରାୟ ୧୪୩ ପିଲା ନିଟ୍-ୟୁଜି ପରୀକ୍ଷା ଉତ୍ତୀର୍ଣ୍ଣ ହେବାସହ ଡାକ୍ତରୀ ପଢୁଛନ୍ତି। ଚଳିତବର୍ଷ ମଧ ୨୦ ଜଣ ଛାତ୍ରଛାତ୍ରୀ ନିଟ୍-ୟୁଜି ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଡାକ୍ତରୀ ନାମଲେଖା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ଅଜୟ ବାହାଦୂର ସିଂ ବୁଧବାର ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଚଳିତବର୍ଷ ଦିବ୍ୟାଙ୍ଗ ବର୍ଗରେ ସର୍ବଭାରତୀୟ ସ୍ତରରେ ପୁରୀର ରଘୁନାଥ ବେହେରା ତୃତୀୟ ସ୍ଥାନରେ ରହିବା ଫାଉଣ୍ଡେସନ୍ ପାଇଁ ଗୌରବର ବିଷୟ ଏବଂ ଆଗକୁ ଛାତ୍ରଛାତ୍ରୀଙ୍କୁ ଏହା ପ୍ରେରଣା ଯୋଗାଇବ ବୋଲି ଶ୍ରୀ ବାହାଦୂର ଆଶାବ୍ୟକ୍ତ କରିଛନ୍ତି। ସେହିପରି ଅନେକ ପିଲା ଡାକ୍ତର ହେବା ପରେ ଦକ୍ଷିଣା ଦେବାକୁ ଚାହାନ୍ତି। ସେହି ଛାତ୍ରଛାତ୍ରୀମାନେ ସପ୍ତାହର ଗୋଟିଏ ଦିନ ମାଗଣାରେ ରୋଗୀ ଚିକିତ୍ସା କଲେ ତାଙ୍କ ପାଇଁ ପ୍ରକୃତ ଦକ୍ଷିଣା ହେବ ବୋଲି ସେ ମତବ୍ୟକ୍ତ କରିଛନ୍ତି। ସମସ୍ତ କୃତୀ ପିଲାଙ୍କ ଅଭିଭାବକ ଦିନ ମଜୁରିଆ, କୃଷକ, ଡ୍ରାଇଭର୍ ପରି ବର୍ଗରୁ ଆସୁଥିବାରୁ ସେମାନଙ୍କ ପିଲାଙ୍କୁ ସହଯୋଗ ପାଇଁ ଫାଉଣ୍ଡେସନ୍ ନିକଟରେ କୃତଜ୍ଞତା ଜଣାଇଛନ୍ତି।

## 'ନିଷିଦ୍ଧ ନୀଳାଚଳ'ରେ ମଧୁସୂଦନଙ୍କ ଜୀବନୀ



ଭୁବନେଶ୍ୱର, ୧୮।୬(ସମିସ): ଓଡ଼ିଶା ଭାଷା ସାହିତ୍ୟ ସଂସ୍କୃତି ବିଭାଗ ଓ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ବୁଧବାର ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ବରପୁତ୍ର ଜୀବନୀ ନାଟକ ଉତ୍ସବର ଷଷ୍ଠ ସଂଧ୍ୟା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୀବନୀ ଉପରେ ଆଧାରିତ 'ନିଷିଦ୍ଧ ନୀଳାଚଳ'ନାଟକ ମଞ୍ଚସ୍ଥ ହୋଇଯାଇଛି। ପଦ୍ମଶ୍ରୀ ଡ଼ ରଜତ କୁମାର କରଙ୍କ ଦ୍ୱାରା ରଚିତ ଏହି ନାଟକକୁ ବରିଷ୍ଠ ନାଟ୍ୟକାର କୈଳାଶ ପାଣିଗ୍ରାହୀ ନିର୍ଦ୍ଦେଶନା ଦେଇଥିଲେ। ରାଉରକେଲାର ରଙ୍ଗମଞ୍ଚ ନାଟ୍ୟ ସଂସ୍ଥାନର କଳାକାର ମାନେ ଏହି ନାଟକରେ ଅଭିନୟ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସଙ୍ଗୀତ ନାଟକ ଏକାଡେମୀ ସଚିବ ଚନ୍ଦ୍ରଶେଖର ହୋତା, ସାହିତ୍ୟକ ସିଦ୍ଧାର୍ଥ ଶଙ୍କର ପାଣି, ଶାନ୍ତିନିକେତନର ପ୍ରଫେସର ଶରତ କୁମାର ଜେନା ବିଶିଷ୍ଟ ନାଟ୍ୟକାର ମନୋରଞ୍ଜନ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ପଦ୍ମଶ୍ରୀ ରଜତ କୁମାର ସ୍ମୃତି ସଂସଦ ପକ୍ଷରୁ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ୩ ଜଣଙ୍କୁ ମିଳିଲା ରୋଟାରୀ କଳିଙ୍ଗ ସମ୍ମାନ



ଭୁବନେଶ୍ୱର, ୧୮।୬(ସମିସ): ରୋଟାରୀ କ୍ଲବ ଅଫ ଭୁବନେଶ୍ୱର କଳିଙ୍ଗ ଓଡ଼ିଶା ପକ୍ଷରୁ ସମାଜସେବୀ ଲୋକନାଥ ଦାଶ, କନସଲଟାଣ୍ଟ ପେଡ଼ିଟ୍ରିସିଆନ ଡା. ଲିଙ୍ଗରାଜ ପ୍ରଧାନ ଏବଂ ନାଟ୍ୟକାର ହରେନ ସାହୁଙ୍କୁ ଗୁରୁ କେଲୁଚରଣ ମହାପାତ୍ର ଓଡିଶୀ ଗବେଷଣା କେନ୍ଦ୍ରଠାରେ ସମ୍ମାନିତ କରାଯାଇଛି। ରୋଟାରୀ ଇଂଟରନସ୍ୟାନାଲର ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ରୋଟାରିଆନ ଯଜ୍ଞାଶିଷ ମହାପାତ୍ର ଏବଂ ସ୍ୱାଭିମାନ ସିଇଓ ଡ. ଶ୍ରୁତି ମହାପାତ୍ର, ରୋଟାରୀ କ୍ଲବ ଅଫ ଭୁବନେଶ୍ୱର କଳିଙ୍ଗ ସଭାପତି ରୋଟାରିଆନ ଶିବ ନାରାୟଣ ମହାପାତ୍ର, ରୋଟାରିଆନ ରାଧାମୋହନ ପଟ୍ଟନାୟକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ମା' ହାଡ଼ବାଇ ବସ୍ତି ସଂଘର ନୂତନ କର୍ମକର୍ତ୍ତା ଚୟନ



ଭୁବନେଶ୍ୱର, ୧୮।୬ (ସମିସ): ମା' ହାଡ଼ବାଇ ବସ୍ତି ସଂଘର ନୂତନ କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଘର ଉପଦେଷ୍ଟା ଭାବେ ସରୋଜ କୁମାର ରାଉତ(ବାପି), ସଭାପତି ଭାବେ କିଶୋର ଚନ୍ଦ୍ର ଦେହୁରୀ, ସମ୍ପାଦିକା ଭାବେ ଭାରତୀ ମହାପାତ୍ର, କୋଷାଧ୍ୟକ୍ଷ ଭାବେ ମନୋରମା ଗୌଡ଼, ସହ କୋଷାଧ୍ୟକ୍ଷ ଭାବେ ନୟନା ନାୟକ, ଉପ ସଭାପତି ଭାବେ ଅକ୍ଷୟ କୁମାର ବେହେରା, ଶରତ ଚନ୍ଦ୍ର ସାହୁ, ସହ ସମ୍ପାଦିକା ଭାବେ ସରସ୍ୱତୀ ପ୍ରଧାନ, ଚନ୍ଦ୍ରକା ଜେନାଙ୍କ ସମେତ କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ୩୦ ଜଣ ସଭ୍ୟ ମନୋନୀତ ହୋଇଛନ୍ତି।

## ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନେଇ ପ୍ରସ୍ତୁତି

ବାଲିଅନ୍ତା, ୧୮।୬(ସମିସ): ବାଲିଅନ୍ତା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନେଇ ପୂର୍ବ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅତିରିକ୍ତ ବିଡିଓ ଅପରାଜିତା ସ୍ୱାଇଁ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଜିଲ୍ଲା ଅତିରିକ୍ତ ପ୍ରକଳ୍ପ ଅଧିକାରୀ କସ୍ତୁରୀ ବାଳା ଜେନା ଏବଂ ଜିଲ୍ଲା ପରିମଳ ପରାମର୍ଶଦାତା ସୂର୍ଯ୍ୟ ନାରାୟଣ ସାହୁ ପ୍ରମୁଖ ଯୋଗ ଦେଇ ସଚେତନ କରାଇଥିଲେ। ବୈଠକରେ ବନ୍ୟା, ବାତ୍ୟା ଏବଂ ମହାବାତ୍ୟା କିଭଳି କରାଯିବ ସେ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସିଡିପିଓ ଖୁଲଣା ସାହୁ, ବାଲିଅନ୍ତା କେନାଲ ସବ ଡିଭିଜନ ସହକାରୀ ଯନ୍ତ୍ରୀ ଭୀମସେନ ବେହେରା, ଗ୍ରାମ ପଞ୍ଚାୟତ ଅଧିକାରୀ ନୀଳଶୈଳ ସ୍ୱାଇଁ, ବାଲିଅନ୍ତା ସରପଞ୍ଚ କୃଷ୍ଣ କେଶବ ଆପଟ ଏବଂ ସତ୍ୟଭାମାପୁର ସରପଞ୍ଚ ରଶ୍ମିତା ଭୋଇ ପ୍ରମୁଖଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଏବଂ ଜନ ପ୍ରତିନିଧି ଉପସ୍ଥିତ ଥିଲେ।

## ସରିଲା ଭିଏସ୍‌ଏସ୍ ନଗର ରଜ ମହୋତ୍ସବ



ଭୁବନେଶ୍ୱର, ୧୮।୬(ସମିସ): ଭିଏସ୍‌ଏସ୍ ନଗରସ୍ଥିତ ମା' ଗୋଜବାୟାଣୀ ପଡ଼ିଆରେ 'ମା' ଗୋଜବାୟାଣୀ ଯୁବକ ସଂଘ' ଆନୁକୂଲ୍ୟରେ ରଜ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ତିନିଦିନ ଧରି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରତ୍ୟେକ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏହାସହ ସ୍ଥାନୀୟ ଅଞ୍ଚଳ ତଥା ଆଖପାଖ ଅଞ୍ଚଳର ପିଲାମାନଙ୍କୁ ନେଇ ବିଭିନ୍ନ ବିଭିନ୍ନ ପ୍ରକାରର ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପୁଚି, ମୁରୁଜ, ସ୍କିପିଙ୍ଗ, ମ୍ୟୁଜିକ୍ ଚେୟାର, ନୃତ୍ୟ, ପିଠା, ସ୍ଲୋ' ସାଇକେଲ, ସଙ୍ଗୀତ ପରିବେଷଣ, ଦୌଡ଼ ଆଦି ପ୍ରତିଯୋଗିତାରେ ସ୍ଥାନୀୟ ଅଞ୍ଚଳର ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଶେଷରେ କୃତୀ ପ୍ରତିଯୋଗୀଙ୍କୁ କ୍ଲବ୍‌ର ଉପଦେଷ୍ଟା ଡ.ପ୍ରକାଶ ତ୍ରିପାଠୀ ଓ ଅନ୍ୟାନ୍ୟ ବରିଷ୍ଠ ସଦସ୍ୟବୃନ୍ଦ ପୁରସ୍କୃତ କରିଥିଲେ। କ୍ଲବ୍‌ର ବରିଷ୍ଠ ସଦସ୍ୟ ଦିଲ୍ଲୀପ୍ ସାହୁ, ମନୋଜ ନାୟକ, ତପନ ଦାଶ, କାର୍ତ୍ତିକେଶ୍ୱର ମହାପାତ୍ର, ଅରୁଣ ବେହେରା, ରଞ୍ଜନ କୁମାର ଘଡେଇ, ସୌମ୍ୟ ରଞ୍ଜନ ପ୍ରଧାନ, ଦୀପକ ନାୟକ, ବିଶ୍ୱଜିତ ଦାସ, ସତ୍ୟ ରଞ୍ଜନ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

### 'ନ୍ୟାୟିକ ପ୍ରକ୍ରିୟାକୁ ବିଳମ୍ବ କରୁଛନ୍ତି ସରକାର'

## ଫରେଷ୍ଟର୍ ଓ ଫରେଷ୍ଟ ଗାର୍ଡ ଆଶାୟୀଙ୍କ ଧାରଣା

ଭୁବନେଶ୍ୱର, ୧୮।୬(ସମିସ): ବିନା ଦୋଷରେ ସରକାର ଦଣ୍ଡିତ କରିଛନ୍ତି। ଲିଖିତ ପରୀକ୍ଷାରେ ଭଲ ନମ୍ବର ରଖିଥିଲେ ମଧ ଶାରୀରିକ ପରୀକ୍ଷାରୁ ବଞ୍ଚିତ କରିଛନ୍ତି। ଏକାଡେମୀକ୍ ରେକର୍ଡ ଖରାପ ଥିବା ଦର୍ଶାଇଛନ୍ତି। ବହୁ ମେଧାବୀ ଛାତ୍ରଛାତ୍ରୀ ଦଶମ ବା +୨ରେ ଫେଲ୍ ହୋଇଥିଲେ ମଧ ପରବର୍ତ୍ତୀ ସମୟରେ ଆଇଏଏସ୍/ଆଇପିଏସ୍ ହେବାର ଅନେକ ନଜିର୍ ରହିଛି। ତାହେଲେ ଆମକୁ କାହିଁକି କ୍ୟାରିଅର ଆଳରେ ଶାରୀରିକ ପରୀକ୍ଷାରୁ ବାଦ୍ ଦିଆଗଲା ବୋଲି ଫରେଷ୍ଟର୍, ଫରେଷ୍ଟ ଗାର୍ଡ ବା ଲାଇଭ୍‌ଷ୍ଟକ୍ ଇନ୍ସପେକ୍ଟର୍ ଆଶାୟୀମାନେ ପ୍ରଶ୍ନ କରିଛନ୍ତି। ଯଦି ସେମାନେ ପରୀକ୍ଷାରେ ଅସାଧୁ ଉପାୟ ଆପଣାଇ ଥିଲେ ତାହେଲେ ପ୍ରମାଣ ଦେଇ ସେମାନଙ୍କୁ ବହିଷ୍କାର କରନ୍ତୁ ଅନ୍ୟଥା ଶାରୀରିକ ପରୀକ୍ଷା ପାଇଁ ଅନୁମତି ଦିଅନ୍ତୁ ବୋଲି ସରକାରଙ୍କୁ ଆହ୍ୱାନ କରିଛନ୍ତି।

ବୁଧବାର ଗାନ୍ଧୀମାର୍ଗରେ ଧାରଣା ଦେଇଥିବା ଆଶାୟୀଙ୍କ କହିବା କଥା, ସେମାନେ ଲିଖିତ ପରୀକ୍ଷା ଦେଇଛନ୍ତି ଓ ପରୀକ୍ଷାରେ ଭଲ କରିଥିବାରୁ ଶାରୀରିକ ପରୀକ୍ଷା ପାଇଁ ଯୋଗ୍ୟ ହୋଇଛନ୍ତି। ସେମାନଙ୍କ ନାମ ମେଧା ତାଲିକାରେ ମଧ ଆସିଥିଲା। ପରବର୍ତ୍ତୀ ସମୟରେ ବିନା କୌଣସି ପ୍ରମାଣରେ କେବଳ ଏକାଡେମିକ୍ ରେକର୍ଡ ଖରାପ ଥିବା ଦର୍ଶାଇ ୩୩୭ ଜଣଙ୍କୁ ବାଦ୍ ଦେଇଛନ୍ତି। ଏହା ସମ୍ପୂର୍ଣ୍ଣ ଅନୈତିକ ଏବଂ ଅଯୌକ୍ତିକ ବୋଲି ସେମାନେ ଦର୍ଶାଇଛନ୍ତି। ଅପରପକ୍ଷରେ ତାଙ୍କ ପ୍ରତି ସରକାର ଅନ୍ୟାୟ କରିଥିବା ଦର୍ଶାଇ ଆଶାୟୀମାନେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ହେଲେ ଶୁଣାଣୀକୁ ଜାଣିଶୁଣି ସରକାର ବିଳମ୍ବିତ କରୁଥିବା ସେମାନେ ଅଭିଯୋଗ କରିଛନ୍ତି। ଶୁଣାଣୀ ସମୟରେ ଆଡଭୋକେଟ ଜେନେରାଲ୍ ଉପସ୍ଥିତ ରହୁ ନଥିବା ଏବଂ ତାରିଖ ପରେ ତାରିଖ ନେଉଥିବାରୁ ଫଇସଲା ହୋଇପାରୁନି। ଦିନପରେ ଦିନ ଗଡୁଥିବାରୁ ମାନସିକ ଭାବେ ସେମାନେ ଚାପଗ୍ରସ୍ତ ହେଉଛନ୍ତି। ଏଣୁ କୋର୍ଟରେ ମାମଲାର ତ୍ୱରିତ ଶୁଣାଣି ପାଇଁ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିବା ସହ ସେମାନଙ୍କୁ ନ୍ୟାୟ ପ୍ରଦାନ କରିବାକୁ ଗୁହାରି କରିଛନ୍ତି।

## ନୃସିଂହ ସାହିତ୍ୟ ସମ୍ମାନ ଉତ୍ସବ



ଭୁବନେଶ୍ୱର, ୧୮।୬(ସମିସ): ନିର୍ମଳା ଟ୍ରଷ୍ଟ ଅଧ୍ୟକ୍ଷ ନୃସିଂହ ଚରଣ ଧୀରଙ୍କ ସଭାପତିତ୍ୱରେ 'ନିର୍ମଳା' ସାହିତ୍ୟ ପତ୍ରିକାର ତୃତୀୟ ସଂଖ୍ୟା ଓ ଡ଼. ଦିବାକର ମାନସିଂହଙ୍କ ଉପନ୍ୟାସ 'ଅସମ୍ପୂର୍ଣ୍ଣ ସୂର୍ଯ୍ୟୋଦୟ'ର ଲୋକର୍ପଣ ଉତ୍ସବ ସ୍ଥାନୀୟ ଲୋହିଆ ଏକାଡ଼େମୀରେ ଅନୁଷ୍ଠିତ ହୋଇଯାଇଛି। ପତ୍ରିକାର ମୁଖ୍ୟ ସମ୍ପାଦକ ଡାକ୍ତର ପ୍ରିୟବ୍ରତ ଧୀର ସ୍ୱାଗତ ଅଭିଭାଷଣ ଦେବା ପରେ ପତ୍ରିକାର ସମ୍ପାଦକ ଡ଼. ଦିବାକର ମାନସିଂହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉତ୍ସବରେ ମୁଖ୍ୟ ଅତିଥି ଭାବେ କବି ତଥା ଅବସରପ୍ରାପ୍ତ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ରବିନାରାୟଣ ସେନାପତି ଯୋଗଦେଇଥିଲେ।

ଉତ୍ସବର ମର୍ଯ୍ୟାଦାଜନକ ନୃସିଂହ ସାହିତ୍ୟ ସମ୍ମାନ ଲେଖକ, ପ୍ରାବନ୍ଧିକ ଡାକ୍ତର ଉପେନ୍ଦ୍ର ପ୍ରସାଦ ନାୟକଙ୍କୁ ନୃସିଂହ ଚରଣ ଧୀର ଦ୍ୱାରା ପ୍ରଦାନ କାରଯାଇଥିଲା। ଅଧ୍ୟାପକ ବୃନ୍ଦାବନ ମହାପାତ୍ର ଧନ୍ୟବାଦ ଦେଇଥିଲେ। ପ୍ରକାଶ ଥାଉ କି ସୋମବାର ଭିନ୍ନ ଏକ କାର୍ଯ୍ୟକ୍ରମରେ ସ୍ୱର୍ଗତା ନିର୍ମଳା ଧୀରଙ୍କର ଚତୁର୍ଥ ଶ୍ରାଦ୍ଧ ବାର୍ଷିକୀ ସ୍ମୃତି ଚାରଣସଭା, ନୂଆପଲ୍ଲୀସ୍ଥିତ ବାବା ବାଲୁଙ୍କେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅବସ୍ଥିତ ନିର୍ମଳା ପୀଠରେ ବିଶୁଦ୍ଧ ପାନୀୟ ଜଳ ମେସିନ୍ ଜନସାଧାରଣଙ୍କ ଉପଯୋଗୀ ପାଇଁ ଅବସ୍ଥାନ କରାଯାଇଥିଲା।

# ପୋଟ୍ରେଟ୍‌ରୁ ମିଳିଛି ପେସା ଓ ପରିଚୟ

ଭୁବନେଶ୍ୱର, ୧୮।୬(ସମିସ)

ନିଜର ବା ନିଜ ପରିବାର ସଦସ୍ୟଙ୍କ ତୈଳଚିତ୍ରକୁ ସାଇତି ରଖିବା ଅନେକଙ୍କ ପାଇଁ ହୁଏ ତ ସୌଖିନ ମନୋଭାବ ହୋଇପାରେ। କିନ୍ତୁ ଏହି ସୌଖିନ ମନୋଭାବ ଅନେକଙ୍କ ପାଇଁ ପେସା ଓ ପରିଚୟ ଦେଇଛି। ଯାହାକୁ ବେଉସା କରି ରାଜ୍ୟର ଅନେକ ଚିତ୍ରଶିଳ୍ପୀ ନିଜର ସ୍ୱତନ୍ତ୍ର ପରିଚୟ

### ମାଧ୍ୟମ ସାଜୁଛି ସାମାଜିକ ଗଣମାଧ୍ୟମ



ସୃଷ୍ଟି କରିପାରିଛନ୍ତି। କେବଳ ଓଡ଼ିଶାରେ ନୁହେଁ ସାରା ଭାରତବର୍ଷରେ ଓଡ଼ିଶାର ଅନେକ ଚିତ୍ରଶିଳ୍ପୀ ଏବେ ପୋଟ୍ରେଟ୍ ମାଧ୍ୟମରେ ପରିଚୟ ସୃଷ୍ଟି କରିପାରିଛନ୍ତି।

ପୋଟ୍ରେଟ ହେଉଛି ଆଖି ଜୀବନ୍ତ ଲାଗିଲା ପରି ଏବଂ ନିଜ ଭାବନା ସହ ଯୋଡି ହେଲା ପରି ଚିତ୍ର। ଯାହା ନିଜର କିମ୍ବା ସାଙ୍ଗସାଥୀ ଏବଂ ପରିବାରେ କାହାର ବି ହୋଇପାରେ। ଏହାକୁ ପେନ୍‌ସିଲ କିମ୍ବା ଆକ୍ରିଲିକ ପରି ରଙ୍ଗ ବ୍ୟବହାର କରି ତିଆରି କରାଯାଇଥାଏ। ଏବେ ସାମାଜିକ ଗଣମାଧ୍ୟମର ସହାୟତାରେ ଶିଳ୍ପୀମାନେ ତୈଳଚିତ୍ରକୁ ବିକ୍ରି କରୁଥିବା ଦେଖିବାକୁ ମିଳୁଛି। ଯାହା ସେମାନଙ୍କୁ ନିଜ ଚିତ୍ର ମାଧ୍ୟମରେ ପରିଚୟ ସୃଷ୍ଟି କରିବାରେ ସହାୟକ ହେଉଛି। ସେହିପରି ଆଉ କିଛି ଶିଳ୍ପୀ ଏହାକୁ ବାହାର ରାଜ୍ୟ ତଥା ଦେଶରେ ମଧ ବିକ୍ରି କରୁଛନ୍ତି। ପାଠ୍ୟକ୍ରମ ଅନୁଯାୟୀ ପୋଟ୍ରେଟ୍ ଚିତ୍ରକଳାର ଏକ ସବ୍‌ସବଜେକ୍ଟ ଭାବେ ପଢ଼ା ଯାଇଥାଏ। କହିବାକୁ ଗଲେ ଭିଜୁଆଲ ଆର୍ଟ ପାଠ୍ୟକ୍ରମ ପଢୁଥିବା ପ୍ରତ୍ୟେକ ଅଧରତ ଶିଳ୍ପୀ ଏହି ବିଷୟ ମଧ ପଢ଼ିଥାନ୍ତି। ପରବର୍ତ୍ତୀ ସମୟରେ ନିଜ ରୁଚି ଅନୁଯାୟୀ ଭିନ୍ନ ଭିନ୍ନ ବିଭାଗରେ ବାଣ୍ଟି ହୋଇ ଯାଇଥାନ୍ତି। ସେଥିମଧ୍ୟରୁ କିଏ



ଗ୍ରାଫିକସ, ଭାସ୍କର୍ଯ୍ୟକଳା, ମୁଦ୍ରଣ କଳା, ଟେରୋକୋଟା, ସେରାମିକ୍ ଆଦି ଅନେକଗୁଡିଏ ବିଷୟକୁ ନେଇ ଶିଳ୍ପୀ ତାକୁ ପେସା ବନାଇଥାଏ। ସେହିଭଳି ପୋଟ୍ରେଟ୍ ମଧ ଏବେ ଆଦର ସାଉଟୁଛି। ପୂର୍ବରୁ ଏଭଳି କଳା ରହି ଆସିଥିଲେ ହେଁ ଓଡ଼ିଶାରେ ତାର ସେତେ ଚାହିଦା ଥିବାର ଦେଖିବାକୁ ମିଳୁନଥିଲା। ହେଲେ ଏବେ ବିଭିନ୍ନ ଆର୍ଟ କଲେଜରୁ ପଢ଼ା ସରିବା ପରେ ଶିଳ୍ପୀମାନେ ପୋଟ୍ରେଟ୍ ଚିତ୍ର କରି ଭଲ ରୋଜଗାର କରୁଛନ୍ତି। କେବଳ କରୁନାହାନ୍ତି ବରଂ ବାହାର ରାଜ୍ୟ ତଥା ଦେଶରେ ଏହାକୁ ବିକ୍ରି ପାଇଁ ମଧ ପଠାଉଛନ୍ତି। ସେହିପରି ଆଉ କିଛି ଶିଳ୍ପୀ ଅର୍ଡର ବଢ଼ାଇବାକୁ ସାମାଜିକ ଗଣମାଧ୍ୟମ ଯଥା- ଇଷ୍ଟାଗ୍ରାମ ଏବଂ ଫେସବୁକ ଆଦି ଆପରେ ଆକାଉଣ୍ଟ ଖୋଲି ଚିତ୍ର ପୋଷ୍ଟ ମାଧ୍ୟମରେ ଅର୍ଡର ବଢ଼ାଉଛନ୍ତି ତ ଆଉ କିଛି ବିଭିନ୍ନ ସ୍ଥାନରେ ୱାର୍କସପ କରି ବ୍ୟବସାୟ କରୁଛନ୍ତି। ଯାହାର ମୂଲ୍ୟ ଓଡ଼ିଶାରେ ୨ ରୁ ୪ ହଜାର ଟଙ୍କାରେ ଆରମ୍ଭ ହେଉଥିବାବେଳେ ୨ ରୁ ୩ ଲକ୍ଷ ପର୍ଯ୍ୟନ୍ତ ରହୁଛି। ଦେଶ ବାହାରେ ଏହିସବୁ ଚିତ୍ର ସାଧାରଣତଃ ଅଧିକ ଟଙ୍କାରେ ବିକ୍ରି ହୋଇଥାଏ। କିଛି ପୁରାତନ ଶିଳ୍ପୀଙ୍କ ମତରେ ପୋଟ୍ରେଟ୍ ଚିତ୍ରକଳା କେବଳ ଯେ ବର୍ତ୍ତମାନ ସମୟର ନୁହଁ ଏହା ରାଜା ରାଜୁଡାଙ୍କ ସମୟରୁ ଚାଲି ଆସୁଛି। ସେହିଭଳି ରାଜା ରବି ବର୍ମାଙ୍କ ତିଆରି ପୋଟ୍ରେଟ୍ ଏକ ଭଲ ଉଦାହରଣ।

### ମତାମତ

ସାଧାରଣତଃ ମଣିଷ ଭାବନାକୁ ଚିତ୍ରରେ ପ୍ରତିଫଳନ କରିବା ହେଉଛି ଏହି ପୋଟ୍ରେଟର ବିଶେଷତ୍ୱ। ଯାହାକୁ ତିଆରି କରିବାରେ ସାଧନା ଏବଂ ଅଭ୍ୟାସ ଆବଶ୍ୟକ ହୋଇଥାଏ। ନିଶ୍ଚିତ ଭାବରେ ଯୁବ ପିଢି ଏହାକୁ ନିଶା ଏବଂ ପେସା ଭାବରେ ଆପଣାଉଛନ୍ତି। କାରଣ ଏଥିରେ ଏବେ ଭଲ ସୁଯୋଗ ସହିତ ରୋଜଗାର ବି ବଢ଼ିଲାଣି। ତେବେ ଯିଏ ନୂଆକରି ଏହି କ୍ଷେତ୍ରରେ ଆସୁଛନ୍ତି ତାଙ୍କୁ ଅନୁରୋଧ କରିବି କି ପ୍ରଥମେ ଏହାକୁ ଭଲକରି ଜାଣନ୍ତୁ ଏବଂ ଅଭ୍ୟାସ ମଧ କରନ୍ତୁ, ତେବେ ହିଁ ଏକ୍ଷେତ୍ରରେ ଭଲ ପ୍ରଦର୍ଶନ କରି ପାରିବେ।

-ଚିନ୍ତାମଣି ବିଶ୍ୱାଳ,
ଶିଳ୍ପୀ ତଥା ବିକେ ଆର୍ଟ କଲେଜର ପୁରାତନ ଛାତ୍ର

ପୋଟ୍ରେଟେ ଚିତ୍ରର ପୂର୍ବରୁ ହିଁ ଚାହିଦା ରହି ଆସିଛି। ବିଭିନ୍ନ ଆର୍ଟ କଲେଜରେ ଏହାକୁ ଏକ ବିଷୟ ଭଳି ପଢ଼ା ଯାଇଥାଏ। ପାଠ୍ୟକ୍ରମ ପରେ ଶିଳ୍ପୀମାନେ ନିଜେ ହିଁ ବିଷୟ ବାଛି ସେଥିରେ ଆଗକୁ ବଢ଼ନ୍ତି। ମୋ ମତରେ ଏହା ତାଙ୍କ ପାଇଁ ଚ୍ୟାଲେଞ୍ଜ ଭଳି, କାରଣ ଆଖି ଦେଖିଥିବା କୌଣସି ଜଣେ ମଣିଷର ଭାବନା ସହ ଯୋଡି ହେଲା ଭଳି ଚିତ୍ର ମାଧ୍ୟମରେ ଉତାରିବା ଏତେ ସହଜ ନୁହଁ। ସେଥିପାଇଁ ସାଧନା ଆବଶ୍ୟକ। ବାକି ଭଲ ସୁଯୋଗ ଅଛି ଏଥିରେ ଆହୁରି ଶିଳ୍ପୀ ଏ କ୍ଷେତ୍ରରେ ଆସନ୍ତୁ ବୋଲି ପରାମର୍ଶ ରହିବ।

-ଡ. ପଞ୍ଚାନନ ସାମଲ, ଧଉଳି ଚାରୁକଳା ମହାବିଦ୍ୟାଳୟର ଅଧ୍ୟକ୍ଷ

# ବିପର୍ଯ୍ୟୟ ପରିଚାଳନା ପାଇଁ ପ୍ରସ୍ତୁତି






**ଭବାନୀପାଟଣା, ୧୮ ।୬(ସମିସ):**

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ସଭାଗୃହରେ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ସାମ୍ଭାବ୍ୟ ବିପର୍ଯ୍ୟୟ ପରିଚାଳନା ପାଇଁ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦରୱାନ ଅଧ୍ୟକ୍ଷତା କରିଥିଲେ। ଏହି କର୍ମଶାଳାରେ ଓସଡମା ଡିଜିଏମ୍ ଜୟ ଜଗତ ସାହୁ ଯୋଗଦେଇ ବିପର୍ଯ୍ୟୟ ପରିଚାଳନା ଉପରେ ଓସଡାମାର ଭୂମିକା ଉପରେ ଆଲୋକପାତ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତନ୍ମୟ ଦରୱାନ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବଇତୁରା ଦୀପ, ଭବାନୀପାଟଣା ଉପଜିଲ୍ଲାପାଳ ପ୍ରଭାତ ପରିଡ଼ା ଉପସ୍ଥିତ ଥିଲେ। ଜିଲ୍ଲାରେ ସାମ୍ଭାବ୍ୟ ବିପର୍ଯ୍ୟୟ ମୁକାବିଲା ଓ ପରିଚାଳନା ନିମନ୍ତେ ସମସ୍ତ ବିଭାଗୀୟ ଅଧିକାରୀ ଓ କ୍ଷେତ୍ର କର୍ମଚାରୀ ସଜାଗ ଓ ପ୍ରସ୍ତୁତ ହୋଇ ରହିବା ସହ ଉତ୍ତମ ସମନ୍ୱୟ ରଖି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରିବାକୁ ପରାମର୍ଶ ଦିଆଯାଇଚି। ବିପର୍ଯ୍ୟୟ ସମୟରେ ଜିଲ୍ଲାସ୍ତରୀୟ ଅଧିକାରୀମାନେ ନିଜ ନିଜ ବିଭାଗର ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ପ୍ରାକ୍ ପ୍ରସ୍ତୁତି, ବିପର୍ଯ୍ୟୟ ପୂର୍ବବର୍ତ୍ତୀ, ବିପର୍ଯ୍ୟୟ ସମୟରେ ଓ ବିପର୍ଯ୍ୟୟ ପରବର୍ତ୍ତୀ ପଦକ୍ଷେପ ଉପରେ ଆଲୋଚନା କରିଥିଲେ। ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ସମସ୍ତ ବିଭାଗ ପ୍ରସ୍ତୁତ ରହି କିପରି ଲୋକଙ୍କ ଧନ ଜୀବନର ସୁରକ୍ଷା କରିବେ ଓ କ୍ଷୟକ୍ଷତି ହ୍ରାସ କରିପାରିବେ ସେ ଉପରେ ସବିଶେଷ ଆଲୋଚନା କରାଯାଇଥିଲା। ଏହି କର୍ମଶାଳାରେ ଜିଲ୍ଲାର ସମସ୍ତ ବିଭାଗ, ଅଗ୍ନିଶମ ବାହିନୀର ଅଧିକାରୀ ଉପସ୍ଥିତ ରହି ସମ୍ଭାବ୍ୟ ବିପର୍ଯ୍ୟୟର କିପରି ମୁକାବିଲା କରିବେ ସେ ଦିଗରେ ନିଜ ନିଜ ବିଭାଗର ପଦକ୍ଷେପ ଉପରେ ଆଲୋଚନା କରିଥିଲେ। ସେହିପରି ଜିଲ୍ଲାର ସମସ୍ତ ୧୩ଟି ବ୍ଲକ ଓ ୪ଟି ସହରାଞ୍ଚଳରେ ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଗୁରୁବାର ଜିଲ୍ଲାର ୪ଟି ବନ୍ୟା ଆଶ୍ରୟ ସ୍ଥଳରେ ମକ୍‌ଡ୍ରିଲ୍ ଅନୁଷ୍ଠିତ ହେବ।

**କୋକସରା:** ସ୍ଥାନୀୟ ବ୍ଲକ ସଭାଗୃହରେ ମଧ୍ୟ ବୁଧବାର ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ସଚେତନତା ସଭା ଅନୁଷ୍ଠିତ ହୋଇଛି। କୋକସରା ତହସିଲଦାର କ୍ଷୀରୋଦ ବିହାରୀ ଭାରତ ନାଗ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ସଚେତନତା ସଭାରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବୀରେନ୍ଦ୍ର କୁଅଁର, ବିଡିଓ ହିମାଞ୍ଚଳ ମାଝୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେଶ ଭାଟି, ଗୋଷ୍ଠୀ କୃଷି ଅଧିକାରୀ ରାକେଶ ରଞ୍ଜନ ମାଝୀ, ସହକାରୀ ଯନ୍ତ୍ରୀ ସର୍ବେଶ୍ୱର ପ୍ରଧାନ, ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଶର୍ମିଳା ଛତ୍ରିଆ, ସହକାରୀ ଉଦ୍ୟାନ କୃଷି ଅଧିକାରୀ ସୌରଭ ପାଣିଗ୍ରାହୀ, କୋକସରା ଅଗ୍ନିଶମ ବିଭାଗର ପ୍ରଶାନ୍ତ ବାଘ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ସହକାରୀ ଯନ୍ତ୍ରୀ ଯଶୋବନ୍ତି ଭୋଇ ପ୍ରମୁଖ ଯୋଗ ଦେଇଥିଲେ।

**ନୂଆପଡ଼ା:** ନୂଆପଡ଼ାରେ ବନ୍ୟା ବିପର୍ଯ୍ୟୟ ପ୍ରସ୍ତୁତି ଉପରେ ଜିଲ୍ଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ ଏଥିରେ ଅଧ୍ୟକ୍ଷତା କରିଥିଲେ। ଜିଲ୍ଲା ମୃତ୍ତିକା ସଂରକ୍ଷଣ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ। ସେମାନଙ୍କ ବିଭାଗର ବନ୍ୟା ପୂର୍ବ, ବନ୍ୟା ସମୟ ଓ ବନ୍ୟା ପରର ପ୍ରସ୍ତୁତି ଉପରେ ବିଭାଗର ଦାୟିତ୍ୱ ଓ ପ୍ରସ୍ତୁତି ବର୍ଣ୍ଣନା କରିଥିଲେ। ପ୍ରାରମ୍ଭିକ ଅଭିଭାଷଣରେ ଅତିରିକ୍ତ ଜିଲ୍ଲାପାଳ ରଇତ ବନ୍ୟା ଓ ବାତ୍ୟାର ପ୍ରକୋପ ଓ ଏହାର ପୂର୍ବ ପ୍ରସ୍ତୁତି କିପରି କରାହେବ, ଜିଲ୍ଲାରେ ଏହାକୁ କିଭଳି ସୁଚାରୁରୂପେ ମୁକାବିଲା କରାଯାଇପାରିବ ସେ ସମ୍ପର୍କରେ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ସୁଦେଶ ସେଠୀ ଯୋଗଦେଇ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ କିପରି ବିଭିନ୍ନ ବିପର୍ଯ୍ୟୟକୁ ସୁଚାରୁ ରୂପେ ପରିଚାଳନାରେ ସକ୍ଷମ ହୋଇଛନ୍ତି ତାହା ବର୍ଣ୍ଣନା କରିଥିଲେ। ସାରା ବିଶ୍ୱରେ ଓଡ଼ିଶା ବିପର୍ଯ୍ୟୟ କର୍ତ୍ତୃପକ୍ଷ ସଂସ୍ଥା ଆପଦ ସୁପରିଚାଳନା ପାଇଁ କିଭଳି ଉଚ୍ଚ ପ୍ରଶଂସିତ ହୋଇଛି ତାହା ବର୍ଣ୍ଣନା କରିଥିଲେ। ଓସଡମା ପ୍ରକଳ୍ପ ଅଧିକାରୀ ମହେନ୍ଦ୍ର ସ୍ୱାଇଁ ସ୍ୱାଗତ ଭାଷଣ ସହ ଧନ୍ୟବାଦ ଅର୍ପଣ କରିଥିଲେ। ବିଭାଗୀୟ କର୍ମଚାରୀ ନିମେଷ ଧରୁଆ ଓ ଛତ୍ରପାଳ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଲୋକଙ୍କ ସମସ୍ୟା ବୁଝିଲେ ବିଧାୟକ



**ଥୁଆମୂଳ ରାମପୁର, ୧୮ ।୬(ସମିସ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀ ନିର୍ବାଚନ ମଣ୍ଡଳୀ ଅଧୀନ ଥୁଆମୂଳ ରାମପୁର ବ୍ଲକର ବିଭିନ୍ନ ଗାଁ ପରିଦର୍ଶନ କରିଛନ୍ତି। ଅଞ୍ଚଳର ବିକାଶ ଦିଗରେ ବିଭାଗୀୟ ଅଧିକାରୀଙ୍କ ଅବହେଳା ଉପରେ ସେ ଅସନ୍ତୋଷ ପ୍ରକାଶ କରିଥିଲେ। ବଫଲାମାଳି ଖଣି ପ୍ରଭାବିତ ଅଞ୍ଚଳର ଅନ୍ତ୍ରୀ, ଗୋପୀନାଥପୁର ଏବଂ ମାଳିଗାଁ ପଞ୍ଚାୟତର ବିଭିନ୍ନ ଗାଁ ବୁଲି ଲୋକଙ୍କ ସମସ୍ୟା ବୁଝିଛନ୍ତି। ଏହା ସହ ଲୋକଙ୍କ ଜୀବନ ଜୀବିକା ତଥା ରୋଜଗାରର ମାଧ୍ୟମ ସମ୍ପର୍କରେ ଆଲୋଚନା କରିଥିଲେ। ବଫଲାମାଳି ପାହାଡରୁ ବକ୍ସାଇଟ ଖନନ କାର୍ଯ୍ୟ ଚାଲୁଛି। ପ୍ରଭାବିତ ଏହି ପଞ୍ଚାୟତଗୁଡିକର ସାମୂହିକ ବିକାଶ ପାଇଁ ସରକାର ଏବଂ କମ୍ପାନୀ ଉଭୟଙ୍କ ଉତ୍ତର ଦାୟିତ୍ୱ ରହିଛି। ପାରିପାର୍ଶ୍ୱିକ ବିକାଶ ପାଇଁ ଜିଲ୍ଲା ଖଣିଜ ପାଣ୍ଠି ଅନୁଦାନରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ ଏବଂ ଗମନାଗମନ କ୍ଷେତ୍ରରେ ଖର୍ଚ୍ଚ କରାଯାଉଛି। ଏଥିସହ କମ୍ପାନୀ ମଧ୍ୟ ତା ସିଏସ୍‌ଆର ପାଣ୍ଠିରୁ ମଧ୍ୟ ସ୍ଥାନୀୟ ଲୋକଙ୍କୁ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ କରିବା ପାଇଁ ସେମାନଙ୍କ ଜୀବନ ଜୀବିକା ଉପରେ ଉନ୍ନତି ମୂଳକ ପରିବର୍ତ୍ତନ ଆଣିବା ପାଇଁ ସ୍ୱରୋଜଗାରର ବ୍ୟବସ୍ଥା ରହିଛି; ହେଲେ ବାସ୍ତବରେ ସେଗୁଡିକ କେତେ କାର୍ଯ୍ୟକାରୀ ହେଉଛି ଏବଂ ପ୍ରଭାବିତ ଅଞ୍ଚଳର ଲୋକଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ। ସରକାରଙ୍କ ବିଭିନ୍ନ ଯୋଜନାରୁ ଲାଭ ଉଠାଇ ଉପକୃତ ହେବାପାଇଁ ବିଭିନ୍ନ ଯୋଜନା ଓ ତାହାର ମାଧ୍ୟମ ଉପରେ ବୁଝାଇଥିଲେ। ଜୀବନ ଜୀବିକାରେ ଉନ୍ନତି ଆଣିବା ସହ ବ୍ୟକ୍ତିଗତ ଏବଂ ଗୋଷ୍ଠୀଗତ ରୋଜଗାର ଉପରେ ଗୁରୁତ୍ୱ ଦେଇଥିଲେ। ଏଥିସହ ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରି ଏହାର ସମାଧାନ କରାଯିବା ନେଇ ପ୍ରତିଶ୍ରୁତି ଦେଇଥିଲେ। ବିଧାୟକଙ୍କ ଏହି ପରିଦର୍ଶନ କାର୍ଯ୍ୟକ୍ରମରେ ବ୍ଲକ କୃଷି ଅଧିକାରୀ, ପ୍ରାଣୀ ଚିକିତ୍ସା ଅଧିକାରୀ, ଉଦ୍ୟମ ବିଭାଗ ଅଧିକାରୀ ଏବଂ ରାଜସ୍ୱ ନିରୀକ୍ଷକ ପ୍ରମୁଖ ସାଥିରେ ରହି ଲୋକଙ୍କ ସମସ୍ତ ବିଷୟରେ ଅବଗତ ହେଲେ। ବିଭିନ୍ନ ବିଭାଗର ଜନମଙ୍ଗଳ ଯୋଜନା ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ। ଏହି ଅଞ୍ଚଳର ବିକାଶ ପାଇଁ କମ୍ପାନୀର ସିଏସ୍‌ଆର୍ ପାଣ୍ଠି ଏବଂ ଜିଲ୍ଲା ଖଣିଜ ପାଣ୍ଠିର ଅର୍ଥ ସଦ ବିନିଯୋଗ ଉପରେ କେତେ ସ୍ୱଚ୍ଛତା ରହିଛି ତାହା ଏକ ବଡ ପ୍ରଶ୍ନ ହୋଇଛି। ଯୋଜନାଗୁଡିକ କେତେ ସଫଳ ଏବଂ ଲୋକେ କେତେ ଉପକୃତ ତାହା ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରୁଛି।

# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ୩ ବର୍ଷର ଶିଶୁ



ଗୋଲାମୁଣ୍ଡା, ୧୮ ।୬(ସମିସ): ନୂଆପଡ଼ା ଜିଲ୍ଲା ବୋଡେନ ବ୍ଲକ ପରାଶରା ଗାଁର ଗୋଟିଏ ୩ ବର୍ଷର ଶିଶୁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇଛି। ତନୁଶ ଶେଖର ନାଏକ ଓ ମଞ୍ଜୁଲତା ନାଏକଙ୍କ ଏହି କୁନି ପୁଅଟି ଦେଶ ବିଦେଶର ସାଧାରଣ ଜ୍ଞାନ, ଇଂରାଜୀରେ ପଶୁ, ପକ୍ଷୀ, ଫୁଲ, ଫଳ, ମନ୍ତ୍ରଶ୍ଳୋକ ଇତ୍ୟାଦି ମନେ ରଖି ନିର୍ଭୁଲ ଭାବେ କହିବା ସହ ନିଜର ଚମତ୍କାର ପ୍ରତିଭାକୁ ପ୍ରକାଶ କରିଛି।

# କେସିଙ୍ଗା ସଚେତନ ନାଗରିକ ମଞ୍ଚର ଆନ୍ଦୋଳନ



**କେସିଙ୍ଗା, ୧୮ ।୬(ସମିସ):** କେସିଙ୍ଗା ସଚେତନ ନାଗରିକ ମଞ୍ଚ ମାଁ ମାଟିର ସୁରକ୍ଷା ପାଇଁ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରିଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହା ଚାଲିବ ବୋଲି ମଞ୍ଚ ପକ୍ଷରୁ ଘୋଷଣା କରାଯାଇଛି। ତହସିଲରୁ ଯୋଲକୋ ପର୍ଯ୍ୟନ୍ତ ବାଏପାସ ରାସ୍ତା, କେସିଙ୍ଗାରୁ ଭୁବନେଶ୍ୱର ପାଇଁ ସିଧାସଳଖ ଟ୍ରେନ୍, ୪୦ ବର୍ଷ ଧରି ବନ୍ଦ ପଡ଼ିଥିବା କୋଣାର୍କ ସୂତାକଳର ପୁନରୁଦ୍ଧାର, କେସିଙ୍ଗା ମେଡିକାଲର ବିଭିନ୍ନ ସମସ୍ୟାର ସମାଧାନ ଏମିତି ୧୦ଟି ଦାବି ରହିଛି। ମଞ୍ଚ ସଭାପତି ଉତ୍ତର ମହଲା, ସମ୍ପାଦକ ବଂଶୀ ପାଣି ସାହା, ରମାକାନ୍ତ ଜେନା, ବିନୋଦ ଜୈନ, ନଳୀନ ପଟ୍ଟନାୟକ, କ୍ଷୀରୋଦ ଦାସ ପ୍ରମୁଖ ଆନ୍ଦୋଳନରେ ବସିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ରୋହିତ ଭୋଇ, ମୋତି ସାହୁ, ସଦା ମାଝୀ, ରାମଲାଲ ସୁନାନୀ, ପର୍ଶୁରାମ ପାଢ଼ୀ, ରାମଜୀ ମାତଖଣ୍ଡିଆ, ରଘୁରାଜ ସିଂ, ଓକିଲ ସଂଘ ସମ୍ପାଦକ ଯୁଗଳ କିଶୋର ଦୀପ, ରୋହିତ ଜୈନ, ମୋତି କୈବର୍ତ୍ତ, କେସିଙ୍ଗା ବିଶ୍ୱହିନ୍ଦୁ ପରିଷଦର ଉପ ସଭାପତି ଶଙ୍କରଲାଲ ଗର୍ଗ ପ୍ରମୁଖ ଉପସ୍ଥିତ ଥିଲେ।

# ବିକାଶ ବାହନ ରଥର ପରିକ୍ରମା





**ଭବାନୀପାଟଣା, ୧୮ ।୬(ସମିସ):**



ନର୍ଲା ବ୍ଲକର ରାକ୍ସି ଓ ମାଣ୍ଡେଲ ପଞ୍ଚାୟତରେ ବିକାଶ ବାହନ ସଚେତନତା ରଥକୁ ବୁଧବାର ସ୍ୱାଗତ କରାଯାଇଛି। ରାକ୍ସି ପଞ୍ଚାୟତରେ ସରପଞ୍ଚ ଯେମନ୍ତ ପୋଢଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସରପଞ୍ଚ ସଂଘ ସଭାପତି ଅନ୍ତରାମ ମାଝୀ, ଘଣ୍ଟମାଳ ସରପଞ୍ଚ ଦେବେନ୍ଦ୍ର ସା, ସରିଆଁ ସରପଞ୍ଚ ଓମପ୍ରକାଶ ଛତ୍ରିଆ, ବାଗପୁର ସରପଞ୍ଚ ଗୋପାଳ ହାତୀ, ଭୀମକେଲା ସରପଞ୍ଚଙ୍କ ପ୍ରତିନିଧି ଜୟନ୍ତ ଗଉଡ, ଜିପିଡିଓ ରବି ନାଏକ, ସିଡିପିଓ ଅଞ୍ଜଳି ପଟ୍ଟନାୟକ, ରାକ୍ସି ସମିତି ସଭ୍ୟ ଚୁମନ ଭୋଇ, ନାଏବ ସରପଞ୍ଚ କୁନ୍ତି ମାଝୀ ପ୍ରମୁଖ ମଞ୍ଚାସୀନ ଥିଲେ। ରାକ୍ସି ପିଇଓ ସହସ୍ରାଂଶୁ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶିକ୍ଷାବିତ ମନୋଜ ଭୋଇ ମଞ୍ଚ ସଂଯୋଜନା କରିଥିଲେ। ଏହି ଅବସରରେ ପଞ୍ଚାୟତର ହିତାଧିକାରୀଙ୍କୁ ଜବ୍ କାର୍ଡ, ସାମାଜିକ ନିରାପତ୍ତା ଭତ୍ତା, ହୁଇଲ ଚେୟାର, ଅନ୍ତୋଦୟ ଗୃହ, ରାସନ କାର୍ଡ ଆଦି ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଏଡିଇଓ ଭଗବତ ପ୍ରସାଦ ସାହୁ, ଯୋଗାଣ ସହାୟକ ଚୈତନ୍ୟ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଏଥିରେ ବନ ବିଭାଗ, କୃଷି ବିଭାଗ, ସ୍ୱାସ୍ଥ୍ୟ ବିଭାଗ ଆଦି ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କ ସମେତ ପଞ୍ଚାୟତ ଅଞ୍ଚଳର ଅନେକ ପୁରୁଷ ଏବଂ ମହିଳା ଉପସ୍ଥିତ ଥିଲେ। ସେହିପରି ମାଣ୍ଡେଲରେ ଭାରପ୍ରାପ୍ତ ସରପଞ୍ଚ ସୁଧାଙ୍ଗନା ନାଏକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ନର୍ଲା ବିଡ଼ିଓ ବିପିନ ବିହାରୀ ଦୀପ, ଜିପିଡିଓ ରବି ନାଏକ, ନର୍ଲା ସରପଞ୍ଚ ସଂଘ ସଭାପତି ଅନ୍ତରାମ ମାଝୀ, ବାଗପୁର ସରପଞ୍ଚ ଗୋପାଳ ହାତୀ, ପ୍ରସୁନ ଜାଲ (ରଞ୍ଜନ), ୱାର୍ଡସଭ୍ୟ ମାର୍କଣ୍ଡ ଜାଲ, ଶିକ୍ଷାବିତ ରାମ ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ନରହରି ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶିକ୍ଷାବିତ ଶରତ ଚନ୍ଦ୍ର ଭୋଇ ମଞ୍ଚ ପରିଚାଳନା କରିଥିଲେ। ମାଣ୍ଡେଲ ଏଡିଇଓ ସବିତା ଦାସ, ବାସବ ମହାନନ୍ଦ, ମୁକୁନ୍ଦ ମାହାର ପ୍ରମୁଖ ସହଯୋଗ କରିଥିଲେ।

**ଗୋଲାମୁଣ୍ଡା:** କେଗାଁ ପଞ୍ଚାୟତରେ ମଧ୍ୟ ବିକାଶ ବାହନ ରଥ ପରିକ୍ରମା କରିଛି। ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ଜିପିଓ ରମିତ ପଧାନ, କେଗାଁ ସରପଞ୍ଚ ଅମୃତା ବଛା, ପଞ୍ଚାୟତ ସମିତି ଲକ୍ଷ୍ମଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

**ନୂଆପଡ଼ା:** ଖରିଆର ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍‌ଏସି) ରୋଡଠାରେ ବିକାଶ ବାହନ ରଥର ଶୁଭାରମ୍ଭ ହୋଇଯାଇଛି। ଏହାକୁ ଏନ୍‌ଏସି ଅଧ୍ୟକ୍ଷା ସୋନିଆ ଜୈନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରଥର ଶୁଭାରମ୍ଭ କରିଛନ୍ତି। କାର୍ଯ୍ୟକ୍ରମରେ କାର୍ଯ୍ୟନିର୍ବାହୀ ଅଧିକାରୀ କମଳାସନ ରଥ ଅଧ୍ୟକ୍ଷତା କରିଥିଲେ। ଅଧ୍ୟକ୍ଷା ଜୈନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିଲେ। ଏଥିରେ ବିଜ୍ଞାପିତ ଅଞ୍ଚଳ ପରିଷଦର ଉପାଧ୍ୟକ୍ଷ ନିଶାନ୍ତ ଡାଗାଙ୍କ ସହ ସମସ୍ତ ଅଧିକାରୀ, କର୍ମଚାରୀଙ୍କ ସହ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି ରଥ ଆସନ୍ତା ୪ ଦିନ ଧରି ସମସ୍ତ ୧୯ ଗୋଟି ୱାର୍ଡ ବୁଲି ସରକାରଙ୍କ ବିଭିନ୍ନ ବିକାଶ ମୂଳକ ବାର୍ତ୍ତା ଉପରେ ସଚେତନ କରିବ ବୋଲି ଏନ୍‌ଏସି ପକ୍ଷରୁ କୁହାଯାଇଛି।

## ୭ କେଜି ଗଞ୍ଜେଇ ଜବତ; ୨ ଗିରଫ



ସିନାପାଲି, ୧୮।୬(ସମିସ): ଗଞ୍ଜେଇ ଚୋରା ଚାଲାଣ ବେଳେ ନୂଆପଡ଼ା ଜିଲ୍ଲା ସିନାପାଲି ଅବକାରୀ ପୁଲିସ ୨ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କଠାରୁ ୭ କିଲୋ ଗଞ୍ଜେଇ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଛତିଶଗଡ଼ ଭିଲାଇ ସହରର ନବୀନ ସାହୁ ଓ ବଲାଙ୍ଗିର ଜିଲ୍ଲା କୁନାଭୁଟଲା ଗ୍ରାମର ଗୋବିନ୍ଦ ସାହୁ। ସୂଚନାନୁଯାୟୀ, ବୋଡ଼େନ ବ୍ଲକ ଦେଇ ଯାଇଥିବା ବିଜୁ ଏକ୍ସପ୍ରେସ ୱେରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ନୂଆପଡ଼ା ଅବକାରୀ ଏସ୍‌ପି ସଂଘମିତ୍ରା ପ୍ରଧାନ କୌଣସି ସୂତ୍ରରୁ ଖବର ପାଇଥିଲେ। ଚଢ଼ଉ ପାଇଁ ସେ ସିନାପାଲି ଅବକାରୀ ଥାନାକୁ ନିର୍ଦ୍ଦେଶ ଦେଇଥିଲେ। ତାଙ୍କର ନିର୍ଦ୍ଦେଶ କ୍ରମେ ସିନାପାଲି ଅବକାରୀ ଥାନା ଅଧିକାରୀ ସିଦ୍ଧାନ୍ତ ପାତ୍ର ସଦଳବଳେ ବୋଡ଼େନ ବ୍ଲକର ଅମେରା ଛକ ନିକଟରେ ଗଞ୍ଜେଇ ଚାଲାଣକାରୀଙ୍କୁ କାବୁ କରି ତାଙ୍କ ଠାରୁ ୭ କିଲୋଗ୍ରାମ ଗଞ୍ଜେଇ ସହ ଏକ ବାଇକ୍(ସିଜି ୦୭ ସିଜି ୦୬୪୬) ଜବତ କରିଥିଲେ। ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ସିନାପାଲି ଅବକାରୀ ଥାନରେ ୬୪/୨୦୨୫ ଅନୁଯାୟୀ ମାମଲା ରୁଜୁ କରି ତଦନ୍ତ ଜାରି ରହିଥିବା ସିନାପାଲି ଅବକାରୀ ଥାନା ଅଧିକାରୀ ସିଦ୍ଧାନ୍ତ ପାତ୍ର ପ୍ରକାଶ କରିଛନ୍ତି।

## ଡ୍ରାଇଭର ମହାସଂଘର ଜିଲ୍ଲାସ୍ତରୀୟ କମିଟି ଗଠିତ



କୋମନା, ୧୮।୬(ସମିସ): ନୁଆପଡ଼ା ଜିଲ୍ଲା କୋମନା ବ୍ଲକ ଧରମସାଗର ସ୍ଥିତ ଶିବ ମନ୍ଦିର ପ୍ରାଙ୍ଗଣରେ ଓଡ଼ିଶା ଡ୍ରାଇଭର ମହାସଂଘର ନୁତନ ଜିଲ୍ଲାସ୍ତରୀୟ କମିଟି ଗଠିତ ହୋଇଛି। ଜିତେନ୍ଦ୍ର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ନୁତନ କମିଟି ଗଠନ ପାଇଁ ପ୍ରସ୍ତାବ ଆଗତ ହୋଇଥିଲା। ସଭାପତି ଭାବରେ ଦୁର୍ଗାଚରଣ ବିଶି, ଉପସଭାପତି ଭାବରେ ଫଗନୁ ଅଦା, ସମ୍ପାଦକ ଭାବରେ ପୁରନ୍ଦର ବାଗ, ସହ ସମ୍ପାଦକ ଭାବରେ ଜିତେନ୍ଦ୍ର ପାତ୍ର, କୋଷାଧ୍ୟକ୍ଷ ଭାବରେ ଭରତ କଠାର, ଜିଲ୍ଲା ଆଡମିନ ଭାବରେ ହେମରାଜ ମଲ୍ଲିକ ସର୍ବସମ୍ମତି କ୍ରମେ ମନୋନୀତ ହୋଇଥିଲେ। ଏଥିରେ ଜିଲ୍ଲାର ପ୍ରତ୍ୟେକ ବ୍ଲକ ଓ ପଞ୍ଚାୟତର ଡ୍ରାଇଭର ସଂଘ ଯୋଗଦେଇଥିଲେ। ଚୟନ ହୋଇଥିବା ନୁତନ କମିଟି ସଦସ୍ୟମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

## ଜିଲ୍ଲାପାଳଙ୍କୁ ଫେରାଦ ହେଲା କଂଗ୍ରେସ



ନୂଆପଡ଼ା, ୧୮।୬(ସମିସ): ନୂଆପଡ଼ା ଜିଲ୍ଲାର ଖଡ଼ିଆଳ ବ୍ଲକରେ ଦୀର୍ଘ ଦିନ ଧରି ବିଡ଼ିଓ ପଦ ଖାଲି ପଡ଼ିଛି। ପଦ ପୂରଣ ପାଇଁ ବିଭିନ୍ନ ସମୟରେ ବ୍ଲକବାସୀ ଦାବି କରି ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନଥିବାରୁ ଜିଲ୍ଲା କଂଗ୍ରେସ ବୁଧବାର ଜିଲ୍ଲାପାଳଙ୍କ ନିକଟରେ ଫେରାଦ ହୋଇଛି। କଂଗ୍ରେସ ନେତା କମଳ ଚରଣ ତାଣ୍ଡିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ନୂଆପଡ଼ା ଜିଲ୍ଲାପାଳଙ୍କୁ ସା।କ୍ଷାତ କରି ବିଡିଓ ନିଯୁକ୍ତି ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ଗତ ଛଅ ମାସରୁ ଊର୍ଦ୍ଧ୍ୱ ହେବ ଖଡ଼ିଆଳ ବ୍ଲକରେ ବିଡିଓ ପଦ ଖାଲିପଡ଼ିଛି। ପୁରୁଣା ବିଡିଓ ବଦଳି ହୋଇଯିବା ପରେ ଖଡ଼ିଆଳ ବ୍ଲକ କାର୍ଯ୍ୟାଳୟ ମୁରବିଶୂନ୍ୟ ହୋଇ ପଡ଼ିଛି। ଏହାପୂର୍ବରୁ ଜନୈକ ଅଧିକାରୀଙ୍କୁ ଖଡ଼ିଆଳ ବିଡିଓ ଭାବରେ ନିଯୁକ୍ତି ଦିଆଯାଇଥିଲା, କିନ୍ତୁ ସେ ମଧ୍ୟ ଏଠାରେ କୌଣସି କାରଣରୁ କାର୍ଯ୍ୟରେ ଯୋଗ ଦେଇପାରି ନଥିବା କଂଗ୍ରେସ କହିଛି। ଏହା ଉପରେ ସରକାର ଧ୍ୟାନ ନଦେଲେ ଏହାର ଆଗାମୀ ଦିନରେ ଖଡ଼ିଆଳ ବ୍ଲକ କାର୍ଯ୍ୟାଳୟରେ ତାଲା ପକାଇବା ସହ ଧାରଣା ଦେବାକୁ ଦଳ ଚେତାବନୀ ଶୁଣାଇଛି।

## ମେଧାବୀ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ



କେସିଙ୍ଗା, ୧୮ ।୬(ସମିସ): କଳାହାଣ୍ଡି ଜିଲ୍ଲା କେସିଙ୍ଗା ବିଦ୍ୟାପୀଠ ପରିସରରେ ବୁଧବାର କଳାହାଣ୍ଡି ଓଷ୍ଟାର କେସିଙ୍ଗା ଶାଖା ଆନୁକୂଲ୍ୟରେ ଦ୍ୱିତୀୟ ବ୍ଲକସ୍ତରୀୟ ମେଧାବୀ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛାତ୍ରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଦମ୍ୟ ଇଚ୍ଛା ଶକ୍ତି, ନିରବଚ୍ଛିନ୍ନ ଅଧ୍ୟବସାୟ ହିଁ ସଫଳତାର ମୂଳ ଚାବିକାଠି ବୋଲି ମତ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତହସିଲଦାର ପ୍ରଶାନ୍ତି ପଧାନ, କେସିଙ୍ଗା ମହା ବିଦ୍ୟାଳୟ ଅର୍ଥନୀତି ବିଭାଗ ରିଡର ରାଜେଶ ଅଗ୍ରୱାଲ, କେସିଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ଆନନ୍ଦ ବେହେରା, ସାରଙ୍ଗଧର ଠାକୁର, ମୃତ୍ୟୁଞ୍ଜୟ ବେହେରା, ସନ୍ତୋଷ ରଥ, ପ୍ରଭାତ ରଥ, ଭବାନୀଶଙ୍କର ମିଶ୍ର, ଦୁଷ୍ମନ୍ତ ଶେଖର ପାଢ଼ୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଦଶମ ଶ୍ରେଣୀ ପରୀକ୍ଷାରେ ଏ-୧ ସ୍ଥାନ ଅଧିକାର କରିଥିବା ଜନତା ହାଇସ୍କୁଲର ଛାତ୍ର ଦୁଷ୍ମନ୍ତ ରଣାଙ୍କୁ ଆର୍ଦଶ ମେଧାବୀ ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିସହ ୩୦ଟି ହାଇସ୍କୁଲର ଟପ୍ପରଙ୍କ ସହ ସେମାନଙ୍କ ପିତାମାତା ଏବଂ ବିଦ୍ୟାଳୟ ମୁଖ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଭୟ ଦେବତାଙ୍କ ସଭାପତିତ୍ୱରେ ଏହି ସମାବେଶରେ ସମୀର ବେହେରା ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିଲେ। ଶିକ୍ଷକ ଜି. କ୍ରିଷ୍ଣା ରେଡ୍ଡୀ ସଂଯୋଜନା କରିଥିଲେ।

ସକାଳ THE SAKALA



www.sakalaepaper.com

## ବିଶ୍ୱ ବୟସ୍କ ନିର୍ଯାତନା ସଚେତନତା ଦିବସ

ଜଗତସିଂହପୁର, ୧୮।୬(ସମିସ): ବିରିଡି ବ୍ଲକ ଅନ୍ତର୍ଗତ ଅଢଙ୍ଗମଞ୍ଜୁରାଇ ପଞ୍ଚାୟତ କାର୍ଯ୍ୟାଳୟରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ବିଶ୍ୱ ବୟସ୍କ ନିର୍ଯାତନା ସଚେତନତା ଦିବସ ପାଳିତ ହୋଇଯାଇଛି। ପ୍ରାଧିକରଣ ସଚିବ ବିଡ଼ିଡି ଚନ୍ଦନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ, ପାରା ଲିଗାଲ ସ୍ୱେଚ୍ଛାସେବୀ ଏବଂ ଗ୍ରାମବାସୀ ଯୋଗ ଦେଇଥିଲେ। ବୟସ୍କ ବ୍ୟକ୍ତିଙ୍କ ପ୍ରତି ହେଉଥିବା ନିର୍ଯ୍ୟାତନା ଓ ଅତ୍ୟାଚାରକୁ ରୋକିବା ଏବଂ ଏହା ବିରୋଧରେ ସ୍ୱର ଉତ୍ତୋଳନ କରିବା ସହ ସଚେତନତା ସୃଷ୍ଟି କରିବା ହେଉଛି ଏହି ଦିବସର ମୂଳ ଲକ୍ଷ୍ୟ। କୌଣସି ସ୍ଥାନରେ ଯଦି ବୟସ୍କ ବ୍ୟକ୍ତିଙ୍କୁ ନିର୍ଯାତନା ଦିଆଯାଉଥାଏ ତେବେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସହ ଯୋଗାଯୋଗ କରିବାକୁ ସଚିବ ସଚେତନ କରାଇବା ସହ ବିଭିନ୍ନ ଆଇନଗତ ଦିଗ ବିଷୟରେ ଆଲୋଚନା କରିଥିଲେ।

## ସାପ କାମୁଡ଼ାରେ ଜଣେ ମୃତ



ଏରସମା,୧୮।୬(ସମିସ): ଏରସମା ଥାନା ଭିରଙ୍ଗ ଗ୍ରାମର ପ୍ରଭାକର ଜେନା(୫୩) ନିଜ ଦୋକାନ କେବିନରେ ଶୋଇଥିବା ସମୟରେ ବିଷାକ୍ତ ସାପ କାମୁଡ଼ିବାରୁ ତାଙ୍କ ମୃତ୍ୟୁ ଘଟିଛି। ଏରସମା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରୁ ତାଙ୍କୁ ଜଗତସିଂପୁର ମେଡିକାଲ ପଠାଯାଇଥିଲା। ସେଠାରେ ତାଙ୍କର ଚିକିତ୍ସାଧୀନ ସମୟରେ ମୃତ୍ୟୁ ଘଟିଥିଲା। ତାଙ୍କର ବିୟୋଗରେ ଭିରଙ୍ଗ ଗ୍ରାମରେ ଶୋକର ଛାୟା ଖେଳି ଯାଇଛି।

## ନୂଆବଜାର ଅଞ୍ଚଳରୁ ଦୁଇ ବାଇକ୍ ଚୋରି

ପାରାଦୀପ, ୧୮।୬ (ସମିସ): ବୁଧବାର ନୂଆବଜାର ତେଲୁଗୁ ପଡ଼ାର କୈଳାସ ଆଚାର୍ଯ୍ୟଙ୍କ ଏକ ସ୍ପ୍ଲେଣ୍ଡର ବାଇକ ଓ ଗଣ୍ଡୁଡୁଙ୍କ ପାସନ ଗାଡ଼ି ସେମାନଙ୍କ ଘର ସମ୍ମୁଖରେ ରହିଥିବା ବେଳେ ଭୋର ସମୟରେ ଦୁର୍ବୃତ୍ତ ଲକ୍ ଭାଙ୍ଗି ଚୋରି କରି ନେଇଛନ୍ତି। ଏ ସମ୍ପର୍କରେ ପାରାଦୀପ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ପୁଲିସ ତଦନ୍ତ କରିବା ସହ ବାଇକ ଲୁଟେରାଙ୍କୁ ଧରିବାକୁ ପ୍ରୟାସ ଜାରି ରଖିଥିବା ସୂଚନା ମିଳିଛି। ସ୍ୱତନ୍ତ୍ର ଭାବେ ଏହି ବାଇକ ଚୋରି ଗ୍ୟାଙ୍ଗ ଏବେ ପାରାଦୀପରେ ସକ୍ରିୟ ଥିବା କୁହାଯାଉଛି। ବଡପଡ଼ିଆ ଅଞ୍ଚଳରୁ କ୍ରମାଗତ ଭାବେ ଲୁଟେରା ଜନଗହଳି ସ୍ଥାନ ଦେଖି ବାଇକ ଲୁଟୁଛନ୍ତି। ଦିନେ ଦୁଇ ଦିନ ଅନ୍ତରରେ ଏଭଳି ଲୁଟ ହେଉଥିବା ଖବର ସାମ୍ନାକୁ ଆସୁଛି। ପୁଲିସ ଏହି ଗ୍ୟାଙ୍ଗ ଉପରେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ୧୯ରୁ ୨୬ ଜୁନ ସମୁଦ୍ର ମଧ୍ୟକୁ ମନା



ପାରାଦୀପ, ୧୮।୬ (ସମିସ): ଉତ୍ତର ପଶ୍ଚିମ ବଙ୍ଗୋପସାଗର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଘୂର୍ଣ୍ଣିବଳୟ ପ୍ରଭାବରେ ଆସନ୍ତା ୧୯ ରୁ ୨୬ ଜୁନ ପର୍ଯ୍ୟନ୍ତ ସମୁଦ୍ର ଅଶାନ୍ତ ରହିବ। ପ୍ରବଳରୁ ଅତି ପ୍ରବଳ ବର୍ଷା, ଝଡ଼ବର୍ଷା ଓ ୪୬୦ କିମି ବେଗରେ ପବନ ବହିବାର ଆଶଙ୍କା ରହିଛି। ସେ ସମୟ ମଧ୍ୟରେ ସମୁଦ୍ରକୁ ମାଛ ଧରିବାକୁ ନ ଯିବା ପାଇଁ ମତ୍ସ୍ୟ ଓ ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଯାଇଛି। ବୁଧବାର ପାରାଦୀପ ନେହେରୁ ବଙ୍ଗଳାସ୍ଥିତ ମାଛଧରା ବନ୍ଦରରେ ମତ୍ସ୍ୟ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ସହାୟତାରେ ପ୍ରଚାର କରାଯାଇ ସତର୍କ ସୂଚନା ଜାରୀ କରାଯାଇଛି। ଏବେଠୁ ପାରାଦୀପରେ ତୁହାକୁ ତୁହା ବର୍ଷା ଲାଗି ରହିଛି। ଏହି ସମୟରେ ସମୁଦ୍ର ମଧ୍ୟକୁ ଗଲେ ବିପଦ ଦେଖା ଦେଇ ପାରେ। ରାଜ୍ୟ ସରକାରଙ୍କ ମତ୍ସ୍ୟ ବିଭାଗ ଓ ପାଣିପାଗ ବିଭାଗ ପକ୍ଷରୁ ସମସ୍ତ ବୋଟ ମାଲିକ, ଡଙ୍ଗା ମାଲିକ ଓ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ରକୁ ନଯିବା ପାଇଁ ବାରଣ କରାଯାଇଛି।

## ନିଟ୍ ପରୀକ୍ଷାରେ ଆଶୁତୋଷ ସଫଳ



ନାଉଗାଁ, ୧୮।୬(ସମିସ): ନାଉଗାଁ ବ୍ଲକ୍ ଅନ୍ତର୍ଗତ ଓଡପଏଙ୍ଗା ଗ୍ରାମର ପ୍ରକାଶ ଦାଶ ଓ ପ୍ରିୟଦର୍ଶିନୀ ଦାଶଙ୍କ ପୁଅ ଆଶୁତୋଷ ଦାଶ ସର୍ବଭାରତୀୟ ନିଟ୍ ପରୀକ୍ଷାରେ ୫୮୨ ର୍‌ୟାଙ୍କରେ ଉତ୍ତୀର୍ଣ୍ଣ ହୋଇ ଡାକ୍ତରୀ ପାଠ ପଢିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେ ଆଗାମୀ ଦିନରେ ଜଣେ ଭଲ ଡାକ୍ତର ହୋଇ ଅଞ୍ଚଳବାସୀଙ୍କ ସେବା କରିବେ ବୋଲି କହିବା ସହ ତାଙ୍କର ଏହି ସଫଳତା ପାଇଁ ତାଙ୍କ ବାପା, ମା'ଙ୍କ ପ୍ରଚେଷ୍ଟା ବୋଲି ସୂଚନା ଦେଇଛନ୍ତି। ଆଶୁତୋଷଙ୍କ ଏହି ସଫଳତା ହାସଲ କରିବାପରେ ପରିବାର ତଥା ଅଞ୍ଚଳରେ ଖୁସିର ଲହରୀ ଖେଳି ଯାଇଛି। ଏହି ସଫଳତା ପାଇବା ପରେ ଆସୁତୋଷଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

### ■ ପାରାଦୀପରେ ବାସି ଖାଦ୍ୟର ହେଉନି ଯାଞ୍ଚ

## ଡାଇରିଆ ବ୍ୟାପିବା ଆଶଙ୍କା

ପାରାଦୀପ, ୧୮।୬ (ସମିସ): ଡାଇରିଆ ଏବେ ସାରା ରାଜ୍ୟରେ କାୟାବିସ୍ତାର କରିବାରେ ଲାଗିଛି। ବନ୍ଦର ସହରରେ ଯଦିଓ ଏଭଳି ଲକ୍ଷଣ କେଉଁଠି ଦେଖାଯାଇନି, ତଥାପି ଆଗାମୀ ଦିନରେ ଡାଇରିଆ ଦିଗକୁ ଏଡ଼ାଇ ଦିଆଯାଇ ନ ପାରେ। ଏବେ ବେଳ ଥାଉଁ ସତର୍କ ନ ରହିଲେ ଆଗକୁ ଦଶା ଭୋଗିବାକୁ ପଡ଼ିପାରେ। ଏଭଳି ମୁହୂର୍ତ୍ତରେ ପାରାଦୀପ ଓ ଏହା ଆଖପାଖ ଅଞ୍ଚଳରେ ଯେତେ ଟିଫିନ ସେଣ୍ଟର, ହୋଟେଲ, ରେଷ୍ଟୁରାଣ୍ଟ ଓ ଫାଷ୍ଟଫୁଡ ସେଣ୍ଟର ରହିଛି, ସବୁଠି ପ୍ରସ୍ତୁତ ଖାଦ୍ୟ ପଦାର୍ଥର ଯାଞ୍ଚ କରାଯିବାର ଆବଶ୍ୟକତା ରହିଛି। ପ୍ରତ୍ୟେକ ଦିନ ଚଢ଼ଉ କରି ଅପମିଶ୍ରିତ ବାସୀ ଖାଦ୍ୟ ଉପରେ ନଜର ରଖିବା କଥା। ଏବେ ସୁଦ୍ଧା ସେଭଳି କୌଣସି ଚଢ଼ଉ ବନ୍ଦର ସହର ପାରାଦୀପ ଅଞ୍ଚଳରେ ହେଉନାହିଁ।

ଏଥିସହିତ ବଡ଼ପଡ଼ିଆ, ଷଣ୍ଢକୁଦ, ନେହେରୁ ବଙ୍ଗଳା, ଅଠରବାଙ୍କୀ, ପାରାଦୀପଗଡ଼ ଓ ଇଫକୋ ଛକ ଆଦି ସ୍ଥାନରେ ହୋଟେଲ, ଗୁପଚୁପ, ଉଠା ଜଳଖିଆ ଦୋକାନ ଓ ରାସ୍ତା କଡ଼ରେ ଫାଷ୍ଟଫୁଡ ଦୋକାନ ଦେଇଥିବା ଦେଖିବାକୁ ମିଳୁଛି। ସେମାନେ କେଉଁଭଳି ଖାଦ୍ୟ ପଦାର୍ଥ ପ୍ରସ୍ତୁତ କରୁଛନ୍ତି, ସେଠାରେ ବାସି ଜିନିଷ ବ୍ୟବହାର କରାଯାଉନି ତ? ଏସବୁର ଯାଞ୍ଚ ହେବା କଥା। ଯଦି କେଉଁ ସ୍ଥାନରେ ଅଭିଯୋଗ ହେଉଛି, ତେବେ ବିଭାଗ ସେହି ଗୋଟିଏ ଦିନ ଯାଇ ଯାଞ୍ଚ କରି କାମ ସାରି ଦେଉଥିବା ସାଧାରଣରେ ଅଭିଯୋଗ ହେଉଛି। ତେବେ ଆମ ଜିଲ୍ଲାରେ ଏହି ଖାଦ୍ୟ ନିରୀକ୍ଷକ ଦପ୍ତର ଅଛି ବୋଲି ଜଣାପଡୁନାହିଁ। ତେଣୁ ଏବେଠୁ ସ୍ୱାସ୍ଥ୍ୟ ବିଭାଗ ଆଗୁଆ ଖାଦ୍ୟ ପଦାର୍ଥ ସବୁ ଯାଞ୍ଚ କରି ସତର୍କ ରହିବା ଆବଶ୍ୟକ। କୌଣସି ଜାଗାରେ ଯେପରି କୌଣସି ପରିସ୍ଥିତିରେ ବାସି ଓ ଅପମିଶ୍ରିତ ଖାଦ୍ୟ ବିକ୍ରି ହେବ, ସେଥିପ୍ରତି ବିଭାଗ ନଜର ରଖିବା ଆବଶ୍ୟକ। ଯେହେତୁ ଶିଳ୍ପ ସହର ପାରାଦୀପ ଏକ ପ୍ରଦୂଷିତ ଅଞ୍ଚଳ, ଏଠାରେ ସ୍ୱଚ୍ଛତା ମାତ୍ରା କମ ରହିଛି। ସ୍ୱଚ୍ଛ ପାନୀୟ ଜଳ ସଙ୍କଟ ରହିଛି। ତେଣୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏଥିପ୍ରତି ଧ୍ୟାନ ଦେବାର ଆବଶ୍ୟକତା ରହିଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକ ଏନେଇ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିବା ଦରକାର। ବର୍ତ୍ତମାନ ସମୟରେ ସ୍ୱାସ୍ଥ୍ୟ ବିଭାଗ ବାହାର ଖାଦ୍ୟ ପଦାର୍ଥ ନ ଖାଇବା ଉପରେ ସାଧାରଣ ଲୋକଙ୍କୁ ସଚେତନତା କରିବା ଉଚିତ ବୋଲି ମତ ପ୍ରକାଶ ପାଉଛି।

### ■ କୁଜଙ୍ଗ ଓ ରଘୁନାଥପୁର ପଞ୍ଚାୟତସମିତିର ଅଧିବେଶନ

# ବିଦ୍ୟୁତ, ଶିକ୍ଷା, ଜଳଯୋଗାଣ ସମସ୍ୟା ସମାଧାନକୁ ଗୁରୁତ୍ୱ





କୁଜଙ୍ଗ, ୧୮।୬(ସମିସ):

କୁଜଙ୍ଗ ପଞ୍ଚାୟତସମିତି ସଭାଗୃହଠାରେ ପାରାଦୀପ ବିଧାୟକ ତଥା ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ମନ୍ତ୍ରୀ ସମ୍ପଦଚନ୍ଦ୍ର ସ୍ୱାଇଁ ପଞ୍ଚାୟତସମିତିର ପଞ୍ଚମ ସାଧାରଣ ଅଧିବେଶନକୁ ସମ୍ବୋଧିତ କରିଥିଲେ। ଅଧ୍ୟକ୍ଷା ନିନାରାଣୀ ସାହୁଙ୍କ ଅଧ୍ୟକ୍ଷତାରେ ୨୦୨୪-୨୫ ବର୍ଷର ବାର୍ଷିକ ବିବରଣୀ ପାଠ କରାଯାଇଥିଲା। ବିକଶିତ ଓଡ଼ିଶା, ବିକଶିତ ଗାଁ ଉପରେ ଆଲୋଚନାରେ ଗୁରୁତ୍ୱାରୋପ କରାଯିବା ସହ ମନ୍ତ୍ରୀ ଶ୍ରୀ ସ୍ୱାଇଁ ମିଳିମିଶି ଲୋକମାନଙ୍କର ମୌଳିକ ସମସ୍ୟାର ସାମାଧାନ ଦିଗରେ କାର୍ଯ୍ୟ କରିବା ପାଇଁ କହିଥିଲେ। ସମସ୍ତ ସରପଞ୍ଚ, ସମିତିସଭ୍ୟ, ପଞ୍ଚାୟତସମିତି ସଦସ୍ୟ, ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ବୈଠକରେ ଜଗତସିଂହପୁର ସାଂସଦ ଡ. ବିଭୂପ୍ରସାଦ ତରାଇ ସରକାରୀ ଶିକ୍ଷା ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରିଥିଲେ। ପଞ୍ଚାୟତସମିତି ଅଧ୍ୟକ୍ଷା, ଉପାଧ୍ୟକ୍ଷ, ବିଡ଼ିଓ, ଏବିଡ଼ିଓ, ଜିଲ୍ଲା ପରିଷଦ ସଭ୍ୟ ରବିନାରାୟଣ ସାହୁ, ପ୍ରମୋଦ ଚରଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଆଲୋଚନାରେ ସାଇଲୋ ସରପଞ୍ଚ ନିଜ ପଞ୍ଚାୟତର କେତେକ ଯୋଜନା ନେଇ ଆପତ୍ତି ଉଠାଇବା ସହ କ୍ଷୋଭ ପ୍ରକାଶ କରିଥିଲେ। ପଙ୍କପାଳ ସରପଞ୍ଚ ସରୋଜ ସେଠୀ(ମୁନା) ଜନାପାଳରେ ଅଙ୍ଗନବାଡ଼ି କେନ୍ଦ୍ର ପ୍ରତିଷ୍ଠା, ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ନେଇ ଖରାପ ହୋଇଥିବା ବିଦ୍ୟୁତ୍ ଏଲଇଡି ଲାଇଟ, ତାଳପଡ଼ା ବାଣିକୁନ୍ଦ ରାସ୍ତା ନିର୍ମାଣ ବିଳମ୍ବ ପ୍ରସଙ୍ଗ ଉଠାଇବା ସହ ଗୁରୁତ୍ୱପୂର୍ଣ୍ଣ ଚଟୁଆ ଚାନ୍ଦପୁର ରାସ୍ତା ଦୁରବସ୍ଥା ସମାଧାନ ଚାହିଁ ଥିଲେ। ସେହିପରି ନୂଆଗଡ ସରପଞ୍ଚ ଦେବେନ୍ଦ୍ର ରାଉତ୍ ନିଜ ଅଞ୍ଚଳର ଶିକ୍ଷା ବ୍ୟବସ୍ଥା ଉଠାଇ ଶିକ୍ଷକ ଅଭାବ, ଏଲଆଣ୍ଡଟି ଜଳଯୋଗାଣ କର୍ଯ୍ୟ ଧିମା ଗତି ପ୍ରସଙ୍ଗ ଉଠାଇବା ସହ ବିଦ୍ୟୁତ୍ ସେବା ନେଇ ଗୁରୁତର ସମସ୍ୟା ଉଠାଇଥିଲେ। କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସ, ବାଗୋର ପ୍ରଭାଞ୍ଜଳି ସେଠୀ, ଗୋପିଆକୁଦ ଶ୍ରୀନିବାସ ସ୍ୱାଇଁଙ୍କ ସହ ବହୁ ସରପଞ୍ଚ ନିଜ ପ୍ରସଙ୍ଗ ଉଠାଇଥିଲେ। ନିର୍ଦ୍ଧାରିତ ସମୟଠାରୁ ଦୁଇ ଘଣ୍ଟା ବିଳମ୍ବରେ ସମିତି ବୈଠକ ଆରମ୍ଭ ହୋଇଥିଲା।

**ରଘୁନାଥପୁର:** ରଘୁନାଥପୁର ପଞ୍ଚାୟତସମିତିର ୫ମ ଅଧିବେଶନ ବହୁଦିନ ପରେ ବୁଧବାର ବ୍ଲକ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଲକ୍ଷ୍ମୀ ବେହେରା ସଭାପତିତ୍ୱ କରିଥିଲେ। ଏଥିରେ ତିର୍ତ୍ତୋଲ ବିଧାୟକ ଡ ରମାକାନ୍ତ ଭୋଇ, ଏମପି ନୋମିନି ଆଇନଜୀବୀ ଗଗନ ଦାଶ, ଜିଲ୍ଲା ପରିଷଦ ସଭ୍ୟା ଇତିଶ୍ରୀ ମଲ୍ଲିକ ଓ ରୀନାରାଣୀ ମଲ୍ଲିକ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ବିଡିଓ ବିରଞ୍ଚି ନାରାୟଣ ବେହେରା ସଭା ପରିଚାଳନା କରିଥିବାବେଳେ ଏବିଡିଓ ଦାୟିତ୍ୱରେ ଥିବା ଜିପିଓ ସ୍ମାରକ ମହାନ୍ତି ପୂର୍ବ ଅଧିବେଶନର ବିବରଣୀ ପଠନ କରିଥିଲେ। ବୈଠକ ଆରମ୍ଭ ମାତ୍ରେ ରେଢୁଆ ସରପଞ୍ଚ କିଶୋରଚନ୍ଦ୍ର ବେହେରା ଓ ତଂଅରା ସରପଞ୍ଚ ବଟକୃଷ୍ଣ ନାୟକ ସରକାରୀ ଅନୁଦାନ ଅନୁଯାୟୀ ପ୍ରକଳ୍ପ ତାଲିକା ମଗାଯାଉ ବୋଲି ବିଡ଼ିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଭିନ୍ନ ପଞ୍ଚାୟତରୁ ପ୍ରକଳ୍ପଗୁଡିକ ମଧ୍ୟରୁ ହାତଗଣତି ୧-୨ଟି ପ୍ରକଳ୍ପ ପାଇଁ ଅନୁଦାନ ମିଳୁଥିବାରୁ କ୍ଷୋଭ ପ୍ରକାଶ ପାଇଛି। ତାରପୁର ସରପଞ୍ଚ ସୁଷମା ମଲ୍ଲିକ ସୌଭାଗ୍ୟ ଯୋଜନାରେ ଜଣେ ଭିନ୍ନକ୍ଷମ କାଳନ୍ଦୀ ବାରିକଙ୍କ ଉପରେ ଏକକାଳୀନ ୫ ବର୍ଷର ବିଲ ପୈଠ କରିବା ପାଇଁ ବିଦୁତ ବିଭାଗ ପକ୍ଷରୁ ଆସିଥିବା ନୋଟିସ ନେଇ ଉଦବେଗ ପ୍ରକାଶ କରିଥିଲେ। ସେହିପରି ଏଲଆଣ୍ଡଟି କମ୍ପାନୀ ପକ୍ଷରୁ ମେଗା ପାନୀୟଜଳ ପ୍ରକଳ୍ପ ପାଇଁ ବିଭିନ୍ନ ଗ୍ରାମର ରାସ୍ତା ପାର୍ଶ୍ୱରେ ଖୋଳାଯିବା ଓ ସେଗୁଡିକ ମରାମତି କରା ନଯିବାରୁ ଯାତାୟାତ ପାଇଁ ସମସ୍ୟା ସୃଷ୍ଟି ହେଇଥିବା ସମ୍ପର୍କରେ ସରପଞ୍ଚ ମଲ୍ଲିକ ଅଭିଯୋଗ କରିଥିଲେ। ଗୁଆଳିପୁର ସରପଞ୍ଚ ମନଜୀନି ସାହୁ ଓ ସାଦେଇପୁର ସରପଞ୍ଚ ପ୍ରଭାସିନୀ ପ୍ରଧାନ ବ୍ଲକ ଅଞ୍ଚଳର ବିଭିନ୍ନ ସ୍କୁଲରେ ଶିକ୍ଷକ ନଥିବା ଏବଂ ଯଥାଶୀଘ୍ର ଶିକ୍ଷକ ନିଯୁକ୍ତି ନେଇ ଦାବି କରିଥିଲେ। ବିଦ୍ୟାଧରପୁର ସରପଞ୍ଚ ତାଙ୍କ ପଞ୍ଚାୟତରେ ଶିକ୍ଷକ ସମସ୍ୟା ଓ ହଟିକଲଚରର ମନମୁଖୀ କାର୍ଯ୍ୟ ପାଇଁ ତୀବ୍ର ସମାଲୋଚନା କରିଥିଲେ। ଏଥିରେ ଛପଡା ପଞ୍ଚାୟତର ସଭ୍ୟ ରଞ୍ଜନ କୁମାର ସ୍ୱାଇଁ ସହମତି ପ୍ରକାଶ କରିଛନ୍ତି। ବିଭିନ୍ନ ଜିଲ୍ଲାରେ ଡାଇରିଆ ବ୍ୟାପୁଥିବାରୁ ପ୍ରତି ପଞ୍ଚାୟତରେ ସ୍ୱାସ୍ଥ୍ୟ ସଚେତନତା ଜରୁରୀ ହୋଇପଡ଼ିଛି



ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡା ସୁକାନ୍ତ କୁମାର ଦଳାଇ ବୈଠକରେ ସୂଚାଇ ଦେଇଥିଲେ। ପୂର୍ବତନ ବାଚସ୍ପତି ଯୁଧିଷ୍ଠିର ଦାଶଙ୍କ ପ୍ରତିମୂର୍ତ୍ତି ସ୍ଥାପନ, ବ୍ଲକ ବିଏସଏସଓଙ୍କ ସାଧାରଣଜନତାଙ୍କ ପ୍ରତି ଅସୋହଯୋଗ, ଭତ୍ତା, ରାସନ କାର୍ଡ, କୃଷି ଓ ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ପ୍ରାରମ୍ଭରେ ପୁର୍ବତନ ସରପଞ୍ଚ ଦିବଙ୍ଗତ ବାସନ୍ତୀ ସାହୁଙ୍କ ପାଇଁ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। କ୍ୟାସିଅର ଭାବେଶ ବେହେରାଙ୍କ ସହ ସମସ୍ତ କର୍ମଚାରୀ ସହେଯାଗ କରିଥିଲେ।

## କାର ଧକ୍କାରେ ବାଇକ୍ ଆରୋହୀ ମୃତ, ଜଣେ ଗୁରୁତର

ରଘୁନାଥପୁର, ୧୮।୬(ସମିସ): ରଘୁନାଥପୁର ଥାନା ଅନ୍ତର୍ଗତ ତାରପୁର ମହାନଦୀ ବ୍ରିଜ ନାରାୟଣୀ ଛକ ନିକଟରେ ଅଜଣା କାର ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ସାଙ୍ଗରେ ଥିବା ଜଣେ ଯୁବକ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ମୃତ ଯୁବକ ଜଣଙ୍କ ହେଲେ କିଶନନଗର ଥାନା ମଣିଜଙ୍ଗ ପଞ୍ଚାୟତର କୈଳାସ ନାୟକଙ୍କ ପୁଅ କବୀର ନାୟକ (୩୬)। ଗୁରୁତର ଜଣଙ୍କ ହେଲେ ସେହି ଗ୍ରାମର ବ୍ରଜକିଶୋର ସାହୁଙ୍କ ପୁଅ ନିରଞ୍ଜନ (୩୪)। ଏ ସମ୍ପର୍କରେ ଥାନାରେ ମାମଲା ରୁଜୁ ହୋଇଛି। ଉଭୟ କବୀର ଓ ନିରଞ୍ଜନ ଏକ ବାଇକରେ ନାରାୟଣୀ ମନ୍ଦିର ପଟୁ ନଦୀବନ୍ଧ ରାସ୍ତାରେ ଆସୁଥିବାବେଳେ ତାରପୁର ବାଇପାସ ପଟୁ ଆସୁଥିବା ଅଜଣା କାର ବାଇକକୁ ଧକ୍କା ଦେଇଥିଲା। ଆମ୍ବୁଲାନ୍ସ ଯୋଗେ ସେମାନଙ୍କୁ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିବା ବେଳେ କବୀରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ନିରଞ୍ଜନଙ୍କୁ ପ୍ରାଥମିକ ଚିକିତ୍ସା ପରେ କଟକ ରେଫର କରିଥିଲେ। ଦୁର୍ଘଟଣା ଘଟାଇଥିବା କାରଟି ଫେରାର ହୋଇଯାଇଛି। ପୁଲିସ ବାଇକ ଜବତ କରି ତଦନ୍ତ ଜାରି ରଖିଥିବା ଏସଆଇ ଯୋଗେଶ୍ୱର ବେହେରା ପ୍ରକାଶ କରିଛନ୍ତି।

## ପ୍ରବାସୀ ଶ୍ରମିକଙ୍କ ସଚେତନତା କାର୍ଯ୍ୟକ୍ରମ

ଜଗତସିଂହପୁର, ୧୮।୬(ସମିସ): ଏରସମା ବ୍ଲକ ଅନ୍ତର୍ଗତ ସୋମପୁର ପଞ୍ଚାୟତ କାର୍ଯ୍ୟାଳୟରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ପ୍ରବାସୀ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାଧିକରଣ ସଚିବ ବିଡ଼ିଡି ଚନ୍ଦନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ, ପାରା ଲିଗାଲ ସ୍ୱେଚ୍ଛାସେବୀ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ। ପ୍ରବାସୀ ଶ୍ରମିକ ଯଦି କୌଣସି ଅସୁବିଧାର ସମ୍ମୁଖୀନ ହେଉଥାନ୍ତି ତେବେ ଆଇନଗତ ସାହାଯ୍ୟ ନିମନ୍ତେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସହ ଯୋଗାଯୋଗ କରିବା ପାଇଁ ସଚିବ ଗ୍ରାମବାସୀଙ୍କୁ ସଚେତନ କରାଇଥିଲେ।

## ତିର୍ତ୍ତୋଲରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର



ତିର୍ତ୍ତୋଲ, ୧୮।୬ (ସମିସ): ତିର୍ତ୍ତୋଲ ମଣି ଚରଣ ସାରଳା ଏକାଡେମୀ ପରିସରରେ ଏକାଡେମୀର ୧୯୯୪ ମାଟ୍ରିକ ବ୍ୟାଚ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମା' ଶାରଳା ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ରାଜ୍ୟ ସରକାରଙ୍କ ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦଚନ୍ଦ୍ର ସ୍ୱାଇଁ, ଜଗତସିଂହପୁର ସାଂସଦ ବିଭୂପ୍ରସାଦ ତରାଇ, ସ୍ଥାନୀୟ ସରପଞ୍ଚ ପ୍ରିୟମ୍ବଦା ମହାପାତ୍ର, ତିର୍ତ୍ତୋଲ କଲେଜର ପୂର୍ବତନ ଅଧ୍ୟକ୍ଷ ସଦାଶିବ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରକ୍ତ ଭଣ୍ଡାର ଟିମ୍ ରକ୍ତ ସଂଗ୍ରହ କରିଥିଲେ। ସମୁଦାୟ ୫୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ମା ଶାରଳା ଫାଉଣ୍ଡେସନ ପ୍ରତିଷ୍ଠାତା ସୋନାଲି ମହାନ୍ତି, ସଦସ୍ୟ ସଞ୍ଜୟ ମହାପାତ୍ର, ବିଦ୍ୟା ପ୍ରକାଶ ମନ୍ମୟ କୁମାର, ଶୁଭସ୍ମିତା ମହାନ୍ତି, ଶ୍ରୀନିବାସ ଦାସ, ପାୟଲ ପ୍ରିୟଦର୍ଶିନୀ, ଶିଶୁରଞ୍ଜନ ମହାନ୍ତି, ଝୁନିବାଳା ଦାସ, ହୃଷୀକେଶ ପରିଜା, ଜଗନ୍ ଦାସ, ସୌମ୍ୟରଞ୍ଜନ ମହାନ୍ତି, ୧୯୯୪ ବ୍ୟାଚର ପାର୍ଥସାରଥୀ ମହାପାତ୍ର, ସରୋଜ ମଲ୍ଲିକ, ଝାଟୁଚରଣ ଦାସ, ଜୟନ୍ତ ମଲ୍ଲିକ, ସୁଧୀର ନାଥ, ରଶ୍ମିରଞ୍ଜନ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## କର୍ମଚାରୀଙ୍କୁ ଆକ୍ରମଣ ଅଭିଯୋଗ

ବାଲିକୁଦା, ୧୮।୬(ସମିସ): ବାଲିକୁଦା ବ୍ଲକ ରାହାଣ ପଞ୍ଚାୟତ ମୁରୁଣିଆଠାରେ ଥିବା ବସୁଧା ଯୋଜନାର ଓଭରହେଡ ଟାଙ୍କିର ପରିଚାଳକ ବିପିନ ସେଠୀଙ୍କୁ ବିରିବେଦୀ ଗ୍ରାମର ୨ ଜଣ ଯୁବକ ବିନା କାରଣରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏନେଇ ବାଲିକୁଦା ଓ ଏରସମା ବ୍ଲକରେ ଥିବା ସମସ୍ତ ଓଭରହେଡ଼ ଟାଙ୍କିର ପରିଚାଳକ କାର୍ଯ୍ୟ ବନ୍ଦ ଡକରା ଦେବା ସହ



ବିପିନଙ୍କୁ ନ୍ୟାୟ ପ୍ରଦାନ ବାଲିକୁଦା ଥାନା ଅଧିକାରୀଙ୍କୁ ଭେଟିଥିଲେ। ଭେଟିବା ପରେ ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁ ସମସ୍ତ ପରିଚାଳକଙ୍କୁ ନ୍ୟାୟ ପାଇଁ ପ୍ରତିଶ୍ରୁତି ଦେବା ସହ ଏହି ସମ୍ପର୍କରେ ଆଲୋଚନା ପାଇଁ ବିଭାଗୀୟ ଯନ୍ତ୍ରୀ ଓ ଏଲଆଣ୍ଡଟି କମ୍ପାନୀର ଆମ୍ବଶାଳ ମେଗା ପାନୀୟ ଜଳ ପ୍ରକଳ୍ପ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ସହ ଆଲୋଚନା କରି ସଠିକ ପଦକ୍ଷପ ଗ୍ରହଣ କରିବେ ବୋଲି କହିଥିଲେ। ଏନେଇ ବିପିନ ନ୍ୟାୟ ପାଇଁ ବିଭାଗୀୟ ଯନ୍ତ୍ରୀ, ଏଲଆଣ୍ଡଟି ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି।

## ଶିକ୍ଷାବିତ୍ ରସାନନ୍ଦ ସାହୁଙ୍କୁ ସମ୍ବର୍ଦ୍ଧନା



ତିର୍ତ୍ତୋଲ, ୧୮।୬(ସମିସ): ଜଗନ୍ନାଥପୁର ତିରଣ ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ବିଶିଷ୍ଟ ଶିକ୍ଷାବିତ୍ ତଥା ଅବସରପ୍ରାପ୍ତ ଜିଲ୍ଲା ଶିକ୍ଷାଧିକାରୀ ରସାନନ୍ଦ ସାହୁଙ୍କୁ ଶିଳନ୍ଦି ଖନ୍ଦୋଳ ରଜ ମହୋତ୍ସବ ମଞ୍ଚରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସଂଘ ସଭାପତି ହରେକୃଷ୍ଣ ସେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଝଙ୍କଡ଼ ସାହିତ୍ୟ ସଂସଦ ସଂପାଦକ ଗୋଲକ ବିହାରୀ ପଲାଇ, ବାଲିଘର ସମ୍ପାଦକ କୈଳାସଚନ୍ଦ୍ର ସ୍ୱାଇଁ, ସୁଶ୍ରୀ ଶୁଭଶ୍ରୀର ସମ୍ପାଦିକା ଡ. ବସନ୍ତ ମଞ୍ଜରୀ ଦାସ, ହେମନ୍ତ ନାୟକ, ଆଭାସି ମାଧମରେ ସଂଘର ସମ୍ପାଦକ ଶରତ ତାରେଣିଆ, ସଭ୍ୟ ବାବାଜୀ ମଲ୍ଲିକ, ନରେନ୍ ଦାସ, ବୈଷ୍ଣବ ନାୟକ, ବିଷ୍ଣୁ ନାୟକ, ରାଧେଶ୍ୟାମ ନାୟକ, ରବିନାରାୟଣ ପଣ୍ଡା, ଲୋକନାଥ ବଡ଼ପଣ୍ଡା, ନିମାଇଁ ବିଶ୍ୱାଳ, କିଶୋର ଦାସ ପ୍ରମୁଖ ଯୋଗ ଦେଇଥିଲେ।

## ଶେଷହେଲା ରେଡିଓ ଆଉଟରିଚ୍‌ର ରଜ ମହୋତ୍ସବ



ଏରସମା,୧୮।୬(ଇମିସ): ଅଗ୍ରଣୀ ବେତାର କେନ୍ଦ୍ର ରେଡିଓ ଆଉଟରିଚ ପକ୍ଷରୁ ଆୟୋଜିତ ତିନିଦିନିଆ ରଜ ମହୋତ୍ସବ ଉଦଯାପିତ ହୋଇଯାଇଛି। ଏହି ଉତ୍ସବ ଜିଲ୍ଲାର ଏରସମା ତିର୍‌ତ୍ତୋଲ ବ୍ଲକ ମଧ୍ୟରେ ଥିବା ଶ୍ରୀରାମପୁର ଗ୍ରାମର ପଞ୍ଚମୁଖୀ ହନୁମାନ ପଡିଆରେ ଅନୁଷ୍ଠିତ ହୋଇଥିଲା। ରଜ ମହୋତ୍ସବକୁ ଦେଖିବାକୁ ଶତାଧିକ ସ୍ଥାନୀୟ ଲୋକ ଭିଡ଼ ଲଗାଇଥିଲେ। ପାନ, ପୋଡପିଠା ଓ ରୁଚିକର ବ୍ୟଞ୍ଜନ ସହ ତାସ, କଉଡି ଖେଳ ଓ ରଜ ଗୀତ ରେ ସାଂସ୍କୃତିକ କାର୍ଯ୍ୟକ୍ରମ ଲୋକମାନେ ଉପଭୋଗ କରିଥିଲେ। ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସହଯୋଗରେ ପ୍ରତିଦିନ ସନ୍ଧ୍ୟାରେ ଆୟୋଜିତ ହୋଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଅଂଚଳରୁ ଆସିଥିବା କଳାକାରମାନେ ଗୀତିନାଟ୍ୟ, ଓଡିଶୀ ଓ ସମ୍ବଲପୁରୀ ନୃତ୍ୟ, ପାରମ୍ପରିକ ଗୀତ ଓ ଦେଶାତ୍ମବୋଧକ ସଂଗୀତ ପରିବେଷଣ କରି ଦର୍ଶକମାନଙ୍କ ମନୋରଞ୍ଜନ କରିଥିଲେ।ରେଡିଓ ଆଉଟରିଚର କେନ୍ଦ୍ର ନିର୍ଦ୍ଦେଶକ ସୁବ୍ରତ କୁମାର ପତି ଏହି ଅବସରରେ ଓଡ଼ିଆ ସଂସ୍କୃତି ଓ ପରମ୍ପରାକୁ ଏହି ଅନନ୍ୟ ଉତ୍ସବକୁ ମିଳିତ ଭାବେ ପାଳନ କରିଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଜଗତସିଂହପୁର ପୌରାଞ୍ଚଳରେ ବିକାଶ ବାହନର ଶୁଭାରମ୍ଭ

ଜଗତସିଂହପୁର, ୧୮।୬(ସମିସ):



ପୂର୍ବାହ୍ନରେ ଜଗତସିଂହପୁର ପୌର ପରିଷଦ ପରିସରରେ ସରକାରଙ୍କ ଏକ ବର୍ଷ ପୂର୍ତ୍ତିର ବିକାଶ ସମ୍ବଳିତ ବାର୍ତ୍ତା ସହ ଆରମ୍ଭ ହୋଇଛି ବିକାଶ ବାହନ ଯାତ୍ରା। ବିଧାୟକ ଜଗତସିଂହପୁର ଅମରେନ୍ଦ୍ର ଦାସ ମୁଖ୍ୟଅତିଥି ଭାବେ ରଥକୁ ଶୁଭ ଉଦଘାଟନ କରିଥିଲେ। ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ, ଉପାଧ୍ୟକ୍ଷ ରାଜେନ୍ଦ୍ର କୁମାର ବିଷୋୟୀ, ପୌର ନିର୍ବାହୀ ଅଧିକାରୀ ସୀମା ଜେନା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି, ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ କୁମାର ଜେନା, ସମସ୍ତ ପାରିଷଦ ବର୍ଗ, ସ୍ୱଚ୍ଛସାଥୀ, ସୁପରଭାଇଜର, ପୌର ପରିଷଦ କର୍ମକର୍ତ୍ତା, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଏହି ବିକାଶ ବାହନ ସମସ୍ତ ୱାର୍ଡ଼ ପରିଭ୍ରମଣ କରି ସହରବାସୀଙ୍କୁ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ବିଷୟରେ ଅବଗତ କରାଇବ। ବିଭିନ୍ନ ଯୋଜନାର ହିତାଧିକାରୀଙ୍କୁ ଭତ୍ତା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ଆୟୁଷ୍ମାନ କାର୍ଡ ବଣ୍ଟନ କରାଯିବ।

■ ବିକାଶ ମେଳା ଉଦ୍‌ଯାପିତ

## ଶିଳ୍ପ କ୍ଷେତ୍ରରେ ୫୦ ହଜାର କୋଟି ଟଙ୍କା ନିବେଶ



ଢେଙ୍କାନାଳ, ୧୮ ।୬(ସମିସ): ସ୍ଥାନୀୟ ମହିଷାପାଟସ୍ଥିତ ପଲ୍ଲିଶ୍ରୀ ମେଳା ପଡ଼ିଆରେ ଚାଲିଥିବା ଜିଲ୍ଲାସ୍ତରୀୟ ବିକାଶ ମେଳ ବୁଧବାର ଉଦଯାପିତ ହୋଇଛି । ମୁଖ୍ୟ ଅତିଥି ଭାବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ଜିଲ୍ଲାର ବିକାଶ ଆହୁରି ଆଗକୁ ଯିବ ବୋଲି ମତବ୍ୟକ୍ତ କରିଥିଲେ । ଢେଙ୍କାନାଳରେ ଗତ ଏକବର୍ଷ ମଧ୍ୟରେ ବିକାଶଧାରା ଚାଲୁ ରହିଛି । ମୁଖ୍ୟମନ୍ତ୍ରୀ ଜିଲ୍ଲାରେ ନୂତନ ମେଡିକାଲ କଲେଜ ହେବା ନେଇ ଘୋଷଣା କରିଛନ୍ତି । ମହିମା ଗାଦିର ବିକାଶ ପାଇଁ ରାଜ୍ୟ ସରକାର ୧୭୧ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି । ସରକାର ଗରିବ କଲ୍ୟାଣ ଦିଗରେ କାର୍ଯ୍ୟ କରୁଛନ୍ତି । ନିକଟରେ ମୁଖ୍ୟମନ୍ତ୍ରୀ ଜିଲ୍ଲାରେ ୫୦ ହଜାର କୋଟି ଟଙ୍କା ନିବେଶ ପାଇଁ ଘୋଷଣା କରିଛନ୍ତି । ସେଥିମଧ୍ୟରୁ ୩୦ ହଜାର କୋଟି ଟଙ୍କାରେ କେବଳ ସୌରଶକ୍ତି ଶିଳ୍ପ ପ୍ରତିଷ୍ଠା ହେବ । ଏହାଦ୍ୱାରା ଆଗାମୀ ଦିନରେ ଢେଙ୍କାନାଳ ସୌରଶକ୍ତି ସମୃଦ୍ଧ ଜିଲ୍ଲା ଭାବେ ପରିଚୟ ପାଇବ ବୋଲି ମନ୍ତ୍ରୀ କହିଥିଲେ । ଗତ ବର୍ଷକ ମଧ୍ୟରେ ସରକାରଙ୍କ ଉପଲବ୍ଧି ସମ୍ପର୍କରେ ସେ ସୂଚନା ଦେଇଥିଲେ । କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅତିଥି ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ କହିଲେ ଯେ ଢେଙ୍କାନାଳ ଜିଲ୍ଲା ଆଗାମୀ ଦିନରେ ଶିଳ୍ପ କ୍ଷେତ୍ରରେ ସମୃଦ୍ଧ ହେବ । ସରକାରଙ୍କ ଜନକଲ୍ୟାଣ ଯୋଜନା ଲୋକଙ୍କ ନିକଟରେ ପହଞ୍ଚାଇବା ଏହି ବିକାଶ ମେଳା ଆୟୋଜନ ଓ ବିକାଶ ବାହାନ ପରିକ୍ରମଣର ମୁଖ୍ୟ ଉଦ୍ଦେଶ୍ୟ ସେ କହିଥିଲେ ।

## ପ୍ରଧାନମନ୍ତ୍ରୀ ଆବାସ ଓ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ

କାମାକ୍ଷାନଗର, ୧୮ ।୬(ସମିସ): କାମାକ୍ଷାନଗର ଏନ୍‌ଏସି କାର୍ଯ୍ୟାଳୟରେ ପ୍ରଧାନମନ୍ତ୍ରୀ ଆବାସ ଗୃହ ଓ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ମୁଖ୍ୟଅତିଥି ଭାବେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ଯୋଗଦେଇ ବିଭିନ୍ନ ୱାର୍ଡର ୧୬ ହିତାଧିକାରୀଙ୍କୁ ଆବାସ ଗୃହ କାର୍ଯ୍ୟାଦେଶ ଓ ଦୁଇଜଣଙ୍କୁ ଭତ୍ତା ବଣ୍ଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଏନ୍‌ଏସି ଉପାଧ୍ୟକ୍ଷା ଶକୁନ୍ତଳା ସେଠୀ ଯୋଗଦେଇଥିଲେ । ଏହି ଅବସରରେ ବିକାଶ ରଥ ଉଦଘାଟିତ ହୋଇଥିଲା । କାଉନସିଲର ଖୁଲଣା ବେହେରା, ରୀତାଞ୍ଜଳି ନାଏକ ପ୍ରମୁଖ ଉପସ୍ଥିତ ଥିଲେ । ପରେ ସହରର ଦାସୀ ପୋଖରୀ ପାର୍କଠାରେ ଚାରାରୋପଣ ମଧ୍ୟ କରାଯାଇଥିଲା । ଏନ୍‌ଏସି କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପ୍ରଦ୍ୟୁତ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

## ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ନେଇ ଅଭ୍ୟାସ ବୈଠକ

ଢେଙ୍କାନାଳ, ୧୮ ।୬(ସମିସ): ବିପର୍ଯ୍ୟୟ ପରିଚାଳନା ନିମନ୍ତେ ବିଭିନ୍ନ ବିଭାଗ ପକ୍ଷରୁ ଗ୍ରହଣ କରାଯାଇଥିବା ପ୍ରସ୍ତୁତି କାର୍ଯ୍ୟର ଅଭ୍ୟାସ ବୈଠକ ବୁଧବାର ସ୍ଥାନୀୟ ଜିଲ୍ଲା କାର୍ଯ୍ୟାଳୟ ସଭାବନା ଗୃହରେ ଅନୁଷ୍ଠିତ ହୋଇଛି । ବିପର୍ଯ୍ୟୟ ସମୟରେ ଜନସାଧାରଣ ଓ ଗୃହପାଳିତ ପଶୁପକ୍ଷୀଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରିବାକୁ ଅତିରିକ୍ତ ସ୍ୱତନ୍ତ୍ର ରିଲିଫ୍ କମିଶନର ସରୋଜ କୁମାର ସାହୁ ଗୁରୁତ୍ୱାରୋପ କରିଥିଲେ । ବିପର୍ଯ୍ୟୟ ପୂର୍ବରୁ ବିପର୍ଯ୍ୟୟ ସମୟରେ ସମସ୍ତ ବିଭାଗ ଯଥାଶୀଘ୍ର ପ୍ଲାନ ପ୍ରସ୍ତୁତ କରି ସମ୍ପୃକ୍ତ ସମସ୍ତ ଗ୍ରୁପରେ ଜଣାଇବାକୁ ପରାମର୍ଶ ଦେଇଥିଲେ । ଜିଲ୍ଲା ଆପାତକାଳୀନ ଅଧିକାରୀ ସୁଦୀପ୍ତ କୁମାର ସାହୁ ସାମ୍ଭାବ୍ୟ ବର୍ଷାକୁ ଦୃଷ୍ଟିରେ ରଖି ପ୍ରସ୍ତୁତି ସମ୍ପର୍କରେ ଅବଗତ କରାଇଥିଲେ । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସଞ୍ଜୟ କୁମାର ମହାପାତ୍ର, ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନଙ୍କ ସମେତ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଓଡ଼ିଶା ଭିଜନ ବିକଶିତ ଓଡ଼ିଶା ପାଇଁ ପରାମର୍ଶ କର୍ମଶାଳା



ଢେଙ୍କାନାଳ, ୧୮ ।୬(ସମିସ): ସ୍ଥାନୀୟ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ବିକଶିତ ଓଡ଼ିଶା ପାଇଁ ଭିଜନକୁ ଦୃଷ୍ଟିରେ ରଖି କାର୍ଯ୍ୟକ୍ରମ ପ୍ରସ୍ତୁତି ନିମନ୍ତେ କର୍ମଶାଳା ଅନୁଷ୍ଠିତ ହୋଇଛି । ଏଥିରେ କାମାକ୍ଷାନଗରର ବିଧାୟକ ଶତ୍ରୁଘ୍ନ ଜେନା, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ଅତିଥି ଭାବେ ଯୋଗଦେଇଥିଲେ । ଜିଲ୍ଲାରେ ଜଳସମ୍ପଦ, ଆବଶ୍ୟକ ଜମି, ବିଦ୍ୟୁତ୍ ଶକ୍ତି ଯୋଗାଣ, ଯୋଗାଯୋଗ ଓ ପରିବହନର ସୁବିଧା ସୁଯୋଗ ଥିବାରୁ ଶିଳ୍ପାୟନ, ପର୍ଯ୍ୟଟନ ଓ କୃଷି ଉଦ୍ୟୋ । ।ଗ କ୍ଷେତ୍ରରେ ଢେଙ୍କାନାଳ ଶ୍ରେଷ୍ଠ ଜିଲ୍ଲା ଭାବେ ପରିଚିତ ହେବ ବୋଲି ଅତିଥିମାନେ ଆଶାବ୍ୟକ୍ତ କରିଥିଲେ । ଆଗାମୀ ୫ ବର୍ଷ ମଧ୍ୟରେ ଢେଙ୍କାନାଳ ଶ୍ରେଷ୍ଠ ଜିଲ୍ଲାରେ ପରିଣତ ହୋଇପାରିବ ବୋଲି ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ପ୍ରକାଶ କହିଥିଲେ । ଶିଳ୍ପାୟନ, ସୌର ପ୍ରକଳ୍ପ ପ୍ରତିଷ୍ଠା, ପର୍ଯ୍ୟଟନ ଓ କୃଷି ଉଦ୍ୟୋଗ ଆଦିର ବିକାଶ ସହ ଆଦ୍ୟ ସନାତନ ଧର୍ମର ପ୍ରଚାର ପ୍ରସାର ଘଟିବ ବୋଲି ସେ କହିଥିଲେ । ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦୀପ୍ତିରଞ୍ଜନ ସେଠୀ ବିଭିନ୍ନ ବିଭାଗରେ ହେଉଥିବା ପ୍ରମୁଖ କାର୍ଯ୍ୟକ୍ରମ ଓ ଯୋଜନା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । କର୍ମଶାଳାରେ ସହରର ବିଭିନ୍ନ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା, ବୁଦ୍ଧିଜୀବୀ, ସ୍ୱେଚ୍ଛାସେବୀ, ଶିଳ୍ପାନୁଷ୍ଠାନ ଓ ବାଣିଜ୍ୟ ପ୍ରତିଷ୍ଠାନର କର୍ମକର୍ତ୍ତା, ଶିକ୍ଷାବିତ୍, ଗଣମାଧ୍ୟମ ପ୍ରତିନିଧି, ସମସ୍ତ ବିଭାଗୀୟ ଅଧିକାରୀ ଯୋଗଦେଇ ଜିଲ୍ଲାର ସାମଗ୍ରିକ ବିକାଶ ସମ୍ପର୍କରେ ପ୍ରସ୍ତାବ ରଖିଥିଲେ । ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ସଦରମହକୁମାରୁ ଅନ୍ୟତ୍ର କେଭି ନିର୍ମାଣକୁ ବିରୋଧ

ହିନ୍ଦୋଳ, ୧୮ ।୬(ସମିସ)

ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ନିର୍ବାଚନ ମଣ୍ଡଳୀରେ କେନ୍ଦ୍ରୀୟ ବିଦ୍ୟାଳୟ (କେଭି) ନିର୍ମାଣକୁ ନେଇ ଦେଖାଦେଇଛି ବିବାଦ । ଗତ ସାଧାରଣ ନିର୍ବାଚନରେ ହିନ୍ଦୋଳ ସଦରମହକୁମାରେ କେନ୍ଦ୍ରୀୟ ବିଦ୍ୟାଳୟ ନିର୍ମାଣ ପାଇଁ ବିଜେପି ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା । କିଛି ମୁଷ୍ଟିମେୟ କୁଚକ୍ରୀଙ୍କ ପ୍ରରୋଚନାରେ ଭୋଟରଙ୍କୁ ଧୋକାଦେଇ ସମସ୍ତ ଅନୁସଙ୍ଗିକ ସୁବିଧା ଥାଇ ମଧ୍ୟ ହିନ୍ଦୋଳ ସଦରମହକୁମାରେ ନ କରି ଅନ୍ୟତ୍ର ବିଦ୍ୟାଳୟ କରାଯିବାକୁ ମସୁଧା ହେଉଥିବା ସୂଚନା ମିଳିବା ପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ସେହିପରି ସଦରମହକୁମାକୁ ଅଣଦେଖା କରାଯାଉଥିବାରୁ ଖୋଦ ବିଜେପି ମହଲରେ ମଧ୍ୟ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଦଳୀୟ କର୍ମୀ କାର୍ଯ୍ୟକର୍ତ୍ତା କରିଛନ୍ତି ଜୋରଦାର ବିରୋଧ । ଦଳମତ ନିର୍ବିଶେଷରେ ସମସ୍ତେ ଏହାକୁ ସମର୍ଥନ କରୁଛନ୍ତି । ପ୍ରତିଶ୍ରୁତି ପାଳନ କରି ସଦରମହକୁମାରେ କେନ୍ଦ୍ରୀୟ ବିଦ୍ୟାଳୟ ନିର୍ମାଣ କରିବାକୁ ଦାବି କରିଛନ୍ତି ବିଜେପି, ବିଜେଡି, କଂଗ୍ରେସ ସମେତ ସବୁଦଳ ତଥା ଜନସାଧାରଣ । ଏଥିପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ଓ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ହିନ୍ଦୋଳ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଅଞ୍ଚଳର ଅଜୟ ଦାସ, କୁବେର ବେହେରା,

● ଦଳମତ ନିର୍ବିଶେଷରେ ସମସ୍ତଙ୍କ ସମର୍ଥନ
● ଦାବିପୂରଣ ନ ହେଲେ ଆନ୍ଦୋଳନ



ଗୋବିନ୍ଦ ବେହେରା, ସନ୍ତୋଷ ବେହେରା, କାଉନସିଲର ଦୀପକ ରଞ୍ଜନ ବିଶ୍ୱାଳ, ତୃପ୍ତିମୟୀ ବେହେରା ଓ ଶରତ ଭୂତିଆ ପ୍ରମୁଖଙ୍କ ସମେତ ସୁବାସ ପାଲ, ସୁଜିତ ବେହେରା, ତରୁଣ ସାମଲ, ଅରୁଣ ଦାସ, ବିଶ୍ୱେଶ୍ୱର ସେଠୀ, କ୍ଷିତୀଶ ସର, ସନ୍ତୋଷ ବେହେରା, ତପନ ଦାସ, ଗୌତମ ମୁଦୁଲି, ପ୍ରଦ୍ୟୁମ୍ନ ବେହେରା, ପ୍ରମୋଦ ଶଙ୍କର ବେହେରା, ସନ୍ତୋଷ ବେହେରା, ସୁମନ ଦାସ, ବାପି ଦାସ, ରମେଶ ମିଶ୍ର, ସୁଶାନ୍ତ ବେହେରା, ଗୋଲାପ ମହମ୍ମଦ, ଲୁଲୁ ପଟ୍ଟନାୟକ, ସନ୍ତୋଷ ରାଉତ, ଅବନୀ ବେହେରା, ମୂଳିଆ ବେହେରା, ପ୍ରଶାନ୍ତ ବେହେରା ପ୍ରମୁଖ ଶତାଧିକ ଜନସାଧାରଣ ଉପଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି । ଦାବି ପୂରଣ ନ ହେଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଚେତାବନୀ ଦେଇଛନ୍ତି ।

## ଝାଡ଼ାବାନ୍ତି ସ୍ଥିତି ଗମ୍ଭୀର; ସହର ପରେ ଗାଁକୁ ବ୍ୟାପିଲା

ଢେଙ୍କାନାଳ, ୧୮ ।୬(ସମିସ): ଢେଙ୍କାନାଳ ଜିଲ୍ଲା ଭୁବନ ଏନଏସି ଅଞ୍ଚଳରେ ଝାଡ଼ାବାନ୍ତି ସ୍ଥିତି ଗମ୍ଭୀର ରହିଥିବା ବେଳେ ଏବେ ଗ୍ରାମାଞ୍ଚଳକୁ ବ୍ୟାପୁଛି । ଏନ୍‌ଏସିରେ ଆକ୍ରାନ୍ତଙ୍କ ସଂଖ୍ୟା ୧୦୦ ଟପିଥିବା ବେଳେ ସେମାନଙ୍କ ମଧ୍ୟରୁ ୯୦ ଜଣ ସୁସ୍ଥହୋଇ ଘରକୁ ଫେରିଛନ୍ତି । ୨ ଜଣ ଗୁରୁତର ରୋଗୀଙ୍କୁ ଢେଙ୍କାନାଳ ଓ ଜଣଙ୍କୁ କଟକ ସ୍ଥାନାନ୍ତର କରାଯାଇଛି । ୮ ଜଣ ନୂଆ ରୋଗୀ ସ୍ଥାନୀୟ ମେଡିକାଲରେ ଭର୍ତ୍ତି ହୋଇଛନ୍ତି । ଏନ୍‌ଏସି ୧୨ ନମ୍ବର ୱାର୍ଡର କୃପାସିନ୍ଧୁ ମଲ୍ଲିକ (୬୫)ଙ୍କ ଝାଡ଼ାବାନ୍ତିରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଥିଲେ ମଧ୍ୟ ପ୍ରଶାସନ ଏହାକୁ ଖଣ୍ଡନ କରିଛି । ଏହାକୁ ବିରୋଧ କରି ୱାର୍ଡବାସୀ ରାଜ୍ୟ ମାନବିକ ଅଧିକାର କମିଶନରେ ଅଭିଯୋଗ କରିଛନ୍ତି । ଅନ୍ୟପଟେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ରିପୋର୍ଟ ଅନୁଯାୟୀ କୃପାସିନ୍ଧୁଙ୍କ ମୃତ୍ୟୁ ଡାଇରିଆ ନୁହେଁ ବରଂ ବ୍ରେନ ଷ୍ଟ୍ରୋକରେ ହୋଇଛି । ଏହାକୁ ୱାର୍ଡବାସୀ ଗ୍ରହଣ କରିପାରୁନାହାନ୍ତି ।

ଅନ୍ୟପଟେ ଝାଡ଼ାବାନ୍ତିକୁ ନେଇ କେହି ଭୟଭୀତ ନ ହୋଇ ସତର୍କ ରହିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି । ଭୁବନ ଏନ୍‌ଏସିର ୭, ୮, ୯, ୧୦, ୧୨ ଓ ୧୩



ନମ୍ବର ୱାର୍ଡରେ ଝାଡ଼ାବାନ୍ତିର ପ୍ରଭାବ ରହିଛି । ଜିଲ୍ଲା ପ୍ରଶାସନ ଏହାର ମୁକାବିଲା ପାଇଁ ସଜାଗ ତଥା ପ୍ରସ୍ତୁତ ରହିଥିବା କୁହାଯାଇଛି । କୌଣସି ଭୁଲ ତଥ୍ୟକୁ ବିଶ୍ୱାସକୁ ନ ନେବା ପାଇଁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି । ଜଳଉତ୍ସଗୁଡ଼ିକୁ ବିଶୋଧନ କରାଯାଉଛି । କୌଣସି ପରିସ୍ଥିତିର ମୁକାବିଲା ପାଇଁ ଡାକ୍ତରୀଦଳଙ୍କୁ ସଜାଗ ରଖାଯାଇଛି । ଔଷଧ ମହଜୁଦ ରହିଛି । ଖାଦ୍ୟ ନିରୀକ୍ଷକଙ୍କ ଦ୍ୱାରା ବଜାରରେ ମିଳୁଥିବା ଖାଦ୍ୟର ମାନ ଯାଞ୍ଚ କରାଯିବା ସହ ଯେଉଁମାନେ ଖରାପ ଖାଦ୍ୟ ବିକୁଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉଥିବା ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି । ଅନ୍ୟପଟେ ୱାର୍ଡ ନମ୍ବର ୭ର କଂଗ୍ରେସ ନେତା ବିନୋଦ ମହାରଣାଙ୍କ ସ୍ତ୍ରୀ, ସାନ ଭଉଣୀ, ଭାଇ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଅଛନ୍ତି । ଯାହାକୁ ନେଇ ସେ ଉଦବେଗ ପ୍ରକାଶ କରିଛନ୍ତି । ୱାର୍ଡ ନମ୍ବର ୧୦ର ପୂର୍ବତନ କାଉନସିଲର କୋଦଣ୍ଡଧର ସାହୁ ନିଜ ୱାର୍ଡ ସହିତ ଏନ୍‌ଏସିର ବିଭିନ୍ନ ୱାର୍ଡର ସ୍ଥିତିକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି । ତେବେ ସହରାଞ୍ଚଳରେ ଝାଡ଼ାବାନ୍ତି ପ୍ରକୋପ ସ୍ଥିର ରହିଥିବା ବେଳେ ଏବେ ଗ୍ରାମାଞ୍ଚଳରେ ବୃଦ୍ଧି ପାଇଛି ।

## ଝାଡ଼ାବାନ୍ତି: ୬ ଆକ୍ରାନ୍ତ ଚିକିତ୍ସାଧୀନ

ଗଁଦିଆ, ୧୮ ।୬(ସମିସ): ଗଁଦିଆ ବ୍ଲକରେ ଝାଡ଼ାବାନ୍ତି ସ୍ଥିତି ସ୍ଥିର ରହିଛି । ମଙ୍ଗଳବାରଠାରୁ ଏହାର ପ୍ରଭାବ ସାମାନ୍ୟ କମ୍ ରହିଛି । ମଙ୍ଗଳବାର ୧୦ଜଣ ଆକ୍ରାନ୍ତ ହୋଇ ସ୍ଥାନୀୟ ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଥିବାବେଳେ ମଙ୍ଗଳବାର ୬ଜଣ ଚିକିତ୍ସାଧୀନ ଅଛନ୍ତି । ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି । ତେବେ ବ୍ଲକର ପ୍ରତ୍ୟେକ ଗ୍ରାମରେ ଥିବା ଖୋଲା କୂଅରେ ତୁରନ୍ତ ବ୍ଲିଚିଂ ପାଉଡର ପକାଯାଇ ପାଣିକୁ ବିଶୋଧନ କରିବାକୁ ସାଧାରଣରେ ଦାବି ହୋଇଛି ।

## ହାତୀ ଆକ୍ରମଣରେ ଯୁବକ ମୃତ

ହିନ୍ଦୋଳ, ୧୮ ।୬(ସମିସ): ବୁଧବାର ରାତି ୯ଟାରେ ହାତୀ ଆକ୍ରମଣରେ ବାଲିମି ଥାନା ଅନ୍ତର୍ଗତ ଝାଡୁବେରେନି ଗ୍ରାମର ଦୀପକ ଦାସ (୪୫)ଙ୍କ ମୃତ୍ୟୁ ହୋଇଛି । ଦୀପକ ବାଇକ୍ ଯୋଗେ ଘରକୁ ଫେରୁଥିବା ବେଳେ ପାଇକ ପୁରୁଣାକୋଟ ରାସ୍ତାରେ ହାତୀ ତାଙ୍କୁ ଆକ୍ରମଣ କରିବା ସହ ବୀଭତ୍ସ ଭାବେ ଦଳିଚକଟି ଦେଇଥିଲା । ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଛି । ଖବର ଲେଖା ହେବା ପର୍ଯ୍ୟନ୍ତ ବନବିଭାଗ କୌଣସି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ନାହାନ୍ତି ।

## ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ବୈଠକ



କାମାକ୍ଷାନଗର, ୧୮ ।୬(ସମିସ): ବୁଧବାର ଅପରାହ୍ନରେ କାମାକ୍ଷାନଗର ପଞ୍ଚାୟତ ସମିତି ସଭାଗୃହ ପରିସରରେ ବ୍ଲକ ପ୍ରଶାସନ ପକ୍ଷରୁ ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ବିଡିଓ ପ୍ରଭୁକଲ୍ୟାଣ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ରାଜ୍ୟ ରିଲିଫ୍ କମିଶନର ସରୋଜ କୁମାର ସାହୁ ଅଥିତି ଭାବେ ଯୋଗଦେଇ କହିଲେ ପ୍ରସ୍ତୁତ ରହିଲେ ଯେ କୌଣସି ବିପର୍ଯ୍ୟୟର ମୁକାବିଲା କରିହେବ । ତେଣୁ ସମସ୍ତ ବିଭାଗୀୟ ଅଧିକାରୀ ବର୍ଷାଋତୁ ପୂର୍ବରୁ ସଜାଗ ହୋଇ ପ୍ରସ୍ତୁତ ରହିବାକୁ ସେ ପରାମର୍ଶ ଦେଇଥିଲେ । ଜିଲ୍ଲା ଜରୁରୀକାଳୀନ ଅଧିକାରୀ ସୁଦୀପ୍ତ କୁମାର ସାହୁ ବିପର୍ଯ୍ୟୟ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ତହସିଲଦାର ଶୁଭଙ୍କର ମହାନ୍ତି, ସହକାରୀ ଜିଲ୍ଲାପାଳ ଦୀପକ କୁମାର ମିଶ୍ର, ଅତିରିକ୍ତ ତହସିଲଦାର ସୂର୍ଯ୍ୟକାନ୍ତ ବରାଳ ପ୍ରମୁଖ ଉପସ୍ଥିତ ରହି ନିଜ ମତ ଉପସ୍ଥାପନ କରିଥିଲ । ବୈଠକରେ ଅଗ୍ନିଶମ ଅଧିକାରୀ ରାଜେନ୍ଦ୍ର ପ୍ରସାଦ ହାଁସଦା, ବିଇଓ ସରୋଜ କୁମାର ସାହୁ, ସିଡିପିଓ ସୈରେନ୍ଦ୍ରୀ ପଟେଲ, ସାମାଜିକ ସୁରକ୍ଷା ଅଧିକାରୀ ସିଦ୍ଧାର୍ଥ କଅଁର, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ରଣଜିତ ଜେନାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ ।

■ ବ୍ୟାପୁଛି ଝାଡ଼ାବାନ୍ତି

## ଏନ୍‌ଏସି ପକ୍ଷରୁ ଖାଦ୍ୟ ଯାଞ୍ଚ



କାମାକ୍ଷାନଗର, ୧୮ ।୬(ସମିସ): ଯାଜପୁର ପରେ ଢେଙ୍କାନାଳ ଜିଲ୍ଲା ଭୁବନ ଅଞ୍ଚଳରେ ଡାଇରିଆ ବ୍ୟାପିଥିବା ବେଳେ ବୁଧବାର କାମାକ୍ଷାନଗର ଏନଏସି ତରଫରୁ ନିର୍ବାହୀ ଅଧିକାରୀ ପ୍ରଦତ୍ତ ସାହୁଙ୍କ ନେତୃତ୍ୱରେ କାମାକ୍ଷାନଗର ସହରରେ ଥିବା ବିଭିନ୍ନ ଫାଷ୍ଟଫୁଡ୍ ଠେଲା ଦୋକାନ, ଗୁପଚୁପ ଆଦି ଖାଦ୍ୟ ଯାଞ୍ଚ କରାଯାଇଛି । କାମାକ୍ଷାନଗରରେ ଡାଇରିଆର ପ୍ରଭାବ ନ ଥିଲେ ମଧ୍ୟ ସତର୍କତା ମୂଳକ ପଦକ୍ଷେପ ସ୍ୱରୂପ ଏହି ଯାଞ୍ଚ କରାଯାଇଛି । ଯାଞ୍ଚରେ ଏନଏସି କର୍ମଚାରୀ ସାମିଲ ହୋଇଥିଲେ ।

## ଏମ୍‌ଜିଏମ୍ ଷ୍ଟିଲ କମ୍ପାନୀ ଦ୍ୱାରା ଜବରଦଖଲ ଅଭିଯୋଗ

● ପାଣିମହାରା, ଗୋଚର, ଶ୍ମଶାନ, ସରକାରୀ ରାସ୍ତା କରିଛି ଅକ୍ତିଆର

ହିନ୍ଦୋଳ, ୧୮ ।୬(ସମିସ): ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ହଳଦିଆବାହାଳ ନିମିଧାସ୍ଥିତ ଏମଜିଏମ ମିନେରାଲ୍ସ ଲିଃ (ଷ୍ଟିଲ ଡିଭିଜନ) କମ୍ପାନୀ ଅନୈତିକ ଭାବେ ପାଣିମହାରା, ଶ୍ମଶାନ, ସରକାରୀ ରାସ୍ତା, ଗୋଚର ଜମି ଜବରଦଖଲ କରି ବିଭିନ୍ନ ନିର୍ମାଣ କାର୍ଯ୍ୟ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ୨୦୦୭ ରୁ ଏହି କମ୍ପାନୀ ଜବରଦଖଲ କରିଥିବା ବିଭିନ୍ନ ସମୟରେ ଗ୍ରାମବାସୀ ଓ ଜମିହରା ପ୍ରଜା ଅଭିଯୋଗ ହୋଇଆସୁଛନ୍ତି । ୨୦୧୫ ଏପ୍ରିଲ ୨୭ ରେ ଜିଲ୍ଲା ପ୍ରଶାସନ, ଜମିହରା ପ୍ରଜା ଓ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ନେଇ ଏକ ତ୍ରିପାକ୍ଷିକ ଆଲୋଚନା କମ୍ପାନୀ ସଭାଗୃହରେ ହୋଇଥିଲେ ହେଁ ଫଳପ୍ରଦ ହୋଇ ନ ଥିଲା । ୨୦୧୭ ଅକ୍ଟୋବର ୨୭ରେ ଢେଙ୍କାନାଳ ଉପଜିଲ୍ଲାପାଳଙ୍କ ପତ୍ରସଂଖ୍ୟା ୭୩୧୬ ଅନୁଯାୟୀ, ଓଡ଼ାପଡ଼ା ତହସିଲଦାରଙ୍କ ନେତୃତ୍ୱରେ ହୋଇଥିବା ସରଜମିନ ତଦନ୍ତରେ ଜବଦଖଲ ହୋଇଥିବା ଉପଜିଲ୍ଲାପାଳଙ୍କୁ ରିପୋର୍ଟ ପ୍ରଦାନ କରାଯାଇଥିଲା । କମ୍ପାନୀ କର୍ତ୍ତୃପକ୍ଷ କମ୍ପାନୀର ମୁଖ୍ୟ ଫାଟକ, ହଷ୍ଟେଲ, ପିଚୁରାସ୍ତା, ସାଇକଲ ଷ୍ଟାଣ୍ଡ, ୱେଟ ବ୍ରିଜ, ପାଚେରି



ଇତ୍ୟାଦି ନିର୍ମାଣ କରିବା ସହ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ସେଠାରେ ପୂରାଇ ନ ଦେବାକୁ ଚେତାବନୀ ଦେଇଥିବା ଅଞ୍ଚଳବାସୀ ଗତ ମାର୍ଚ୍ଚ ୧୯ରେ ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରିବା ସହ ଜିଲ୍ଲାପାଳ, ବିଭାଗୀୟ ମନ୍ତ୍ରୀ, ପ୍ରିନ୍ସିପାଲ ସେକ୍ରେଟାରୀ, ରାଜସ୍ୱ କମିଶନରଙ୍କୁ ମଧ୍ୟ ଜଣାଇଛନ୍ତି । ମାତ୍ର ଇତିମଧ୍ୟରେ ୩ ମାସ ବିତିଯାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଜିଲ୍ଲାପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିବାରୁ କ୍ଷତିଗ୍ରସ୍ତ ପ୍ରଜା ଓ ସ୍ଥାନୀୟ ଅଞ୍ଚଳବାସୀ ଉଚ୍ଚ ନ୍ୟାୟାଳୟ ଓ ନ୍ୟାସନାଲ ଗ୍ରୀନ ଟ୍ରିବ୍ୟୁନାଲ (ଏନଜିଟି)ଙ୍କ ଦ୍ୱାରସ୍ଥ ହେବେ ବୋଲି ଜଣାଇଛନ୍ତି ।

୬୦ ବର୍ଷ ଧରି ରସାସିଂହରେ ପାନୀୟ ଜଳ ସମସ୍ୟା

# ବଢୁଛି କିଡ୍‌ନୀ ରୋଗୀ ସଂଖ୍ୟା, ଗାଁ ଛାଡୁଛନ୍ତି ଲୋକେ

ଢେଙ୍କାନାଳ, ୧୮ ।୬(ସମିସ)

ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ସଦାଶିବପୁର ପଞ୍ଚାୟତ ରସାସିଂହ ଗ୍ରାମରେ ଦୀର୍ଘ ୬୦ ବର୍ଷଧରି ପାନୀୟ ଜଳ ସମସ୍ୟା ଲାଗି ରହିଛି । ନଳକୂପରୁ ବାହାରୁଥିବା ପାଣି ପାନୀୟ ଉପଯୋଗୀ ହୋଇ ନ ଥିବାରୁ ଗାଁର ବହୁ ଲୋକ କିଡନୀ ରୋଗରେ ଆକ୍ରାନ୍ତ ହେଉଛନ୍ତି । ଫଳରେ ଲୋକେ ନିଜ ଭିଟାମାଟି ଛାଡ଼ି ବାହାରେ ରହୁଥିବା ଜଣାପଡ଼ିଛି ।

ଓଡ଼ାପଡ଼ା ବ୍ଲକ ସଦର ମହକୁମାଠାରୁ ମାତ୍ର ୭ କିଲୋମିଟର ଦୂର ଏହି ଗ୍ରାମରେ ପ୍ରାୟ ୧୫୦ ପରିବାରରେ ୫ଶହରୁ ଅଧିକ ଲୋକ ବାସ କରୁଛନ୍ତି । କିନ୍ତୁ ଷାଠିଏ ବର୍ଷ ହେଲା ଗାଁରେ ନାହିଁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା । ଗ୍ରାମବାସୀ ବାଧହୋଇ ଚୁଆ ପାଣି ବ୍ୟବହାର କରୁଛନ୍ତି । ବାରମ୍ବାର ଅଭିଯୋଗ ପରେ ବି କେହି କର୍ଣ୍ଣପାତ ନ କରିବାରୁ ଲୋକେ ସରପଞ୍ଚଙ୍କୁ



ମଧ୍ୟ ଘେରଉ କରିଥିଲେ । ତଥାପି ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ । ଗ୍ରାମବାସୀ ଗାଁ ନିକଟରେ ବୋହିଯାଇଥିବା ଏକ ନାଳରେ ଚୁଆ ଖୋଳି ପାଣି ସଂଗ୍ରହ କରୁଛନ୍ତି । ଗାଁ ନିକଟରେ ରହିଛି ଜଙ୍ଗଲ । ସନ୍ଧ୍ୟା ହେବା ମାତ୍ରେ ହାତୀ, ବାରହା ଭଳି ଜଙ୍ଗଲୀ ଜନ୍ତୁଙ୍କ ଭୟ ରହିଛି । ଗାଁ ମୁଣ୍ଡରେ ଥିବା ଏହି ଚୁଆରୁ ପାଣି ସଂଗ୍ରହ କରିବାକୁ ଆସି ଗ୍ରାମର ୮ ଜଣ ବ୍ୟକ୍ତିଙ୍କ ହାତୀ ଆକ୍ରମଣରେ ମୃତ୍ୟୁ ହୋଇଥିବାର ନଜିର ରହିଛି । ତଥାପି ଗାଁରେ ପିଇବା ପାଣିର ବ୍ୟବସ୍ଥା କରାଯାଉନାହିଁ । ଅନ୍ୟ କୌଣସି ବିକଳ୍ପ ନ ଥିବାରୁ ଲୋକେ ବାଧ ହୋଇ ଜୀବନକୁ ବାଜିରେ ଲଗାଇ ପାଣି ନେଉଛନ୍ତି । ଗ୍ରାମରେ ବୋରିଂ କରାଯାଇ ସୌରଶକ୍ତି ଦ୍ୱାରା ପାଣି ଉଠାଯାଉଛି । ହେଲେ ଏଥିରୁ ବାହାରୁଥିବା ପାଣି ବ୍ୟବହାର ଉପଯୋଗୀ ନୁହେଁ । ଫଳରେ ଗ୍ରାମରେ କିଡ୍‌ନୀ ରୋଗୀଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି । କେବଳ ଏହି ଗାଁ ନୁହେଁ, ସଦାଶିବପୁର ପଞ୍ଚାୟତର ୯ ଗାଁ ମଧ୍ୟରୁ ୭ ଗାଁରେ ଏଭଳି ପାନୀୟ ଜଳର ଘୋର ସମସ୍ୟା ରହିଛି । ପିଇବା ପାଣି ବ୍ୟବସ୍ଥା କରିବାକୁ କିଛିଦିନ ପୂର୍ବରୁ ଗ୍ରାମବାସୀ ସରପଞ୍ଚଙ୍କୁ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇ ପ୍ରତିବାଦ କରିଥିଲେ । ତଥାପି କୌଣସି ସୁଫଳ ନ ମିଳିବାରୁ ପଞ୍ଚାୟତବାସୀ ପୁଣି ସରପଞ୍ଚଙ୍କୁ ସାଥୀରେ ଧରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଦାବି ଜଣାଇଛନ୍ତି ।

## ୧୯୮୪ ମାଟ୍ରିକ ବ୍ୟାଚ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ



ଯୋରନ୍ଦା, ୧୮ ।୬(ସମିସ) ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଯୋରନ୍ଦା ଉଚ୍ଚ ବିଦ୍ୟାଳୟ ୧୯୮୪ ମାଟ୍ରିକ ବ୍ୟାଚ ଛାତ୍ରଛାତ୍ରୀଙ୍କ ୨୦ତମ ବନ୍ଧୁ ମିଳନ ଉତ୍ସବ ଚିରୁଳେଇ ଅକ୍ଷୟ ଗାର୍ଡେନ ଇକୋ ରିଟ୍ରିଟ୍‌ରେ ଅନୁଷ୍ଠିତ ହୋଇଛି । ବନ୍ଧୁ ମିଳନ ଉତ୍ସବ କମିଟି ସଭାପତି ପ୍ରେମାନନ୍ଦ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଅତିଥି ଭାବେ ସମାଜସେବୀ ରବିନାରାୟଣ ପରିଡ଼ା ଓ ପ୍ରତାପ ସ୍ୱାଇଁ ଯୋଗଦେଇଥିଲେ । ସମ୍ପାଦକ ଆନନ୍ଦ ଚନ୍ଦ୍ର ମହାନ୍ତି ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ଦିବଂଗତ ବନ୍ଧୁ ନବକିଶୋର ପରିଡ଼ା, ପରମାନନ୍ଦ ସାହୁ, ମଞ୍ଜୁଲତା ନାୟକ ଓ ସରୋଜିନୀ ପାତ୍ରଙ୍କ ପାଇଁ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ରଞ୍ଜନ କୁମାର ନାୟକ, ବିକାଶ କୁମାର ଦାଶ, ସୁରେଶ ନାୟକ, ଦାଶରଥି ରାଉତ, ଅଭୟ ବେହେରା, ଅଶୋକ ପାତ୍ର, ଅଭୟ ସାହୁ, ସରୋଜ ମହାପାତ୍ର, ବିଭୁଦତ୍ତ ନାୟକ, ସନ୍ତୋଷ ରାଉତ, ମନୋରଞ୍ଜନ ବାରିକ, ଅନୀତା ରାଉତ, ମୀନତୀ ସାହୁ, ସୁମିତ୍ରା ପ୍ରଧାନ, ମୀନତୀ ନାୟକ, ଭାରତୀ ରାଉତ, କାଦମ୍ବିନୀ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଗତିଶ୍ୱର ଦେବଙ୍କ ପୀଠରେ ୧୪ ଶମ୍ଭୁ ମେଳଣ

ବାଣପୁର, ୧୮।୬(ସମିସ): ବାଣପୁରର ମାଳି ଗୋବିନ୍ଦପୁର ଗ୍ରାମସ୍ଥିତ ପ୍ରସିଦ୍ଧ ଶୈବପୀଠ ଶ୍ରୀଗତିଶ୍ୱର ଦେବଙ୍କ ପୀଠରେ ଚାରିଦିନ ଧରି ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞ ସହ ଅଖଣ୍ଡ ନାମଯଜ୍ଞର ଅନ୍ତିମ ଦିବସ ପୂର୍ଣ୍ଣାହୁତି ଅବସରରେ ମଙ୍ଗଳବାର ସନ୍ଧ୍ୟାରେ ଚତୁର୍ଦ୍ଦଶ ମହାଶମ୍ଭୁ ମିଳନ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଶନିବାର ଅଙ୍କୁରାରୋପଣ ହୋଇ ରବିବାର ଜଳଯାତ୍ରା, ସୂର୍ଯ୍ୟପୂଜା ରୀତିନୀତିରେ ଅନୁଷ୍ଠିତ ହୋଇ ଘୃତଯଜ୍ଞ ଆରମ୍ଭ ହୋଇଥିଲା। ସୋମବାର ପୂଜା ଓ ଅଖଣ୍ଡ ନାମଯଜ୍ଞ ସମାପନ ହେବାପରେ ମଙ୍ଗଳବାର ଯଜ୍ଞର ପୂର୍ଣ୍ଣାହୁତି ହୋଇଥିଲା। ପୂର୍ଣ୍ଣାହୁତି ଅବସରରେ ଆଖପାଖ ଅଞ୍ଚଳର ୧୪ ମହାଶମ୍ଭୁଙ୍କ ମହାମିଳନ ଅନୁଷ୍ଠିତ ହୋଇଯାଇଛି। ପୀଠାଧିଶ ଶ୍ରୀଶ୍ରୀଗତିଶ୍ୱର ମହାଦେବଙ୍କ ନିମନ୍ତ୍ରଣ କ୍ରମେ ଗବପଦର ବିଜେ ଶ୍ରୀରାମେଶ୍ୱର ଦେବ, ଶ୍ରୀବାଙ୍କନିଧି ଦେବ, ବାଣପୁର ଦୁଳଣୀ ଶାସନର ଶ୍ରୀଗତିଶ୍ୱର ଦେବ ଓ ଶ୍ରୀଗୋପୀନାଥ ଦେବ, ମଙ୍ଗଳପୁର ଶାସନର ଶ୍ରୀଜଗତେଶ୍ୱର ଦେବ, ଏକଡାଳିଆର ଶ୍ରୀସୋମନାଥେଶ୍ୱର ଦେବ, ମଙ୍ଗରାଜପୁରର ଶ୍ରୀଗତିଶ୍ୱର ଦେବ, ଦୋଳମୁଣ୍ଡାଇ ଗ୍ରାମର ଶ୍ରୀବାଲୁଙ୍କେଶ୍ୱର ଦେବ, ବଡ଼କୂଳର ଶ୍ରୀଚନ୍ଦ୍ରଶେଖର ଦେବ ଓ ଶ୍ରୀହରଗୌରୀ ଦେବ, ହାତୀମୁଣ୍ଡାର ଶ୍ରୀଗଛବାଲୁଙ୍କେଶ୍ୱର ଦେବ ଓ ସିଙ୍ଗେଶ୍ୱରର ଶ୍ରୀସିଂହନାଥ ଦେବ ଏବଂ ଭେଟେଶ୍ୱରର ଶ୍ରୀବେଟିନାଥ ଦେବ ପ୍ରମୁଖ ୧୪ ମହାଶମ୍ଭୁ ପାଟ ପଟୁଆର ସହ ଶୋଭାଯାତ୍ରାରେ ବାହାରି ମେଳଣ ପଡ଼ିଆରେ ବିଜେ କରିଥିଲେ। ଦିନତମାମ ଠାକୁରଙ୍କ ପୂଜାର୍ଚ୍ଚନା ଚାଲିଥିବାବେଳେ ସନ୍ଧ୍ୟାରେ ଯଜ୍ଞର ପୂର୍ଣ୍ଣାହୁତି ପରେ ଶମ୍ଭୁ ମହାମିଳନ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟହ ସମଗ୍ର ଅଞ୍ଚଳରୁ ସହସ୍ରାଧିକ ଶ୍ରଦ୍ଧାଳୁ ଯୋଗଦେଇ ଯଜ୍ଞ ନାରାୟଣଙ୍କ ଆଶୀର୍ବାଦ ଭିକ୍ଷା କରୁଥିବାବେଳେ ଶ୍ରଦ୍ଧାଳୁମାନଙ୍କ ନିମନ୍ତେ ଗ୍ରାମବାସୀଙ୍କ ତରଫରୁ ପ୍ରସାଦସେବନର ବ୍ୟବସ୍ଥା କରାଯାଇଥିଲା।



# ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଚଢ଼ଉ; ଜରିମାନା ଆଦାୟ

ଟାଙ୍ଗୀ, ୧୮।୬(ସମିସ)

ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶ କ୍ରମେ ଟାଙ୍ଗୀ ଖାଦ୍ୟ ସୁରକ୍ଷା ଅଧିକାରୀ ବିଭିନ୍ନ ସ୍ଥାନରେ ବ୍ୟାପକ ଚଢ଼ଉ କରି ବାସି, ଅପମିଶ୍ରିତ ଖାଦ୍ୟ ଜବତ ପରେ ନଷ୍ଟ କରିବା ସହିତ ପାଉଚ୍ ପାଣି ମଧ୍ୟ ଜବତ କରାଯାଇଥିବା ଏପରିକି ଜରିମାନା ମଧ୍ୟ ଆଦାୟ କରାଯାଇଥିବା ସୂଚନା ମିଳିଛି। ପାଣି ପାଗର ପରିବର୍ତ୍ତନ ସହ ବିଭିନ୍ନ ଅଞ୍ଚଳରେ ଡାଇରିଆ ସଂକ୍ରମଣ ହେଉଥିବାକୁ ଦୃଷ୍ଟିରେ ରଖି ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶ କ୍ରମେ ଟାଙ୍ଗୀ ଥାନା ଅଧୀନସ୍ଥ ଉଗ୍ରତାରା ପୀଠରେ ଅନୁଷ୍ଠିତ ହେଉଥିବା ରଜ ମହୋତ୍ସବରେ ବିଭିନ୍ନ ଫାଷ୍ଟ ଫୁଡ୍ ଦୋକାନରେ ଚଢ଼ଉ କରାଯାଇଥିଲା। ବାସି ଖାଦ୍ୟ ବିଶେଷ କରି ଦୁଇଟି ଚାଟ୍ ଦୋକାନରେ ପ୍ରସ୍ତୁତ କରାଯାଇ ବିକ୍ରି ପାଇଁ ଥିବା ସମସ୍ତ ଅପମିଶ୍ରଣ, ବାସି ଚାଟ୍‌କୁ ଖାଦ୍ୟ ସୁରକ୍ଷା ବିଭାଗୀୟ ଅଧିକାରୀ ଦେବାଶିଷ ବଳ ସମ୍ପୂର୍ଣ୍ଣ ନଷ୍ଟ କରିଥିବାବେଳେ ଏକ ଫାଷ୍ଟ ଫୁଡ୍ ଦୋକାନରେ ଅପମିଶ୍ରିତ ଦହି ନଷ୍ଟ କରାଯାଇଥିବା ଜଣାପଡ଼ିଛି।

ଉଗ୍ରତାରାଙ୍କ ପୀଠରେ କୌଣସି ପଞ୍ଜିକୃତ ସ୍ୱାକ୍ଷର ନ ଥିବା ପାଣି ପାଉଚ୍ ନମୁନା ମଧ୍ୟ ସଂଗ୍ରହ କରାଯାଇଥିବା ସୂଚନା ମିଳିଛି। ମଙ୍ଗଳବାର ବାଣପୁର ବଜାର ମିଠା ଦୋକାନରେ ଚଢ଼ଉ କରାଯାଇ ୩ହଜାର ଟଙ୍କା ଜରିମାନା କରାଯାବା ସହ ପାନୀୟଜଳ ନମୁନା ସଂଗ୍ରହ କରାଯାଇ ଡାଇରିଆ ସମ୍ପର୍କରେ ସଚେତନତା କରାଯାଇଥିବା ଟାଙ୍ଗୀ ଖାଦ୍ୟ ସୁରକ୍ଷା ଅଧିକାରୀ ଶ୍ରୀ ବଳ ସୂଚନା ଦେଇଛନ୍ତି। ବାଣପୁର ଅଲଡିହ ଛକଠାରୁ ପଲଟନ ପଡ଼ିଆ ପର୍ଯ୍ୟନ୍ତ ପ୍ରତ୍ୟେକ ଦୋକାନୀଙ୍କୁ ସଚେତନ କରାଯାଇଥିବା ବେଳେ ଭଗବତୀ ମନ୍ଦିର ନିକଟରେ ଏକ ଫାଷ୍ଟ ଫୁଡ୍ ଦୋକାନରେ ଚଢ଼ଉ କରାଯାଇ ଜରିମାନା ଆଦାୟ, ଗାଲୁଆ ଛକରେ ତିନିଟି ଜଳଖିଆ, ଫାଷ୍ଟଫୁଡ୍ ଦୋକାନରୁ ଜରିମାନା ଆଦାୟ କରାଯିବା ସହିତ ବାସି ମିଠା ଫୋପାଡ଼ି ଦିଆଯାଇଥିବା ଖାଦ୍ୟ ସୁରକ୍ଷା ଅଧିକାରୀ ଶ୍ରୀ ବଳ ମଧ୍ୟ ସୂଚନା ଦେଇଛନ୍ତି। ପାଣିପାଗର ପରିବର୍ତ୍ତନ ଯୋଗୁଁ ଝାଡ଼ାବାନ୍ତି ହଇଜା ସଂକ୍ରମଣକୁ ଦୃଷ୍ଟିରେ ରଖି ଟାଙ୍ଗୀ ତଥା ଗ୍ରାମାଞ୍ଚଳରେ ଥିବା ବିଭିନ୍ନ ଚାଟ, ମିଠା ଦୋକାନରେ ବିକ୍ରୟ ପାଇଁ ଉପଲବ୍ଧ ବାସି ଖାଦ୍ୟ, ଅପମିଶ୍ରିତ ଖାଦ୍ୟ ମହଜୁଦକାରୀଙ୍କ ବିରୁଦ୍ଧରେ କଡ଼ା ପଦକ୍ଷେପ ନେବାକୁ ସାଧାରଣରେ ଦାବି କରାଯାଇଛି।

**ଜଟଣୀ:** ସହରରେ ଦିନକୁ ଦିନ ବେଆଇନ୍ ଭାବେ ହୋଟେଲ ଓ ରେସ୍ତୋରାଁ ଖୋଲିବାରେ ଲାଗିଛି। ବେପାର ଆଶାରେ ଖାଦ୍ୟ ସୁରକ୍ଷା ନିୟମକୁ ନ ମାନି ଅନେକ ଦୋକାନ ଗୁଡ଼ିକରେ ଅପମିଶ୍ରିତ ଏବଂ ନିମ୍ନମାନର ଖାଦ୍ୟ ପଦାର୍ଥକୁ ଅସ୍ୱାସ୍ଥ୍ୟକର ପରିବେଶରେ ପ୍ରସ୍ତୁତ କରୁଛନ୍ତି। କିଛିଦିନର ବ୍ୟବଧାନରେ ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗ ଓ ଜଟଣୀ ପୌରପାଳିକା ପକ୍ଷରୁ ସହରର ବିଭିନ୍ନ ହୋଟେଲ, ଜଳଖିଆ ଦୋକାନ, ଠେଲାଗାଡ଼ିରେ ବିକ୍ରି ହେଉଥିବା ଖାଦ୍ୟ ପଦାର୍ଥର ଯାଞ୍ଚ କରିଥିଲେ। କିଛି ହୋଟେଲରେ ବାସି ଖାଦ୍ୟ ରଖାଯାଇଥିବାବେଳେ ତାକୁ ମଧ୍ୟ ନଷ୍ଟ କରାଯାଇଥିଲା। ଚଢ଼ଉ ସମୟରେ ସମୁଦାୟ ୮ଟି ଦୋକାନରୁ ୧୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଯାଞ୍ଚ ସମୟରେ ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ଟିମ୍ ଓ ଜଟଣୀ ପୌରପାଳିକାର ଏକ ଟିମ୍ ସାମିଲ ଥିଲେ।



## ଜାତୀୟ ରାଜପଥରେ ଗୁଳି ଫୁଟାଇ ବାଇକ୍ ଲୁଟ୍ !

ନିରାକାରପୁର, ୧୮।୬(ସମିସ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ଅନ୍ତର୍ଗତ ରାମେଶ୍ୱର ୧୬ ନଂ ଜାତୀୟ ରାଜପଥ ଚିଙ୍ଗୁଡ଼ି କମ୍ପାନୀ ସାମ୍ନାରେ ବୁଧବାର ଅପରାହ୍ନରେ ଦୁଇ ଜଣ ଅଜ୍ଞାତ ବନ୍ଧୁକଧାରୀ ଗୁଳି ଫୁଟାଇ ଏକ ବାଇକ୍ ନେଇ ଫେରାର୍ ହୋଇଯାଇଥିବା ଜଣାପଡ଼ିଛି। ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି, ଦୁଇ ଜଣ ଯୁବକ ଗୋଟିଏ ବାଇକ୍‌ରେ ଟାଙ୍ଗୀ ପଟୁ ଆସି ଚିଙ୍ଗୁଡ଼ି କମ୍ପାନୀ ସାମ୍ନା ୧୬ ନଂ ଜାତୀୟ ରାଜପଥ କଡ଼ରେ ରଖାଯାଇଥିବା ବାଇକ୍‌କୁ ଗୁଳି ଫୁଟାଇ ଡକାୟତି କରି ନେଇଥିବା ଜଣାପଡ଼ିଛି। ପରେ ସେମାନେ ବାଇକ୍‌ରେ ଜଂକିଆ ଆଡ଼କୁ ପଳାଉଥିବାବେଳେ ତାଙ୍କ ପିଛା କରିବାରୁ ଆହୁରି ଦୁଇ ରାଉଣ୍ଡ ଗୁଳି କରି ବାଇକ୍‌ଟିକୁ ନେଇ ପଳାଇଛନ୍ତି। ରାତି ସାଢ଼େ ୮ଟା ପର୍ଯ୍ୟନ୍ତ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବାବେଳେ ରାତିରେ ଅଭିଯୋଗ ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତନାଘନା କରିଥିବା ଶୁଣିବାକୁ ମିଳୁଛି।

## ଯାତ୍ରୀବାହୀ ଅଟୋ ଓଲଟି ୫ ଆହତ, ଚାଳକ ଗୁରୁତର

ବାଲୁଗାଁ, ୧୮।୬(ସମିସ): ୧୬ ନମ୍ବର ଜାତୀୟରାଜପଥ ଉପରେ ଏକ ଯାତ୍ରୀବାହୀ ଅଟୋ ଓଲଟି ପଡ଼ିବାରୁ ଚାଳକଙ୍କ ସମେତ ୫ଜଣ ଆହତ ହୋଇଛନ୍ତି। ବାଲୁଗାଁ ସାମନ୍ତରାପୁର ସାହିର କେତେକ ଲୋକ ଏକ ଅଟୋ ଯୋଗେ ନିଜ ସମ୍ପର୍କୀୟ ନାଚୁଣୀ ଗ୍ରାମକୁ ଯାଇ ଫେରୁଥିବାବେଳେ ସନ୍ଧ୍ୟାରେ ୧୬ ନମ୍ବର ଜାତୀୟ ରାଜପଥର କଉଡ଼ିଖଣି ଛକ ନିକଟରେ କୌଣସି କାରଣରୁ ଅଟୋଟି ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡ଼ିଥିଲା। ଅଟୋରେ ବସିଥିବା ୪ଜଣ ଯାତ୍ରୀଙ୍କ ସହ ଚାଳକ ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ସମସ୍ତ ଆହତଙ୍କୁ ଆମ୍ବୁଲାନ୍ସ ଯୋଗେ ବାଲୁଗାଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତେବେ ଚାଳକଙ୍କ ଅବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି।

## ୭୪ ଲିଟର ଦେଶୀ ମଦ ଜବତ; ୪ ଗିରଫ

ବେଗୁନିଆ, ୧୮।୬(ସମିସ): ଖୋର୍ଦ୍ଧା ଜିଲ୍ଲା ଅବକାରୀ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ ଓ ସଦର ରେଞ୍ଜ ଅବକାରୀ ବିଭାଗ ନିରୀକ୍ଷକ ରାଧାକାନ୍ତ ଭୋଇଙ୍କ ତତ୍ତ୍ୱାବଧାନରେ ବେଗୁନିଆ ଅବକାରୀ ଥାନାର ସହଯୋଗରେ ବିଭିନ୍ନ ଅଞ୍ଚଳରେ ଚଢ଼ଉ ହୋଇଛି। ଏଥିରୁ ମୋଟ୍ ୭୪ ଲିଟର ମଦ ଜବତ ସହ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଅଭିଯୁକ୍ତମାନେ ହେଲେ ବେଗୁନିଆ ଥାନା ଅନ୍ତର୍ଗତ ଚଟୁଆ ଗ୍ରାମର କୈଳାଶ ଚନ୍ଦ୍ର ସାହୁ, ରାଜକିଶୋର ସାହୁ ଏବଂ ପିଚୁକୁଳି ଗ୍ରାମର ଉତ୍ତମ ନାୟକ ଓ ବୋଲଗଡ଼ ଥାନା ଅନ୍ତର୍ଗତ ଭବାନୀପୁରର ବୈକୁଣ୍ଠ ନାୟକ।

## ପୋଖରୀରେ ବୁଡ଼ି ଯୁବକ ମୃତ

ବେଗୁନିଆ, ୧୮।୬(ସମିସ): ବାଘମାରୀ ଥାନା ଅନ୍ତର୍ଗତ ପୋଡ଼ାଡିହ ଗ୍ରାମ ପାଇକରାସାହିର ରାମ ଚନ୍ଦ୍ର ସାହୁଙ୍କ ପୁଅ ରବୀନ୍ଦ୍ର (୩୮)ଙ୍କର ଆବରଣ ପୋଖରୀରେ ବୁଡ଼ି ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ, ରବୀନ୍ଦ୍ର ମଙ୍ଗଳବାର ପୂର୍ବାହ୍ନରେ ଗାଧୋଇବାକୁ ଯାଇଥିଲେ। ତେବେ ଦୀର୍ଘ ସମୟ ଧରି ନ ଫେରିବାରୁ ପରିବାର ସଦସ୍ୟମାନେ ଖୋଜିବା ଆରମ୍ଭ କରି ଦେଇଥିଲେ। ପରେ ପୋଖରୀ କୂଳରୁ ପରିଧାନ ବସ୍ତ୍ର ଦେଖି ସନ୍ଦେହ ଉପୁଜିବାରୁ ଖୋଜିବା ଆରମ୍ଭ କରି ଦେଇଥିଲେ। ତାଙ୍କ ମୃତଶରୀରକୁ ଚିକିତ୍ସାଳୟ ନେଇ ପୁଲିସ ଉପସ୍ଥିତିରେ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଅଣସର ବାସରେ ପ୍ରଭୁ ଅନନ୍ତପୁରୁଷୋତ୍ତମ ଦେବ

ଖୋର୍ଦ୍ଧା, ୧୮।୬(ସମିସ): ଇଚ୍ଛାମୟ, ଲୀଳାମୟ ଓ ଭାବମୟ ଠାକୁର ହେଉଛନ୍ତି ପ୍ରଭୁ ଅନନ୍ତପୁରୁଷୋତ୍ତମ। ଦେବସ୍ନାନ ପୂର୍ଣ୍ଣିମାରେ ସୁବାସିତ ଜଳରେ ସ୍ନାନ ପରେ ଜ୍ୱରରେ ପଡ଼ିଛନ୍ତି ଚତୁର୍ଦ୍ଧା ମୂର୍ତ୍ତି। ଅଣସର ବାସରେ ଉପଚାର ପାଇଁ ମଠର ସାଧୁମାନଙ୍କ ଦ୍ୱାରା ଚାଲିଛି ଗୁପ୍ତସେବା। ଅଣସରରେ ଠାକୁରଙ୍କ ଶ୍ରୀଅଙ୍ଗ ସେବା କରାଯାଉଥିବାବେଳେ ଜ୍ୟେଷ୍ଠ ଶୁକ୍ଳ ତୃତୀୟାରେ ଠାକୁରଙ୍କ ଓଦାବସ୍ତ୍ର ଖୋଲାଯାଇଥାଏ। ଚତୁର୍ଥୀରେ ଶ୍ରୀଅଙ୍ଗ ଫିଟା ନୀତି, ପଞ୍ଚମୀରେ ଫୁଲୁରୀ ତେଲ, ଷଷ୍ଠୀରୁ ନବମୀ ମଧ୍ୟରେ ଠାକୁରଙ୍କୁ ଓଷୁଅ ଲାଗି କରାଯାଇଥାଏ ବୋଲି ମୁଖ୍ୟ ପୂଜକ କମଳଲୋଚନ ଦାସ ମହାରାଜ ସୂଚନା ଦେଇଛନ୍ତି। ସେହିପରି ପଞ୍ଚମୀରେ ପାଞ୍ଚଣ ଓ ଦଶମୀରେ ଶ୍ରୀବିଗ୍ରହଙ୍କ ଚକାବିଜେ ନୀତି କରାଯାଇଥାଏ। ଉକ୍ତଦିନ ଦଶମୂଳ ଭୋଗ କରାଯିବ। ଚକାବିଜେ ପରେ ଏକ ସ୍ୱତନ୍ତ୍ର ଲେପ ଦିଆଯାଏ। ଏହି ଦିନ ଶ୍ରୀବିଗ୍ରହ ସାମାନ୍ୟ ସୁସ୍ଥତା ଅନୁଭବ କରନ୍ତି। ଏକାଦଶୀ ତିଥିରେ ଖଳି ପ୍ରସାଦ ଲାଗି ହୋଇଥାଏ। ଅଣସର ଘର ପ୍ରବେଶ ଦିନଠାରୁ ଏକାଦଶୀ ପର୍ଯ୍ୟନ୍ତ ଶୁକ୍ଳ ବସ୍ତ୍ର, ଧଳାଫୁଲ ଏବଂ ବିନା ତୁଳସୀରେ ଠାକୁରଙ୍କ ବେଶ କରାଯାଇ ଭୋଗ ଲାଗି ହୋଇଥାଏ। ଏକାଦଶୀରେ ଠାକୁରଙ୍କ ଶ୍ରୀଅଙ୍ଗରେ ଚନ୍ଦନ ଲାଗି କରାଯାଏ ବୋଲି ପୂଜକ କହିଛନ୍ତି। ଘୋଷଯାତ୍ରା ନିମନ୍ତେ ଜାଗୁଲେଇପାଟଣା ସ୍ଥିତ ଅନନ୍ତପୁରୁଷୋତ୍ତମ ପୀଠ ଏବେଠାରୁ ଚଳଚଞ୍ଚଳ ହେବାରେ ଲାଗିଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ମନ୍ଦିର ଟ୍ରଷ୍ଟି ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ହୋଇଛି। ଆସନ୍ତା ୨୬ ତାରିଖରେ ନେତ୍ରୋତ୍ସବ ଓ ନବଯୌବନ ଦର୍ଶନ କରାଯିବ। ୨୭ରେ ଠାକୁର ପହଣ୍ଡି ହୋଇ ରଥାରୁଢ଼ ହେବେ। ଶ୍ରୀକ୍ଷେତ୍ରରେ ତିନିଟି ରଥରେ ଯାତ୍ରା କରାଯାଉଥିବାବେଳେ ଜାଗୁଲେଇପାଟଣାଠାରେ ତିନି ଭାଇ-ଭଉଣୀଙ୍କ ପୂର୍ଣ୍ଣବିଗ୍ରହ ଗୋଟିଏ ରଥରେ ରଥାରୁଢ଼ ହୋଇ ମାଉସୀ ମା' ମନ୍ଦିରକୁ ବିଜେ କରିବାର ପରମ୍ପରା କେଉଁ ଆବହମାନ କାଳରୁ ଜାରି ରହିଛି। ପ୍ରାୟ ୪୫ବର୍ଷ ହେବ ଏଠାରେ ନିୟମିତ ଭାବେ ଘୋଷଯାତ୍ରା ଅନୁଷ୍ଠିତ ହୋଇଆସୁଛି।

● ଉପଚାର ନିମନ୍ତେ ଚାଲିଛି ଗୁପ୍ତସେବା

# ମା' ଭଗବତୀଙ୍କ ହୁଣ୍ଡିରୁ ମିଳିଲା ୧, ୩୭, ୪୨୮ ଟଙ୍କା

ବାଣପୁର, ୧୮।୬(ସମିସ): ଭଗବତୀ କ୍ଷେତ୍ର ବାଣପୁରର ଆରାଧ ଦେବୀ ତଥା ରାଜ୍ୟର ଅନ୍ୟତମ ଶକ୍ତିପୀଠ ମା' ଭଗବତୀଙ୍କ ଦୀର୍ଘ ୬ମାସ ବ୍ୟବଧାନରେ ବୁଧବାର ମନ୍ଦିରର ଭିତର ଦାନବାକ୍ସ ଖୋଲାଯାଇଛି। ଏହି ଦାନବାକ୍ସରୁ ଶ୍ରଦ୍ଧାଳୁମାନେ ଦାନ କରିଥିବା ମୋଟ୍ ୧ ଲକ୍ଷ ୩୭ ହଜାର ୪୨୮ ଟଙ୍କା ସମେତ ରୁପାର ଆଖି ୨ଟି ଓ ଏକ ରୁପା କଏନ ମିଳିଛି। ଶ୍ରୀଦକ୍ଷେଶ୍ୱର ଭଗବତୀ ଏଣ୍ଡାଓମେଣ୍ଟ ସଭାପତି ତଥା ବାଣପୁର ତହସିଲ୍‌ଦାର ଟି. ପଦ୍ମନାଭ ଦୋରାଙ୍କ ଉପସ୍ଥିତିରେ ପରିଚାଳନା କମିଟିର ସଦସ୍ୟ ବାଣପୁର ବିଡିଓ ଶୀତଳ ଅଗ୍ରୱାଲା, ଏଣ୍ଡାଓମେଣ୍ଟର କାର୍ଯ୍ୟନିର୍ବାହୀ ଅଧିକାରୀ ବାଳମୁକୁନ୍ଦ ଦାସ ଓ ବାଣପୁର ପୁଲିସ ସମେତ ମନ୍ଦିର କର୍ମଚାରୀ ସୁରେନ୍ଦ୍ର ସାହୁ, କମଳ କୁମାର ମିଶ୍ର ଓ ଅକ୍ଷୟ କୁମାର ମିଶ୍ର ପ୍ରମୁଖଙ୍କ ଉପସ୍ଥିତିରେ ମା'ଙ୍କ ନିକଟରେ ପୂଜାର୍ଚ୍ଚନା ପରେ ହୁଣ୍ଡି ଖୋଲାଯାଇଥିଲା। ପୂର୍ବରୁ ବିଗତ ବର୍ଷରେ ମା'ଙ୍କର ଭିତର ଓ ବାହାର ଦୁଇଟି ହୁଣ୍ଡିକୁ ଖୋଲାଯାଇ ସେଥିରୁ ମିଳିଥିବା ସମସ୍ତ ଦାନ ଟଙ୍କା ଓ ଅଳଙ୍କାରକୁ ବ୍ୟାଙ୍କରେ ଜମା କରାଯାଇଥିଲା। ମା'ଙ୍କର ମନ୍ଦିର ଭିତର ହୁଣ୍ଡିରୁ ବାହାରିଥିବା ସମସ୍ତ ଟଙ୍କା ସ୍ଥାନୀୟ ୟୁକୋ ବ୍ୟାଙ୍କରେ ଜମା ରଖାଯାଇଛି। ଯାହା ମା'ଙ୍କ ନୀତିକାନ୍ତି ଓ ସେବା କାର୍ଯ୍ୟରେ ବିନିଯୋଗ କରାଯିବ ବୋଲି ମନ୍ଦିର ପରିଚାଳନା କମିଟି ତରଫରୁ ସୂଚନା ମିଳିଛି।



# ବୀର ଯବାନଙ୍କ ସ୍ମୃତିଚାରଣ କଲେ ସାଂସଦ ମାନସ ମଙ୍ଗରାଜ

ବାଣପୁର, ୧୮।୬(ସମିସ): ଭାରତୀୟ ନୌସେନାର ତଟରକ୍ଷୀ ବାହିନୀରେ କାର୍ଯ୍ୟରତ ଯବାନ ଦେବରାଜ ମହାରଣା କିଛିଦିନ ହେବ ରୋଗରେ ଆକ୍ରାନ୍ତ ହୋଇ କୋଲକାତାସ୍ଥିତ ମିଲିଟାରୀ ହସ୍ପିଟାଲରେ ଗତ ୬ ତାରିଖରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଥିଲା। ତାଙ୍କ ଦ୍ୱାଦଶାହ ଅବସରରେ ଜନ୍ମମାଟି ବାଣପୁର ଗାଲୁଆ ଗ୍ରାମରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ବାଳମୁକୁନ୍ଦ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସାଂସଦ ମାନସ କୁମାର ମଙ୍ଗରାଜ ଯୋଗଦେଇ ସ୍ୱର୍ଗତ ଦେବରାଜଙ୍କ ସ୍ମୃତିଚାରଣ କରିବା ସହ ଗ୍ରାମରେ ଦେବରାଜଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନା କରିବାରେ ସହଯୋଗ କରିବେ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ଚିଲିକା ବ୍ଲକ ଅଧ୍ୟକ୍ଷ ଲଳିତ ମୋହନ ପଟ୍ଟନାୟକ, ତହସିଲ୍‌ଦାର ଟି.ପଦ୍ମନାଭ ଦୋରା, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା ଓ ଶିକ୍ଷାବିତ୍ ସଂଗ୍ରାମ କେଶରୀ ସାହୁ ପ୍ରମୁଖଙ୍କ ସମେତ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଯୋଗଦେଇ ସ୍ୱର୍ଗତ ଦେବରାଜଙ୍କ ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଦେବରାଜ ୧୯୯୪ ମସିହାରେ ଦେଶ ସେବା ପାଇଁ ଭାରତୀୟ ତଟରକ୍ଷୀ ବାହିନୀରେ ଯୋଗଦେଇ ଆରବ ସାଗର, ବଙ୍ଗୋପ ସାଗର ଓ ପ୍ରଶାନ୍ତ ମହାସାଗର ଆଦି ଭାରତର ବିଭିନ୍ନ ପ୍ରାନ୍ତରେ କାର୍ଯ୍ୟ କରିଥିବାବେଳେ ଚାକିରି କ୍ଷେତ୍ରରେ ସେ ବହୁ ଆୱାର୍ଡ ପାଇଥିବା ସହ ବେସିକ୍ ଟ୍ରେନିଂରେ ବେଷ୍ଟ ଆୱାର୍ଡ ମଧ୍ୟ ପାଇଥିଲେ।




## ଷ୍ଟେସନ୍‌ରେ ବ୍ୟାଗ୍ ଝାମ୍ପିବାବେଳେ ଅଭିଯୁକ୍ତ କାବୁ

ଜଟଣୀ, ୧୮।୬(ସମିସ): ଖୋର୍ଦ୍ଧାରୋଡ୍ ରେଳ ଷ୍ଟେସନରେ ଜଣେ ମହିଳା ଯାତ୍ରୀଙ୍କଠାରୁ ଭ୍ୟାନିଟ୍ ବ୍ୟାଗ୍ ଝାମ୍ପିନେବାବେଳେ ଅଭିଯୁକ୍ତକୁ କାବୁ କରିଛି ପୁଲିସ। ଗିରଫ ଅଭିଯୁକ୍ତ ହେଲା ପୁରୀ ବ୍ରହ୍ମଗିରି ମୁଣ୍ଡଳୀର ସୁଶାନ୍ତ ସାହୁ (୨୮)। ତା' ନିକଟରୁ ଭ୍ୟାନିଟ୍ ବ୍ୟାଗ୍, ସୁନାର ମଙ୍ଗଳସୂତ୍ର ଓ ନଗଦ ୧୫ ହଜାର ଟଙ୍କା ଜବତ କରିଛି ପୁଲିସ। ସୂଚନାଯୋଗ୍ୟ ଯେ, ମଙ୍ଗଳବାର ବିଳମ୍ବିତ ରାତିରେ ମହିଳା ଯାତ୍ରୀ ଜଣକ ୨ ନମ୍ବର ପ୍ଲାଟ୍‌ଫର୍ମରେ ଟ୍ରେନ୍‌କୁ ଅପେକ୍ଷା କରିଥିଲେ। ଏହି ସମୟରେ ଅଭିଯୁକ୍ତ ହଠାତ୍ ମହିଳାଙ୍କ କାନ୍ଧରୁ ଭ୍ୟାନିଟ୍ ବ୍ୟାଗଟିକୁ ଝାମ୍ପି ନେଇ ଫେରାର୍ ହୋଇଯାଇଥିଲା। ମହିଳା ଜଣକ ଚିତ୍କାର କରିବାରୁ ପ୍ଲାଟ୍‌ଫର୍ମରେ ନିୟୋଜିତ ଥିବା ଆର୍‌ପିଏଫ୍ ପୁଲିସ ଅଭିଯୁକ୍ତର ପିଛା କରି କାବୁ କରିଥିଲେ। ତା' ନିକଟରୁ ଚୋରି ସାମଗ୍ରୀ ସବୁ ଜବତ ହୋଇଥିଲା।

## ଜଳିଗଲା ଲୁହାପଥର ବୋଝେଇ ଟ୍ରକ୍

ନିରାକାରପୁର, ୧୮।୬(ସମିସ): ଖୋର୍ଦ୍ଧା ଜିଲ୍ଲା ଜଂକିଆ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥ ସୁନେଇ ରୁପେଇ ଛକରେ ବୁଧବାର ଏକ ଚଳନ୍ତା ଟ୍ରକ୍‌ରେ ନିଆଁ ଲାଗି ଜଳି ଯାଇଥିବା ଜଣାପଡ଼ିଛି। ସ୍ଥାନୀୟ ଯୁବକଙ୍କ ସହାୟତାରେ ସୁରକ୍ଷିତ ଅବସ୍ଥାରେ ଚାଳକଙ୍କୁ ଉଦ୍ଧାର କରାଯାଇଛି। ଟ୍ରକ୍‌ରେ ଲୁହା ପଥର ବୋଝେଇ ହୋଇ ବିଶାଖାପାଟଣାରୁ ପାରାଦ୍ୱୀପ ଯାଉଥିଲା। ଓଭର ଲୋଡିଂ କାରଣରୁ ପ୍ରଥମେ ଇଞ୍ଜିନ୍‌ରୁ ଧୂଆଁ ବାହାରିଥିଲା। ଏହି ଘଟଣାକୁ ଦେଖି ସ୍ଥାନୀୟ ଯୁବକମାନେ ଟ୍ରକ୍‌କୁ ଅଟକାଇ ସୁରକ୍ଷିତ ଅବସ୍ଥାରେ ଚାଳକଙ୍କୁ ଉଦ୍ଧାର କରିଥିଲେ। କ୍ୟାବିନ୍‌ଟି ସମ୍ପୂର୍ଣ୍ଣ ଭାବେ ପୋଡ଼ିଯାଇଛି। ଖବର ପାଇ ଜଂକିଆ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।



## ଶେଷ ପର୍ଯ୍ୟାୟରେ ଦାରୁବ୍ରହ୍ମ ଦେବଙ୍କ ରଥ ନିର୍ମାଣ

ଭୂଷଣ୍ଡପୁର, ୧୮।୬(ସମିସ): ଆସନ୍ତା ୨୭ ତାରିଖରେ ଅନୁଷ୍ଠିତ ହେବ ମହାପ୍ରଭୁଙ୍କ ଘୋଷଯାତ୍ରା। ରଥରେ ମହପ୍ରଭୁଙ୍କ ଦର୍ଶନ ଅପେକ୍ଷାରେ ଲକ୍ଷାଧିକ ଭକ୍ତ। ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା ନିମନ୍ତେ ଶ୍ରୀକ୍ଷେତ୍ରର ବଡ଼ଦାଣ୍ଡ ଚଳଚଞ୍ଚଳ ହୋଇଥିବାବେଳେ ଟାଙ୍ଗୀ ବ୍ଲକ ଭୂଷଣ୍ଡପୁର ଏବଂ ବାଲିପାଟପୁର ଗ୍ରାମ ପଞ୍ଚାୟତର ମିଳିତ ସହଯୋଗରେ ଦାରୁବ୍ରହ୍ମ ଦେବଙ୍କ ରଥଯାତ୍ରା ଲାଗି ପ୍ରସ୍ତୁତି ଜୋର୍‌ଦାର ଚାଲିଛି। ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ସାଙ୍ଗକୁ ରଥଯାତ୍ରା ପ୍ରସ୍ତୁତି କାର୍ଯ୍ୟ ଏବେ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ନେତ୍ର ଉତ୍ସବ ପୂର୍ବରୁ ରଥ ନିର୍ମାଣ କାମ ସରିବ ବୋଲି ଦାରୁବ୍ରହ୍ମ ରଥଯାତ୍ରା କମିଟି ପକ୍ଷରୁ କୁହାଯାଇଛି। ରଥ କାର୍ଯ୍ୟକୁ ମହାରଣା ସେବାୟତ ତ୍ରିଲୋଚନ ମହାରଣା, ବଟକୃଷ୍ଣ ମହାରଣା, ରବି ମହାରଣା, ପାଣ୍ଡବ ମହାରଣା, ନିରଞ୍ଜନ ମହାରଣା, ରଞ୍ଜନ ମହାରଣା, ସୋନୁ ମହାରଣା ପ୍ରମୁଖ ଯୁଦ୍ଧକାଳୀନ ଭିତ୍ତିରେ ଜାରି ରଖିଛନ୍ତି।



# ବରିଷ୍ଠ ନାଗରିକ ମଞ୍ଚର ରଜ ପର୍ବ ପାଳନ

ଖୋର୍ଦ୍ଧା, ୧୮।୬(ସମିସ):

ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଶ୍ରୀରାମ ନଗରସ୍ଥିତ ସଭାଗୃହ ପରିସରରେ ଓଡ଼ିଶାର ଗଣପର୍ବ ରଜ ଉତ୍ସବ ପାଳନ କରାଯାଇଛି। ଆଧୁନିକତାର ଦ୍ୱାହି ଦେଇ ଓଡ଼ିଶାରୁ ଏହାର ନିଜସ୍ୱ ଭାଷା, ସାହିତ୍ୟ, ସଙ୍ଗୀତ, ନୃତ୍ୟ, ଲୋକକଳା, ପିଠାପଣାକୁ ରାଜ୍ୟବାସୀ ଆଉ ପୂର୍ବଭଳି ଆଦର କରୁନାହାନ୍ତି। ଅନେକ ପାରମ୍ପରିକ ଖାଦ୍ୟ ଆଉ ମିଳୁନାହିଁ। ଝିଅମାନେ ପିଠା ତିଆରି ଶିଖିବା ପାଇଁ ଆଗ୍ରହୀ ନୁହନ୍ତି। ଏହି ପ୍ରତିକୂଳ ପରିସ୍ଥିତିରେ ବରିଷ୍ଠ ନାଗରିକ ମହିଳା ଶାଖା ଦ୍ୱାରା ରଜପର୍ବ ପାଳନ ଅବସରରେ ପିଠା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏହି ପ୍ରତିଯୋଗିତାରେ ସୌଦାମିନି ପଟ୍ଟନାୟକ, ସ୍ୱର୍ଣ୍ଣରେଣୁ ପଟ୍ଟନାୟକ, ଝରଣା ମିଶ୍ର, ମମତା ସାହୁ, ମାୟାଧର ପ୍ରଧାନ, ଦାମୋଦର ବେହେରା, ରାମଚନ୍ଦ୍ର ମଙ୍ଗରାଜ, ଶ୍ରୀମନ୍ତ ବେହେରା, ସହଦେବ ସାହୁ, ରବୀନ୍ଦ୍ର ନାଥ ମିଶ୍ର, ଭାଗବତ ସାହୁ ଓ ମହେନ୍ଦ୍ର ମିଶ୍ର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ବିରଞ୍ଚି ସାହୁ ଓ ଶରତ ସାହୁ ମଞ୍ଚ ପରିଚାଳନା କରିଥିଲେ। ଓଡ଼ିଶୀ ସଙ୍ଗୀତ ଓ ନୃତ୍ୟ ସଦସ୍ୟଙ୍କ ନାତି ନାତୁଣୀମାନେ ପରିବେଷଣ କରିଥିଲେ। ପ୍ରିଜଲ ପ୍ରିୟା ସାହୁ, ଜାଗୃତି ମହାନ୍ତି, ଶ୍ରଦ୍ଧାଶ୍ରୀ ମହାନ୍ତି, ସାକ୍ୟସିଂହ ପଟ୍ଟନାୟକ ଓ ମୌସୁମୀ ସାମନ୍ତସିଂହାର ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ସ୍ୱର୍ଣ୍ଣରେଣୁ ପଟ୍ଟନାୟକ, ବସନ୍ତ ଦାଶ, ଉମାକାନ୍ତ ମିଶ୍ର, ମହେନ୍ଦ୍ର ଦାସ ସୁଗମ ସଙ୍ଗୀତ ଓ ଭଜନ ପରିବେଷଣ କରିଥିଲେ। ଏହି ଉତ୍ସବକୁ କ୍ଷେତ୍ରବାସୀ ସାହୁ, ନବୀନ ସାମନ୍ତସିଂହାର, ନବକିଶୋର ମହାପାତ୍ର, ରତ୍ନାକର ରଣସିଂହ, ଗଦାଧର ଗୋଛି, ହରମୋହନ ମହାପାତ୍ର, ବିପିନ ବିହାରୀ ମିଶ୍ର, ବିଜୟ ପଣ୍ଡା ପରିଚାଳନା କରିଥିଲେ। ଏହି ଉତ୍ସବରେ ଅନୁଷ୍ଠାନର କର୍ମକର୍ତ୍ତା ଓ ସଦସ୍ୟବୃନ୍ଦ ଉପସ୍ଥିତ ଥିଲେ। ମଞ୍ଚର ସମ୍ପାଦକ ରାମଶଙ୍କର ସ୍ୱାଗତ ଭାଷଣ ଓ ସହସମ୍ପାଦକ ସନ୍ତୋଷ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



## ଦୋଳି ଖେଳ ଓ ରଜ ପାନଖିଆରେ ସରିଲା ରଜ

ନିରାକାରପୁର, ୧୮।୬(ସମିସ): ପୁରପଲ୍ଲୀରେ ରଜ ପର୍ବରେ ଝିଅ ବୋହୂମାନେ ବଡ଼ ଆନନ୍ଦ ଉଲ୍ଲାସରେ ଦୋଳି ଖେଳି, ରଜ ପାନ, ଭୋଜିଭାତ ଓ ପିଠାପଣାରେ ମସ୍‌ଗୁଲ ହୋଇଯାଇଥିବା ଖୋର୍ଦ୍ଧା ଜିଲ୍ଲା କଞ୍ଚିଲୋ ଗ୍ରାମରେ ମଧ୍ୟ ମହାସମାରୋହରେ ରଜ ପାଳନ ହୋଇଛି। ଗ୍ରାମର ସମସ୍ତ ଝିଅ-ବୋହୂ ନୂତନ ବସ୍ତ୍ର ପରିଧାନ କରି ପାଦରେ ଅଳତା ଲଗାଇ ରଜପର୍ବକୁ ପାଳନ କରିଛନ୍ତି। ଏହି ଗ୍ରାମରେ ଅନୁଷ୍ଠିତ ରଜ ଉତ୍ସବ ଅବସରରେ ଗ୍ରାମର ଗୋଟିଏ ସ୍ଥାନରେ ଗ୍ରାମର ସମସ୍ତ ଝିଅବୋହୂ ଏକାଠି ହୋଇଥିଲେ। ସମସ୍ତେ ମନ ଆନନ୍ଦରେ ରଜଦୋଳିଠାରୁ ଆରମ୍ଭ କରି ଅନ୍ୟାନ୍ୟ ପାରମ୍ପରିକ ଖେଳ ଖେଳିଥିଲେ। ବିଭିନ୍ନ ବାଦ୍ୟ ସଙ୍ଗୀତର ତାଳେ ତାଳେ ସମସ୍ତେ ନୃତ୍ୟ କରି ସମସ୍ତଙ୍କ ମଧ୍ୟରେ ଭାବର ଆଦାନପ୍ରଦାନ କରିଥିଲେ। ରଜ ପାନ ସହିତ ଭୋଜିଭାତ ପରିବେଶକୁ ଆହୁରି ଆକର୍ଷଣୀୟ କରିଥିଲା। ଏହି କାର୍ଯ୍ୟକ୍ରମରେ ପ୍ରମୁଖ ଭୂମିକାରେ ରେଣୁବାଳା ପଟ୍ଟନାୟକ, ନମିତା ଦାସ, ମାନସୀ ପଟ୍ଟନାୟକ, କୁନି, ହେନା, ରଜନୀ, ଟୁନା ଅପା, ମୀନା ଅପା, ମାମି ଅପା, ବୁଢ଼ିଆ ଅପା, ପ୍ରଭୀ ଅପା ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।



## ରଜ ମହୋତ୍ସବ ଉଦ୍‌ଯାପିତ

ବେଗୁନିଆ, ୧୮।୬(ସମିସ): ବେଗୁନିଆ ସଦର ମହକୁମାର ନୂଆସାହିସ୍ଥିତ ଜଗନ୍ନାଥ ମନ୍ଦିର ସଂଲଗ୍ନ ଆମ୍ର କାନନ ପରିସରରେ ପତିତପାବନ ଯୁବକ ସଂଘ ପକ୍ଷରୁ ୪ଦିନ ଧରି ଚାଲିଥିବା ରଜ ମହୋତ୍ସବ ଉଦ୍‌ଯାପିତ ହୋଇଛି। ଏଥିରେ କିଶୋରୀ ବାଳିକାମାନଙ୍କ ମଧ୍ୟରେ ପୁଚି, ମ୍ୟୁଜିକ୍ ଚେୟାର, ଅନ୍ଧପୁଟୁଳି ଓ ଭକ୍ତି ଭୂଷଣ ତ୍ରିପାଠୀ ସ୍ମୃତି ସଂସଦ ପକ୍ଷରୁ କୁଇଜ୍ ପ୍ରତିଯୋଗିତାରେ ଇଂ ରାମ ମାନସ ପଣ୍ଡା ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅନୁଷ୍ଠାନର ସଭାପତି ରଶ୍ମି ଚାନ୍ଦ କରଙ୍କ ଅଧ୍ୟକ୍ଷତା ଓ ପ୍ରଧାନଶିକ୍ଷକ ଦିବାକର ସାହୁଙ୍କ ସଂଯୋଜନାରେ ଗ୍ରାମ୍ୟ କମିଟି ସଭାପତି ଲାଲା ଦିଲ୍ଲୀପ କୁମାର ରାୟ ମୁଖ୍ୟ ଅତିଥି, ଶିକ୍ଷାବିତ୍ କାଶୀନାଥ ପଟ୍ଟନାୟକ ମୁଖ୍ୟବକ୍ତା ଓ ଅବସରପ୍ରାପ୍ତ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ୍ ଶାଖା ପରିଚାଳକ ଦୀନବନ୍ଧୁ ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରଜ ଉତ୍ସବ ପୁରାତନ ପରମ୍ପରାକୁ ଉଜ୍ଜୀବିତ କରିଥାଏ ବୋଲି ମତ ପ୍ରକାଶ କରିଥିଲେ। ଏହା ଅବସରରେ ରଜ କୁଇନ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ସହ ନଗଦ ଅର୍ଥ ରାଶି ଦେଇ ସମ୍ବର୍ଦ୍ଧିତ କରିଥିଲେ।

ସକାଳ THE SAKALA

ପଶ୍ଚିମାଞ୍ଚଳ
www.sakalaepaper.com

ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ

# ବନ୍ୟା ପରିସ୍ଥିତି ମୁକାବିଲା ପାଇଁ ସଜାଗ ନିର୍ଦ୍ଦେଶ





ଦେବଗଡ଼, ୧୮ ।୬(ସମିସ)

ଝାରସୁଗୁଡ଼ା ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟିର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ମୌସୁମୀ ପ୍ରବାହକୁ ଦୃଷ୍ଟିରେ ରଖି ସମ୍ଭାବ୍ୟ ବନ୍ୟା ଓ ବାତ୍ୟା ପରିସ୍ଥିତିର ମୁକାବିଲା ନିମନ୍ତେ ଏହି ବୈଠକ ବସିଥିଲା। ସ୍ଥାନୀୟ ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାପାଳ କବିନ୍ଦ୍ର ସାହୁ ଅଧ୍ୟକ୍ଷତା କରିଥିଲେ। ପ୍ରବଳ ବର୍ଷା ଜନିତ ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା ନିମନ୍ତେ ସମସ୍ତ ବିଭାଗ ସଜାଗ ରହିବା ସଙ୍ଗେ ସଙ୍ଗେ ଏଭଳି ପରିସ୍ଥିତିକୁ ସମ୍ମୁଖୀନ ହେବା ନିମନ୍ତେ ଯଥେଷ୍ଟ ପୂର୍ବରୁ ନିଜ ନିଜ ବିଭାଗର କାର୍ଯ୍ୟ ଖସଡ଼ା ପ୍ରସ୍ତୁତି କରି ରଖିବାକୁ ଜିଲ୍ଲାପାଳ ଶ୍ରୀ ସାହୁ ପରାମର୍ଶ ଦେଇଥିଲେ। ବୈଠକରେ କୃଷି, ଶକ୍ତି, ପଶୁ ସମ୍ପଦ, ମତ୍ସ୍ୟ, ଯୋଗାଣ, ସ୍ୱାସ୍ଥ୍ୟ, ଜନସ୍ୱାସ୍ଥ୍ୟ, ପୌର ପରିଷଦ, ଜଙ୍ଗଲ, ପଞ୍ଚାୟତରାଜ, ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀଙ୍କ ସହ ଅଗ୍ନିଶମ ଏବଂ ଓଡ୍ରାଫ କର୍ମଚାରୀ ଉପସ୍ଥିତ ଥିଲେ। ଅଧିକାରୀମାନେ ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ନିମନ୍ତେ ନିଜ ନିଜ ବିଭାଗର ପ୍ରସ୍ତୁତି ଉପରେ ସୂଚନା ଦେଇଥିଲେ। ଦୁର୍ଗମ ଅଞ୍ଚଳରେ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ, କିରୋସିନି ଆଦି ଗଚ୍ଛିତ କରିବାକୁ। ଜିଲ୍ଲାପାଳ ଶ୍ରୀ ସାହୁ ପରାମର୍ଶ ଦେଇଥିଲେ। କୃଷି କାର୍ଯ୍ୟ ନିମନ୍ତେ ଆବଶ୍ୟକ ବିହନ, କୀଟ ନାଶକ ଔଷଧ ଏବଂ ସାର ମହଜୁଦ କରି ରଖିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବର୍ଷା ପୂର୍ବରୁ ଦୁର୍ବଳ ଥିବା ବନ୍ଧ, ପୋଲ ଏବଂ ରାସ୍ତା ମରାମତି ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ପରାମର୍ଶ ନେଇଥିଲେ। ଏଥିସହ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ନିମନ୍ତେ ଓ ନଳକୂପଗୁଡ଼ିକର ବିଶୋଧନ କରିବାକୁ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଜିଲ୍ଲା ସଦର ମହକୁମା ଡାକ୍ତରଖାନା ଓ ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଅତ୍ୟାବଶ୍ୟକ ଔଷଧ, ଓଆରଏସ ଏବଂ ସାପ କାମୁଡ଼ା ଇଞ୍ଜେକ୍ସନ ମହଜୁଦ ରଖିବାକୁ ପରାମର୍ଶ ଦେଇଥିଲେ। ବୈଠକରେ ରାଜ୍ୟ ବିପର୍ଯ୍ୟୟ ପର୍ଯ୍ୟବେକ୍ଷକ ପଓଙ୍ଗ ତମାଙ୍ଗ, ଉପ ଜିଲ୍ଲପାଳ ପରକ୍ଷିତ ସାହୁ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ହେମନ୍ତ ସିଂ, ସହକାରୀ ଜିଲ୍ଲାପାଳ ଈଶ୍ୱର ଗୁରୁ, ତାପସ ମହାନ୍ତ, ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର ପୁହାଣ, ଜିଲ୍ଲା ସମାଜିକ ସୁରକ୍ଷା ଅଧିକାରୀ ସର୍ବେଶ୍ୱର ପାଣିଗ୍ରାହୀ, ଆଇଟିଡିଏ ପ୍ରକଳ୍ପ ପ୍ରଶାସିକା ସଂଧ୍ୟା ମାଝୀ, ଜିଲ୍ଲା ଯୋଗାଣ ଅଧିକାରୀ କେଦାରନାଥ ନାଏକ, ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ପ୍ରମୁଖ ଉପସ୍ଥିତ ଥିଲେ।

**ଝାରସୁଗୁଡା:** ଝାରସୁଗୁଡା ଜିଲ୍ଲା କାର୍ଯ୍ୟାଳୟସ୍ଥିତ ଡିଏମଏଫ ସମ୍ମିଳନୀ କକ୍ଷରେ ମଧ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଝାରସୁଗୁଡାରେ ସମ୍ଭାବ୍ୟ ବର୍ଷା ଯୋଗୁଁ ବନ୍ୟା ପରିସ୍ଥିତିର ମୁକାବିଲା ଲାଗି ସମସ୍ତ ବିଭାଗ ଅଧିକାରୀ ସେମାନଙ୍କ ପ୍ରସ୍ତୁତି ପ୍ରଦର୍ଶନ କରିଥିଲେ। ଜିଲ୍ଲା ପ୍ରକଳ୍ପ ଅଧିକାରୀ ସୁଶାନ୍ତ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ବ୍ୟାଙ୍କରେ ଟଙ୍କା ଜମାକରି ଜମାକାରୀ ଠକେଇର ଶିକାର

**କୁଚିଣ୍ଡା, ୧୮ ।୬(ସମିସ):** କୁଚିଣ୍ଡାର ବନ୍ଧନ ବ୍ୟାଙ୍କରେ ଟଙ୍କା ଜମା କରିଥିବା କିଛି ଜମାକାରୀ ଠକେଇର ଶିକାର ହୋଇଥିବା ଅଭିଯୋଗ କରିଛନ୍ତି। ଘଟଣା ବାବଦରେ ସେମାନେ ବ୍ୟାଙ୍କର ମ୍ୟାନେଜରଙ୍କୁ ଅଭିଯୋଗ କରିଥିଲେ ମଧ କିଛି ସୁଫଳ ନ ମିଳିବାରୁ ବାଧ ହୋଇ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପ୍ରାପ୍ତ ସୂଚନା ଅନୁସାରେ କୁଚିଣ୍ଡା ବ୍ଲକ ଅଧୀନ ଚାରଭାଟି ଗ୍ରାମର ସୁଜାତା ନାୟକ ଗତ ୬ ତାରିଖ ଦିନ କୁଚିଣ୍ଡାର ବନ୍ଧନ ବ୍ୟାଙ୍କରେ ଥିବା ତାଙ୍କର ଆକାଉଣ୍ଟରେ ୨୬ ହଜାର ଟଙ୍କା ଜମାକରି ରସିଦ ନେଇଥିଲେ, ମାତ୍ର ତାଙ୍କ ଫୋନକୁ ମେସେଜ ନ ଆସିବାରୁ ତାଙ୍କ ସନ୍ଦେହ ହୋଇଥିଲା, ସେ ବ୍ୟାଙ୍କକୁ ଆସି ମ୍ୟାନେଜରଙ୍କୁ ସାକ୍ଷାତ କରି ଏ ବାବଦରେ ପ୍ରଶ୍ନ କରିବାରୁ ମ୍ୟାନେଜର ତାଙ୍କର ଟଙ୍କା ଜମା ହୋଇ ନ ଥିବା କହିଥିଲେ। ସେହିପରି ଜୟପୁରଗଡ଼ର ରଶ୍ମୀତା ଧୁରୁଆ ଗତ ତାରିଖ ୩ ଦିନ ବନ୍ଧନ ବ୍ୟାଙ୍କରେ ଥିବା ତାଙ୍କର ଆକାଉଣ୍ଟରେ ୩୮ ହଜାର ୯୦୦ ଟଙ୍କା ଜମା କରି ରସିଦ ନେଇଥିଲେ, ମାତ୍ର ତାଙ୍କ ନିକଟକୁ ମଧ ମେସେଜ ନ ଆସିବାରୁ ବ୍ୟାଙ୍କକୁ ଆସି ମ୍ୟାନେଜରଙ୍କୁ ସାକ୍ଷାତ କରିବାରୁ ତାଙ୍କର ଟଙ୍କା ମଧ ବ୍ୟାଙ୍କରେ ଜମା ହୋଇ ନ ଥିବା ଜାଣିବାକୁ ପାଇଥିଲେ। ସମାନ ଘଟଣା ଠାକୁର ନିକ୍ତିମାଲ ଗ୍ରାମର ଦୌଲତ ଡିଲା ଏବଂ କତରକେଲା ଗ୍ରାମର ଅହିଲ୍ୟା ନାୟକଙ୍କ କ୍ଷେତ୍ରରେ ମଧ ଘଟିଛି। ଦୌଲତଙ୍କ ୪୬ ହଜାର ୫୦୦ ଟଙ୍କାର ଜମା ରସିଦ ମିଳିଥିଲେ ମଧ ତାଙ୍କର ଟଙ୍କା ବ୍ୟାଙ୍କରେ ଜମା ହୋଇନାହିଁ, ସେହିପରି ଅହିଲ୍ୟା ୪୦ ହଜାର ଟଙ୍କା ଜମା କରି ରସିଦ ନେଇଥିଲେ ମଧ ତାଙ୍କର ଟଙ୍କା ବି ବ୍ୟାଙ୍କରେ ଜମା ହୋଇନାହିଁ। ଏହି ସମସ୍ତ ଜମାକାରୀ ଗତ ୧୨ ତାରିଖ ଦିନ ବ୍ୟାଙ୍କର ମ୍ୟାନେଜର ରମେଶ ସାମଲଙ୍କୁ ଘଟଣା ବାବଦରେ ଅଭିଯୋଗ କରିବାରୁ ସେ ରାକେଶ ଟଙ୍କା ନେଇ ଫେରାର ହୋଇଯାଇଛି ମୁଁ କିଛି କରି ପାରିବି ନାହିଁ ତୁମେ ଯାହା କରିବାର ଅଛି କର ବୋଲି କହିବାରୁ ଜମାକାରୀ ବାଧ ହୋଇ ଗତ ୧୩ ତାରିଖ ଦିନ ସମସ୍ତ ପ୍ରମାଣ ଦେଇ କୁଚିଣ୍ଡା ଥାନାରେ ଅଭିଯୋଗ କରିଥିବା ପ୍ରକାଶ କରିଛନ୍ତି। ଘଟଣା ବାବଦରେ ମତାମତ ପାଇଁ ବ୍ୟାଙ୍କର ମ୍ୟାନେଜର ରମେଶ ସାମଲଙ୍କୁ ଯୋଗାଯୋଗ କରିବାରୁ ସେ କହିଲେ ଯେ, ଏହିପରି ଘଟଣା ୬ ଜଣ ଜମାକାରୀଙ୍କ ସହିତ ଘଟିଛି, ରାକେଶ ଅଫିସ ଆସୁନାହିଁ ତାକୁ ଯୋଗାଯୋଗ କରିବାକୁ ଉଦ୍ୟମ କରାଯାଉଛି, ସେ ଆସିଲେ ଏହାର ସମାଧାନ ହୋଇଯିବ। ତେବେ ଏପର୍ଯ୍ୟନ୍ତ ଘଟଣା ବାବଦରେ କୁଚିଣ୍ଡା ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି। ଏ ବାବଦରେ କୁଚିଣ୍ଡା ଥାନାଧିକାରୀଙ୍କୁ ଯୋଗାଯୋଗ କରିବାକୁ ସେ ଏପରି କୌଣସି ଅଭିଯୋଗ ପାଇ ନ ଥିବା କହିଥିଲେ।

## ବିକାଶ ବାହନର ପରିକ୍ରମା

**ଦେବଗଡ଼, ୧୮ ।୬(ସମିସ):** ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ପାଳନର ଷଷ୍ଠ ଦିବସରେ ଦେବଗଡ଼ ଜିଲ୍ଲାର ୩ଟି ବ୍ଲକ ଓ ୭୦ଟି ପଞ୍ଚାୟତରେ ବିକାଶ ରଥ ପରିକ୍ରମା କରିଛି। ଜିଲ୍ଲା କଳାକାର ସଂଘ ଓ ବ୍ଲକ କଳାକାର ସଂଘ ପକ୍ଷରୁ ବିଭିନ୍ନ ପଞ୍ଚାୟତରେ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ପାଲା, ଦଣ୍ଡ ନୃତ୍ୟ, ଦାସକାଠିଆ ଓ ଏଲଇଡି ମାଧ୍ୟମରେ ଲୋକଙ୍କୁ ଅବଗତ କରିବା ସହ ଲୋକଙ୍କୁ ସଚେତନ କରାଯାଇଛି। ରିଆମାଳ ବ୍ଲକର କୋଲ୍ହବସା, ଟିଙ୍କବୀର, ବୁଡିଦୋ ପଞ୍ଚାୟତ, ବାରକୋଟ ବ୍ଲକର ବଲଣ୍ଡା, ସିଂହଶାଳ, ତିଲେଇବଣି ବ୍ଲକର ତାଳକୁଣ୍ଡି ପଞ୍ଚାୟତରେ ସଚେତନତା ରଥ ପହଞ୍ଚିଥିଲା। ଅଞ୍ଚଳବାସୀ, ଅଙ୍ଗନବାଡ଼ି, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ବିକାଶ ବାହାନକୁ ସ୍ୱାଗତ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟକ୍ରମ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜ, ଉପ ଜିଲ୍ଲାପାଳ ପରକ୍ଷୀତ ସାହୁ ବିଭିନ୍ନ ବ୍ଲକର ପଞ୍ଚାୟତକୁ ଯାଇ ଲୋକଙ୍କ ସମସ୍ୟା ପଚାରି ବୁଝିଥିଲେ।



## ବିକାଶ ମେଳାରେ ସାଂସ୍କୃତିକ କାର୍ଯ୍ୟକ୍ରମ



**ଦେବଗଡ଼, ୧୮ ।୬(ସମିସ):** ପ୍ରଧାନପାଟ ବଡ଼ବଗିଚାରେ ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜିତ ବିକାଶ ମେଳାର ଷଷ୍ଠ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଛି। ସ୍ଥାନୀୟ ସାରଦା ଏକାଡେମୀ, ମାହାରୀ ଡ୍ୟାନ୍ସ ଗ୍ରୁପ ଓ ଡ୍ରିମ ଡ୍ୟାନ୍ସ ଗ୍ରୁପର କଳାକାର ଯୋଗଦେଇ ଓଡିଶୀ, ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଡେପୁଟି କଲେକ୍ଟର ଲକ୍ଷ୍ମଣ ଅମାତ, ଜିଲ୍ଲା ଶ୍ରମ ଅଧିକାରୀଣି ପଦ୍ମାବତୀ ମାରାଣ୍ଡି, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ତଥା ଜିଲ୍ଲା ସଂସ୍କୃତି ଅଧିକାରୀ ମନୋରଞ୍ଜନ ସୂତାର, ଗୌରଚନ୍ଦ୍ର ପ୍ରଧାନ ପ୍ରଉଖ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ଆୟୋଜିତ ଖାଦ୍ୟ ମେଳାରେ ନିମାପଡ଼ାର ଛେନା ଝିଲି, ଛେନା ଇଟିଲି, ନୟାଗଡ଼ ଛେନାପୋଡ଼, ବାରିପଦା ମୁଡିମାଂସ ଓ ଜିଲ୍ଲାର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ବିଭିନ୍ନ ସୁସ୍ୱାଦୁ ଖାଦ୍ୟ ଷ୍ଟଲ ଖୋଲା ଯାଇଥିଲା; ହେଲେ ୨ ଦିନ ଧରି ବର୍ଷା ଯୋଗୁଁ ଷ୍ଟଲଗୁଡିକ ଜନ ଶୂନ୍ୟ ଦେଖା ଦେଇଛି।

## ହରିହରପୁରରେ ରଜ ମହୋତ୍ସବ

**ଦେବଗଡ଼, ୧୮ ।୬(ସମିସ):** ସ୍ୱେଚ୍ଛାସେବୀ ଅନୁଷ୍ଠାନ ୱାର୍ଡ ପକ୍ଷରୁ ବାରକୋଟ ବ୍ଲକ କେଲଡା ପଞ୍ଚାୟତ ହରିହରପୁର ଗ୍ରାମରେ ପଞ୍ଚାୟତସ୍ତରୀୟ ରଜ ମହୋତ୍ସବ ପାଳିତ ହୋଇଛି। ସ୍ଥାନୀୟ ସରପଞ୍ଚ ରଞ୍ଜନ ସେଠି, ୱାର୍ଡ ଅନୁଷ୍ଠାନର କର୍ମୀ ମୋତି ମୁଣ୍ଡା, ପ୍ରଭାସ ପ୍ରଧାନ ଓ ଲିପ୍ସା ପଟ୍ଟା ପ୍ରମୁଖ ଉପସ୍ଥିତ ଥିଲେ।

## ମୋହରିର ସଂଘ ପୂର୍ବତନ ଅଧ୍ୟକ୍ଷଙ୍କ ପରଲୋକ

**ବରଗଡ଼, ୧୮ । ୬(ସମିସ):** ବରଗଡ଼ ମୋହରିର ସଂଘର ଭୂତପୂର୍ବ ଅଧ୍ୟକ୍ଷ ସଭାପତି ପଣ୍ଡାଙ୍କ ମଙ୍ଗଳବାର ରାତିରେ ୭୬ ବର୍ଷ ବୟସରେ ଶକ୍ତିନଗର ବାସଭବନରେ ପରଲୋକ ହୋଇଛି। ମୃତ୍ୟୁଶଯ୍ୟା ନିକଟରେ



ତାଙ୍କ ପତ୍ନୀ ଲଳିତା, ପୁତ୍ର ସୁଶିଲ, ପୁତ୍ରବଧୂ ନିନା, ଦୁଇ ନାତି ଅଂଶୁ ଓ ନିଶୁ ଉପସ୍ଥିତ ଥିଲେ। ଭଟଲି ବ୍ଲକ ମୁଲବାର ରାଉତପଡ଼ାର ମୂଳ ନିବାସୀ ସ୍ୱର୍ଗତ ପଣ୍ଡା ବରଗଡ଼ କଚେରୀରେ ଓକିଲ ମୁନସୀ (ମୋହରୀ) ଭାବରେ ଦୀର୍ଘ ୪୦ ବର୍ଷ ଧରି କାର୍ଯ୍ୟ କରିଥିଲେ। ସେ ମୋହରୀ ସଂଘର ଦୀର୍ଘ ବର୍ଷ ଧରି ସଭାପତି ଦାୟିତ୍ୱ ତୁଲାଇଥିଲେ। ବୁଧବାର ପୂର୍ବାହ୍ନରେ ଜୀରା ନଦୀ କୂଳ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସତ୍କାର କରାଯାଇଥିଲା। ପୁତ୍ର ସୁଶିଲ ପଣ୍ଡା ମୁଖାଗ୍ନି ଦେଇଥିଲେ। ବିଜୟ ମିଶ୍ର, ବୀରେନ ପ୍ରଧାନ, ସୁବାସ ମହାପାତ୍ର, ଚାଷୀ ନେତା କିଶୋର ଦେବେତା, ଡକ୍ଟର ନିପନ ଦେବେତା, ବରିଷ୍ଠ ଆଇନଜୀବୀ ଭୀଷ୍ମ ଦେବ ସରାଫ ପ୍ରମୁଖ ଏହି ସମୟରେ ଉପସ୍ଥିତ ଥିଲେ। ବହୁ ସଂଖ୍ୟାରେ ଓକିଲ, ମୋହରୀର ଏବଂ ବନ୍ଧୁ ପରିଜନ ତାଙ୍କର ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## ଅପାତକାଳୀନ ପରିସ୍ଥିତିର ମୁକାବିଲା ପାଇଁ ବୈଠକ

**ବରଗଡ଼, ୧୮ ।୬(ସମିସ):** ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାର ଅପାତକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଏକ ଟେବୁଲ୍ ଟପ୍ ଅଭ୍ୟାସ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ ବିପର୍ଯ୍ୟୟ ନିରୀକ୍ଷକ ପ୍ରଭୁଦତ୍ତ କୁମାର ପାଢ଼ୀଙ୍କ ସମେତ ଡିପିଓ ପ୍ରଭାକର ଲେଙ୍କା, ଜିଲ୍ଲା ଆପାତ୍ତ ବ୍ୟବସ୍ଥାପନ ଅଧିକାରୀ ମଧୁସ୍ମିତା ସାମଲ, ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ପ୍ରାକୃତିକ ବିପର୍ଯ୍ୟୟ ତଥା ବିପଦ ପରିସ୍ଥିତିରେ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ସଂଯୁକ୍ତ କାର୍ଯ୍ୟପଦ୍ଧତିରେ ଆପାତ୍ତକାଳୀନ ପରିସ୍ଥିତି ଗୁଡ଼ିକୁ ମୁକାବିଲା କରିବା ପାଇଁ ରଣନୀତି ପ୍ରସ୍ତୁତ କରିଥିଲେ।

ମୋବାଇଲ ନେଟୱର୍କ କାର୍ଯ୍ୟକ୍ଷମ ନ ହେବାରୁ ଜନଅସନ୍ତୋଷ ବୃଦ୍ଧି

## ଆଞ୍ଚଳିକ ବିକାଶ ପରିଷଦର ଆନ୍ଦୋଳନ ଚେତାବନୀ

**ଜମନକିରା, ୧୮ ।୬ (ସମିସ):** ଦେଶରେ ପଲ୍ଲୀଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ସମସ୍ତ ଗ୍ରାମ ଓ ସହରକୁ ମୋବାଇଲ ସଂଯୋଗ କରିବାକୁ ସରକାର ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ବିଡ଼ମ୍ବନାର ବିଷୟ ଯେ ଏହି ମୋବାଇଲ ସେବା ଜମନକିରା ବ୍ଲକର ବହୁ ଗ୍ରାମର ଗ୍ରାମବାସୀ ସେବାରୁ ବଞ୍ଚିତ ରହିଛନ୍ତି। ଜମନକିରା ବ୍ଲକର ଆଭ୍ୟନ୍ତରୀଣ ଚକୁଳିଆବାହାଲ ପଞ୍ଚାୟତର ବାଲିଛୁଆଁ, ଦଳଦଳି, ହାତିବନ୍ଧା, କୁଲୁଣ୍ଡା, କୁଟାରୀମାଲ, ପଣ୍ଡିବାହାଲ, ଟିଟୋବାହାଲ, ଚକୁଳିଆବାହାଲ, ଫଳସାବାହାଲ, କର୍ଲିଘାଟି, କୁରୁଡୁଖମଣ, ମେଣ୍ଢାବାହାଲ ଓ ତରଣ୍ଡା ଏବଂ ବଡରମା ପଞ୍ଚାୟତର ଉଡୁସୁଙ୍ଗୁ, ଲାଇଝର, ତିଳେଇମାଲ, ଖରମୁଣ୍ଡା, ଆମ୍ବଲାଙ୍ଗ, ତନସରା, ଚିରିଘୁନିଖୋଲା, ଡିମିରିମୁଣ୍ଡା, ଚେପତାମ୍ବ, ଗନ୍ତାବ, ବିଶ୍ୱାଳପାଳି, ରେଙ୍ଗୁମୁଣ୍ଡା, ସାନବାଦିବାହାଲ ଓ କୁତବ ଆଦି ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀଙ୍କ ନିମନ୍ତେ ଲେଦିମହୁଲ, ଉଡୁସୁଙ୍ଗୁ, କୁଲୁଣ୍ଡା, ଫଳସାବାହାଲ ଓ କୁର୍ଲୁଖମଣରେ ୫ଟି ବିଏସ୍ଏନଏଲ ମୋବାଇଲ ଟାୱାର ସ୍ଥାପିତ କରାଯାଇଛି। ବର୍ତ୍ତମାନର ଇଣ୍ଟରନେଟ ଯୁଗରେ ଉକ୍ତ ଦୁଇ ପଞ୍ଚାୟତବାସୀ ଏବେ ମଧ ମୋବାଇଲ ସେବାରୁ ବଞ୍ଚିତ ଥିବାର ଅଭିଯୋଗ କରିଛନ୍ତି। ଉକ୍ତ ଗ୍ରାମରେ ବିଏସ୍ଏନ୍ଏଲ ଦ୍ୱାରା ୫ଟି ମୋବାଇଲ ଟାୱାର ଏକ ବର୍ଷରୁ ଅଧିକ ନିର୍ମାଣ ସମାପ୍ତ ହୋଇଛି। ମାତ୍ର ତାହା କାର୍ଯ୍ୟକ୍ଷମ ହୋଇପାରନି। ଏ ସମ୍ବନ୍ଧରେ ଦୁଇ ପଞ୍ଚାୟତର ବରିଷ୍ଠ ନାଗରିକମାନେ ଜମନକିରା ଆଞ୍ଚଳିକ ବିକାଶ ପରିଷଦ ଓ ବରିଷ୍ଠ ନାଗରିକ ମଞ୍ଚରେ ସମସ୍ୟା ଉପସ୍ଥାପନ କରିଥିଲେ। ଉଭୟ ମଞ୍ଚ ପକ୍ଷରୁ ଏକ ପ୍ରତିନିଧି ମଣ୍ଡଳ ବିଏସଏନଏଲର ଡିଜିଏମଙ୍କ ସହିତ ଆଲୋଚନା କରି ବର୍ତ୍ତମାନର ଆଧୁନିକ ଯୁଗରେ ମୋବାଇଲ ସେବା ପରି ଜରୁରୀକାଳୀନ ସେବା ଗ୍ରାମବାସୀଙ୍କୁ ଯଥା ଶୀଘ୍ର ଯୋଗାଇ ଦେବା ପାଇଁ ଦାବି କରିଥିଲେ। ଅଞ୍ଚଳବାସୀଙ୍କ ଦାବି ଯୋଗୁଁ ଦୁର୍ଗମ ଅଞ୍ଚଳରେ ମୋବାଇଲ ଟାୱାର ନିର୍ମାଣ କାର୍ଯ୍ୟ ଶେଷ ହୋଇ ସାରିଥିବାବେଳେ ତାହା କାର୍ଯ୍ୟକ୍ଷମ ହେଉନଥିବା ଅଭିଯୋଗ ହୋଇଛି। ଏନେଇ ଉଭୟ ମଞ୍ଚର ସଭାପତି ଗୋକୁଳାନନ୍ଦ ଦାନୀ ଶୀଘ୍ର ମୋବାଇଲ ନେଟୱାର୍କ ସେବା ଗ୍ରାମବାସୀ ଙ୍କୁ ଯୋଗାଇ ନଦେଲେ ଆଗାମୀ ଦିନରେ ଆନ୍ଦୋଳନ କରିବା ପାଇଁ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବିଡିଓଙ୍କ ଜରିଆରେ ଏକ ଦାବିପତ୍ର ଡିଜିଏମଙ୍କୁ ପ୍ରଦାନ କରାଯାଇଛି।



## ଶିଶୁ ଶ୍ରମିକ ନିରାକରଣ ସଚେତନତା ଶୋଭାଯାତ୍ରା

**ବରଗଡ଼, ୧୮ ।୬(ସମିସ):** ବରଗଡ଼ ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ଶିଶୁ ଶ୍ରମିକ ନିରାକରଣ ଓ ସଚେତନତା ପଦଯାତ୍ରା ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଭାଗୀୟ ଶ୍ରମ ଆଯୁକ୍ତ ମାନଭଞ୍ଜନ ପ୍ରଧାନ ଓ ଜିଲ୍ଲା ଶ୍ରମ ଅଧିକାରୀ ଯଶୋବନ୍ତ ଅମାତ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଗାନ୍ଧୀ ଛକ, ଗୋଶାଳା ଛକ ରାସ୍ତା ଅତିକ୍ରମ କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟସ୍ଥ ଶ୍ରମ କାର୍ଯ୍ୟାଳୟଠାରେ ସଚେତନତା ପଦଯାତ୍ରା ଓ ରଥ ପହଞ୍ଚିଥିଲା। ଶିଶୁ ଶ୍ରମିକ ନିରାକରଣ ନିମନ୍ତେ ଏଥିରେ ସଚେତନ କରାଯାଇଥିଲା। ବରଗଡ଼ ଶିଶୁ ମଙ୍ଗଳ କମିଟି, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ଜିଲ୍ଲା ସାମାଜିକ କଲ୍ୟାଣ, ପ୍ରଭାଗୀୟ ଶ୍ରମ ଆଯୁକ୍ତ ପ୍ରମୁଖ ଅଧିକାରୀ ଓ କର୍ମଚାରୀ, ଜିଲ୍ଲା ଶ୍ରମ ଅଧିକାରୀ, ସହ ଶ୍ରମ ଅଧିକାରୀ, ଟାଉନ ଥାନା, ଏଇଏମ୍ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ସ୍ଥାନୀୟ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା ଏଥିରେ ଅଂଶଗ୍ରହଣ କରିଥିଲେ।



## ହିତାଧିକାରୀଙ୍କୁ ସହାୟତା ବଣ୍ଟନ





ଦେବଗଡ଼, ୧୮ ।୬(ସମିସ)

ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ପ୍ରଧାନପାଟ ବଡ଼ ବଗିଚାରେ ଜିଲ୍ଲାସ୍ତରୀୟ ବିକାଶ ମେଳା କାର୍ଯ୍ୟକ୍ରମ ଜାରି ରହିଛି। ବୁଧବାର ଷଷ୍ଠ ଦିବସରେ ହିତାଧିକାରୀଙ୍କୁ ବିଭିନ୍ନ ସହାୟତା ବଣ୍ଟନ କରାଯାଇଛି। ବସୁନ୍ଧରା ଯୋଜନାରେ ଗ୍ରାମାଞ୍ଚଳର ୩୭୬ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ୪ ଡିସିମିଲ ଜମିର ପଟ୍ଟା ବଣ୍ଟନ କରାଯାଇଥିଲା। ସେହିପରି ଶ୍ରମ ବିଭଗ ପକ୍ଷରୁ ଓଡ଼ିଶା ଅଣ ସଂଘଠିତ ଶ୍ରମିକ ସାମାଜିକ କଲ୍ୟାଣ ବୋର୍ଡ ତରଫରୁ ୭୦ ଜଣଙ୍କୁ ପରିଚୟ ପତ୍ର ଦିଆଯାଇଥିଲା। ରିଆମାଳ ବ୍ଲକ ଗମ୍ଭାରୀପାଳ ଗ୍ରାମର ପ୍ରତାପ ବିଶ୍ୱାଳ, ସତ୍ୟନାରାୟଣ ବେହେରା, ପୌରାଞ୍ଚଳ ଗୁରୁଡିପା ସାହିର ଚନ୍ଦ୍ରଶେଖର ପାତ୍ର ଓ ବାରକୋଟ ବ୍ଲକ ବଳମ ଗ୍ରାମର ସରସ୍ୱତୀ କିସାନଙ୍କୁ ମୃତ୍ୟୁ କାଳୀନ ସହାୟତା ବାବଦକୁ ୨ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ଏସ୍‌ପି ଅନିଲ ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଅବକାରୀ ଅଧିକ୍ଷକ ବାସନ୍ତୀ ପ୍ରଭା ନାଏକ, ଆଞ୍ଚଳିକ ଶ୍ରମ କମିଶନର ଇତିଶ୍ରୀ ଗାଗରାଇ, ଡେପୁଟି କଲେକ୍ଟର (ରାଜସ୍ୱ ବିଭାଗ) ଲକ୍ଷ୍ମଣ ଅମାତ, ଜିଲ୍ଲା ଶ୍ରମ ଅଧିକାରୀ ପଦ୍ମାବତୀ ମାରାଣ୍ଡି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ମିଞ୍ଜ ସଭାପତିତ୍ୱ କରିଥିଲେ। ପଙ୍କଜିନୀ ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟପକ୍ଷେ ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ଦେବଗଡ଼ ପୌରାଞ୍ଚଳର ବିଭିନ୍ନ ୱାର୍ଡରେ ବିକାଶ ବାହନ ରଥ ଭ୍ରମଣ କରୁଛି। ଏହା ରାଜ୍ୟ ସରକାରଙ୍କ ଉପଲବ୍ଧି ପ୍ରଚାର କରୁଛି। ପୌର ପରିଷଦ ପକ୍ଷରୁ ବିଭିନ୍ନ ୱାର୍ଡରେ ମଧ ହିତାଧିକାରୀଙ୍କୁ ସହାୟତା ବଣ୍ଟନ କରାଯାଇଛି। ଭାରପ୍ରାପ୍ତ ନଗରପାଳ ପ୍ରଜିତ ଭୋଜଙ୍କ ତତ୍ତ୍ୱାବଧାନରେ ନିର୍ବାହୀ ଅଧିକାରୀ କୃପାସିନ୍ଧୁ ସ୍ୱାଇଁ ଏବଂ ଗୋଷ୍ଠୀ ସଂଗଠିକା ମୋନାଲିସା ପଣ୍ଡା, ସ୍ୱଚ୍ଛସାଥୀ ଏବଂ ସ୍ୱଚ୍ଛ ସୁପରଭାଇଜରଙ୍କ ସହାୟତାରେ ପୌରାଞ୍ଚଳର ୧୦ ଓ ୧୧ ନମ୍ବର ୱାର୍ଡରେ ଆୟୁଷ୍ମାନ କାର୍ଡ, ପ୍ରଧାନ ମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ଏବଂ ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯାଇଛି।